# ଧରିତ୍ରୀ DHARITRI

ଧରିତ୍ରୀ 50 Years

ଭୁବନେଶ୍ୱର, ସୋମବାର, ଫେବୃଆରୀ ୧୨/୨୦୨୪ (୨୦ ପୃଷ୍ଠା) | Bhubaneswar, Monday, February 12/2024 | Page 20 | ₹ 7.00

୫୦ଶ ଭାଗ ୮୦ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 50 ISSUE 80 | ମୂଲ୍ୟ ₹୭/-





# ଧରିତ୍ରୀ
DHARITRI

ଭୁବନେଶ୍ୱର, ସୋମବାର, ଫେବୃଆରୀ ୧୨/୨୦୨୪ | Bhubaneswar, Monday, February 12/2024




ନୂଆଦିଲ୍ଲୀର କନ୍ନଟ୍ ପ୍ଲେସ୍‌ଠାରେ ରବିବାର ଅନୁଷ୍ଠିତ କ୍ଲାସିକ୍ କାର୍ ରାଲିରେ ଜଣେ ପ୍ରତିଯୋଗୀ ତାଙ୍କ ଭିଣ୍ଟେଜ୍ କାର୍ ସହ ଭାଗ ନେଇଛନ୍ତି। (ଫଟୋ-ଚମନ ଗୌତମ)

# ଚାକିରି ନାଁରେ ୨୦ ମହିଳାଙ୍କୁ ଗଣବଳାତ୍କାର

### ହାଇକୋର୍ଟଙ୍କ ନିର୍ଦ୍ଦେଶ ପରେ ୧୦ ଜଣଙ୍କ ବିରୋଧରେ ମାମଲା

**ଜୟପୁର, ୧୧।୨**

ରାଜସ୍ଥାନର ସିରୋହି ଜିଲାରେ ଅଙ୍ଗନୱାଡିରେ ଚାକିରି ଦେବାକୁ କହି ୨୦ ମହିଳାଙ୍କୁ ଖାଦ୍ୟରେ ନିଶା ଦେଇ ଗଣବଳାତ୍କାର କରାଯାଇଥିବା ଅଭିଯୋଗ ହୋଇଛି। କେବଳ ଏତିକି ନୁହେଁ, ବଳାତ୍କାର ବେଳର ଭିଡିଓ ରେକର୍ଡିଂ ମଧ୍ୟ କରାଯାଇଛି। ୨ରୁ ୩ ମାସ ତଳର ଏହି ବର୍ବରତା ସମ୍ପର୍କରେ ପାଲି ଜିଲାର ଏକ ଥାନାରେ ୮ ଜଣ ପୀଡ଼ିତା ଅଭିଯୋଗ କରିବା ପରେ ଘଟଣା ସାମ୍ନାକୁ ଆସିଛି। ସିରୋହି ମ୍ୟୁନିସିପାଲ କାଉନ୍‌ସିଲ ଅଧ୍ୟକ୍ଷ ମହେନ୍ଦ୍ର ମେୱାଡା ଓ କମିଶନର ମହେନ୍ଦ୍ର ଚୌଧରୀଙ୍କ ସମେତ ଅନ୍ୟ ଅଭିଯୁକ୍ତମାନଙ୍କ ବିରୋଧରେ ପୋଲିସ ୮ଟି ମାମଲା ରୁଜୁ କରି ତଦନ୍ତ ଚଳାଇଛି।

ପୀଡ଼ିତାମାନଙ୍କ ଅଭିଯୋଗ ହେଉଛି, ସିରୋହି ମ୍ୟୁନିସିପାଲ କାଉନ୍‌ସିଲ୍‌ର ଦୁଇ ମହେନ୍ଦ୍ର ୧୫ରୁ ୨୦ ଜଣ ମହିଳାଙ୍କୁ ଅଙ୍ଗନୱାଡି କେନ୍ଦ୍ରରେ ଚାକିରି କରାଇଦେବାକୁ ପ୍ରତିଶ୍ରୁତି ଦେଇଥିଲେ। ଉଭୟେ ମହିଳାମାନଙ୍କୁ ସିରୋହିରେ ଭେଟିବାକୁ କହିଥିଲେ। ଅଧ୍ୟକ୍ଷ ମେୱାଡା ଓ କମିଶନର ଚୌଧରୀ ସେମାନଙ୍କ ପାଇଁ ରହିବା ଖାଇବା ବ୍ୟବସ୍ଥା କରାଇଥିଲେ। ସେମାନଙ୍କୁ ଜଣେ ପରିଚିତ ବ୍ୟକ୍ତିଙ୍କ ଘରେ ରଖି ଖାଦ୍ୟରେ ନିଶା ମିଶାଇଥିଲେ। ମହିଳାମାନେ ଖାଇବା ପରେ ଚେତାଶୂନ୍ୟ ହୋଇଯାଇଥିଲେ। ଉଭୟେ ନିଜ ୮ ସମର୍ଥକଙ୍କ ସହ ମିଶି ସେମାନଙ୍କୁ ଗଣବଳାତ୍କାର କରିଥିଲେ। ସେହି ସମୟରେ ସେମାନେ ଭିଡିଓ ମଧ୍ୟ କରିଥିଲେ। ପରବର୍ତ୍ତୀ ସମୟରେ ଜଣ ପିଛା ୫ ଲକ୍ଷ ଟଙ୍କା ଲେଖାଏ ନ ଦେଲେ ଭିଡିଓ ଭାଇରାଲ କରିଦେବୁ ବୋଲି ଧମକ ଦେଇଥିଲେ। ଥାନାରେ ଏତଲା ଦେବା ସତ୍ତ୍ୱେ ପୋଲିସ ମାମଲା ରୁଜୁ କରି ନ ଥିଲା। ରାଜସ୍ଥାନ ହାଇକୋର୍ଟଙ୍କ ହସ୍ତକ୍ଷେପ ପରେ କୋଟୱାଲି ଥାନରେ ଅଭିଯୁକ୍ତମାନଙ୍କ ବିରୋଧରେ ମାମଲା ରୁଜୁ ହୋଇଥିବାବେଳେ ଡିଏସ୍‌ପି ପାରସ ଚୌଧରୀଙ୍କୁ ତଦନ୍ତ ଦାୟିତ୍ୱ ଦିଆଯାଇଛି। ପୋଲିସ କହିଛି, ଏଭଳି ମାମଲା ପୂର୍ବରୁ ମଧ୍ୟ ରୁଜୁ ହୋଇଥିଲା। କିନ୍ତୁ ଏତଲା ଦେଇଥିବା ମହିଳାମାନଙ୍କୁ ଡକାଇ ବୟାନ ରେକର୍ଡ କରିବାକୁ ଦେଖିଲା ବେଳକୁ ସେମାନଙ୍କ ଠିକଣା ଭୁଲ୍ ଥିଲା। ପରେ ସେଗୁଡ଼ିକ ମିଥ୍ୟା ମାମଲା ବୋଲି ଜଣାପଡ଼ିଥିଲା। ମ୍ୟୁନିସିପାଲ କାଉନ୍‌ସିଲ ଅଧ୍ୟକ୍ଷ ମହେନ୍ଦ୍ର ଏବଂ ନିକଟରେ ଅବସର ନେଇଥିବା କମିଶନର ମହେନ୍ଦ୍ର ଚୌଧରୀ ଏହାକୁ ଏକ ମିଥ୍ୟା ମାମଲା କହି ଅଭିଯୋଗକୁ ଖଣ୍ଡନ କରିଛନ୍ତି।

# ୧୩ ଆଞ୍ଚଳିକ ଭାଷାରେ ହେବ ସିଏପିଏଫ୍‌ର କନଷ୍ଟେବଲ୍ (ଜିଡି) ପରୀକ୍ଷା

**ଭୁବନେଶ୍ୱର, ୧୧।୨(ଅସମାପିକା ସାହୁ)**

ପ୍ରଥମ ଥର ପାଇଁ କେନ୍ଦ୍ରୀୟ ସଶସ୍ତ୍ର ପୋଲିସ ବାହିନୀ (ସିଏପିଏଫ୍)ର କନଷ୍ଟେବଲ୍ (ଜେନେରାଲ ଡ୍ୟୁଟି) ନିଯୁକ୍ତି ନିମନ୍ତେ ପରୀକ୍ଷା ହିନ୍ଦୀ ଓ ଇଂଲିଶ ବ୍ୟତୀତ ୧୩ଟି ଆଞ୍ଚଳିକ ଭାଷାରେ ଅନୁଷ୍ଠିତ ହେବ। ସେଗୁଡ଼ିକ ହେଲା ଓଡ଼ିଆ, ଅସାମୀୟ, ବଙ୍ଗଳା, ଗୁଜରାଟୀ, ମରାଠୀ, ମାଲାୟାଲମ୍, କନ୍ନଡ, ତାମିଲ, ତେଲୁଗୁ, ଉର୍ଦ୍ଦୁ, ପଞ୍ଜାବୀ, ମଣିପୁରୀ ଏବଂ କୋଙ୍କଣୀ ଭାଷା। ଫେବୃଆରୀ ୨୦ରୁ ମାର୍ଚ୍ଚ ୭ ତାରିଖ ପର୍ଯ୍ୟନ୍ତ ଦେଶର ୧୨୮ଟି ସହରରେ ଏହି ପରୀକ୍ଷା ଅନୁଷ୍ଠିତ ହେବ। ପ୍ରାୟ ୪୮ ଲକ୍ଷ ପରୀକ୍ଷାର୍ଥୀ ଏହି ପରୀକ୍ଷା ଦେବେ। ଷ୍ଟାଫ୍ ସିଲେକ୍ସନ କମିଶନ(ଏସ୍ଏସ୍‌ସି) ☞ପୃଷ୍ଠା-୪

# ସାତକଡ଼ି ହୋତାଙ୍କ ପରଲୋକ

### ରାଜ୍ୟପାଳ, ମୁଖ୍ୟମନ୍ତ୍ରୀଙ୍କ ଶୋକ

**ଭୁବନେଶ୍ୱର, ୧୧।୨(ଶର୍ମିଷ୍ଠା ପାଣିଗ୍ରାହୀ)**



ବିଶିଷ୍ଟ ସାହିତ୍ୟିକ, ପ୍ରଶାସକ ତଥା 'ସମୟ' ଖବରକାଗଜର ମୁଖ୍ୟ ସମ୍ପାଦକ ସାତକଡ଼ି ହୋତାଙ୍କର ରବିବାର ପରଲୋକ ହୋଇଯାଇଛି। ଭୁବନେଶ୍ୱର ନୟାପଲ୍ଲୀସ୍ଥିତ ତାଙ୍କ ବଡ଼ଝିଅଙ୍କ ଘରେ ସେ ଶେଷନିଃଶ୍ୱାସ ତ୍ୟାଗ କରିଛନ୍ତି। ମୃତ୍ୟୁବେଳକୁ ତାଙ୍କୁ ୯୫ ବର୍ଷ ହୋଇଥିଲା। ଦୁଇଦିନ ☞ପୃଷ୍ଠା-୪

# ୨ ଦୁର୍ଘଟଣାରେ ୭ ମୃତ, ୪୪ ଆହତ

### ■ କଳାହାଣ୍ଡିରେ ପିକ୍‌ଅପ୍ ଭ୍ୟାନ ଓଲଟିଲା
### ■ ଝାରସୁଗୁଡ଼ାରେ ଟ୍ରକ୍-ଟାଟା ମ୍ୟାଜିକ୍ ଧକ୍କା

**ବ୍ରଜରାଜନଗର/ ଭବାନୀପାଟଣା/ ଗୋଲାମୁଣ୍ଡା, ୧୧।୨(ବିଜୟ ବରାଡ଼/ ଉତ୍ତମ କୁମାର ଦାଶ/ ବଟକୃଷ୍ଣ ପଣ୍ଡା)**

ପଶ୍ଚିମ ଓଡ଼ିଶାର ୨ଟି ସ୍ଥାନରେ ରବିବାର ବଡ଼ ଦୁର୍ଘଟଣା ଘଟି ୭ ଜଣଙ୍କ ଜୀବନ ଯାଇଛି। କଳାହାଣ୍ଡି ଜିଲା ଗୋଲାମୁଣ୍ଡା ଥାନା ଡୋକ୍ରିପଡ଼ା ଓ ତିଲଗାଁ ମଧ୍ୟରେ ପିକ୍‌ଅପ୍ ଭ୍ୟାନ ଓଲଟି ପଡ଼ିବାରୁ ୨ ଶ୍ରମିକ ଏବଂ ଝାରସୁଗୁଡ଼ା ଜିଲା ଲଖନପୁର ଥାନା ପୁରୁଣା ବସ୍‌ଷ୍ଟାଣ୍ଡ ନିକଟରେ ଏକ କୋଇଲା ବୋଝେଇ ଟ୍ରକ୍ ଟାଟା ମ୍ୟାଜିକକୁ ଧକ୍କା ଦେବାରୁ ୫ଜଣଙ୍କ ମୃତ୍ୟୁ ଘଟିଛି। ଉଭୟ ଦୁର୍ଘଟଣାରେ ୪୪ରୁ ଅଧିକ ଗୁରୁତର ହୋଇ ବିଭିନ୍ନ ଡାକ୍ତରଖାନାରେ ଭର୍ତ୍ତି ହେଉଛନ୍ତି। ଝାରସୁଗୁଡ଼ା ଜିଲା ଦେଇ ଯାଇଥିବା ୪୯ନଂ. ଜାତୀୟ ରାଜପଥର ବିଟିଏମ୍‌ଠାରୁ କନକତୁରା ରାସ୍ତା ଏବେ ସାଧାରଣ ଯାତ୍ରୀଙ୍କ ପାଇଁ ମରଣଯନ୍ତା ପାଲଟିଛି। ପ୍ରାୟ ୧ମାସ ତଳେ ଏଠାରେ ଦୁର୍ଘଟଣା ଘଟି ଲଖନପୁର ଥାନା ଅଞ୍ଚଳର ୩ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ରବିବାର ଏକ ଟ୍ରକ୍ ସହ ଟାଟା ମ୍ୟାଜିକ ଧକ୍କା ହେବାରୁ ୫ଜଣଙ୍କ ଜୀବନ ଯାଇଛି। ଏଥିରେ ଅନ୍ୟ ୮ଜଣ ଗୁରୁତର ଆହତ ହୋଇଛନ୍ତି। ମୃତକମାନେ ହେଲେ ଲଖନପୁର ଥାନା ପାଣ୍ଡରୀ ଗ୍ରାମର ଭୁବନେଶ୍ୱର ଭଇଁସାଲ, ଉର୍ମିଳା ରାଉତ, ରେଙ୍ଗାଲିର ଉମା ପ୍ରଧାନ, ଝାଡୁପଦାର ଥଣ୍ଡାରମ ସତାନାମୀ ଓ ମାଛିଦା ଗ୍ରାମର କଳ୍ପନା ମେହେର।

ପୋଲିସ ସୂଚନା ଅନୁଯାୟୀ, ସକାଳ ପ୍ରାୟ ସାଢ଼େ ୯ଟା ସମୟରେ ଓଡି ୨୩ବି-୧୭୨୭ ନଂ. ବିଶିଷ୍ଟ ଟାଟା ☞ପୃଷ୍ଠା-୪




ଧରିତ୍ରୀ 50 Years
ଧରିତ୍ରୀ
DHARITRI
ଭୁବନେଶ୍ୱର, ସୋମବାର, ଫେବୃଆରୀ ୧୨/୨୦୨୪ Bhubaneswar, Monday, February 12/2024

# ଗୁଣି ସନ୍ଦେହ: ସ୍ତ୍ରୀ ଆଗରେ ସ୍ୱାମୀଙ୍କୁ ହତ୍ୟା

ପାତ୍ରପୁର,୧୧।୨(ଉମା ଚରଣ ନେପାକ)

ଗଞ୍ଜାମ ଜିଲା ଜରଡ଼ା ଥାନା ଆଦିବାସୀ ଅଧ୍ୟୁଷିତ ହଳଦୀବାଡ଼ ଗ୍ରାମରେ ଶନିବାର ଏକ ହତ୍ୟାକାଣ୍ଡ ଘଟିଛି। ଗୁଣି ସନ୍ଦେହରେ ଜଣେ ବ୍ୟକ୍ତିଙ୍କୁ ଘରୁ ଟାଣିନେଇ ପିଟି ହତ୍ୟା କରିବା ପରେ ପୋଡ଼ି ଦିଆଯାଇଛି। ମୃତକ ହେଲେ ଗୁରୁବାରିଆ ଡାକୁଆ। ତାଙ୍କ ସ୍ତ୍ରୀ ଶ୍ରୀମନ୍ତି ଡାକୁଆ ୭ ଝିଅଙ୍କୁ ଧରି ଆକ୍ରମଣକାରୀଙ୍କ କବଳରୁ ଖସି

**୭ ଝିଅଙ୍କୁ ଧରି ଅନ୍ୟ ଗାଁକୁ ପଳାଇଲେ ମହିଳା**

ଅନ୍ୟତ୍ର ପଳାଇଛନ୍ତି। ରବିବାର ସେ ଫୋନ ଯୋଗେ ଏହି ସୂଚନା ଦେବା ସହ ଥାନାରେ ଅଭିଯୋଗ କରିବେ ବୋଲି କହିଛନ୍ତି। ଶ୍ରୀମନ୍ତି କହିଛନ୍ତି ଯେ, ତାଙ୍କ ସ୍ୱାମୀ ଗୁରୁବାରିଆ ଆନ୍ଧ୍ରପ୍ରଦେଶର ହୁନାଳି ଗ୍ରାମରେ ମଇଁଷି ଜଗୁଥିଲେ। ଶନିବାର ସେ କାମରୁ ଆସି ଖାଇପିଇ ଶୋଇଥିବା ବେଳେ ୧୫ରୁ ଊର୍ଦ୍ଧ୍ୱ ଲୋକ ଘରକୁ ପଶି ଆସି ତମ ପରିବାର ଗୁଣିଆ ବୋଲି କହି ଶ୍ରୀମନ୍ତିଙ୍କୁ ☞ପୃଷ୍ଠା-୪




# କେନ୍ଦୁପତ୍ର ତୋଳାଳିଙ୍କୁ ୫୦% ବୋନସ୍

ଭୁବନେଶ୍ୱର,୧୧।୨(ସୁଜିତ୍ ମିଶ୍ର)

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରବିବାର କେନ୍ଦୁପତ୍ର ତୋଳାଳି ଓ କର୍ମଚାରୀଙ୍କ କଲ୍ୟାଣ ପାଇଁ କେତେକ ନୂତନ ପଦକ୍ଷେପ ଘୋଷଣା କରିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ଏହି ଘୋଷଣା ଅନୁଯାୟୀ କେନ୍ଦୁପତ୍ର ତୋଳାଳିମାନଙ୍କୁ ଚଳିତ ଫସଲ ଋତୁ ପାଇଁ ୫୦% ବୋନସ୍ ମିଳିବ। ଏହି ବୋନସ୍ ପରିମାଣ ଗତବର୍ଷଠାରୁ ୨ ଗୁଣ। ଏହା ସେମାନଙ୍କ ବ୍ୟାଙ୍କ ଆକାଉଣ୍ଟରେ ସିଧା ଜମା ହେବ। ସେହିପରି କେନ୍ଦୁପତ୍ର ବନ୍ଧେଇ ଶ୍ରମିକ ଓ ସାମୟିକ କର୍ମଚାରୀଙ୍କ ପାଇଁ ୧୦% ଇନ୍‌ସେନ୍‌ଟିଭର ବ୍ୟବସ୍ଥା କରାଯାଇଛି। ସାମୟିକ କର୍ମଚାରୀଙ୍କୁ ମାସେ ଅଧିକ କାମ ଦିଆଯିବ। ମୁଖ୍ୟମନ୍ତ୍ରୀ ଆହୁରି ମଧ୍ୟ କେନ୍ଦୁପତ୍ର ପ୍ରତି ବିଡ଼ା ମୂଲ୍ୟରେ ବୃଦ୍ଧି ଘୋଷଣା କରିଛନ୍ତି। କୋଡିଏ ପତ୍ର ବିଶିଷ୍ଟ ବିଡ଼ାର ମୂଲ୍ୟ ୧ ଟଙ୍କା ୪୦ ପଇସାରୁ ୧ ଟଙ୍କା ୬୦ ପଇସାକୁ ବୃଦ୍ଧି କରାଯାଇଛି। ସେହିପରି ଚାଳିଶ ପତ୍ର ବିଶିଷ୍ଟ ବିଡ଼ାର ମୂଲ୍ୟ ୨ ଟଙ୍କା ୮୦ ପଇସାରୁ ୩ ଟଙ୍କା ୨୦ ପଇସାକୁ ବୃଦ୍ଧି କରାଯାଇଛି। ସାମୟିକ କର୍ମଚାରୀମାନଙ୍କ ମଜୁରି ସଂଶୋଧନ ପ୍ରସ୍ତାବକୁ ମଧ୍ୟ ସରକାର ଗ୍ରହଣ କରିଛନ୍ତି। ☞ପୃଷ୍ଠା-୪

**ମୁଖ୍ୟମନ୍ତ୍ରୀଙ୍କ ଘୋଷଣା**

- ବନ୍ଧେଇ ଶ୍ରମିକ ଓ କର୍ମଚାରୀଙ୍କ ପାଇଁ ୧୦% ପ୍ରୋତ୍ସାହନ ରାଶି
- ସାମୟିକ କର୍ମଚାରୀଙ୍କ ମଜୁରି ସଂଶୋଧନ ପ୍ରସ୍ତାବକୁ ଗ୍ରହଣ କଲେ ସରକାର
- ସାମାଜିକ ସୁରକ୍ଷାରେ ସାମିଲ ହେବା ବୟସ ସୀମା ୬୦ରୁ ୬୨କୁ ବୃଦ୍ଧି
- କେନ୍ଦୁପତ୍ର ତୋଳାଳି ପରିବାରର ୨ଟି ଝିଅ ବାହାଘର ପାଇଁ ସହାୟତା ଦେବେ ସରକାର

**ଆଜିର ସମ୍ପାଦକୀୟ** ଆସିପାରନ୍ତି ବିଲାୱଲ






**ଆଜିର ମନ୍ତବ୍ୟ**

"ଇଣ୍ଡିଆ ବ୍ଲକ୍‌ର ଅଳ୍ପକିଛି ଅଂଶୀଦାର ଏନ୍‌ଡିଏ ଆଡ଼କୁ ଢଳିଲେ ବିରୋଧୀ ମେଣ୍ଟ ପ୍ରଭାବିତ ହେବ ନାହିଁ। ଆମ ମିଳିତ ଶକ୍ତିକୁ ଦେଖି ଭାଜପା ଭୟଭୀତ।
– ସଚିନ ପାଇଲଟ, କଂଗ୍ରେସ ନେତା

# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ଅଙ୍କୁର ଫାଉଣ୍ଡେଶନ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ 'ଚତୁର୍ଦ୍ଧା', ସ୍ଥାନ: ଗୀତ ଗୋବିନ୍ଦ ସଦନ, ସମୟ: ପୂର୍ବାହ୍ନ ୧୦ଟା।
- ଏଏସିସିଆଇ ବିଜନେସ୍ ସୁମିଟ୍ ଆଣ୍ଡ ଏକ୍ସପୋ ଗ୍ରୀନ କନ୍‌କ୍ଲେଭ, ସ୍ଥାନ: ମେ ଫେୟାର ଲାଗୁନ, ସମୟ: ପୂର୍ବାହ୍ନ ୧୧ଟା।
- ଜେକେ ଫାଉଣ୍ଡେଶନ ଫର୍ ଆର୍ଟ ଆଣ୍ଡ କଲଚର୍, ସ୍ଥାନ: ଲଳିତ କଳା ଏକାଡେମୀ ଆଞ୍ଚଳିକ କେନ୍ଦ୍ର, ସମୟ: ଅପରାହ୍ନ ୪ଟା।
- ବଚପନ୍ ପ୍ରି-ସ୍କୁଲର ୧୮ତମ ବାର୍ଷିକୋତ୍ସବ, ସ୍ଥାନ: ସୂଚନା ଭବନ, ସମୟ: ଅପରାହ୍ନ ୫ଟା।
- ଭାରତ ରଙ୍ଗ ମହୋତ୍ସବ, ରବୀନ୍ଦ୍ର ମଣ୍ଡପ, ସନ୍ଧ୍ୟା ୬ଟା ୩୦।
- ୧୪ତମ ଯୁଗଲବନ୍ଦୀ, ସ୍ଥାନ: ଭଞ୍ଜକଳା ମଣ୍ଡପ, ସମୟ: ସନ୍ଧ୍ୟା ୬ଟା ୩୦।
- ଭୁବନେଶ୍ୱର ବ୍ଲକସ୍ତରୀୟ ପଞ୍ଚାୟତ କପ୍, ସ୍ଥାନ: ଦାରୁଠେଙ୍ଗ ପିଣ୍ଡିକି ଖେଳପଡ଼ିଆ, ସମୟ: ପୂର୍ବାହ୍ନ ୧୦ଟା।
- ନବୀନ ଓଡ଼ିଶା ଯୋଜନା ଉପରେ ପଞ୍ଚାୟତସ୍ତରୀୟ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ- ରଘୁନାଥପୁର ଗ୍ରାମ ପଞ୍ଚାୟତ, ସମୟ: ପୂର୍ବାହ୍ନ ୧୧ଟା।

## ପୁରୀ

- ୭୬ତମ ସର୍ବୋଦୟ ମେଳା ଓ ଗାନ୍ଧୀ ସ୍ମୃତି ପୀଠ ପ୍ରତିଷ୍ଠା ଦିବସ, ସ୍ଥାନ: ଗାନ୍ଧୀ ସ୍ମୃତି ପୀଠ, ସମୟ: ସକାଳ ୮ଟା।
- ଓଡ଼ିଶା ରାଜ୍ୟ ବିଦ୍ୟୁତ୍ ଶ୍ରମିକ କର୍ମଚାରୀ ସଂଘର ବାର୍ଷିକ କାର୍ଯ୍ୟ କାରିଣୀ ବୈଠକ, ସ୍ଥାନ: ଟାଉନ ହଲ, ସମୟ: ପୂର୍ବାହ୍ନ ୧୧ଟା।
- ପଣ୍ଡିତ କୃପାସିନ୍ଧୁ ମିଶ୍ରଙ୍କ ରାଜ୍ୟସ୍ତରୀୟ ଶ୍ରାଦ୍ଧୋତ୍ସବ ଉପଲକ୍ଷେ ସାରସ୍ୱତ ସଭା, ସ୍ଥାନ: ବୀରପ୍ରତାପପୁର ଶାସନ, ସମୟ: ଅପରାହ୍ନ ୩ଟା ୩୦।
- ଏସଏସ୍‌ବି ପବ୍ଲକ୍ ସ୍କୁଲର ବାର୍ଷିକୋତ୍ସବ, ସ୍ଥାନ: ଚନ୍ଦନପୁର, ସମୟ: ଅପରାହ୍ନ ୪ଟା।
- ସତ୍ୟବାଦୀ ମହିଳା ଓ ଶିଶୁବିକାଶ କାର୍ଯ୍ୟାଳୟ ପକ୍ଷରୁ ସଚେତନତା ନିମନ୍ତେ ମାନବ ଶୃଙ୍ଖଳ କାର୍ଯ୍ୟକ୍ରମ, ସ୍ଥାନ: ସତ୍ୟବାଦୀ ବ୍ଲକ ପରିସର ଓ ଜାତୀୟ ରାଜପଥ ପାର୍ଶ୍ୱ, ସମୟ: ପୂର୍ବାହ୍ନ ୧୧ଟା।
- ମହାପୁରୁଷ ଆଚାର୍ଯ୍ୟ ହରିହର ଦାସଙ୍କ ଜୟନ୍ତୀ ପାଳନ, ସ୍ଥାନ: ସତ୍ୟବାଦୀ ଶ୍ରୀରାମଚନ୍ଦ୍ରପୁର ଶାସନଗ୍ରାମ, ସମୟ: ସନ୍ଧ୍ୟା ୬ଟା।
- ଆମ ଓଡ଼ିଶା ନବୀନ ଓଡ଼ିଶା' ନିମାପଡ଼ା ବ୍ଲକ ଅଧୀନ ପଞ୍ଚାୟତସ୍ତରୀୟ ସଚେତନ ଶିବିର, ସ୍ଥାନ: ବାମନାଳ ପଞ୍ଚାୟତ, ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ, ଅରିଷଣ୍ଡ ପଞ୍ଚାୟତ, ଖରୀପଡ଼ିଆ ପାର୍କ ପଡ଼ିଆ, ଶଲଙ୍ଗ ପଞ୍ଚାୟତ, ପଞ୍ଚାୟତ କଲ୍ୟାଣ ମଣ୍ଡପ, ସମୟ: ପୂର୍ବାହ୍ନ ୧୦ଟା।
- ନିମାପଡ଼ା ଆଥଲେଟିକ୍ ଆସୋସିଏଶନ ଦ୍ୱାରା ଆୟୋଜିତ ନବମ ପଦ୍ମଚରଣ ସ୍ମାରକୀ ଅଲ ଓଡ଼ିଶା ସର୍ବଭାରତୀୟ ଆମନ୍ତ୍ରିତ ଫୁଟ୍‌ବଲ ଟୁର୍ନାମେଣ୍ଟ, ସ୍ଥାନ: ବାରବାଟୀ ମିନି ଷ୍ଟାଡିୟମ, ସମୟ: ଅପରାହ୍ନ ୨ଟା।

## କଟକ

- ଅକ୍ଷୟ ମଲ୍ଲିକ ଓ ସଦାଶିବ ସ୍ମାରକୀ ରାଜ୍ୟସ୍ତରୀୟ ଫୁଟ୍‌ବଲ ଟୁର୍ନାମେଣ୍ଟର ଫାଇନାଲ ମ୍ୟାଚ, ସ୍ଥାନ: ତିଗିରିଆ ପାଞ୍ଚଗାଁ ମିନି ଷ୍ଟାଡିୟମ,ସମୟ: ଅପରାହ୍ନ ୩ଟା।
- ଆମ ଓଡ଼ିଶା ନବୀନ ଓଡ଼ିଶା ସଚେତନତା ଶିବିର, ସ୍ଥାନ: ତିଗିରିଆ ନୂଆପାଟଣା ପଞ୍ଚାୟତ, ଗାନ୍ଧୀ ପଡ଼ିଆ, ସମୟ: ପୂର୍ବାହ୍ନ ୧୦ଟା।

## ଖୋର୍ଦ୍ଧା

- ମା'ବଘେଇ କ୍ରିକେଟ ଟୁର୍ନାମେଣ୍ଟ, ସ୍ଥାନ: ଦେଉଳଟାଙ୍ଗୀ, ସମୟ: ପୂର୍ବାହ୍ନ ୧୦ଟା।
- ଜିଲା ପ୍ରଶାସନର ମିଳିତ ଜନଶୁଣାଣି ଶିବିର, ସ୍ଥାନ: ବେଗୁନିଆ ବ୍ଲକ, ସମୟ: ପୂର୍ବାହ୍ନ ୧୦ଟା ୩୦।
- କୋଲୁହାପାଟଣା ଫୁଟ୍‌ବଲ ଟୁର୍ନାମେଣ୍ଟ, ସ୍ଥାନ: କୋଲୁହାପାଟଣା ଖେଳପଡ଼ିଆ, ସମୟ: ଅପରାହ୍ନ ୩ଟା।

## ବାଲେଶ୍ୱର

- ଜିଲାପାଳ ଓ ଆରକ୍ଷୀ ଅଧୀକ୍ଷକଙ୍କ ମିଳିତ ଜନ ଅଭିଯୋଗ ଶୁଣାଣି, ସ୍ଥାନ- ବାଲିଆପାଳ ବ୍ଲକ କାର୍ଯ୍ୟାଳୟ, ସମୟ – ପୂର୍ବାହ୍ନ ୧୦ଟା।
- ଆଦର୍ଶ ବିବେକାନନ୍ଦ ଶିକ୍ଷାକେନ୍ଦ୍ରର ବାର୍ଷିକ ଉତ୍ସବ, ସ୍ଥାନ-ଗରସଙ୍ଗ, ଖଇରା, ସମୟ- ପୂର୍ବାହ୍ନ ୧୧ଟା।

## ମୟୂରଭଞ୍ଜ

- ଆଭାସୀ ମାଧ୍ୟମରେ ଲକ୍ଷ୍ମୀ ବସ୍‌ର ଶୁଭାରମ୍ଭ କରିବେ ମୁଖ୍ୟମନ୍ତ୍ରୀ, ସ୍ଥାନ: ବାରିପଦା ଛଉପଡ଼ିଆ, ସମୟ: ପୂର୍ବାହ୍ନ ୧୧ଟା।
- ଆମ ଓଡ଼ିଶା ନବୀନ ଓଡ଼ିଶା ସହରୀ କାର୍ଯ୍ୟକ୍ରମ, ସ୍ଥାନ: ୱାର୍ଡ ନଂ.୨୨ ମିଶନଶକ୍ତି ଗୃହ, ବିନ୍ଧାଣୀସାହି ଏବଂ ମୁନି ସମାଜ ଜନାର୍ଦ୍ଦନପୁର, ସମୟ: ମଧ୍ୟାହ୍ନ ୧୨ଟା।
- ଜନଶୁଣାଣି ଶିବିର, ସ୍ଥାନ: ରାଇରଙ୍ଗପୁର, ସମୟ: ପୂର୍ବାହ୍ନ ୧୧ଟା।

## ଭଦ୍ରକ

- ମିଳିତ ଜନଶୁଣାଣି ଶିବିର, ସ୍ଥାନ: ତିହିଡ଼ି ବ୍ଲକ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା।
- 'ଆମ ଓଡ଼ିଶା ନବୀନ ଓଡ଼ିଶା' ସଚେତନତା ଶିବିର, ସ୍ଥାନ: ଯାଦବ ପଡ଼ିଆ, ବାସୁଦେବପୁର, ସମୟ: ପୂର୍ବାହ୍ନ ୧୦ଟା।
- ଯାଜପୁର ରୋଡ୍-ଧାମରା ରେଳପଥ ସଂଗ୍ରାମ ପରିଷଦର ପ୍ରତିବାଦ ସଭା, ସ୍ଥାନ: କାଳୀପଡ଼ିଆ, ଚାନ୍ଦବାଲି, ସମୟ: ପୂର୍ବାହ୍ନ ୧୧ଟା।
- ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ ସଚେତନତା ସଭା, ସ୍ଥାନ: ମୁସ୍ତାଫାପୁର ପଞ୍ଚାୟତ ଯଜ୍ଞ ମଣ୍ଡପ କାଳୀପଡ଼ିଆ, ସୋହଡ଼ା ଓ କରଦା ପଞ୍ଚାୟତ, ଧାମନଗର, ସମୟ : ପୂର୍ବାହ୍ନ ୧୧ଟା।
- ବିଶିଷ୍ଟ ବ୍ୟବସାୟୀ ଜଗବନ୍ଧୁ ପାତ୍ରଙ୍କ ସ୍ମୃତିସଭା, ସ୍ଥାନ: ରଘୁନାଥପୁର, ମୁସ୍ତାଫାପୁର, ଦୋବଲ, ସମୟ: ପୂର୍ବାହ୍ନ ୧୧ଟା।

## କେନ୍ଦୁଝର

- ହରିହର ମନ୍ଦିର କମିଟିର ସାଧାରଣ ପରିଷଦ ବୈଠକ, ସ୍ଥାନ: ହରିହର ମନ୍ଦିର ପ୍ରାଙ୍ଗଣ, ବଡ଼ବିଲ, ସମୟ: ସନ୍ଧ୍ୟା ୭ ଟା।
- ମୋ ଓଡ଼ିଶା, ନବୀନ ଓଡ଼ିଶା ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ଢେଙ୍କିକୋଟ୍ ହାଇସ୍କୁଲ ଖେଳପଡ଼ିଆ, ସମୟ: ପୂର୍ବାହ୍ନ ୧୦ଟା।
- ଲକ୍ଷ୍ମୀ ବସ୍ ସ୍କିମ୍ ଶୁଭାରମ୍ଭ କାର୍ଯ୍ୟକ୍ରମ, ସ୍ଥାନ: ଧରଣୀଧର ମେଡ଼ିକାଲ କଲେଜ କ୍ୟାମ୍ପସ, ସମୟ: ପୂର୍ବାହ୍ନ ୧୧ଟା।

## ସମ୍ବଲପୁର

- ଗୁରୁ ପଦ୍ମସମ୍ଭବଙ୍କ ତଥ୍ୟ ସଂଗ୍ରହ କାର୍ଯ୍ୟକ୍ରମ, ଲକ୍ଷ୍ମୀଡୁଙ୍ଗୁରୀ, ପୂର୍ବାହ୍ନ ୯ଟା।
- ଜିଲା କ୍ରୀଡ଼ାସଂଘ ଆୟୋଜିତ ଓସିଏ ଆନ୍ତଃ ବିଦ୍ୟାଳୟ କ୍ରିକେଟ, ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମ, ପୂର୍ବାହ୍ନ ୯ଟା।
- ସୁଇଟ୍ ପ୍ରତିଷ୍ଠା ଦିବସର ଉଦ୍‌ଯାପନୀ ଉତ୍ସବ, ସମ୍ବଲପୁର ବିଶ୍ୱବିଦ୍ୟାଳୟ ପରିସର, ପୂର୍ବାହ୍ନ ସାଢ଼େ ୧୧ଟା।
- ସମ୍ବଲପୁର ମହୋତ୍ସବରେ ସାଂସ୍କୃତିକ କାର୍ଯ୍ୟକ୍ରମ, ଅଇଁଠାପାଲି ବିର୍ସା ମଇଦାନ, ସନ୍ଧ୍ୟା ସାଢ଼େ ୬ଟା।

## ବଲାଙ୍ଗୀର

- ବଲାଙ୍ଗୀର ଜିଲାରେ ଲକ୍ଷ୍ମୀବସ ସେବା ଉଦ୍‌ଘାଟନ, ସ୍ଥାନ: ପଥରଚେପା ଓଡ଼ିଶା ଆଦର୍ଶ ବିଦ୍ୟାଳୟ ପଡିଆ, ସମୟ: ପୂର୍ବାହ୍ନ ୧୧ଟା।
- ଫ୍ରେଣ୍ଡସ୍ କ୍ଲବ୍‌ର ରାଜ୍ୟସ୍ତରୀୟ ଫୁଟବଲ ଟୁର୍ନାମେଣ୍ଟ ଫାଇନାଲ ଖେଳ, ସ୍ଥାନ: ପୃଥ୍ୱୀରାଜ ହାଇସ୍କୁଲ ପଡିଆ, ସମୟ: ଅପରାହ୍ଣ ୩ଟା ୩୦।
- ପୋଲିସର ଜନସମ୍ପର୍କ ଶିବିର, ସ୍ଥାନ: ଖପ୍ରାଖୋଲ ବ୍ଲକ ମହରାପଦର ପଞ୍ଚାୟତ ବାଘଝରନ ଖେଳ ପଡିଆ ଓ ରେଙ୍ଗାଲି ପଞ୍ଚାୟତ ଆମବାହାଲି ଗାଁ ଖେଳ ପଡିଆ, ସମୟ: ପୂର୍ବାହ୍ନ ୧୦ଟା।

## ବରଗଡ଼

- ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ପାଇକମାଳ ପଞ୍ଚାୟତ ସମିତି ଅଫିସ, ସମୟ: ପୂର୍ବାହ୍ନ ୧୦ଟା।
- ଆମ ଓଡ଼ିଶା, ନବୀନ ଓଡ଼ିଶା ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ରାଇସଲପଦର, ସମୟ: ପୂର୍ବାହ୍ନ ୧୦ଟା।
- ଲକ୍ଷ୍ମୀ ବସ୍ ଚଳାଚଳ ଶୁଭାରମ୍ଭ, ସ୍ଥାନ: ଜର୍ଜ ହାଇସ୍କୁଲ ପଡ଼ିଆ, ସମୟ: ପୂର୍ବାହ୍ନ ୧୧ଟା।
- ଶ୍ରୀ ଶ୍ରୀ ନୃସିଂହ ଓ ରାମ ମନ୍ଦିର ପ୍ରତିଷ୍ଠା ସମାରୋହ, ସ୍ଥାନ: ରଷିପାଲି-ଜଡ଼ା, ସମୟ: ପୂର୍ବାହ୍ନ ୧୧ଟା ୧୪ମିନିଟ୍।
- ସ୍ୱେଚ୍ଛାକୃତ ରକ୍ତଦାନ ଶିବିର, ସ୍ଥାନ: ଆନ୍ଧ୍ର କ୍ୟାମ୍ପ, ଖଣ୍ଡହଥା, ସମୟ: ପୂର୍ବାହ୍ନ ୧୦ଟା।

## ରାଉରକେଲା

- ମହାଲକ୍ଷ୍ମୀ ମନ୍ଦିର ପ୍ରତିଷ୍ଠା, ସ୍ଥାନ: ଛେଣ୍ଡ, ସମୟ: ସକାଳ ୮ଟା।
- ସେକ୍ଟର-୧ କଲ୍ୟାଣ ବସ୍ତିବାସୀଙ୍କ ଆରଏମସି ଅଫିସରେ ଫେରାଦ, ସ୍ଥାନ: ଉଦିତନଗର, ସମୟ: ପୂର୍ବାହ୍ନ ୧୧ଟା।
- ସୂର୍ଯ୍ୟକାନ୍ତ ମେମୋରିଆଲ ଟି-୨୦ କ୍ରିକେଟ, ସ୍ଥାନ: ଡିଏଭି ଖେଳ ପଡିଆ, ସମୟ: ପୂର୍ବାହ୍ନ ୯ଟା।
- ହକି ପ୍ରୋ ଲିଗ୍, ସ୍ଥାନ: ବିର୍ସା ମୁଣ୍ଡା ଅନ୍ତର୍ଜାତୀୟ ହକି ଷ୍ଟାଡିୟମ, ସମୟ: ସନ୍ଧ୍ୟା ୫ଟା।
- ସାହିତ୍ୟ ସଭା, ସ୍ଥାନ: ସାଂସ୍କୃତିକ ପରିଷଦ, ରାଉରକେଲା, ସମୟ: ପୂର୍ବାହ୍ନ ୧୦ଟା।
- ନାରୀଶକ୍ତି ଆଲୋଚନାଚକ୍ର, ସ୍ଥାନ: ରାଉରକେଲା କଲେଜ, ସେକ୍ଟର-୫, ସମୟ: ପୂର୍ବାହ୍ନ ୧୧ଟା।
- ହୃଷୀକେଶ ରାୟ କଲେଜର ୩୩ତମ ବାର୍ଷିକୋତ୍ସବ, ସ୍ଥାନ: ଛେଣ୍ଡ, ସମୟ: ପୂର୍ବାହ୍ନ ୧୦ଟା।

## ସୁନ୍ଦରଗଡ଼

- ଛାତ୍ର ସଂସଦ ଓ ସାଂସ୍କୃତିକ ପରିଷଦର ୬୬ତମ ବାର୍ଷିକ ଉତ୍ସବ,ସ୍ଥାନ- ସୁନ୍ଦରଗଡ ସରକାରୀ ମହାବିଦ୍ୟାଳୟ: ସମୟ ଅପରାହ୍ନ ୧ଟା।

## ନୂଆପଡ଼ା

- ଜିଲା ଶ୍ରମିକ ମହାସଂଘ ପକ୍ଷରୁ ୮ଘଣ୍ଟିଆ ବନ୍ଦ, ସ୍ଥାନ: ନୂଆପଡ଼ା ଜିଲା, ସମୟ: ସକାଳ ୬ରୁ ଅପରାହ୍ନ ୨ଟା ପର୍ଯ୍ୟନ୍ତ।

## କଳାହାଣ୍ଡି

- ମାଣ୍ଡିଆ ମଣ୍ଡି ଉଦ୍‌ଘାଟନ ସମାରୋହ, ସ୍ଥାନ: କର୍ଲାମୁଣ୍ଡା ବ୍ଲକ ସ.ମାଲପଡା, ସମୟ: ପୂର୍ବାହ୍ନ ୧୧ଟା।
- ଆମ ଓଡ଼ିଶା ନବୀନ ଓଡ଼ିଶା ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: କୋକସରା ବ୍ଲକ ଡୁଡୁକାଠେଙ୍ଗା ପଞ୍ଚାୟତ ଅଫିସ ପରିସର, ସମୟ: ପୂର୍ବାହ୍ନ ୧୧ଟା।

## ବୌଦ୍ଧ

- କଣ୍ଟାମାଳ ବ୍ଲକ ଖୁଣ୍ଟିଗୋରା ପଞ୍ଚାୟତର ବନ୍ଧଗୋରା ଧବଳେଶ୍ୱର କ୍ରିକେଟ କ୍ଲବ ପକ୍ଷରୁ ୧୪ ତମ ଧବଳେଶ୍ୱର କ୍ରିକେଟ ଟୁର୍ନାମେଣ୍ଟର ଦ୍ୱିତୀୟ ସେମି ଫାଇନାଲ, ସ୍ଥାନ: ବନ୍ଧଗୋରା ଖେଳପଡିଆ ସମୟ: ସକାଳ ୮ଟା।
- ବୌଦ୍ଧ ଜିଲା କଣ୍ଟାମାଳ ବ୍ଲକ ଘଣ୍ଟାପଡାସ୍ଥିତ ରେକଡୋଲ ଗ୍ରାମରେ ଷୋହଳ ପ୍ରହର ନାମଯଜ୍ଞ, ସ୍ଥାନ: ରେକଡୋଲ , ସମୟ : ସକାଳ ୬ଟା।

## ଦେବଗଡ଼

- ଇସ୍କନ ତରଫରୁ ଦେବଗଡ ସହର ପରିକ୍ରମା, ସମୟ ଅପରାହ୍ନ ୪ ଟା ଓ ପ୍ରବଚନ କାର୍ଯ୍ୟକ୍ରମ ସନ୍ଧ୍ୟା ୭ ଟା,ସ୍ଥାନ: ଗୋପୀନାଥ ମନ୍ଦିର, ଶାସନ ସାହ।

## ସୁବର୍ଣ୍ଣପୁର

- ଜିଲାସ୍ତରୀୟ କୃଷକ ସମାବେଶ, ସ୍ଥାନ: ସୋନପୁର ରୟାଲ ପଡିଆ, ସମୟ: ପୂର୍ବାହ୍ନ ୧୦ଟା।
- ୧୯ତମ ପାତାଳି ମହୋତ୍ସବ ତୃତୀୟ ସନ୍ଧ୍ୟା ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ପାତାଳି ଶ୍ରୀକ୍ଷେତ୍ର କୋଟସମଲାଇ, ସମୟ : ଅପରାହ୍ନ ୫ଟା ୩୦ମିନିଟ୍।
- ରାମଧୂନ କପ୍ ସର୍ବଭାରତୀୟ ଫୁଟବଲ ଟୁର୍ନାମେଣ୍ଟ ଉଦ୍‌ଘାଟନୀ ମ୍ୟାଚ୍, ସ୍ଥାନ: ସୋନପୁର ଗାନ୍ଧୀ ଷ୍ଟାଡିୟମ, ସମୟ : ଅପରାହ୍ନ ୨ଟା ୩୦ମିନିଟ୍।
- ପଞ୍ଚଖଣ୍ଡା କ୍ରିକେଟ ଟୁର୍ନାମେଣ୍ଟର ଦ୍ୱିତୀୟ ଦିବସ, ସ୍ଥାନ: ଭାଲୁଡୁଙ୍ଗୁରି ଖେଳପଡିଆ, ବୀରମହାରାଜପୁର, ସମୟ: ପୂର୍ବାହ୍ନ ୧୧ଟା।

## ନବରଙ୍ଗପୁର

- ଜିଲା କଂଗ୍ରେସ ବୈଠକ, ଶୋଭାଯାତ୍ରା, ସ୍ଥାନ: ନବରଙ୍ଗପୁର ସର୍କିଟ ହାଉସ ପଡିଆ, ସମୟ: ପୂର୍ବାହ୍ନ ୧୧ଟା
- ଆମ ଓଡିଶା ନବୀନ ଓଡିଶା ପଞ୍ଚାୟତସ୍ତରୀୟ ସଚେତନ ଶିବିର , ସ୍ଥାନ : ଅଞ୍ଚଳା ପଞ୍ଚାୟତ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା

## ରାୟଗଡ଼ା

- ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି, ସ୍ଥାନ: ରାମନାଗୁଡ଼ା ବ୍ଲକ କାର୍ଯ୍ୟାଳୟ, ସମୟ: ସକାଳ ୧୦ଟା

## ଅନୁଗୋଳ

- ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ, ସ୍ଥାନ- ଅନୁଗୋଳ ୱାର୍ଡ ନଂ. ୨୦ ଓ ୨୩, ସମୟ- ପୂର୍ବାହ୍ନ ୧୦ଟା ୩୦।
- ଜିଲାପାଳଙ୍କ ଜନଶୁଣାଣି କାର୍ଯ୍ୟକ୍ରମ, ସ୍ଥାନ- ଆଠମଲ୍ଲିକ ବ୍ଲକ ସଭାଗୃହ, ସମୟ- ପୂର୍ବାହ୍ନ ୧୦ ଘଟିକା।
- ଆଇସିଡିଏସ୍ ସମୀକ୍ଷା ବୈଠକ, ସ୍ଥାନ- ଆଠମଲ୍ଲିକ ବ୍ଲକ କାର୍ଯ୍ୟାଳୟ, ସମୟ- ଅପରାହ୍ନ ୨ଟା ୩୦।

## ଗଞ୍ଜାମ

- ଆମ ଓଡ଼ିଶା ନବୀନ ଓଡ଼ିଶା ସଚେତନତା, ସ୍ଥାନ-ବୁଗୁଡ଼ା ବ୍ଲକ କଳମ୍ବ ପଞ୍ଚାୟତ,ସମୟ-ପୂର୍ବାହ୍ନ ୧୧ଟା
- ରାମଚରିତ ମାନସ ପାରାୟଣ ଶୁଭାରମ୍ଭ, ସ୍ଥାନ-ବୁଗୁଡା ତଳ ଓଡ଼ିଆ ସାହି, ସମୟ- ସନ୍ଧ୍ୟା ୬ଟା
- ଆମ ଓଡିଶା ନବୀନ ଓଡିଶା କାର୍ଯ୍ୟକ୍ରମ, ସ୍ଥାନ-ଆସିକା ବ୍ଲକ ମଙ୍ଗଳପୁର ପଞ୍ଚାୟତ କାର୍ଯ୍ୟାଳୟ, ସମୟ- ପୂର୍ବାହ୍ନ ୧୦ଟା।
- ବରିଷ୍ଠ ନାଗରିକ ମଞ୍ଚର ଚତୁର୍ଥ ବାର୍ଷିକ ପ୍ରତିଷ୍ଠା ଉତ୍ସବ, ସ୍ଥାନ : କେରାଣ୍ଡିଟୋଲା, ନାରାୟଣପୁର, ସମୟ: ପୂର୍ବାହ୍ନ ୧୧ ଟା।
- ପାସିଂ ଆଉଟ ସେରିମନୀ, ସ୍ଥାନ: ଛତ୍ରପୁର ଅଷ୍ଟମ ବାଟାଲିୟନ, ସମୟ: ଅପରାହ୍ନ ୩ଟା
- ଅନସ୍ଲୋ ହାଇସ୍କୁଲର ବାର୍ଷିକୋତ୍ସବ, ସ୍ଥାନ: ସ୍କୁଲ ଖେଳପଡ଼ିଆ, ସମୟ: ପୂର୍ବାହ୍ନ ୧୧ଟା

## କନ୍ଧମାଳ

- ବନଜ୍ୟୋତ୍ସ୍ନା ପୁସ୍ତକ ମେଳା ଓ ସାଂସ୍କୃତିକ ଉତ୍ସବ, ସ୍ଥାନ-ବିଟିମ୍ ପଡିଆ ଫୁଲବାଣୀ।
- ଜିଲାସ୍ତରୀୟ ଜନଜାତି ସାଂସ୍କୃତିକ ଓ କ୍ରୀଡା ମହୋତ୍ସବ, ସ୍ଥାନ-କରୋନେସନ ପଡିଆ ଓ କନ୍ଧମାଳ ଷ୍ଟାଡିୟମ୍।
- ଜିଲାପାଳଙ୍କ ଅଭିଯୋଗ ଶୁଣାଣି, ସ୍ଥାନ- ଜି.ଉଦୟଗିରି ବ୍ଲକ କାର୍ଯ୍ୟାଳୟ,ସମୟ- ପୂର୍ବାହ୍ନ ୧୦ଟା।

## ଜଗତ୍‌ସିଂହପୁର

- ଆଦିବାସୀ କ୍ରୀଡ଼ା ଉଦ୍‌ଯାପନୀ ଉତ୍ସବ, ସ୍ଥାନ: ଏରସମା ବ୍ଲକ ରାମତରା, ସମୟ: ଅପରାହ୍ନ ୩ଟା।
- ଆମ ଓଡ଼ିଶା ନବୀନ ଓଡ଼ିଶା ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ତିର୍ତ୍ତୋଲ, କୋଷ୍ଟିମଲ୍ଲିକାପୁର ଗ୍ରାମପଞ୍ଚାୟତ କାର୍ଯ୍ୟାଳୟ ନିକଟ ପଡ଼ିଆ ଓ ଗୋପାଳପୁର (ଶ) ପଞ୍ଚାୟତ କାର୍ଯ୍ୟାଳୟ ନିକଟ ପଡ଼ିଆ, ସମୟ: ପୂର୍ବାହ୍ନ ୧୧ଟା।

## କେନ୍ଦ୍ରାପଡ଼ା

- ଜିଲାସ୍ତରୀୟ ମିଳିତ ଜନଶୁଣାଣି ଶିବିର, ସ୍ଥାନ: ଡେରାବିଶ ବ୍ଲକ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ତ୍ରିବେଣୀ ମେଳା, ସ୍ଥାନ: ଆର୍ତ୍ତେଶ୍ୱର ପୀଠ, ନହଙ୍ଗ, ଡେରାବିଶ, ସମୟ: ଅପରାହ୍ନ ୧ଟା।
- ମହାବିଦ୍ୟାଳୟ ପ୍ରତିଷ୍ଠା ଦିବସ, ସ୍ଥାନ: କେନ୍ଦ୍ରାପଡା ସ୍ୱୟଂଶାସିତ ମହାବିଦ୍ୟାଳୟ, କେନ୍ଦ୍ରାପଡା, ସମୟ: ପୂର୍ବାହ୍ନ ୧୦ଟା।
- ମା' କ୍ଷେତ୍ରପାଳିନୀଙ୍କ ନୂତନ ମନ୍ଦିର ପ୍ରତିଷ୍ଠା ଉପଲକ୍ଷେ କଳସଯାତ୍ରା, ସ୍ଥାନ: ମେଳଣ ପଡିଆ, ହରିଅଙ୍କ, ଡେରାବିଶ, ସମୟ: ପୂର୍ବାହ୍ନ ୮ଟା।
- ଆମ ଓଡ଼ିଶା ନବୀନ ଓଡ଼ିଶା, ସ୍ଥାନ: ଡେରାବିଶ ବ୍ଲକର ନହଙ୍ଗ, ରଘୁଦେଇପୁର, ବେଣିପୁର ପଞ୍ଚାୟତ, ସମୟ: ପୂର୍ବାହ୍ନ ୧୦ଟା।
- ନଳିନୀକାନ୍ତ ମହାନ୍ତି ସ୍ମୃତି କ୍ରିକେଟ ଟୁର୍ନାମେଣ୍ଟ ୪ର୍ଥ କ୍ୱାର୍ଟର ଫାଇନାଲ, ସ୍ଥାନ: ରାଜନଗର ଫିରିକିଦଣ୍ଡା ଖେଳପଡିଆ, ସମୟ: ପୂର୍ବାହ୍ନ ୧୦ଟା।
- ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ, ସ୍ଥାନ: ମାର୍ଶାଘାଇ ଓ ଶିଳିପୁର ପଞ୍ଚାୟତ କାର୍ଯ୍ୟାଳୟ ସମୟ: ପୂର୍ବାହ୍ନ ୧୦ଟା।
- ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ, ସ୍ଥାନ: ବଙ୍ଗାଳପୁର ପଞ୍ଚାୟତ କାର୍ଯ୍ୟାଳୟ, ଗରଦପୁର, ସମୟ: ପୂର୍ବାହ୍ନ ୧୦ଟା।

## ନୟାଗଡ଼

- ବିଶ୍ୱଶାନ୍ତି ଶୈବ ମହାଯଜ୍ଞର ପୂର୍ଣ୍ଣାହୁତି ପ୍ରଦାନ, ସ୍ଥାନ: ନୟାଗଡ ବରପଲ୍ଲୀ ଶ୍ରୀକପିଳେଶ୍ୱର ମହାଦେବ ପୀଠ, ସମୟ: ଅପରାହ୍ନ ୪ଟା।
- ବିଶ୍ୱଶାନ୍ତିମହାଯଜ୍ଞର ଜଳଯାତ୍ରା, ସ୍ଥାନ: ବାବା ବିଶ୍ୱନାଥ ମହାଦେବଙ୍କ ମନ୍ଦିର ପ୍ରାଙ୍ଗଣ, ନୟାଗଡ ପୁରୁଣା ସହର କରଣସାହି ବଡମଠ, ସମୟ: ପୂର୍ବାହ୍ନ ୧୦ଟା।
- ଡିଜିଟାଲ ପେମେଣ୍ଟ ଉପରେ ଚାଷୀଙ୍କ କର୍ମଶାଳା, ସ୍ଥାନ: ଘଡୁଆଳ ପଞ୍ଚାୟତ କାର୍ଯ୍ୟାଳୟ, ନୟାଗଡ଼, ସମୟ: ଅପରାହ୍ନ ସାଢ଼େ ୩ଟା।
- ନୟାଗଡ଼ ସ୍ୱୟଂଶାସିତ ମହାବିଦ୍ୟାଳୟ ବାର୍ଷିକ ଉତ୍ସବ ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ଡାଇମଣ୍ଡ ଜୁବୁଲି ଅଡିଟୋରିୟମ, ସମୟ: ପୂର୍ବାହ୍ନ ୯ଟା।
- ଜିଲାପାଳଙ୍କ ଅଭିଯୋଗ ଶୁଣାଣୀ ଶିବିରି, ସ୍ଥାନ: ନୂଆଗାଁ ବ୍ଲକ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ଭାଗବତ ପାରାୟଣ ସପ୍ତାହର ଶୁଭାରମ୍ଭ, ସ୍ଥାନ: ଖଣ୍ଡପଡ଼ା ବ୍ଲକର ବେଡାଙ୍କୀ, ସମୟ: ସକାଳ ୬ଟା।

## ଯାଜପୁର

- ମୋବାଇଲ ଲିଗାଲ ସର୍ଭିସ ଭ୍ୟାନ୍ ଉଦ୍‌ଘାଟନ, ସ୍ଥାନ: ଯାଜପୁର ଜିଲା କୋର୍ଟ ପରିସର। ସମୟ: ପୂର୍ବାହ୍ନ ୧୦ଟା ୩୦।

## କୋରାପୁଟ

- ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ, ସ୍ଥାନ: ପୂଜାରୀପୁଟ କଲ୍ୟାଣ ମଣ୍ଡପ, ସମୟ: ପୂର୍ବାହ୍ନ ୧୧ଟା।
- ଜିଲାପାଳଙ୍କ ଅଭିଯୋଗ ଶୁଣାଣି, ସ୍ଥାନ: କୋଟପାଡ ବ୍ଲକ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ: ୧୦ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** – କର୍ମକ୍ଷେତ୍ରରେ କୌଣସି ସମ୍ପର୍କକୁ କେନ୍ଦ୍ରକରି ମାନସିକ ଅସ୍ଥିରତା ସୃଷ୍ଟି ହେବ। ଦ୍ୱିଜା ନକ୍ଷତ୍ର ସକାଶେ କର୍ମ କ୍ଷେତ୍ରରେ ପାରିପାର୍ଶ୍ୱିକ ପରିସ୍ଥିତି ଭଲ ରହିବ। ସାହିତ୍ୟ, କଳା, ସଙ୍ଗୀତ ଓ ରଚନାତ୍ମକ କାର୍ଯ୍ୟରେ ପ୍ରଶଂସିତ ହେବେ। ଆପଣ ଉତ୍ସର୍ଗୀକୃତ ମନୋଭାବ ନେଇ କାମକଲେ ମଧ୍ୟ ନିଜ ଲୋକମାନଙ୍କ ପକ୍ଷପାତିତାକୁ ଦେଖି ବ୍ୟସ୍ତ ହେବେ।

**ବୃଷ** – ପିଲାଙ୍କ ବିବାହ ସମ୍ପର୍କିତ ବିଷୟକୁ କେନ୍ଦ୍ରକରି କଥା କଟାକଟି ଲାଗିପାରେ। ଆଶା କରୁଥିବା ଧନ ସକାଶେ କଳହ ଓ ବିତର୍କ ସୃଷ୍ଟି ହେବାର ସୂଚନା ରହିଛି। ଉପରିସ୍ଥ କର୍ମଚାରୀଙ୍କଠାରୁ ଉତ୍ସାହ ଓ ପ୍ରେରଣା ପାଇ ଦୁଃସାଧ୍ୟ କାର୍ଯ୍ୟ ସାଧନ କରିପାରନ୍ତି। ବାଧ୍ୟବାଧକତାବଶତଃ ଆନୁଷ୍ଠାନିକ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବାକୁ ପଡ଼ିପାରେ।

**ମିଥୁନ** – ଆଜିର କର୍ମକ୍ଷେତ୍ରରେ ମିଥ୍ୟା ପ୍ରତିଶ୍ରୁତି ଦେଇ ପଶ୍ଚାତେ ସମାଲୋଚିତ ହୋଇପାରନ୍ତି। ଅସ୍ଥିରତା ଲାଗି ରହିବା କାରଣରୁ ଭାବୁଥିବେ ଗୋଟିଏ କଥା କିନ୍ତୁ କଲା ବେଳକୁ ଆଉ ଗୋଟିଏ କାମ କରିପାରନ୍ତି। ନିଜଲୋକ କେହି ହଇରାଣ କରିପାରନ୍ତି। କେତେକ ଗୁରୁତ୍ୱପୂର୍ଣ୍ଣ କାମ ପାଇଁ ଖର୍ଚ୍ଚଭାର ବୃଦ୍ଧି ପାଇବାରୁ ମନରେ ସରସତା ରହିବ ନାହିଁ।

**କର୍କଟ** – ଆଜି ଆବଶ୍ୟକତାରୁ ଅଧିକ ଖର୍ଚ୍ଚାନ୍ତ ହୋଇ କାମ ହାସଲ କରିବାକୁ ବାଧ୍ୟ ହେବେ। ନୂତନ ଉଦ୍ୟୋଗ କିମ୍ବା ପ୍ରକଳ୍ପ କାମରେ ବିଭିନ୍ନ ପ୍ରକାର ଯୋଜନା କରିବାରେ ମନ ଦେବେ। ସଭାସମିତିର ଆଲୋଚନାରେ ଦ୍ୱନ୍ଦ୍ୱରେ ପଡି ପ୍ରତ୍ୟେକ କଥାକୁ ଠିକ୍ ଭାବେ ବୁଝି ପାରିବେନି। ଆଜିର ପ୍ରତ୍ୟୁଷ ଯାତ୍ରା ଓ ଆନୁଷ୍ଠାନିକ କାମରୁ ଖୁସି ରହିବେ।

**ସିଂହ** – ମାନସିକ ଅସୁସ୍ଥତା କାରଣରୁ ପ୍ରତ୍ୟେକ କ୍ଷେତ୍ରରେ ଭୁଲ୍ ବୁଝାମଣାରୁ ସମସ୍ୟା ଲାଗି ରହିବ। ଉତ୍ତରାଫାଲଗୁନୀ ନକ୍ଷତ୍ର କର୍ମକ୍ଷେତ୍ରରେ ଉପସ୍ଥିତ ବୁଦ୍ଧି ପ୍ରୟୋଗ କରି କାର୍ଯ୍ୟ ସାଧନ କରିପାରନ୍ତି। ଦୀର୍ଘ ଦିନରୁ ଖୋଜୁଥିବା ଜିନିଷ ବନ୍ଧୁଙ୍କ ଜରିଆରେ ପାଇଯିବେ। ଅସମ୍ପୂର୍ଣ୍ଣ କାମକୁ ସମ୍ପୂର୍ଣ୍ଣ କରିବା ଦିଗରେ ଆଜି ଦିନଟିର ଅଧିକାଂଶ ସମୟ ବିତିବ।

**କନ୍ୟା** – ପ୍ରତ୍ୟେକ କ୍ଷେତ୍ରରେ ବନ୍ଧୁମାନଙ୍କ ସାହାଯ୍ୟ ଓ ସହଯୋଗରୁ ଉତ୍ସାହିତ ହେବେ। ପରୋକ୍ଷ ଶତ୍ରୁତା କାରଣରୁ କର୍ମ କ୍ଷେତ୍ରରେ ଅସ୍ଥିରତା ସୃଷ୍ଟି ହେବାର ସମ୍ଭାବନା ରହିଛି। ସାମାଜିକ ସ୍ତରରେ ଯେସାକୁ ତେସା ନୀତିରେ କାମ କରିପାରନ୍ତି। ଘର ଲୋକମାନଙ୍କୁ ଉପେକ୍ଷା କରି ପରକଥାରେ ପଡି ଭୁଲ ମାର୍ଗ ଅନୁସରଣ କରିପାରନ୍ତି।

**ତୁଳା** – ବନ୍ଧୁଙ୍କ ନିକଟରୁ ପାଇବାକୁ ଥିବା ଜିନିଷଟି ନ ପାଇ ନିରାଶ ହୋଇପାରନ୍ତି। ପଡୋଶୀଙ୍କ ହସ୍ତକ୍ଷେପ ଫଳରେ ପରିବାରରେ ଶାନ୍ତି ଫେରି ଆସିବ। ଚିତ୍ରା ନକ୍ଷତ୍ରର ମାନସିକ ଅବସାଦ ଯୋଗୁ କୌଣସି କାମ ଉତ୍ସାହପ୍ରଦ ହେବ ନାହିଁ। ଅବଶ୍ୟ ମକଦ୍ଦମାରେ ଆପୋସ ଆଲୋଚନା ଦ୍ୱାରା ସମସ୍ୟାର ସମାଧାନ ହୋଇଯିବ।

**ବିଛା** – ବିଭିନ୍ନ ପାରିବାରିକ ସମସ୍ୟା ଚିନ୍ତାକରି ମନ ଭାରାକାନ୍ତ ରହିବ। ଭୁଲ୍ ନିଷ୍ପତ୍ତି ପରିପ୍ରେକ୍ଷୀରେ ନୀଚ ସଂସର୍ଗରୁ ଦୂରେଇ ନ ରହିଲେ କଳହର ସମ୍ଭାବନା ରହିଛି। କ୍ରୀଡା, ପ୍ରତିଯୋଗିତା ତଥା ସାହିତ୍ୟ, ସଙ୍ଗୀତ କ୍ଷେତ୍ରରେ ସଫଳତା ମିଳିପାରେ। କାମ ହାସଲ ସକାଶେ ଅନ୍ୟମାନଙ୍କର ସାହାଯ୍ୟ ନେବାକୁ ବାଧ୍ୟ ହୋଇପାରନ୍ତି।

**ଧନୁ** – ମନ୍ଥର ଗତିରେ କାମ କରିବା କାରଣରୁ କୌଣସି ବ୍ୟକ୍ତି ଦୁଇପଦ କଡାକଥା ଶୁଣାଇ ପାରନ୍ତି। ପାରିବାରିକ, ପ୍ରଶାସନ, ଯାନବାହନ, ନିର୍ମାଣ ଓ ଯାତ୍ରାରୁ ସୁଫଳ ପାଇବେ। ପ୍ରସଙ୍ଗକ୍ରମେ କଠୋର କଥା କିମ୍ବା ବ୍ୟବହାର ବନ୍ଧୁଙ୍କ ମନରେ ଆଘାତ ଦେଇପାରେ। ଖଳଲୋକମାନଙ୍କ ପ୍ରାୟୋଜିତ ମିଥ୍ୟା ଗୁଜବରେ ଆତଙ୍କିତ ହୁଅନ୍ତୁ ନାହିଁ।

**ମକର** – ଆନୁଷ୍ଠାନିକ କ୍ଷେତ୍ରରେ ଅଥବା ଗଠନମୂଳକ କାର୍ଯ୍ୟରୁ ପ୍ରଶଂସିତ ହେବେ। ଉପରିସ୍ଥଙ୍କ ଆଦେଶାନୁକ୍ରମେ ଦୂରଯାତ୍ରାର ସୁଯୋଗ ପାଇବେ। ଧନିଷ୍ଠା ନକ୍ଷତ୍ର ଅଫିସିଆଲି କାମରେ କାରଣ ନ ଥାଇ ଦୋଷୀ ସାବସ୍ତ୍ୟ ହୋଇପାରନ୍ତି। ସଭାସମିତି, ଶିଳ୍ପ, ବାଣିଜ୍ୟ, ବ୍ୟବସାୟ, ନିର୍ମାଣ, ପ୍ରଶାସନ ଓ କଚେରି ମାମଲା କ୍ଷେତ୍ରରେ ସୁଫଳ ପାଇବେ।

**କୁମ୍ଭ** – ଆଜି ଯେଉଁ କାମରେ ହାତ ଦେବେ ତାହା ସହଜ ଓ ସୁବିଧାରେ ସମ୍ପନ୍ନ ହୋଇଯିବ। ବାଣିଜ୍ୟ,ବ୍ୟବସାୟ ଓ ପରିବହନ ପାଇଁ ବିଶେଷ ଅସୁବିଧା ହେବ ନାହିଁ। ବନ୍ଧୁମାନେ ଅସହଯୋଗ କଲେ ମଧ୍ୟ ଆପଣଙ୍କ କୌଣସି କାମ ଅଟକିବ ନାହିଁ। କିନ୍ତୁ ପୁତ୍ରକନ୍ୟାଙ୍କ ହେତୁକ କେତେକ ସମସ୍ୟାକୁ ନେଇ ଚିନ୍ତିତ ରହିପାରନ୍ତି।

**ମୀନ** – ନିଜ ଲୋକଙ୍କ କଦର୍ଯ୍ୟ ବ୍ୟବହାରରେ ଅସନ୍ତୁଷ୍ଟ ହୋଇପାରନ୍ତି। ବ୍ୟବସାୟରେ ଅଂଶୀଦାରଙ୍କ ସହିତ ଭୁଲ୍ ବୁଝାମଣାରୁ ଅଶାନ୍ତି ସୃଷ୍ଟି ହେବ। ବାଣିଜ୍ୟ, ବ୍ୟବସାୟ, ନିର୍ମାଣ, ଶେୟାର ବଜାର ଓ ପରିବହନରେ ଲାଭବାନ ହେବେ। କ୍ରନିକ୍ ରୋଗଜନିତ ସ୍ୱାସ୍ଥ୍ୟ ହାନି କାରଣରୁ ଦୁଶ୍ଚିନ୍ତାଗ୍ରସ୍ତ ରହିପାରନ୍ତି।

ଆଜି ଫେବୃଆରୀ ୧୨ ତାରିଖ, ମାଘ ଶୁକ୍ଳ ତୃତୀୟା ସୋମବାର, ରାଶି, ନକ୍ଷତ୍ର-ପୂର୍ବଭାଦ୍ରବ/କୁମ୍ଭ, ଦିବା ଘ. ୦୯।୩୬ ଗତେ, ମୀନ ଚନ୍ଦ୍ର, ତୃତୀୟାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ. ୦୬।୨୧ ଗତେ, ଘ.୦୭।୪୬ ମଧ୍ୟେ, ଘ.୧୦।୫୩ ଗତେ, ଘ.୦୧।୦୮ ମଧ୍ୟେ ଶୁଦ୍ଧ ଶୁଭବେଳା। ଦିବା ଘ.୦୭।୪୬ ଗତେ, ଘ.୦୯।୧୧ ମଧ୍ୟେ ରାହୁ କାଳ ॥

# 'ମୋ କଲେଜ'କୁ 'ସ୍କଚ୍' ସମ୍ମାନ



ଭୁବନେଶ୍ୱର,୧୧।୨(ଅସମାପିକା ସାହୁ)

'ମୋ କଲେଜ ଅଭିଯାନ ପରିଚାଳନା ସଙ୍ଗଠନ' ଶନିବାର ଦେଶର ସମ୍ମାନଜନକ 'ସ୍କଚ୍' ସମ୍ମାନରେ ସମ୍ମାନିତ ହୋଇଛି। ରାଜ୍ୟର ଉଚ୍ଚଶିକ୍ଷା କ୍ଷେତ୍ରରେ ସଫଳ ଯୋଗଦାନ ନେଇ ସଙ୍ଗଠନ ଏହି ପୁରସ୍କାର ଜିତିଛି। ବିଶେଷକରି କଲେଜ ଓ ବିଶ୍ୱବିଦ୍ୟାଳୟ ସହ ପୁରାତନ ବିଦ୍ୟାର୍ଥୀଙ୍କୁ ଯୋଡ଼ିବା, ଛାତ୍ରୀଛାତ୍ରଙ୍କ ପାଇଁ ଅତ୍ୟାଧୁନିକ ଶୈକ୍ଷିକ ପରିସର ପ୍ରଦାନ କରିବା, ଆତ୍ମନିଯୁକ୍ତି ନେଇ ତାଲିମ ଓ କର୍ମଶାଳା ଏବଂ ଶିକ୍ଷାନୁଷ୍ଠାନରେ ଭିତ୍ତିଭୂମିର ବିକାଶ ନିମନ୍ତେ ସ୍ୱତନ୍ତ୍ର ଯୋଜନା ଲାଗୁ ନେଇ ସଙ୍ଗଠନ ଶ୍ରେଷ୍ଠ ବିବେଚିତ ହୋଇଛି। ଏନେଇ ନୂଆଦିଲ୍ଲୀସ୍ଥିତ 'କନ୍‌ଷ୍ଟିଚ୍ୟୁଶନ୍ କ୍ଲବ ଅଫ୍ ଇଣ୍ଡିଆ'ଠାରେ ଆୟୋଜିତ ଜାତୀୟ ସମ୍ମାନ ପ୍ରଦାନ ଉତ୍ସବରେ 'ମୋ କଲେଜ'ର ଅଧ୍ୟକ୍ଷ ଆକାଶ ଦାସନାୟକ ଉପସ୍ଥିତ ରହି ସମ୍ପୃକ୍ତ ସମ୍ମାନ ଗ୍ରହଣ କରିଛନ୍ତି। ଅଗ୍ରଣୀ 'ଏକ୍ସେଲେନ୍ସ ପାଭିଲିୟନ' ବର୍ଗରେ 'ମୋ କଲେଜ'କୁ ଏହି ସ୍କଚ୍ ସମ୍ମାନ ମିଳିଛି। ପିଆର୍ ଭୋଟିଙ୍ଗ୍, ଅନଲାଇନ ଭୋଟିଙ୍ଗ୍ ଏବଂ ଖଣ୍ଡପୀଠ ମୂଲ୍ୟାୟନ ପ୍ରକ୍ରିୟାରେ ଶ୍ରେଷ୍ଠ ବିବେଚିତ ହୋଇ ସମ୍ପୃକ୍ତ ସମ୍ମାନ ନେଇ ସଙ୍ଗଠନ ଚୟନ ହୋଇଥିଲା। ଏ ନେଇ ଅଧ୍ୟକ୍ଷ ଦାସନାୟକ କହିଛନ୍ତି, ଶିକ୍ଷାନୁଷ୍ଠାନଗୁଡ଼ିକୁ ଅଧିକ କ୍ରୀୟାଶୀଳ ଓ ବିକଶିତ କରିବା ନେଇ ଯୋଜନା କାର୍ଯ୍ୟକାରୀଠାରୁ ଏଯାବତ୍ ଆମର ଶ୍ରେଷ୍ଠ ଉଦ୍ୟମ ଜାରି ରହିଛି। ମୁଖ୍ୟମନ୍ତ୍ରୀଙ୍କ ମାର୍ଗଦର୍ଶନରେ ଏହି ଅଭିଯାନ ଆଗକୁ ଆହୁରି ଅଧିକ କାର୍ଯ୍ୟ କରିବ। ଅପରପକ୍ଷେ ସମ୍ପୃକ୍ତ 'ସ୍କଚ୍ ସମ୍ମାନ' ଏହି ଅଭିଯାନକୁ ଆଗକୁ ବଢ଼ିବାରେ ଅଧିକ ପ୍ରେରଣା ଯୋଗାଇବ ବୋଲି ପୁରସ୍କାର ଗ୍ରହଣ ପରିପ୍ରେକ୍ଷୀରେ ଅଧ୍ୟକ୍ଷ ପ୍ରକାଶ କରିଛନ୍ତି।

# ଯାତ୍ରୀବାହୀ ବସ୍ ଓଲଟିଲା, ୩୦ ଆହତ

ବେଦବ୍ୟାସ,୧୧।୨(ଆଲୋକ ସ୍ୱାଇଁ)

ରାଉରକେଲାରୁ ଗୁରୁଣ୍ଡିଆ ଯାଉଥିବା ଏକ ଯାତ୍ରୀବାହୀ ବସ୍ ରବିବାର ଭାରସାମ୍ୟ ହରାଇ ଓଲଟି ପଡିବାରୁ ୩୦ଜଣ ଯାତ୍ରୀ ଆହତ ହୋଇଛନ୍ତି। ସମସ୍ତ ଆହତ ଯାତ୍ରୀଙ୍କୁ ଚିକିତ୍ସା ପାଇଁ ଆର୍‌ଜିଏଚ୍ ଓ ଜେପି ହସ୍ପିଟାଲରେ ଭର୍ତ୍ତି କରାଯାଇଛି।

ସୂଚନା ଅନୁସାରେ, ରବିବାର ଅପରାହ୍ନରେ ବିଟୁ ନାମକ ଏକ ବସ୍ ୩୦ଜଣ ଯାତ୍ରୀଙ୍କୁ ନେଇ ରାଉରକେଲାରୁ ଗୁରୁଣ୍ଡିଆ ଯାଉଥିଲା। ଏହି ସମୟରେ ଉକ୍ତ ବସ୍ ବ୍ରାହ୍ମଣୀତରଙ୍ଗ ଥାନା ଅଧୀନ କଲୁଙ୍ଗା ବଜାର ନିକଟରେ ଏକ କାର୍ (ନଂ.ଓଡ଼ି୧୪ଜି୨୧୬୧)କୁ ଧକ୍କା ଦେଇ ଭାରସାମ୍ୟ ହରାଇ ଓଲଟି ପଡ଼ିଥିଲା। ଖବର ପାଇ ଥାନାଧିକାରୀ କ୍ଷିତିଶ ଚନ୍ଦ୍ର ପାତ୍ର ସଦଳବଳ ଘଟଣାସ୍ଥଳରେ ପହଞ୍ଚି ଆହତ ଯାତ୍ରୀଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ରାଉରକେଲା ସରକାରୀ ଡାକ୍ତରଖାନା ଓ ଜେପି ହସ୍ପିଟାଲକୁ ପଠାଇଥିଲେ। ତେବେ କୌଣସି ବସ୍ ଯାତ୍ରୀ ଗୁରୁତର ହୋଇ ନ ଥିବା ବେଳେ କାର୍‌ରେ ଥିବା ଲୋକେ ସୁରକ୍ଷିତ ଅଛନ୍ତି ବୋଲି ପୋଲିସ କହିଛି।

# 'ବିଶ୍ୱଭାରତୀ ଏକ ଚଳମାନ ଐତିହ୍ୟ'




## ବିଶ୍ୱଭାରତୀ ପ୍ରାକ୍ତନୀର ୭ମ ବାର୍ଷିକ ସାରସ୍ୱତ ସମାରୋହ

ଭୁବନେଶ୍ୱର,୧୧।୨(ଶର୍ମିଷ୍ଠା ପାଣିଗ୍ରାହୀ)

ବିଶ୍ୱଭାରତୀ ପ୍ରାକ୍ତନୀ ଓଡ଼ିଶାର ୭ମ ବାର୍ଷିକ ଉତ୍ସବ ରବିବାର ବୁଦ୍ଧମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। ସମାରୋହକୁ ମୁଖ୍ୟଅତିଥି ପଦ୍ମଶ୍ରୀ ଦେବୀପ୍ରସନ୍ନ ପଟ୍ଟନାୟକ ଉଦ୍‌ଘାଟନ କରି ବିଶ୍ୱଭାରତୀର ତତ୍କାଳୀନ ଉପାଚାର୍ଯ୍ୟ ସତ୍ୟେନ୍ଦ୍ରନାଥ ବୋଷଙ୍କ ଗୌରବୋଜ୍ଜ୍ୱଳ ସମୟ ସମ୍ପର୍କରେ ସ୍ମୃତିଚାରଣ କରିଥିଲେ। ପ୍ରାକ୍ତନୀ ମୁଖ୍ୟ ଉପଦେଷ୍ଟା ଡ. ବସନ୍ତ କୁମାର ପଣ୍ଡା ସ୍ୱାଗତ ଭାଷଣ ପ୍ରଦାନ କରି କହିଥିଲେ, ୟୁନେସ୍କୋ ପକ୍ଷରୁ ବିଶ୍ୱଭାରତୀ ଶାନ୍ତିନିକେତନକୁ ଏକ ଚଳମାନ ଐତିହ୍ୟ ଭାବେ ଯେଉଁ ଗୌରବ ପ୍ରଦାନ କରାଯାଇଛି, ସେଥିରେ ବିଶ୍ୱଭାରତୀ ପ୍ରାକ୍ତନୀ ଓଡ଼ିଶାର ସଭ୍ୟମାନେ ଗୌରବାନ୍ୱିତ ଏବଂ ଅଂଶୀଦାର। ଆଗାମୀ ଦିନରେ ଖୁବ୍‌ଶୀଘ୍ର ଚେୟାର ପ୍ରଫେସର ପ୍ରତିଷ୍ଠା ହେବା ନେଇ ସେ ସୂଚନା ଦେଇଥିଲେ। ମମତା ଷଡ଼ଙ୍ଗୀ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ସମ୍ବର୍ଦ୍ଧନା ପର୍ବରେ ଭାଷାବିତ୍ ଦେବୀପ୍ରସନ୍ନ ପଟ୍ଟନାୟକ, ଓଡ଼ିଆ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସବିତା ପ୍ରଧାନ ଏବଂ କୋରାପୁଟ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଚକ୍ରଧର ତ୍ରିପାଠୀଙ୍କୁ 'ପ୍ରାକ୍ତନୀ ସୃଜନୀ ସମ୍ମାନ' ପ୍ରଦାନ କରାଯାଇଥିଲା। ୧୯୭୬ ମସିହା ମଧ୍ୟରେ ଅଧ୍ୟୟନ କରିଥିବା ଛାତ୍ରୀଛାତ୍ରଙ୍କୁ 'ବିଶ୍ୱଭାରତୀ ଛାତ୍ରଗୌରବ ସମ୍ମାନ', ମମତା ଷଡ଼ଙ୍ଗୀଙ୍କୁ 'ଡ. ମାନସ ରଞ୍ଜନ ସ୍ମୃତି ସମ୍ମାନ' ଏବଂ ୨୦୨୩ ଏସ୍.ଏସ୍.ବି ଓ ୨୦୨୪ ଓ.ପି.ଏସ୍.ସି. ପରୀକ୍ଷାରେ ସଫଳତା ପାଇଥିବା ଛାତ୍ରୀଛାତ୍ରଙ୍କୁ 'ଛାତ୍ରପ୍ରତିଭା ସମ୍ମାନ' ପ୍ରଦାନ କରାଯାଇଥିଲା। ପୁସ୍ତକ ଉନ୍ମୋଚନ କାର୍ଯ୍ୟକ୍ରମରେ ଡ. ଧୀରେନ ଆଚାର୍ଯ୍ୟଙ୍କ କବିତା ପୁସ୍ତକ 'ସାନିଧ ଶତକ', ଲଲାଟେନ୍ଦୁ ପହିଙ୍କ 'ଏ ଟେନ୍ ମିନିଟ ଗାଇଡ ଟୁ ଇଏଚ୍‌ଆର୍ ଆଣ୍ଡ ଇଏମ୍‌ଆର୍' ଏବଂ ପ୍ରଫେସର ଆଚାର୍ଯ୍ୟ ଭବାନନ୍ଦଙ୍କ 'ଷ୍ଟଡ଼ିଜ ଇନ୍ ଫୋକ୍ କଲ୍‌ଚର୍ ଆଣ୍ଡ ଅଦର ରାଇଟିଙ୍ଗ୍‌ସ' ପୁସ୍ତକର ଲୋକାର୍ପଣ କରାଯାଇଥିଲା। ସଭାପତି ଡ. ମିହିର କୁମାର ସାହୁ କହିଥିଲେ, ବିଶ୍ୱଭାରତୀ ଶାନ୍ତିନିକେତନରେ ଅଧ୍ୟୟନ କରିଥିବା ଛାତ୍ରୀଛାତ୍ରମାନେ ଆଜି ଓଡ଼ିଶା ଭାଷା ସାହିତ୍ୟ ସୁରକ୍ଷା କ୍ଷେତ୍ରରେ ସର୍ବଦା ଅଗ୍ରଗଣ୍ୟ ଭାବେ ସାମିଲ ହୋଇଆସିଛନ୍ତି। ଡ. ଦେବାନନ୍ଦ ଦାସ, ଡ. ସୁରଞ୍ଜନ ଲେଙ୍କା ଏବଂ ଡ. ଶର୍ମିଷ୍ଠା ମହାପାତ୍ରଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମ ଶେଷରେ ପ୍ରଫେସରଅନନ୍ତକିଶୋରଜେନାଧନ୍ୟବାଦଦେଇଥିଲେ। ଡ. ନୀହାର ରଞ୍ଜନ ସାହୁ, ରବୀନ୍ଦ୍ର ବେହେରା, ଡ. ସଂଗ୍ରାମ ରାଉତ, ଡ. ଶଙ୍କର ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ।

# ଧରିତ୍ରୀ
DHARITRI

ଧରିତ୍ରୀ DHARITRI 50 Years

ଭୁବନେଶ୍ୱର, ସୋମବାର, ଫେବୃଆରୀ ୧୨/୨୦୨୪ | Bhubaneswar, Monday, February 12/2024








# ପାକ୍‌ରେ ମେଣ୍ଟ ସରକାର ପାଇଁ ଉଦ୍ୟମ

**ଇସ୍‌ଲାମାବାଦ/ ଲାହୋର,୧୧।୨(ପି.ଟି.)**


ନୱାଜ ଶରିଫ୍


ବିଲାୱଲ ଭୁଟ୍ଟୋ ଜର୍ଦ୍ଦାରୀ

ପାକିସ୍ତାନ ସାଧାରଣ ନିର୍ବାଚନରେ କୌଣସି ଦଳକୁ ସ୍ପଷ୍ଟ ବହୁମତ ନ ମିଳି ଝୁଲା ପାର୍ଲାମେଣ୍ଟ ହୋଇଛି। ଫଳରେ ମେଣ୍ଟ ସରକାର ଗଢ଼ିବା ପାଇଁ ୩ ପ୍ରମୁଖ ଦଳ ରବିବାର ଜୋର୍‌ଦାର ଉଦ୍ୟମ ଚଳାଇଛନ୍ତି। ପୂର୍ବତନ ପ୍ରଧାନମନ୍ତ୍ରୀ ଇମ୍ରାନ୍ ଖାନ୍‌ଙ୍କ ଦଳ ପାକିସ୍ତାନ ତେହରିକ୍-ଇ-ଇନ୍‌ସାଫ୍ (ପିଟିଆଇ) ସମର୍ଥିତ ପ୍ରାର୍ଥୀମାନେ ସର୍ବାଧିକ ୧୦୧ ଆସନରେ ଜିତିଥିଲେ ମଧ୍ୟ ଇମ୍ରାନ୍‌ଙ୍କୁ କ୍ଷମତାଠାରୁ ଦୂରେଇ ରଖିବା ପାଇଁ ଷଡ଼ଯନ୍ତ୍ର ଚାଲିଛି। ପୂର୍ବତନ ପ୍ରଧାନମନ୍ତ୍ରୀ ତଥା ପାକିସ୍ତାନ ମୁସଲିମ୍ ଲିଗ୍-ନୱାଜ (ପିଏମ୍ଏଲ୍-ଏନ୍) ଦଳର ଅଧ୍ୟକ୍ଷ ନୱାଜ ଶରିଫ୍‌ଙ୍କ ପଛରେ ସୈନ୍ୟବାହିନୀର ସମର୍ଥନ ରହିଥିବାବେଳେ ମିଳିତ ସରକାର ଗଢ଼ିବା ପାଇଁ ସେନା ମୁଖ୍ୟ ଜେନେରାଲ ଅସିମ୍ ମୁନିର୍ ଶନିବାର ଆହ୍ୱାନ ଦେଇଥିଲେ। ମେଣ୍ଟ ସରକାର ଗଢ଼ିବା ପାଇଁ ପିଏମ୍ଏଲ୍-ଏନ୍ ଉଦ୍ୟମ ଚଳାଇଥିବାବେଳେ ରବିବାର ଲାହୋରଠାରେ ଏହାର ନେତାମାନେ ଏମ୍‌କ୍ୟୁଏମ୍-ପି ନେତାଙ୍କ ସହ ଆଲୋଚନା କରିଛନ୍ତି। ସେମାନେ ନୀତିଗତ ଭାବେ ଏକାଠି କାମ କରିବାକୁ ସହମତ ହୋଇଥିବା ଜଣାପଡ଼ିଛି। ପିଏମ୍ଏଲ୍-ଏନ୍ ନେତା ଶୋହବାଜ ଶରିଫ୍ ଶୁକ୍ରବାର ପାକିସ୍ତାନ ପିପୁଲ୍ସ ପାର୍ଟି (ପିପିପି) ନେତା ବିଲାୱଲ ଭୁଟ୍ଟୋ ଜର୍ଦ୍ଦାରୀ ଏବଂ ଶନିବାର ଅସିଫ୍ ଅଲି ଜର୍ଦ୍ଦାରୀଙ୍କ ସହ ଆଲୋଚନା କରିଥିଲେ। ସମର୍ଥନ ବଦଳରେ ପିପିପି ନେତା ପ୍ରଧାନମନ୍ତ୍ରୀ ପଦ ଏବଂ ଗୁରୁତ୍ୱପୂର୍ଣ୍ଣ ମନ୍ତ୍ରୀ ପଦ ମାଗିଥିବା ଶେହବାଜ ତାଙ୍କ ଦଳୀୟ ନେତାମାନଙ୍କୁ କହିଛନ୍ତି। ତେବେ ପିଏମ୍ଏଲ୍-ଏନ୍ ପ୍ରଧାନମନ୍ତ୍ରୀ ପଦ ପିପିପିକୁ ଦେବା ପାଇଁ ରାଜି ନୁହେଁ। ପିପିପି ସହ ବୁଝାମଣା ବିଫଳ ହେଲେ ପିଏମ୍ଏଲ୍-ଏନ୍ ଅନ୍ୟ ଦଳ ମାନଙ୍କୁ ନେଇ ସରକାର ଗଢ଼ିପାରେ। ବର୍ତ୍ତମାନ ସ୍ଥିତିକୁ ଦୃଷ୍ଟିରେ ରଖି ଶେହବାଜଙ୍କୁ ପ୍ରଧାନମନ୍ତ୍ରୀ ଏବଂ ନୱାଜଙ୍କ ଝିଅ ମାରୟମ ଶରିଫଙ୍କୁ ପଞ୍ଜାବ ମୁଖ୍ୟମନ୍ତ୍ରୀ କରିବା ନେଇ ଆଲୋଚନା ହେଉଛି। ଅନ୍ୟପକ୍ଷରେ ପିପିପିର ସମର୍ଥନ ବିନା କେହି କେନ୍ଦ୍ର, ପଞ୍ଜାବ କିମ୍ବା ବେଲୁଚିସ୍ତାନରେ ସରକାର ଗଢ଼ିପାରିବେ ନାହିଁ ବୋଲି ବିଲାୱଲ କହିଛନ୍ତି। ଗତ ଗୁରୁବାର ପାକ୍ ନ୍ୟାଶନାଲ ଆସେମ୍ବ୍ଲି ପାଇଁ ମତଦାନ ହୋଇଥିବାବେଳେ ଫଳାଫଳ ଘୋଷଣାରେ ବିଳମ୍ବ ହେଉଥିବାରୁ ଏଥିରେ ଜାଲିଆତି ହେବା ନେଇ ବିଭିନ୍ନ ଦଳ ଅଭିଯୋଗ କରିବା ସହ ରାସ୍ତାକୁ ଓହ୍ଲାଇଥିଲେ। ରାଗିଂ ଅଭିଯୋଗ ମଧ୍ୟରେ ନିର୍ବାଚନ କମିଶନ ଭୋଟ ହୋଇଥିବା ୨୬୫ ଆସନ ମଧ୍ୟରୁ ୨୬୪ ଆସନରେ ଫଳାଫଳ ରବିବାର ପ୍ରକାଶ କରିଛନ୍ତି। ଜାଲିଆତି ଅଭିଯୋଗକୁ ନେଇ ଗୋଟିଏ ଆସନର ଫଳାଫଳ ଘୋଷଣା ହୋଇନାହିଁ। ୨୬୪ ଆସନରୁ ପିଟିଆଇ ସମର୍ଥିତ ସ୍ୱାଧୀନ ପ୍ରାର୍ଥୀ ୧୦୧ ଆସନ ଜିତିଥିବାବେଳେ ପିଏମ୍ଏଲ୍-ଏନ୍‌କୁ ୭୫ ଏବଂ ବିଲାୱଲ ଭୁଟୋ ଜର୍ଦ୍ଦାରୀଙ୍କ ପାକିସ୍ତାନ ପିପୁଲ୍ସ ପାର୍ଟି (ପିପିପି)କୁ ୫୪ ଆସନ ମିଳିଛି।

## ଆନ୍ଦୋଳନମୁହାଁ ଇମ୍ରାନ୍‌ଙ୍କ ଦଳ

ମତଦାନରେ ଜାଲିଆତି ହୋଇଥିବା ଅଭିଯୋଗ କରି ଦେଶବ୍ୟାପୀ ରିଟର୍ନିଂ ଅଫିସରମାନଙ୍କ ବିରୋଧରେ ଶାନ୍ତିପୂର୍ଣ୍ଣ ଆନ୍ଦୋଳନ କରିବା ପାଇଁ ପାକିସ୍ତାନ ତେହରିକ୍-ଇ-ଇନ୍‌ସାଫ୍ (ପିଟିଆଇ) ଅଧ୍ୟକ୍ଷ ବାରିଷ୍ଟର ଗୋହର ଅଲି ଖାନ୍ ରବିବାର ଆହ୍ୱାନ ଦେଇଛନ୍ତି। ପୂର୍ବତନ ପ୍ରଧାନମନ୍ତ୍ରୀ ଇମ୍ରାନ୍ ଖାନ୍‌ଙ୍କ ଉପରେ ପାକିସ୍ତାନ ଜନସାଧାରଣ ପୂର୍ଣ୍ଣ ଆସ୍ଥା ପ୍ରକଟ କରିଥିବା ସେ କହିଛନ୍ତି। ଏକାଧିକ ଚ୍ୟାଲେଞ୍ଜର ସମ୍ମୁଖୀନ ହେବା ସତ୍ତ୍ୱେ ପିଟିଆଇ ସପକ୍ଷରେ ସ୍ପଷ୍ଟ ଓ ସ୍ୱଚ୍ଛ ଜନାଦେଶ ଯାଇଛି। ରିଟର୍ନିଂ ଅଫିସରମାନେ ଜନାଦେଶକୁ ପ୍ରଭାବିତ କରିବା ପାଇଁ ଫଳାଫଳରେ ଜାଲିଆତି କରିବାକୁ ଉଦ୍ୟମ କରିଥିବାରୁ ଏହାକୁ ଗୋହର ନିନ୍ଦା କରିଛନ୍ତି।

# ଏ ବର୍ଷ ଭଲ ମୌସୁମୀ ବର୍ଷା

**ନୂଆଦିଲ୍ଲୀ,୧୧।୨(ପି.ଟି.)**



୨୦୨୩ରେ ପ୍ରବଳ ଗ୍ରୀଷ୍ମପ୍ରବାହ ପରେ ଆସନ୍ତା ଜୁନ୍ ସୁଦ୍ଧା ଏଲ୍ ନିନୋ ସ୍ଥିତି ଦୁର୍ବଳ ହେବାକୁ ଥିବାରୁ ଚଳିତବର୍ଷ ଭଲ ମୌସୁମୀ ବର୍ଷା ହେବା ନେଇ ପାଣିପାଗ ବିଜ୍ଞାନୀମାନେ ପୂର୍ବାନୁମାନ କରିଛନ୍ତି। ପ୍ରଶାନ୍ତ ମହାସାଗରର ବିଷୁବ ମଣ୍ଡଳୀୟ ଅଞ୍ଚଳକୁ ଉତ୍ତପ୍ତ କରୁଥିବା ଏଲ୍ ନିନୋ ସାରା ବିଶ୍ୱର ପାଣିପାଗକୁ ପ୍ରଭାବିତ କରିଥାଏ। ତେବେ ଏହା ଦୁର୍ବଳ ହେବା ଆରମ୍ଭ କରିଛି ବୋଲି ଗତ ସପ୍ତାହରେ ବିଶ୍ୱର ଦୁଇଟି ଜଳବାୟୁ ସଂସ୍ଥା ଘୋଷଣା କରିଥିଲେ। ଏଥିସହିତ ଅଗଷ୍ଟ ସୁଦ୍ଧା ଲା ନିନା ସ୍ଥିତି ସୃଷ୍ଟି ହେବା ସମ୍ଭାବନା ରହିଛି। ଜୁନ୍‌ରୁ ଅଗଷ୍ଟ ମଧ୍ୟରେ ଲା ନିନା ସ୍ଥିତି ଦେଖାଦେବାକୁ ଥିବାରୁ ଗତବର୍ଷ ତୁଳନାରେ ଚଳିତ ବର୍ଷ ଭଲ ବର୍ଷା ହେବ ବୋଲି ପାଣିପାଗ ବିଜ୍ଞାନୀ କହିଛନ୍ତି। ଏଥିସହିତ ସେମାନେ 'ସ୍ପ୍ରିଙ୍ଗ ପ୍ରେଡିକ୍ଟେବିଲିଟି ବାରିଅର' ନେଇ ସତର୍କ କରାଇଛନ୍ତି, ଯାହା ପାଣିପାଗ ସମ୍ପର୍କରେ ଠିକ୍ ପୂର୍ବାନୁମାନ କରିବାରେ ଅନ୍ତରାୟ ସୃଷ୍ଟି କରିଥାଏ। ଭୂବିଜ୍ଞାନ ମନ୍ତ୍ରଣାଳୟର ପୂର୍ବତନ ସଚିବ ମାଧବନ ରାଜୀବନଙ୍କ କହିବା ଅନୁଯାୟୀ, ଜୁନ୍-ଜୁଲାଇ ବେଳକୁ ଲା ନିନା ସୃଷ୍ଟି ହେବାର ଭଲ ସମ୍ଭାବନା ରହିଛି। ଏପରିକି ଏଲ୍ ନିନୋ ନିଷ୍କ୍ରିୟ ସ୍ଥିତିକୁ ପରିବର୍ତ୍ତନ ଜାରି ରହିଲେ ମଧ୍ୟ ପୂର୍ବ ବର୍ଷ ଅପେକ୍ଷା ଚଳିତ ବର୍ଷ ମୌସୁମୀ ଭଲ ରହିବ ବୋଲି ସେ କହିଛନ୍ତି। ଭାରତରେ ବାର୍ଷିକ ବୃଷ୍ଟିପାତର ୭୦ ପ୍ରତିଶତ ☞ପୃଷ୍ଠା-୪

## ଦୁର୍ବଳ ହେଉଛି ଏଲ୍ ନିନୋ ସ୍ଥିତି




ତୁମେ ନିଜ ଭିତରେ ପବିତ୍ରତାର ଅଗ୍ନିକୁଣ୍ଡ ଜଳାଇ କାହିଁକି ବୀରତ୍ୱର ସହିତ ତା'ଭିତରେ ପଶି ନିଜକୁ ଶୁଦ୍ଧ କରୁ ନାହଁ ? ତା'ହେଲେ ଏହି ଭୟଙ୍କର ଏବଂ ପ୍ରଚଣ୍ଡ ଧ୍ୱଂସକାରୀ ଶକ୍ତି- ଯାହାକି ସମଗ୍ର ସଭ୍ୟତାକୁ ଅନ୍ଧକାର ମଧ୍ୟରେ ନିଶ୍ଚିହ୍ନ କରିଦେବାକୁ ବସିଛି- ତାହା ଆଉ ତୁମକୁ ଆକ୍ରାନ୍ତ କରିପାରନ୍ତା ନାହିଁ। -ଶ୍ରୀମା

# ଆସିପାରନ୍ତି ବିଲାୱଲ

ପୃଥିବୀର ପ୍ରାୟ ଅର୍ଦ୍ଧେକ ଜନସଂଖ୍ୟା ଧାରଣ କରିଥିବା ୫୦ରୁ ଅଧିକ ଦେଶର ଜାତୀୟ ନିର୍ବାଚନ ୨୦୨୪ରେ ହେବାକୁ ଯାଉଛି। ସେଥିମଧ୍ୟରେ ରୁଷିଆଠାରୁ ଆରମ୍ଭକରି ଆମେରିକା, ବ୍ରିଟେନ, ଭାରତ ଓ ଦକ୍ଷିଣ ଆଫ୍ରିକା ଭଳି ରାଷ୍ଟ୍ର ରହିଛନ୍ତି। ଇତିମଧ୍ୟରେ ପାକିସ୍ତାନର ୩୩୬ ଆସନ ବିଶିଷ୍ଟ ନ୍ୟାଶନାଲ ଆସେମ୍ବ୍ଲିର ୨୬୬ ଆସନ ପାଇଁ ହୋଇଥିବା ସିଧାସଳଖ ନିର୍ବାଚନ ଶେଷ ହୋଇଛି। ସଦ୍ୟ ଘୋଷଣା କ୍ରମେ କୌଣସି ରାଜନୈତିକ ଦଳକୁ ସେଠାରେ ସଂଖ୍ୟାଗରିଷ୍ଠତା ମିଳିନାହିଁ। ସେଥିପାଇଁ ଦେଶରେ କ୍ଷମତାଶାଳୀ କୁହାଯାଉଥିବା ସେନା ମିଳିତ ସରକାର ଗଢ଼ିବା ପାଇଁ ଆହ୍ୱାନ ଦେଇଛି।

ଆଲୋଚନା ହେଉଛି, ସେନା ନିର୍ବାଚନ ପରିଚାଳନାରେ ହସ୍ତକ୍ଷେପ କରି ପୂର୍ବତନ ପ୍ରଧାନମନ୍ତ୍ରୀ ନୱାଜ ଶରିଫଙ୍କ ପାକିସ୍ତାନ ମୁସ୍‌ଲିମ ଲିଗ୍-ନୱାଜ (ପିଏମ୍‌ଏଲ୍-ଏନ୍) ଦଳକୁ ବିଜୟ କରିବା ଲାଗି ଯେତେ ଫନ୍ଦିଫିକର କରିଥିଲା ସେସବୁ ଅସଫଳ ହୋଇଛି। ଫଳ ଘୋଷଣାର ପ୍ରାରମ୍ଭିକ ଅବସ୍ଥାରେ ପୂର୍ବତନ ପ୍ରଧାନମନ୍ତ୍ରୀ ଇମ୍ରାନ୍ ଖାନ୍‌ଙ୍କ ପାକିସ୍ତାନ ତେହେରିକ୍-ଇ-ଇନ୍‌ସାଫ୍ (ପିଟିଆଇ) ସମର୍ଥିତ ସ୍ୱାଧୀନ ପ୍ରାର୍ଥୀ ଅନେକ ଆସନରେ ବିଜୟ ହୋଇଥିବା ଘୋଷଣା ହୋଇଥିଲା। ତେଣୁ ନିର୍ବାଚନ କର୍ତ୍ତୃପକ୍ଷ ଫଳାଫଳ ଘୋଷଣା ଉପରେ ସାମୟିକ ବିରତି ନେଇଥିଲେ। ତେବେ ୧୧ ଫେବୃୟାରୀରେ ବିଧିବଦ୍ଧ ଘୋଷଣା ହୋଇଥିବା ତଥ୍ୟ ଅନୁଯାୟୀ ୨୬୬ ଆସନ ମଧ୍ୟରୁ ପିଟିଆଇ ସମର୍ଥିତ ସ୍ୱାଧୀନ ପ୍ରାର୍ଥୀମାନେ ୧୦୧ ଆସନରେ ବିଜୟୀ ହୋଇଥିବା ବେଳେ ପିଏମ୍‌ଏଲ୍-ଏନ୍ ୭୫, ବିଲାୱଲ ଭୁଟ୍ଟୋଙ୍କ ନେତୃତ୍ୱାଧୀନ ପାକିସ୍ତାନ ପିପୁଲ୍ସ ପାର୍ଟି (ପିପିପି) ୫୪, ମୁତ୍ତାହିଦା କ୍ୱାମି ମୁଭ୍‌ମେଣ୍ଟ (ଏମ୍‌କ୍ୟୁଏମ୍) ୧୭ ଆସନ ଲାଭ କରିଛନ୍ତି। ଉଲ୍ଲେଖଯୋଗ୍ୟ, ପିଟିଆଇରୁ ପ୍ରାର୍ଥୀ ହେଲେ ସେମାନଙ୍କ ଜୀବନ ପ୍ରତି ବିପଦ ଥିବା ଆଶଙ୍କାରେ ଇମ୍ରାନ୍‌ଙ୍କ ଦଳର ଅନେକ ନେତା ସ୍ୱାଧୀନ ଭାବେ ଲଢ଼ିଥିଲେ। ପାକିସ୍ତାନ ନାଗରିକ ସେମାନଙ୍କୁ ଅଧିକ ଭୋଟ ଦେଇଥିବାରୁ ଇମ୍ରାନ୍‌ଙ୍କ ପ୍ରତି ସମର୍ଥନ ବେଶି ରହିଥିବା ପ୍ରତୀୟମାନ ହୋଇଛି। ଅର୍ଥାତ୍ ସାମରିକ ଶାସନ ଚାପରେ ନୁହେଁ, ଗଣତାନ୍ତ୍ରିକ ବ୍ୟବସ୍ଥାକୁ ସେମାନେ ଅପଣାଇବାକୁ ଚାହିଁଥାଇପାରନ୍ତି। ଏବେ ଶୁଣିବାକୁ ମିଳୁଛି ପିଏମ୍‌ଏଲ-ଏନ୍ ଏବଂ ପିପିପି ମିଶି ଅନ୍ୟ ଛୋଟ ଦଳରୁ କିଛି ଆସନ ଆଣି ସରକାର ଗଠନ ପାଇଁ ଉଦ୍ୟମ କରୁଛନ୍ତି। ବହୁ ଜାଗାରେ ବୁଥ୍ ରିଗିଂ ହୋଇଥିବା ଏପରିକି ସେନାର କିଛି ସଦସ୍ୟ ବାଲଟ୍ ପେପରରେ ଷ୍ଟାମ୍ପ୍ ବାଡ଼ଉଥିବା ଦୃଶ୍ୟର ଭିଡିଓ ଭାଇରାଲ ହୋଇଛି। ପାକିସ୍ତାନ ଏବେ ଘୋର ଆର୍ଥିକ ଦୁଃସ୍ଥିତି ଦେଇ ଗତି କରୁଛି। ଏହା ସହିତ ରାଜନୈତିକ ଅସ୍ଥିରତା, ସବୁ ବିଷୟରେ ସେନାର ସମ୍ପୂର୍ଣ୍ଣ ହସ୍ତକ୍ଷେପ ଓ ନିର୍ବାଚନରେ ସ୍ୱଚ୍ଛତା ବଜାୟ ନ ରହିବା ଆଦି କାରଣରୁ ସେଠାରେ ଅରାଜକତା ଭଳି ସ୍ଥିତି ଦେଖାଦେଇଛି। ଏଭଳି ସ୍ଥଳେ ବିଲାୱଲ କିଙ୍ଗ୍ ହୋଇପାରନ୍ତି ବୋଲି କେତେକ ସୂତ୍ରରୁ ଜଣାପଡୁଛି। ରାଜନୈତିକ ସମୀକରଣ ଦେଖିଲେ ଇମ୍ରାନ୍ ଓ ନୱାଜଙ୍କ ଦଳ ଅଧିକ ଆସନ ଅକ୍ତିଆର କରିଥିଲେ ମଧ୍ୟ କେହି ଏକାକୀ ସରକାର ଗଢ଼ିବା ସମ୍ଭବ ନୁହେଁ। ତେଣୁ ଉଭୟଙ୍କୁ ବିଲାୱଲ ଭୁଟ୍ଟୋଙ୍କ ସାହାରା ନେବାକୁ ପଡ଼ିବ। ଯଦି ଝୁଲା ସରକାର ହୁଏ, ଦୁଇଟି ବଡ଼ ଦଳ ପରସ୍ପରକୁ କ୍ଷମତାରୁ ଦୂରେଇ ରଖିବାକୁ ଯାଇ ବିଲାୱଲଙ୍କୁ ପ୍ରଧାନମନ୍ତ୍ରୀ ଆସନ ଯାଚିପାରନ୍ତି।

**ରାଜନୈତିକ ସମୀକରଣ ଦେଖିଲେ ଇମ୍ରାନ୍ ଓ ନୱାଜଙ୍କ ଦଳ ଅଧିକ ଆସନ ଅକ୍ତିଆର କରିଥିଲେ ମଧ୍ୟ କେହି ଏକାକୀ ସରକାର ଗଢ଼ିବା ସମ୍ଭବ ନୁହେଁ। ତେଣୁ ଉଭୟଙ୍କୁ ବିଲାୱଲ ଭୁଟ୍ଟୋଙ୍କ ସାହାରା ନେବାକୁ ପଡ଼ିବ। ଯଦି ଝୁଲା ସରକାର ହୁଏ, ଦୁଇଟି ବଡ଼ ଦଳ ପରସ୍ପରକୁ କ୍ଷମତାରୁ ଦୂରେଇ ରଖିବାକୁ ଯାଇ ବିଲାୱଲଙ୍କୁ ପ୍ରଧାନମନ୍ତ୍ରୀ ଆସନ ଯାଚିପାରନ୍ତି।**

ପାକିସ୍ତାନର ୭୬ ବର୍ଷର ଇତିହାସ ଦେଖିଲେ ସେଠାରେ ସେନା ଅନେକ ସମୟରେ କ୍ଷମତାଶାଳୀ ରହିଆସିଛି। ସାମରିକ ବିଦ୍ରୋହ ଜରିଆରେ ଶେଷ ଥର ପାଇଁ ଏହା ୧୯୯୯ରେ ନୱାଜ ଶରିଫ୍‌ଙ୍କ ସରକାରକୁ ଗାଦିଚ୍ୟୁତ କରିଦେଇଥିଲା। କିନ୍ତୁ ଚଳିତ ନିର୍ବାଚନକୁ ଦେଖିଲେ ସେନାର ହସ୍ତକ୍ଷେପ ଥିବା ସତ୍ତ୍ୱେ ସାଧାରଣ ନାଗରିକ ସ୍ୱାଧୀନ ପ୍ରାର୍ଥୀଙ୍କୁ ଭୋଟ ଦେଇ ସେମାନଙ୍କ କ୍ରୋଧ ପ୍ରକଟ କରିଥିବା କୁହାଯାଉଛି। ଯେଉଁଭଳି ଭାବେ ଇମ୍ରାନ୍ ଖାନ୍‌ଙ୍କୁ ହଇରାଣ କରାଯାଇ ଜେଲରେ ଭର୍ତ୍ତି କରାଯାଇଛି, ତାହାକୁ ପାକିସ୍ତାନ ସମେତ ଅନ୍ତର୍ଜାତୀୟ ଗଣମାଧ୍ୟମ ନିନ୍ଦା କରିଛନ୍ତି। ଏଭଳି ସ୍ଥଳେ ପାକିସ୍ତାନରେ ସେନାର ହସ୍ତକ୍ଷେପ ବନ୍ଦ ହେବ ନାହିଁ, କିଛି ପରିମାଣରେ ହ୍ରାସ ପାଇପାରେ ବୋଲି କୁହାଯାଉଛି। ଦେଶ ଏକ ଅସ୍ୱାଭାବିକ ସ୍ଥିତି ଦେଇ ଗତି କରୁଥିବା ବେଳେ ସେନା ରାଜନୈତିକ ଦଳଗୁଡ଼ିକୁ ପରିପକ୍ୱ ଓ ଏକତା ବଜାୟ ରଖିବାକୁ ଆହ୍ୱାନ ଦେଇଛି। ଏଥିରୁ ବୁଝିବାକୁ ହେବ ଯେ, ଏବର ସ୍ଥିତି ଦେଖି ସେନା ମଧ୍ୟ ଥକି ଗଲାଣି। ଗଣତନ୍ତ୍ରକୁ ଅନୁସରଣ କରା ନ ଗଲେ ଦେଶରେ ଅରାଜକତା ବଢ଼ିବ। କାରଣ ଲୋକମତକୁ ଚାପି ଦେଲେ ତାହା ଦୀର୍ଘସମୟ ଦବି ରହିପାରିବ ନାହିଁ ବୋଲି ପାକିସ୍ତାନ ସେନା ବୁଝିଥାଇପାରେ। ସେଠାକାର ଅର୍ଥନୀତିକୁ ଦେଖିଲେ ଏକ ମିଳିତ ସରକାର ଗଣତନ୍ତ୍ରକୁ ଫେରାଇ ଆଣିବା ସହିତ ଲୋକଙ୍କ ବିଶ୍ୱାସ ନିଜ ଦେଶ ଉପରେ ଦୃଢ଼ୀଭୂତ କରିପାରେ। ହୁଏତ ସେଭଳି ସକାରାତ୍ମକ ପରିସ୍ଥିତି ସୃଷ୍ଟି ହୋଇପାରିଲେ ପାକିସ୍ତାନର ଉନ୍ନତି ଘଟିପାରେ।

## su | do | ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 4 | | | | | | 7 | 1 | |
| | 2 | | | | | | | 3 |
| | | 8 | | | | 9 | 5 | |
| | | | | | | | | 4 |
| 8 | | 9 | 1 | | | | 7 | |
| | | | | | | 1 | 8 | |
| 9 | | | 8 | | 5 | | | |
| 7 | | 3 | 6 | 1 | | | 4 | |
| | 6 | 1 | | 2 | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏହି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 4 | 1 | 8 | 6 | 5 | 3 | 9 | 7 | 2 |
| 6 | 2 | 7 | 9 | 4 | 8 | 5 | 1 | 3 |
| 9 | 3 | 5 | 2 | 1 | 7 | 8 | 4 | 6 |
| 3 | 8 | 4 | 5 | 6 | 2 | 7 | 9 | 1 |
| 1 | 7 | 6 | 3 | 8 | 9 | 4 | 2 | 5 |
| 2 | 5 | 9 | 1 | 7 | 4 | 6 | 3 | 8 |
| 8 | 9 | 1 | 4 | 3 | 6 | 2 | 5 | 7 |
| 7 | 4 | 3 | 8 | 2 | 5 | 1 | 6 | 9 |
| 5 | 6 | 2 | 7 | 9 | 1 | 3 | 8 | 4 |

ଗତକାଲିର ଉତ୍ତର

# ନୀତି ନୈତିକତାର ଲକ୍ଷ୍ମଣରେଖା



ସୌଭାଗ୍ୟ ସୁନ୍ଦର ରାୟ

ନୀତି ନିୟମ ମଧ୍ୟରେ କାର୍ଯ୍ୟ କରାଗଲେ ଏହା ସମାଜ ପାଇଁ ଶୁଭଙ୍କର ହୋଇଥାଏ। ସାଧାରଣ ଜନତାଙ୍କ ନିମନ୍ତେ ମଧ୍ୟ ଉଦାହରଣ ହୋଇଥାଏ। ତେବେ ଯଦି ବା କିଛି ଅନୀତି ଅଜାଣତରେ ହୁଏ, ତାହାର ମଧ୍ୟ ଏକ ଲକ୍ଷ୍ମଣରେଖା ରହିବା ଆବଶ୍ୟକ। ନିକଟରେ ଅନୁଷ୍ଠିତ ଚଣ୍ଡିଗଡ଼ ମ୍ୟୁନିସିପାଲ କର୍ପୋରେଶନ ମେୟର ନିର୍ବାଚନରେ ନା ନୀତି ରହିଲା ନା ଅନୀତିର ଲକ୍ଷ୍ମଣରେଖା ମଧ୍ୟ ରହିଲା। ଏ ସବୁକୁ ମାଡ଼ିମକଚି ଦେଇଛନ୍ତି ରିଟର୍ନିଂ ଅଫିସର ଅନିଲ ମସି। ଚଣ୍ଡିଗଡ଼ ମ୍ୟୁନିସିପାଲ କର୍ପୋରେଶନର ମୋଟ କର୍ପୋରେଟରଙ୍କ ସଂଖ୍ୟା ୪୫। ସେଥିମଧ୍ୟରୁ ୩୫ ଜଣ ନିର୍ବାଚିତ କର୍ପୋରେଟର। ୯ ଜଣ ମନୋନୀତ କର୍ପୋରେଟର, ଯେଉଁମାନଙ୍କର ଭୋଟ ପ୍ରଦାନର ଅଧିକାର ନାହିଁ। କେବଳ ସ୍ଥାନୀୟ ଜଣେ ସାଂସଦଙ୍କର ଭୋଟଦାନ ଅଧିକାର ରହିଛି। ମେୟର ନିର୍ବାଚନ ପାଇଁ ଚଳିତ ଥର କଂଗ୍ରେସ- ଆପ୍ ମଧ୍ୟରେ ମେଣ୍ଟ ହୋଇଥିଲା। ଆପ୍‌ର ୧୨ ଜଣ କର୍ପୋରେଟର ଥିଲା ବେଳେ କଂଗ୍ରେସର ୭ ଜଣ କର୍ପୋରେଟର ଅଛନ୍ତି। ସଂଖ୍ୟାଗରିଷ୍ଠତା ଦୃଷ୍ଟିରୁ ମେଣ୍ଟ ପ୍ରାର୍ଥୀ ସୁରୁଖୁରରେ ବିଜୟୀ ହେବା ଆଶା କରାଯାଉଥିଲା। କିନ୍ତୁ ରିଟର୍ନିଂ ଅଫିସର ଅସ୍ୱାଭାବିକ ଭାବେ ୮ଟି ଭୋଟ ନାକଚ କରି ମେୟର ପଦବୀ ଭାଜପା ସପକ୍ଷକୁ ନେଇଯାଇଥିଲେ। ଭୋଟ ଦିଆଯାଇଥିବା ବାଲଟ ପେପର ମଧ୍ୟରୁ ରିଟର୍ନିଂ ଅଫିସର ଏହି ୮ଟିକୁ ବିକୃତ କରି ଭୋଟ ନାକଚ କରିଥିଲେ। ତାଙ୍କର ଏ ପ୍ରକାର ଆଚରଣ ନିଶ୍ଚିତ ଜଘନ୍ୟ। ଏହି ପରିପ୍ରେକ୍ଷୀରେ ରିଟର୍ନିଂ ଅଫିସରଙ୍କ ଆଚରଣର ଲକ୍ଷ୍ମଣରେଖା କ'ଣ ତାହା ଏବେ ନିର୍ଣ୍ଣୟ କରିବେ ସୁପ୍ରିମକୋର୍ଟ। ଅନିଲ ମସି ଭାଜପାର ସକ୍ରିୟ କର୍ମୀ ଓ ଜଣେ ମନୋନୀତ କର୍ପୋରେଟର। ସେ ସଂଖ୍ୟାଲଘୁ ମୋର୍ଚ୍ଚାର ସାଧାରଣ ସମ୍ପାଦକ ଭାବେ ୨୦୨୧ରୁ ଦାୟିତ୍ୱ ତୁଲାଉଛନ୍ତି। ଏହି ଘଟଣାରେ ସୁପ୍ରିମକୋର୍ଟଙ୍କ କଟୁ ମନ୍ତବ୍ୟ ସତ୍ତ୍ୱେ ଭାରତୀୟ ଜନତା ପାର୍ଟି ଶୀର୍ଷ ନେତୃତ୍ୱର କୌଣସି ପ୍ରତିକ୍ରିୟା ନାହିଁ। ଘଟଣାକୁ 'ଗଣତନ୍ତ୍ରର ହତ୍ୟା' ବୋଲି ଅଦାଲତ ମନ୍ତବ୍ୟ ଦେଇଛନ୍ତି। ଦଳୀୟ ପ୍ରାର୍ଥୀଙ୍କୁ କ୍ଷମତାସୀନ କରିବା ନିମନ୍ତେ ମସି ଯେଉଁ ପନ୍ଥା ଆପଣେଇଲେ ତାହା ନୀତି ବିବର୍ଜିତ। ନୀତି ନୈତିକତାର ବକ୍ତବ୍ୟ ରଖୁଥିବା ଦଳର ଜଣେ ସଦସ୍ୟଙ୍କ ଏହି ଆଚରଣ ପ୍ରତି ଭାଜପା ନୀରବ ରହିଥିବା ଆଶ୍ଚର୍ଯ୍ୟଜନକ।

ଏବେ ଆସିବା ବିଲ୍‌କିସ୍ ବାନୋ ଘଟଣାକୁ। ବିଲ୍‌କିସ୍ ଜଣେ ମୁସଲିମ୍ ମହିଳା। ଗର୍ଭବତୀ ଥିବା ସମୟରେ ୨୦୦୨ ମସିହା ଗୋଧ୍ରା ଦଙ୍ଗାରେ ସେ ଗଣବଳାତ୍କାରର ଶିକାର ହେଲେ। ତାଙ୍କ ପରିବାରର ୧୪ ଜଣ ସଦସ୍ୟ ଦଙ୍ଗାରେ ନିହତ ହେଲେ। ଏହି ଘଟଣାରେ ୧୧ ଜଣ ଦୋଷୀ ସାବ୍ୟସ୍ତ ହୋଇ ଆଜୀବନ କାରାବାସରେ ଦଣ୍ଡିତ ହେଲେ। ତେବେ ୨୦୨୨ ରେ ଗୁଜରାଟ ସରକାର ଦୋଷୀମାନଙ୍କର ଦଣ୍ଡାଦେଶ କୋହଳ କରିବା ପାଇଁ ନିଷ୍ପତ୍ତି ନେଇ ସମସ୍ତଙ୍କୁ କାରାମୁକ୍ତ କରିଥିଲେ। ନିକଟରେ ସୁପ୍ରିମକୋର୍ଟ ଏହି ମାମଲାରେ ଗୁଜରାଟ ସରକାର ନିଜ କ୍ଷମତାର ଦୁରୁପଯୋଗ କରି ଅଭିଯୁକ୍ତଙ୍କ ଦଣ୍ଡାଦେଶ କୋହଳ କରିଛନ୍ତି ବୋଲି ମନ୍ତବ୍ୟ ଦେଇ ସରକାରଙ୍କ ନିଷ୍ପତ୍ତିକୁ ରଦ୍ଦ କରି ଦେଇଛନ୍ତି। ଫଳରେ ଅଭିଯୁକ୍ତ ପୁନର୍ବାର ଜେଲ ଯାଇଛନ୍ତି। ବିଲ୍‌କିସ୍ ବାନୋ ମାମଲାର ଶୁଣାଣି ଗୁଜରାଟରେ ନ ହୋଇ ମହାରାଷ୍ଟ୍ରରେ ଚାଲିଥିଲା। ମହାରାଷ୍ଟ୍ର ଅଦାଲତ ଦଣ୍ଡାଦେଶ ଘୋଷଣା କରିଥିଲେ। ଏଣୁ ଦଣ୍ଡାଦେଶ କୋହଳ କରିବାର କ୍ଷମତା କେବଳ ମହାରାଷ୍ଟ୍ର ସରକାରଙ୍କର ରହିଛି। କିନ୍ତୁ ଗୁଜରାଟ ସରକାର ଓ ଅଭିଯୁକ୍ତ ସୁପ୍ରିମକୋର୍ଟରେ କେତେକ ତଥ୍ୟ ଲୁକ୍କାୟିତ ରଖି ଦଣ୍ଡାଦେଶ କୋହଳ କରିବାରେ ସମର୍ଥ ହୋଇଥିଲେ। ଏଣୁ ଏ କ୍ଷେତ୍ରରେ ରାଜ୍ୟ ସରକାରଙ୍କ ଆଚରଣ ଆଇନକୁ ଆଖିମିଟିକା ମାରିବା ସଦୃଶ ହୋଇଛି ବୋଲି ସୁପ୍ରିମକୋର୍ଟ କହିଛନ୍ତି। ଏ କ୍ଷେତ୍ରରେ ମହାରାଷ୍ଟ୍ର ସରକାରଙ୍କ କ୍ଷମତାକୁ ଗୁଜରାଟ ସରକାର ଅପହରଣ କରିଥିବା ପରି ମନେହୁଏ। ବିଲ୍‌କିସ୍ ବାନୋ ଅଘଟଣ ସମୟରେ ଗୁଜରାଟରେ ଭାଜପା ସରକାର ଥିଲା। ଏବେବି ଗୁଜରାଟରେ ଭାଜପା ସରକାର ରହିଛି। ତେବେ ଯେଉଁ ପରିସ୍ଥିତିରେ ଗୁଜରାଟ ସରକାର ନୀତି ନିୟମକୁ ଜଳାଞ୍ଜଳି ଦେଇ ସମସ୍ତ ଅଭିଯୁକ୍ତଙ୍କ ସଜା ସମୟ କୋହଳ କଲେ, ସେଥିନେଇ ସନ୍ଦେହ ଉପୁଜିବା ସ୍ୱାଭାବିକ। ପ୍ରଥମତଃ ଦେଖିଲେ ଏମାନେ ୧୧ ଜଣ ଭିନ୍ନ ବ୍ୟକ୍ତି। ସେମାନଙ୍କ ମାନସିକତା ଓ ଚରିତ୍ର ନିଶ୍ଚୟ ଭିନ୍ନ ହୋଇଥିବ। ତାହାଲେ ସେମାନଙ୍କ ଜେଲ ସମୟର ଆଚରଣ କିପରି ଗୋଟିଏ ସମୟରେ ପରିବର୍ତ୍ତନ ହୋଇଗଲା, ଯଦ୍ୱାରା ସରକାର ଗୋଟିଏ ସମୟରେ ସମସ୍ତଙ୍କ ସଜା କୋହଳ କରି ସେମାନଙ୍କୁ ମୁକ୍ତ କରିଦେଲେ। ସଜା ସମୀକ୍ଷା ପାଇଁ ଗୁଜରାଟ ସରକାର ଯେଉଁ କମିଟି ଗଠନ କରିଥିଲେ, ସେଥିରେ ଦୁଇ ଜଣ ସଦସ୍ୟ ଶାସନ କ୍ଷମତାରେ ଥିବା ଭାଜପା ବିଧାୟକ ଥିଲେ। ଏହା ନିର୍ବାଚନରେ ସହାୟକ ହେବ ବୋଲି ଆଶା କରି ସଜା କୋହଳ କରାଯାଇଥିବା ମନେକରାଯାଏ। ଏହା ପରେ ୨୦୨୨ ଡିସେମ୍ବରରେ ଗୁଜରାଟରେ ବିଧାନସଭା ପାଇଁ ନିର୍ବାଚନ ହେଲା। ଭାଜପା ପୁନର୍ବାର କ୍ଷମତାସୀନ ହେଲା। ଏହି ଅପରାଧୀଙ୍କର ସଜା କୋହଳ ରାଜନୈତିକ ଦୃଷ୍ଟିକୋଣରୁ କରାଯାଇଥିଲା ବୋଲି ଜଣାପଡୁଛି, ଯାହା ଆଇନ ବ୍ୟବସ୍ଥା ପ୍ରତି କୁଠାରାଘାତ ସଦୃଶ।



ସେହିପରି ବଳାତ୍କାର ଓ ହତ୍ୟା ଘଟଣାରେ ଅଭିଯୁକ୍ତ ଡେରା ସଚ୍ଚା ସୌଦା ମୁଖ୍ୟ ଗୁରୁମିତ ରାମ ରହିମ ସିଂହଙ୍କୁ ନିକଟରେ ହରିୟାଣା ସରକାର ୫୦ ଦିନ ପାଇଁ ପାରୋଲ ଅନୁମତି ପ୍ରଦାନ କରିଛନ୍ତି। ଗତ ୨ ବର୍ଷରେ ୭ ପର୍ଯ୍ୟାୟରେ ରାମ ରହିମ ୨୩୨ ଦିନ ପାଇଁ ପାରୋଲ ପାଇଲେଣି। ୨୦୨୨ରୁ ଏହି ଧାରା ଆରମ୍ଭ ହୋଇ ଜାରି ରହିଛି। ପଞ୍ଜାବ ବିଧାନସଭା ନିର୍ବାଚନ, ହରିୟାଣା ମ୍ୟୁନିସିପାଲ ନିର୍ବାଚନ, ହରିୟାଣା ପଞ୍ଚାୟତ ନିର୍ବାଚନ, ରାଜସ୍ଥାନ ବିଧାନସଭା ନିର୍ବାଚନ ସମୟରେ ସେ ପାରୋଲ ପାଇଛନ୍ତି। ଏବେ ଯେଉଁ ଅବଧିର ପାରୋଲ ସେ ପାଇଛନ୍ତି, ସେହି ସମୟ ମଧ୍ୟରେ ଦେଶରେ ସାଧାରଣ ନିର୍ବାଚନ ହେବାକୁ ଯାଉଛି। ସାଧାରଣତଃ ସଜା କାଟୁଥିବା ଜଣେ ଅଭିଯୁକ୍ତକୁ କେତେକ ଜରୁରିକାଳୀନ ପରିସ୍ଥିତିରେ ପାରୋଲ ବା ଫର୍ଲୋ ଦିଆଯାଇଥାଏ। ଏହା ଏକ ଆଇନଗତ ବ୍ୟବସ୍ଥା। ନିର୍ଦ୍ଦିଷ୍ଟ ସମୟର ସଜା ଭୋଗ କରିସାରିବା ପରେ ରାଜ୍ୟର ଜେଲ ନିୟମାବଳୀ ଅନୁଯାୟୀ ଏହି ବ୍ୟବସ୍ଥା ଲାଗୁ ହୋଇଥାଏ। ଏଥିପାଇଁ ସଜା ସମୟରେ ଦୋଷୀର ଆଚରଣ ଓ ଚରିତ୍ରକୁ ମୁଖ୍ୟତଃ ବିଚାରକୁ ନିଆଯାଇଥାଏ ଓ କିଛି ସର୍ତ୍ତ ରଖାଯାଇଥାଏ। ପାରୋଲ ପାଇଁ ଅଭିଯୁକ୍ତ ଦାବି କରିଥାଏ। କିନ୍ତୁ ଏହା ତାହାର ଏକ ଅଧିକାର ନୁହେଁ। ପାରୋଲରେ ଯିବା ପାଇଁ ଅଭିଯୁକ୍ତ ଯୋଗ୍ୟ ବୋଲି ସରକାରଙ୍କ ହୃଦ୍‌ବୋଧ ହେବା ପରେ ଏଥିପାଇଁ ଅନୁମତି ମିଳିଥାଏ। ରାମ ରହିମ୍‌ଙ୍କ କ୍ଷେତ୍ରରେ କେଉଁ କାରଣରୁ ଏକାଧିକ ଥର ପାରୋଲ ଅନୁମତି ପ୍ରଦାନ କରାଯାଉଛି ? ଏହାର ପ୍ରମୁଖ କାରଣ ହେଉଛି ରାଜନୈତିକ ଆଭିମୁଖ୍ୟ। ନିର୍ବାଚନ ସମୟରେ ହିଁ ତାଙ୍କୁ ପାରୋଲ ଅନୁମତି ପ୍ରଦାନ କରାଯାଉଥିବା ପୂର୍ବରୁ ଦେଖାଯାଇଛି। ଚଳିତ ଥର ମଧ୍ୟ ତାହା ହୋଇଛି। ଲୋକ ସଭା ନିର୍ବାଚନ ପାଇଁ ମାର୍ଚ୍ଚ ମାସରେ ପ୍ରାୟତଃ ଆନୁଷ୍ଠାନିକ ଘୋଷଣାନାମା ପ୍ରକାଶ ପାଇ ଆଚରଣବିଧି ଲାଗୁ ହେବାର ସମ୍ଭାବନା ରହିଛି। ଏହାର ଅବ୍ୟବହିତ ପୂର୍ବରୁ ଡେରା ସୌଚା ସୌଦା ମୁଖ୍ୟଙ୍କୁ ହରିୟାଣା ସରକାର ବାହାରକୁ ଆଣିବା ପାଇଁ ପଦକ୍ଷେପ ନେଲେ। ଡେରାର ଅନୁଗାମୀ ବିଭିନ୍ନ ରାଜ୍ୟରେ ଭାଜପା ପାଇଁ କାର୍ଯ୍ୟରେ ନିୟୋଜିତ ହୋଇପାରିବେ, ଯାହା ପୂର୍ବ ନିର୍ବାଚନରେ ହୋଇଥିଲା। ପାରୋଲରେ ଆସିବା ପରେ ରାମ ରହିମ ଏବେ ପ୍ରବଚନ ଦେଉଛନ୍ତି।

ଉପରୋକ୍ତ ଘଟଣା ସମୂହ ଗୋଟିଏ ସଙ୍କେତ ଦେଉଛି ଯେ ରାଜନୀତି ନିଜକୁ ସୁହାଇବା ପରି ଏକ ନୀତିରେ ପରିଣତ ହୋଇଗଲାଣି। ଏହି ନୀତି ନିଜ ଦଳ ପାଇଁ ଗୋଟିଏ ହୋଇଥିବାବେଳେ ଅନ୍ୟ ଦଳ ପାଇଁ ଭିନ୍ନ ଭାବେ ଲାଗୁ ହୋଇଥାଏ। ଅର୍ଥାତ୍ ସମାନ ଆଚରଣ ପାଇଁ ନିଜ ଦଳ ନିମନ୍ତେ ଯାହା ଲାଗୁ ହୋଇଥାଏ, ଅନ୍ୟ ଦଳ ପାଇଁ ତାହା ଲାଗୁ ହୋଇନଥାଏ। ଉଭୟ କ୍ଷେତ୍ରରେ ତାହାର ତର୍ଜମା ଭିନ୍ନ ହୋଇଥାଏ। ରାଷ୍ଟ୍ରର ବିକାଶ ଓ ଆଇନଶୃଙ୍ଖଳା ବଜାୟ ରଖିବା ପାଇଁ ପ୍ରତିଶ୍ରୁତିବଦ୍ଧ ଥିବା ଭାଜପାର ଦୁଇ ରାଜ୍ୟ ସରକାର ଓ ଚଣ୍ଡିଗଡ଼ ମ୍ୟୁନିସିପାଲ କର୍ପୋରେଶନ ନିର୍ବାଚନରେ ଦଳୀୟ ସଦସ୍ୟଙ୍କ ଉପରୋକ୍ତ ଆଚରଣକୁ ଗ୍ରହଣ କରିହେଉ ନାହିଁ। ଯେ କୌଣସିମତେ ବିରୋଧୀ ପକ୍ଷଙ୍କୁ ହଟାଇ କ୍ଷମତାରେ ରହିବା ପାଇଁ ଭାଜପା ପ୍ରତିଶ୍ରୁତିବଦ୍ଧ ଥିବା ପରି ମନେହେଉଛି। ଏଥିପାଇଁ ନୀତି, ନୈତିକତା ଆଦିକୁ ଜଳାଞ୍ଜଳି ଦିଆଯାଇପାରେ। ମାମଲା ଅଦାଲତକୁ ଯାଇ ରାୟ ଆସିବାରେ ବିଳମ୍ବ ହେବ। ସେହି ସମୟ ମଧ୍ୟରେ ଦଳ ନିଜର ଲକ୍ଷ୍ୟ ଅନେକାଂଶରେ ହାସଲ କରିସାରିଥିବ। ଏହା ଗଣତନ୍ତ୍ର ପାଇଁ ହିତ ନୁହେଁ।

ମୋ: ୯୪୩୭୨୨୯୨୩୩

# ସାମ୍ପ୍ରତିକ ସମୟରେ ମୃତ୍ତିକା ସୁରକ୍ଷା



ଡି ଶୁଭମ

ମାଟି ନ ଥିଲେ ଚାଷ ନ ଥାନ୍ତା। ଆଉ ଚାଷ ନ ଥିଲେ ଜୀବ ନ ଥାନ୍ତା। ଏକଥା କାହାକୁ ବା ଅଜଣା। ମାଟିକୁ ମା' ବୋଲି ଅଭିହିତ କରାଯାଏ। ଏଇଠାରୁ ହିଁ ଜୀବନ ଜିଇବାର ଅଧ୍ୟାୟ ଆରମ୍ଭ ହୁଏ। ମାଟି ଚାଷର ଅନ୍ତୁଡ଼ିଶାଳ। ମାଟିର ଉର୍ବରତା ବୃଦ୍ଧି ହିଁ ଉତ୍ପାଦନର ହାରକୁ ଦ୍ୱିଗୁଣିତ କରେ। ପରନ୍ତୁ ସାମ୍ପ୍ରତିକ ସମୟରେ ଅନେକ ସମସ୍ୟା ହେତୁ ମୃତ୍ତିକାର ଉର୍ବରତା ହାର ହ୍ରାସ ପାଇବା ସହ ଉତ୍ପାଦକତା କମୁଛି। ମୃତ୍ତିକା ଖଣିଜ ଲବଣ, ପାଣି, ବାୟୁ, ଜୈବିକ ପଦାର୍ଥ ତଥା ଅଣୁଜୀବମାନଙ୍କ ସମାହାରରେ ଗଠିତ। କହିବାକୁ ଗଲେ ଏହି ପାଞ୍ଚଟି ଉପାଦାନକୁ ନେଇ ମାଟିର ସଂଜ୍ଞା ନିରୂପଣ କରାଯାଏ। ଭାରତର ମୋଟ ଭୌଗୋଳିକ କ୍ଷେତ୍ର (ପାଖାପାଖି ୩୨୮.୭ ନିୟୁତ ହେକ୍ଟର)ର ୨୯% (୯୬ ନିୟୁତ ହେକ୍ଟର) ଏଯାବତ୍ ନଷ୍ଟ ହୋଇଛି। ଏ ସମ୍ବନ୍ଧୀୟ ବିଭିନ୍ନ କାରଣ ଏଠାରେ ଉପସ୍ଥାପନ କରୁଛି।

ମୃତ୍ତିକାରେ ଲବଣୀକରଣ ବା ସାଲିନିଟି ଏକ ପ୍ରମୁଖ ସମସ୍ୟା। ଏହା ଫସଲ ବଢ଼ିବାକୁ ଠିକ୍ ଭାବରେ ଦିଏ ନାହିଁ। ଲବଣ ଜମିରେ ଫସଲର ଅମଳ ପରିମାଣ କମାଇଦେଇଥାଏ। ତେଣୁ ଏହାକୁ କିପରି ଠିକ୍ ଭାବରେ ସମାଧାନ କରାଯାଇପାରିବ, ମୃତ୍ତିକାରେ ଲବଣର ପରିମାଣକୁ ଅନୁପାତ ଅନୁସାରେ ରଖାଯାଇପାରିଲେ ଫସଲର ଗୁଣାତ୍ମକ ମାନ ବୃଦ୍ଧି ହୋଇପାରିବ। ଏକ ସର୍ବେକ୍ଷଣରୁ ଜଣାଯାଇଛି ଯେ ୧୯୯୦ରୁ ୨୦୧୪ ମସିହା ମଧ୍ୟରେ ପାଖାପାଖି ୫୦୦୦ଏକର ଜମି ଏହି ଲବଣୀକରଣ ସମସ୍ୟା ଯୋଗୁ ନଷ୍ଟ ହୋଇଛି। ତେଣୁ ଆଜିର ଦିନରେ ଏ ଲବଣୀକରଣର ସମାଧାନ ଏକ ଆହ୍ୱାନ।

ଚାଷୀଭାଇମାନେ ଜମିରେ ରାସାୟନିକ ସାର ପ୍ରୟୋଗ କରି ଅଧିକ ଫସଲ ଅମଳ କରିପାରୁଥିଲେ ମଧ୍ୟ ମାଟିର ଉର୍ବରତା ପ୍ରତି ସାଧାରଣତଃ ଦୃଷ୍ଟି ଦିଅନ୍ତି ନାହିଁ। କାରଣ ରାସାୟନିକ ସାର ଫସଲକୁ ତା'ର ଆବଶ୍ୟକତା ଅନୁସାରେ ସମସ୍ତ ପୋଷକ ତତ୍ତ୍ୱ ପ୍ରଦାନ କରିପାରିଲେ ମଧ୍ୟ ଏହି ଉର୍ବରତା କ୍ଷଣସ୍ଥାୟୀ ହୋଇଥାଏ। ୧୯୭୩, ୧୯୮୫ ଏବଂ ୨୦୦୬ରେ ଯଥାକ୍ରମେ ୩୧, ୩୮ଏବଂ ୫୬ ଟନ୍ ହେକ୍ଟର ପ୍ରତି ମୃତ୍ତିକା କ୍ଷୟ ବୃଦ୍ଧି ପାଇଲା। ମାଟିର ଉର୍ବରତା ବଜାୟ ରଖିବା ପାଇଁ ରାସାୟନିକ ସାରର ସମୁଚିତ ପ୍ରୟୋଗ କରିବା ସଙ୍ଗେସଙ୍ଗେ ଜମିରେ ଜୈବିକ ସାର ମଧ୍ୟ ପ୍ରୟୋଗ କରାଯିବା ନିତାନ୍ତ ଆବଶ୍ୟକ। ସମ୍ପ୍ରତି ଦେଶରେ ୧୨୦.୭ ମିଟର ହେକ୍ଟର ଚାଷ ଜମି ଅବନତି ଦ୍ୱାରା ପ୍ରଭାବିତ ହୋଇଛି। ସେଥିମଧ୍ୟରୁ ୮୫.୭ ମିଟର ହେକ୍ଟର ଜମି ଜଳ ଏବଂ ପବନ ଦ୍ୱାରା ମୃତ୍ତିକା କ୍ଷୟ ହୋଇଛି। ୨୦୦୧ରୁ ୨୦୨୧ପର୍ଯ୍ୟନ୍ତ ଜଙ୍ଗଲ ନଷ୍ଟ, ମାତ୍ରାଧିକ ବର୍ଷା, ଗୋରୁ ତଥା ଅଧିକ ସାରର ବ୍ୟବହାର ମଧ୍ୟ ଅନ୍ୟାନ୍ୟ କାରଣ ମଧ୍ୟରେ ଅନ୍ତର୍ଭୁକ୍ତ। ବର୍ତ୍ତମାନ ସମୟରେ ଆଶାତୀତ ଭାବରେ ଯେପରି ରାସାୟନିକ ସାର ବ୍ୟବହାର କରାଯାଉଛି ଏହା ମୃତ୍ତିକାର ମାନ ହ୍ରାସ କରିବା ସହ ଆମ ଶରୀରର ବି ହାନି କରୁଛି ଏକଥାକୁ ବୁଝିବାର ସମୟ ଆସିଛି।



ଉତ୍ପାଦନକୁ ସର୍ବାଧିକ ଗୁରୁତ୍ୱ ଦେଇ ଚାଷୀମାନେ ଉତ୍ପାଦିତ ଫସଲକୁ ଠିକ୍ ଭାବରେ ବିକ୍ରୟ କରିବାକୁ ଶତ ଚେଷ୍ଟା କରି ମଧ୍ୟ ବିଫଳ ହୁଅନ୍ତି। କିଛିବର୍ଷ ହେବ ଜଳବାୟୁ ପରିବର୍ତ୍ତନ କୃଷି କ୍ଷେତ୍ରରେ ଏକ ଭୟଙ୍କର ପରିସ୍ଥିତି ସୃଷ୍ଟି କରିଛି। ସମୟ ଥିଲା ଖରାଦିନେ ଖରା, ବର୍ଷା ଦିନେ ବର୍ଷା ଆଉ ଶୀତ ଦିନେ ଶୀତ - ଏସବୁ ଠିକ୍ ଭାବରେ ଲୋକେ ଅନୁଭବ କରିପାରୁଥିଲେ। ଆଜି ଆମେ ଆଷାଢ଼ର ଧାରା ଶ୍ରାବଣ ସମୟରେ ନିଦାଘର ତାପକୁ ଅନୁଭବ କରୁଛୁ। ଜଳବାୟୁ ପରିବର୍ତ୍ତନ କୃଷିକୁ ଏବେ ଏକ ଅବନତି ଦିଗରେ ଟାଣି ନେଲାଣି।

ଜୈବ ବିବିଧତା ମୃତ୍ତିକା ଗଠନରେ ସାହାଯ୍ୟ କରେ। ଏହା ଭୂତଳ ଜଳ ସଂରକ୍ଷଣ, ମାଟିର ସଂରଚନା, ଗଠନ, ଉର୍ବରତାଠାରୁ ଆରମ୍ଭ କରି ପରିବେଶ ସନ୍ତୁଳନରେ ମୁଖ୍ୟ ଭୂମିକା ନେଇଥାଏ। ଜଳବାୟୁ ପରିବର୍ତ୍ତନ ଏବଂ ମୃତ୍ତିକାର ପରିଚାଳନା ପରସ୍ପର ସହ ଜଡିତ ପ୍ରକ୍ରିୟା। ଗ୍ଲୋବାଲ ୱାର୍ମିଂ - ଏବେ ଏକ ପରିଚିତ ଶବ୍ଦ। ଆମେ ଏହା ବିଷୟରେ ଏବେ ପାଠ ପଢୁଛନ୍ତି କିନ୍ତୁ ଏହାର କୁପ୍ରଭାବ ବିଷୟରେ ଅବଗତ ହେବା ବି ସେତିକି ଜରୁରୀ। କାରଣ ଗ୍ଲୋବାଲ ୱାର୍ମିଂ ଆମ ଜଳବାୟୁ ପରିବର୍ତ୍ତନର ପ୍ରଥମ ଓ ମୁଖ୍ୟ କାରଣ। ମୃତ୍ତିକାର ଗୁଣବତ୍ତା ହ୍ରାସ ହେବା ସହ ତାପମାତ୍ରା, ବର୍ଷାର ପରିମାଣ ଏବଂ ରୋଗ ପୋକର ଅଚାନକ ବୃଦ୍ଧି ଏସବୁର ମୁଖ୍ୟ କାରଣ ଜଳବାୟୁ ପରିବର୍ତ୍ତନ। ଏହାର ପ୍ରଭାବ ବି ମାଟିର ଗଠନ ଉପରେ ପଡ଼ିବା ଯୋଗୁ ତାହା ପ୍ରଭାବିତ ହେଉଛି।

ଏସବୁକୁ ଦେଖିଲେ ଏହା ସ୍ପଷ୍ଟ ଭାବେ ଅନୁମେୟ ଯେ ମୃତ୍ତିକା କ୍ଷୟ ଏକ ବଡ଼ ଧରଣର ବିପର୍ଯ୍ୟୟ ସୃଷ୍ଟି କରିବାକୁ ଯାଉଛି। କାରଣ ମାଟି ନ ଥିଲେ ଚାଷର ପରିକଳ୍ପନା କରିବା ଏକ ଅସମ୍ଭବ ବ୍ୟାପାର। ତେଣୁ ମୃତ୍ତିକା ସୁରକ୍ଷା ଦିଗରେ ସଭିଏ ଆଗଭର ହେବା ଆବଶ୍ୟକ। ପରିବେଶ ସ୍ଥିରତା ପାଇଁ ମୃତ୍ତିକା ସଂରକ୍ଷଣ ହେଉଛି ଚାବିକାଠି। ଏହା ପ୍ରାକୃତିକ ସମ୍ପଦକୁ ସୁରକ୍ଷା କରିବାରେ ସାହାଯ୍ୟ କରେ, ଉଦ୍ଭିଦ ଏବଂ ବନ୍ୟଜନ୍ତୁଙ୍କ ପାଇଁ ବାସସ୍ଥାନ ପୁନରୁଦ୍ଧାର କରେ, ଜଳର ଗୁଣବତ୍ତା ଉନ୍ନତ କରେ ଏବଂ ମୃତ୍ତିକାକୁ ସୁସ୍ଥ କରିଥାଏ। ନୋ-ଟିଲ୍ ଚାଷ ଉଚ୍ଚ ତାପମାତ୍ରା ହେତୁ ମୃତ୍ତିକାକୁ ଆର୍ଦ୍ରତା କ୍ଷୟରୁ ରକ୍ଷା କରିଥାଏ କାରଣ କଭର କ୍ରପ୍ ବା ଆଚ୍ଛାଦିତ ଫସଲର ଅବଶିଷ୍ଟ ଅଂଶ ମାଟି ପୃଷ୍ଠରେ ରହିଥାଏ। ଅବଶିଷ୍ଟ ସ୍ତର ମଧ୍ୟ ମାଟିରେ ଜଳ ପ୍ରବେଶ କରିବାରେ ସାହାଯ୍ୟ କରେ ଏବଂ ମାଟିକୁ ଆହୁରି ସମୃଦ୍ଧ କରିଥାଏ। ଏହା ସହ ଟେରାସ୍ ଚାଷ ହେଉଛି ଏକ କୃଷି ଅଭ୍ୟାସ, ଯାହା ଫସଲ ପାଇଁ ଜଳଧାରଣ ପ୍ରଣାଳୀ ସୃଷ୍ଟି କରେ। ଏହା ଦ୍ୱାରା ବର୍ଷା ଜଳ ପୁଷ୍ଟିକର ଖାଦ୍ୟ ଏବଂ ଉଦ୍ଭିଦକୁ ଗୋଟିଏ ଟେରାସ୍‌ରୁ ଅନ୍ୟ ସ୍ଥାନକୁ ନେଇଥାଏ, ତେଣୁ ମାଟି ସୁସ୍ଥ ରହିଥାଏ। ଟେରାସ୍ ଚାଷ ମଧ୍ୟ ମୃତ୍ତିକା କ୍ଷୟକୁ ହ୍ରାସ କରିଥାଏ ଏବଂ ମୃତ୍ତିକା ଉତ୍ପାଦକତାକୁ ବୃଦ୍ଧି କରିଥାଏ। ଏହା ସହ ବଫର ଷ୍ଟ୍ରିପ୍ସ୍, କଣ୍ଟୋର ଚାଷ, ଫସଲ ଘୂର୍ଣ୍ଣନ ବା କ୍ରପ୍ ରୋଟେଶନ୍ ପରି ବିଭିନ୍ନ ଉପାୟ ଅବଲମ୍ବନ କରି ଆମେ ମାଟିକୁ ରକ୍ଷା କରିପାରିବା। ଏ ଦିଗରେ ସମସ୍ତଙ୍କର ମିଳିତ ସହଭାଗିତା ଏକାନ୍ତ ଆବଶ୍ୟକ। କାରଣ ମାଟି ରହିଲେ ଜୀବ ବଞ୍ଚିବାର ରାହା ପାଇବ। ପୁଣିଥରେ ପରିବେଶ ସବୁଜିମାର ମହକରେ ମହକି ଉଠିବ।

**ଜୈବ ନିରୀକ୍ଷକ, ଓଡ଼ିଶା ରାଜ୍ୟ ଜୈବ ପ୍ରମାଣନ ସଂସ୍ଥା, ଭୁବନେଶ୍ୱର**
**ମୋ : ୯୪୩୮୪୬୭୦୭୯**

## ଏଇ ଭାରତରେ

କୁହାଯାଏ କର୍ତ୍ତବ୍ୟ ହେଉଛି କର୍ମଚାରୀଙ୍କ ପାଇଁ ସର୍ବୋତ୍ତମ ଏବଂ ଗୁରୁତ୍ୱପୂର୍ଣ୍ଣ। ମାତ୍ର ବେଳେବେଳେ ପ୍ରଥା ପରମ୍ପରା ଆଗରେ ଏହି କର୍ତ୍ତବ୍ୟବୋଧ ତୁଚ୍ଛ ପାଲଟି ଯାଇଥାଏ। ଏହାର ସଦ୍ୟତମ ଉଦାହରଣ ରେଲ୍‌ୱେର ମୁମ୍ବାଇ ଡିଭିଜନରେ ଦେଖିବାକୁ ମିଳିଛି। ସହକର୍ମୀ ମୁରଲୀଧର ଶର୍ମାଙ୍କ ମୃତ୍ୟୁ ଯୋଗୁ ଏହି ଡିଭିଜନର ମୋଟରମ୍ୟାନ ଡ୍ୟୁଟିରେ ନ ରହିବାରୁ ୧୪୭ ଟ୍ରେନ ବାତିଲ ହୋଇଥିଲା। ଏହି ଘଟଣା ଶନିବାର ଘଟିଥିଲା। ବାଇକୁଲ୍ଲା ଏବଂ ସେଣ୍ଡହର୍ଷ୍ଟ ରୋଡ ଷ୍ଟେଶନ ମଧ୍ୟରେ ସେଣ୍ଟ୍ରାଲ ଏବଂ ହାରବର୍ ଲାଇନ ଉପରେ ଉପାନ୍ତ ସହର ଟ୍ରେନ ସେବା ବିଳମ୍ବିତ ହୋଇଥିଲା। ଅନେକ କର୍ମଚାରୀ (ମୋଟରମ୍ୟାନ) ଶର୍ମାଙ୍କ ଅନ୍ତିମ ସଂସ୍କାରରେ ଯୋଗଦେବାକୁ ଚାଲିଯାଇଥିଲେ। ସନ୍ଧ୍ୟାରେ ରେଳ ସେବାରେ ବିଳମ୍ବ ଯୋଗୁ ବହୁ ଯାତ୍ରୀ ଅଟକି ରହିଥିଲେ। ଜଣେ ଅଧିକାରୀ କହିଛନ୍ତି, ଟ୍ରେନ ବିଳମ୍ବ ହେବାର କାରଣ ଅନେକ ମୋଟରମ୍ୟାନ କଲ୍ୟାଣ ଯାଇ ଶର୍ମାଙ୍କ ଅନ୍ତିମ ସଂସ୍କାରରେ ଯୋଗଦେଇଥିଲେ। ଶୁକ୍ରବାର ଟ୍ରାକ ଅତିକ୍ରମ କରୁଥିବାବେଳେ ଶର୍ମାଙ୍କର ମୃତ୍ୟୁ ଘଟିଥିଲା। ଶର୍ମାଙ୍କ ଶେଷକୃତ୍ୟରେ ବିଳମ୍ବ ହେବାରୁ ୮୮ ଟି ସ୍ଥାନୀୟ ଟ୍ରେନ ସେବା ସମେତ ପ୍ରାୟ ୧୪୭ ଟି ଟ୍ରେନ ବାତିଲ କରାଯାଇଥିଲା।

## ୫୦ ବର୍ଷ ତଳର ଧରିତ୍ରୀ

୧୨ ଫେବୃଆରୀ ୧୯୭୫

- କଶ୍ମୀରର ଭାବୀ ରାଜନୈତିକ ବ୍ୟବସ୍ଥା ସମ୍ପର୍କରେ ଶେଖ୍ ଅବ୍‌ଦୁଲାଙ୍କ ସହିତ ଦୀର୍ଘକାଳ ବ୍ୟାପୀ ଆଲୋଚନା ପରେ ସମ୍ପନ୍ନ ହୋଇଥିବା ରାଜିନାମାକୁ କେନ୍ଦ୍ର ମନ୍ତ୍ରିମଣ୍ଡଳର ରାଜନୈତିକ ବ୍ୟାପାର କମିଟି ଅନୁମୋଦନ କରିଛନ୍ତି।
- ଭାରତ ସୋଭିଏତ ୟୁନିୟନ ମଧ୍ୟରେ ବୈଜ୍ଞାନିକ ଓ କାରିଗରି ସହଯୋଗ ବୃଦ୍ଧି କରିବା ଉଦ୍ଦେଶ୍ୟରେ ଏକ ରାଜିନାମା ସ୍ୱାକ୍ଷରିତ।

## ଚିରନ୍ତନୀ

ବରଷା ଆସିଲା ଚଷା
କି ଭାବନା କରେ ବସି
ଚୁଲିରେ ପଶଇ ପାଣି
ଅଧେ ଚାଳ ପଡେ ଖସି।
-(ଚାଷୀର ଭାଗ୍ୟ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ଜରି ପତାକା ନିଷିଦ୍ଧ କରାଯାଉ

ମହାଶୟ,

ବର୍ତ୍ତମାନ ଆସନ୍ତା ନିର୍ବାଚନ ପରିପ୍ରେକ୍ଷୀରେ ବିଭିନ୍ନ ରାଜନୈତିକ ଦଳ ଗାଁଠାରୁ ଆରମ୍ଭ କରି ସହର ବିଭିନ୍ନ ସ୍ଥାନରେ ସଭାସମିତି କରୁଛନ୍ତି। ଦଳୀୟ ଚିହ୍ନ ଥିବା ଜରି ପତାକାମାନ ସୁତୁଲିରେ ଗୁଡ଼ାଇ ଟେଲିଫୋନ ଖୁଣ୍ଟି, ଇଲେକ୍ଟ୍ରିକ୍ ଖୁଣ୍ଟି ଓ କାନ୍ଥକୁ କାନ୍ଥ, ଗଛକୁ ଗଛ ଆଦିରେ ବାନ୍ଧୁଛନ୍ତି। ସଭା ସରିଗଲା ପରେ ପତାକାଗୁଡିକ ଛିଣ୍ଡି ରାସ୍ତାରେ ପଡ଼ିରହୁଛି। ଜରି ପତାକା ଯୋଗୁ ପ୍ରଦୂଷଣ ହେଉଛି। ତେଣୁ ସେଗୁଡ଼ିକର ବ୍ୟବହାର ନିଷିଦ୍ଧ କରାଯାଉ।

**-କହ୍ନେଇ ଚରଣ ନନ୍ଦୀ, ଶେରଗଡ଼, ବାଲେଶ୍ୱର**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# କଗ୍ନିଜେଣ୍ଟ ଟେକ୍ନୋଲୋଜିର ଭୁବନେଶ୍ୱର କେନ୍ଦ୍ରକୁ ଉଦ୍‌ଘାଟନ କଲେ ମୁଖ୍ୟମନ୍ତ୍ରୀ




## ଓଡ଼ିଶାର ପ୍ରଗତି ଯାତ୍ରାର ଏହା ଆଉ ଏକ ସଫଳ କାହାଣୀ: ନବୀନ

**ଭୁବନେଶ୍ୱର,୧୧।୨(ସୁନିତ୍ ମିଶ୍ର)** ବିଶ୍ୱର ଅନ୍ୟତମ ଅଗ୍ରଣୀ ପ୍ରଯୁକ୍ତିବିଦ୍ୟା ସେବା ପ୍ରଦାନକାରୀ କମ୍ପାନୀ କଗ୍ନିଜେଣ୍ଟ ଟେକ୍ନୋଲୋଜିର ଭୁବନେଶ୍ୱର କେନ୍ଦ୍ରକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରବିବାର ଉଦ୍‌ଘାଟନ କରିଛନ୍ତି। ଉଦ୍‌ଘାଟନୀ ସମାରୋହରେ କଗ୍ନିଜେଣ୍ଟର ସିଇଓ ରବି କୁମାର, ୫-ଟି ଓ ନବୀନ ଓଡ଼ିଶାର ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ, ଆଇଟି, କ୍ରୀଡ଼ା ଓ ଯୁବସେବା, ଗୃହ ରାଷ୍ଟ୍ରମନ୍ତ୍ରୀ ତୁଷାରକାନ୍ତି ବେହେରା, ଇଲେକ୍ଟ୍ରୋନିକ୍ସ ଓ ଆଇଟି ବିଭାଗ ପ୍ରମୁଖ ଶାସନ ସଚିବ ମନୋଜ ମିଶ୍ର, ଇଲେକ୍ଟ୍ରୋନିକ୍ସ ଓ ଆଇଟି ବିଭାଗର ସ୍ୱତନ୍ତ୍ର ସଚିବ ମାନସ ରଞ୍ଜନ ପଣ୍ଡାଙ୍କ ସମେତ କମ୍ପାନୀର ବରିଷ୍ଠ ନେତୃତ୍ୱ ଓ ସରକାରୀ ଅଧିକାରୀମାନେ ଉପସ୍ଥିତ ଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, 'ଓଡ଼ିଶାର ପ୍ରଗତି ଯାତ୍ରାର ଏହା ଆଉ ଏକ ସଫଳ କାହାଣୀ। ଖୁସିର ବିଷୟ ଯେ, ସୂଚନା ପ୍ରଯୁକ୍ତିବିଦ୍ୟା କ୍ଷେତ୍ରରେ ସ୍ୱତନ୍ତ୍ର ପରିଚୟର ଅଧିକାରୀ କଗ୍ନିଜେଣ୍ଟ ଏବେ ରାଜ୍ୟର କ୍ରମବର୍ଦ୍ଧମାନ ଅର୍ଥନୀତି ପ୍ରତି ନିଜର ପ୍ରତିବଦ୍ଧତା ପ୍ରଦର୍ଶନ ପାଇଁ ଭୁବନେଶ୍ୱରକୁ ଦେଶର ଅନ୍ୟତମ ସହର ଭାବରେ ଯୋଡ଼ିଛି। ରାଜ୍ୟ ଦୃଢ଼ ଆତ୍ମବିଶ୍ୱାସର ସହ ଆଗେଇଚାଲିଛି। ମୋର ବିଶ୍ୱାସ ନୂତନ ଉଦ୍ୟୋଗ, ବୈଷୟିକ ଉଦ୍ଭାବନ ଏବଂ ନୂତନ ଯୁଗର ଚିନ୍ତାଧାରାକୁ ପ୍ରୋତ୍ସାହିତ କରି ଏକ ସୁଦୃଢ଼ ଇକୋସିଷ୍ଟମ ଦ୍ୱାରା ଓଡ଼ିଶା ବିକାଶର ପଥକୁ ଅଧିକ ସମ୍ପ୍ରସାରିତ କରିପାରିବ। କଗ୍ନିଜେଣ୍ଟର ଉପସ୍ଥିତି ଓଡ଼ିଶାର ଯୁବକମାନଙ୍କ ପାଇଁ ନୂତନ ନିଯୁକ୍ତି ସୃଷ୍ଟି କରିବାରେ ସହାୟକ ହେବ। କମ୍ପାନୀର ସମ୍ପ୍ରସାରଣ ପାଇଁ ମଧ୍ୟ ରାଜ୍ୟ ସରକାରଙ୍କ ତରଫରୁ ସମସ୍ତ ପ୍ରକାର ସହାୟତା ଯୋଗାଇ ଦିଆଯିବ। କଗ୍ନିଜେଣ୍ଟର ସିଇଓ ରବି କୁମାର ଏସ୍ କହିଛନ୍ତି ଯେ, ଭୁବନେଶ୍ୱରର ଏହି ନୂଆ ବୈଷୟିକ କେନ୍ଦ୍ରକୁ ସମ୍ପୂର୍ଣ୍ଣ କାର୍ଯ୍ୟକ୍ଷମ କରିବା ପାଇଁ ଆମେ ଉତ୍ସାହିତ ଅଛୁ। ଏଠାରେ ଏକ ନୂତନ କେନ୍ଦ୍ର ଖୋଲିବା ସହିତ ଟାୟାର-୨ ସହରରେ ଆମର ସମ୍ପ୍ରସାରଣ କରିଥିବାରୁ ଆମେ ଉତ୍ସାହିତ। ରାଜ୍ୟର ସୁବ୍ୟବସ୍ଥିତ ପ୍ରଯୁକ୍ତିବିଦ୍ୟା ନୀତି, ବୈଷୟିକ ଶିକ୍ଷାନୁଷ୍ଠାନ, ସୁଦୃଢ଼ ଭିତ୍ତିଭୂମି ଏବଂ ରାଜ୍ୟ ସରକାରଙ୍କ ସହଯୋଗୀ ମନୋଭାବ ଆମକୁ ଆକର୍ଷିତ କରିଛି। ଆମ ପାଇଁ ଏହା ଏକ ଗୁରୁତ୍ୱପୂର୍ଣ୍ଣ ସଫଳତା କହିଲେ ଅତ୍ୟୁକ୍ତି ହେବନାହିଁ। ଭୁବନେଶ୍ୱରରେ କଗ୍ନିଜେଣ୍ଟର ନୂଆ କେନ୍ଦ୍ର ରାଜ୍ୟର ଯୁବତୀ, ଯୁବକମାନଙ୍କ ପାଇଁ ବ୍ୟାପକ ନିଯୁକ୍ତି ସୁଯୋଗ ସୃଷ୍ଟି କରିପାରିବ। ଓଡ଼ିଶାରେ କଗ୍ନିଜେଣ୍ଟର ଉପସ୍ଥିତି ରାଜ୍ୟର ସୂଚନାପ୍ରଯୁକ୍ତି ଇକୋସିଷ୍ଟମକୁ ଆହୁରି ସୁଦୃଢ଼ କରିବ ବୋଲି ସମ୍ପୂର୍ଣ୍ଣ ବିଶ୍ୱାସ ରହିଛି ବୋଲି ସେ କହିଛନ୍ତି। ମନ୍ତ୍ରୀ ତୁଷାରକାନ୍ତି ବେହେରା କହିଛନ୍ତି, ମୁଖ୍ୟମନ୍ତ୍ରୀଙ୍କ ନେତୃତ୍ୱରେ ଓଡ଼ିଶା ପ୍ରଯୁକ୍ତିବିଦ୍ୟା ନିବେଶ ତଥା ସମ୍ପ୍ରସାରଣ କ୍ଷେତ୍ରରେ ଅଗ୍ରଣୀ ରାଜ୍ୟ ହୋଇପାରିଛି। ଏହି ସେଣ୍ଟର ପ୍ରତିଷ୍ଠା ଦ୍ୱାରା ରାଜ୍ୟର ବୈଷୟିକ ଅଭିବୃଦ୍ଧି ହୋଇପାରିବ। ରାଜ୍ୟର ଯୁବବର୍ଗଙ୍କ ପାଇଁ ଅଧିକ ନିଯୁକ୍ତି ସୁଯୋଗ ସମ୍ଭାବନା ସୃଷ୍ଟି ହୋଇପାରିବ। ଇଲେକ୍ଟ୍ରୋନିକ୍ସ ତଥା ସୂଚନା ପ୍ରଯୁକ୍ତିବିଦ୍ୟା ବିଭାଗର ପ୍ରମୁଖ ଶାସନ ସଚିବ ମନୋଜ ମିଶ୍ର କହିଛନ୍ତି, ଓଡ଼ିଶାକୁ ଆଇଟି କମ୍ପାନୀମାନଙ୍କ ପ୍ରଥମ ପସନ୍ଦ କରିବାରେ ଆମେ ସମସ୍ତ ପ୍ରଚେଷ୍ଟା ଜାରି ରଖିଛୁ, ଯାହାଦ୍ୱାରା ଆଜି ଓଡ଼ିଶା ନିବେଶକଙ୍କ ପାଇଁ ପ୍ରଥମ ପସନ୍ଦ ହୋଇପାରିଛି। ଭୁବନେଶ୍ୱରରେ କଗ୍ନିଜେଣ୍ଟ ପ୍ରୟୋଗ କେନ୍ଦ୍ର ରାଜ୍ୟର ଆଇ.ଟି. ଇକୋସିଷ୍ଟମ୍‌କୁ ଆହୁରି ସୁଦୃଢ଼ କରିବ ଏବଂ ଓଡ଼ିଶାର ଯୁବପିଢ଼ିଙ୍କ ପାଇଁ ଅନେକ ସୁଯୋଗ ଆଣିଦେବ ବୋଲି ଦୃଢ଼ ବିଶ୍ୱାସ ରହିଛି। ଭୁବନେଶ୍ୱର ସ୍ଥିତ କଗ୍ନିଜେଣ୍ଟର ଏହି ନୂତନ କେନ୍ଦ୍ରରେ ଅତ୍ୟାଧୁନିକ ବୈଷୟିକ ଦକ୍ଷତାସମ୍ପନ୍ନ ୮୦୦ରୁ ଊର୍ଦ୍ଧ୍ୱ କର୍ମଚାରୀଙ୍କ କାର୍ଯ୍ୟ କରିବା ପାଇଁ ଯୋଜନା କରାଯାଇଛି।

## ବିବାହ ପ୍ରତିଶ୍ରୁତି ଦେଇ ୨ ଜଣଙ୍କ ସହ ପ୍ରେମ ସମ୍ପର୍କ: କନିଷ୍ଠ ଯନ୍ତ୍ରୀ ଗିରଫ

**ବାରିପଦା,୧୧।୨(ନୀଳାଦ୍ରି ବିହାରୀ ଦଣ୍ଡପାଟ):** ବିବାହର ପ୍ରତିଶ୍ରୁତି ଦେଇ ୨ ଝିଅଙ୍କ ସହିତ ଶାରୀରିକ ସମ୍ପର୍କ ରଖିବା ଅଭିଯୋଗରେ ମୟୂରଭଞ୍ଜ ଜିଲା ଜଳସେଚନ ବିଭାଗରେ କାର୍ଯ୍ୟରତ ଜଣେ କନିଷ୍ଠ ଯନ୍ତ୍ରୀଙ୍କୁ ପୋଲିସ ଗିରଫ କରିଛି। ସେ ହେଲେ ବାରିପଦା ସଦର ଥାନା ଅନ୍ତର୍ଗତ ସୁନ୍ଦରଢ଼ିହି ଗ୍ରାମର ଶୁକ୍ରା ସିଂ(୨୭)। ପ୍ରତାରଣାର ଶିକାର ୨ ଯୁବତୀ ମୁହାଁମୁହିଁ ହେବା ପରେ ସମ୍ପୃକ୍ତ ଯନ୍ତ୍ରୀଙ୍କ ମିଛ ପ୍ରେମ ଧରାପଡ଼ିଥିଲା। ଏ ନେଇ ସେମାନେ ବାରିପଦା ଟାଉନ ଥାନାର ଦ୍ୱାରସ୍ଥ ହୋଇଥିଲେ।




# ଅର୍ଥନୈତିକ ଅଗ୍ରଗତିରେ ପ୍ରମୁଖ ଭୂମିକା ଗ୍ରହଣ କରିବ



ଆଇଆଇଏମ୍ ସମ୍ବଲପୁର କ୍ୟାମ୍ପସ୍‌ରେ ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ସଚିବ ଡ. ପ୍ରମୋଦ କୁମାର ମିଶ୍ର ।

## ଆଇଆଇଏମ୍ ସମ୍ବଲପୁର ପରିଦର୍ଶନ କଲେ ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ସଚିବ

**ସମ୍ବଲପୁର,୧୧।୨(ବି.ଶଙ୍କର)** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ପ୍ରମୁଖ ସଚିବ ଡ. ପ୍ରମୋଦ କୁମାର ମିଶ୍ର ସମ୍ବଲପୁର ଗସ୍ତରେ ଆସି ଆଇଆଇଏମ୍ ପରିଦର୍ଶନ କରିଛନ୍ତି। ଆଇଆଇଏମ୍ ସମ୍ବଲପୁରର ନିର୍ଦ୍ଦେଶକ ପ୍ରଫେସର ମହାଦେବ ଜୟସ୍ୱାଲ ଫୁଲତୋଡା ଦେଇ ତାଙ୍କୁ ସ୍ୱାଗତ କରିଥିଲେ। ପ୍ରମୁଖ ସଚିବ ମିଶ୍ର ଆଇଆଇଏମ୍‌ର ପ୍ରଫେସର ଓ ଛାତ୍ରୀଛାତ୍ରଙ୍କ ସହ ବିଭିନ୍ନ ବିଷୟରେ ଆଲୋଚନା କରିଥିଲେ। ସେ ପ୍ରଧାନମନ୍ତ୍ରୀ ଗତି ଶକ୍ତି ପଦକ୍ଷେପର ପରିବର୍ତ୍ତନଶୀଳ ସମ୍ଭାବନା ଉପରେ ଗୁରୁତ୍ୱାରୋପ କରିଥିଲେ। ଆଇଆଇଏମ୍ ସମ୍ବଲପୁରର ଅନେକ ପ୍ରକଳ୍ପ ଓ ମାଷ୍ଟର ପ୍ଲାନ ବିକାଶ କରି ରାଜ୍ୟ ଓ ଦେଶର ଅର୍ଥନୈତିକ ଅଗ୍ରଗତିରେ ପ୍ରମୁଖ ଭୂମିକା ଗ୍ରହଣ କରିବ। କ୍ୟାମ୍ପସ୍‌ରେ ଥିବା ପ୍ରଶାସନିକ କାର୍ଯ୍ୟାଳୟ, ଅଡିଟୋରିୟମ, ସ୍ପୋର୍ଟ୍ସ କମ୍ପ୍ଲେକ୍ସ ଓ ମୁକ୍ତାକାଶ ରଙ୍ଗମଞ୍ଚ କେନ୍ଦ୍ର ବୁଲି ଦେଖିବା ସହ ପ୍ରଶଂସା କରିଥିଲେ। ଏଠାରେ ବିଶ୍ୱସ୍ତରୀୟ ସମ୍ମିଳନୀ ଆୟୋଜନ କରାଯାଇପାରିବ ବୋଲି ମଧ୍ୟ ସେ କହିଥିଲେ। ଏହି ଅବସରରେ ଆଇଆଇଏମ୍ ନିର୍ଦ୍ଦେଶକ ପ୍ରଫେସର ଜୟସ୍ୱାଲ କହିଛନ୍ତି ଯେ, ଆଇଆଇଏମ୍ ସମ୍ବଲପୁରର ମୁଖ୍ୟତଃ ତିନି ମାର୍ଗଦର୍ଶକ ନୀତି ହେଉଛି ଉଦ୍ଭାବନ, ଅନ୍ତର୍ଭୁକ୍ତୀକରଣ ଓ ସଚ୍ଚୋଟତା। ଏହି ଅନୁଷ୍ଠାନ ଭାରତ ସରକାରଙ୍କ ପାଞ୍ଚଟି ପ୍ରମୁଖ ପଦକ୍ଷେପ ଉପରେ ଧ୍ୟାନ ଦେଉଛି। ନୂତନ ଶିକ୍ଷା ନୀତି, ମେକ୍ ଇନ୍ ଇଣ୍ଡିଆ, ଷ୍ଟାର୍ଟଅପ ଇଣ୍ଡିଆ, ଡିଜିଟାଲ ଇଣ୍ଡିଆ ଓ ମହିଳା ସଶକ୍ତୀକରଣ। ମାଷ୍ଟର ବୁଣାକାରଙ୍କ ପାଇଁ ଚାଲିଥିବା ତାଲିମ କାର୍ଯ୍ୟକ୍ରମ ବିଷୟରେ ମଧ୍ୟ ସୂଚନା ଦେଇଛନ୍ତି। ଅଧ୍ୟାପକ ଓ କର୍ମଚାରୀଙ୍କ ମଧ୍ୟରେ ମଧ୍ୟ ୫୦:୫୦ ଅନୁପାତ ରହିଛି ବୋଲି ଜୟସ୍ୱାଲ କହିଛନ୍ତି।

# ରାତି ତାପମାତ୍ରା ବଢ଼ିବ, ବର୍ଷା ସମ୍ଭାବନା

**ଭୁବନେଶ୍ୱର,୧୧।୨(ଅନୁରାଧା ମହାରଣା)** ୪୮ ଘଣ୍ଟା ପରେ ଏବେ ପୁଣି ରାଜ୍ୟରେ ଶୀତ କମିଛି। ୨ ଦିନ ରାଜ୍ୟରେ ତାପମାତ୍ରା ହ୍ରାସ ପାଇଥିବାବେଳେ ଉତ୍ତର-ପଶ୍ଚିମାଞ୍ଚଳରେ ହାଲୁକା ଶୀତ ଅନୁଭୂତ ହେଉଥିଲା। ମାତ୍ର ଏବେ ପୁଣିଥରେ ଓଡ଼ିଶାରୁ ଶୀତ ଉଭାନ ହୋଇଛି। ରାତି ପାରଦ ଉପରମୁହାଁ ହୋଇଥିବାବେଳେ ଗତ ୨୪ ଘଣ୍ଟା ମଧ୍ୟରେ ରାଜ୍ୟର ସବୁ ସ୍ଥାନରେ ରାତି ତାପମାତ୍ରା ୧୦ ଡିଗ୍ରୀ ଉପରେ ଥିବା ରେକର୍ଡ କରାଯାଇଛି। ରାଜ୍ୟ ଉପରେ ବର୍ତ୍ତମାନ କୌଣସି ନିର୍ଦ୍ଦିଷ୍ଟ ପାଣିପାଗର ପ୍ରଭାବ ନ ଥିବା ବେଳେ ଉତ୍ତର-ପଶ୍ଚିମ ଦିଗରୁ ପ୍ରବାହିତ ଜଳୀୟବାଷ୍ପପୂର୍ଣ୍ଣ ବାୟୁ ପ୍ରଭାବରେ ଉତ୍ତର ଆଭ୍ୟନ୍ତରୀଣ ଓଡ଼ିଶାର ବିଭିନ୍ନ ଜିଲାରେ ବର୍ଷା ହେବାର ସମ୍ଭାବନା ରହିଛି। କେନ୍ଦୁଝର, ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ, ଯାଜପୁର, ଢେଙ୍କାନାଳ ଓ ଅନୁଗୋଳରେ ବର୍ଷା ହେବା ନେଇ ପୂର୍ବାନୁମାନ କରାଯାଇଛି। ୨୪ ଘଣ୍ଟା ପରେ ବର୍ଷା କମିବ ଏବଂ ୨ଦିନ ପାଗ ଶୁଖିଲା ରହିବ। ପରେ ପୁଣି ୧୫ ଓ ୧୬ ତାରିଖ ୨ଦିନ ରାଜ୍ୟରେ ବର୍ଷା ନେଇ ପୂର୍ବାନୁମାନ କରାଯାଇଛି। ରାଜ୍ୟରେ ବର୍ତ୍ତମାନ ପାଗ ଶୁଖିଲା ରହିଛି। କିଛି ସ୍ଥାନରେ ଦିନର ତାପମାତ୍ରା ସ୍ୱାଭାବିକଠାରୁ ବୃଦ୍ଧି ପାଇଥିବାରୁ ଗରମ ସହ ଗୁଳୁଗୁଳି ଅନୁଭବ ହେଉଛି। ବର୍ତ୍ତମାନ ରାଜ୍ୟରେ କୌଣସି ପାଣିପାଗ ପ୍ରକ୍ରିୟା ସକ୍ରିୟ ନ ଥିବାବେଳେ ଆଗାମୀ ୫ଦିନ ଯାଏ କୌଣସି ସତର୍କ ସୂଚନା ମଧ୍ୟ ନାହିଁ। ଉତ୍ତର-ପଶ୍ଚିମ ଦିଗରୁ ଆସୁଥିବା ମେଘ ସମୂହ ସହ ରାଜ୍ୟ ମଧ୍ୟକୁ ଜଳୀୟବାଷ୍ପପୂର୍ଣ୍ଣ ବାୟୁ ପ୍ରବେଶ କରୁଛି। ଏହାର ପ୍ରଭାବରେ ରାଜ୍ୟରେ ହାଲୁକା ବର୍ଷା ହେବାର ସମ୍ଭାବନା ଥିବାବେଳେ ଉତ୍ତର ଆଭ୍ୟନ୍ତରୀଣ ଓଡ଼ିଶାର ସୁନ୍ଦରଗଡ଼, ଝାରସୁଗୁଡା, ସମ୍ବଲପୁର, କେନ୍ଦୁଝର, ମୟୂରଭଞ୍ଜ ଏବଂ ଦେବଗଡ଼ ଆଦି ଜିଲାରେ ବର୍ଷା ହେବାର ସମ୍ଭାବନା ରହିଛି। ଆସନ୍ତା ୨୪ ଘଣ୍ଟା ମଧ୍ୟରେ ରାଜ୍ୟରେ ପାରଦ ୨ରୁ ୩ ଡିଗ୍ରୀ ବୃଦ୍ଧି ପାଇବ। ବିଶେଷକରି ଦିନର ତାପମାତ୍ରା ଅଧିକ ବଢ଼ିବା ଫଳରେ ରାଜ୍ୟରେ ଗରମ ଅନୁଭୂତ ହେବ। ଅନ୍ୟପଟେ ଗତ ୨୪ ଘଣ୍ଟାରେ ରାଜ୍ୟରେ ତାପମାତ୍ରା ବୃଦ୍ଧି ପାଇଥିବାବେଳେ ଅନେକ ସ୍ଥାନରେ ୩୦ ଡିଗ୍ରୀ ଉପରେ ତାପମାତ୍ରା ରେକର୍ଡ କରାଯାଇଛି। ରାଜ୍ୟରେ ସର୍ବାଧିକ ତାପମାତ୍ରା ମାଲକାନଗିରିରେ ୩୪.୫ ଡିଗ୍ରୀ ଏବଂ ସର୍ବନିମ୍ନ ତାପମାତ୍ରା କେନ୍ଦୁଝରରେ ୧୨.୪ ଡିଗ୍ରୀ ରେକର୍ଡ ହୋଇଛି। ଅସ୍ୱାଭାବିକ ପାଣିପାଗ ଲାଗି ରବିବାର ସନ୍ଧ୍ୟାରେ ନବରଙ୍ଗପୁର, ନୂଆପଡ଼ା, ବରଗଡ଼, ଝାରସୁଗୁଡ଼ା, ସୁନ୍ଦରଗଡ଼ ଓ ସମ୍ବଲପୁର ଜିଲାରେ ବିଜୁଳି ଘଡ଼ଘଡ଼ି ସହ ହାଲୁକା ବର୍ଷା ହୋଇଥିବା ଆଞ୍ଚଳିକ ପାଣିପାଗ କେନ୍ଦ୍ର ସୂଚନା ଦେଇଛି।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଦେ ଖରଚା, କର ଚରଚା, ନେ ପାରଚା,**
**ଅଇଲେରେ ବାବା, ଅମିନ ବଚା।**

ଅମିନ ଜମି ମପାମପି କରନ୍ତି। ଜମି ମାପ କରି ମାଲିକାନା ସାବ୍ୟସ୍ତ କରନ୍ତି। ଅମିନ ପିଛା କିଛି ଖର୍ଚ୍ଚାପାଣି କରି ନିଜକୁ ସୁହେଇଲା ଭଳି ଜମି ମପାମପି କରାଇନେବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଦିନ ଦିନକର ସୁଆଗ କଥା;**
**ଝୁରି ମରିବାକୁ କଲା ବିଧାତା।**

ଖୁବ୍ ଅଳ୍ପ ସମୟ ଭିତରେ ବ୍ୟକ୍ତି ଏତେ ଭଲ କାମ କରିଥାଏ ଯେ ସେ ମୃତ୍ୟୁବରଣ କଲେ ତା' କଥା ଭାବିବାକୁ ସମସ୍ତେ ବାଧ୍ୟ ହୁଅନ୍ତି। ତାଙ୍କ ଗୁଣଗ୍ରାମ ଏତେ ମୁଗ୍ଧକର ହୋଇଥାଏ ଯେ ସେ ମରିଗଲା ପରେ ବି ଆତ୍ମୀୟସ୍ୱଜନ ଆଖିରୁ ଲୁହ ଗଡ଼ାଇବା ସହ ବାହୁନିଥାନ୍ତି। ବିଧାତା ଭଲ ଲୋକଙ୍କୁ ବେଶି ଦିନ ରଖନ୍ତି ନାହିଁ ବୋଲି ଲୋକେ କହନ୍ତି। ସେମାନେ ଅଳ୍ପ ଦିନ ମଧ୍ୟରେ ବେଶି ଭଲ କାମ କରି ଭଲ ଗୁଣ ଦେଖେଇ ବାହୁଡ଼ି ଯାଉଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ – ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ




ରବିବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# କେନ୍ଦୁପତ୍ରରୁ ରାଜସ୍ୱ ଆଦାୟ ସରକାରଙ୍କ ଲକ୍ଷ୍ୟ ନୁହେଁ: ପାଣ୍ଡିଆନ

ଭୁବନେଶ୍ୱର/ସମ୍ବଲପୁର,୧୧।୨
(ସୁନିତ୍ ମିଶ୍ର/ପ୍ରମୋଦ ବହିଦାର)



ଚାରମାଲ ସମାବେଶରେ ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ।

କେନ୍ଦୁପତ୍ରରୁ ରାଜସ୍ୱ ଆଦାୟ ବା ସେଥିରୁ ଲାଭ କରିବା ସରକାରଙ୍କ ଲକ୍ଷ୍ୟ ନୁହେଁ। କେନ୍ଦୁପତ୍ର ତୋଳାଳି ଓ କେନ୍ଦୁପତ୍ରକୁ ଜୀବନ ଜୀବିକା କରିଥିବା ଲୋକଙ୍କ କଲ୍ୟାଣ ହେଉଛି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ପ୍ରାଥମିକତା। ସମ୍ବଲପୁର ଚାରମାଲରେ କେନ୍ଦୁପତ୍ର ତୋଳାଳି ବନ୍ଧାଳି ଓ କର୍ମଚାରୀଙ୍କ ଲାଗି ମୁଖ୍ୟମନ୍ତ୍ରୀ ବଡ଼ ଘୋଷଣା କରିବା ପରେ ସରକାରଙ୍କ ଆଭିମୁଖ୍ୟକୁ ୫-ଟି ଓ ନବୀନ ଓଡ଼ିଶା ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ ସ୍ପଷ୍ଟ କରିଛନ୍ତି।

ସମ୍ବଲପୁର ଜିଲା ରେଢ଼ାଖୋଲ ବ୍ଲକ ଅନ୍ତର୍ଗତ ଚାରମାଲ ହାଇସ୍କୁଲ ପଡ଼ିଆରେ ରବିବାର କେନ୍ଦୁପତ୍ର କର୍ମଚାରୀ ସଂଘର ଆୟୋଜିତ ସମାବେଶରେ ଯୋଗଦେଇ ପାଣ୍ଡିଆନ କହିଛନ୍ତି ଯେ, ପୂର୍ବ ସରକାର ସମୟରେ କେନ୍ଦୁପତ୍ରରୁ ମିଳୁଥିବା ଲାଭକୁ ସରକାରଙ୍କ ରାଜସ୍ୱ ଭାବି ଯୋଜନା କରୁଥିଲେ। ନିର୍ବାଚନ ଆସିଲେ କେନ୍ଦୁପତ୍ର ତୋଳାଳିଙ୍କ ଲାଗି ଖାଲି ପ୍ରତିଶ୍ରୁତି ଦେଉଥିଲେ ସିନା ତାହା କେବେହେଲେ କାର୍ଯ୍ୟକାରୀ କରୁ ନ ଥିଲେ। ତେବେ ନବୀନ ସରକାର କେନ୍ଦୁପତ୍ରକୁ କେବେ ଲାଭ ବୋଲି ବିଚାର କରିନାହାନ୍ତି। ଉଦାହରଣ ହେଉଛି କେନ୍ଦୁପତ୍ରରୁ ଯେତିକି ଲାଭ ମିଳୁଛି ବା ଆୟ ହେଉଛି ତା'ଠୁ କାହିଁ କେତେଗୁଣା ଅଧିକ ଅର୍ଥ କେନ୍ଦୁପତ୍ର ଉପରେ ନିର୍ଭର କରୁଥିବା ଲୋକଙ୍କ କଲ୍ୟାଣ ଲାଗି ବଜେଟରେ ବରାଦ କରାଯାଉଛି। ଏହି ରାଜସ୍ୱ ଗରିବ ଜନସାଧାରଣଙ୍କ ନିକଟରେ ପହଞ୍ଚାଇବାର ଅଛି। ଜଙ୍ଗଲକୁ ଯାଇ ଖଟି, ପରିଶ୍ରମ କରୁଥିବା କେନ୍ଦୁପତ୍ର ତୋଳାଳିଙ୍କୁ ସମସ୍ତ ଲାଭ ମିଳିବ। କେନ୍ଦୁପତ୍ର ତୋଳାଳି ୨୦୧୩-୧୪ ଆର୍ଥିକ ବର୍ଷରୁ ବୋନସ ପାଇ ଆସୁଛନ୍ତି। ମୁଖ୍ୟମନ୍ତ୍ରୀ ସବୁବେଳେ କେନ୍ଦୁପତ୍ର ତୋଳାଳିଙ୍କ ଯତ୍ନ ନେଇ ଆସିଛନ୍ତି। ସରକାର ଯାହା ପ୍ରତିଶ୍ରୁତି ଦେଇଥିଲେ ତାହା ଆଜି ପୂରଣ କରିଛନ୍ତି। ମୁଖ୍ୟମନ୍ତ୍ରୀ କଥା କମ୍ କାମ ବେଶି କରନ୍ତି। ପଦମପୁର ଉପନିର୍ବାଚନରେ ମୁଖ୍ୟମନ୍ତ୍ରୀ ୨ଟି କଥା କହିଥିଲେ, ତାହା ଆଜି ପୂରଣ କରିଛନ୍ତି। କେନ୍ଦୁପତ୍ର ଉପରେ ଥିବା ଜିଏସ୍‌ଟିରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରାଜ୍ୟ ଭାଗ ଉଚ୍ଛେଦ କରିଛନ୍ତି। କେନ୍ଦୁପତ୍ର ତୋଳାଳିଙ୍କ ଝିଅଙ୍କ ବିବାହ ଲାଗି ମଧ୍ୟ ସହାୟତା ଯୋଜନା ଜାରି ରଖିବାକୁ ଘୋଷଣା କରିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ଘୋଷଣା ଅନୁସାରେ ଏବେ କେନ୍ଦୁପତ୍ର ତୋଳାଳିଙ୍କୁ ୨ ଗୁଣା ବୋନସ ମିଳିବ। ପୂର୍ବରୁ ମିଳୁଥିବା ୨୫% ବୋନସକୁ ୫୦%କୁ ବୃଦ୍ଧି କରାଯାଇଛି। ଏଥିରୁ ରାଜ୍ୟର ୮ ଲକ୍ଷ ୫୦ ହଜାର କେନ୍ଦୁପତ୍ର ତୋଳାଳି ଉପକୃତ ହେବେ। ଏଥିପାଇଁ ସରକାର ୯୮ କୋଟି ଟଙ୍କା ଖର୍ଚ୍ଚ କରିବେ। ସେହିପରି କେନ୍ଦୁପତ୍ର ବନ୍ଧାଳି ଓ ଋତୁକାଳୀନ ଶ୍ରମିକଙ୍କ ଇନସେଣ୍ଟିଭ ୨ଗୁଣା ଅର୍ଥାତ ୫ରୁ ୧୦%କୁ ବୃଦ୍ଧି କରାଯାଇଛି। ଏଥିଲାଗି ସରକାର ୧୧ କୋଟି ଟଙ୍କା ଖର୍ଚ୍ଚ କରିବେ। ରାଜ୍ୟରେ ଥିବା ୪୦ ହଜାର ବନ୍ଧାଳି ଓ ସିଜନାଲ ଷ୍ଟାଫ ଏଥିରୁ ଉପକୃତ ହେବେ। ସେହିପରି ଋତୁକାଳୀନ କର୍ମଚାରୀଙ୍କୁ ମୁଖ୍ୟମନ୍ତ୍ରୀ ଖୁସି ଖବର ଦେଇଛନ୍ତି। ହେଡ ଚେକରଙ୍କ ମାସିକ ଦରମା ୨୨,୬୩୧ରୁ ୨୪, ୪୨୦କୁ ବୃଦ୍ଧି ପାଇଛି। ମହଙ୍ଗା ଭତ୍ତା ୪ଶହ ଟଙ୍କାରୁ ୬୦୦ ଟଙ୍କାକୁ ବୃଦ୍ଧି ପାଇଛି। ସର୍କଲ ଚେକରଙ୍କ ଦରମା ୧୭, ୭୪୦ରୁ ୨୧ ହଜାରରୁ ଅଧିକ ହୋଇଛି। ଡିଏ ୩୦୦ ରୁ ୪୫୦କୁ ବୃଦ୍ଧି ପାଇଛି। ସେହିପରି ବନ୍ଧାଳି ଚେକରଙ୍କ ଦରମା ୧୪, ୮୦୦ ଟଙ୍କାରୁ ୧୭, ୬୮୦କୁ ବୃଦ୍ଧି ପାଇଛି। ଡିଏ ୨ଶହରୁ ୩ଶହ ଟଙ୍କାକୁ ବୃଦ୍ଧି ପାଇଛି। ମୁନସିଙ୍କ ଦରମା ୧୨, ୪୨୦ରୁ ୧୫ , ୨୧୫ ଟଙ୍କାକୁ ବୃଦ୍ଧି ପାଇଛି। ମୁନସି-୨ଙ୍କ ଦରମା ୯, ୮୫୦ରୁ ୧୨, ୩୮୫ ଟଙ୍କାକୁ ବୃଦ୍ଧି କରାଯାଇଛି। ଏହାସହ ସମ୍ବଲପୁର ଚାରମାଲ ଗସ୍ତ ଅବସରରେ ଧର୍ମାନୁଷ୍ଠାନ ଏବଂ କମ୍ୟୁନିଟି ସେଣ୍ଟର ଦାବି ନେଇ ଆସନ୍ତା ୧୦ ଦିନରେ ଖୁସି ଖବର ମିଳିବ ବୋଲି ପାଣ୍ଡିଆନ କହିଛନ୍ତି। ଖୁବଶୀଘ୍ର ଜିଲାରେ ଲକ୍ଷ୍ମୀ ଯୋଜନା ଆରମ୍ଭ ହେବ। ମହିଳାମାନଙ୍କ ସହ ଛାତ୍ରୀଛାତ୍ର ଏହି ବସରେ ୫ ଟଙ୍କା ଦେଇ ବ୍ଲକ ମୁଖ୍ୟାଳୟ ସହ ନିଜ ଶିକ୍ଷାନୁଷ୍ଠାନକୁ ଯାଇପାରିବେ ବୋଲି ସେ କହିଛନ୍ତି।

# ପଞ୍ଚଭୂତରେ ଲୀନହେଲେ ସୁଜ୍ଞାନ ଦେଓ

ଖଲ୍ଲିକୋଟ,୧୧।୨
(ପ୍ରଶାନ୍ତ କୁମାର ମିଶ୍ର)



ଖଲ୍ଲିକୋଟ ରାଣୀଙ୍କ ଉଦ୍ଦେଶ୍ୟରେ ରାଜବାଟୀ ଶ୍ମଶାନରେ ଗାର୍ଡ ଅଫ୍ ଅନର ଦିଆଯାଉଛି।

ଖଲ୍ଲିକୋଟ ରାଣୀ ତଥା ପୂର୍ବତନ ବିଧାୟିକା ଭି.ସୁଜ୍ଞାନ କୁମାରୀ ଦେଓଙ୍କ ପାର୍ଥିବ ଶରୀର ରବିବାର ରାଜବାଟୀ ଶ୍ମଶାନରେ ପଞ୍ଚଭୂତରେ ଲୀନ ହୋଇଯାଇଛି। ହିନ୍ଦୁ ରାଜକୀୟ ରୀତିନୀତିରେ ତାଙ୍କୁ ଅନ୍ତିମ ବିଦାୟ ଜଣାଇଛନ୍ତି ଶତାଧିକ ପ୍ରଶଂସକ, ଶୁଭେଚ୍ଛୁ। ରାଷ୍ଟ୍ରୀୟ ମର୍ଯ୍ୟାଦାରେ ରାଣୀ ମା'ଙ୍କୁ ବିଦାୟ ଦିଆଯାଉଥିବା ବେଳେ ଶୋକାକୁଳ ହୋଇପଡ଼ିଥିଲା ପୂରା ଅଞ୍ଚଳ। କିଏ ନିଜର ପ୍ରିୟ ରାଣୀ ମା'ଙ୍କୁ ତ ଆଉ କିଏ ନିଜର ନେତାଙ୍କୁ ହରାଇ ମ୍ରିୟମାଣ ହୋଇପଡ଼ିଥିଲେ।

ଶନିବାର ରାତିରେ ଖଲ୍ଲିକୋଟ ନିର୍ମଳଝରର ବାସଭବନରେ ତାଙ୍କ ମରଶରୀର ପହଞ୍ଚିଥିଲା। ରାଣୀ ମା'ଙ୍କୁ ଦେଖିବା ପାଇଁ ରବିବାର ତାଙ୍କ ବାସଭବନ ଲୋକାରଣ୍ୟ ହୋଇଯାଇଥିଲା। ପୂର୍ବତନ ମନ୍ତ୍ରୀ ବିଜୟ ମହାପାତ୍ର, ପଞ୍ଚାନନ କାନୁନ୍‌ଗୋ, ଅର୍ଥମନ୍ତ୍ରୀ ବିକ୍ରମ କେଶରୀ ଆରୁଖ, ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ପ୍ରଦୀପ ଅମାତ, ବ୍ରହ୍ମପୁର ଏମପି ଚନ୍ଦ୍ରଶେଖର ସାହୁ, ଆସିକା ଏମପି ପ୍ରମିଳା ବିଶୋଇ, ଛତ୍ରପୁର ବିଧାୟକ ସୁବାଷ ଚନ୍ଦ୍ର ବେହେରା, ଖଲ୍ଲିକୋଟ ବିଧାୟିକା ସୂର୍ଯ୍ୟମଣି ବୈଦ୍ୟ, କବିସୂର୍ଯ୍ୟନଗର ବିଧାୟିକା ଲତିକା ପ୍ରଧାନ, ଖଲ୍ଲିକୋଟ ପୂର୍ବତନ ବିଧାୟକ ପୂର୍ଣ୍ଣଚନ୍ଦ୍ର ସେଠି, ଗଞ୍ଜାମ ଜିଲା ବିଜେଡି ସଭାପତି ରମେଶ ଚନ୍ଦ୍ର ଚ୍ୟାଉପଟ୍ଟନାୟକ, ରାଜ୍ୟ କାଜୁ ଉନ୍ନୟନ ନିଗମ ଅଧ୍ୟକ୍ଷ ସୁବାସ ମହାରଣା, କଂଗ୍ରେସ ବିଧାୟକ ରମେଶ ଚନ୍ଦ୍ର ଜେନା, ଖଲ୍ଲିକୋଟ ବ୍ଲକ ଅଧ୍ୟକ୍ଷ ଦୈତାରୀ ବେହେରା, ଏନଏସି ଅଧ୍ୟକ୍ଷ ଇଂ. ନିରଞ୍ଜନ ବେହେରା, କୋଦଳା ଏନ୍‌ଏସି ପୂର୍ବତନ ଅଧ୍ୟକ୍ଷ ହର ସାହୁ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଜଗନ୍ନାଥ ସେଠୀ, ବ୍ରହ୍ମପୁର ମେୟର ସଂଘମିତ୍ରା ଦଳେଇ, ଜିଲାପାଳ ଦିବ୍ୟଜ୍ୟୋତି ପରିଡ଼ା, ଗଞ୍ଜାମ ଏସ୍‌ପି ଜଗଦୀଶ ମୀନାଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ପହଞ୍ଚି ଶେଷଦର୍ଶନ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ମଧ୍ୟାହ୍ନରେ ପାର୍ଥିବ ଶରୀରକୁ ପ୍ରଥମେ ଖଲ୍ଲିକୋଟ ରାଜବାଟୀକୁ ନିଆଯାଇଥିଲା। ପରେ ଶ୍ମଶାନ ଘାଟକୁ ନିଆଯାଇଥିଲା। ସେଠାରେ ଗାର୍ଡ ଅଫ ଅନର ଦିଆଯାଇଥିଲା। ଖଲ୍ଲିକୋଟ ଜଗନ୍ନାଥ ମନ୍ଦିରରୁ ରୋଷ ନିଆଁ ଅଣାଯିବା ପରେ ରାଜପରିବାରର କୌଣସି ଦାୟାଦ ନ ଥିବାରୁ ଶ୍ୟାମସୁନ୍ଦରପୁର ବ୍ରାହ୍ମଣ ଶାସନର ଯୁବକ କରେଶ ଆଚାର୍ଯ୍ୟ ରାଣୀମା'ଙ୍କୁ ମୁଖାଗ୍ନି ଦେଇଥିଲେ। ମାଡ୍ରାସରୁ ନିଜ ଦୁଇ ଭଉଣୀ, ଜଣେ ଭାଇ ଏବଂ ଉତ୍ତରାଧିକାରୀ କରିଥିବା ପୁତୁରା ଡା.ସାକେତ ରାମାରାଓ ଓ ପରିବାର ଲୋକ ଉପସ୍ଥିତ ଥିଲେ। ସନ୍ଧ୍ୟାରେ ରାଣୀମା'ଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା।

# ମହାନଦୀ ସ୍ୱଚ୍ଛତା ବାର୍ତ୍ତାରେ ହାଫ୍ ମାରାଥନ

ସମ୍ବଲପୁର,୧୧।୨(ବି.ଶଙ୍କର)

ମହାନଦୀ କିପରି ଅଧିକ ସ୍ୱଚ୍ଛ ରହିବ ସେ ନେଇ ଜନଜାଗରଣ ସୃଷ୍ଟି ସକାଶେ ମାରାଥନର ପରିକଳ୍ପନା କରାଯାଇଛି। ଏହି କ୍ରମରେ ରବିବାର ସମ୍ବଲପୁର ଜିଲା ପ୍ରଶାସନ ଓ ମହାନଗର ନିଗମ ପକ୍ଷରୁ ମହାନଦୀ ହାଫ୍ ମାରାଥନ ଅନୁଷ୍ଠିତ ହୋଇଯାଇଛି। ସମଲେଶ୍ୱରୀ ମନ୍ଦିର ପ୍ରବେଶ ପଥ-୨ରେ ଆମ ଓଡ଼ିଶା ନବୀନ ଓଡ଼ିଶା ଏବଂ ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିୟାନ ଯୋଗଦେଇ ପତାକା ଦେଖାଇ ଏହାର ଶୁଭାରମ୍ଭ କରିଥିଲେ। ମୁଖ୍ୟମନ୍ତ୍ରୀଙ୍କ ସ୍ୱତନ୍ତ୍ର ସଚିବ ଭିନିଲ କ୍ରିଷ୍ଣା ଉପସ୍ଥିତ ଥିଲେ। ରାଜ୍ୟ ଓ ରାଜ୍ୟ ବାହାରୁ ପ୍ରାୟ ୩ହଜାରୁ ଊର୍ଦ୍ଧ୍ୱ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ୨୧, ୧୦, ୫ ଓ ୧ କିଲୋମିଟର ବର୍ଗରେ ପ୍ରତିଯୋଗିତା ହୋଇଥିଲା। କୃତୀମାନଙ୍କୁ ଅର୍ଥ ରାଶି ସହ ସାର୍ଟିଫିକେଟ ପ୍ରଦାନ କରାଯାଇଛି। ୨୧ କିଲୋମିଟର ପୁରୁଷ ବର୍ଗରେ ରାହୁଲ କୁମାର ପ୍ରଥମ, ଯସ ଶର୍ମା ଦ୍ୱିତୀୟ ଓ ଅଶୋକ ଉନସନା ତୃତୀୟ ସ୍ଥାନ ହାସଲ କରିଛନ୍ତି। ସେହିପରି ମହିଳା ବର୍ଗରେ ଲିଲି ଦାସ, ରକ୍ମଣୀ ସାହୁ, ମମିନା ମୁର୍ମୁ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିଲେ।




୫-ଟି ଅଧ୍ୟକ୍ଷ ମହାନଦୀ ହାପ ମାରାଥନକୁ ଶୁଭରମ୍ଭ କରୁଛନ୍ତି।

## ପ୍ରଥମ ପୃଷ୍ଠାରୁ...

### ସାତକଡ଼ି ହୋତାଙ୍କ ...

ତଳୁ ହୋତାଙ୍କ ସ୍ୱାସ୍ଥ୍ୟାବସ୍ଥା ବିଗିଡ଼ିଯାଇଥିଲା। ସେ ଖାଇବା ଛାଡ଼ିଦେଇଥିଲେ। ରବିବାର ସକାଳେ ସେ ନିଃଶ୍ୱାସ ନେବାରେ କଷ୍ଟ ଅନୁଭବ କରିଥିଲେ। ଅପରାହ୍ନ ୧୨ଟା ୨୫ ମିନିଟରେ ତାଙ୍କର ଦେହାନ୍ତ ହୋଇଯାଇଥିଲା। ମୃତ୍ୟୁଶଯ୍ୟା ନିକଟରେ ତାଙ୍କର ଦୁଇ ପୁଅ ଓ ଦୁଇ ଝିଅଙ୍କ ସମେତ ଅନ୍ୟ ସମ୍ପର୍କୀୟମାନେ ଉପସ୍ଥିତ ଥିଲେ। ସ୍ୱର୍ଗତ ହୋତାଙ୍କ ଶେଷକୃତ୍ୟ ରାଷ୍ଟ୍ରୀୟ ମର୍ଯ୍ୟାଦା ସହ ସମ୍ପନ୍ନ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଘୋଷଣା କରିଛନ୍ତି। ମୟୂରଭଞ୍ଜ ଜିଲା ଜଗନ୍ନାଥଖୁଣ୍ଟା ଗ୍ରାମରେ ୧୯୨୯ ମସିହା ଅକ୍ଟୋବର ୨୯ରେ ସ୍ୱର୍ଗତ ହୋତା ଜନ୍ମଗ୍ରହଣ କରିଥିଲେ। ବାରିପଦାରେ ସ୍କୁଲ ପାଠପଢା ଶେଷ କରିବା ପରେ ପୁରୀ ଓ କଟକରେ ଉଚ୍ଚଶିକ୍ଷା ଗ୍ରହଣ କରିଥିଲେ। ୧୯୫୨ରେ ଓଏଏସ୍ ପାଇବା ପରେ ରାଜ୍ୟ ସରକାରଙ୍କ ଅଧୀନରେ କମର୍ସିଆଲ ଟ୍ୟାକ୍ସ ଅଫିସର ଭାବେ ନିଯୁକ୍ତି ପାଇଥିଲେ। ୧୯୫୪ରେ ସିଭିଲ ସର୍ଭିସ ପାଇବା ପରେ ଭାରତୀୟ ରେଲୱେରେ ଚାକିରି ଜୀବନ ଆରମ୍ଭ କରିଥିଲେ। ସ୍ୱର୍ଗତ ହୋତା ଗଳ୍ପ, ଉପନ୍ୟାସ, କବିତା, ଅନୁବାଦ ଆଦି ସାହିତ୍ୟର ବିଭିନ୍ନ କ୍ଷେତ୍ରରେ ଲେଖନୀ ଚାଳନା କରିଥିଲେ। କବିତାରୁ ସେ ନିଜ ସାହିତ୍ୟ ସର୍ଜନା ଆରମ୍ଭ କରିଥିଲେ। ଗଳ୍ପ ସଙ୍କଳନ, ପ୍ରବନ୍ଧ ସଙ୍କଳନ, ଉପନ୍ୟାସ ଓ ଅନୁବାଦ କ୍ଷେତ୍ରରେ ପ୍ରାୟ ୬୭ଟି ପୁସ୍ତକ ସେ ରଚନା କରିଛନ୍ତି। ୧୯୬୭ରେ ତାଙ୍କର ପ୍ରଥମ ଉପନ୍ୟାସ 'ବ୍ୟାକୁଳ ହୃଦୟ' ପ୍ରକାଶ ପାଇଥିଲା। ୧୯୮୭ରେ ଉପନ୍ୟାସ 'ଅଶାନ୍ତ ଅରଣ୍ୟ' ପାଇଁ ସେ ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାର ପାଇଥିଲେ। ସେ ଓଡ଼ିଶା ସାହିତ୍ୟ ଏକାଡେମୀର ପୂର୍ବତନ ସଭାପତି ମଧ୍ୟ ଥିଲେ। 'ମୁକ୍ତିମନ୍ତ୍ର' ଓ 'ଜନନୀ ଜନ୍ମଭୂମି' ଗଳ୍ପ ସଙ୍କଳନ ପାଇଁ ୨୦୦୪ରେ ସେ ସମ୍ମାନଜନକ ଶାରଳା ପୁରସ୍କାର ପାଇଥିଲେ। ଏହା ବ୍ୟତୀତ ସେ ସାହିତ୍ୟ ଭାରତୀ ସମ୍ମାନ ଓ ଉତ୍କଳ ସାହିତ୍ୟ ସମାଜ ଉପନ୍ୟାସ ସମ୍ମାନ ଭଳି ଅନେକ ସମ୍ମାନ ଏବଂ ପୁରସ୍କାର ପାଇଥିଲେ। ତାଙ୍କ ବିୟୋଗରେ ବିଭିନ୍ନ ମହଲରେ ଶୋକ ପ୍ରକାଶ ପାଇଛି। ସୂଚନାଯୋଗ୍ୟ, କିଛିବର୍ଷ ତଳେ ତାଙ୍କ ସହଧର୍ମିଣୀ ଗୀତା ହୋତାଙ୍କର ପରଲୋକ ଘଟିଥିଲା। ହୋତାଙ୍କ ପରଲୋକରେ ରାଜ୍ୟପାଳ ରଘୁବର ଦାସ, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏବଂ କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଶୋକବ୍ୟକ୍ତ କରିଛନ୍ତି। ରାଜ୍ୟପାଳ ସାରସ୍ୱତ ସାଧକ ହୋତାଙ୍କ ପରଲୋକରେ ଗଭୀର ଶୋକ ବ୍ୟକ୍ତ କରି ଶୋକସନ୍ତପ୍ତ ପରିବାରବର୍ଗ, ଆତ୍ମୀୟ ସଜନଙ୍କୁ ସମବେଦନା ଜଣାଇବା ସହ ଅମର ଆତ୍ମାର ସଦ୍‌ଗତି କାମନା କରିଛନ୍ତି। ସେ ଚିରସ୍ମରଣୀୟ ହୋଇ ରହିବେ ବୋଲି ରାଜ୍ୟପାଳ ପ୍ରକାଶ କରିଛନ୍ତି।

ମୁଖ୍ୟମନ୍ତ୍ରୀ କହିଛନ୍ତି, ରାଜ୍ୟର ଜଣେ ପ୍ରତିଷ୍ଠିତ ତଥା ଖ୍ୟାତିସମ୍ପନ୍ନ ସାହିତ୍ୟିକ ଭାବେ ସାତକଡ଼ି ହୋତାଙ୍କ ସୁନାମ ରହିଥିଲା। ଅନେକ ଉଚ୍ଚକୋଟୀର ଗଳ୍ପ, ଉପନ୍ୟାସ, କବିତା ଓ ଅନୁବାଦ ସାହିତ୍ୟ ରଚନା ମାଧ୍ୟମରେ ଓଡ଼ିଆ ସାହିତ୍ୟ ଜଗତରେ ସେ ତାଙ୍କର ଅମଳିନ ସ୍ମୃତି ଛାଡ଼ି ଯାଇଛନ୍ତି। ଏଥିସହିତ ଜଣେ ଦକ୍ଷ ସଂଗଠକ ଓ ସାମ୍ବାଦିକ ଭାବରେ ମଧ୍ୟ ତାଙ୍କର ସୁନାମ ରହିଥିଲା। କେନ୍ଦ୍ରମନ୍ତ୍ରୀ ପ୍ରଧାନ କହିଛନ୍ତି, ଡ. ହୋତାଙ୍କ ବିୟୋଗ ଖବର ଶୁଣି ମୁଁ ଦୁଃଖିତ ଓ ମର୍ମାହତ। ଓଡ଼ିଆ ସାହିତ୍ୟକୁ ସମୃଦ୍ଧ ଓ ବଳିଷ୍ଠ କରିବାରେ ସେ ନିଜ ଜୀବନକୁ ସମର୍ପି ଦେଇଥିଲେ। ଆତ୍ମପ୍ରଚାର ନୁହେଁ ବରଂ ସମୂହ ଉନ୍ନତି ଉପରେ ସେ ଧ୍ୟାନ ଦେଉଥିଲେ। ତାଙ୍କ ବିୟୋଗରେ ଆମେ ଓଡ଼ିଆ ଭାଷା ସାହିତ୍ୟର ଜଣେ ଅଗ୍ରଣୀ ସ୍ରଷ୍ଟାଙ୍କୁ ହରାଇଲେ। ସେ ଅମର ଆତ୍ମାର ସଦଗତି କାମନା କରିବା ସହ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ସମବେଦନା ଜଣାଉଛି।

### କେନ୍ଦୁପତ୍ର ତୋଳାଳିଙ୍କୁ ...

ସେମାନଙ୍କ ଟି.ଏ. ଓ ସାଇକେଲ ଆଲାଉନ୍ସରେ ୫୦% ବୃଦ୍ଧି କରାଯାଇଛି। କେନ୍ଦୁପତ୍ର ତୋଳାଳିମାନେ ୬୨ ବର୍ଷ ବୟସ ପର୍ଯ୍ୟନ୍ତ ସାମାଜିକ ସୁରକ୍ଷା ଯୋଜନାରେ ସାମିଲ ହୋଇପାରିବେ। ପୂର୍ବରୁ ଏହି ବୟସ ସୀମା ୬୦ ବର୍ଷ ଥିଲା। ଘୋଷଣା ଅନୁଯାୟୀ ଆଗାମୀ ଏପ୍ରିଲରୁ ଆରମ୍ଭ ହେଉଥିବା ନୂଆ ଫସଲ ଋତୁରେ କେନ୍ଦୁପତ୍ର ତୋଳାଳି ପରିବାରକୁ ୨ଟି ଝିଅ ବାହାଘର ପାଇଁ ସହାୟତା ମିଳିବ। ପ୍ରତ୍ୟେକ ଝିଅ ବାହାଘର ପାଇଁ ୨୫ ହଜାର ଟଙ୍କା ଲେଖାଏ ସହାୟତା ମିଳିବ। ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ୍ ରବିବାର ତାଙ୍କ ସମ୍ବଲପୁର ଜିଲା ଗସ୍ତ ଅବସରରେ ରେଢ଼ାଖୋଲ ସଭାରେ ମୁଖ୍ୟମନ୍ତ୍ରୀଙ୍କ ନିଷ୍ପତ୍ତି ବିଷୟରେ ସୂଚନା ଦେଇଥିଲେ। ମୁଖ୍ୟମନ୍ତ୍ରୀଙ୍କ ଏ ସମ୍ପର୍କିତ ଭିଡିଓ ମେସେଜ ବଜାଇ ଶୁଣାଇଥିଲେ। ସୂଚନାଯୋଗ୍ୟ ଯେ, କେନ୍ଦୁପତ୍ର ହିତାଧିକାରୀଙ୍କ ମଧ୍ୟରୁ ଶତକଡା ୮୦ ଭାଗ ମହିଳା ଏବଂ ୯୫%ରୁ ଅଧିକ କେନ୍ଦୁପତ୍ର ହିତାଧିକାରୀ ମୁଖ୍ୟତଃ ଅନୁସୂଚିତ ଜାତି, ଜନଜାତି ଓ ଅନ୍ୟାନ୍ୟ ପଛୁଆବର୍ଗର। କେନ୍ଦୁପତ୍ର ତୋଳାଳି ଓ କର୍ମଚାରୀଙ୍କ କଲ୍ୟାଣ ପାଇଁ ମୁଖ୍ୟମନ୍ତ୍ରୀଙ୍କ ଏହିସବୁ ପଦକ୍ଷେପ ଦ୍ୱାରା ପ୍ରାୟ ୯ ଲକ୍ଷ କେନ୍ଦୁପତ୍ର ତୋଳାଳି, ବନ୍ଧେଇ ଶ୍ରମିକ ଓ ସାମୟିକ କର୍ମଚାରୀ ଉପକାର ପାଇବେ ଏବଂ ରାଜ୍ୟ ସରକାର ଏଥିପାଇଁ ୧୫୦ କୋଟିରୁ ଅଧିକ ଟଙ୍କା ଖର୍ଚ୍ଚ କରିବେ।

### ୨ ଦୁର୍ଘଟଣାରେ ୭ ମୃତ...

ମ୍ୟାଜିକ୍ ୧୩ଜଣ ଯାତ୍ରୀଙ୍କୁ ପଞ୍ଚଗାଁରୁ ଧରି ବେଲପାହାଡ଼ ଅଭିମୁଖେ ଆସୁଥିଲା। ଲଖନପୁର ପୁରୁଣା ବସ୍‌ଷ୍ଟାଣ୍ଡ ନିକଟରେ ଓଡି୨୩ଏନ-୩୧୫୬ ନଂ. ବିଶିଷ୍ଟ ୧୮ଚକିଆ ଟ୍ରକ୍ ଟାଟା ମ୍ୟାଜିକ୍‌କୁ ସମ୍ମୁଖ ଭାଗରୁ ଧକ୍କା ଦେଇଥିଲା। ଫଳରେ ଘଟଣାସ୍ଥଳରେ ଭୁବନେଶ୍ୱର, ଉର୍ମିଳା, ଉମା ଓ ଥଣ୍ଡାରମଙ୍କ ମୃତ୍ୟୁ ଘଟିଥିଲା। ପୋଲିସ ପହଞ୍ଚି ଗୁରୁତର ୯ଜଣଙ୍କୁ ଝାରସୁଗୁଡା ଜିଲା ମୁଖ୍ୟ ଚିକିତ୍ସାଳୟ ପଠାଇଥିଲା। ସେଠାରେ କଳ୍ପନାଙ୍କ ମୃତ୍ୟୁ ଘଟିଥିଲା। ଗୁରୁତର ୮ଜଣଙ୍କ ମଧ୍ୟରୁ ଜଣଙ୍କୁ ବୁର୍ଲା ଓ ଅନ୍ୟଜଣଙ୍କୁ ବରଗଡ଼ର ଏକ ଘରୋଇ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି। ଏ ସମ୍ପର୍କରେ ପୋଲିସ ଲଖନପୁର ଥାନାରେ ଏକ ମାମଲା (ନଂ.୪୪/୨୪) ରୁଜୁ କରିବା ସହ ଦୁଇ ଗାଡିକୁ ଜବତ କରି ତଦନ୍ତ ଚଳାଇଛି।

ସେହିପରି କଳାହାଣ୍ଡି ଜିଲା ଗୋଲାମୁଣ୍ଡା ଥାନା ଅନ୍ତର୍ଗତ ଡୋକ୍ରିପଡ଼ା ଓ ଚିଲଗାଁ ମଧ୍ୟରେ ରବିବାର ଅପରାହ୍ନରେ ଏକ ପିକଅପ୍ ଭ୍ୟାନ ଓଲଟି ପଡ଼ିଛି। ଏଥିରେ ୨ ଶ୍ରମିକଙ୍କ ମୃତ୍ୟୁ ଘଟିଥିବାବେଳେ ୩୬ ଜଣ ଗୁରୁତର ହୋଇଛନ୍ତି। ମୃତକ ଦ୍ୱୟ ହେଲେ ମିଚାଗାଁ ନୂଆପଡ଼ାର ମୋହନ ବିଶ୍ୱାଳ (୫୦) ଓ ମଞ୍ଜୁଲତା ବିଶ୍ୱାଳ (୨୩)। ଆହତମାନଙ୍କୁ ଆମ୍ବୁଲାନ୍ସ ଯୋଗେ ଧର୍ମଗଡ଼ ଉପଖଣ୍ଡ ଚିକିତ୍ସାଳୟ, ଜୁନାଗଡ଼ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ଭବାନୀପାଟଣା ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି। ଜିଲାର ଜୁନାଗଡ଼ ବ୍ଲକ ଆଟିଗାଁ ବଂଶୀବଟପଡା, ବିଶାଲପଡା ଓ ମିଚାଗାଁ ନୂଆପଡ଼ାର ପ୍ରାୟ ୬୦ଜଣ ଶ୍ରମିକ ନିକଟସ୍ଥ ଗୋଲାମୁଣ୍ଡା ବ୍ଲକ ବୋରଗୁଡାକୁ ଧାନ ରୋଇବା ପାଇଁ ଯାଇଥିଲେ। ସେମାନେ କାର୍ଯ୍ୟ ସାରି ଅପରାହ୍ନ ପ୍ରାୟ ୫ଟାରେ ଏକ ପିକ୍‌ଅପ୍ ଭ୍ୟାନ ନଂ. ଓଡି ୦୮କେ-୪୧୭୫ରେ ଫେରୁଥିଲେ। ବାଟରେ ଡୋକ୍ରିପଡ଼ା ଓ ଚିଲଗାଁ ମଧ୍ୟରେ ପିକ୍‌ଅପ୍ ଭ୍ୟାନ ହଠାତ୍ ଓଲଟି ପଡିଥିଲା। ଫଳରେ ଏଥିରେ ବସିଥିବା ଶ୍ରମିକମାନେ ଏଣେତେଣେ ରାସ୍ତା କଡ଼କୁ ଛିଟିକି ପଡି ଗୁରୁତର ହୋଇଥିଲେ। ଧର୍ମଗଡ଼ ଉପଖଣ୍ଡ ଡାକ୍ତରଖାନାରେ ୧୪ ଓ ଜୁନାଗଡ଼ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ୨୨ ଗୁରୁତର ଚିକିତ୍ସିତ ହେଉଥିଲେ। ଉଭୟ ଡାକ୍ତରଖାନାରୁ ୨୩ ଜଣ ଗୁରୁତର ଶ୍ରମିକଙ୍କୁ ରାତିରେ ଭବାନୀପାଟଣା ମେଡିକାଲ କଲେଜକୁ ସ୍ଥାନାନ୍ତର କରାଯାଇଛି। ପିକ୍‌ଅପ୍ ଭ୍ୟାନ ଦ୍ରୁତ ଗତିରେ ଆସୁଥିବାବେଳେ ହଠାତ୍ ରାସ୍ତା ଖରାପ ଯୋଗୁ ଚାଳକ ବ୍ରେକ୍ ଦେବାରୁ ଏପରି ଦୁର୍ଘଟଣା ଘଟିଥିବା ସ୍ଥାନୀୟ ଲୋକେ କହିଛନ୍ତି। କଳାହାଣ୍ଡି ଦୁର୍ଘଟଣାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶୋକ ପ୍ରକାଶ କରିବା ସହ ମୃତକଙ୍କ ନିକଟ ସମ୍ପର୍କୀୟଙ୍କୁ ୩ ଲକ୍ଷ ଟଙ୍କାର ଅନୁକମ୍ପା ରାଶି ଦେବାକୁ ଘୋଷଣା କରିଛନ୍ତି। ଏହା ସହ ଆହତମାନଙ୍କ ପାଇଁ ଉତ୍ତମ ସ୍ୱାସ୍ଥ୍ୟସେବା ଯୋଗାଇ ଦେବାକୁ ନିର୍ଦ୍ଦେଶ ଦେବା ସହ ସେମାନଙ୍କ ଆଶୁ ଆରୋଗ୍ୟ କାମନା କରିଛନ୍ତି।

### ୧୩ ଆଞ୍ଚଳିକ ଭାଷାରେ..

ଦ୍ୱାରା ପରିଚାଳିତ କନଷ୍ଟେବଲ୍ ଜିଡି ପରୀକ୍ଷା ହେଉଛି ଦେଶର ଲକ୍ଷାଧିକ ଯୁବକଙ୍କୁ ଆକୃଷ୍ଟ କରୁଥିବା ଏକ ପ୍ରମୁଖ ପରୀକ୍ଷା। ତେଣୁ ହିନ୍ଦୀ ଓ ଇଂଲିଶ ବ୍ୟତୀତ ଉପରୋକ୍ତ ୧୩ଟି ଆଞ୍ଚଳିକ ଭାଷାରେ ପରୀକ୍ଷା ଆୟୋଜନ ପାଇଁ କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ଓ କର୍ମଚାରୀ ଚୟନ ଆୟୋଗ ଏକ ବୁଝାମଣାପତ୍ର ସ୍ୱାକ୍ଷର କରିଛନ୍ତି। ସେହି ଅନୁଯାୟୀ ଇଂଲିଶ ଓ ହିନ୍ଦୀ ବ୍ୟତୀତ ଅନ୍ୟ ୧୩ଟି ଆଞ୍ଚଳିକ ଭାଷାରେ କନଷ୍ଟେବଲ (ଜିଡି) ପରୀକ୍ଷା- ୨୦୨୪ ଆୟୋଜନ ପାଇଁ ଏସ୍ଏସ୍‌ସି ବିଜ୍ଞପ୍ତି ଜାରି କରିଛି। ଏହି ନିଷ୍ପତ୍ତି ଫଳରେ ଲକ୍ଷାଧିକ ଯୁବକ ନିଜ ମାତୃଭାଷା/ଆଞ୍ଚଳିକ ଭାଷାରେ ପରୀକ୍ଷାରେ ଅଂଶଗ୍ରହଣ କରିବା ସହ ସେମାନଙ୍କ ଚୟନ ସମ୍ଭାବନାରେ ଉନ୍ନତି ଆଣିବେ। ଫଳରେ ସମଗ୍ର ଦେଶରେ ପ୍ରାର୍ଥୀଙ୍କ ମଧ୍ୟରେ ଏହି ପରୀକ୍ଷାର ପହଞ୍ଚ ବୃଦ୍ଧି ପାଇବ ଏବଂ ସମସ୍ତଙ୍କୁ ରୋଜଗାର ପାଇଁ ସମାନ ସୁଯୋଗ ମିଳିବ।

### ଗୁଣି ସନ୍ଦେହ: ସ୍ତ୍ରୀ ଆଗରେ ...

ଟଣାଓଟରା କରିଥିଲେ। ଗୁରୁବାରିଆ ଏହାର ପ୍ରତିବାଦ କରିବାରୁ ତାଙ୍କୁ ଟାଣି ନେଇ ଦାଣ୍ଡରେ ପ୍ରବଳ ମାଡ଼ ମାରିଥିଲେ। ଫଳରେ ଘଟଣାସ୍ଥଳରେ ସ୍ୱାମୀଙ୍କ ମୃତ୍ୟୁ ଘଟିଥିବା ଶ୍ରୀମନ୍ତି କହିଛନ୍ତି। ଏପରିକି ସେ ସମୟରେ ତାଙ୍କୁ ମଧ କେତେଜଣ ଯୁବତୀ ଆକ୍ରମଣ କରିଥିଲେ ବୋଲି ସେ କହିଛନ୍ତି। ଦାଣ୍ଡରେ ସ୍ୱାମୀଙ୍କୁ ମାଡ଼ହେବା ଦେଖି ଶ୍ରୀମନ୍ତି ତାଙ୍କର ୭ ଝିଅଙ୍କୁ ଧରି ଭୟରେ ଜଙ୍ଗଲ ରାସ୍ତାରେ ତିତିରିସିଙ୍ଗି ଗ୍ରାମକୁ ପଳାଇଥିଲେ। ରବିବାର ସକାଳେ ଗଣମାଧ୍ୟମକୁ ସେ ଏହି ବିଷୟ ଜଣାଇଛନ୍ତି। ତେବେ ଗୁରୁବାରିଆ ଝଡ଼ାଫୁଙ୍କା କରୁଥିବା ଯୋଗୁଁ ଗାଁରେ କାହାକୁ ରୋଗ ହେଲେ ସେ ଗୁଣିଗାରେଡ଼ି କରୁଥିବା ଅଭିଯୋଗ ହେଉଥିଲା। ସେଥିପାଇଁ ଏହି ହତ୍ୟାକାଣ୍ଡ ଘଟିଥିବା ଅନୁମାନ କରାଯାଉଛି। ଅନ୍ୟପକ୍ଷରେ ଝାଡ଼ାବାନ୍ତିରେ ଗୁରୁବାରିଆଙ୍କ ମୃତ୍ୟୁ ଘଟିଛି ବୋଲି ଗ୍ରାମର କେତେଜଣ ପ୍ରକାଶ କରିଛନ୍ତି।

### ଏ ବର୍ଷ ଭଲ ...

ଦକ୍ଷିଣ-ପଶ୍ଚିମ ମୌସୁମୀରୁ ମିଳିଥାଏ, ଯାହା କି ଦେଶର କୃଷି କାର୍ଯ୍ୟ ପାଇଁ ଗୁରୁତ୍ୱପୂର୍ଣ୍ଣ। ଭାରତର ଜିଡିପିକୁ କୃଷି କ୍ଷେତ୍ରର ଅବଦାନ ୧୪ ପ୍ରତିଶତ ହୋଇଥିବାବେଳେ ଏଥିରେ ଜନସଂଖ୍ୟାର ଅଧାରୁ ଅଧିକ ନିୟୋଜିତ ହୋଇଥାନ୍ତି। ଏପ୍ରିଲ-ଜୁନ୍ ସୁଦ୍ଧା ଏଲ୍ ନିନୋ ଇଏନ୍‌ଏସ୍‌ଓ-ନିଷ୍କ୍ରିୟତାରେ ପହଞ୍ଚିବାର ୭୯ ପ୍ରତିଶତ ସମ୍ଭାବନା ରହିଛି ବୋଲି ଜାତିସଂଘର ନ୍ୟାଶନାଲ ଓସନିକ୍ ଆଣ୍ଡ ଆଟ୍‌ମୋସ୍ଫିୟରିକ୍ ଆଡମିନିଷ୍ଟ୍ରେଶନ (ଏନ୍‌ଓଏଏ) ଗତ ସପ୍ତାହରେ କହିଥିଲା। ସେହିପରି ଜୁନ୍-ଅଗଷ୍ଟ ବେଳକୁ ଲା ନିନୋ ବିକଶିତ ହେବାର ୫୫ ପ୍ରତିଶତ ସମ୍ଭାବନା ଥିବା କୁହାଯାଇଥିଲା। ଏଲ୍-ନିନୋ ଦୁର୍ବଳ ହେବା ଆରମ୍ଭ ହୋଇଛି ବୋଲି ୟୁରୋପୀୟ ସଂଘର କୋପରନିକସ୍ କ୍ଲାଇମେଟ୍ ଚେଞ୍ଜ୍ ସର୍ଭିସ୍ (ସିଏଏସ୍) ସ୍ପଷ୍ଟ କରିଥିଲା। ଅନ୍ୟପକ୍ଷରେ ବର୍ତ୍ତମାନ ସୁଦ୍ଧା ପାଣିପାଗ ସ୍ଥିତି ନେଇ କିଛି ନିଶ୍ଚିତ କରାଯାଇପାରିବ ନାହିଁ। ତେବେ ଏଲ୍ ନିନୋ ଶେଷ ହେବା ନେଇ ସମସ୍ତ ମଡେଲ୍‌ରୁ ସୂଚନା ମିଳୁଛି ବୋଲି ଭାରତୀୟ ପାଣିପାଗ ବିଭାଗର ବରିଷ୍ଠ ବୈଜ୍ଞାନିକ ଡି. ଶିବାନନ୍ଦ ପାଇ କହିଛନ୍ତି।

सत्यमेव जयते
Goverment Of India

# ସଶକ୍ତ ଯୁବଶକ୍ତି ସୁଦୃଢ଼ କରୁଛନ୍ତି 'ବିକଶିତ ଭାରତ'ର ସଂକଳ୍ପ



## ରୋଜଗାର ମେଳା ମାଧ୍ୟମରେ
## ସରକାରୀ ଚାକିରିରେ ଯୁବବର୍ଗଙ୍କ ନିଯୁକ୍ତି ପାଇଁ

**ସାରା ଦେଶରେ ସରକାରୀ ଚାକିରି ନିମନ୍ତେ ମନୋନୀତ ହୋଇଥିବା**
**୧ ଲକ୍ଷ ପ୍ରାର୍ଥୀଙ୍କୁ ନିଯୁକ୍ତି ପତ୍ର ବଣ୍ଟନ**

ପ୍ରଧାନମନ୍ତ୍ରୀ

## ନରେନ୍ଦ୍ର ମୋଦିଙ୍କ

ଦ୍ୱାରା

**୧୨ ଫେବୃଆରୀ ୨୦୨୪, ପୂର୍ବାହ୍ନ ୧୦.୩୦ ଘଟିକା**

(ଭିଡିଓ କନ୍‌ଫରେନ୍ସିଂ ଜରିଆରେ)

CBC19101/13/0020/2324

- ସହଭାଗୀ ରାଜ୍ୟ ସରକାରମାନଙ୍କ ସହବନ୍ଧନରେ ଭାରତ ସରକାରଙ୍କ ଦ୍ୱାରା ନୂଆ ଚାକିରି ସୁଯୋଗର ସୃଜନ
- ମହିଳା, ଦିବ୍ୟାଙ୍ଗଜନ ଏବଂ ଆକାଂକ୍ଷୀ ଜିଲ୍ଲାଗୁଡ଼ିକର ପ୍ରାର୍ଥୀମାନଙ୍କ ପାଇଁ ବିଶେଷ ଲାଭ
- ସହଜ, ନିରପେକ୍ଷ ଏବଂ ସ୍ୱଚ୍ଛ ମନୋନୟନ ପ୍ରକ୍ରିୟା
- ସମସ୍ତ ନିଯୁକ୍ତି ୟୁପିଏସ୍‌ସି, ଏସ୍‌ଏସ୍‌ସି, ରେଳପଥ ନିଯୁକ୍ତି ପରିଷଦ ଏବଂ ଆଇବିପିଏସ୍ ଭଳି ଏଜେନ୍ସି ମାଧ୍ୟମରେ ଦିଆଯାଉଛି
- ସ୍ୱତନ୍ତ୍ର ଅନ୍‌ଲାଇନ୍ ପ୍ରଣାଳୀ ମାଧ୍ୟମରେ ଖାଲିପଦବୀ ଏବଂ ନିଯୁକ୍ତି ପ୍ରକ୍ରିୟାର ନିରବଚ୍ଛିନ୍ନ ତଦାରଖ
- "କର୍ମଯୋଗୀ ପ୍ରାରମ୍ଭ" ମଡ୍ୟୁଲ୍ ମାଧ୍ୟମରେ ବିଭିନ୍ନ ସରକାରୀ ବିଭାଗରେ ସମସ୍ତ ନବନିଯୁକ୍ତ କର୍ମଚାରୀଙ୍କ ଅନ୍‌ଲାଇନ୍ ପ୍ରଶିକ୍ଷଣ ପାଠ୍ୟକ୍ରମ

DD NEWS ଡିଡି ନ୍ୟୁଜ୍‌ରେ କାର୍ଯ୍ୟକ୍ରମର ସିଧା ପ୍ରସାରଣ ଦେଖନ୍ତୁ

ପ୍ରଶିକ୍ଷଣ ସମ୍ବନ୍ଧୀୟ ଅଧିକ ସୂଚନା ପାଇଁ କର୍ମଯୋଗୀ ମଡ୍ୟୁଲ୍ ୱେବ୍‌ସାଇଟ୍ https://igotkarmayogi.gov.in ପରିଦର୍ଶନ କରନ୍ତୁ କିମ୍ବା ଏହି କ୍ୟୁଆର୍ କୋଡ୍ ସ୍କାନ୍ କରନ୍ତୁ

**ସଂକ୍ଷେପରେ**

## ସାଇକେଲରେ ଭାରତ ଯାତ୍ରା

ପୁରୀ,୧୧।୨(ଅଜିତ୍ ମହାନ୍ତି)

ପରିବେଶ ସଚେତନ ଓ ବୃକ୍ଷରୋପଣ ବାର୍ତ୍ତା ନେଇ ହରିୟାଣାରୁ ଜଣେ ୪୮ ବର୍ଷୀୟ ବ୍ୟକ୍ତି ଶ୍ରୀକ୍ଷେତ୍ର ପର୍ଯ୍ୟନ୍ତ ସାଇକେଲ ଯାତ୍ରା କରିଛନ୍ତି। ସେ ବର୍ତ୍ତମାନ ସୁଦ୍ଧା ଦୀର୍ଘ ୧୬ ହଜାର କିଲୋମିଟର ରାସ୍ତା ଅତିକ୍ରମ କରି ପୁରୀରେ ପହଞ୍ଚିଛନ୍ତି। ବ୍ୟକ୍ତି ଜଣଙ୍କ ହେଲେ ହରିୟାଣା ରାଜ୍ୟ ବିୱାନି ଜିଲା ଅଧୀନ ନନ୍ଦଗାଁଓ ଅଞ୍ଚଳର ନରେନ୍ଦ୍ର ଯାଦବ। ସୂଚନା ଅନୁସାରେ, ସାଇକଲ ଯୋଗେ ଭାରତ ଭ୍ରମଣ କରିବା ସହ ସେ ପ୍ରମୁଖ ପର୍ଯ୍ୟଟନସ୍ଥଳୀ ସମେତ ଜ୍ୟୋତିର୍ଲିଙ୍ଗ ଦର୍ଶନ କରୁଛନ୍ତି। ପୂର୍ବରୁ ମଧ୍ୟ ସେ ସାଇକେଲ ଯୋଗେ ଯାତ୍ରା କରି ୧୩ ହଜାର କିଲୋମିଟର ଅତିକ୍ରମ କରିଛନ୍ତି। କିଛି ଦିନ ବ୍ୟବଧାନ ପରେ ପୁଣି ସେ ଜାନୁଆରୀ ୧୧ ତାରିଖରୁ ନିଜ ଗାଁରେ ଥିବା ବାବା ପୂର୍ଣ୍ଣାଗୀରିଧାମଠାରୁ ଏହି ଯାତ୍ରା ଆରମ୍ଭ କରିଛନ୍ତି। ଆଜିକୁ ଦୀର୍ଘ ୪୦ ଦିନ ସାଇକେଲରେ ଯାତ୍ରା କରି ପୁରୀରେ ପହଞ୍ଚିଛନ୍ତି। ତାଙ୍କ କହିବା ଅନୁସାରେ, ଗଛ ଲଗାଅ ଓ ଜୀବନ ବଞ୍ଚାଇବା ବାର୍ତ୍ତା ସହ ଭାରତରେ ଅବସ୍ଥିତ ଥିବା ବିଭିନ୍ନ ଜ୍ୟୋତର୍ଲିଙ୍ଗ ଦର୍ଶନ ସମେତ ବହୁ ପର୍ଯ୍ୟଟନସ୍ଥଳୀ ବୁଲିବାର ଲକ୍ଷ୍ୟ ରଖୁଛନ୍ତି। ଦୀର୍ଘ୪୦ ଦିନର ଯାତ୍ରା ମଧ୍ୟରେ ବିଭିନ୍ନ ରାଜ୍ୟ ହୋଇ ପୁରୀରେ ଶ୍ରୀଜଗନ୍ନାଥ ମନ୍ଦିର ଦର୍ଶନ କରିଛନ୍ତି। ପରେ ସେଠାରୁ ସେ ସିଧା ଅଯୋଧ୍ୟା ଅଭିମୁଖେ ଯାତ୍ରା କରିବେ ବୋଲି କହିଛନ୍ତି।

## ଅଭିଯୋଗର ତଦନ୍ତ ନେଇ କମିଟି ଗଠନ

ପୁରୀ,୧୧।୨(ଅଜିତ୍ ମହାନ୍ତି)

ଶ୍ରୀଜଗନ୍ନାଥ ଭେଷଜ ମହାବିଦ୍ୟାଳୟ ଓ ଚିକିତ୍ସାଳୟର କିଛି ବିଭାଗର ଆସୋସିଏଟ୍ ପ୍ରଫେସର, ଆସିଷ୍ଟାଣ୍ଟ ପ୍ରଫେସରମାନେ ରୋଗୀ ସେବା ନ କରି ଘରୋଇ କ୍ଲିନିକ୍‌ରେ ରୋଗୀଙ୍କୁ ଚିକିତ୍ସା କରୁଥିବା ନେଇ ଜିଲାପାଳଙ୍କୁ ଅଭିଯୋଗ ହୋଇଥିଲା। ଏନେଇ ଜିଲାପାଳଙ୍କ ନିକଟରେ ସୂଚନା ଅଧିକାର କର୍ମୀ ଦିଲୀପ ବରାଳ ଅଭିଯୋଗ କରିଥିଲେ। ଅଭିଯୋଗରେ ସେ ଦର୍ଶାଇଥିଲେ, ଶ୍ରୀଜଗନ୍ନାଥ ଭେଷଜ ମହାବିଦ୍ୟାଳୟ ଓ ଚିକିତ୍ସାଳୟର ନିଜସ୍ୱ ଚିକିତ୍ସାଳୟ ବର୍ତ୍ତମାନ ସୁଦ୍ଧା କାର୍ଯ୍ୟକ୍ଷମ ହୋଇନାହିଁ। ତେଣୁ ମହାବିଦ୍ୟାଳୟର ଆସୋସିଏଟ୍ ପ୍ରଫେସର, ଆସିଷ୍ଟାଣ୍ଟ ପ୍ରଫେସରମାନେ ଶ୍ରୀଜଗନ୍ନାଥ ଭେଷଜ ମହାବିଦ୍ୟାଳରେ ଶିକ୍ଷାଦାନ କରିବା ସହ ସଦର ମୁଖ୍ୟ ଚିକିତ୍ସାଳୟରେ ରୋଗୀ ସେବା ମଧ୍ୟ କରୁଛନ୍ତି। ତେବେ ଅନେକ ସମୟରେ ପ୍ରଫେସର, ଆସିଷ୍ଟାଣ୍ଟ ପ୍ରଫେସରମାନେ ମନ ଇଚ୍ଛା ମେଡିକାଲକୁ ଆସି ରୋଗୀ ସେବା କରୁଛନ୍ତି। ଅପରପକ୍ଷେ ଅନେକ ବିଭାଗର ପ୍ରଫେସର ଓ ଆସିଷ୍ଟାଣ୍ଟ ପ୍ରଫେସର ମେଡିକାଲରେ ରୋଗୀ ସେବା କରିବା ପରିବର୍ତ୍ତେ ଘରୋଇ କ୍ଲିନିକ୍‌ରେ ରୋଗୀ ସେବା କାର୍ଯ୍ୟ କରୁଛନ୍ତି। ତେବେ ଜିଲାପାଳ ଅଭିଯୋଗକୁ ଗ୍ରହଣ କରି ଘଟଣାର ତଦନ୍ତ କରିବା ପାଇଁ ଏକ ୫ ଜଣିଆ କମିଟି ଗଠନ କରାଯାଇଛି। କମିଟିରେ ଜଣେ ଅଧ୍ୟକ୍ଷ ଥିବା ବେଳେ ୪ ଜଣ ସଭ୍ୟ ଥିବା ନେଇ ବରାଳ ସୂଚନା ପ୍ରଦାନ କରିଛନ୍ତି।

# ନିଜ ଜମି ଫ୍ରିହୋଲ୍ଡ କରିପାରୁନାହାନ୍ତି ଲୋକେ

ଭୁବନେଶ୍ୱର, ୧୧।୨(ବନ୍ଦନା ସେଠୀ)

**ଜିଏ ଦ୍ୱାରା ଆବଣ୍ଟିତ ଜମିଧାରୀଙ୍କୁ ଫ୍ରିହୋଲ୍ଡରେ ସରଳୀକରଣ ଦାବି**

ଦୀର୍ଘମିଆଦି ଲିଜ୍ ସୂତ୍ରରେ ଆବଣ୍ଟିତ ଜମିଗୁଡିକର ସ୍ଥିତିବାନ (ଫ୍ରିହୋଲ୍ଡ) କରିବା ପାଇଁ ଦେୟ ଅର୍ଥ ରାଶିର ପରିମାଣକୁ ଜମିର ବଜାର ମୂଲ୍ୟର ଶତକଡ଼ା ୧୦%ରୁ ଶତକଡ଼ା ୩%କୁ ହ୍ରାସ କରିବା ପାଇଁ ଜାନୁଆରୀ ୨୨ରେ ରାଜ୍ୟ କ୍ୟାବିନେଟ୍‌ରେ ନିଷ୍ପତ୍ତି ହୋଇଛି। ଫଳରେ ଲିଜ୍‌ଧାରୀମାନେ ସେମାନଙ୍କ ଜମିର ବେଞ୍ଚମାର୍କ ମୂଲ୍ୟର ମାତ୍ର ୩ ପ୍ରତିଶତ ଅର୍ଥ ଦେଇ ସମ୍ପୃକ୍ତ ଜମି ବା ଘରକୁ ଫ୍ରିହୋଲ୍ଡିଂ କରିପାରିବେ। ଏହି ନିଷ୍ପତ୍ତି ରାଜ୍ୟ ଗୃହ ନିର୍ମାଣ ସଂସ୍ଥା (ଓଡ଼ିଶା ଷ୍ଟେଟ୍ ହାଉସିଂବୋର୍ଡ) ତଥା ଉନ୍ନୟନ କର୍ତ୍ତୃପକ୍ଷ (ଡେଭଲପ୍‌ମେଣ୍ଟ ଅଥରିଟି)ଙ୍କ କ୍ଷେତ୍ରରେ ଲାଗୁ ହୋଇଥିବାବେଳେ ରାଜ୍ୟ ସରକାରଙ୍କ ସାଧାରଣ ପ୍ରଶାସନ ବିଭାଗ (ଜିଏ) ଦ୍ୱାରା ୧୯୫୪ରୁ ୧୯୭୦ ମସିହା ମଧ୍ୟରେ ଆବଣ୍ଟନ କରାଯାଇଥିବା ଲିଜ୍ ଜମିର ସ୍ଥିତିବାନ୍ କ୍ଷେତ୍ରରେ ଲାଗୁ ହୋଇନାହିଁ। ଏହି ସଂଶୋଧିତ ସ୍ଥିତିବାନ ନୀତି ଦ୍ୱାରା ଉକ୍ତ ଅଞ୍ଚଳର ସମସ୍ତ ଲିଜ୍‌ଧାରୀ ମାଲିକମାନେ ସହଜରେ ସେମାନଙ୍କ ଜମିଗୁଡିକୁ ଫ୍ରି ହୋଲ୍ଡ ବା ସ୍ଥିତିବାନ କରିବାରେ ସମର୍ଥ ହେବେ। ଅପରପକ୍ଷେ ସାଧାରଣ ପ୍ରଶାସନ ବିଭାଗର ଲିଜ୍ ଜମିଧାରୀମାନେ ଅତିଶୟ କଠିନ ସ୍ଥିତିବାନ ନୀତିର ସମ୍ମୁଖୀନ ହେଉଛନ୍ତି। ତେଣୁ ପ୍ରାୟ ୮୦ଭାଗ ଲୋକ ନିଜ ଜମିଗୁଡିକୁ ଫ୍ରି ହୋଲ୍ଡ କରିବାରେ ସକ୍ଷମ ହୋଇପାରୁ ନାହାନ୍ତି। ଯାହାକୁ ନେଇ ବିଭିନ୍ନ ମହଲରେ ଅସନ୍ତୋଷ ବ୍ୟକ୍ତ କରାଯାଇଛି। ଏହି କ୍ରମରେ ଗୌତମ ନଗର ଡେଭଲପ୍‌ମେଣ୍ଟ କମିଟି, ବାପୁଜୀନଗର ନାଗରିକ କମିଟି, ବୁଦ୍ଧେଶ୍ୱରୀ କଲୋନୀ ୱେଲଫେୟାର କମିଟିର କର୍ମକର୍ତ୍ତା ମିଳିତଭାବେ ମୁଖ୍ୟ ଶାସନ ସଚିବଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଥିଲେ। ଏଥିରେ ରୂପାନ୍ତରୀକରଣ ଅର୍ଥରାଶିକୁ ୧୦%ରୁ ୩%କୁ ହ୍ରାସ କରିବା ସହ ପ୍ରଭେଦ ଅର୍ଥରାଶି (ଡିଫରେନ୍ସିଆଲ ପ୍ରିମିୟମ୍ ଆମାଉଣ୍ଟ)କୁ ସମ୍ପୂର୍ଣ୍ଣ ଉଚ୍ଛେଦ କରିବା ପାଇଁ ଦାବି ରଖାଯାଇଛି। ଗୌତମ ନଗର, ବାପୁଜୀନଗର ଆଦି ଅଞ୍ଚଳରେ ୪ଲକ୍ଷରୁ ଊର୍ଦ୍ଧ୍ୱ ଲୋକ ବସବାସ କରୁଛନ୍ତି। ଗତ ୨୦ବର୍ଷରେ ଜମିର ମୂଲ୍ୟ ଆକାଶ ଛୁଆଁ ବୃଦ୍ଧି ପାଇଥିବାରୁ ଏହି ପରିମାଣର ଅର୍ଥରାଶି ଦେଇ ଲିଜ୍ ଜମିକୁ ଫ୍ରିହୋଲ୍ଡ କରିବା ସାଧାରଣ ଲୋକଙ୍କ ପକ୍ଷେ ଅସମ୍ଭବ ହୋଇପଡ଼ିଛି। ୫ରୁ ୧୦ ଡିସିମିଲ ଜମିକୁ ଫ୍ରିହୋଲ୍ଡ କରିବା ପାଇଁ ପ୍ରାୟ ୮୦ ଲକ୍ଷରୁ ୧.୨କୋଟି ଟଙ୍କା ଆବଶ୍ୟକ ପଡୁଛି। ଫଳରେ ବରିଷ୍ଠ ନାଗରିକ, ସ୍ୱଳ୍ପବେତନଧାରୀ, ପେନସନ୍‌ଧାରୀ ଏବଂ ସାଧାରଣବର୍ଗର ଲୋକଙ୍କ ପାଇଁ ସମ୍ଭବପର ହେଉନାହିଁ ବୋଲି ଅଭିଯୋଗ କରାଯାଇଛି।

## ସାତକଡ଼ି ହୋତାଙ୍କୁ ସଂସ୍କୃତି ବିଭାଗର ଶ୍ରଦ୍ଧାଞ୍ଜଳି



ଭୁବନେଶ୍ୱର,୧୧।୨(ଶର୍ମିଷ୍ଠା ପାଣିଗ୍ରାହୀ)

ବିଶିଷ୍ଟ ସାହିତ୍ୟିକ ସାତକଡ଼ି ହୋତାଙ୍କ ବିୟୋଗରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି। ବିଭାଗୀୟ ମନ୍ତ୍ରୀ ଅଶ୍ୱିନୀ କୁମାର ପାତ୍ର ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି। ସ୍ୱର୍ଗତ ହୋତା ଏକାଧାରରେ ଜଣେ ସୁସାହିତ୍ୟିକ, ସାମ୍ବାଦିକ, ବକ୍ତା ଓ ସଙ୍ଗଠକ ଭାବେ ସଦା ସ୍ମରଣୀୟ ହୋଇରହିବେ ବୋଲି ମନ୍ତ୍ରୀ ତାଙ୍କ ଶୋକବାର୍ତ୍ତାରେ ଉଲ୍ଲେଖ କରିଛନ୍ତି। ସେହିପରି ବିଭାଗୀୟ ନିର୍ଦ୍ଦେଶକ ଦିଲୀପ ରାଉତରାଏ ସ୍ୱର୍ଗତ ହୋତାଙ୍କ ବାସଭବନ ଯାଇ ତାଙ୍କ ଅନ୍ତିମ ଦର୍ଶନ କରିବା ସହ ଶବାଧାରରେ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଜଣାଇଛନ୍ତି। ଓଡ଼ିଶା ସାହିତ୍ୟ ଏକାଡେମୀର ସଭାପତି ଡ. ହୃଷୀକେଶ ମଲ୍ଲିକ ଏବଂ ସଚିବ ତଥା ଯୁଗ୍ମ ନିର୍ଦ୍ଦେଶକ ସୁବୋଧ ଚନ୍ଦ୍ର ଆଚାର୍ଯ୍ୟ ପ୍ରମୁଖ ତାଙ୍କର ଶେଷ ଦର୍ଶନ କରିବା ସହ ଶୋକ ପ୍ରକାଶ କରିଛନ୍ତି। ସୂଚନାଯୋଗ୍ୟ, ସ୍ୱର୍ଗତ ହୋତା ୨୦୧୩ରୁ ୨୦୧୬ ମସିହା ପର୍ଯ୍ୟନ୍ତ ଓଡ଼ିଶା ସାହିତ୍ୟ ଏକାଡେମୀର ସଭାପତି ଭାବେ ସଫଳତାର ସହ ଦାୟିତ୍ୱ ତୁଲାଇଥିଲେ। ଅନେକ କବିତା, ଉପନ୍ୟାସ, କ୍ଷୁଦ୍ରଗଳ୍ପ ଓ ପ୍ରବନ୍ଧ ରଚନା କରି ଓଡ଼ିଆ ବାଣୀ ଜଗତକୁ ସମୃଦ୍ଧ କରିବାରେ ତାଙ୍କ ଭୂମିକା ଅତୁଳନୀୟ।

## 'ଟେକ୍ନିସିଆନ୍‌ଙ୍କ ଦକ୍ଷତା ସିନେମାର ଆକର୍ଷଣ ବଢାଏ'



ଓମ୍‌ଟ୍ୱାର ବାର୍ଷିକ ସମ୍ମିଳନୀରେ ଅତିଥିମାନେ ସ୍ମରଣିକା ଉନ୍ମୋଚନ କରୁଛନ୍ତି।

କଟକ,୧୧।୨ (କାର୍ତ୍ତିକ ସାହୁ)

**ଓମ୍‌ଟ୍ୱାର ୩୨ତମ ବାର୍ଷିକ ସମ୍ମିଳନୀ**

ଓଡ଼ିଶା ମୋସନ ପିକ୍‌ଚର୍ ଟେକ୍ନିସିଆନ୍ସ ଆଣ୍ଡ୍ ୱାର୍କର୍ସ ଆସୋସିଏଶନ୍(ଓମ୍‌ଟ୍ୱା)ର ୩୨ତମ ବାର୍ଷିକ ସମ୍ମିଳନୀ କଟକ ଟାଉନ୍ ହଲ୍‌ରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ପତାକା ଉତ୍ତୋଳନ ପରେ ଆନୁଷ୍ଠାନିକ ଭାବେ ଅଧିବେଶନ ଆରମ୍ଭ ହୋଇଥିଲା। ଟେକ୍ନିସିଆନଙ୍କ ଦକ୍ଷତା ସିନେମାର ଆକର୍ଷଣକୁ ବଢ଼ାଇଥାଏ। କୁଶଳୀ ଟେକ୍ନିସିଆନ୍‌ମାନେ ସିନେମାର କଳାତ୍ମକତାକୁ ରୂପ ଦେଇଥାନ୍ତି ବୋଲି ବକ୍ତାମାନେ ମତପ୍ରକାଶ କରିଥିଲେ। ଅନୁଷ୍ଠାନର ଉପଦେଷ୍ଟା ବାପୁ ଲେଙ୍କା, ଆଦିକନ୍ଦ ରାଉତ, ଆଇନଜୀବୀ ବନ ମହାନ୍ତି, ଅଭିନେତ୍ରୀ ଅନୁ ଚୌଧୁରୀ, ପ୍ରଯୋଜକ ଚଣ୍ଡି ପରିଜା, ତାପସ ସରଘରିଆ, ଜୁବୁଲି ସୁନ୍ଦରରାୟ, ଅଜୟ ରାଉତରାୟ, ଶ୍ରୀଧର ମାର୍ଥା, ଅନୁଷ୍ଠାନର ଉପସଭାପତି ଦେବେନ୍ଦ୍ର ରଣା ଓ ଯୋଗୀ ସେଣଙ୍କ ସମେତ ଓଡ଼ିଆ ସିନେ ଜଗତର ପ୍ରମୁଖ ବ୍ୟକ୍ତିତ୍ୱ ଯୋଗଦେଇଥିଲେ। ଆସୋସିଏଶନ୍‌ର ସଭାପତି ଦେବୀ ପ୍ରସାଦ ପଟ୍ଟନାୟକ ଅଧ୍ୟକ୍ଷତା କରିଥିଲେ। ଆବାହକ ଶ୍ରୀକାନ୍ତ ଦାସ ପ୍ରାରମ୍ଭିକ ସୂଚନା ଓ ସମ୍ପାଦକ ନିରଞ୍ଜନ ଦାଶ ବିବରଣୀ ପାଠ କରିଥିଲେ। ଏହି ଅବସରରେ ଅନୁଷ୍ଠାନର ବାର୍ଷିକ ସ୍ମରଣିକା ଉନ୍ମୋଚନ ସହ ବରିଷ୍ଠ ସଭ୍ୟମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କୋଷାଧ୍ୟକ୍ଷ ରତ୍ନରାଜ ଖଟୁଆ ଆୟବ୍ୟୟର ହିସାବ ଉପସ୍ଥାପନ କରିଥିଲେ। ଏଥିସହ ଆଗାମୀ ବର୍ଷ ପାଇଁ ଆସୋସିଏଶନ୍‌ର ନୂତନ କର୍ମକର୍ତ୍ତା ନିର୍ବାଚନ ଅନୁଷ୍ଠିତ ହୋଇଥିଲା। ଉପଦେଷ୍ଟା ଆଦିକନ୍ଦ ରାଉତ ନିର୍ବାଚନ ପରିଚାଳନା କରିଥିଲେ। ପ୍ରାରମ୍ଭରେ ସିନେମା ଓ ଧାରାବାହିକ ସହ ଜଡ଼ିତ ଦିବଂଗତ କଳାକାର ଓ ଅନ୍ୟ ବ୍ୟକ୍ତିବିଶେଷଙ୍କ ପାଇଁ ଶୋକ ପ୍ରସ୍ତାବ ଆଗତ କରାଯାଇଥିଲା।

## ଓଡ଼ିଶା ରାଜ୍ୟ ବିଦ୍ୟୁତ୍ କର୍ମଚାରୀ ସଂଘର ବାର୍ଷିକ ଅଧିବେଶନ

ପୁରୀ,୧୧।୨(ଅଜିତ୍ ମହାନ୍ତି)

ଓଡ଼ିଶା ରାଜ୍ୟ ବିଦ୍ୟୁତ୍ କର୍ମଚାରୀ ସଂଘର ୬୧ତମ ରାଜ୍ୟସ୍ତରୀୟ ବାର୍ଷିକ ଅଧିବେଶନ ଟାଉନହଲ୍‌ଠାରେ ରବିବାର ଉଦ୍‌ଘାଟିତ ହୋଇଯାଇଛି। ଅଧିବେଶନରେ ପୁରୀ ଜିଲା ସମେତ ରାଜ୍ୟର ସମସ୍ତ ଜିଲାର ବିଦ୍ୟୁତ୍ କର୍ମଚାରୀ ଯୋଗଦେଇଥିଲେ। ବିଦ୍ୟୁତ୍ କର୍ମଚାରୀଙ୍କ ବର୍ତ୍ତମାନର ଭୂମିକା, ସେମାନଙ୍କ ସୁରକ୍ଷା ନିରାପତ୍ତା ଓ ସେମାନଙ୍କ ଭବିଷ୍ୟତକୁ ନେଇ ବିଭିନ୍ନ ପ୍ରକାରର ଆଲୋଚନା ବୈଠକରେ ହୋଇଥିଲା। ୧୯୯୫ ମସିହାରୁ ଟେକ୍ନିକାଲ ବିଦ୍ୟୁତ୍ କର୍ମଚାରୀଙ୍କ ମଧ୍ୟରେ ପ୍ରଦାନ କରାଯାଇଥିବା ବେତନ ଅର୍ଥ ରାଶିରେ ପାତରଅନ୍ତର, ଯେଉଁ କର୍ମଚାରୀ ବିଦ୍ୟୁତ୍ ଖୁଣ୍ଟ ବୋହି କାର୍ଯ୍ୟ କରୁଛନ୍ତି ସେମାନଙ୍କ ପଦୋନ୍ନତି, ଅଣଓଡ଼ିଆଙ୍କ ବଦଳରେ ଓଡ଼ିଆ କର୍ମଚାରୀଙ୍କୁ ନିଯୁକ୍ତି ଦେବା, କାର୍ଯ୍ୟରତ କର୍ମଚାରୀଙ୍କ ପିଲାଙ୍କୁ ପରୀକ୍ଷାରେ କମ୍ ଶତକଡ଼ା ପାସ୍ ହାରରେ ନିଯୁକ୍ତି ଦେବା, କର୍ମଚାରୀଙ୍କ ଅବସର ପରେ ସେମାନଙ୍କ ପାଇଁ ପେନସନ ଲାଗୁ କରିବା ଆଦି ପ୍ରସଙ୍ଗକୁ ନେଇ ସଂଘ ପକ୍ଷରୁ ଦାବି କରାଯାଇଛି। ସଂଘର ସ୍ଥାୟୀ ସଭାପତି ପ୍ରଶାନ୍ତ ମହାପାତ୍ର, ସମ୍ପାଦକ ଅକ୍ଷୟ ତ୍ରିପାଠୀ, ଓଡ଼ିଶା ଶାଖାର ସଭାପତି ଡ. ରାମଚନ୍ଦ୍ର ଖୁଣ୍ଟିଆ, ବିଜେଡି ନେତା ଶୁଭାଶିଷ ଖୁଣ୍ଟିଆ, କୋଷାଧ୍ୟକ୍ଷ ସଞ୍ଜୀବ ପ୍ରସାଦ ବେହେରା, ମୁଖ୍ୟ ସଂଗଠନ ସମ୍ପାଦକ ବିପିନ ବିହାରୀ ସେଠୀ, ଯୁଗ ସମ୍ପାଦକ ଦିଲୀପ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ଏକାମ୍ର ବାଟିକା ସ୍କୁଲର ବାର୍ଷିକ ଉତ୍ସବ



ବାର୍ଷିକ ଉତ୍ସବରେ ପିଲାମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରୁଛନ୍ତି।

ଭୁବନେଶ୍ୱର,୧୧।୨(ଅଭୟ ଦାଶ)

ଏକାମ୍ର ବାଟିକା ପ୍ରି ସ୍କୁଲର ପ୍ରଥମ ବାର୍ଷିକ ଉତ୍ସବ ରବିବାର ସ୍କୁଲ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଆୟୋଜିତ ଏକ ସଭା ଓ ମନୋରଞ୍ଜନ (ସାଂସ୍କୃତିକ) କାର୍ଯ୍ୟକ୍ରମରେ ବିଶିଷ୍ଟ ଶିଶୁରୋଗ ବିଶେଷଜ୍ଞ ଡା. ରଞ୍ଜିତ ଯୋଶୀ ସମ୍ମାନିତ ଅତିଥି ଭାବେ ଯୋଗଦେଇ କୁନି କୁନି ପିଲା, ସ୍କୁଲ କର୍ତ୍ତୃପକ୍ଷ ଓ ଅଭିଭାବକଙ୍କୁ ଉତ୍ସାହିତ କରିଥିଲେ। ଏହି ଅବସରରେ ସ୍କୁଲର ଚେୟାରମ୍ୟାନ (ଅଧ୍ୟକ୍ଷା) ମେଘନା ସିଂଦେଓ ସ୍ୱାଗତ ଅଭିଭାଷଣ ସହ ବିଦ୍ୟାଳୟ ଆଭିମୁଖ୍ୟ ଏବଂ ବାର୍ଷିକ ଉତ୍ସବ ସମ୍ପର୍କରେ ବିସ୍ତୃତ ଭାବେ ମତପ୍ରକାଶ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସ୍କୁଲର ବରିଷ୍ଠ ଅଧିକାରୀ, ବିଦ୍ୟାଳୟ କର୍ତ୍ତୃପକ୍ଷ ଏବଂ ଅଭିଭାବକମାନେ ଉପସ୍ଥିତ ଥିଲେ। ପରିଶେଷରେ କୁନି କୁନି ପିଲାଙ୍କ ଦ୍ୱାରା ଏକ ଆକର୍ଷଣୀୟ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଉଲ୍ଲେଖଯୋଗ୍ୟ, ଭୁବନେଶ୍ୱରର ୟୁନିଟ୍-୩ ଖାରବେଳ ନଗରଠାରେ ଅତ୍ୟାଧୁନିକ ଜ୍ଞାନକୌଶଳ ଓ ଆକର୍ଷଣୀୟ ପରିବେଶରେ ସଜ୍ଜିତ ଏହି ସ୍କୁଲ ୨୦୨୨ରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏବଂ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ୍‌ଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଥିଲା।

## ଅଭିଯୁକ୍ତଙ୍କ ପତ୍ତା ପାଉନି ପୋଲିସ

ଭୁବନେଶ୍ୱର,୧୧।୨(ସୂର୍ଯ୍ୟକାନ୍ତ ବେହେରା)

**ଖବରଦାତାଙ୍କୁ ଆକ୍ରମଣ ଘଟଣା**
- ଏନ୍‌ଏଚ୍‌ଆର୍‌ସିରେ ଅଭିଯୋଗ
- ସାମ୍ବାଦିକ ସୁରକ୍ଷା ଆଇନ ଲାଗୁ ଦାବି

ଭୁବନେଶ୍ୱରରେ କାର୍ଯ୍ୟରତ ଖବରଦାତା ଜ୍ୟୋତିରଞ୍ଜନ ମହାପାତ୍ରଙ୍କୁ ଶନିବାର ରାତିରେ କେତେଜଣ ଦୁର୍ବୃତ୍ତ ଖଣ୍ଡାରେ ଆକ୍ରମଣ କରିବା ଘଟଣାକୁ ୨୪ ଘଣ୍ଟା ବିତିଯାଇଥିଲେ ମଧ୍ୟ ପୋଲିସ ଏଯାବତ ଅଭିଯୁକ୍ତମାନଙ୍କୁ ଧରିବା ତ ଦୂରର କଥା ସେମାନଙ୍କୁ ଚିହ୍ନଟ ମଧ୍ୟ କରିପାରିନାହିଁ। ପୋଲିସକୁ ଅପରାଧୀମାନେ ଖୋଲା ଚ୍ୟାଲେଞ୍ଜ ଦେଉଥିବାବେଳେ ରାଜଧାନୀରେ ଜନସାଧାରଣଙ୍କ ସୁରକ୍ଷା ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଉକ୍ତ ଘଟଣା ପରେ ରାତିରେ କାର୍ଯ୍ୟସ୍ଥଳୀରୁ ଫେରିବା ନେଇ ଖବରଦାତାମାନେ ଆତଙ୍କିତ ହୋଇପଡ଼ିଛନ୍ତି। ତୁରନ୍ତ ଅଭିଯୁକ୍ତମାନଙ୍କୁ ଗିରଫ କରାଯିବାକୁ ସାଧାରଣରେ ଦାବି ହେଉଛି। ଅପରପକ୍ଷେ ଖବରଦାତାଙ୍କ ଉପରେ ଏଭଳି ଆକ୍ରମଣ ଅତ୍ୟନ୍ତ ନିନ୍ଦନୀୟ ଓ ଦୁର୍ଭାଗ୍ୟଜନକ ବୋଲି ଭାଜପା କହିଛି। ତେବେ ଏହି ଗୋଟିଏ ଘଟଣା ନୁହେଁ ବରଂ ଓଡ଼ିଶାରେ ଚତୁର୍ଥସ୍ତମ୍ଭ ଉପରେ ବାରମ୍ବାର ଆକ୍ରମଣ ହେଉଥିଲେ ମଧ୍ୟ ଗୃହ ବିଭାଗ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଉନାହିଁ ବୋଲି ଭାଜପା ଅଭିଯୋଗ କରିଛି। ସେହିପରି ଓଡ଼ିଶାର ଗଣମାଧ୍ୟମ ଉପରେ ବାରମ୍ବାର ଆକ୍ରମଣ ହେବା ପୂର୍ବରୁ କେବେ ଦେଖାଯାଉନଥିଲା। ରାଜ୍ୟ ସରକାରଙ୍କ ଜନବିରୋଧୀ ନୀତି ଉପରେ ପ୍ରଶ୍ନ ପଚାରିଲେ କାର୍ଯ୍ୟରତ ଖବରଦାତାଙ୍କୁ ମରଣାନ୍ତକ ଆକ୍ରମଣ କରାଯାଉଛି। ଯେଉଁଠି କାର୍ଯ୍ୟରତ ଖବରଦାତାମାନେ ସୁରକ୍ଷିତ ନୁହନ୍ତି, ସେଠାରେ ସାଧାରଣ ନାଗରିକ କେତେ ସୁରକ୍ଷିତ ତାହା ବଡ଼ ପ୍ରଶ୍ନ ପାଲଟିଛି। ତୁରନ୍ତ ଦୋଷୀଙ୍କୁ ଚିହ୍ନଟ କରି ଗିରଫ କରିବା ସହ ଘଟଣାର ମୁଖ୍ୟ କାର୍ପଟଦାରଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ ପଦକ୍ଷେପ ନେବା ଏବଂ ସାମ୍ବାଦିକ ସୁରକ୍ଷା ଆଇନ ଲାଗୁ କରାଯିବାକୁ ଭାଜପା ରାଜ୍ୟ ଉପସଭାପତି ବିରଞ୍ଚି ନାରାୟଣ ତ୍ରିପାଠୀ ଦାବି କରିଛନ୍ତି। ଏହି ଅବସରରେ ରାଜ୍ୟ ଗଣମାଧ୍ୟମ ସଂଯୋଜକ ସୁଜିତ କୁମାର ଦାସ ଉପସ୍ଥିତ ଥିଲେ। ଏହି ଘଟଣାକୁ ନେଇ ଜାତୀୟ ମାନବ ଅଧିକାର କମିଶନ(ଏନ୍‌ଏଚ୍‌ଆରସି)ଙ୍କ ନିକଟରେ 'ନ୍ୟାୟ ପାଇଁ ଲଢେଇ ପରିବାର'ର ରାଜ୍ୟ ସଭାପତି ସୁବ୍ରତ ଦାଶ ଏତଲା ଦେଇଛନ୍ତି। ଦୋଷୀଙ୍କ ବିରୋଧରେ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ କମିଶନଙ୍କୁ ସେ ତାଙ୍କ ଏତଲାରେ ନିବେଦନ କରିଛନ୍ତି।



ରିଜିଓନାଲ ସାଇନ୍ସ ସେଣ୍ଟରରେ ରବିବାର ଆୟୋଜିତ ଶିଶୁ ବିଜ୍ଞାନ କାର୍ଯ୍ୟକ୍ରମରେ ପିଲାଙ୍କୁ ଗ୍ୟାସ୍ ଚୁଲା ସମ୍ପର୍କରେ ପ୍ରଶିକ୍ଷଣ ଦିଆଯାଉଛି।

## ୭୦ତମ 'ଆଇଏସିଟିଏସ୍‌ସିଓଏନ୍' ଉଦ୍‌ଯାପିତ




ଭାରତୀୟ ହୃଦ୍‌ବକ୍ଷ ଶଲ୍ୟ ଚିକିତ୍ସକ ସଂଘର ବାର୍ଷିକ ସମ୍ମିଳନୀର ଉଦ୍‌ଯାପନୀ ଦିବସରେ ମଞ୍ଚାସୀନ ଅତିଥି।

ଭୁବନେଶ୍ୱର,୧୧।୨୨(ଅଭୟ ଦାଶ)

ଭାରତୀୟ ହୃଦ୍‌ବକ୍ଷ ଶଲ୍ୟ ଚିକିତ୍ସକ ସଂଘର ୭୦ ତମ ବାର୍ଷିକ ସମ୍ମିଳନୀ 'ଆଇଏସିଟିଏସ୍‌ସିଓଏନ୍-୨୦୨୪' ରବିବାର ଉଦ୍‌ଯାପିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ସଂଘର ଚିଫ୍ ପାଟ୍ରନ୍ ଡା. ପୀତାମ୍ବର ଶତପଥୀ, କାର୍ଯ୍ୟକାରିଣୀ ଅଧ୍ୟକ୍ଷ ଡା. ବିପିନ ବି ମହାନ୍ତି, କାର୍ଯ୍ୟକାରିଣୀ ସମ୍ପାଦକ ଡା.ଚନ୍ଦ୍ରଭାନୁ ପରିଜା ପ୍ରମୁଖ ଯୋଗଦେଇ 'ଆଇଏସିଟିଏସ୍‌ସିଓଏନ୍-୨୦୨୪' ସମ୍ପର୍କରେ ବିସ୍ତୃତ ସୂଚନା ଦେଇଥିଲେ। ଉଲ୍ଲେଖଯୋଗ୍ୟ, ୨୦୨୪ ଫେବୃଆରୀ ୮ରୁ ୧୧ତାରିଖ ପର୍ଯ୍ୟନ୍ତ ଭୁବନେଶ୍ୱରଠାରେ ସଂଘର ବାର୍ଷିକ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ସେହିଭଳି ଓଡ଼ିଶାର ଭୁବନେଶ୍ୱରରେ ପ୍ରଥମ ଥର ପାଇଁ ଏହି ସମ୍ମିଳନୀ ଆୟୋଜିତ ହୋଇଥିଲାବେଳେ ସର୍ବଭାରତୀୟ ସ୍ତରର ୧୫୦୦ରୁ ଅଧିକ ହୃଦ୍‌ବକ୍ଷ ଶଲ୍ୟ ବିଶେଷଜ୍ଞଙ୍କ ସହ ପ୍ରାୟ ୧୫ଟି ଦେଶର ୩୦ଜଣ ପ୍ରସିଦ୍ଧ ଡାକ୍ତର ମଧ୍ୟ ଯୋଗ ଦେଇଥିଲେ। ଅପରପକ୍ଷରେ କିଛି ବର୍ଷ ତଳେ ଛୋଟ ବଡ଼ ହାର୍ଟ ଅପରେଶନ୍ ପାଇଁ ଓଡ଼ିଶାର ରୋଗୀମାନଙ୍କୁ ରାଜ୍ୟ ବାହାରକୁ ଯିବାକୁ ପଡୁଥିବା ବେଳେ ବର୍ତ୍ତମାନ ଓଡ଼ିଶାରେ ପ୍ରାୟ ୩୫ ଜଣ ହାର୍ଟ ସର୍ଜନ କାର୍ଯ୍ୟରତ ଥିଲାବେଳେ ମାସକୁ ୩୦୦ରୁ ଅଧିକ ଓପନ୍ ହାର୍ଟ ସର୍ଜରି ସେମାନଙ୍କ ଜରିଆରେ ହୋଇପାରୁଛି। ସେହିପରି ଉକ୍ତ ସମ୍ମିଳନୀ ଅବସରରେ ଜ୍ଞାନର ଆଦାନପ୍ରଦାନ ସହ ଓଡ଼ିଶାରେ ହୃଦ୍‌ବକ୍ଷ ଶଲ୍ୟ ଚିକିତ୍ସାକୁ ଆହୁରି ସଫଳ ଏବଂ ସକ୍ଷମ କରିବାରେ ଏହି ସମ୍ମିଳନୀ ବେଶ୍ ସହାୟକ ହେବ ବୋଲି ସଂଘ ପକ୍ଷରୁ କୁହାଯାଇଛି। ଏପରିକି ଗତ ୪ ଦିନ ଧରି ଆୟୋଜିତ ଏହି ସମ୍ମିଳନୀରେ ୨୩୦ରୁ ଅଧିକ ସନ୍ଦର୍ଭ ସହ ବିଭିନ୍ନ ସର୍ଜିକାଲ ମଡେଲ୍ ଏବଂ ପ୍ରାକ୍ଟିକାଲ୍ ଟ୍ରେନିଂର ମଧ୍ୟ ଆୟୋଜନ କରାଯାଇଥିଲା।

## 'ଲୋକଙ୍କ ସାମାଜିକ ନିରାପତ୍ତା ବିପନ୍ନ ହୋଇପଡ଼ିଛି'

**୧୬ରେ ହରତାଳ: ସଫଳ କରିବାକୁ ଆହ୍ୱାନ**

ଭୁବନେଶ୍ୱର, ୧୧।୨(ବନ୍ଦନା ସେଠୀ)




ଖବରଦାତା ସମ୍ମିଳନୀରେ କେନ୍ଦ୍ରୀୟ ଟ୍ରେଡ୍ ୟୁନିୟନ ମିଳିତ ମଞ୍ଚ- ସ୍ୱାଧୀନ ଫେଡେରେଶନ ସମୂହ ଏବଂ ସଂଯୁକ୍ତ କିଷାନ ମୋର୍ଚ୍ଚା ପକ୍ଷରୁ ସୂଚନା ଦିଆଯାଉଛି।

କେନ୍ଦ୍ର ସରକାରଙ୍କ ଜନ ବିରୋଧୀ, ଶ୍ରମିକ-କୃଷକ ବିରୋଧୀ ନୀତି ବିରୋଧରେ ଫେବୃଆରୀ ୧୬ରେ ଦେଶବ୍ୟାପୀ ହରତାଳ/ଶିଳ୍ପ ଧର୍ମଘଟ/ଗ୍ରାମୀଣ ଭାରତ ବନ୍ଦ ସଂଗଠିତ କରାଯିବ। ଦେଶର ସମସ୍ତ ଗଣତାନ୍ତ୍ରିକ ଶ୍ରମିକ, କୃଷକ ଏବଂ କର୍ମଚାରୀ ସଂଗଠନ ପକ୍ଷରୁ ହରତାଳ ଡାକରା ଦିଆଯାଇ ଥିବାବେଳେ ଏହାକୁ ସଫଳ କରିବା ପାଇଁ କେନ୍ଦ୍ରୀୟ ଟ୍ରେଡ଼ ୟୁନିୟନ ମିଳିତ ମଞ୍ଚ- ସ୍ୱାଧୀନ ଫେଡେରେଶନ ସମୂହ ଏବଂ ସଂଯୁକ୍ତ କିଷାନ ମୋର୍ଚ୍ଚା ପକ୍ଷରୁ ରବିବାର ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଆହ୍ୱାନ ଦିଆଯାଇଛି। ମୋଦି ସରକାର ଦେଶର ଦୁଇ ଉତ୍ପାଦନକାରୀ ପ୍ରମୁଖ ଶ୍ରେଣୀ ଶ୍ରମିକ-କୃଷକଙ୍କ ଉପରେ ଆକ୍ରମଣ ଜାରି ରଖିଛନ୍ତି। ୨୯ଟି ଶ୍ରମ କଲ୍ୟାଣ ଆଇନକୁ ରଦ୍ଦକରି ୪ଟି ଶ୍ରମିକ ବିରୋଧୀ କୋଡ୍ ଆଣିଛନ୍ତି। ଶ୍ରମିକମାନଙ୍କ ଉପରେ କାମର ଅତ୍ୟଧିକ ବୋଝ ସାଙ୍ଗକୁ ଅସ୍ଥିର ଏବଂ ଅନିୟମିତ ନିଯୁକ୍ତି, ଅତି କମ୍ ମଜୁରି ଧାର୍ଯ୍ୟ କରି ଶ୍ରମ ଶକ୍ତିକୁ ନିର୍ମମ ଭାବେ ଶୋଷଣ କରାଯାଉଛି। ଶ୍ରମିକ ଏବଂ କୃଷକଙ୍କ ଆୟ ବୃଦ୍ଧି ହେଉ ନାହିଁ। ମୋଦି ଶାସନରେ ସମ୍ବିଧାନର ମୌଳିକ ସ୍ତମ୍ଭ ଯଥା ଆର୍ଥିକ ସାର୍ବଭୌମତ୍ୱ, ସାମାଜିକ ନ୍ୟାୟ, ସଂଘୀୟ ଢାଞ୍ଚା ଏବଂ ଧର୍ମନିରପେକ୍ଷତାକୁ ଖୋଲା ଉଲ୍ଲଙ୍ଘନ କରାଯାଉଥିବା ଅଭିଯୋଗ ହୋଇଛି। ସେହିପରି ଧର୍ମାନ୍ଧତା, ଜାତିଗତ ଏବଂ ସାମାଜିକ ଉତ୍ପୀଡ଼ନ ସୃଷ୍ଟି କରାଯାଇ ଶାନ୍ତି, ସଦଭାବନା, ସଂହତି ଏବଂ ଭାତୃତ୍ୱ ଭାବନାକୁ ନଷ୍ଟ କରାଯାଉଛି। ଦେଶରେ ଆର୍ଥିକ ବୈଷମ୍ୟ ତୀବ୍ରତର ହେବା ସହ ଜନସାଧାରଣଙ୍କ ଶିକ୍ଷା, ସ୍ୱାସ୍ଥ୍ୟ, ସାମାଜିକ ନିରାପତ୍ତା ବିପନ୍ନ ହୋଇ ପଡ଼ିଛି ବୋଲି ସମ୍ମିଳନୀରେ ସୁରେଶ ପାଣିଗ୍ରାହୀ, ବିଜୟ ଜେନା, ଦୁଷ୍ମନ୍ତ ଦାସ, ଶ୍ୟାମସୁନ୍ଦର ମହାପାତ୍ର, ମହେନ୍ଦ୍ର ପରିଡା ପ୍ରମୁଖ ଅଭିଯୋଗ କରିଥିଲେ।




୧୧।୨।୨୦୨୪

| | |
|---|---|
| | ୮,୦୦,୩୧୪ ଟଙ୍କା |
| ସୁନା | ୩.୫୫୦ ଗ୍ରାମ୍ |
| ରୁପା | ୩୫.୨୫୦ ଗ୍ରାମ୍ |

# ଅଷ୍ଟଚଣ୍ଡୀ ଅର୍ଦ୍ଧାଶିନୀ- ମାଉସୀ ମା' ମନ୍ଦିରର ବିକାଶ ଉପରେ ଗୁରୁତ୍ୱ

ପୁରୀ,୧୧।୨(ଅଜିତ୍ ମହାନ୍ତି): ସାମାଜିକ ତଥା ସାଂସ୍କୃତିକ ଅନୁଷ୍ଠାନ ନିର୍ମାଲ୍ୟ ଓ ଓଡ଼ିଶା ସାହିତ୍ୟ ଏକାଡେମୀର ମିଳିତ ସହଯୋଗରେ ହୋଟେଲ ହଲି ଡେ ରିସୋର୍ଟ ସମ୍ମିଳନୀ କକ୍ଷରେ ରାଜ୍ୟସ୍ତରୀୟ ଆଲୋଚନାଚକ୍ର ରବିବାର ଆୟୋଜିତ ହୋଇଯାଇଛି। ଏଥିରେ ଶ୍ରୀମନ୍ଦିର ପ୍ରଶାସନ ଓ ସରକାର, ସତ୍ୟଯୁଗର ଐତିହ୍ୟ ପୀଠ ତଥା ଅଷ୍ଟଚଣ୍ଡୀ ଅର୍ଦ୍ଧାଶିନୀ– ମାଉସୀ ମା' ମନ୍ଦିରର ବିକାଶ ଏବଂ ଏହି ସ୍ଥାନର ସଂପ୍ରସାରଣ ପାଇଁ ପଦକ୍ଷେପ ନେବାକୁ ଆହ୍ୱାନ ଦିଆଯାଇଛି। ଅତିଥିମାନେ ମାଦଳାପାଞ୍ଜି, ସ୍କନ୍ଦ ପୁରାଣ, ବାମଦେବ ସଂହିତା, ଦେବୀ ଭାଗବତ, ଲଭପ୍ରାଚୀନ ଉତ୍କଳର ଇତିହାସ, ଦେଉଳତୋଳା, ଇନ୍ଦ୍ର ନୀଳମଣି ପୁରାଣ ବିଶେଷତଃ ଶ୍ରୀମନ୍ଦିର ସ୍ୱତ୍ୱଲିପିରେ ମାଉସୀମା ମନ୍ଦିରର ଇତିହାସ, ନିର୍ମାଣ, ସେବା ଓ ସେବକ, ଖେଇ ଓ ବାହୁଡ଼ା ଯାତ୍ରାରେ ପୋଡ଼ପିଠା ଭୋଗ ଉପରେ ବିଭିନ୍ନ ସୂଚନା ପ୍ରଦାନ କରିଥିଲେ। ନିର୍ମାଲ୍ୟ ସଭାପତି ବଦ୍ରି ମିଶ୍ର ଏଥିରେ ଅଧକ୍ଷତା ଓ ସମ୍ପାଦକ ଅଧାପକ ବିଶ୍ୱନାଥ ମିଶ୍ର ପରିଚାଳନା କରିଥିଲେ। ଆଲୋଚନାଚକ୍ରକୁ ଶ୍ରୀମନ୍ଦିର ପରିଚାଳନା କମିଟି ସଦସ୍ୟ ତଥା ରାଧାବଲ୍ଲଭ ମଠ ମହନ୍ତ ରାମକୃଷ୍ଣ ଦାସ ଉଦ୍ଘାଟନ କରିଥିଲେ। ମୁଖ୍ୟ ଅତିଥି ଭାବେ ଓଡ଼ିଶା ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗର ସ୍ୱତନ୍ତ୍ର ସଚିବ କବି ମଧୁସୂଦନ ଦାସ, ମୁଖ୍ୟବକ୍ତା ଭାବେ ପ୍ରଫେସର ଲଳିତ ସାହୁ, ସମ୍ମାନିତ ଅତିଥି ଭାବେ ଶିଳ୍ପପତି ରାଜକିଶୋର ପାତ୍ର, ପୂଜାପଣ୍ଡା ନିଯୋଗ ସଭାପତି ଜଗନ୍ନାଥ ପୂଜାପଣ୍ଡା ସାମନ୍ତ, ଗବେଷକ ଭାସ୍କର ମିଶ୍ର, ଡ. ନରେଶ ଚନ୍ଦ୍ର ଦାଶ, ଶ୍ରୀମନ୍ଦିର ପରିଚାଳନା କମିଟି ସଦସ୍ୟ ମାଧବ ଚନ୍ଦ୍ର ପୂଜାପଣ୍ଡା ସାମନ୍ତ, ମାଧବ ଚନ୍ଦ୍ର ମହାପାତ୍ର, ବରିଷ୍ଠ ଦଇତାପତି ରାମଚନ୍ଦ୍ର ଦାସ ମହାପାତ୍ର ଓ କୋଠସୁଆର ସେବକ ବିଶ୍ୱନାଥ ସାମନ୍ତରା, ଉତ୍କଳ ବିଦ୍ୱତ ପରିଷଦ ସଭାପତି ମନୋଜ ରଥ, ଭୟସ୍ ଅଫ୍ କମନମ୍ୟାନ ସଭାପତି ହେକ୍ଟର ମିଶ୍ର, ବିଶିଷ୍ଟ ସାମାଜିକ କର୍ମୀ ଚକ୍ରଧର ମହାପାତ୍ର, ଅଧାପିକା ସ୍ୱାଗତିକା ମହାନ୍ତି, ବିଶିଷ୍ଟ ସାମ୍ବାଦିକ ମଧୁସୂଦନ ମିଶ୍ର ଓ ଯୁବ ଖବରଦାତା ରାଜେଶ ମହାନ୍ତି ପ୍ରମୁଖ ଯୋଗଦେଇଥିଲେ। ରାଜା ଇନ୍ଦ୍ରଦ୍ୟୁମ୍ନଙ୍କ ସମୟରେ କୃଷ୍ଣଶିଳାରେ ମାଉସୀ ମା'ଙ୍କ ମନ୍ଦିର ନିର୍ମାଣ ଓ ପରବର୍ତ୍ତୀ ସମୟରେ ରାଜା ଚୋଡ଼ଗଙ୍ଗ ଦେବ, ଅନଙ୍ଗଭୀମ ଦେବ, ରାମଚନ୍ଦ୍ର ଦେବ ଓ ଭାନୁଦେବଙ୍କ ସମୟରେ ଏହି ମନ୍ଦିରର ପୁନଃ ନିର୍ମାଣ କରାଯାଇଥିଲା। ପ୍ରଫେସର ଦୁର୍ଗା ପ୍ରସାଦ ଦାସମହାପାତ୍ର ଏଥିରେ ସଂଯୋଜନା କରିଥିଲେ। କାର୍ଯ୍ୟକ୍ରମରେ ଗବେଷକ ଓ ଅତିଥିମାନେ ମାଉସୀ ମା' ମନ୍ଦିର ପାଇଁ ଦୈନିକ ଖେଇ, ଦୁର୍ଗାପୂଜାରେ ପତନୀ ଓ ଚନ୍ଦନ କିଳା ବ୍ୟବସ୍ଥା, ପୋଡ଼ପିଠା ପାଇଁ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଦୀର୍ଘବର୍ଷ ଧରି ମାଉସୀ ମା' ମନ୍ଦିରର ସେବକ ବିଶ୍ୱନାଥ ମିଶ୍ରଙ୍କୁ ଆର୍ଥିକ ଅନୁଦାନ ଓ ଲାଗିପାଟ ପ୍ରଦାନ ଇତ୍ୟାଦି ସମ୍ପର୍କରେ ତଥ୍ୟ ପ୍ରଦାନ କରିଥିଲେ। ଏହି ଅବସରରେ ସ୍ୱତନ୍ତ୍ର ଅତିଥି ଭାବେ ଯୋଗଦେଇ ପୁଷ୍କରା ଚଳଚ୍ଚିତ୍ର ଫେମ୍ ସବ୍ୟସାଚୀ ମିଶ୍ର, ନିର୍ମାଲ୍ୟ ପ୍ରାୟୋଜିତ ତଥା ଗୀତିକାର ଗୁରୁ ଶତପଥୀ ଓ କାର୍ତ୍ତିକ ସାହୁଙ୍କ ନିର୍ଦ୍ଦେଶିତ ସଙ୍ଗୀତ କ୍ୟାସେଟ୍ ଓ ୟୁଟ୍ୟୁବର ଉନ୍ମୋଚନ କରିଥିଲେ। ଏହି ଅବସରରେ କିତିଳକ ଆର୍ତ୍ତତ୍ରାଣ ଶତପଥୀଙ୍କ ରଚିତ ନାଟକ ଆଧାତ୍ମିକ ମଞ୍ଚନାଟକ ମାଉସୀ ମା'ଙ୍କୁ ଅତିଥିମାନେ ଉନ୍ମୋଚନ କରିଥିଲେ। ଏହି ପରିପ୍ରେକ୍ଷୀରେ ଶ୍ରୀମନ୍ଦିର ପରିଚାଳନା କମିଟିର ସମସ୍ତ ସଦସ୍ୟଙ୍କ ସମେତ ଖବରଦାତା ହେମନ୍ତ ନାୟକ ଓ ମାନସ ଦାସ, ଇଣ୍ଡୋ– ଜାପାନ ଫ୍ରେଣ୍ଡସିପ ସେଣ୍ଟର ସଭାପତି ଶ୍ରୀମନ୍ତ ଦାଶ, ପରିବେଶବିତ୍ ସରୋଜ ଜେନା, ବିଶିଷ୍ଟ ପୋଲିସ କର୍ମଚାରୀ ଦୁଷ୍ମନ୍ତ ସାହୁ, ଡା. ସୌମ୍ୟରଞ୍ଜନ ଷଡ଼ଙ୍ଗୀ, ଅଭିନେତା ଶିବସୁନ୍ଦର ମିଶ୍ର, ସାମାଜିକ କର୍ମୀ ବିଶ୍ୱଜିତ୍ ମହାପାତ୍ର ଓ ଶିବାଶିଷ ମିଶ୍ର, ଶିକ୍ଷାବିତ୍ ଡ. ଚକ୍ରଧର କର, ସଙ୍ଗୀତ ସିଡି ପ୍ରଯୋଜକ ପ୍ରଫେସର ଶମ୍ଭୁନାଥ ମହାଲିକ, ସଂସ୍କୃତ ନାଟକର ବିଶିଷ୍ଟ ନାଟ୍ୟ ନିର୍ଦ୍ଦେଶକ ଡ. ଧର୍ମେନ୍ଦ୍ର ସିଂହଦେଓ, ଗବେଷକ ଡ. ମିଲନ ଘଡ଼ୁଆରୀ ପ୍ରମୁଖଙ୍କୁ ନିର୍ମାଲ୍ୟ ସମ୍ମାନ ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମକୁ ସମ୍ପାଦକ ତଥା ଉଦ୍‌ଘୋଷକ ବିଶ୍ୱନାଥ ମିଶ୍ର ସଞ୍ଚାଳନ କରିଥିଲେ। ନିର୍ମାଲ୍ୟ ସଂଗଠନ ସମ୍ପାଦକ ରୁବି ନନ୍ଦ, ସୁଶାନ୍ତ ଶତପଥୀ, ଶ୍ୟାମପ୍ରକାଶ ସେନାପତି ଓ ବିଶ୍ୱନାଥ ମହାପାତ୍ର ଏହାକୁ ପରିଚାଳନା କରିଥିଲେ।



ରାଜ୍ୟସ୍ତରୀୟ ଆଲୋଚନାଚକ୍ରରେ ଅତିଥିମାନେ 'ମାଉସୀ ମା ଲୋ ମାଉସୀ ମା' କ୍ୟାସେଟ ଉନ୍ମୋଚନ କରୁଛନ୍ତି ।

## ଅଭିଯୋଗର ତଦନ୍ତ ନେଇ କମିଟି ଗଠନ

ପୁରୀ,୧୧।୨(ଅଜିତ୍ ମହାନ୍ତି): ଶ୍ରୀଜଗନ୍ନାଥ ଭେଷଜ ମହାବିଦ୍ୟାଳୟ ଓ ଚିକିତ୍ସାଳୟର କିଛି ବିଭାଗର ଆସୋସିଏଟ୍ ପ୍ରଫେସର, ଆସିଷ୍ଟାଣ୍ଟ ପ୍ରଫେସରମାନେ ରୋଗୀ ସେବା ନ କରି ଘରୋଇ କ୍ଲିନିକ୍‌ରେ ରୋଗୀଙ୍କୁ ଚିକିତ୍ସା କରୁଥିବା ନେଇ ଜିଲାପାଳଙ୍କୁ ଅଭିଯୋଗ ହୋଇଥିଲା। ଏନେଇ ଜିଲାପାଳଙ୍କ ନିକଟରେ ସୂଚନା ଅଧିକାର କର୍ମୀ ଦିଲୀପ ବରାଳ ଅଭିଯୋଗ କରିଥିଲେ। ଅଭିଯୋଗରେ ସେ ଦର୍ଶାଇଥିଲେ, ଶ୍ରୀଜଗନ୍ନାଥ ଭେଷଜ ମହାବିଦ୍ୟାଳୟ ଓ ଚିକିତ୍ସାଳୟର ନିଜସ୍ୱ ଚିକିତ୍ସାଳୟ ବର୍ତ୍ତମାନ ସୁଧା କାର୍ଯ୍ୟକ୍ଷମ ହୋଇନାହିଁ। ତେଣୁ ମହାବିଦ୍ୟାଳୟର ଆସୋସିଏଟ୍ ପ୍ରଫେସର, ଆସିଷ୍ଟାଣ୍ଟ ପ୍ରଫେସରମାନେ ଶ୍ରୀଜଗନ୍ନାଥ ଭେଷଜ ମହାବିଦ୍ୟାଳରେ ଶିକ୍ଷାଦାନ କରିବା ସହ ସଦର ମୁଖ୍ୟ ଚିକିତ୍ସାଳୟରେ ରୋଗୀ ସେବା ମଧ କରୁଛନ୍ତି। ତେବେ ଅନେକ ସମୟରେ ପ୍ରଫେସର, ଆସିଷ୍ଟାଣ୍ଟ ପ୍ରଫେସରମାନେ ମନ ଇଚ୍ଛା ମେଡିକାଲକୁ ଆସି ରୋଗୀ ସେବା କରୁଛନ୍ତି। ଅରପପକ୍ଷେ ଅନେକ ବିଭାଗର ପ୍ରଫେସର ଓ ଆସିଷ୍ଟାଣ୍ଟ ପ୍ରଫେସର ମେଡିକାଲରେ ରୋଗୀ ସେବା କରିବା ପରିବର୍ତ୍ତେ ଘରୋଇ କ୍ଲିନିକ୍‌ରେ ରୋଗୀ ସେବା କାର୍ଯ୍ୟ କରୁଛନ୍ତି। ତେବେ ଜିଲାପାଳ ଅଭିଯୋଗକୁ ଗ୍ରହଣ କରି ଘଟଣାର ତଦନ୍ତ କରିବା ପାଇଁ ଏକ ୫ ଜଣିଆ କମିଟି ଗଠନ କରାଯାଇଛି। କମିଟିରେ ଜଣେ ଅଧକ୍ଷ ଥିବା ବେଳେ ୪ ଜଣ ସଭ୍ୟ ଥିବା ନେଇ ବରାଳ ସୂଚନା ପ୍ରଦାନ କରିଛନ୍ତି।

## ସଂକ୍ଷେପରେ

### ମା' ରାମଚଣ୍ଡୀ ଠାକୁରାଣୀଙ୍କ ପ୍ରତିଷ୍ଠା ଦିବସ

ପୁରୀ,୧୧।୨(ଅଜିତ୍ ମହାନ୍ତି): ମାଘ ଶୁକ୍ଳ ଦ୍ୱିତୀୟା ତିଥି ଅବସରରେ ଦୋଳମଣ୍ଡପ ସାହି ଜେନାରିଗଛ ଛକସ୍ଥିତ ମା' ରାମଚଣ୍ଡୀ ଠାକୁରାଣୀଙ୍କ ପ୍ରତିଷ୍ଠା ଦିବସ ବିଭିନ୍ନ କାର୍ଯ୍ୟକ୍ରମ ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି। ରବିବାର ଭୋରୁ ମା'ଙ୍କ ଦ୍ୱାର ଫିଟିବା ପରେ ମଙ୍ଗଳ ଆଳତି, ଅବକାଶ, ମାଜଣା, ବାଳଭୋଗ ପରେ ଶଙ୍ଖୁଡ଼ି ଭୋଗ କରାଯାଇଥିଲା। ପରେ ରମାକାନ୍ତ ଦାଶ ଚଣ୍ଡୀପାଠ କରିଥିବାବେଳେ ଶିବନାରାୟଣ ଦାଶ କର୍ତ୍ତା କାର୍ଯ୍ୟ ସମ୍ପାଦନ କରିଥିଲେ। ସନ୍ଧ୍ୟାରେ ମା'ଙ୍କ ପୂଜକ ସୋମନାଥ ଦାଶ ଓ ପିନାକ ଦାଶ ମାଆଙ୍କୁ ବେଶ କରିବା ପରେ ସନ୍ଧ୍ୟା ଆଳତି କରାଯାଇଥିଲା। ରାତିରେ ମା'ଙ୍କୁ ବିଭିନ୍ନ ପ୍ରକାରର ବ୍ୟଞ୍ଜନ ନୈବେଦ୍ୟ କରାଯିବା ପରେ ଶତାଧିକ ଭକ୍ତଙ୍କୁ ବଣ୍ଟନ କରାଯାଇ ରାତ୍ର ପହୁଡ଼ କରାଯାଇଥିଲା। ମାଆ ରାମଚଣ୍ଡୀ ଠାକୁରାଣୀ ପରିଚାଳନା କମିଟି ସମ୍ପାଦକ ମାଗୁଣି ପୃଷ୍ଟି, ସହ ସମ୍ପାଦକ ରାଜେନ୍ଦ୍ର ପାତ୍ର, ଗୋବିନ୍ଦ ଦତ୍ତ ଓ କୋଷାଧ୍ୟକ୍ଷ ରବୀନ୍ଦ୍ର ପଡ଼ିଆରୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଉତ୍ସବରେ ବହୁ ଭକ୍ତ ସାମିଲ ହୋଇଥିଲେ।

### ପିଲାଙ୍କ ଶିକ୍ଷାରେ ମା'ବାପାଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ

ଅସ୍ତରଙ୍ଗ,୧୧।୨(ପ୍ରଦୀପ୍ତ ଦୀକ୍ଷିତ): ଅସ୍ତରଙ୍ଗ ବ୍ଲକ ରାମକୃଷ୍ଣ ଶିଶୁମନ୍ଦିର, ଆଳଙ୍ଗପୁର ଏକାଦଶ ବାର୍ଷିକୋତ୍ସବ ସମାରୋହ ରବିବାର ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ସାମାଜିକ କର୍ମୀ ଦିବାକର ଛାଟୋଇ, ମୁଖ୍ୟବକ୍ତା ଭାବେ ସାମାଜିକ କର୍ମୀ ପ୍ରଶାନ୍ତ ଭୋଳ, ସମ୍ମାନିତ ଅତିଥି ଅସ୍ତରଙ୍ଗ ସରପଞ୍ଚ ରାମଚନ୍ଦ୍ର କାଣ୍ଡି, ଆଳଙ୍ଗପୁର ସମିତିସଭ୍ୟା କୌଶଲ୍ୟା ଲେଙ୍କା, ଶିକ୍ଷାବିତ୍ ପର୍ଶୁରାମ ସ୍ୱାଇଁ, ଗୁଣନିଧି ସ୍ୱାଇଁ, ପବିତ୍ର ଲେଙ୍କା ପ୍ରମୁଖ ଯୋଗ ଦେଇଥିଲେ। ପିଲାମାନେ କେବଳ ବିଦ୍ୟାଳୟରେ ଯେତିକି ପାଠ ପଢୁଛନ୍ତି ସେତିକି ଯଥେଷ୍ଟ ନୁହେଁ, ସେମାନଙ୍କୁ ଶିକ୍ଷା ଦେବାରେ ମା'ବାପାଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ମୁଖ୍ୟ ଅତିଥି ଛାଟୋଇ କହିଥିଲେ। ବିଦ୍ୟାଳୟ ପ୍ରତିଷ୍ଠାତା ତଥା ପ୍ରାକ୍ତନ ଶିକ୍ଷକଙ୍କ ଶିକ୍ଷାଦାନରେ କୃତିତ୍ୱ ହାସଲ କରି ଅନେକ ଛାତ୍ରୀଛାତ୍ର ପ୍ରତିଷ୍ଠିତ ହୋଇଥିବା କହିଥିଲେ। ତେବେ ବିଦ୍ୟାପୀଠର ସୁନାମକୁ ରାଜ୍ୟ ଏବଂ ରାଜ୍ୟ ବାହାରେ ପାଇବାକୁ ହେଲେ ଛାତ୍ରୀଛାତ୍ରଙ୍କୁ ଆହୁରି ଅଧିକ ଅଧବସାୟ କରିବାକୁ ପଡ଼ିବ ବୋଲି ଆହ୍ୱାନ ଦେଇଥିଲେ। କାର୍ଯ୍ୟକ୍ରମରେ ବିଦ୍ୟାଳୟର କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ସହ ମାନପତ୍ର ପ୍ରଦାନ କରାଯାଇଥିଲା। କୃଷ୍ଣଚନ୍ଦ୍ର ଲେଙ୍କା କାର୍ଯ୍ୟକ୍ରମରେ ସଭାପତିତ୍ୱ କରିଥିଲେ। ପ୍ରଜ୍ଞାରଞ୍ଜନ ସଭା ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ ଶିଶୁ କଳାକାରଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।


ସାରସ୍ୱତ ବିଦ୍ୟାମନ୍ଦିରର ଷଡ଼ବିଂଶତମ ବାର୍ଷିକୋତ୍ସବରେ କଳାକାରମାନେ ନୃତ୍ୟ ପରିବେଷଣ କରୁଛନ୍ତି ।

## ସାରସ୍ୱତ ବିଦ୍ୟା ମନ୍ଦିରର ଷଡ଼ବିଂଶତମ ବାର୍ଷିକୋତ୍ସବ

ପୁରୀ,୧୧।୨(ଅଜିତ୍ ମହାନ୍ତି): କରତି ସାହିସ୍ଥିତ ନେବଳ ଦାସ ମଠ ପରିସରରେ ଅବସ୍ଥିତ ସାରସ୍ୱତ ବିଦ୍ୟାମନ୍ଦିରର ଷଡ଼ବିଂଶତମ ବାର୍ଷିକୋତ୍ସବ ରବିବାର ପୌରସଦନଠାରେ ପାଳିତ ହୋଇଯାଇଛି। ଉତ୍ସବରେ ଉଦ୍‌ଘାଟକ ଭାବେ ପୁରୀ ବିଧାୟକ ଜୟନ୍ତ ଷଡ଼ଙ୍ଗୀ ଯୋଗଦେଇ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟ ଅତିଥି ଭାବେ ନବକୃଷ୍ଣ ଚୌଧୁରୀ ଶିକ୍ଷା ଉନ୍ନୟନ ଗବେଷଣା କେନ୍ଦ୍ରର ପୂର୍ବତନ ନିର୍ଦ୍ଦେଶକ ପ୍ରଶାନ୍ତ ଆଚାର୍ଯ୍ୟ ଯୋଗ ଦେଇଥିବାବେଳେ ସମ୍ମାନିତ ଅତିଥି ଭାବେ ସାମାଜିକ କର୍ମୀ ପ୍ରତିମା ମିଶ୍ର, ମଧୁସୂଦନ ମିଶ୍ର, ଶଙ୍କର ବେହେରା, ସୁପ୍ରିୟା ପାତ୍ର ପ୍ରମୁଖ ଯୋଗଦାନ କରିଥିଲେ। ବିଦ୍ୟାଳୟ ପରିଚାଳନା କମିଟି ସମ୍ପାଦକ ଗୌରହରି ସାହୁ, ପ୍ରାକ୍ତନ ସମ୍ପାଦକ କୃଷ୍ଣ ଚନ୍ଦ୍ର ମହାନ୍ତି, ସଭ୍ୟ ପ୍ରମୋଦ ସାହୁ, ସୁନିଲ ମିଶ୍ର, ଶରତ ଚନ୍ଦ୍ର ମିଶ୍ର, ପ୍ରଧାନ ଆଚାର୍ଯ୍ୟ କାଳନ୍ଦୀ ଚରଣ ପଲେଇ ପ୍ରମୁଖ ମଞ୍ଚାସୀନ ଥିଲେ। ସଭା କାର୍ଯ୍ୟ ଶେଷ ହେବା ପରେ ପରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ସମସ୍ତ କାର୍ଯ୍ୟକ୍ରମକୁ ବରିଷ୍ଠ ଆଚାର୍ଯ୍ୟ ଶର୍ମିଷ୍ଠା ମିଶ୍ର, କଳ୍ପନା ଦାଶ, ମୀନା କୁମାରୀ ମହାପାତ୍ର, ରୋଜାଲିନ ପଟ୍ଟନାୟକ, ରିନିବାଳା ପ୍ରଧାନ, ପୁଷ୍ପାଞ୍ଜଳି ପାତ୍ର, ଶୁଭଲକ୍ଷ୍ମୀ ସାହୁ, ସରସ୍ୱତୀ ମହାପାତ୍ର, ପୂର୍ଣ୍ଣିମା ସାହୁ, ନଳିନୀ ପ୍ରଧାନ, ଜ୍ୟୋତିର୍ମୟୀ ଜେନା ପ୍ରମୁଖ ପରିଚାଳନା କରିଥିଲେ। ପ୍ରଧାନ ଆଚାର୍ଯ୍ୟ ପଲେଇ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।

## ପୁରୀରୁ ଅଯୋଧ୍ୟାକୁ ସ୍ୱତନ୍ତ୍ର ଟ୍ରେନ୍‌ରେ ଗଲେ ଶ୍ରଦ୍ଧାଳୁ

ପୁରୀ,୧୧।୨(ଅଜିତ୍ ମହାନ୍ତି): ପୁରୀରୁ ଅଯୋଧ୍ୟାକୁ ଗଡ଼ିଛି ପ୍ରଥମ ସ୍ୱତନ୍ତ୍ର ଆସ୍ଥା ସ୍ପେଶାଲ ଟ୍ରେନ। ଶନିବାର ରାତି ୯ଟା ୩୦ରେ ପୁରୀରୁ ୭୪ ଜଣ ଯାତ୍ରୀଙ୍କୁ ନେଇ ଏହି ଟ୍ରେନ ଅଯୋଧ୍ୟା ଅଭିମୁଖେ ଯାତ୍ରା ଆରମ୍ଭ କରିଛି। ବିଭିନ୍ନ ଜିଲାରୁ ଏହି ଟ୍ରେନ୍‌ରେ ସମୁଦାୟ ୧୪୦୦ ଶ୍ରଦ୍ଧାଳୁ ଅଯୋଧ୍ୟା ଯାତ୍ରା କରିଛନ୍ତି। ଟ୍ରେନ୍‌ରେ ସମୁଦାୟ ୨୨ଟି କୋଚ୍ ରହିଥିବାବେଳେ ୧୯ଟି ସ୍ଲିପର୍ କୋଚ୍ ଯାତ୍ରୀଙ୍କ ପାଇଁ ରହିଛି। ତେବେ ଆଯୋଧ୍ୟାକୁ ଯାତ୍ରା କରିଥିବା ଶ୍ରଦ୍ଧାଳୁଙ୍କ ଦର୍ଶନ ବ୍ୟବସ୍ଥା ଶ୍ରୀରାମ ଜନ୍ମଭୂମି ନ୍ୟାସ ଦ୍ୱାରା କରାଯାଇଛି। ବରିଷ୍ଠ ସ୍ୱୟଂ ସେବକ ରାଜକିଶୋର ସାହୁ ଏବଂ ଅବସରପ୍ରାପ୍ତ ବିଚାରପତି ରାଜକିଶୋର ଜେନା ପତାକା ଦେଖାଇ ଯାତ୍ରାର ଶୁଭାରମ୍ଭ କରିଥିଲେ। ଏହି ଅବସରରେ ରେଳ ବିଭାଗର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।




## କଳିଙ୍ଗ ବାହିନୀ ପକ୍ଷରୁ ରକ୍ତଦାନ ଶିବିର

ପୁରୀ,୧୧।୨(ଅଜିତ୍ ମହାନ୍ତି): ଗୋପବନ୍ଧୁ ଆୟୁର୍ବେଦିକ ମହାବିଦ୍ୟାଳୟ ପରିସରରେ ସ୍ୱେଚ୍ଛାସେବୀ ଅନୁଷ୍ଠାନ କଳିଙ୍ଗ ବାହିନୀ ପକ୍ଷରୁ ଏକ ବିଶାଳ ରକ୍ତଦାନ ଶିବିର ରବିବାର ଅନୁଷ୍ଠିତ ହୋଇଯାଇଛି। ବିଜୁ ଯୁବ ଜନତା ଦଳର ରାଜ୍ୟ ଉପସଭାପତି ସୁନୀଲ ମହାନ୍ତି ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ବରିଷ୍ଠ ଆଇନଜୀବୀ ଶରତ ରାୟଗୁରୁ ଯୋଗଦାନ କରିଥିଲେ। ଏଥିରେ ୧୦୦ ୟୁନିଟ୍‌ରୁ ଊର୍ଦ୍ଧ୍ୱ ରକ୍ତ ସଂଗୃହୀତ ହୋଇଥିଲା। ସମସ୍ତ କାର୍ଯ୍ୟକ୍ରମକୁ ଅନୁଷ୍ଠାନର ସଦସ୍ୟ ଭାରତୀ ମହାପାତ୍ର, ଅନିଲ ସୁବୁଦ୍ଧି, ସ୍ମୃତି ପ୍ରତୀକ ଭଞ୍ଜ, ସତ୍ୟସୁନ୍ଦର ବେହେରା, ମାନସ ରଞ୍ଜନ ପଣ୍ଡା, ସୋନାଲି ସାହୁ, ରାମକୃଷ୍ଣ ମହାପାତ୍ର, ସତ୍ୟଜିତ୍ ମହାନ୍ତି, ମାନସୀ ନାୟକ, ପ୍ରତିମା ଗାଣ, ପ୍ରଜ୍ଞା ପ୍ରିୟଦର୍ଶିନୀ, ବିଶ୍ୱ ମହାନ୍ତି ପ୍ରମୁଖ ପରିଚାଳନା କରିଥିଲେ। ଅନୁଷ୍ଠାନର ସଭାନେତ୍ରୀ ସଙ୍ଗିତା ମହାନ୍ତି ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।

## କୁମାର ଉତ୍ସବ ପକ୍ଷରୁ ବନ୍ଧୁମିଳନ

ପୁରୀ,୧୧।୨(ଅଜିତ୍ ମହାନ୍ତି): ୫୬ତମ କୁମାର ଉତ୍ସବ ସଫଳ ରୂପେ ସମ୍ପୂର୍ଣ୍ଣ ହୋଇଥିବା ପରିପ୍ରେକ୍ଷୀରେ ମା' ମଶାଣିଚଣ୍ଡୀ ମନ୍ଦିର ପ୍ରାଙ୍ଗଣରେ କୁମାର ଉତ୍ସବ ସମିତି ପକ୍ଷରୁ ଅନୁଷ୍ଠାନର ଶୁଭେଚ୍ଛୁଙ୍କୁ ନେଇ ବନ୍ଧୁମିଳନ ଉତ୍ସବ ରବିବାର ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ସହରାଞ୍ଚଳ ଉପଆରକ୍ଷୀ ଅଧୀକ୍ଷକ ପ୍ରଶାନ୍ତ କୁମାର ସାହୁଙ୍କୁ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ବିଧାୟକ ଜୟନ୍ତ ଷଡ଼ଙ୍ଗୀ, କାର୍ଯ୍ୟକାରୀ ସଭାପତି ରାଜେଶ ମିଶ୍ର, ଉଚ୍ଚନ୍ୟାୟାଳୟ ବରିଷ୍ଠ ଅଧିବକ୍ତା ବିଭୁ ପ୍ରସାଦ ତ୍ରିପାଠୀ, ଅମରେନ୍ଦ୍ର ପାଇକରାୟ, ସଙ୍ଗଠକ ଚକ୍ରଧର ମହାପାତ୍ର, ଉତ୍କଳ ବିଦ୍ୱତ୍ ପରିଷଦ ଅଧ୍ୟକ୍ଷ ମନୋଜ ରଥ, ସଙ୍ଗଠକ ସିତୁ ରଞ୍ଜନ ପୃଷ୍ଟି, ପୂର୍ବତନ ପୌର ସଦସ୍ୟ ବିଜୟ ପ୍ରଧାନ, ସଙ୍ଗଠକ ତଥା ନାଟ୍ୟକାର ପ୍ରସନ୍ନ ମିଶ୍ର, ନାଟ୍ୟକାର ଭରତ ନାୟକ, ଶିଶୁ ସମାଚାର ସମ୍ପାଦକ ସୁକାନ୍ତ ପଣ୍ଡା, ଦି ବେଲ୍ ଅଧ୍ୟକ୍ଷ ସିଦ୍ଧାର୍ଥ ରାୟ, ଅଧିବକ୍ତା କାଳୀ ପ୍ରସାଦ ନାୟକ, ରାମ ଚନ୍ଦ୍ର ସାହୁ, ବିଦ୍ୟୁଲତା ଆଚାର୍ଯ୍ୟ, ସାହି ଭାଇ ସମ୍ପାଦକ ଅଜୁ ମିଶ୍ର, ଭଏସ୍ ଅଫ କମନମ୍ୟାନ ଆବାହକ ହେକ୍ଟର ମିଶ୍ର, ଗୋରୁଆଳ ସରପଞ୍ଚ ନିରଞ୍ଜନ ମିଶ୍ର, ରଜତ ସାହୁ, ରଶ୍ମି ରଞ୍ଜନ ସିହ୍ନା ପ୍ରମୁଖ ଉପସ୍ଥିତ ଥିଲେ। ଅନୁଷ୍ଠାନର ସାଧାରଣ ସମ୍ପାଦକ ସ୍ୱାଧୀନ ପଣ୍ଡା ଓ ଅନୁଷ୍ଠାନର ସଦସ୍ୟା ସଦସ୍ୟ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ନିଶାସକ୍ତ ୨ ଯୁବତୀଙ୍କୁ ପୋଲିସର ପଚରାଉଚରା

ଅସ୍ତରଙ୍ଗ,୧୧।୨(ପ୍ରଦୀପ୍ତ ଦୀକ୍ଷିତ): ଅସ୍ତରଙ୍ଗ ଥାନା ଅଧୀନ ବଳଭଦ୍ରପୁର ନଦୀବନ୍ଧରୁ ନିଶାସକ୍ତ ୨ ଯୁବତୀଙ୍କୁ ପୋଲିସ ଅଟକ ରଖି ପଚରାଉଚରା କରୁଛି। ସୂଚନା ମୁତାବକ, ଶନିବାର ରାତ୍ର ୮ଟା ୩୦ ମିନିଟ୍ ସମୟରେ ୨ ଯୁବତୀ ଏକ ସ୍କୁଟିରେ ନଦୀବନ୍ଧ ପାଖରେ ଦୀର୍ଘ ସମୟ ବୁଲାବୁଲି କରିବା ପରେ ବନ୍ଧ ଉପରେ ବସି ମଦ୍ୟପାନ କରୁଥିବା ସ୍ଥାନୀୟ କେତେଜଣ ଯୁବକ ଦେଖିଥିଲେ। କିଛି ସମୟ ପରେ ୨ ଯୁବତୀ ଦ୍ରୁତ ବେଗରେ ସ୍କୁଟି ନେଇ ସୁଦିକେଶର ନଦୀବନ୍ଧ ପଟକୁ ଯିବାରୁ ସ୍ଥାନୀୟ ଲୋକଙ୍କ ସନ୍ଦେହ ବଢିଥିଲା। ସ୍ଥାନୀୟ ଲୋକେ ସେମାନଙ୍କୁ ପିଛା କରି କାବୁ କରିଥିଲେ। ରବିବାର ସକାଳୁ ଅସ୍ତରଙ୍ଗ ଥାନା ସବ୍‌ଇନିସ୍ପେକ୍ଟର ଦୀପକ ସାମନ୍ତସିଂହାର ବଳଭଦ୍ରପୁର ଗ୍ରାମରେ ପହଞ୍ଚି ଉକ୍ତ ୨ ଯୁବତୀଙ୍କୁ ଥାନାକୁ ଆଣି ପଚରାଉଚରା ଜାରି ରଖିଛି। ତେବେ ଏ ଘଟଣାରେ ବଡ଼ ର୍ୟାକେଟ କାମ କରୁଥିବା ଅଭିଯୋଗକାରୀ ଉଲ୍ଲେଖ କରିଛନ୍ତି।

## ସାଇକେଲରେ ଭାରତ ଯାତ୍ରା

ପୁରୀ,୧୧।୨ (ଅଜିତ୍ ମହାନ୍ତି): ପରିବେଶ ସଚେତନ ଓ ବୃକ୍ଷରୋପଣ ବାର୍ତ୍ତା ନେଇ ହରିୟାଣାରୁ ଜଣେ ୪୮ ବର୍ଷୀୟ ବ୍ୟକ୍ତି ଶ୍ରୀକ୍ଷେତ୍ର ପର୍ଯ୍ୟନ୍ତ ସାଇକେଲ ଯାତ୍ରା କରିଛନ୍ତି। ସେ ବର୍ତ୍ତମାନ ସୁଦ୍ଧା ଦୀର୍ଘ ୧୬ ହଜାର କିଲୋମିଟର ରାସ୍ତା ଅତିକ୍ରମ କରି ପୁରୀରେ ପହଞ୍ଚିଛନ୍ତି। ବ୍ୟକ୍ତି ଜଣଙ୍କ ହେଲେ ହରିୟାଣା ରାଜ୍ୟ ଭିୱାନି ଜିଲା ଅଧୀନ ନନ୍ଦଗାଁଓ ଅଞ୍ଚଳର ନରେନ୍ଦ୍ର ଯାଦବ। ସୂଚନା ଅନୁସାରେ, ସାଇକଲ ଯୋଗେ ଭାରତ ଭ୍ରମଣ କରିବା ସହ ସେ ପ୍ରମୁଖ ପର୍ଯ୍ୟଟନସ୍ଥଳୀ ସମେତ ଜ୍ୟୋତିର୍ଲିଙ୍ଗ ଦର୍ଶନ କରୁଛନ୍ତି। ପୂର୍ବରୁ ମଧ ସେ ସାଇକେଲ ଯୋଗେ ଯାତ୍ରା କରି ୧୩ ହଜାର କିଲୋମିଟର ଅତିକ୍ରମ କରିଛନ୍ତି। କିଛି ଦିନ ବ୍ୟବଧାନ ପରେ ପୁଣି ସେ ଜାନୁଆରୀ ୧୧ ତାରିଖରୁ ନିଜ ଗାଁରେ ଥିବା ବାବା ପୂର୍ଣ୍ଣାଗୀରିଧାମଠାରୁ ଏହି ଯାତ୍ରା ଆରମ୍ଭ କରିଛନ୍ତି। ଆଜିକୁ ଦୀର୍ଘ ୪୦ ଦିନ ସାଇକେଲରେ ଯାତ୍ରା କରି ପୁରୀରେ ପହଞ୍ଚିଛନ୍ତି। ତାଙ୍କ କହିବା ଅନୁସାରେ, ଗଛ ଲଗାଅ ଓ ଜୀବନ ବଞ୍ଚାଇବା ବାର୍ତ୍ତା ସହ ଭାରତରେ ଅବସ୍ଥିତ ଥିବା ବିଭିନ୍ନ ଜ୍ୟୋତର୍ଲିଙ୍ଗ ଦର୍ଶନ ସମେତ ବହୁ ପର୍ଯ୍ୟଟନସ୍ଥଳୀ ବୁଲିବାର ଲକ୍ଷ୍ୟ ରଖିଛନ୍ତି। ଦୀର୍ଘ୪୦ ଦିନର ଯାତ୍ରା ମଧ୍ୟରେ ବିଭିନ୍ନ ରାଜ୍ୟ ହୋଇ ପୁରୀରେ ଶ୍ରୀଜଗନ୍ନାଥ ମନ୍ଦିର ଦର୍ଶନ କରିଛନ୍ତି। ପରେ ସେଠାରୁ ସେ ସିଧା ଅଯୋଧ୍ୟା ଅଭିମୁଖେ ଯାତ୍ରା କରିବେ ବୋଲି କହିଛନ୍ତି।



## ମାର୍କଣ୍ଡେଶ୍ୱର ସାହି ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରତିଭା ପ୍ରୋତ୍ସାହନ ଉତ୍ସବ

ପୁରୀ,୧୧।୨(ଅଜିତ୍ ମହାନ୍ତି): ମାର୍କଣ୍ଡେଶ୍ୱର ସାହି ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ମାର୍କଣ୍ଡେଶ୍ୱର ସାହି ବାଳିକା ଉଚ୍ଚ ବିଦ୍ୟାଳୟ ସ୍ମାରକୀ ପୁରସ୍କାର ପ୍ରତିଭା ପ୍ରୋତ୍ସାହନ ଉତ୍ସବ ରବିବାର ଅନୁଷ୍ଠିତ ହୋଇଯାଇଛି। ଟ୍ରଷ୍ଟ ସଭାପତି ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ପ୍ରାକ୍ତନ ପ୍ରଧାନଶିକ୍ଷକ ରଘୁନାଥ ମହାପାତ୍ର ଏଥିରେ ସଭାପତିତ୍ୱ କରିଥିଲେ। ଉତ୍ସବରେ ପ୍ରାକ୍ତନ ପ୍ରଧାନ ଶିକ୍ଷୟିତ୍ରୀ ତଥା ଟ୍ରଷ୍ଟ ବୋର୍ଡ ଉପସଭାପତି ରେଣୁକା ମିଶ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ। ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ମଞ୍ଜୁଲତା ସାମନ୍ତରାୟ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ଉତ୍ସବରେ ମୁଖ୍ୟ ଅତିଥି ଭାବେ ଡ. ଚତୁର୍ଭୁଜ ଭୂୟାଁ ଯୋଗଦେଇଥିଲେ। ସମ୍ମାନିତ ଅତିଥି ରୂପେ ସ୍ମାରକୀ ପୁରସ୍କାର ଟ୍ରଷ୍ଟର ସ୍ୱର୍ଣ୍ଣ ପଟ୍ଟନାୟକ, ପ୍ରାକ୍ତନ କାଉନସିଲର ଭକ୍ତ ଚରଣ ଦାସ ପ୍ରମୁଖ ଯୋଗଦେଇ ଛାତ୍ରୀଙ୍କୁ ପୁରସ୍କାର ପ୍ରଦାନ କରି ସେମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ଟ୍ରଷ୍ଟ ସଭାପତି ମହାପାତ୍ର ଟ୍ରଷ୍ଟ ଗଠନର ଉଦ୍ଦେଶ୍ୟ ଓ କାର୍ଯ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ଉତ୍ସବରେ ୧ଲକ୍ଷ ୯୦ ହଜାର ଟଙ୍କା ସ୍ଥାୟୀ ଜମା ସୁଧରୁ ଛାତ୍ର ବୃତ୍ତି ବିଭିନ୍ନ କ୍ଷେତ୍ରରେ ବିଷୟଗତ, ପ୍ରତିଯୋଗିତାମୂଳକ ଓ ଯୋଗ୍ୟତାଭିତ୍ତିକ ପ୍ରୋତ୍ସାହନ ପୁରସ୍କାର ପାଇଁ ପ୍ରାୟ ୯ ହଜାର ୫ଶହ ଟଙ୍କା ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ କବିତା ପଟ୍ଟନାୟକ, ସୁଜାତା ଧଳ, ଶର୍ମିଷ୍ଠା ବରାଳ, ମନସ୍ୱିନୀ ମିଶ୍ର, ସ୍ୱାଗତିକା ମହାପାତ୍ର, ମାହେସ୍ୱିତା ପ୍ରଧାନ, ରଶ୍ମିତା ତ୍ରିପାଠୀ ଓ ବିଦ୍ୟାଳୟର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ। ଟ୍ରଷ୍ଟ ସଦସ୍ୟ ପ୍ରତିମାରାଣୀ ମିଶ୍ର, ମଞ୍ଜୁପ୍ରଭା ରଥ, ମୀନାକ୍ଷୀ ମିଶ୍ର, ସୁକାନ୍ତ ପଣ୍ଡା, ଶରତ ରାଜଗୁରୁ, ସ୍ୱପ୍ନା ନନ୍ଦ ପଟ୍ଟନାୟକ, ଲକ୍ଷ୍ମୀପ୍ରିୟା ପୂଜାପଣ୍ଡା, ବିଜୟଲକ୍ଷ୍ମୀ ବଣ, ତପନ ପଣ୍ଡା ପ୍ରମୁଖ କାର୍ଯ୍ୟକ୍ରମକୁ ସାଫଲ୍ୟ କରିଥିଲେ। ମଧୁମିତା ପ୍ରଧାନ ଧନ୍ୟବାଦ ଦେଇଥିଲେ।

## ୫ମ ଆରମ୍ଭ ମହୋତ୍ସବ ଉଦ୍‌ଯାପିତ

ପୁରୀ,୧୧।୨(ଅଜିତ୍ ମହାନ୍ତି): ଶରଧାବାଲିସ୍ଥିତ ମୁକ୍ତାକାଶ ରଙ୍ଗମଞ୍ଚଠାରେ ୩ଦିନ ଧରିଚାଲିଥିବା ୫ମ ଆରମ୍ଭ ମହୋତ୍ସବ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ରବିବାର ଉଦ୍‌ଯାପିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ପୂର୍ବତନ ମନ୍ତ୍ରୀ ସଞ୍ଜୟ ଦାସ ବର୍ମା ଯୋଗଦେଇ କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ସୁଚିସ୍ମିତା ପୃଷ୍ଟି, ପ୍ରଦ୍ୟୁମ୍ନ ମିଶ୍ର, ନିଶାମଣି ସାହୁ, ଗୌରଶଙ୍କର ସିଂହାରୀ, ମଧୁସୂଦନ ସିଂହାରୀ, ଷ୍ଟାଲିନ ମିଶ୍ର, ନାରାୟଣ ସିଂ, ଭବାନୀ ଶଙ୍କର ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ଅତିଥିମାନେ ଉକ୍ତ କାର୍ଯ୍ୟକ୍ରମକୁ ବେଶ ପ୍ରଶଂସା କରିବା ସହ ଏପରି କାର୍ଯ୍ୟକ୍ରମ ଆୟୋଜିତ କରିଥିବାରୁ ଅନୁଷ୍ଠାନକୁ ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ଦେଶମାତୃକା ପାଇଁ ଶହୀଦ୍ ଦେବାଶିଷ ବିଶ୍ୱାଳଙ୍କୁ ଶହୀଦ ସମ୍ମାନ, ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଓ କେନ୍ଦ୍ରୀୟ ସଙ୍ଗୀତ ଏକାଡେମୀ ପୁରସ୍କାରପ୍ରାପ୍ତ ବରିଷ୍ଠ ନୃତ୍ୟଗୁରୁ ଗୋବିନ୍ଦ ଚନ୍ଦ୍ର ପାଲଙ୍କୁ ସଂସ୍କୃତି ସମ୍ମାନରେ ସମ୍ମାନିତ କରାଯାଇଥିଲା। ସେହିପରି ଅନୁଷ୍ଠାନ ପକ୍ଷରୁ ବିଭିନ୍ନ ପଞ୍ଚାୟତରେ ଅନୁଷ୍ଠିତ ହୋଇଥିବା ଶ୍ରୀକ୍ଷେତ୍ର ଲକ୍ଷ୍ମୀ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀଙ୍କୁ ସମ୍ମାନିତ କରାଯିବା ସହ ଗଡ ମୃଗଶୀରା ପଞ୍ଚାୟତର କାବେରୀ ଜେନାଙ୍କୁ ଶ୍ରୀକ୍ଷେତ୍ର ଲକ୍ଷ୍ମୀ ଭାବରେ ବିବେଚନା କରାଯାଇ ସମ୍ମାନିତ କରାଯାଇଥିଲା। ପରେ ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବଲିଉଡ୍ ଓ ଓଲିଉଡ୍‌ର ପ୍ରଚ୍ଛଦ ପଟ ଗାୟିକା ଅନନ୍ୟା ଶ୍ରୀତମ ନନ୍ଦଙ୍କ ସମେତ ଅନ୍ୟ କଳାକାରମାନେ ସଙ୍ଗୀତ ପରିବେଷଣ କରିଥିଲେ। ଏହି ଅବସରରେ ମୁକ୍ତିଲାଭ କରିବାକୁ ଥିବା ଓଡ଼ିଆ ଚଳଚ୍ଚିତ୍ର ନବକଳେବର ପ୍ରମୋଶନ ଶୋ ମଞ୍ଚରେ ପ୍ରଦର୍ଶିତ ହୋଇଥିଲା। ସେହିପରି ରାଜ୍ୟର ବିଭିନ୍ନ ସ୍ଥାନରୁ ଆସିଥିବା କଳାକାରଙ୍କ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ସମସ୍ତ କାର୍ଯ୍ୟକ୍ରମକୁ ଅନୁଷ୍ଠାନ ସଭାପତି ଗୋପାଳ ଚନ୍ଦ୍ର ଖୁଣ୍ଟିଆ, କାର୍ଯ୍ୟକାରୀ ସଭାପତି ରାଜେଶ ମିଶ୍ର, ଉପସଭାପତି ସମୀର ଶତପଥି, ସାଧାରଣ ସମ୍ପାଦକ ଦେବାଶିଷ ସିଂଙ୍କ ସମତେ ଅନୁଷ୍ଠାନର ସମସ୍ତ କର୍ମକର୍ତ୍ତା ପରିଚାଳନାରେ ସହଯୋଗ କରିଥିଲେ।


୫ମ ଆରମ୍ଭ ମହୋତ୍ସବରେ ଶ୍ରୀକ୍ଷେତ୍ର ଲକ୍ଷ୍ମୀ ପୁରସ୍କାର ଅତିଥିମାନେ ପ୍ରଦାନ କରୁଛନ୍ତି ।

## କବିତା ଆସର

କଟକ ସଦର,(ସୁଶାନ୍ତ କୁମାର ଜେନା): କଟକ ସଦର ବ୍ଲକ ଅନ୍ତର୍ଗତ ବିରିବାଟୀସ୍ଥିତ ସାହିତ୍ୟ ସପର୍ଯ୍ୟା କାର୍ଯ୍ୟାଳୟରେ କବିତା ଆସର ଶନିବାର ଅନୁଷ୍ଠିତ ହୋଇଯାଇଛି। ସମ୍ପାଦକ ଡ. କମଳାକାନ୍ତ ନାୟକଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ସାହିତ୍ୟିକ ଡ. ରବିରଞ୍ଜନ ସାହୁ ଯୋଗଦେଇ ପ୍ରାଚୀନ ଓଡ଼ିଆ କବିମାନଙ୍କର ବାତ୍ସଲ୍ୟ ରସର କବିତା ବିରଳ ବୋଲି କହିଥିଲେ। ଅନୁଷ୍ଠାନର ମୁଖ୍ୟ ସମ୍ପାଦକ ଡ. ସୁବାସ ଚନ୍ଦ୍ର ବିଶ୍ୱାଳ ବାତ୍ସଲ୍ୟ କବିତାର ଅବତାରଣା କରିଥିଲେ। ଅନୁଷ୍ଠାନ ସଭାପତି ବିଧୁଭୂଷଣ ମହାନ୍ତି ସଭା ପରିଚାଳନା କରିଥିବାବେଳେ କବୟିତ୍ରୀ ଗୀତାଞ୍ଜଳି ପୃଷ୍ଟି, ଗୁରୁପ୍ରସାଦ ରଥ, ଚୈତନ୍ୟ ରାଉତ, ଅଶ୍ୱିନୀ କୁମାର ସେଠୀ, ଭଗବତୀ ଖଟୁଆ, ଛବିରାମ ସେଠୀ କବିତା ପାଠ କରିଥିଲେ।

## ସଂକ୍ଷେପରେ

### ଦଳୀୟ ସଙ୍ଗଠନ ସୁଦୃଢ଼ କରିବାକୁ ଆହ୍ୱାନ

**କଂଗ୍ରେସର ସାଙ୍ଗଠନିକ ପ୍ରସ୍ତୁତି ବୈଠକ**

କଟକ, ୧୧।୨(ଶିଳ୍ପା ପ୍ରିୟଦର୍ଶିନୀ)

ବାରବାଟୀ-କଟକ କଂଗ୍ରେସ ପକ୍ଷରୁ ବକ୍ସିବଜାରସ୍ଥିତ ଆଞ୍ଚଳିକ କାର୍ଯ୍ୟାଳୟରେ ୱାର୍ଡସ୍ତରୀୟ ସାଙ୍ଗଠନିକ ପ୍ରସ୍ତୁତି ବୈଠକ ରବିବାର ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ କଂଗ୍ରେସ ନେତା ସେକ୍ ଲିଆକତ ଉଦ୍ଦୀନ ଅହମ୍ମଦଙ୍କ ନେତୃତ୍ୱରେ ଅନୁଷ୍ଠିତ ବୈଠକରେ ବିଧାୟକ ଇଂ. ମହମ୍ମଦ ମୋକିମ ଯୋଗଦେଇ ୱାର୍ଡ ଏବଂ ବୁଥସ୍ତରରେ ସଙ୍ଗଠନକୁ ସୁଦୃଢ କରାଯିବା, ଅଧିକରୁ ଅଧିକ ମହିଳା ଓ ଯୁବକଙ୍କୁ ସଙ୍ଗଠନରେ ସାମିଲ କରିବା ପାଇଁ ଆହ୍ୱାନ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ କର୍ପୋରେଟର ଲିଜାରାଣୀ ରାଉତ, ମଜୀଦ୍ ଖାନ୍, ଚାରୁଲତା ସାହୁ, ଅନିତା ନାୟକ, ସେକ୍ ସମିମଉଲ୍ଲା, ମୀର ମୁଜାଫର ଅଲ୍ଲୀ, ଜାକିର ହୁସେନ, ମହମ୍ମଦ ସଦାବ, ସେକ୍ ଇର୍‌ଫାନ, ସେକ ମିନାଜଉଦ୍ଦୀନ ଉପସ୍ଥିତ ଥିଲେ।

### ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ

**ସଚେତନତା ବାର୍ତ୍ତା ବାଣ୍ଟିଲେ ବିଜେଡି କର୍ମୀ**

ଖୁଣ୍ଟୁଣୀ, ୧୧।୨(ସଚ୍ଚିଦାନନ୍ଦ ପଣ୍ଡା)

ଆଠଗଡ଼ ବ୍ଲକ ଅଧୀନ ଖୁଣ୍ଟୁଣୀ ପଞ୍ଚାୟତର ୟୁଥ୍ କ୍ଲବ୍‌ଠାରେ ରବିବାର ଆମ ଓଡ଼ିଶା ନବୀନ ଓଡ଼ିଶା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଖୁଣ୍ଟୁଣୀ ସରପଞ୍ଚ କୈଳାସ ଚନ୍ଦ୍ର ଦାସ, ସମ୍ମାନିତ ଅତିଥି ଭାବେ ବିପିନି ବିହାରୀ ପ୍ରଧାନ, ନୃସିଂହ ଚରଣ ସାହୁ, ସମିତିସଭ୍ୟ ଗଗନ ବିହାରୀ ପରିଡା, ନାରୀନେତ୍ରୀ ମିତା ରାଉତ, ଆଲୋକ ସାହୁ, ସୌମ୍ୟରଞ୍ଜନ ସାହୁ, ଦୀପକ ସାହାଣୀ, ସରୋଜିନୀ ରାଉତ, ଗୀତାଞ୍ଜଳି ସାହୁ ପ୍ରମୁଖ ଯୋଗଦେଇ ଉକ୍ତ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିବା ସହ ଏହାକୁ ସମସ୍ତଙ୍କ ନିକଟରେ ପହଞ୍ଚାଇବାକୁ ଆହ୍ୱାନ ଦେଇଥିଲେ। ପଞ୍ଚାୟତକୁ ଆସିଥିବା ୫୦ ଲକ୍ଷ ଟଙ୍କାରେ ୧୭ଟି ପ୍ରକଳ୍ପ କାର୍ଯ୍ୟ ସ୍ୱଚ୍ଛତାର ସହିତ କରିବାକୁ ସରପଞ୍ଚ ଉପସ୍ଥିତ କର୍ମୀଙ୍କୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ଖୁଣ୍ଟୁଣୀ ପଞ୍ଚାୟତର ଘରେ ଘରେ ବିଜେଡି କର୍ମୀ ସଚେତନତା ବାର୍ତ୍ତା ବାଣ୍ଟିଥିଲେ।

# ପୋଲିସ ପରିଚୟରେ ଲୁଟି ନେଇଥିଲେ ଅଳଙ୍କାର

କଟକ,୧୧।୨(କାର୍ତ୍ତିକ ସାହୁ)


ଜବତ ଟଙ୍କା, ମୋବାଇଲ, ଅନ୍ୟ ସାମଗ୍ରୀ।


ଗିରଫ ୨ ଅଭିଯୁକ୍ତ।

- ୨ ଅଭିଯୁକ୍ତ ଗିରଫ
- ସୁନାମୁଦି, ବାଇକ, ମୋବାଇଲ, ୪୦,୦୦୦ ଟଙ୍କା ଜବତ
- ଉତ୍ତରପ୍ରଦେଶରୁ ଆସି କଟକରେ ଲୁଟ୍ କରୁଥିଲେ

ପୋଲିସ ପରିଚୟ ଦେଇ ଲୁଟ୍ କରିବା ଅଭିଯୋଗରେ ମଙ୍ଗଳାବାଗ ପୋଲିସ ୨ ଅଭିଯୁକ୍ତଙ୍କୁ ଗିରଫ କରି ରବିବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଉତ୍ତରପ୍ରଦେଶ ପ୍ରୟାଗରାଜ ଜିଲା ସରେଇଁ ମାମରାଜ ଥାନା ଅଞ୍ଚଳର ରୋହିତ ପାଣ୍ଡେ ଓ ଭବେଶ ପାଣ୍ଡେ। ପୋଲିସ ସେମାନଙ୍କଠାରୁ ୩ଟି ସୁନାମୁଦି, ଗୋଟିଏ ବାଇକ, ଦୁଇଟି ମୋବାଇଲ ସମେତ ୪୦,୦୦୦ ଟଙ୍କା ଜବତ କରିଛି। ଏନେଇ ଥାନାରେ ଏକ ମାମଲା(ନଂ.୪୯/୨୪) ରୁଜୁ ହୋଇଛି।

ସୂଚନା ଅନୁଯାୟୀ, କୋଲକାତା ବିଧାନନଗର ରୋଡ୍ ଅଞ୍ଚଳର ସୁରଜିତ୍ ପାଲ(୬୧) ଗତ ୯ ତାରିଖରେ କେନ୍ଦ୍ରାପଡ଼ାର ବଳଭଦ୍ରପୁରକୁ ଅଫିସ କାମରେ ଆସିଥିଲେ। ସେଠାରୁ ଫେରି ଓଏମ୍‌ପି ଛକରେ ପହଞ୍ଚିବା ପରେ ଚାଲି ଚାଲି ରେଳଷ୍ଟେଶନକୁ ଯାଇଥିଲେ। ଷ୍ଟେଶନରେ ପହଞ୍ଚିବା ପରେ ସେ ଜାଣିବାକୁ ପାଇଲେ ଟ୍ରେନ୍ ଆସିବା ବିଳମ୍ବ ଅଛି। ତେଣୁ ସେ ସେଠାରୁ ଅଟୋରେ ମଙ୍ଗଳାବାଗସ୍ଥିତ ଏକ ଶୋରୁମ୍ ନିକଟରେ ପୂର୍ବାହ୍ନ ପ୍ରାୟ ୧୦ଟା ୪୦ରେ ପହଞ୍ଚିଥିଲେ। ଏହି ସମୟରେ ୨ ଜଣ ଦୁର୍ବୃତ୍ତ ବାଇକ୍‌ରେ ଆସି ତାଙ୍କ ପାଖରେ ପହଞ୍ଚିଥିଲେ। ନିଜକୁ ପୋଲିସ ପରିଚୟ ଦେଇ ଗତକାଲି ଏଠାରେ ଏକ ହତ୍ୟାକାଣ୍ଡ ଓ ଚୋରି ହୋଇଥିବା କହିଥିଲେ। ସେମାନେ ସୁରଜିତ୍‌ଙ୍କୁ ସୁନାଚେନ୍ ଓ ମୁଦି ଖୋଲି ନିଜ ବ୍ୟାଗ୍‌ରେ ରଖିଦେବାକୁ କହିଥିଲେ। ସେମାନଙ୍କ କଥା ମାନି ସେ ୩ଟି ସୁନାଚେନ୍, ଦୁଇଟି ବ୍ରେସ୍‌ଲେଟ ଓ ୩ଟି ସୁନାମୁଦି ଗୋଟିଏ ଜରିରେ ପୂରାଇ ରଖିଥିଲେ। ଏତିକିବେଳେ ସେମାନେ ସୁରଜିତ୍‌ଙ୍କ ହାତରୁ ଅଳଙ୍କାର ଥିବା ଜରିଟିକୁ ଆଣି ତାଙ୍କ ବ୍ୟାଗ୍‌ରେ ରଖିଦେଲେ। ଏଥିରେ ସୁରଜିତ୍‌ଙ୍କ ସନ୍ଦେହ ହେବାରୁ ସେ ତାଙ୍କ ବ୍ୟାଗ୍ ଖୋଲି ଦେଖିବାରୁ ଅଳଙ୍କାର ପାଇ ନ ଥିଲେ। ସେତେବେଳକୁ ଦୁର୍ବୃତ୍ତଦ୍ୱୟ ସେଠାରୁ ଖସି ପଳାଇ ସାରିଥିଲେ। ଏନେଇ ଥାନାରେ ଅଭିଯୋଗ ହେବା ପରେ ପୋଲିସ ଘଟଣାର ତଦନ୍ତ କରି ଅଭିଯୁକ୍ତଦ୍ୱୟଙ୍କୁ ଗିରଫ କରିଛି। ସୂଚନାଯୋଗ୍ୟ, ପୂର୍ବରୁ ସମାନ ଢଙ୍ଗରେ ପୋଲିସ ପରିଚୟ ଦେଇ ବ୍ୟାଗ ଭିତରେ ଅଳଙ୍କାର ରଖିବାକୁ କହି ଦୁର୍ବୃତ୍ତମାନେ ଲୁଟ୍ କରିଥିଲେ। ଏବେ ପୁଣି ତା'ର ପୁନରାବୃତ୍ତି ଘଟିଥିବାରୁ କେତେଜଣ ଅଭିଯୁକ୍ତ ସମାନ ପନ୍ଥା ଆପଣାଉଥିବା ଜଣାପଡିଛି।

# ରାତିଅଧିଆ ନିର୍ମାଣ କାର୍ଯ୍ୟ ବନ୍ଦ କଲେ ତହସିଲଦାର

କଟକ ସଦର, ୧୧।୨(ସୁଶାନ୍ତ କୁମାର ଜେନା)

କିଶନନଗର ତହସିଲ ଅନ୍ତର୍ଗତ ଚିନ୍ତାମଣୀ ସରକାରୀ ହାଇସ୍କୁଲ ସମ୍ମୁଖ ଗୋଚର ଜମିରେ ଶନିବାର ରାତିରେ କେତେଜଣ ଲୋକ ଏକ ପିଣ୍ଡି ନିର୍ମାଣ କରୁଥିଲେ। ଖବରପାଇ ସ୍ଥାନୀୟ ତହସିଲଦାର ମଧୁସୂଦନ ନାୟକ କାର୍ଯ୍ୟ ବନ୍ଦ କରିଦେଇଥିଲେ। ମିଳିଥିବା ସୂଚନା ଅନୁଯାୟୀ, ରାତି ପ୍ରାୟ ୮ଟାରେ କେତେଜଣ ଲୋକ ମୁହଁରେ ମୁଖା ପିନ୍ଧି ପଡିଆକୁ ଆସିଥିଲେ। ସେଠାରେ ଆଗରୁ ଜମା ହୋଇଥିବା ବାଲି ଓ ଇଟା ଦ୍ୱାରା ପିଣ୍ଡି ନିର୍ମାଣ କାମ ଆରମ୍ଭ କରିଥିଲେ। ଏ ସମ୍ପର୍କରେ ଜାଣିବା ପରେ କେତେଜଣ ଲୋକ ଫୋନ୍ ଯୋଗେ ତହସିଲଦାରଙ୍କୁ ଜଣାଇଥିଲେ। ଏହାପରେ କାମ ବନ୍ଦ କରାଯାଇଥିଲା। ଖାତା ନଂ.୪୦୨, ପ୍ଲଟ୍ ନଂ. ୩୯, ମୌଜା-କେଶନଗର ଜମି ସରକାରଙ୍କ ଅଧୀନରେ ଥିଲେ ସୁଦ୍ଧା ଏହାକୁ କେତେଜଣ ଲୋକ ବାଉଁଶ ବାଡ଼ ଦ୍ୱାରା ଆବଦ୍ଧ କରିଛନ୍ତି। ଫଳରେ ଗୋରୁଙ୍କ ଚରିବାରେ ବାଧା ସୃଷ୍ଟି ହୋଇଛି। ସେଥିପାଇଁ ବିଶ୍ୱ ଗୋସୁରକ୍ଷା ବାହିନୀର ସଭାପତି ସୁରେଶ କୁମାର ପଣ୍ଡା ହାଇକୋର୍ଟରେ ମାମଲା ରୁଜୁ କରିଛନ୍ତି। ଏହି ମାମଲା ଏବେ ବିଚାରାଧୀନ ରହିଛି। ଏହି ଜାଗାରେ ସରକାରଙ୍କ ତରଫରୁ ବେଆଇନ ଭାବେ କିଛି ନିର୍ମାଣ କାର୍ଯ୍ୟ ଆରମ୍ଭ କରାଯାଇଥିବାରୁ ଏହାର ପ୍ରତିବାଦରେ କୋର୍ଟରେ ମାମଲା ରୁଜୁ କରାଯାଇଛି। ନିର୍ମାଣ ସ୍ଥଳଟି ତହସିଲ ଓ ଥାନାଠାରୁ ଅଳ୍ପ ଦୂରରେ ଥିଲେ ସୁଦ୍ଧା ନିର୍ମାଣ ସମ୍ପର୍କରେ ଜାଣି ନ ପାରିବା ଦୁର୍ଭାଗ୍ୟଜନକ ବୋଲି ଆବେଦନକାରୀ ପଣ୍ଡା କହିଛନ୍ତି। ଏନେଇ ଥାନାକୁ ଜଣାଇବା ସହ ଆଇନଗତ ପଦକ୍ଷେପ ନିଆଯିବ ବୋଲି ତହସିଲଦାର ନାୟକ ସୂଚନା ଦେଇଛନ୍ତି।


କଟକ ଶେଖବଜାରସ୍ଥିତ ଲାଲା ମଠ ପରିସରରେ ଜୟ ଜଗନ୍ନାଥ ସେବା ସମିତି ଟ୍ରଷ୍ଟ ପକ୍ଷରୁ ରବିବାର ଅନୁଷ୍ଠିତ ମାତୃପିତୃ ପୂଜନ କାର୍ଯ୍ୟକ୍ରମ।

# 'ଟେକ୍ନିସିଆନ୍‌ଙ୍କ ଦକ୍ଷତା ସିନେମାର ଆକର୍ଷଣ ବଢ଼ାଏ'


ଓମ୍ପଟ୍ୱାର ବାର୍ଷିକ ସମ୍ମିଳନୀରେ ଅତିଥିମାନେ ସ୍ମରଣିକା ଉନ୍ମୋଚନ କରୁଛନ୍ତି।

**ଓମ୍ପଟ୍ୱାର ୩୨ତମ ବାର୍ଷିକ ସମ୍ମିଳନୀ**

କଟକ,୧୧।୨ (କାର୍ତ୍ତିକ ସାହୁ)

ଓଡ଼ିଶା ମୋସନ ପିକ୍‌ଚର୍ ଟେକ୍ନିସିଆନ୍ସ ଆଣ୍ଡ୍ ୱାର୍କର୍ସ ଆସୋସିଏଶନ୍(ଓମ୍ପଟ୍ୱା)ର ୩୨ତମ ବାର୍ଷିକ ସମ୍ମିଳନୀ କଟକ ଟାଉନ୍ ହଲ୍‌ରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ପତାକା ଉତ୍ତୋଳନ ପରେ ଆନୁଷ୍ଠାନିକ ଭାବେ ଅଧିବେଶନ ଆରମ୍ଭ ହୋଇଥିଲା। ଟେକ୍ନିସିଆନଙ୍କ ଦକ୍ଷତା ସିନେମାର ଆକର୍ଷଣକୁ ବଢ଼ାଇଥାଏ। କୁଶଳୀ ଟେକ୍ନିସିଆନ୍‌ମାନେ ସିନେମାର କଳାତ୍ମକତାକୁ ରୂପ ଦେଇଥାନ୍ତି ବୋଲି ବକ୍ତାମାନେ ମତପ୍ରକାଶ କରିଥିଲେ। ଅନୁଷ୍ଠାନର ଉପଦେଷ୍ଟା ବାପୁ ଲେଙ୍କା, ଆଦିକନ୍ଦ ରାଉତ, ଆଇନଜୀବୀ ବନ ମହାନ୍ତି, ଅଭିନେତ୍ରୀ ଅନୁ ଚୌଧୁରୀ, ପ୍ରଯୋଜକ ଚଣ୍ଡୀ ପରିଜା, ତାପସ ସରଘରିଆ, ଜୁବୁଲି ସୁନ୍ଦରରାୟ, ଅଜୟ ରାଉତରାୟ, ଶ୍ରୀଧର ମାର୍ଥା, ଅନୁଷ୍ଠାନର ଉପସଭାପତି ଦେବେନ୍ଦ୍ର ରଣା ଓ ଯୋଗୀ ସେଣଙ୍କ ସମେତ ଓଡ଼ିଆ ସିନେ ଜଗତର ପ୍ରମୁଖ ବ୍ୟକ୍ତିତ୍ୱ ଯୋଗଦେଇଥିଲେ। ଆସୋସିଏଶନ୍ ସଭାପତି ଦେବୀ ପ୍ରସାଦ ପଟ୍ଟନାୟକ ଅଧ୍ୟକ୍ଷତା କରିଥିଲେ। ଆବାହକ ଶ୍ରୀକାନ୍ତ ଦାସ ପ୍ରାରମ୍ଭିକ ସୂଚନା ଓ ସମ୍ପାଦକ ନିରଞ୍ଜନ ଦାଶ ବିବରଣୀ ପାଠ କରିଥିଲେ। ଏହି ଅବସରରେ ଅନୁଷ୍ଠାନର ବାର୍ଷିକ ସ୍ମରଣିକା ଉନ୍ମୋଚନ ସହ ବରିଷ୍ଠ ସଭ୍ୟମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କୋଷାଧ୍ୟକ୍ଷ ରତ୍ନରାଜ ଖଟୁଆ ଆୟବ୍ୟୟର ହିସାବ ଉପସ୍ଥାପନ କରିଥିଲେ। ଏଥିସହ ଆଗାମୀ ବର୍ଷ ପାଇଁ ଆସୋସିଏଶନ୍‌ର ନୂତନ କର୍ମକର୍ତ୍ତା ନିର୍ବାଚନ ଅନୁଷ୍ଠିତ ହୋଇଥିଲା। ଉପଦେଷ୍ଟା ଆଦିକନ୍ଦ ରାଉତ ନିର୍ବାଚନ ପରିଚାଳନା କରିଥିଲେ। ପ୍ରାରମ୍ଭରେ ସିନେମା ଓ ଧାରାବାହିକ ସହ ଜଡ଼ିତ ଦିବଂଗତ କଳାକାର ଓ ଅନ୍ୟ ବ୍ୟକ୍ତିବିଶେଷଙ୍କ ପାଇଁ ଶୋକ ପ୍ରସ୍ତାବ ଆଗତ କରାଯାଇଥିଲା।

# କ୍ରିକେଟ ଟୁର୍ନାମେଣ୍ଟ, ନାଇନ୍ ଷ୍ଟାର ଚାମ୍ପିୟନ୍

ଚୌଦ୍ୱାର,୧୧।୨(ଆଶୁତୋଷ ଦାସ)

ଚୌଦ୍ୱାର ପୌରପାଳିକାର ୧୭ ନମ୍ବର ୱାର୍ଡ ଅନ୍ତର୍ଗତ ନୂଆସାହିରେ ଏକଦିବସୀୟ କ୍ରିକେଟ ଟୁର୍ନାମେଣ୍ଟ ରବିବାର ଅନୁଷ୍ଠିତ ହୋଇଯାଇଛି। ନାଇନ୍ ଷ୍ଟାର କ୍ରିକେଟ୍ ଆସୋସିଏଶନ ଆନୁକୂଲ୍ୟରେ ଆୟୋଜିତ ଟୁର୍ନାମେଣ୍ଟରେ ଅଞ୍ଚଳର ୧୨ଟି ଟିମ୍ ଅଂଶଗ୍ରହଣ କରିଥିଲା। ୟୁନାଇଟେଡ୍ କ୍ଲବ୍ ଓ ନାଇନ୍ ଷ୍ଟାର କ୍ଲବ୍ ମଧ୍ୟରେ ଫାଇନାଲ ମ୍ୟାଚ୍ ହୋଇଥିଲା। ୟୁନାଇଟେଡ୍ କ୍ଲବ ପ୍ରଥମେ ବ୍ୟାଟିଂ କରି ସୀମିତ ୬ ଓଭରରେ ୬୫ ରନ୍ ସଂଗ୍ରହ କରିଥିବାବେଳେ ନାଇଟ ଷ୍ଟାର କ୍ଲବ ୬୬ ରନ୍ କରି ଚାମ୍ପିୟନ ହୋଇଥିଲା। ଉଦ୍‌ଯାପନୀ ଉତ୍ସବରେ ପୌର ଉପାଧ୍ୟକ୍ଷ ଶୁଭେନ୍ଦୁ ସାମଲ, ସ୍ଥାନୀୟ କାଉନସିଲର ଆଶୁତୋଷ ଦାସ, ବିଜେଡି ନଗର କାର୍ଯ୍ୟକାରୀ ସଭାପତି ବିମଳ କୁମାର ବେଉରା, ମହିଳା ମୋର୍ଚ୍ଚା ସଭାନେତ୍ରୀ କବିତାରାଣୀ ଲେଙ୍କା ପ୍ରମୁଖ ଅତିଥି ଭାବେ ଯୋଗଦେଇ ଚାମ୍ପିୟନ ଓ ରନର୍ସ ଅପ୍ ଟିମ୍‌କୁ ପୁରସ୍କୃତ କରିଥିଲେ। ଆସୋସିଏଶନ୍‌ର ଆଲୋକ ସାହୁ, ବିଭୁ କଲ୍ୟାଣ ମହାନ୍ତି, ଟୁଲୁ ମଲ୍ଲିକଙ୍କ ସମେତ ଅନ୍ୟମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# 'କଟକ ପ୍ରତି ବ୍ରଜକିଶୋରଙ୍କ ଅବଦାନ ଅତୁଳନୀୟ'

କଟକ,୧୧।୨ (କାର୍ତ୍ତିକ ସାହୁ)

ବ୍ରଜକିଶୋର ସ୍ମୃତି ସଂସଦ ପକ୍ଷରୁ ସାମାଜିକ କର୍ମୀ ବ୍ରଜକିଶୋର ସାହୁଙ୍କ ଶ୍ରାଦ୍ଧୋତ୍ସବ ବିଡ଼ାନାସୀସ୍ଥିତ ବସୁନ୍ଧରାଠାରେ ରବିବାର ପାଳିତ ହୋଇଯାଇଛି। ଆଇନଜୀବୀ ପ୍ରଶାନ୍ତ ନାୟକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସ୍ମୃତିଚାରଣ ସଭାରେ ସିଏମ୍‌ସି ମେୟର ସୁବାସ ସିଂ ଯୋଗଦେଇ କଟକ ପ୍ରତି ବ୍ରଜକିଶୋରଙ୍କ ଅବଦାନ ଅତୁଳନୀୟ ବୋଲି କହିଛନ୍ତି। ଏହି ଅବସରରେ ଚଳିତବର୍ଷର ବାଇମୁଣ୍ଡି ସମ୍ମାନ ମେୟର ସିଂ ଓ କଟକ ମହାନଗର ଶାନ୍ତି କମିଟିକୁ ପ୍ରଦାନ କରାଯାଇଥିଲା। ସଂସଦର ମୁଖ୍ୟ ପରାମର୍ଶଦାତା ତଥା ପୂର୍ବତନ ଡେପୁଟି ମେୟର ମଧୁସୂଦନ ସାହୁ, ପ୍ରଶାନ୍ତ କୁମାର ଦାସ, କଟକ ମହାନଗର ଶାନ୍ତି କମିଟି ସଭାପତି ଦେବେନ୍ଦ୍ର ସାହୁ, ସମ୍ପାଦକ ଭିକାରି ଚରଣ ଦାସ, ଲଲାଟେନ୍ଦୁ ବଡୁ, ଶୈଳ ବେହେରା, ପୂର୍ବତନ ମନ୍ତ୍ରୀ ବିଜୟଲକ୍ଷ୍ମୀ ସାହୁ, ମାଧବାନନ୍ଦ ମହାନ୍ତି, ଲକ୍ଷ୍ମୀକାନ୍ତ ମହାପାତ୍ର ପ୍ରମୁଖ ବ୍ରଜକିଶୋରଙ୍କ ସ୍ମୃତି ଚାରଣ କରିଥିଲେ। କବୟିତ୍ରୀ ବବିତା ଦାସମହାପାତ୍ର, ମୀରା ବେଉରା ଓ ନମିତା ମହାନ୍ତି କବିତା ଆବୃତ୍ତି କରିଥିଲେ। ଗୀତାଞ୍ଜଳି ବେଉରା ଧନ୍ୟବାଦ ଦେଇଥିଲେ।


ବ୍ରଜକିଶୋର ସାହୁଙ୍କ ଶ୍ରାଦ୍ଧୋତ୍ସବରେ ଉପସ୍ଥିତ ବ୍ୟକ୍ତିବୃନ୍ଦ।

# 'ସମସ୍ତଙ୍କୁ ବୀମାଭୁକ୍ତ ପାଇଁ ବୀମା କମ୍ପାନୀ ସୁଦୃଢ଼ ହେଉ'




କଟକ,୧୧।୨ (କାର୍ତ୍ତିକ ସାହୁ)

ସାଧାରଣ ବୀମା ପେନସନର୍ସ ସଂଘ ପକ୍ଷରୁ କଟକ ବକ୍ସିବଜାରସ୍ଥିତ ୱାଇଏମ୍‌ସିଏ ସମ୍ମିଳନୀ କକ୍ଷରେ ରବିବାର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ସଂଘ ସଭାପତି ଏମ୍ ଏ. ବେଗ୍‌ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ସର୍ବଭାରତୀୟ ଫେଡେରେଶନର ସାଧାରଣ ସଚିବ ଉଦୟନ ବାନାର୍ଜୀ ଯୋଗଦେଇ ସାଧାରଣ ପେନସନର୍ସମାନଙ୍କର ବିଭିନ୍ନ ଦାବି ଉପରେ ଆଲୋଚନା କରିଥିଲେ। ଭାରତୀୟ ବୀମା ନିୟନ୍ତ୍ରକ ପ୍ରାଧିକରଣ ୨୦୪୭ ସୁଦ୍ଧା ସମସ୍ତଙ୍କୁ ବୀମାଭୁକ୍ତ କରିବାକୁ ହେଲେ ରାଷ୍ଟ୍ରାୟତ୍ତ ସାଧାରଣ ବୀମା କମ୍ପାନୀଗୁଡିକର ସୁଦୃଢ଼ୀକରଣ ହେବା ଆବଶ୍ୟକ। ଘରୋଇ ବୀମା କମ୍ପାନୀ ଲାଭଜନକ ବୀମା ବ୍ୟବସାୟ କରିବା ପାଇଁ ସହରାଞ୍ଚଳରେ ଗୁରୁତ୍ୱ ଦେଉଥିବାବେଳେ ଗ୍ରାମୀଣ ବୀମା ବ୍ୟବସାୟ ପ୍ରତି ବୀମା ବ୍ୟବସାୟୀମାନେ ବିମୁଖ ହେଉଥିବା ସେ କହିଥିଲେ। ୧୯୯୫ରୁ ବୀମା ଶିଳ୍ପରେ ପେନ୍‌ସନ୍ ଯୋଜନା କାର୍ଯ୍ୟକାରୀ ହେବାଠାରୁ ଦୀର୍ଘ ୨୮ ବର୍ଷ ଧରି ମୂଳ ପେନ୍‌ସନ୍‌ରେ ସଂଶୋଧନ କରାଯାଇନାହିଁ। ଏହି ସମୟ ମଧ୍ୟରେ ୫ ଥର ବୀମା କର୍ମଚାରୀଙ୍କ ବେତନରେ ସଂଶୋଧନ କରାଯାଇଛି, ଯାହାଦ୍ୱାରା ୧୯୯୫ ଓ ୨୦୨୨ ମସିହାରେ ଅବସର ନେଇଥିବା ପେନ୍‌ସନର୍ସଙ୍କ ପେନ୍‌ସନ୍‌ରେ ତାରତମ୍ୟ ପରିଲକ୍ଷିତ ହୋଇଛି। ବ୍ୟାଙ୍କ ଏବଂ ଜୀବନ ବୀମା ନିଗମ କ୍ଷେତ୍ରରେ ପାରିବାରିକ ପେନ୍‌ସନ୍ ୩୦%କୁ ବୃଦ୍ଧି ହୋଇଥିବାବେଳେ ସାଧାରଣ ବୀମା ପେନ୍‌ସନର୍ସମାନେ ଏହି ସୁବିଧାରୁ ବଞ୍ଚିତ ଅଛନ୍ତି ବୋଲି କର୍ମକର୍ତ୍ତାମାନେ କ୍ଷୋଭ ପ୍ରକାଶ କରିଥିଲେ। ଏଥିରେ ମଧୁସୂଦନ ସ୍ୱାଇଁ, ରମେଶ ସାହୁ, ଜାନକୀ ବଲ୍ଲଭ ମହାପାତ୍ର, ବିଶ୍ୱନାଥ ମଲ୍ଲିକ, ପ୍ରଦୀପ ଦାସ, ଅଶୋକ ବିହାରୀ ମହାପାତ୍ର, ଗୋବିନ୍ଦ ଚନ୍ଦ୍ର ମହାପାତ୍ରଙ୍କ ସମେତ ବହୁ କର୍ମକର୍ତ୍ତା ଉପସ୍ଥିତ ଥିଲେ। ସାଧାରଣ ସମ୍ପାଦକ ବିଜୟ ସାହୁ ବିବରଣୀ ପାଠ ଓ ରବୀନ୍ଦ୍ରନାଥ ସିଂହ ଆୟବ୍ୟୟର ହିସାବ ଉପସ୍ଥାପନ କରିଥିଲେ।

# 'ଗୁରୁଶିଷ୍ୟର ମହାନ୍ ପରମ୍ପରା ଅନନ୍ୟ'

କଟକ,୧୧।୨(କାର୍ତ୍ତିକ ସାହୁ)



ପୂଜ୍ୟପୂଜା ଉତ୍ସବରେ ଶାସ୍ତ୍ରୀୟ ସଙ୍ଗୀତ ଶିଳ୍ପୀ ସ୍ମିଥ ତିୱାରୀ ସରୋଦ ବାଦନ କରୁଛନ୍ତି।

**ପୂଜ୍ୟପୂଜା ଉତ୍ସବ**

- ରବିଶଙ୍କରଙ୍କୁ ଜୟକୃଷ୍ଣ କାହାଳୀ ସ୍ମୃତି ସମ୍ମାନ, ନିତ୍ୟଶ୍ରୀଙ୍କୁ ରାଧାକାନ୍ତ ନନ୍ଦ ସ୍ମୃତି ସମ୍ମାନ

ଗୋପୀନାଥ ବେହେରା ଫାଉଣ୍ଡେଶନ ପକ୍ଷରୁ ପୂଜ୍ୟପୂଜା ଉତ୍ସବ-୨୦୨୪ କଟକ କଳାବିକାଶ କେନ୍ଦ୍ରଠାରେ ରବିବାର ଅନୁଷ୍ଠିତ ହୋଇଯାଇଛି। ପଦ୍ମଶ୍ରୀ ଡ. ଶ୍ୟାମାମଣୀ ଦେବୀ ଏହାକୁ ଉଦ୍‌ଘାଟନ କରି ଭାରତୀୟ ସଂସ୍କୃତିରେ ଗୁରୁଶିଷ୍ୟର ମହାନ୍ ପରମ୍ପରା ଅନନ୍ୟ ବୋଲି କହିଛନ୍ତି। ଏଥିରେ ସମ୍ମାନିତ ଅତିଥି ଭାବେ ଅନ୍ତର୍ଜାତୀୟ ଓଡ଼ିଆ ସ୍ୱାଭିମାନ ପ୍ରତିଷ୍ଠାନର ସଭାପତି ସୁଶାନ୍ତ କୁମାର ସାବତ, ତବଲା ଗୁରୁ ଗୋପୀନାଥ ବେହେରା ଯୋଗଦେଇ ପୂଜ୍ୟପୂଜାର ତାତ୍ପର୍ଯ୍ୟ ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ବିଶିଷ୍ଟ ସିତାର ବାଦକ ରବିଶଙ୍କର ପ୍ରଧାନଙ୍କୁ ଜୟକୃଷ୍ଣ କାହାଳୀ ସ୍ମୃତି ସମ୍ମାନ, ସଙ୍ଗୀତ ସଂଯୋଜକ ନିତ୍ୟଶ୍ରୀ ରଞ୍ଜନଙ୍କୁ ରାଧାକାନ୍ତ ନନ୍ଦ ସ୍ମୃତି ସମ୍ମାନ ପ୍ରଦାନ କରାଯାଇଥିଲା। ଗୁରୁପୂଜନ କାର୍ଯ୍ୟକ୍ରମରେ ବିଶ୍ୱନାଥ ମିଶ୍ରଙ୍କ ନିର୍ଦ୍ଦେଶନାରେ କଳାବତୀ କଳା ନିକେତନର କଣ୍ଠଶିଳ୍ପୀମାନେ ଗୁରୁବନ୍ଦନା ପରିବେଷଣ କରିଥିଲେ। ପରେ ଆହେ ଦୟାମୟ ବିଶ୍ୱବିହାରୀ ସଙ୍ଗୀତର ତାଳରେ ବୃନ୍ଦ ତବଲା ବାଦନ ପରିବେଷିତ ହୋଇଥିଲା।

ଦ୍ୱିତୀୟ ପର୍ଯ୍ୟାୟରେ ଆନ୍ତର୍ଜାତିକ ଖ୍ୟାତିସମ୍ପନ୍ନ ଶାସ୍ତ୍ରୀୟ ସଙ୍ଗୀତ ଶିଳ୍ପୀ ସ୍ମିଥ ତିୱାରୀଙ୍କ ସରୋଦ ବାଦନ, ସୌମିତ୍ର ଠାକୁରଙ୍କ ସିତାର ବାଦନ ହୃଦୟସ୍ପର୍ଶୀ ହୋଇଥିଲା। ତବଲାରେ ପୁଣେର ତବଲା ବାଦକ ଯଶୋବନ୍ତ ବୈଷ୍ଣବ, ଶାସ୍ତ୍ରୀୟ ସଙ୍ଗୀତରେ ଯୁଗଳବନ୍ଦୀ ପରିବେଷଣ କରି ଦର୍ଶକଙ୍କୁ ମୁଗ୍ଧ କରିଥିଲେ। ଗୁରୁ ଗୋପୀନାଥ ବେହେରାଙ୍କ ୭୪ତମ ଜନ୍ମ ଦିବସ ଅବସରରେ ତାଙ୍କର ବହୁ ଛାତ୍ର ଓ ଶୁଭେଚ୍ଛୁମାନେ ଗୁରୁପୂଜା କରି ଅଭିନନ୍ଦନ ଜଣାଇଥିଲେ। ପ୍ରମୋଦ କୁମାର ଦାଶ ଅତିଥି ପରିଚୟ ପ୍ରଦାନ, ବିଶ୍ୱନାଥ ମିଶ୍ର ସ୍ୱାଗତ ଭାଷଣ, ସର୍ବେଶ୍ୱର ସ୍ୱାଇଁ ବିବରଣୀ ପାଠ, ଡ. ଅରୁଣ କୁମାର ସାହୁ ଧନ୍ୟବାଦ ଦେଇଥିଲେ। ଏଥିରେ ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ବହୁ ବିଦ୍ୟାର୍ଥୀ ଓ ସଙ୍ଗୀତ ପ୍ରେମୀ ଯୋଗଦେଇଥିଲେ। ବିଚିତ୍ରାନନ୍ଦ ପଣ୍ଡା, ଅଜୟ ବାରିକ, ଲକ୍ଷ୍ମୀ ପ୍ରସାଦ, ପ୍ରଦ୍ୟୁମ୍ନ କିଶୋର ନାୟକ, ଜଗନ୍ନାଥ ପଣ୍ଡା, ନିତ୍ୟାନନ୍ଦ ମହାନ୍ତି, ବୈକୁଣ୍ଠନାଥ ପରିଡ଼ା, ଭାନୁପ୍ରସାଦ ମିଶ୍ର, ଗୋକୁଳ ଚନ୍ଦ୍ର ଦାଶ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



କ୍ରିମିନାଲ କୋର୍ଟସ ବାର୍ ଆସୋସିଏଶନ କଟକର ୭୫ ବର୍ଷ ଏଷ୍ଟାବ୍ଲିଶ୍‌ମେଣ୍ଟ ଅବସରରେ ରବିବାର ଅନୁଷ୍ଠିତ ସଭାରେ ଏମ୍‌ପି ଅଚ୍ୟୁତ୍ ସାମନ୍ତ ବକ୍ତବ୍ୟ ଦେଉଛନ୍ତି।



କଟକ ବାଲିଯାତ୍ରା ଉପର ପଡିଆରେ କଳିଙ୍ଗ ମାରିଟାଇମ୍ ଏକ୍ସପୋର ରବିବାର ତୃତୀୟ ସନ୍ଧ୍ୟାରେ ଚିତ୍ରାଙ୍କନ ପ୍ରତିଯୋଗିତାରେ ଭାଗ ନେଇଥିବା କୃତୀ ଛାତ୍ରାଛାତ୍ରୀଙ୍କ ଗହଣରେ ଉପସ୍ଥିତ ଅତିଥିବୃନ୍ଦ।

## ସଂକ୍ଷେପରେ

### ଗୋଟିଏ ରାତିରେ ୨୭ ମଦ୍ୟପ ଚାଳକ ଧରାପଡ଼ିଲେ

ଭୁବନେଶ୍ୱର,୧୧।୨(ସତ୍ୟଜିତ୍ ରାଉତ): ରାଜଧାନୀରେ ଦୁର୍ଘଟଣା କମାଇବା ପାଇଁ ମଦ୍ୟପ ଚାଳକଙ୍କ ବିରୋଧରେ ଭୁବନେଶ୍ୱର ସହରାଞ୍ଚଳ ଜିଲା ପୋଲିସ ସ୍ପେଶାଲ ଡ୍ରାଇଭ୍ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଛି। ଏହି ଡ୍ରାଇଭ୍‌ରେ ଶନିବାର ରାତିରେ ଭୁବନେଶ୍ୱରର ବିଭିନ୍ନ ଥାନା ଅଞ୍ଚଳରେ ୨୭ ଜଣ ମଦ୍ୟପ ଚାଳକ ଧରାପଡ଼ିଛନ୍ତି। ଏନେଇ ୨୭ ମାମଲା ରୁଜୁ କରାଯାଇ ସେମାନଙ୍କର ୨୭ଟି ଗାଡ଼ି ଜବତ କରାଯାଇଛି। ଏହି ଗାଡ଼ିଗୁଡ଼ିକ ମଧ୍ୟରେ ବାଇକ, କାର୍ ଆଦି ରହିଛି। ପୋଲିସ ପକ୍ଷରୁ କଟକରୋଡ୍, ନନ୍ଦନକାନନ ରୋଡ, ଜନପଥ ରୋଡ, ଲୁଇସ୍ ରୋଡ ଓ ଖଣ୍ଡଗିରି ରୋଡ ଆଦି ଅଞ୍ଚଳରେ ବିଳମ୍ବିତ ରାତି ପର୍ଯ୍ୟନ୍ତ ମଦ୍ୟପାନଜନିତ ଗାଡିଚାଳନା ନେଇ ଯାଞ୍ଚ କରାଯାଇଥିଲା। ମାମଲାଗୁଡ଼ିକ ମଧ୍ୟରୁ ଭରତପୁର ଥାନାରେ ୨, ବଡ଼ଗଡ଼ ଥାନାରେ ୨, ଲକ୍ଷ୍ମୀସାଗର ଥାନାରେ ୭, ଜଟଣୀ ଥାନାରେ ୫ ମାମଲା ରହିଛି।

### ଫୁଟ୍‌ବଲ ଟୁର୍ନାମେଣ୍ଟ: ଛତିପୁର ଫାଇନାଲରେ

ଟାଙ୍ଗୀ,୧୧।୨(ରଘୁନାଥ ସାହୁ): ରଣପୁର ବ୍ଲକ ଉପେନ୍ଦ୍ରପୁର କପ୍ ଗ୍ରାମାଞ୍ଚଳ ଫୁଟବଲ ଟୁର୍ନାମେଣ୍ଟର ପ୍ରଥମ ସେମିଫାଇନାଲ ମ୍ୟାଚ ରବିବାର ଛତିପୁର କ୍ଲବ ଓ ଗଡମାଣିତ୍ରୀ କ୍ଲବ ମଧ୍ୟରେ ହୋଇଥିଲା। ନିର୍ଦ୍ଧାରିତ ସମୟ ମଧ୍ୟରେ ଉଭୟ ଟିମ୍ କେହି କାହାରିକୁ ଗୋଲ ଦେଇପାରି ନ ଥିଲେ। ଫଳରେ ଟାଇବ୍ରେକରରେ ୪-୩ ଗୋଲରେ ଛତିପୁର ଟିମ୍ ବିଜୟୀ ହୋଇ ଫାଇନାଲରେ ପ୍ରବେଶ କରିଛି। ବିଦେଶୀ ନାୟକ, ନନ୍ଦ କିଶୋର ସ୍ୱାଇଁ ଓ ସଗିର ଅହମ୍ମଦ ମ୍ୟାଚ୍ ପରିଚାଳନା କରିଥିଲେ। ଅତିଥିଭାବେ ସମାଜସେବୀ ସୁଦାମା ପାତାଳସିଂ ଏବଂ ଓକିଲ ସିଂ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଆୟୋଜକ କମିଟିର ସଦସ୍ୟମାନେ ସହଯୋଗ କରିଥିଲେ।

### ଫୁଟ୍‌ବଲ ଟୁର୍ନାମେଣ୍ଟ: ମା'ମଙ୍ଗଳା କ୍ଲବ ବାଙ୍କୀ ସେମିରେ

ବେଗୁନିଆ,୧୧।୨(ହର ପ୍ରସନ୍ନ ପଣ୍ଡା): ବେଗୁନିଆ ବ୍ଲକ ବଡ଼ବେରଣା ପଞ୍ଚାୟତ ଅନ୍ତର୍ଗତ କୋଲୁହାପାଟଣା ଗ୍ରାମସ୍ଥିତ ଖେଳପଡିଆରେ ମା'ତାରିଣୀ ଫୁଟବଲ କ୍ଲବ ଆନୁକୂଲ୍ୟରେ ଚାଲିଥିବା ଜିଲାସ୍ତରୀୟ ଫୁଟ୍‌ବଲ ଟୁର୍ନାମେଣ୍ଟର ରବିବାର ଦ୍ୱିତୀୟ କ୍ୱାଟର ଫାଇନାଲ ମ୍ୟାଚ୍ ବାଙ୍କୀର ମା'ମଙ୍ଗଳା କ୍ଲବ ଓ ତାପଙ୍ଗର ମା'ମଙ୍ଗଳା କ୍ଲବ ମଧ୍ୟରେ ହୋଇଥିଲା। ମ୍ୟାଚର ପ୍ରଥମାର୍ଦ୍ଧ ସଂଘର୍ଷପୂର୍ଣ୍ଣ ରହିଥିବା ବେଳେ ଦ୍ୱିତୀୟାର୍ଦ୍ଧରେ ବାଙ୍କୀ ଟିମ୍ ଗୋଟିଏ ଗୋଲ ଦେଇବିଜୟୀ ହେବା ସହ ସେମିଫାଇନାଲରେ ପ୍ରବେଶ କରିଛି। ଏମ୍.ଏସ.ବେଗ ମ୍ୟାଚ୍ ପରିଚାଳନା କରିଥିଲେ। ବଂଶୀଧର ଦଳେଇ, ପ୍ରତାପ ପରିଡା, ତ୍ରିନାଥ ପରିଡା, ଚିନ୍ତାମଣି ପରିଡା, ନିରଞ୍ଜନ ଛାଟୋଇ, ମାଗୁଣି ନାୟକ ପ୍ରମୁଖ ଅତିଥିଭାବେ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ।

# ଭାରତନାଟ୍ୟମ, ସମରକଳା ନୃତ୍ୟ ମନ ମୋହିଲା

**ଧଉଳି-କଳିଙ୍ଗ ମହୋତ୍ସବ ଉଦ୍‌ଯାପିତ**

**ଓଡ଼ିଶୀ ନୃତ୍ୟାଙ୍ଗନା ମାଧବୀ ମୁଦ୍‌ଗଲ୍‌ଙ୍କୁ ବୁଦ୍ଧ ସମ୍ମାନ**



ପୁରୁଣା ଭୁବନେଶ୍ୱର,୧୧।୨ (ସୁବାସ ଚନ୍ଦ୍ର ପ୍ରଧାନ)

ଧଉଳି ପାଦଦେଶରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ଓଡ଼ିଶା ଡ୍ୟାନ୍ସ ଏକାଡେମୀ, ସଙ୍ଗୀତ ନାଟକ ଏକାଡ଼େମୀ ଏବଂ ଆର୍ଟ ଭିଜନ ଦ୍ୱାରା ଚାଲିଥିବା ୨୦ତମ ଧଉଳି-କଳିଙ୍ଗ ମହୋତ୍ସବର ରବିବାର ଥିଲା ଅନ୍ତିମ ସନ୍ଧ୍ୟା। ଉଦ୍‌ଯାପନୀ ସନ୍ଧ୍ୟାର ପ୍ରଥମ ପ୍ରସ୍ତୁତିରେ ଭୈବଭ ଆରେଖଙ୍କ ଦ୍ୱାରା ନୃତ୍ୟ ଅନୁଷ୍ଠାନ ସଂଖ୍ୟା କ୍ରିଏଶନର କାଳାକାରଙ୍କ ଦ୍ୱାରା ଭାରତନାଟ୍ୟମ ନୃତ୍ୟ ପରିବେଷଣ ହୋଇଥିଲା। ଏହି ନୃତ୍ୟର ଭୈବଭ ଆରେଖ ନୃତ୍ୟ ସଂରଚନା କରିଥିବା ବେଳେ ଅରୁଣା ସାଇରାମ, କେ.ଏ.ଗଣେଶନ୍, ଜୟନ୍ତ ନଜିରଫେଲକର ଓ ଅମ୍ବିକା ବିଶ୍ୱନାଥ ସଂଯୋଜନା କରିଥିଲେ। ଅନ୍ତିମ ଉପସ୍ଥାପନାରେ ସମସାମୟିକ ସମରକଳା ନୃତ୍ୟ ଜନାର୍ଦ୍ଦନ ରାଜ ଉର୍ସ ଓ ସାଥୀ ପରିବେଷଣ କରିଥିଲେ। ସେହିପରି କର୍ଣ୍ଣକୋପିୟା କ୍ରିଏଶନର କଳାକାରମାନେ ସମସାମୟିକ ସମରକଳା ନୃତ୍ୟ ପରିବେଷଣ କରିଥିଲେ ଯାହାର ସଂଳାପ ପ୍ରସ୍ତୁତ କରିଥିଲେ ଡ.ଶତାବଦାନୀ ଗଣେଶ। ନୃତ୍ୟ ସଂରଚନା କରିଥିଲେ ଜନାର୍ଦ୍ଦନ ରାଜ ଉର୍ସ, ସଙ୍ଗୀତ ସଂଯୋଜନା କରିଥିଲେ ପରବିନ ରାଓ ଓ ଆଲୋକ ପରିଚାଳନା କରିଥିଲେ ଦେବୀପ୍ରସାଦ ମିଶ୍ର। ଏହି ଅବସରରେ ପ୍ରତିବର୍ଷ ପରି ଏବର୍ଷ ଓଡ଼ିଶା ଡ୍ୟାନ୍ସ ଏକାଡେମୀ ଦ୍ୱାରା ବୁଦ୍ଧ ସମ୍ମାନ-୨୦୨୪ ବିଖ୍ୟାତ ଓଡ଼ିଶୀ ନୃତ୍ୟାଙ୍ଗନା ମାଧବୀ ମୁଦ୍‌ଗଲ୍‌ଙ୍କୁ ପ୍ରଦାନ କରାଯାଇଥିଲା। ସେହିପରି ଗୁରୁ ଗଙ୍ଗାଧର ସ୍ମୃତି ସମ୍ମାନ-୨୦୨୪ ବିଶିଷ୍ଟ ପ୍ରହଲ୍ଲାଦ ନାଟକ ଗୁରୁ ସୀମାଞ୍ଚଳ ପାତ୍ର, ପ୍ରଖ୍ୟାତ ହିନ୍ଦୁସ୍ତାନୀ ଶାସ୍ତ୍ରୀୟ ସଙ୍ଗୀତ ଗାୟକ ପଣ୍ଡିତ ଦେବେନ୍ଦ୍ର ନାରାୟଣ ଶତପଥୀ, ବିଶିଷ୍ଟ ଓଡ଼ିଶୀ ନୃତ୍ୟାଙ୍ଗନା ଗୁରୁ ରତିକାନ୍ତ ମହାପାତ୍ର ଏବଂ ଖ୍ୟାତନାମା ସାଧାରଣ ଚିକିତ୍ସକଙ୍କୁ ସେମାନଙ୍କର ଜୀବନବ୍ୟାପୀ ନୃତ୍ୟ, ସଙ୍ଗୀତ ସାଧନା ଓ ଜନସେବା ପାଇଁ ପ୍ରଦାନ କରାଯାଇଥିଲା। ଉଦ୍‌ଯାପନୀ ସନ୍ଧ୍ୟାରେ ଅତିଥିଭାବେ ସମ୍ବଲପୁର ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ଡ. ପ୍ରିୟମ୍ବଦା ମହାନ୍ତି ହେଜମାଦି, ପୂର୍ବତନ ଭାରତୀୟ ରାଷ୍ଟ୍ରଦୂତ ଡ.ଲଳିତ୍ ମାନସିଂହ, ଭାରତ ସରକାରଙ୍କ ଶ୍ରମ ଓ ନିୟୋଜନ ମନ୍ତ୍ରଣାଳୟର ଶାସନ ସଚିବ ଆରତି ଆହୁଜା, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ନିର୍ଦ୍ଦେଶକ ଦିଲୀପ ରାଉତରାୟ, ଓଡ଼ିଶା ଡ୍ୟାନ୍ସ ଏକାଡେମୀର ସଚିବ ଗୁରୁ ଡ.ଅରୁଣା ମହାନ୍ତି ଯୋଗଦେଇଥିଲେ। ଡ. ଶ୍ରୀନିବାସ ଘଟୁଆରୀ ଏବଂ ନାଜିଆ ଆଲାମ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ।

# ସାମ୍ବତ୍ସରିକ ଉତ୍ସବ ଉଦ୍‌ଯାପିତ




ସାମ୍ବତ୍ସରିକ ଉତ୍ସବ ଉଦ୍‌ଯାପନୀ ଦିବସରେ ମଞ୍ଚାସୀନ ଅତିଥି।

ବେଗୁନିଆ,୧୧।୨(ହର ପ୍ରସନ୍ନ ପଣ୍ଡା)

ବେଗୁନିଆ ବ୍ଲକ ଅନ୍ତର୍ଗତ କଣ୍ଟାବାଡ଼ସ୍ଥିତ ଏକ ଘରୋଇ ଶିକ୍ଷା ଅନୁଷ୍ଠାନ ପକ୍ଷରୁ ଅନୁଷ୍ଠିତ ଷୋଡ଼ଶ ସାମ୍ବତ୍ସରିକ ଉତ୍ସବ ରବିବାର ଉଦ୍‌ଯାପିତ ହୋଇଯାଇଛି। ଅନୁଷ୍ଠାନର ସଭାପତି ମାନସ ରଞ୍ଜନ ଦାଶଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସମାରୋହରେ ଜଗନ୍ନାଥ ସଂସ୍କୃତି ଗବେଷକ ଡା.କୃଷ୍ଣ କେଶବ ଷଡ଼ଙ୍ଗୀ ମୁଖ୍ୟ ଅତିଥିଭାବେ ଯୋଗଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଶିକ୍ଷା ବିକାଶ ସମିତି ପୂର୍ବ ସମ୍ଭାଗ ସଭାପତି କୁଳମଣି ମିଶ୍ର ବକ୍ତା ଓ ଇଣ୍ଡିଆନ ବ୍ୟାଙ୍କ ଶାଖା ପ୍ରବନ୍ଧକ ସମର ବଲ୍ଲଭ ରଥ ସମ୍ମାନିତ ଅତିଥିଭାବେ ଉପସ୍ଥିତ ଥିଲେ। ମଣିଷ ସମାଜରେ ବିଦ୍ୟା ହେଉଛି ଏକ ଅମୁଲ୍ୟ ରତ୍ନ। ଜନ୍ମରୁ ମୃତ୍ୟୁ ପର୍ଯ୍ୟନ୍ତ ଏହାର ଅନ୍ତ ନ ଥାଏ ବୋଲି ମତପ୍ରକାଶ ପାଇଥିଲା। ସଭାର ପ୍ରାରମ୍ଭରେ ଛାତ୍ରୀଛାତ୍ରମାନେ ସ୍ୱାଗତ ସଙ୍ଗୀତ ଗାନ କରିଥିଲେ। ପ୍ରଧାନ ଆଚାର୍ଯ୍ୟ ମନୋରଞ୍ଜନ ପଣ୍ଡା ସ୍ୱାଗତ ଭାଷଣ ଓ ସମ୍ପାଦକ ଦିଲ୍ଲୀପ କୁମାର ପାଣିଗ୍ରାହୀ ଅତିଥି ପରିଚୟ ପ୍ରଦାନ କରିଥିଲେ। ବିଭିନ୍ନ ବିଭାଗରେ କୃତୀତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଆଚାର୍ଯ୍ୟା କସ୍ତୁରୀ କାମୋଦିନୀ ମହାପାତ୍ର, ଶୁଭଦର୍ଶିନୀ ଦାଶ ଓ ଆଚାର୍ଯ୍ୟ ସିଦ୍ଧେଶ୍ୱର ବେହେରା ପ୍ରମୁଖ ପରିଚାଳନା କରିଥିଲେ। ଏହି ଅବସରରେ ପିଲାମାନେ ଓଡ଼ିଶୀ ଓ ଦେଶାତ୍ମବୋଧକ ସଙ୍ଗୀତ ନୃତ୍ୟ ପରିବେଷଣ କରିଥିଲେ। ଆଚାର୍ଯ୍ୟା ଲକ୍ଷ୍ମୀପ୍ରିୟା ସ୍ୱାଇଁ ଓ ପ୍ରଣତୀ ମାନସିଂହ ସଂଯୋଜନା କରିଥିଲେ। କୋଷାଧ୍ୟକ୍ଷ ପ୍ରସନ୍ନ କୁମାର ମହାପାତ୍ର ଧନ୍ୟବାଦ ଦେଇଥିଲେ।



ହଜ୍ ଗ୍ରାମରେ ରବିବାର ଅନୁଷ୍ଠିତ କର୍ମୀ ସମ୍ମିଳନୀରେ କଂଗ୍ରେସ ନେତା ପୃଥ୍ୱୀବଲ୍ଲଭ ପଟ୍ଟନାୟକ ଏବଂ ଅନ୍ୟମାନେ।

# କଂଗ୍ରେସର କର୍ମୀ ସମ୍ମିଳନୀ

ବେଗୁନିଆ,୧୧।୨(ହର ପ୍ରସନ୍ନ ପଣ୍ଡା)

ବେଗୁନିଆ ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ହଜ ଗ୍ରାମରେ ଜାତୀୟ କଂଗ୍ରେସର କର୍ମୀ ସମ୍ମିଳନୀ ରବିବାର ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ କର୍ମୀ ଝରିଆ ମାଳଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସମ୍ମିଳନୀରେ ୨୪ନଂ. ଜିଲାପରିଷଦ ଜୋନର ଦଳୀୟ କର୍ମୀମାନେ ଉପସ୍ଥିତ ଥିଲେ। ନବ ନିର୍ମାଣ କୃଷକ ସଙ୍ଗଠନର ସଭାପତି ତଥା ବେଗୁନିଆ ବ୍ଲକର ପ୍ରମୁଖ ସଭ୍ୟ ମଦନ ସାହୁଙ୍କ ସଂଯୋଜନାରେ କଂଗ୍ରେସ ନେତା ପୃଥ୍ୱୀବଲ୍ଲଭ ପଟ୍ଟନାୟକ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ସିକୋ ଗ୍ରାମର ଅବସରପ୍ରାପ୍ତ ଶିକ୍ଷକ ଯୋଗେଶ୍ୱର ଛୋଟରାୟ ବକ୍ତା ଏବଂ ହଜ ପଞ୍ଚାୟତର କଂଗ୍ରେସ ସଭାପତି ସର୍ବେଶ୍ୱର ପଲାଇ, ଜିଲା କଂଗ୍ରେସର ଉପସଭାପତି ସର୍ବେଶ୍ୱର ମାଝୀ ସମ୍ମାନିତ ଅତିଥିଭାବେ ଉପସ୍ଥିତ ଥିଲେ। ସୁଶାନ୍ତ କୁମାର ଭୋଳ, କାର୍ତ୍ତିକ ଜେନା, କୃଷ୍ଣ ଜେନା, ରବି ମହାପାତ୍ର, ବିଭୁତି ଗୁମାନସିଂହ, ବ୍ଲକ କଂଗ୍ରେସ କମିଟି ସଭାପତି କାଳନ୍ଦୀ ମହାପାତ୍ର, ପବିତ୍ର ସାମନ୍ତରା ପ୍ରମୁଖ ଅତିଥିଭାବେ ଯୋଗଦେଇଥିଲେ। ଆଗାମୀ ଦିନରେ କଂଗ୍ରେସ ଦଳକୁ କିଭଳି ସୁଦୃଢ କରିବା ସେ ନେଇ ଆଲୋଚନା ହୋଇଥିଲା। ଗ୍ରାମାଞ୍ଚଳରେ ଏବେ ମଧ ଗରିବ ପରିବାର ଓ ଚାଷୀ ଉପେକ୍ଷିତ ହୋଇ ରହିଛନ୍ତି। ସେମାନଙ୍କ ହିତରେ ସେବକଭାବେ ଜାତୀୟ କଂଗ୍ରେସ ଦଳ ଲଢିବ ବୋଲି ମୁଖ୍ୟ ଅତିଥି ପଟ୍ଟନାୟକ କହିଥିଲେ। ଦେଉଳି ପଞ୍ଚାୟତର ମାନସ ବାହୁବଳେନ୍ଦ୍ର ସ୍ୱାଗତ ଭାଷଣ ଓ ମୁକ୍ତାପୁର ଗ୍ରାମର ଗୟାଧର ବେହେରା ଧନ୍ୟବାଦ ଦେଇଥିଲେ।

### ଦେଉଳଟାଙ୍ଗୀ କ୍ରିକେଟ ଟୁର୍ନାମେଣ୍ଟ: ପଳାସପୁର ବିଜୟୀ

ଖୋର୍ଦ୍ଧା,୧୧।୨(ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ବ୍ଲକ କାଇପଦର ପଞ୍ଚାୟତ ଅନ୍ତର୍ଗତ ଦେଉଳଟାଙ୍ଗୀ ମା' ବଘେଇ କ୍ରିକେଟ ଆସୋସିଏଶନ ଆନୁକୂଲ୍ୟରେ ସ୍ଥାନୀୟ ଖେଳପଡିଆରେ ଚାଲିଥିବା ଟି-୧୦ କ୍ରିକେଟ ଟୁର୍ନାମେଣ୍ଟରେ ରବିବାର କୁମାରବସ୍ତ ଓ ପଳାସପୁର ଟିମ୍ ମଧ୍ୟରେ ମ୍ୟାଚ ହୋଇଥିଲା। ଟସ୍ ଜିତି ପଳାସପୁର ଟିମ୍ ପ୍ରଥମେ ବ୍ୟାଟିଂ କରି ୧୦ଓଭରରେ ୪ ଉଇକେଟ ବିନିମୟରେ ୧୭୯ ରନ ସଂଗ୍ରହ କରିଥିଲା। ଜବାବରେ କୁମାରବସ୍ତ ଟିମ୍ ୧୦ ଓଭରରେ ୭ ଉଇକେଟ ବିନିମୟରେ ୧୧୦ ରନ ସଂଗ୍ରହ କରି ପରାଜିତ ହୋଇଥିଲା। ପଳାସପୁର ଟିମର ବସନ୍ତ ସାହୁ ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇଥିଲେ। ମଦନମୋହନ ସ୍ୱାଇଁ ଓ ଗୋପୀନାଥ ମାଝି ମ୍ୟାଚ୍ ପରିଚାଳନା କରିଥିଲେ। ସ୍କୋରରେ ଜିତେନ୍ଦ୍ର ପ୍ରଧାନ, ଭାଷ୍ୟକାରଭାବେ ଶ୍ରଦ୍ଧାନନ୍ଦ ପ୍ରଧାନ ଦାୟିତ୍ୱ ତୁଲାଇଥିଲେ। ରବୀନ୍ଦ୍ର ମାର୍ଥା, ପ୍ରସନ୍ନ କୁମାର ବାରିକ, ଶ୍ୟାମସୁନ୍ଦର ଜେନା, କାଇପଦର ସେବା ସମବାୟ ସମିତିର ସମ୍ପାଦକ ଝଜ ସାମନ୍ତରାୟ, ନାଏବ ସରପଞ୍ଚ ସୌମ୍ୟରଞ୍ଜନ ସ୍ୱାଇଁ ପ୍ରମୁଖ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ସୋମବାର ଦେଉଳଟାଙ୍ଗୀ ଓ ଗୁଡୁମ ଟିମ୍ ମଧ୍ୟରେ ମ୍ୟାଚ୍ ହେବ ବୋଲି ସମ୍ପାଦକ ମହେଶ୍ୱର ମାହାପାତ୍ର ସୂଚନା ଦେଇଛନ୍ତି।

# ବିଜେଡି ନେତ୍ରୀ ବାସନ୍ତୀଙ୍କ ରୋଡ୍ ଶୋ'



ଟାଙ୍ଗୀ/ନିରାକାରପୁର, ୧୧।୨ (ରଘୁନାଥ ସାହୁ/ମାନସ ଚନ୍ଦ୍ର ପଟ୍ଟନାୟକ)

ସାଧାରଣ ନିର୍ବାଚନ ପାଖେଇ ଆସୁଥିବା ବେଳେ ଆଶାୟୀ ପ୍ରାର୍ଥୀ ଘରକୁ ଘର ବୁଲି ଭୋଟରଙ୍କ ନିକଟତର ହେବାରେ ଲାଗିଛନ୍ତି। ଏହି ଦୌଡରେ ଆଗରେ ରହିଛନ୍ତି ଆଶାୟୀ ପ୍ରାର୍ଥୀ ବିଜୁ ମହିଳା ଜନତା ଦଳ ବରିଷ୍ଠ ଉପସଭାପତି ବାସନ୍ତୀ ମହାପାତ୍ର। ଖୋର୍ଦ୍ଧା ଓ ଟାଙ୍ଗୀ ବ୍ଲକରେ ତୃଣମୂଳସ୍ତରରୁ ସଙ୍ଗଠନକୁ ମଜଭୁତ କରିବା ପାଇଁ ଲାଗି ପଡିଛନ୍ତି। ସମର୍ଥକଙ୍କ ସହ ଖୋର୍ଦ୍ଧା ନିର୍ବାଚନମଣ୍ଡଳୀରେ ପ୍ରୟାସ ଜାରି ରଖିଛନ୍ତି। କର୍ମୀ ସମ୍ମିଳନୀ, ଜନ ସମ୍ପର୍କ ଅଭିଯାନ, ରୋଡଶୋ ପରେ ଏବେ ସେ ନୂଆ ଅଭିଯାନ ଆରମ୍ଭ କରିଛନ୍ତି ହୃଦୟଯୋଡୋ ଯାତ୍ରା। ଏହିକ୍ରମରେ ରବିବାର ୯ନଂ. ଜୋନର ବିଭିନ୍ନ ପଞ୍ଚାୟତର ପ୍ରତି ୱାର୍ଡରେ ବିଶାଳ ବାଇକ ଶୋଭାଯାତ୍ରାରେ ମହାପାତ୍ର ପହଞ୍ଚି ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା ଓ ତାର କାର୍ଯ୍ୟକାରିତା ସମ୍ପର୍କରେ ଅବଗତ କରାଇଥିଲେ। ବିଭିନ୍ନ ୱାର୍ଡରେ ମହାପାତ୍ରଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା। ଓଳସିଂହ, ଛଣଗିରି, ଟାଙ୍ଗୋଳ, ସରପାରି, ଅଚ୍ୟୁତପୁର ଆଦି ପଞ୍ଚାୟତରେ ବିଶାଳ ସମାବେଶ, ରୋଡଶୋ କରି ଲୋକଙ୍କ ହୃଦୟ ଜିଣିଥିଲେ। ଏହି ରୋଡଶୋରେ ବାସନ୍ତୀଙ୍କ ବହୁ ସମର୍ଥକ ଯୋଗଦେଇଥିଲେ।

# ଫଳକରେ ଏମ୍‌ପି, ବିଧାୟକଙ୍କ ନାମ ନ ଥିବାରୁ ଅସନ୍ତୋଷ

ଗମ୍ଭାରୀମୁଣ୍ଡା,୧୧।୨(ଦିଲୀପ ସ୍ୱାଇଁ): ଖୋର୍ଦ୍ଧା ଜିଲା ବାଣପୁର ପଞ୍ଚାୟତ ସମିତିର ମୋରାମୋରୀ ପଞ୍ଚାୟତରେ ବିବାଦ ଦେଖାଦେଇଛି। ମୋରାମୋରୀ ପଞ୍ଚାୟତର ନୂତନ ଗୃହ ଉତ୍ସବ ଫଳକରେ ଏମ୍‌ପି ଓ ବିଧାୟକଙ୍କ ନାମ ନ ଥିବାରୁ ଅସନ୍ତୋଷ ପ୍ରକାଶ ପାଇଛି। ସୂଚନାନୁସାରେ, ୨୦୧୮ ମସିହାରେ ଏମ୍‌ପି ପିନାକୀ ମିଶ୍ର ଓ ଚିଲିକା ବିଧାୟକ ପ୍ରଶାନ୍ତ କୁମାର ଜଗଦେବ ମୋରାମୋରୀ ପଞ୍ଚାୟତର ନୂତନ ଗୃହ ନିର୍ମାଣ ନିମନ୍ତେ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ପରେ ପୂର୍ବତନ ସରପଞ୍ଚ ସବିତା ନାୟକଙ୍କ ତତ୍ତ୍ୱାବଧାନରେ ଗୃହ କାର୍ଯ୍ୟ ଆରମ୍ଭ ହୋଇଥିଲା। ୨୦୨୨ ମସିହାରେ ଭାଜପା ସମର୍ଥିତ ବସନ୍ତ ମାଳି ସରପଞ୍ଚ ଭାବେ ନିର୍ବାଚିତ ହେବା ପରେ ଅସମ୍ପୂର୍ଣ୍ଣ ପଞ୍ଚାୟତ ଗୃହକୁ ସମ୍ପୂର୍ଣ୍ଣ କରିଥିଲେ। କିନ୍ତୁ ଗୃହ ଉଦ୍‌ଘାଟନ ବେଳେ ଲଗାଯାଇଥିବା ଫଳକରେଏମ୍‌ପି ଓ ବିଧାୟକଙ୍କ ନାମ ନ ଥିବାରୁ ଅସନ୍ତୋଷ ବିଜେଡି କର୍ମୀଙ୍କ ପକ୍ଷରୁ ଅସନ୍ତୋଷ ପ୍ରକାଶ ପାଇଥିଲା। ଏନେଇ ଟାଙ୍ଗୀସାହି ବନଦୁର୍ଗା ମନ୍ଦିର ପରିସରରେ ବିଜେଡିର ଏକ ପ୍ରତିବାଦ ସଭା ହୋଇଥିଲା। ସରପଞ୍ଚ ମାଳିଙ୍କ ଏଭଳି କାର୍ଯ୍ୟକୁ ବିରୋଧ କରିଥିଲେ। ଏନେଇ ସରପଞ୍ଚ ମାଳି କହିଛନ୍ତି, ଫଳକରେ ଯାହା ତ୍ରୁଟି ରହିଛି ସଂଶୋଧନ କରାଯିବ। ହେଲେ ଉଦଘାଟନ ନିମନ୍ତେ ଏକ ଫ୍ଲେକ୍ସ ତିଆରି କରି ସେଥିରେ ଏମ୍‌ପି ଓ ବିଧାୟକଙ୍କ ନାଁ ଲେଖି କାନ୍ଥରେ ଲଗାଇଥିଲେ। ପୁଣି ସେହି ପୁରଣା ଫଳକକୁ ଉଦ୍‌ଘାଟନ କରିଥିଲେ। ଏନେଇ ବିଜେଡି ମହଲରେ ଅସନ୍ତୋଷ ପ୍ରକାଶ ପାଇଛି।

# ବାଲାଜୀ କ୍ରିକେଟ ଟୁର୍ନାମେଣ୍ଟ : ଶାଳଝରିଆ ଚାମ୍ପିୟନ

ବୋଲଗଡ଼,୧୧।୨(ଦେବବ୍ରତ ହୋତା)

ବୋଲଗଡ଼ ବ୍ଲକ ବାଙ୍କୋଇ ପଞ୍ଚାୟତ ଅନ୍ତର୍ଗତ କନ୍ତାଇଲୋ ଖେଳପଡିଆରେ ଚାଲିଥିବା ବାଲାଜୀ କ୍ରିକେଟ ଟୁର୍ନାମେଣ୍ଟରେ ଶାଳଝରିଆ ଟିମ୍ ଚାମ୍ପିୟନ ହୋଇଛି। ରବିବାର ଫାଇନାଲ ମ୍ୟାଚ୍ ସହଜପୁର ଓ ଶାଳଝରିଆ ଟିମ୍ ମଧ୍ୟରେ ହୋଇଥିଲା। ଟସ୍ ଜିତି ସହଜପୁର ଟିମ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୮ ଓଭରରେ ୮ ଉଇକେଟ ବିନିମୟରେ ୧୧୧ରନ ସଂଗ୍ରହ କରିଥିଲା। ଜବାବରେ ଶାଳଝରିଆ ଟିମ୍ ୧୧.୨ ଓଭରରେ ୫ ଉଇକେଟ ବିନିମୟରେ ୧୧୩ ରନ ସଂଗ୍ରହ କରି ବିଜୟୀ ହେବା ସହ ଚାମ୍ପିୟନ ହୋଇଥିଲା। ଦେବାଶିଷ ଓ ପ୍ରଶାନ୍ତ ମ୍ୟାଚ ପରିଚାଳନା କରିଥିଲେ। ପୁରସ୍କାର ବିତରଣ ଉତ୍ସବରେ ଖବରଦାତା ମନୋରଞ୍ଜନ ମିଶ୍ର ପୌରୋହିତ୍ୟ କରିଥିବା ବେଳେ ଅତିଥିଭାବେ ବିଜେଡିର ରାଜ୍ୟ ସାଧାରଣ ସମ୍ପାଦକ ବୁଟୁ କୈଳାସ ପାତ୍ର, ଶିକ୍ଷାବିତ୍ ଜୟକୃଷ୍ଣ ଫତେସିଂହ, ଆରିକିମା ସରପଞ୍ଚ ପ୍ରମୋଦ କୁମାର ରାଉତରାୟ, ବାଙ୍କୋଇ ସମିତିସଭ୍ୟ ରଞ୍ଜନ କୁମାର ଲେଙ୍କା, ୱାର୍ଡସଭ୍ୟ କୃପାସିନ୍ଧୁ ପ୍ରଧାନ, ଆର୍ତ୍ତତ୍ରାଣ ପ୍ରଧାନ, ଯୁଗଳ ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ। ଚାମ୍ପିୟନ ଓ ରନର୍ସ ଅପ ଟିମକୁ ଟ୍ରଫି ସହିତ ଅର୍ଥରାଶି ପ୍ରଦାନ କରାଯାଇଥିଲା। ହାପି ମ୍ୟାନ ଅଫ ଦି ସିରିଜ, ରାଜେଶ ମ୍ୟାନ ଅଫ ଦି ଫାଇନାଲ, ଦେବୁଲ ବେଷ୍ଟ ବୋଲରଭାବେ ଅତିଥିଙ୍କଠାରୁ ପୁରସ୍କାର ଗ୍ରହଣ କରିଥିଲେ। ଅନୀଲ କୁମାର ଶତପଥୀ, ଅନିଲ ପ୍ରଧାନ, ସାଗର ନାୟକ, ତାପସ ସୁନ୍ଦରାୟ, ଆଶିଷ ସାମନ୍ତରାୟ, ଶୁଭେନ୍ଦୁ ପ୍ରଧାନ, ଦେବୀପ୍ରସାଦ ମିଶ୍ର, ସଞ୍ଜୟ ସୁନ୍ଦରାୟ ପ୍ରମୁଖ ଟୁର୍ନାମେଣ୍ଟ ପରିଚାଳନାରେ ସହଯୋଗ କରିଥିଲେ।



ଅତିଥିଙ୍କ ଗହଣରେ ଖେଳାଳି ଏବଂ ଅନ୍ୟମାନେ।

**ମା'ଜାଗୁଲାଇ ଫୁଟ୍‌ବଲ ଟୁର୍ନାମେଣ୍ଟ**

# ନ୍ୟୁ ୟୁଥ୍ ଷ୍ଟାର କ୍ଲବ ଚାମ୍ପିୟନ



ଉଦ୍‌ଯାପନୀ ଦିନସରେ ଅତିଥିଙ୍କ ସହ ଉଭୟ ଦଳର ଖେଳାଳି ଓ ଅନ୍ୟମାନେ।

ବେଗୁନିଆ,୧୧।୨(ହର ପ୍ରସନ୍ନ ପଣ୍ଡା)

ବେଗୁନିଆ ବ୍ଲକ ଅନ୍ତର୍ଗତ ଗୌଡିଆପଡ଼ା-ଇନ୍ଦିପୁରୁ ଗ୍ରାମସ୍ଥିତ ଖେଳପଡିଆରେ ଜୟଦୁର୍ଗା ଫୁଟବଲ କ୍ଲବ ଆନୁକୂଲ୍ୟରେ ଚାଲିଥିବା ମା'ଜାଗୁଲାଇ ଫୁଟବଲ ଟୁର୍ନାମେଣ୍ଟରେ ଭୁବନେଶ୍ୱରର ନ୍ୟୁ ୟୁଥ୍ ଷ୍ଟାର କ୍ଲବ ଚାମ୍ପିୟନ ହୋଇଛି। ରବିବାର ଫାଇନାଲ ମ୍ୟାଚ୍ ନିୟୁୟୁଥ ଷ୍ଟାର କ୍ଲବ ଓ ପାଇକିତିଗିରିଆର ଏ.ଜେ. କ୍ଲବ ମଧ୍ୟରେ ହୋଇଥିଲା। ନିର୍ଦ୍ଧାରିତ ସମୟ ମଧ୍ୟରେ ଉଭୟ ଟିମ୍ କେହି କାହାରିକୁ ଗୋଲ ଦେଇପାରି ନ ଥିଲେ। ଟାଇବ୍ରେକରରେ ୫-୪ ଗୋଲରେ ନ୍ୟୁ ୟୁଥ୍ ଷ୍ଟାର କ୍ଲବ ବିଜୟୀ ହେବା ସହ ଚାମ୍ପିୟନ ହୋଇଥିଲା। ଚିତ୍ତରଞ୍ଜନ ପରିଡା ମ୍ୟାଚ୍ ପରିଚାଳନା କରିଥିବା ବେଳେ ଲାଇନ୍ସରେ ସହାୟତା କରିଥିଲେ ସୁକାନ୍ତ ପ୍ରଧାନ ଏବଂ କେଳୁଚରଣ ବେହେରା। ପୁରସ୍କାର ବିତରଣ ଉତ୍ସବରେ ଅତିଥିଭାବେ ଭାଜପା ନେତା ପ୍ରକାଶ ଚନ୍ଦ୍ର ବିଜୁଳି, ଲକ୍ଷ୍ମୀଧର ପାଟ୍ଟଶାଣୀ ଯୋଗଦେଇଥିଲେ। ବିଜୟୀ ଟିମର ବିକ୍ରମ ନାୟକ ମ୍ୟାନ ଅଫ ଦି ମ୍ୟାଚ, ଶ୍ରେଷ୍ଠ ଗୋଲ ରକ୍ଷକ ଦ୍ୱିଜ ପରିଡା, ଏ.ଜେ କ୍ଲବର ଜଳନ୍ଧର ନାୟକଙ୍କୁ ମ୍ୟାନ ଅଫ ଦି ସିରିଜ ପୁରସ୍କାର ପ୍ରଦାନ କରାଯାଇଥିଲା। ଚାମ୍ପିୟନ ଓ ରନର୍ସଅପ ଟିମକୁ ଟ୍ରଫି ସହିତ ଅର୍ଥରାଶି ପ୍ରଦାନ କରାଯାଇଥିଲା। ପ୍ରଶାନ୍ତ ପାଟ୍ଟଶାଣୀ, ସର୍ବେଶ୍ୱର ମଙ୍ଗରାଜ, ପ୍ରକାଶ ଚନ୍ଦ୍ର ରାଉତରାୟ, ସୁରେଶ ଚନ୍ଦ୍ର ବାଘସିଂହ, ଧରଣୀଧର ବଳିୟାରସିଂହ, ମଦନ ମୋହନ ବାଘସିଂହ, ଅରୁଣ ରଞ୍ଜିତ ପ୍ରମୁଖ ଟୁର୍ନାମେଣ୍ଟ ପରିଚାଳନାରେ ସହଯୋଗ କରିଥିଲେ।

# ଭଲିବଲ ଟୁର୍ନାମେଣ୍ଟ ଜିତିଲା ଇଟାମାଟି

ବୋଲଗଡ଼,୧୧।୨(ଦେବବ୍ରତ ହୋତା)

ବୋଲଗଡ଼ ବ୍ଲକ ଅନ୍ତର୍ଗତ ଅସରଳା ହରିହର ବିଦ୍ୟାପୀଠ ଖେଳପଡ଼ିଆରେ ମା' ବିମଳାକ୍ଷୀ କ୍ଲବ ପକ୍ଷରୁ ଚାଲିଥିବା ନବମ ବାର୍ଷିକ ଦିବାରାତ୍ର ଭଲିବଲ ଟୁର୍ନାମେଣ୍ଟରେ ଇଟାମାଟି ଟିମ୍ ଚାମ୍ପିୟନ ହୋଇଛି। ଏହି ଟୁର୍ନାମେଣ୍ଟରେ ୮ଟି ଟିମ୍ ଭାଗ ନେଇଥିବା ବେଳେ ଫାଇନାଲ ମ୍ୟାଚ୍ ଇଟାମାଟି ଓ ଛତ୍ରପଡ଼ା ଟିମ୍ ମଧ୍ୟରେ ହୋଇଥିଲା। ଏଥିରେ ଛତ୍ରପଡାକୁ ହରାଇ ଇଟାମାଟି ଟିମ୍ ବିଜୟୀ ହେବା ସହିତ ଚାମ୍ପିୟନ ହୋଇଛି। ଯୁବ ବିଜେଡି ସଙ୍ଗଠକ ବ୍ରଜବନ୍ଧୁ ସୁବୁଦ୍ଧି, ସାମାଜିକକର୍ମୀ ପ୍ରକାଶ ବଳିୟାରସିଂହ, ମନୋଜ ପ୍ରଧାନ ପ୍ରମୁଖ ଯୋଗଦେଇ ଟର୍ନାମେଣ୍ଟ ଉଦ୍‌ଘାଟନ କରିଥିଲେ। ଆୟୋଜିତ ପୁରସ୍କାର ବିତରଣ ଉତ୍ସବରେ ସମାଜସେବୀ କସ୍ତୁରୀ ଚରଣ ମହାପାତ୍ର ଯୋଗଦେଇ ଚାମ୍ପିୟନ ଟିମକୁ ୫୦୦୧ ଟଙ୍କା ସହ ଟ୍ରଫି ଏବଂ ରନର୍ସଅପ ଟିମକୁ ୩୦୦୧ଟଙ୍କା ଓ ଟ୍ରଫି ପ୍ରଦାନ କରିଥିଲେ। ପ୍ରିତମ ଓ ଶିବୁନା ମ୍ୟାଚ୍ ପରିଚାଳନା କରିଥିଲେ। ଦେବାଶିଷ ସାମନ୍ତରାୟ, ଶିବରାମ ମହାପାତ୍ର, ସୁମାନ୍ତ ସାମନ୍ତରାୟ ପ୍ରମୁଖ ଟୁର୍ନାମେଣ୍ଟ ପରିଚାଳନାରେ ସହଯୋଗ କରିଥିଲେ।



ଟ୍ରଫି ସହ ଖେଳାଳିମାନେ।

## ସଂକ୍ଷେପରେ

### ଫାଇନାଲରେ ମେଣ୍ଢାଶାଳ ଓ ଇଞ୍ଜଣା

ବାରଙ୍ଗ,୧୧।୨(ଲିଙ୍ଗରାଜ ରାଉତ): ଦାରୁଠେଙ୍ଗ ପିଣ୍ଡିକ ପଡ଼ିଆରେ ଖେଳାଯାଉଥିବା ଭୁବନେଶ୍ୱର ବ୍ଲକସ୍ତରୀୟ ପଞ୍ଚାୟତ କପ୍‌ର ରବିବାର ୨ଟି ଗୁରୁତ୍ୱପୂର୍ଣ୍ଣ ମ୍ୟାଚ୍ ଖେଳାଯାଇଥିଲା। ପ୍ରଥମ ସେମିଫାଇନାଲ ମ୍ୟାଚ୍‌ରେ ବରିମୁଣ୍ଡକୁ ହରାଇ ମେଣ୍ଢାଶାଳ ଫାଇନାଲକୁ ପ୍ରବେଶ କରିଛି। ବରିମୁଣ୍ଡ ଟସ୍ ଜିତି ବ୍ୟାଟିଂ କରି ୧୨ ଓଭରରେ ୮ ଉଇକେଟ ହରାଇ ୯୪ ରନ୍ ସଂଗ୍ରହ କରିଥିଲା। ମେଣ୍ଢାଶାଳ ୯.୩ ଓଭରରେ ୨ ଉଇକେଟ୍ ହରାଇ ୯୭ ରନ୍ କରି ବିଜୟୀ ହୋଇଛି। ଦ୍ୱିତୀୟ ମ୍ୟାଚ୍‌ରେ ଦାରୁଠେଙ୍ଗକୁ ହରାଇ ଇଞ୍ଜଣା ଫାଇନାଲରେ ପ୍ରବେଶ କରିଛି। ଦାରୁଠେଙ୍ଗ ଟସ୍ ଜିତି ୧୫ ଓଭରରେ ମୋଟ ୧୪୦ ରନ୍ କରିଥିଲା। ଜବାବରେ ଇଞ୍ଜଣା ୧୪୧ରନ କରି ବିଜୟୀ ହୋଇଛି। ସୋମବାର ଫାଇନାଲ ମ୍ୟାଚ୍ ମେଣ୍ଢାଶାଳ ଓ ଇଞ୍ଜଣା ମଧ୍ୟରେ ଖେଳାଯିବ।

### ପୋଲିସ ପରିଚୟ ଦେଇ ଲୁଟ, ୨ ଗିରଫ

କଟକ,୧୧।୨ (କାର୍ତ୍ତିକ ସାହୁ)- ପୋଲିସ ପରିଚୟ ଦେଇ ଲୁଟ୍ କରିବା ଅଭିଯୋଗରେ ମଙ୍ଗଳାବାଗ ପୋଲିସ ୨ ଅଭିଯୁକ୍ତଙ୍କୁ ଗିରଫ କରି ରବିବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଉତ୍ତରପ୍ରଦେଶ ପ୍ରୟାଗରାଜ ଜିଲା ସରେଇଁ ମାମରାଜ ଥାନା ଅଞ୍ଚଳର ରୋହିତ ପାଣ୍ଡେ ଓ ଭବେଶ ପାଣ୍ଡେ। ପୋଲିସ ସେମାନଙ୍କଠାରୁ ୩ଟି ସୁନାମୁଦି, ଗୋଟିଏ ବାଇକ, ଦୁଇଟି ମୋବାଇଲ ସମେତ ୪୦,୦୦୦ ଟଙ୍କା ଜବତ କରିଛି। ଏନେଇ ଥାନାରେ ଏକ ମାମଲା(ନଂ.୪୯/୨୪) ରୁଜୁ ହୋଇଛି। ସୂଚନା ଅନୁଯାୟୀ, କୋଲକାତା ବିଧାନନଗର ରୋଡ୍ ଅଞ୍ଚଳର ସୁରଜିତ୍ ପାଲ(୬୧) ଗତ ୯ ତାରିଖରେ କେନ୍ଦ୍ରାପଡ଼ାର ବଳଭଦ୍ରପୁର ଟ୍ରେଡିଂକୁ ଅଫିସ କାମରେ ଆସିଥିଲେ। ସେଠାରୁ ଫେରି ଓଏମ୍‌ପି ଛକରେ ପହଞ୍ଚିବା ପରେ ଚାଲି ଚାଲି ରେଳଷ୍ଟେଶନକୁ ଯାଇଥିଲେ। ଷ୍ଟେଶନରେ ପହଞ୍ଚିବା ପରେ ସେ ଜାଣିବାକୁ ପାଇଲେ ଟ୍ରେନ୍ ଆସିବା ବିଳମ୍ବ ଅଛି। ତେଣୁ ସେ ସେଠାରୁ ଅଟୋରେ ମଙ୍ଗଳାବାଗସ୍ଥିତ ଏକ ଶୋରୁମ୍ ନିକଟରେ ପୂର୍ବାହ୍ନ ପ୍ରାୟ ୧୦ଟା ୪୦ରେ ପହଞ୍ଚିଥିଲେ। ଏହି ସମୟରେ ୨ ଜଣ ଦୁର୍ବୃତ୍ତ ବାଇକ୍‌ରେ ଆସି ତାଙ୍କ ପାଖରେ ପହଞ୍ଚିଥିଲେ। ନିଜକୁ ପୋଲିସ ପରିଚୟ ଦେଇ ଗତକାଲି ଏଠାରେ ଏକ ହତ୍ୟାକାଣ୍ଡ ଓ ଚୋରି ହୋଇଥିବା କହିଥିଲେ। ସେମାନେ ସୁରଜିତ୍‌ଙ୍କୁ ସୁନାଚେନ୍ ଓ ମୁଦି ଖୋଲି ନିଜ ବ୍ୟାଗ୍‌ରେ ରଖିଦେବାକୁ କହିଥିଲେ। ସେମାନଙ୍କ କଥା ମାନି ସେ ୩ଟି ସୁନାଚେନ୍, ଦୁଇଟି ବ୍ରେସ୍‌ଲେଟ ଓ ୩ଟି ସୁନାମୁଦି ଗୋଟିଏ ଜରିରେ ପୂରାଇ ରଖିଥିଲେ। ଏତିକିବେଳେ ସେମାନେ ସୁରଜିତ୍‌ଙ୍କ ହାତରୁ ଅଳଙ୍କାର ଥିବା ଜରିଟିକୁ ଆଣି ତାଙ୍କ ବ୍ୟାଗ୍‌ରେ ରଖିଦେଲେ। ଏଥିରେ ସୁରଜିତ୍‌ଙ୍କ ସନ୍ଦେହ ହେବାରୁ ସେ ତାଙ୍କ ବ୍ୟାଗ୍ ଖୋଲି ଦେଖିବାରୁ ଅଳଙ୍କାର ପାଇ ନ ଥିଲେ। ସେତେବେଳକୁ ଦୁର୍ବୃତ୍ତଦ୍ୱୟ ସେଠାରୁ ଖସି ପଳାଇ ସାରିଥିଲେ। ଏନେଇ ଥାନାରେ ଅଭିଯୋଗ ହେବା ପରେ ପୋଲିସ ଘଟଣାର ତଦନ୍ତ କରି ଅଭିଯୁକ୍ତଦ୍ୱୟଙ୍କୁ ଗିରଫ କରିଛି। ସୂଚନାଯୋଗ୍ୟ, ପୂର୍ବରୁ ସମାନ ଢଙ୍ଗରେ ପୋଲିସ ପରିଚୟ ଦେଇ ବ୍ୟାଗ ଭିତରେ ଅଳଙ୍କାର ରଖିବାକୁ କହି ଦୁର୍ବୃତ୍ତମାନେ ଲୁଟ୍ କରିଥିଲେ। ଏବେ ପୁଣି ତା'ର ପୁନରାବୃତ୍ତି ଘଟିଥିବାରୁ କେତେଜଣ ଅଭିଯୁକ୍ତ ସମାନ ପନ୍ଥା ଆପଣାଉଥିବା ଜଣାପଡିଛି।

# ଭାରତନାଟ୍ୟମ, ସମରକଳା ନୃତ୍ୟ ମନ ମୋହିଲା

## ଧଉଳି-କଳିଙ୍ଗ ମହୋତ୍ସବ ଉଦ୍‌ଯାପିତ

### ଓଡ଼ିଶୀ ନୃତ୍ୟାଙ୍ଗନା ମାଧବୀ ମୁଦ୍‌ଗଲ୍‌ଙ୍କୁ ବୁଦ୍ଧ ସମ୍ମାନ

ପୁରୁଣା ଭୁବନେଶ୍ୱର,୧୧।୨ (ସୁବାସ ଚନ୍ଦ୍ର ପ୍ରଧାନ)

ଧଉଳି ପାଦଦେଶରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ଓଡ଼ିଶା ଡ୍ୟାନ୍ସ ଏକାଡେମୀ, ସଙ୍ଗୀତ ନାଟକ ଏକାଡ଼େମୀ ଏବଂ ଆର୍ଟ ଭିଜନ ଦ୍ୱାରା ଚାଲିଥିବା ୨୦ତମ ଧଉଳି-କଳିଙ୍ଗ ମହୋତ୍ସବର ରବିବାର ଥିଲା ଅନ୍ତିମ ସନ୍ଧ୍ୟା। ଉଦ୍‌ଯାପନୀ ସନ୍ଧ୍ୟାର ପ୍ରଥମ ପ୍ରସ୍ତୁତିରେ ଭୈବଭ ଆରେଖଙ୍କ ଦ୍ୱାରା ନୃତ୍ୟ ଅନୁଷ୍ଠାନ ସଂଖ୍ୟା କ୍ରିଏଶନର କାଳାକାରଙ୍କ ଦ୍ୱାରା ଭାରତନାଟ୍ୟମ ନୃତ୍ୟ ପରିବେଷଣ ହୋଇଥିଲା। ଏହି ନୃତ୍ୟର ବୈଭବ ଆରେଖ ନୃତ୍ୟ ସଂରଚନା କରିଥିବା ବେଳେ ଅରୁଣା ସାଇରାମ, କେ.ଏ.ଗଣେଶନ୍, ଜୟନ୍ତ ନଜିରଫେଲକର ଓ ଅମ୍ବିକା ବିଶ୍ୱନାଥ ସଂଯୋଜନା କରିଥିଲେ। ଅନ୍ତିମ ଉପସ୍ଥାପନାରେ ସମସାମୟିକ






ସମରକଳା ନୃତ୍ୟ ଜନାର୍ଦ୍ଦନ ରାଜ ଉର୍ସ ଓ ସାଥୀ ପରିବେଷଣ କରିଥିଲେ। ସେହିପରି କର୍ଣ୍ଣକୋପିୟା କ୍ରିଏଶନର କଳାକାରମାନେ ସମସାମୟିକ ସମରକଳା ନୃତ୍ୟ ପରିବେଷଣ କରିଥିଲେ ଯାହାର ସଂଳାପ ପ୍ରସ୍ତୁତ କରିଥିଲେ ଡ.ଶତାବଦାନୀ ଗଣେଶ। ନୃତ୍ୟ ସଂରଚନା କରିଥିଲେ ଜନାର୍ଦ୍ଦନ ରାଜ ଉର୍ସ, ସଙ୍ଗୀତ ସଂଯୋଜନା କରିଥିଲେ ପରବିନ ରାଓ ଓ ଆଲୋକ ପରିଚାଳନା କରିଥିଲେ ଦେବୀପ୍ରସାଦ ମିଶ୍ର। ଏହି ଅବସରରେ ପ୍ରତିବର୍ଷ ପରି ଏବର୍ଷ ଓଡ଼ିଶା ଡ୍ୟାନ୍ସ ଏକାଡେମୀ ଦ୍ୱାରା ବୁଦ୍ଧ ସମ୍ମାନ-୨୦୨୪ ବିଖ୍ୟାତ ଓଡ଼ିଶୀ ନୃତ୍ୟାଙ୍ଗନା ମାଧବୀ ମୁଦ୍‌ଗଲ୍‌ଙ୍କୁ ପ୍ରଦାନ କରାଯାଇଥିଲା। ସେହିପରି ଗୁରୁ ଗଙ୍ଗାଧର ସ୍ମୃତି ସମ୍ମାନ-୨୦୨୪ ବିଶିଷ୍ଟ ପ୍ରହଲ୍ଲାଦ ନାଟକ ଗୁରୁ ସୀମାଞ୍ଚଳ ପାତ୍ର, ପ୍ରଖ୍ୟାତ ହିନ୍ଦୁସ୍ତାନୀ ଶାସ୍ତ୍ରୀୟ ସଙ୍ଗୀତ ଗାୟକ ପଣ୍ଡିତ ଦେବେନ୍ଦ୍ର ନାରାୟଣ ଶତପଥୀ, ବିଶିଷ୍ଟ ଓଡ଼ିଶୀ ନୃତ୍ୟାଙ୍ଗନା ଗୁରୁ ରତିକାନ୍ତ ମହାପାତ୍ର ଏବଂ ଖ୍ୟାତନାମା ସାଧାରଣ ଚିକିତ୍ସକଙ୍କୁ ସେମାନଙ୍କର ଜୀବନବ୍ୟାପୀ ନୃତ୍ୟ, ସଙ୍ଗୀତ ସାଧନା ଓ ଜନସେବା ପାଇଁ ପ୍ରଦାନ କରାଯାଇଥିଲା। ଉଦ୍‌ଯାପନୀ ସନ୍ଧ୍ୟାରେ ଅତିଥିଭାବେ ସମ୍ବଲପୁର ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ଡ. ପ୍ରିୟମ୍ବଦା ମହାନ୍ତି ହେଜମାଦି, ପୂର୍ବତନ ଭାରତୀୟ ରାଷ୍ଟ୍ରଦୂତ ଡ.ଲଳିତ୍ ମାନସିଂହ, ଭାରତ ସରକାରଙ୍କ ଶ୍ରମ ଓ ନିୟୋଜନ ମନ୍ତ୍ରଣାଳୟର ଶାସନ ସଚିବ ଆରତି ଆହୁଜା, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ନିର୍ଦ୍ଦେଶକ ଦିଲୀପ ରାଉତରାୟ, ଓଡ଼ିଶା ଡ୍ୟାନ୍ସ ଏକାଡେମୀର ସଚିବ ଗୁରୁ ଡ.ଅରୁଣା ମହାନ୍ତି ଯୋଗଦେଇଥିଲେ। ଡ. ଶ୍ରୀନିବାସ ଘଟୁଆରୀ ଏବଂ ନାଜିଆ ଆଲାମ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ।

# ହାତୀ ଉପଦ୍ରବ: ବହୁ ନଡ଼ିଆ ଗଛ ନଷ୍ଟ

ବଡ଼ମ୍ବା,୧୧।୨(ମାୟାଧର ମଲ୍ଲିକ)

କଟକ ଜିଲା ଆଠଗଡ ବନଖଣ୍ଡ ଅଧୀନ ବଡ଼ମ୍ବା ରେଞ୍ଜର ବାଞ୍ଚବେରେଣୀ ଗାଁରେ ହାତୀ ଉପଦ୍ରବ ବଢ଼ିବାରେ ଲାଗିଛି। ଫଳରେ ଗ୍ରାମବାସୀ ଆତଙ୍କିତ ଅବସ୍ଥାରେ ଅଛନ୍ତି। ଗତ କିଛିଦିନ ଧରି ଜଙ୍ଗଲୀ ହାତୀମାନେ ଗାଁ ମୁହାଁ ହୋଇଛନ୍ତି। ସେମାନେ ଗାଁ ବାଡିରେ ପଶି ଲୋକଙ୍କ ଫସଲ ନଷ୍ଟ କରୁଛନ୍ତି। ମାତ୍ର ଏନେଇ ବନବିଭାଗ ପକ୍ଷରୁ ପଦକ୍ଷେପ ନିଆଯାଉ ନ ଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ରବିବାର ଅପରାହ୍ନରେ ଏହି ଗାଁର ବିରଞ୍ଚିନାରାୟଣ ରାଉତଙ୍କ ବଗିଚାରେ ଥିବା ପାଖାପାଖି ପଚାଶ ନଡ଼ିଆ ଗଛକୁ ହାତୀମାନେ ଦଳି ନଷ୍ଟ କରିଦେଇଛନ୍ତି। ପ୍ରତି ବର୍ଷ ହାତୀମାନେ ଗାଁର ଅନେକ ଫସଲ ନଷ୍ଟ କରୁଥିବା ବେଳେ ଏଠାରେ ଥିବା ବିଟ ହାଉସରେ କର୍ମଚାରୀ ରହୁନଥିବା ଅଭିଯୋଗ ହୋଇଛି। ଏଥିପାଇଁ ବଡ଼ମ୍ବା ବନବିଭାଗର କାର୍ଯ୍ୟକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏ ନେଇ ଗ୍ରାମବାସୀ ଆଗାମୀ ଦିନରେ କ୍ଷତିପୂରଣ ସହ ବିଟ ହାଉସରେ ସ୍ଥାୟୀ କର୍ମଚାରୀ ନିଯୁକ୍ତ ଦାବି ନେଇ ଆନ୍ଦୋଳନ କରିବେ ବୋଲି ଚେତାବନୀ ଦେଇଛନ୍ତି।



ଭୁବନେଶ୍ୱର ସୂଚନା ଭବନରେ ରବିବାର ଆୟୋଜିତ ଶୋଭନୀୟ ପ୍ଲେ ସ୍କୁଲର ୨୨ତମ ବାର୍ଷିକ ଉତ୍ସବରେ ପିଲାମାନେ ନୃତ୍ୟ ପରିବେଷଣ କରୁଛନ୍ତି।

# 'ସମସ୍ତଙ୍କୁ ବୀମାଭୁକ୍ତ ପାଇଁ ବୀମା କମ୍ପାନୀ ସୁଦୃଢ଼ ହେଉ'

କଟକ,୧୧।୨ (କାର୍ତ୍ତିକ ସାହୁ)- ସାଧାରଣ ବୀମା ପେନସନର୍ସ ସଂଘ ପକ୍ଷରୁ କଟକ ବକ୍ସିବଜାରସ୍ଥିତ ୱାଇଏମ୍‌ସିଏ ସମ୍ମିଳନୀ କକ୍ଷରେ ରବିବାର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ସଂଘ ସଭାପତି ଏମ୍ ଏ. ବେଗ୍‌ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ସର୍ବଭାରତୀୟ ଫେଡେରେଶନର ସାଧାରଣ ସଚିବ ଉଦୟନ ବାନାର୍ଜୀ ଯୋଗଦେଇ ସାଧାରଣ ପେନସନର୍ସମାନଙ୍କର ବିଭିନ୍ନ ଦାବି ଉପରେ ଆଲୋଚନା କରିଥିଲେ। ଭାରତୀୟ ବୀମା ନିୟନ୍ତ୍ରକ ପ୍ରାଧିକରଣ ୨୦୪୭ ସୁଦ୍ଧା ସମସ୍ତଙ୍କୁ ବୀମାଭୁକ୍ତ କରିବାକୁ ହେଲେ ରାଷ୍ଟ୍ରାୟତ୍ତ ସାଧାରଣ ବୀମା କମ୍ପାନୀଗୁଡିକର ସୁଦୃଢ଼ୀକରଣ ହେବା ଆବଶ୍ୟକ। ଘରୋଇ ବୀମା କମ୍ପାନୀ ଲାଭଜନକ ବୀମା ବ୍ୟବସାୟ କରିବା ପାଇଁ ସହରାଞ୍ଚଳରେ ଗୁରୁତ୍ୱ ଦେଉଥିବାବେଳେ ଗ୍ରାମୀଣ ବୀମା ବ୍ୟବସାୟ ପ୍ରତି ବୀମା ବ୍ୟବସାୟୀମାନେ ବିମୁଖ ହେଉଥିବା ସେ କହିଥିଲେ। ୧୯୯୫ରୁ ବୀମା ଶିଳ୍ପରେ ପେନ୍‌ସନ୍ ଯୋଜନା କାର୍ଯ୍ୟକାରୀ ହେବାଠାରୁ ଦୀର୍ଘ ୨୮ ବର୍ଷ ଧରି ମୂଳ ପେନ୍‌ସନ୍‌ରେ ସଂଶୋଧନ କରାଯାଇନାହିଁ। ଏହି ସମୟ ମଧ୍ୟରେ ୫ ଥର ବୀମା କର୍ମଚାରୀଙ୍କ ବେତନରେ ସଂଶୋଧନ କରାଯାଇଛି, ଯାହାଦ୍ୱାରା ୧୯୯୫ ଓ ୨୦୨୨ ମସିହାରେ ଅବସର ନେଇଥିବା ପେନ୍‌ସନର୍ସଙ୍କ ପେନ୍‌ସନ୍‌ରେ ତାରତମ୍ୟ ପରିଲକ୍ଷିତ ହୋଇଛି। ବ୍ୟାଙ୍କ ଏବଂ ଜୀବନ ବୀମା ନିଗମ କ୍ଷେତ୍ରରେ ପାରିବାରିକ ପେନ୍‌ସନ୍ ୩୦%କୁ ବୃଦ୍ଧି ହୋଇଥିବାବେଳେ ସାଧାରଣ ବୀମା ପେନ୍‌ସନର୍ସମାନେ ଏହି ସୁବିଧାରୁ ବଞ୍ଚିତ ଅଛନ୍ତି ବୋଲି କର୍ମକର୍ତ୍ତାମାନେ କ୍ଷୋଭ ପ୍ରକାଶ କରିଥିଲେ। ଏଥିରେ ମଧୁସୂଦନ ସ୍ୱାଇଁ, ରମେଶ ସାହୁ, ଜାନକୀ ବଲ୍ଲଭ ମହାପାତ୍ର, ଗୋବିନ୍ଦ ଚନ୍ଦ୍ର ମହାପାତ୍ରଙ୍କ ସମେତ ବହୁ କର୍ମକର୍ତ୍ତା ଉପସ୍ଥିତ ଥିଲେ। ସାଧାରଣ ସମ୍ପାଦକ ବିଜୟ ସାହୁ ବିବରଣୀ ପାଠ ଓ ରବୀନ୍ଦ୍ରନାଥ ସିଂହ ଆୟବ୍ୟୟର ହିସାବ ଉପସ୍ଥାପନ କରିଥିଲେ।

# 'ଆ କେ ତେରି ବାହୋଁମେ'...

ଭୁବନେଶ୍ୱର, ୧୧।୨(ବନ୍ଦନା ସେଠୀ)

'ଆ କେ ତେରି ବାହୋଁମେ, ହର୍ ଶାମ୍ ଲଗେ ସିନ୍ଦୁରୀ'...। ଏହା କେବଳ ଏକ ଚଳଚ୍ଚିତ୍ରର ସଙ୍ଗୀତ ନୁହେଁ, ବରଂ ଜଣେ ପ୍ରେମିକାର ମନ କଥା। ବାସ୍ତବରେ ପ୍ରେମିକର ବାହୁରେ ନିଜକୁ ହଜାଇ ପ୍ରେମିକାଟିଏ ସବୁବେଳେ ନିଜକୁ ସୁରକ୍ଷିତ ମନେ କରିଥାଏ ଏବଂ ମନରେ ଥିବା ବିଶ୍ୱାସ ଆହୁରି ଦୃଢ଼ ହୋଇଥାଏ। ସେଥିପାଇଁ ତ ପରସ୍ପରକୁ ନିଜ ବାହୁ ବନ୍ଧନରେ ଆବଦ୍ଧ କରିବା ପାଇଁ ପ୍ରେମ ସପ୍ତାହରେ ଏକ ସ୍ୱତନ୍ତ୍ର ଦିନ ରହିଛି। ପ୍ରେମ ସପ୍ତାହର ଷଷ୍ଠ ଦିନକୁ ଅର୍ଥାତ୍ ଫେବୃଆରୀ ୧୨କୁ ହଗ୍ ଡେ' ବା ଆଲିଙ୍ଗନ ଦିବସ ଭାବେ ପାଳନ କରାଯାଏ। ଯଦିଓ ପ୍ରେମୀଯୁଗଳଙ୍କ ପାଇଁ ପ୍ରତ୍ୟେକ ଦିନ ଖାସ୍ ହୋଇଥାଏ, ତେବେ ଫେବୃଆରୀ ୭ରୁ ୧୪ ପର୍ଯ୍ୟନ୍ତ ସବୁଦିନ କିଛି ସ୍ୱତନ୍ତ୍ରତା ବହନ କରିଥାଏ। ଆଉ ପ୍ରେମୀଯୁଗଳ ଏହି ଦିନଗୁଡ଼ିକୁ ପାଳନ କରି ତାହାକୁ ସ୍ମରଣୀୟ କରିବା ସହ ନିଜ ସମ୍ପର୍କକୁ ଆହୁରି ସୁଦୃଢ଼ କରିଥାନ୍ତି। ଆଲିଙ୍ଗନ କେବଳ ଶରୀରର ସ୍ପର୍ଶ ନୁହେଁ ବରଂ ଏହା



ଜଣଙ୍କର ଅନ୍ୟଜଣଙ୍କ ପ୍ରତି ପ୍ରେମ ବ୍ୟକ୍ତ କରିବାର ଅବ୍ୟକ୍ତ ମାଧ୍ୟମ। ଆଲିଙ୍ଗନ କରିବା ଦ୍ୱାରା ପରସ୍ପର ମଧ୍ୟରେ ଥିବା ଭଲପାଇବା ନିବିଡ଼ ହେବା ସହ ଏକ ନିଆରା ଅନୁଭବ ଆଣିଦେଇଥାଏ। ଏହା ପରସ୍ପର ପ୍ରତି ଥିବା ସମର୍ପଣ ଭାବକୁ ବୁଝାଏ। ତେଣୁ ପ୍ରତ୍ୟେକ ପ୍ରେମରେ ଥିବା ପ୍ରତ୍ୟେକ ଯୋଡ଼ା ପରସ୍ପରର ହାତ ଧରିବା, ପରସ୍ପରକୁ ଆଲିଙ୍ଗନ କରିବାକୁ ଭଲ ପାଆନ୍ତି। ତେବେ ଆଲିଙ୍ଗନ କରିବା କେବଳ ପ୍ରେମିକା ପ୍ରେମିକଙ୍କ ମଧ୍ୟରେ ସୀମିତ ନୁହେଁ, ପ୍ରତ୍ୟେକ ବ୍ୟକ୍ତି ନିଜ ମା' ବାପାଙ୍କୁ, ପିଲାଙ୍କୁ, ସାଙ୍ଗସାଥୀଙ୍କୁ ବିଭିନ୍ନ ସମୟରେ ଆଲିଙ୍ଗନ କରିଥାଏ। ତେବେ ଏହି ଦିବସଟି କିନ୍ତୁ ପ୍ରେମୀଯୁଗଳଙ୍କ ପାଇଁ ସମର୍ପିତ ରହିଛି।

# ମନକୁ ଜିତିପାରିଲେ ଈଶ୍ୱରଙ୍କୁ ଉପଲବ୍ଧି କରିହେବ

ଭୁବନେଶ୍ୱର, ୧୧।୨ (ବନ୍ଦନା ସେଠୀ)

ଉତ୍କଳ ବ୍ରହ୍ମବିଦ୍ୟା ସଂଘର ୫୯ତମ ବାର୍ଷିକ ସମ୍ମିଳନୀ ଗୌତମ ନଗରସ୍ଥିତ ସଂଘ କାର୍ଯ୍ୟାଳୟ ପରିସରରେ ରବିବାର ଉଦ୍‌ଯାପିତ ହୋଇଯାଇଛି। ଦୁଇଦିନ ଧରି ଚାଲିଥିବା ଏହି ସମ୍ମିଳନୀରେ ରାଜ୍ୟ ତଥା ରାଜ୍ୟ ବାହାରୁ ବହୁ ସଂଖ୍ୟାରେ ସଦସ୍ୟମାନେ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବାରାଣସୀରୁ ଉମା ଭଟ୍ଟାଚାର୍ଯ୍ୟ ଯୋଗଦେଇ ଅଭିଭାଷଣରେ 'ମନ' ବିଶେଷକରି ଚିତ୍ତବୃତ୍ତି ନିରୋଧ ଉପରେ ଆଲୋଚନା କରିଥିଲେ। ନିଜ ମନକୁ ଜିତିପାରିଲେ ହିଁ ମଣିଷ ଈଶ୍ୱରଙ୍କ ଉପଲବ୍ଧି କରିପାରିବ ବୋଲି ସେ ମତ ରଖିଥିଲେ। ଜବାହରଲାଲ ନେହେରୁ ବିଶ୍ୱବିଦ୍ୟାଳୟର ପୂର୍ବତନ ପ୍ରାଧ୍ୟାପକ ଡ. ଉତ୍ତମ ପତି ମୁଖ୍ୟବକ୍ତା ଭାବେ ଯୋଗଦେଇ 'ମନ-ଏହାର ଆଧାର




କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

ଓ ଗତି' ଉପରେ ବିସ୍ତୃତ ଆଲୋଚନା କରିଥିଲେ। ସୁସ୍ଥ ଶରୀର ଗୋଟିଏ ସୁସ୍ଥ ମନର ଆଧାର ଏବଂ ସୁସ୍ଥ ମନ ହିଁ ଶରୀରକୁ ସୁସ୍ଥତା ପ୍ରଦାନ କରିଥାଏ। ବର୍ତ୍ତମାନ ସମାଜରେ ପ୍ରଦୂଷିତ ଖାଦ୍ୟ ଓ କଳୁଷିତ ବିଚାର ବହୁତ ବଡ଼ ସମସ୍ୟା ହୋଇ ଉଭା ହୋଇଛି ବୋଲି ସେ କହିଥିଲେ। ସଂଘର ସଭାପତି ଡ. ଚିତ୍ତରଞ୍ଜନ ଶତପଥୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସମ୍ମିଳନୀରେ ଉପସଭାପତି ପ୍ରଦୀପ ମହାପାତ୍ର, ସୁଧାଂଶୁ ଶେଖର ପତି, ଡ. ଚିନ୍ମୟୀ ମହାପାତ୍ର, ଡ. ପାର୍ଥ ଷଡ଼ଙ୍ଗୀ, ସମ୍ପାଦିକା ମିତାଲିନି ଚୌଧୁରୀ, ଆଶୁତୋଷ ପତି, ପୌର୍ଣ୍ଣମାସୀ ପଟ୍ଟନାୟକ, ସତ୍ୟବ୍ରତ ରଥ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ସମ୍ପାଦିକା ବାର୍ଷିକ ବିବରଣୀ ପାଠ କରିବା ସହ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



ରବୀନ୍ଦ୍ର ମଣ୍ଡପରେ ଆୟୋଜିତ ଭାରତ ରଙ୍ଗ ମହୋତ୍ସବରେ ରବିବାର ପରିବେଷିତ ନାଟକ 'ତଦନ୍ତ'ର ଏକ ଦୃଶ୍ୟ।

# ଦଶମ, ଦ୍ୱାଦଶରେ କିସ୍‌ରୁ ରେକର୍ଡ ସଂଖ୍ୟକ ପରୀକ୍ଷାର୍ଥୀ

## ସମଗ୍ର ଦେଶରେ ପ୍ରଥମ

ଭୁବନେଶ୍ୱର, ୧୧।୨(ଅସମାପିକା ସାହୁ)

ଚଳିତ ବର୍ଷ ମାଧ୍ୟମିକ ଶିକ୍ଷା ବୋର୍ଡ ଦ୍ୱାରା ପରିଚାଳିତ ଦଶମ ଓ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ଯୁକ୍ତ୨ ପରୀକ୍ଷାରେ କିସ୍‌ରୁ ରେକର୍ଡ ସଂଖ୍ୟକ ଛାତ୍ରୀଛାତ୍ର ପରୀକ୍ଷା ଦେବେ। କିସ୍‌ର ୨,୦୦୦ ଛାତ୍ରୀଛାତ୍ର ଦଶମ ଶ୍ରେଣୀ ପରୀକ୍ଷା ଦେଉଥିବା ବେଳେ ୧,୯୦୮ ଛାତ୍ରୀଛାତ୍ର ଯୁକ୍ତ୨ ପରୀକ୍ଷା ଦେବେ। ଉଭୟ ଦଶମ ଓ ଯୁକ୍ତ୨ ପରୀକ୍ଷା ଦେବାକୁ ଯାଉଥିବା ଛାତ୍ରୀଛାତ୍ରଙ୍କ ମଧ୍ୟରୁ ୫୦% ହେଉଛନ୍ତି ଛାତ୍ରୀ। ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ୍ୟ ପରୀକ୍ଷା ଅବ୍ୟବହିତ ପୂର୍ବରୁ କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ରବିବାର ଛାତ୍ରୀଛାତ୍ରଙ୍କୁ ପରୀକ୍ଷା ସମ୍ପର୍କିତ ଆବଶ୍ୟକ ପରାମର୍ଶ ଦେବା ସହ ସେମାନଙ୍କୁ କଲମ ବଣ୍ଟନ କରିଥିଲେ। ଏହି ଅବସରରେ ସେ ଛାତ୍ରୀଛାତ୍ରଙ୍କ ସଫଳତା କାମନା



କରିଥିଲେ। ଦଶମ ଶ୍ରେଣୀ ପିଲାଙ୍କ ପାଇଁ ୟୁନିଟ୍-୮, ବରମୁଣ୍ଡା ଓ ନିଳାଦ୍ରୀ ବିହାର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ଆଇଆରସି ଭିଲେଜସ୍ଥିତ ଭଗବତ ଗୀତା ବିଦ୍ୟା ମନ୍ଦିର ଓ ଚନ୍ଦ୍ରଶେଖରପୁରସ୍ଥିତ ବିବେକାନନ୍ଦ ଶିକ୍ଷାକେନ୍ଦ୍ର ପରୀକ୍ଷା କେନ୍ଦ୍ର ହୋଇଛି। ସେହିପରି ଯୁକ୍ତ୨ ପରୀକ୍ଷାର୍ଥୀଙ୍କ ନିମନ୍ତେ ରାଜଧାନୀ କଲେଜ ଓ ମହର୍ଷି କଲେଜ ପରୀକ୍ଷା କେନ୍ଦ୍ର ହୋଇଛି। ଆସନ୍ତା ୨୦ ତାରିଖରୁ ଦଶମ ବୋର୍ଡ ପରୀକ୍ଷା ଆରମ୍ଭ ହେଉଥିବା ବେଳେ ୧୬ତାରିଖରୁ ଯୁକ୍ତ୨ ପରୀକ୍ଷା ଆରମ୍ଭ ହେଉଛି। ଛାତ୍ରୀଛାତ୍ରଙ୍କୁ ବିଭିନ୍ନ ପରୀକ୍ଷା କେନ୍ଦ୍ରରେ ପହଞ୍ଚାଇବା ପାଇଁ କିସ୍ ପକ୍ଷରୁ ବ୍ୟାପକ ବନ୍ଦୋବସ୍ତ କରାଯାଇଛି। ପିଲାମାନଙ୍କୁ ପରୀକ୍ଷା କେନ୍ଦ୍ରକୁ ନେବା ଆଣିବା ପାଇଁ ୫୦ଟି ଲେଖାଏ ବସ୍ ବ୍ୟବସ୍ଥା କରାଯାଇଥିବା କିସ୍ ପକ୍ଷରୁ ସୂଚନା ଦିଆଯାଇଛି।

# ଗୋଟିଏ ରାତିରେ ୨୭ ମଦ୍ୟପ ଚାଳକ ଧରାପଡ଼ିଲେ

## ରାଜଧାନୀରେ ସ୍ୱତନ୍ତ୍ର ଡ୍ରାଇଭ୍

ଭୁବନେଶ୍ୱର,୧୧।୨(ସତ୍ୟଜିତ୍ ରାଉତ)

ରାଜଧାନୀରେ ଦୁର୍ଘଟଣା କମାଇବା ପାଇଁ ମଦ୍ୟପ ଚାଳକଙ୍କ ବିରୋଧରେ ଭୁବନେଶ୍ୱର ସହରାଞ୍ଚଳ ଜିଲା ପୋଲିସ ସ୍ପେଶାଲ ଡ୍ରାଇଭ୍ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଛି। ଏହି ଡ୍ରାଇଭ୍‌ରେ ଶନିବାର ରାତିରେ ଭୁବନେଶ୍ୱରର ବିଭିନ୍ନ ଥାନା ଅଞ୍ଚଳରେ ୨୭ ଜଣ ମଦ୍ୟପ ଚାଳକ ଧରାପଡ଼ିଛନ୍ତି। ଏନେଇ ୨୭ ମାମଲା ରୁଜୁ କରାଯାଇ ସେମାନଙ୍କର ୨୭ଟି ଗାଡ଼ି ଜବତ କରାଯାଇଛି। ଏହି ଗାଡ଼ିଗୁଡ଼ିକ ମଧ୍ୟରେ ବାଇକ, କାର୍ ଆଦି ରହିଛି। ପୋଲିସ ପକ୍ଷରୁ କଟକରୋଡ୍, ନନ୍ଦନକାନନ ରୋଡ, ଜନପଥ ରୋଡ, ଲୁଇସ୍ ରୋଡ ଓ ଖଣ୍ଡଗିରି ରୋଡ ଆଦି ଅଞ୍ଚଳରେ ବିଳମ୍ବିତ ରାତି ପର୍ଯ୍ୟନ୍ତ ମଦ୍ୟପାନଜନିତ ଗାଡିଚାଳନା ନେଇ ଯାଞ୍ଚ କରାଯାଇଥିଲା। ମାମଲାଗୁଡ଼ିକ




ଜବତ ହୋଇଥିବା ଗାଡ଼ି।

ମଧ୍ୟରୁ ଭରତପୁର ଥାନାରେ ୨, ବଡ଼ଗଡ଼ ଥାନାରେ ୨, ଲକ୍ଷ୍ମୀସାଗର ଥାନାରେ ୭, ଜଟଣୀ ଥାନାରେ ୫, ଖଣ୍ଡଗିରି ଥାନାରେ ୨, ଖାରବେଳନଗର ଥାନାରେ ୫, ଚନ୍ଦ୍ରଶେଖରପୁର ଥାନାରେ ୩ ଏବଂ ଶହୀଦନଗର ଥାନାରେ ଗୋଟିଏ ମାମଲା ରହିଛି। ପୋଲିସ ପକ୍ଷରୁ ସର୍ବସାଧାରଣରେ ମଦ୍ୟପାନଜନିତ ଗାଡିଚାଳନା ବିରୋଧରେ ଆଗକୁ ଏଭଳି ଅଭିଯାନ ଜାରି ରହିବ ବୋଲି ସୂଚନା ଦିଆଯାଇଛି। ତେବେ ଜବତ ଗାଡ଼ିଗୁଡ଼ିକୁ ମାଲିକମାନେ ପାଇବାକୁ ହେଲେ କୋର୍ଟ ଯିବାକୁ ପଡ଼ିବ। ୪୫୭ ସିଆର୍‌ପିସି ଅନୁସାରେ ସେମାନେ ଗାଡ଼ି ନେବାକୁ କୋର୍ଟରେ ଆବେଦନ କରିବେ। ଏଥିସହ ସେମାନେ ଉପଯୁକ୍ତ ଜରିମାନା ଦେବା ସହ କୋର୍ଟଙ୍କ ନିକଟରୁ ରିଲିଜ୍ ଅର୍ଡର୍ ଆଣି ପୋଲିସ ପାଖରୁ ଗାଡ଼ି ନେଇପାରିବେ ବୋଲି ସୂଚନା ଦିଆଯାଇଛି। ଉଲ୍ଲେଖଯୋଗ୍ୟ, ଗତ ଫେବୃଆରୀ ୫ ତାରିଖ ରାତିରେ ଏହି ଅଭିଯାନରେ ଲକ୍ଷ୍ମୀସାଗର ଥାନା ପୋଲିସ କଟକ ରୋଡରେ ଚଢ଼ାଉ କରି ୪ ଚାଳକଙ୍କୁ ଗିରଫ କରି ସେମାନଙ୍କ କାର୍ ଜବତ କରିଥିଲା।

## ୫କିଲୋ ଗଞ୍ଜେଇ ଜବତ: ଯୁବକ ଗିରଫ

ତିଗିରିଆ,(ଜାଫର ଖାଁ): ତିଗିରିଆ ଥାନା ଅନ୍ତର୍ଗତ ବିନ୍ଧାଣିମାଠାରେ ଜଣେ ଯୁବକଙ୍କଠାରୁ ୫ କିଲୋ ଗଞ୍ଜେଇ ଜବତ ହୋଇଛି। ଏହି ଅଭିଯୋଗରେ ତାଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ସେ ହେଲେ ବିନ୍ଧାଣିମା ଗ୍ରାମର ଆଲୋକ ବେହେରା। ଶନିବାର ଭୋର ସମୟରେ ସେ ଏକ ବ୍ୟାଗରେ ଗଞ୍ଜେଇ ନେଇ ଯାଉଥିବାବେଳେ ଖବରପାଇ ତିଗିରିଆ ଥାନା ଅଧିକାରୀ ଜ୍ଞାନରଞ୍ଜନ ସାମଲ ଚଢ଼ାଉ କରି ବିନ୍ଧାଣିମା ମଙ୍ଗଳା ମନ୍ଦିର ନିକଟରୁ ଉପରୋକ୍ତ ଗଞ୍ଜେଇ ଜବତ କରିଥିଲେ। ଏନେଇ ଥାନାରେ ମାମଲା (ନଂ ୪୧/୨୪) ରୁଜୁ ହୋଇଛି।

**ସଂକ୍ଷେପରେ**

### ଅସହାୟ ବୃଦ୍ଧଙ୍କ ମୃତଦେହ ସତ୍କାର କଲେ ଗ୍ରାମବାସୀ

ସାଲେପୁର,୧୧।୨(ଅରବିନ୍ଦ ଭୂୟାଁ)

ସାଲେପୁର ବ୍ଲକ ଓଷଦ ଗ୍ରାମର ଲୋକେ ମାନବିକତାର ପରିଚୟ ଦେଇଛନ୍ତି। ଜଣେ ଅସହାୟ ବୃଦ୍ଧଙ୍କ ମୃତଦେହ ସତ୍କାର କରିବା ସହ ତାଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଗୀତାପାଠ, ହୋମ ଓ ସାମୁହିକ ପ୍ରସାଦ ସେବନର ବ୍ୟବସ୍ଥା କରିଥିଲେ। ମୃତକ ଜଣକ ହେଲେ ଏହି ଗ୍ରାମର ବୃଦ୍ଧ ଉପେନ୍ଦ୍ର ଜେନା(୮୪)। ତାଙ୍କର କୌଣସି ସନ୍ତାନ ନଥିବାବେଳେ ଅସହାୟ ଭାବେ କାଳାତିପାତ କରୁଥିଲେ। ମୃତ୍ୟୁ ପରେ ଉପେନ୍ଦ୍ରଙ୍କ ମୃତଦେହକୁ ଶୋଭାଯାତ୍ରାରେ ନିଆଯାଇ ଗ୍ରାମ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଛି। ତାଙ୍କର ମୃତ୍ୟୁରେ ଆତ୍ମା କମିଟି ସଭାପତି ଦିଲୀପ ଦାଶ, ଦେବେନ୍ଦ୍ର ନାୟକ, ଅବତନ ଷଡ଼ଙ୍ଗୀ, ଅଧ୍ୟାପକ ରାମଚନ୍ଦ୍ର ପାଣି, ଗୌରଚରଣ ଭୂୟାଁ, ବିଶ୍ୱଜିତ୍ ଭୂୟାଁ, ରତ୍ନାକର ଜେନା, ଅମିତାଭ ଷଡ଼ଙ୍ଗୀ, ବିଶ୍ୱରଞ୍ଜନ ସାହୁ ପ୍ରମୁଖ ଶୋକବ୍ୟକ୍ତ କରିଛନ୍ତି।

### ଜିଲାସ୍ତରୀୟ ବ୍ୟାଡ୍‌ମିଣ୍ଟନ: ସାନୁ ଆଣ୍ଡ୍ ପାର୍ଟନର ଚାମ୍ପିୟନ

ସାଲେପୁର,୧୧।୨(ଅରବିନ୍ଦ ଭୂୟାଁ)

ମା' ଜାଗୁଲାଇ କ୍ଲବ ବାଲିସାହି ଆନୁକୂଲ୍ୟରେ ଜିଲାସ୍ତରୀୟ ରାତ୍ରିକାଳୀନ ବ୍ୟାଡ୍‌ମିଣ୍ଟନ ପ୍ରତିଯୋଗିତା ଉଦ୍‌ଘାଟିତ ହୋଇଯାଇଛି। ପ୍ରଶାନ୍ତ କୁମାର ସାମଲଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ପ୍ରତିଯୋଗିତାକୁ ସାଲେପୁର ବିଧାୟକ ପ୍ରଶାନ୍ତ ବେହେରା ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ବିଶିଷ୍ଟ ଅତିଥିଭାବେ ଖବରଦାତା ହୃଷିକେଶ ମଲ୍ଲିକ, ସମ୍ମାନିତ ଅତିଥି ଭାବେ ଏମ୍‌ପିଙ୍କ ପ୍ରତିନିଧି ଗୁଲରେଜ୍ ଅଲ୍ଲୀ, ବାଲିସାହି ସମିତିସଭ୍ୟା ପ୍ରତିନିଧି ବିନୋଦ ମଲ୍ଲିକ, ଯୁବନେତା ଜୟରାମ ବେହେରା, ବାଲିସାହି ପଞ୍ଚାୟତ ଯୁବବିଜେଡି ସଭାପତି ମନୋଜ କୁମାର ସାମଲ ପ୍ରମୁଖ ଯୋଗଦେଇଥିଲେ। ଉଦ୍‌ଘାଟନୀ ଦିବସରେ ୮ଟିମ୍ ଭାଗ ନେଇଥିଲେ। ଫାଇନାଲ୍ ମ୍ୟାଚ କଟକ ଓ ଭଦ୍ରକ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ କଟକର ସାନୁ ଆଣ୍ଡ୍ ପାର୍ଟନର ଚାମ୍ପିୟନ ହୋଇଛନ୍ତି। ଭଦ୍ରକର ଗୋପାଳ ଆଣ୍ଡ୍ ପାର୍ଟନର ରନସ ଅପ୍ ହୋଇ ଟ୍ରଫି ନଗଦ ଅର୍ଥରାଶି ଗ୍ରହଣ କରିଥିଲେ। ଉଇଲିୟମ୍ ଦାସ, ହବିବ ବକ୍ସ, ଶୀତଳ କର, ସାଇରାମ ଭୂୟାଁ ଙ୍କ ସମେତ ଜାଗୁଲାଇ କ୍ଲବର ସମସ୍ତ କର୍ମକର୍ତ୍ତା ପ୍ରତିଯୋଗିତାକୁ ପରିଚାଳନା କରିଥିଲେ।

# ଘାଟରୁ ବାଲି ଉତ୍ତୋଳନକୁ ନେଇ ୨ ଗୋଷ୍ଠୀ ମୁହାଁମୁହିଁ

କଣ୍ଟାପଡା, ୧୧।୨(ସୁରନାରାୟଣ ସାହୁ)


ବାଲିଘାଟ ନିକଟରେ ଉଭୟ ପକ୍ଷର ଲୋକଙ୍କ ସହ ପୋଲିସ ଆଲୋଚନା କରୁଛି।

କଣ୍ଟାପଡା ତହସିଲ ଅଧୀନ ଦେବୀନଦୀର ବଳଦା ଘାଟରୁ ବାଲିଉଠାକୁ ନେଇ ରବିବାର ୨ ଗୋଷ୍ଠୀ ମୁହାଁମୁହିଁ ହୋଇଛନ୍ତି। ଗୋବିନ୍ଦପୁର ପୋଲିସ ଘଟଣାସ୍ଥଳରେ ପହଞ୍ଚି ଉଭୟ ପକ୍ଷଙ୍କୁ ନେଇ ଆଲୋଚନା କରିବା ପରେ ପରିସ୍ଥିତି ଶାନ୍ତ ହୋଇଛି। ପରେ ଉଭୟ ଗୋଷ୍ଠୀ ଘଟଣାସ୍ଥଳରୁ ଫେରି ଯାଇଛନ୍ତି।

ମିଳିଥିବା ସୂଚନା ଅନୁଯାୟୀ, ବଳଦା ଘାଟରୁ ଏକ ସଂସ୍ଥା ୨୦୨୩ରୁ ୫ବର୍ଷ ପାଇଁ ବାଲି ଉତ୍ତୋଳନ ନିମନ୍ତେ ଲିଜ୍ ନେଇଥିଲା। ହେଲେ ସମ୍ପୃକ୍ତ ସଂସ୍ଥା ରଜତ ପାତ୍ର ନାମକ ବ୍ୟକ୍ତିଙ୍କ ସହ ୫ ବର୍ଷୀୟା ଚୁକ୍ତି କରି ତାଙ୍କ ଦ୍ୱାରା ବାଲି ଉତ୍ତୋଳନ କରାଇଥିଲା। ବର୍ଷାଋତୁ ଯୋଗୁ ଉକ୍ତ ଘାଟରୁ ବାଲି ଉତ୍ତୋଳନ ବନ୍ଦ ରହିବା ପରେ ପୁନର୍ବାର ସେଠାରୁ ବାଲି ଉଠାଇବା ପାଇଁ ସମ୍ପୃକ୍ତ ସଂସ୍ଥା ଅନ୍ୟଜଣେ ବ୍ୟକ୍ତିଙ୍କ ସହ ଚୁକ୍ତି କରିଥିଲା। ରବିବାର ଉକ୍ତ ଘାଟରୁ ସମ୍ପୃକ୍ତ ବ୍ୟକ୍ତି ବାଲି ଉଠାଣ ପାଇଁ କାର୍ଯ୍ୟ ଆରମ୍ଭ କରିବାକୁ ଯାଉଥିବାବେଳେ ପୂର୍ବରୁ ବାଲି ଉଠାଉଥିବା ରଜତଙ୍କ ଗୋଷ୍ଠୀ ଏହାକୁ ବିରୋଧ କରିଥିଲେ। ଗଣ୍ଡଗୋଳ ଆଶଙ୍କା କରି ପୂର୍ବରୁ ଘଟଣାସ୍ଥଳରେ ଉପସ୍ଥିତ ଥିବା ଗୋବିନ୍ଦପୁର ଆଇଆଇସି ରବିନାରାୟଣ ବେହେରା ଉଭୟ ପକ୍ଷଙ୍କ ସହ ଆଲୋଚନା କରି ପରିସ୍ଥିତିକୁ ଶାନ୍ତ କରାଇଥିଲେ। ଅପରପକ୍ଷରେ ଗତ ୯ ତାରିଖ ରାତିରେ ଏହି ଘାଟ ସହ ଜଡିତ ଥିବା ୨ଜଣ ବ୍ୟକ୍ତି ଭୟଭୀତ କରାଇବା ପାଇଁ ଘାଟ ନିକଟରେ ଦୁଇଟି ବୋମା ମାଡ କରି ଫେରାର ହୋଇଯାଇଥିଲେ ବୋଲି ରଜତ ଶନିବାର ଗୋବିନ୍ଦପୁର ଥାନାରେ ଅଭିଯୋଗ କରିଛନ୍ତି। ଏ ନେଇ ପୋଲିସ ଏକ ମାମଲା (ନଂ. ୩୫/୨୪) ରୁଜୁ କରି ତଦନ୍ତ ଚଳାଇଛି। ଏ ସମ୍ପର୍କରେ ଥାନାଧିକାରୀ ରବିନାରାୟଣ ବେହେରା କହିଛନ୍ତି, ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ଉଭୟ ପକ୍ଷକୁ କୁହାଯାଇଛି। ଏଥିରେ ବ୍ୟତିକ୍ରମ ହେଲେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ନିଆଯିବ।

# ଠାକୁର ଅନୁକୂଳ ଚନ୍ଦ୍ରଙ୍କ ଜନ୍ମ ମହୋତ୍ସବ

ଆଠଗଡ଼,୧୧।୨(ସତ୍ୟ ପ୍ରସାଦ ରଥ):

ଶ୍ରୀଶ୍ରୀ ଠାକୁର ଅନୁକୂଳଚନ୍ଦ୍ରଙ୍କ ୧୩୬ ତମ ଜନ୍ମ ମହୋତ୍ସବ ଓ ଆଠଗଡ଼ ସତସଙ୍ଗ କେନ୍ଦ୍ରର ୧୪ତମ ପ୍ରତିଷ୍ଠା ଦିବସ ସତସଙ୍ଗ କେନ୍ଦ୍ର ପରିସରରେ ପାଳିତ ହୋଇଯାଇଛି। ଭୋର୍ ୫ଟାରେ ଉଷା କୀର୍ତ୍ତନ, ସକାଳ ୬ଟା୧୩ରେ ପ୍ରାର୍ଥନା ନାମଜପ ଓ ପରେ ସଂଗୀତାଞ୍ଜଳି କାର୍ଯ୍ୟକ୍ରମ ହୋଇଥିଲା। ମଧ୍ୟାହ୍ନରେ ମାତୃ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ସୁପ୍ରଭା ଦାସଙ୍କ ପରିଚାଳନାରେ ହିଲ୍ଲୋଲିନି ଗୋଚ୍ଛାୟତ, ସୁଷମା ନାୟକ, ସସ୍ମିତା ପ୍ରଧାନ, ଜବାମିତ୍ର ବେହେରା ଓ ଅନ୍ୟମାନେ ଭଜନ କୀର୍ତ୍ତନ କରିବା ସହ ସମାଜ ପ୍ରତି ମଣିଷର କର୍ତ୍ତବ୍ୟ ଉପରେ ଆଲୋଚନ କରିଥିଲେ। ଅପରାହ୍ନ ୩ଟାରେ ରଥରେ ନଗର କୀର୍ତ୍ତନ ପରିକ୍ରମା ହୋଇଥିଲା। ଏହି ପରିକ୍ରମା ସତସଙ୍ଗ କେନ୍ଦ୍ର ଠାରୁ ବାହାରି ଚାନ୍ଦବାଲି ଛକ, ବସ ଷ୍ଟାଣ୍ଡ, ଗୋପବନ୍ଧୁ ଛକ ଗଦା ସାହି ଝରନ ଛକ ରାସରଶିକପୁର ହୋଇ ଯାଇଥିଲା। ସନ୍ଧ୍ୟା ୫ଟା୪୧ରେ ପ୍ରାର୍ଥନା ନାମ ଜପ ଅନୁଷ୍ଠିତ ହୋଇଥିଲା। ରାତି ୭ଟାରେ ସତସଙ୍ଗ ସହ ପ୍ରତି ରିତିକ ପରେଶ୍ୱର ଜେନାଙ୍କ ପୌରୋହିତ୍ୟରେ ଧର୍ମ ସଭା ଅନୁଷ୍ଠିତ ହୋଇଥିଲା। ଜ୍ଞାନରଞ୍ଜନ ସାହୁ, ଶାନ ମନୋଜ, ସତ୍ୟ ରଞ୍ଜନ ବେହେରା ଭଜନ କୀର୍ତ୍ତନ ପରିବେଷଣ କରିଥିଲେ। ଲସିଦ ମହାନ୍ତି ପ୍ରାରମ୍ଭିକ ଆଲୋଚନା କରିଥିଲେ। ଭୁବନେଶ୍ୱରରୁ ଆଗତ ଅଶ୍ୱିନୀ ସାହୁ, ପ୍ରଶାନ୍ତ ମିଶ୍ର ଶ୍ରୀଶ୍ରୀ ଠାକୁରଙ୍କ ଜୀବନ ଆଦର୍ଶ ଉପରେ ନିଜର ମତ ପ୍ରକାଶ କରିଥିଲେ। ଉତ୍ସବରେ ୨୦୦୦ରୁ ଊର୍ଦ୍ଧ୍ୱ ଭକ୍ତ ଯୋଗଦାନ କରିଥିଲେ। ଉତ୍ସବକୁ ରିତିକ ଲକ୍ଷ୍ମୀଧର ନାୟକ, ପ୍ରଫୁଲ୍ଲ ମହାପାତ୍ର, ନିର୍ମଳ ରଞ୍ଜନ ଦାସ, ଭାସ୍କର ମିଶ୍ର, ତ୍ରିଲୋଚନ ବେହେରା, ଅଜୟ ସ୍ୱାଇଁ, ସ୍ମୃତିରଞ୍ଜନ ବେହେରା ଓ ଅନ୍ୟ ମାନେ ପରିଚାଳନା କରିଥିଲେ।

# ଲୋକାର୍ପିତ ହେଲା ବଡ଼କ୍ଷୀର ଗ୍ରାମ ସଂସଦ


ଲୋକାର୍ପଣ ଉତ୍ସବରେ ବିଧାୟକ ପ୍ରତାପ ଜେନା ଓ ଅନ୍ୟ ଅତିଥିମାନେ।

ନିଶ୍ଚିନ୍ତକୋଇଲି ,୧୧।୨
(ଅଶୋକ କୁମାର ମହାପାତ୍ର)

କଟକ ଜିଲା ନିଶ୍ଚିନ୍ତକୋଇଲି ବ୍ଲକ ନବଗଠିତ ବଡ଼କ୍ଷୀର ପଞ୍ଚାୟତର ନୂତନ କାର୍ଯ୍ୟାଳୟ ବଡକ୍ଷୀର ଗ୍ରାମ ସଂସଦକୁ ମାହାଙ୍ଗା ବିଧାୟକ ରବିବାର ସନ୍ଧ୍ୟାରେ ଲୋକାର୍ପଣ କରିଛନ୍ତି। ପଞ୍ଚାୟତ ନିର୍ବାଚନ ଅବ୍ୟବହିତ ପୂର୍ବରୁ ନିଶ୍ଚିନ୍ତକୋଇଲି ପଞ୍ଚାୟତକୁ ବିଭାଜିତ କରି ବଡ଼କ୍ଷୀର ପଞ୍ଚାୟତ ଗଠନ କରାଯାଇଥିଲା। ତେବେ ପଞ୍ଚାୟତ ସ୍ଥାୟୀ କାର୍ଯ୍ୟାଳୟ ପାଇଁ ସରକାରୀ ଜମି ନ ମିଳିବାରୁ ଜଣେ ବଦାନ୍ୟ ବ୍ୟକ୍ତିଙ୍କ ସହାୟତାରେ ଗୋପପୁରରେ ନୂତନ ବଡକ୍ଷୀର ପଞ୍ଚାୟତ ଗ୍ରାମ ସଂସଦ ଗୃହ ୫୦ ଲକ୍ଷ ଟଙ୍କା ବ୍ୟୟରେ ନିର୍ମାଣ କରାଯାଇଥିଲା। ଉଦ୍‌ଘାଟନୀ ଉତ୍ସବରେ ବ୍ଲକ ଅଧ୍ୟକ୍ଷା ରୋଜି ସେଠୀ, ଉପାଧ୍ୟକ୍ଷ ଅଶୋକ ଓଝା, ବିଡିଓ ଧର୍ମରଞ୍ଜନ ପଣ୍ଡା,ସମିତି ସଭ୍ୟ ପ୍ରଦୋଶ କୁମାର ସାହୁ, ଭୂମିଦାତା ରାମଚନ୍ଦ୍ର ସାହୁ,ସରପଞ୍ଚ ହିମାଂଶୁ ନାରାୟଣ ମଲ୍ଲ, ଜିଲାପରିଷଦ ସଭ୍ୟ ବିପ୍ଳବ କାପ ଯୋଗଦେଇଥିଲେ। ଏହି ଅବସରରେ କ୍ଷୀରେଶ୍ୱର ମହାଦେବ କମ୍ୟୁନିଟି ସେଣ୍ଟର, ବୁଢ଼ୀ ଜାଗୁଳାଇ କମ୍ୟୁନିଟ ସେଣ୍ଟର ଓ ଗୋପପୁର ଅଙ୍ଗନୱାଡ଼ି କେନ୍ଦ୍ରର ଲୋକାର୍ପଣ କରାଯାଇଥିଲା। ଏଥିସହ ବୁଦ୍ଧିଜୀବୀ,ବରିଷ୍ଠ ନାଗରିକ, ଶିକ୍ଷାବିତ, ଲୋକପ୍ରତିନିଧି ଓ ପ୍ରତିଷ୍ଠିତ ବ୍ୟକ୍ତିମାନଙ୍କୁ ପଞ୍ଚାୟତ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିଭଳି ଭାବେ କେରିଲୋ ପଞ୍ଚାୟତର ମା'ରାମଚଣ୍ଡି କମ୍ୟୁନିଟ୍ ସେଣ୍ଟରର ଲୋକାର୍ପଣ କରାଯାଇଥିଲା। ରାମଚଣ୍ଡୀ ପୀଠର ବିକାଶ ହେବା ପରେ ଏହା ଏକ ପିକନିକ ସ୍ପଷ୍ଟରେ ପରିଣତ ହୋଇଥିବା ବିଧାୟକ ଜେନା ଲୋକାର୍ପଣ କରି ମତବ୍ୟକ୍ତ କରିଥିଲେ। ଏହି ପୀଠରେ ଉଜ୍ଜଳ ଆଲୋକ, ଶୌଚାଳୟ ଓ କୃତ୍ରିମ ଜଙ୍ଗଲ ସୃଷ୍ଟି କରାଯାଇ ପର୍ଯ୍ୟଟକମାନଙ୍କୁ ଆକୃଷ୍ଟ କରିବା ପାଇଁ କ୍ଷେତ୍ର ପ୍ରସ୍ତୁତି କରାଯାଇଛି ବୋଲି ପ୍ରାକ୍ତନ ବ୍ଲକ ଅଧ୍ୟକ୍ଷ ଗିରିଶ ମହାପାତ୍ର ସୂଚନା ଦେଇଛନ୍ତି।

### ଆମ ଓଡ଼ିଶା ନବୀନ ଓଡ଼ିଶା ସଚେତନତା କାର୍ଯ୍ୟକ୍ରମ

ତିଗିରିଆ,୧୧।୨( ଜାଫର ଖାଁ )

ତିଗିରିଆ ବ୍ଲକ ଅନ୍ତର୍ଗତ ପାଞ୍ଚଗାଁସ୍ଥିତ କଲ୍ୟାଣ ମଣ୍ଡପରେ ପଞ୍ଚାୟତସ୍ତରୀୟ ଆମ ଓଡ଼ିଶା ନବୀନ ଓଡ଼ିଶା ସଚେତନତା କାର୍ଯ୍ୟକ୍ରମରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥିଭାବେ ତିଗିରିଆ ପଞ୍ଚାୟତ ସମିତି ଅଧ୍ୟକ୍ଷା ସନ୍ଧ୍ୟାରାଣୀ ନାୟକ, ସମ୍ମାନିତ ଅତିଥିଭାବେ ଅଜିତ ଧିର, ପ୍ରଦୀପ୍ତ କୁମାର ଦାଶ, ମନୋରଞ୍ଜନ ମହାନ୍ତି, ରଘୁନାଥ ଦାଶ, ସଞ୍ଜୟ ମଲ୍ଲିକ, ମହମ୍ମଦ ଖାଲିଦ ପ୍ରମୁଖ ଯୋଗଦେଇ ସରକାରଙ୍କ ତରଫରୁ ପଞ୍ଚାୟତକୁ ମିଳିଥିବା ଅନୁଦାନ ସମ୍ପର୍କରେ ଆଲୋକପାତ କରିଥିଲେ। ସରପଞ୍ଚ ନିରଞ୍ଜନ ଦଳେଇ ଏଥିରେ ସଭାପତିତ୍ୱ କରିଥିଲେ। ପଞ୍ଚାୟତ ପିଇଓ ବେଣୁଧର ଜେନା ଓ ଗଙ୍ଗାଧର ବେହେରା ଉପସ୍ଥିତ ଥିଲେ। ଏହି ଅବସରରେ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ତରଫରୁ ତିଆରି ହୋଇଥିବା ସାମଗ୍ରୀଗୁଡ଼ିକର ଷ୍ଟଲ ଲାଗିଥିଲା।

# ଜଙ୍ଗଲରେ ଅଗ୍ନି ନିବାରଣ ସମ୍ପର୍କିତ ସଚେତନତା ଶିବିର



ସଚେତନତା କାର୍ଯ୍ୟକ୍ରମରେ ଭାଗ ନେଇଥିବା ଛାତ୍ରୀଛାତ୍ର ଓ ଅନ୍ୟମାନେ।

ବାଙ୍କୀ,୧୧।୨(ଜ୍ଞାନେନ୍ଦ୍ର ମୋହନ ମିଶ୍ର)

ଖୋର୍ଦ୍ଧା ବନାଞ୍ଚଳ ଅଧୀନ ଗହିରଗାଡ଼ିଆସ୍ଥିତ ବନବିଭାଗ କାର୍ଯ୍ୟାଳୟ ପରିସରରେ ଜଙ୍ଗଲ ନିଆଁ ସମ୍ପର୍କିତ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଏହାକୁ ବୈଦେଶ୍ୱର ବନଅଧିକାରୀ ଗଦାଧର ବିଶ୍ୱାଳ ଉଦ୍‌ଘାଟନ କରି କହିଥିଲେ, ଚଳିତ ଗ୍ରୀଷ୍ମ ଋତୁରେ କିପରି ଜଙ୍ଗଲକୁ ନିଆଁ ଦାଉରୁ ରକ୍ଷା କରିହେବ ସେ ଦିଗରେ ସମସ୍ତେ ସଚେତନ ହେବା ଆବଶ୍ୟକ। ଏହି ସଚେତନତା କାର୍ଯ୍ୟକ୍ରମରେ ଗହିରଗାଡ଼ିଆ ଫରେଷ୍ଟ ଗାର୍ଡ ମଞ୍ଜୁଲତା ବେହେରା, ବୈଦେଶ୍ୱର ଫରେଷ୍ଟ ଗାର୍ଡ କୁମାରୀ ଶର୍ମିଷ୍ଠା ନନ୍ଦ, ଗହିରଗାଡ଼ିଆ ପାଟଣା ବନସୁରକ୍ଷା ସମିତି ସଭାପତି ସୁଧାକର ବେହେରା, ପଣ୍ଡାଳମ ବନସୁରକ୍ଷା ସମିତି ସଭାପତି ଅଜୟ ନାୟକ, ଗହିରଗାଡ଼ିଆ ଆଦିବାସୀ ସାହି ବନସୁରକ୍ଷା ସମିତିର ସଭାପତି ଶରତ ଚନ୍ଦ୍ର ପରିଡା, ସାମାଜିକକର୍ମୀ ଅଜୟ ପାଣିଗ୍ରାହୀ, ପ୍ରଭାତ ପାଣିଗ୍ରାହୀ, ଦାଶରଥି ରାଉତ ଓ ଗୁଲୁଜା ନାୟକ ପ୍ରମୁଖ ଯୋଗଦେଇଥିଲେ। ଏଥିସହ ଗହିରଗାଡ଼ିଆ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଛାତ୍ର ଛାତ୍ରୀ ଓ ଶିକ୍ଷକ ଉପସ୍ଥିତ ଥିଲେ।

# ରାଜ୍ୟସ୍ତରୀୟ ଫୁଟ୍‌ବଲ: କଟକ ଇଣ୍ଡିପେଣ୍ଡେଣ୍ଟସ୍ ଦଳ ଚାମ୍ପିୟନ

ବାଙ୍କୀ,୧୧।୨(ଜ୍ଞାନେନ୍ଦ୍ର ମୋହନ ମିଶ୍ର )

ବାଙ୍କୀ ଆଥେଲେଟିକ ଆସୋସିଏସନ ପକ୍ଷରୁ ଅନୁଷ୍ଠିତ ହେଉଥିବା ରାଜ୍ୟ ସ୍ତରୀୟ ପ୍ରାଣକୃଷ୍ଣ ସାହୁ ଓ ହୃଷିକେଶ ସାହୁ ସ୍ମାରକୀ ଫୁଟବଲ ଟୁର୍ନାମେଣ୍ଟ ଫାଇନାଲ ମ୍ୟାଚରେ କଟକ ଇଣ୍ଡିପେଣ୍ଡେଣ୍ଟସ୍ ଦଳ ୨-୧ଗୋଲରେ। ଟାଙ୍ଗୀ ଫୁଟବଲ ଦଳକୁ ହରାଇ ଚାମ୍ପିୟନ ହୋଇଛି। ମୁଖ୍ୟ ଅତିଥିଭାବେ ପୂର୍ବତନ ବିଧାୟକ ପ୍ରଭାତ କୁମାର ତ୍ରିପାଠୀ ଯୋଗଦେଇ ଚାମ୍ପିୟନ ଟିମ୍‌କୁ ଦଶ ହଜାର ଟଙ୍କା ଅର୍ଥରାଶି ପ୍ରଦାନ କରିବା ସହ ପ୍ରାଣକୃଷ୍ଣ ସାହୁ ଓ ହୃଷିକେଶ ସାହୁ ସ୍ମାରକୀ କପ୍ ପ୍ରଦାନ କରିଥିଲେ। ସେହିପରି ରନସ ଅପ୍ ଦଳ ଟାଙ୍ଗୀ ଟିମ୍‌କୁ ଛଅ ହଜାର ଅର୍ଥ ରାଶି ସହ କପ୍ ଦେଇଥିଲେ। ଟୁର୍ନାମେଣ୍ଟରେ ରେଫରିଭାବେ କୃପାସିନ୍ଧୁ ପ୍ରଧାନ, ବାଦଲ ନାୟକ, ତପନ ନାୟକ କାର୍ଯ୍ୟ ତୁଲେଇଥିବା ବେଳେ ବାଙ୍କୀ ଆଥଲେଟିକ ଆସୋସିଏସନର ସାଧାରଣ ସମ୍ପାଦକ ସନ୍ତୋଷ କୁମାର ରଣା ପରିଚାଳନା କରିଥିଲେ। ଅତିଥିଭାବେ ବାଙ୍କୀ କେନ୍ଦ୍ର ସମବାୟ ବ୍ୟାଙ୍କ ସଭାପତି ସୁବାସ ଚନ୍ଦ୍ର ପାଢ଼ୀ, ବାଙ୍କୀ ପ୍ରେସ କ୍ଲବ ଉପସଭାପତି ସମରେନ୍ଦ୍ର ମହାପାତ୍ର, ବାଙ୍କୀ ସ୍ୱୟଂ ଶାସିତ ମହାବିଦ୍ୟାଳୟ ଉପାଧ୍ୟକ୍ଷ ମନୋଜ କୁମାର ମହାପାତ୍ର, ପୂର୍ବତନ କାଉନସିଲର ସୌମେନ୍ଦ୍ର ମିଶ୍ର, କ୍ରୀଡ଼ାବିତ ଲିଙ୍ଗରାଜ ବେହେରା,ଅନୁଷ୍ଠାନର ଉପଦେଷ୍ଟା ଆଇନଜୀବୀ ଧର୍ମ ପ୍ରସାଦ ମଙ୍ଗରାଜ ପ୍ରମୁଖ ଉପସ୍ଥିତ ରହି ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ।


ଚାମ୍ପିୟନ ଦଳକୁ ଅତିଥି ଟ୍ରଫି ପ୍ରଦାନ କରୁଛନ୍ତି।

# ଗ୍ରାମାଞ୍ଚଳରେ ଧାର୍ମିକସ୍ଥଳୀର ରୂପାନ୍ତରୀକରଣ ହୋଇଛି

**ଆମ ଓଡ଼ିଶା ନବୀନ ଓଡ଼ିଶା ସଚେତନତା କର୍ମଶାଳା**

ନିଶ୍ଚିନ୍ତକୋଇଲି,୧୧।୨
(ଅଶୋକ କୁମାର ମହାପାତ୍ର)

ରାଜ୍ୟ ସରକାର ଆମ ଓଡିଶା ନବୀନ ଓଡିଶା ଯୋଜନା ମାଧ୍ୟମରେ ଗ୍ରାମାଞ୍ଚଳରେ ଥିବା ଧାର୍ମିକ ସ୍ଥଳୀର ରୂପାନ୍ତିକରଣ କରିଛନ୍ତି। ଦୀର୍ଘ ଦି ହେବ ଅବହେଳିତ ହୋଇ ପଡ଼ିଥିବା ଐତିହାସିକ, ସାଂସ୍କୃତିକ ଓ ପ୍ରାଚୀନ କିମ୍ବଦନ୍ତୀରେ ଥିବା ଆଧ୍ୟାତ୍ମିକ ପୀଠକୁ ବିକଶିତ କରାଯାଇଛି। ଏନେଇ ପ୍ରତିପଞ୍ଚାୟତକୁ ରାଜ୍ୟ ସରକାର ୫୦ଲକ୍ଷ ଟଙ୍କା ଦେଉଛନ୍ତି। ଫଳରେ ବିଭିନ୍ନ ଦେବାଦେବୀ ପୀଠ ଏବେ ନବକଳେବର ପାଇଛି ବୋଲି ରାମଚଣ୍ଡି ପୀଠରେ ଆୟୋଜିତ ଆମ ଓଡିଶା ନବୀନ ଓଡିଶା ପଞ୍ଚାୟତସ୍ତରୀୟ ସଚେତନତା କର୍ମଶାଳାରେ ପୂର୍ବତନ ମନ୍ତ୍ରୀ ତଥା ମାହାଙ୍ଗା ବିଧାୟକ ମତବ୍ୟକ୍ତ କରିଛନ୍ତି। ଏହି ଅବସରରେ ବରିଷ୍ଠ ନାଗରିକମାନଙ୍କୁ ସମ୍ବର୍ଦ୍ଧନା କରାଯାଇଥିଲା। ନିଶ୍ଚିନ୍ତକୋଇଲି ବ୍ଲକ କେରିଲୋ ଓ ବଡକ୍ଷୀର ପଞ୍ଚାୟତରେ ଆମ ଓଡିଶା ନବୀନ ଓଡିଶା କାର୍ଯ୍ୟକ୍ରମରେ ବ୍ଲକ ଅଧ୍ୟକ୍ଷା ରୋଜି ସେଠୀ, ଉପାଧ୍ୟକ୍ଷ ଅଶୋକ ଓଝା, ଜିଲାପରିଷଦ ସଭ୍ୟ ଭୂପତି ଭୂଷଣ ଷଣ୍ଢ, ବିଡିଓ ଧର୍ମରଞ୍ଜନ ପଣ୍ଡା, ସିଡିପିଓ ସତ୍ୟଭାମା ବିଶୋଇ ପ୍ରାକ୍ତନ ଅଧ୍ୟକ୍ଷ ଗିରିଶ ମହାପାତ୍ର, ରମାକାନ୍ତ ମହାନ୍ତି ଯୋଗଦେଇ ଜଗନ୍ନାଥ ସଂସ୍କୃତି ସଂରକ୍ଷଣ, ମହିଳାଶକ୍ତିକରଣ ଓ ଭିତିଭୂମିର ବିକାଶ, ବ୍ୟାଙ୍କିଙ୍ଗ ଭିତିଭୂମିର ବିକାଶ, କ୍ରୀଡା ସହ ଐତିହ୍ୟ ଭିତିଭୂମିର ବିକାଶ ସାଙ୍ଗକୁ ସୁଗମ ପରିବହନ ଉପରେ ଆଲୋକପାତ କରିଥିଲେ। ମା' ରାମଚଣ୍ଡୀ ପୀଠରେ କେରିଲୋ ପଞ୍ଚାୟତ ସରପଞ୍ଚ ଶୁଭ୍ରା ମହାନ୍ତିଙ୍କ ସଭାପତିତ୍ୱରେ ସମିତି ସଭ୍ୟ ସୌରପ୍ରଭା ଜଗଦେବ,ସୁରେନ୍ଦ୍ର ନାଥ ଦାସ, ବ୍ରଜମୋହନ ପଣ୍ଡା, ପ୍ରାକ୍ତନ ଜିଲାପରିଷଦ ଗୀତାଞ୍ଜଳୀ ପଣ୍ଡା ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ବଡ଼କ୍ଷୀର ପଞ୍ଚାୟତରେ ସରପଞ୍ଚ ହିମାଂଶୁ ନାରାୟଣ ମଲ୍ଲ, ସମିତି ସଭ୍ୟ ପ୍ରଦୋଶ ସାହୁ , ରାମଚନ୍ଦ୍ର ସାହୁ, ବିପ୍ଳବ କେଶରୀ କାପ, ରମେଶ ଜେନା ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଏହି ଅବସରରେ ରାଜ୍ୟ ସରକାରଙ୍କ ଦ୍ୱାରା ହୋଇଥିବା ବିଭିନ୍ନ ଲୋକାଭିମୁଖୀ କାର୍ଯ୍ୟକ୍ରମର ପ୍ରସାର ପ୍ରଚାର କରାଯାଇଥିଲା। ଏଥିସହ ଅଙ୍ଗନୱାଡି ଓ ଆଶାକର୍ମୀଙ୍କ ଦ୍ୱାରା ସ୍ୱତନ୍ତ୍ର ଷ୍ଟଲ କରାଯିବା ସହ ମ୍ୟାଜିକ ଶୋ ଓ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯାଇଛି।

# ନିତା ଏକାଡେମୀକୁ ୨/୦ ଗୋଲରେ ହରାଇଲା ପୁରୀ ଏକାଦଶ


ଅତିଥିଙ୍କ ଗହଣରେ ଉଭୟ ଦଳର ଖେଳାଳି।

ତିଗିରିଆ,୧୧।୨(ଜାଫର ଖାଁ):

**ମହିଳା ପ୍ରଦର୍ଶନୀ ଫୁଟବଲ ମ୍ୟାଚ**

ତିଗିରିଆ ବ୍ଲକ ଅନ୍ତର୍ଗତ ପାଞ୍ଚଗାଁ ମିନି ଷ୍ଟାଡିୟମଠାରେ ପାଞ୍ଚଗାଁ ଆଞ୍ଚଳିକ ଆଥେଲେଟିକ ଦ୍ୱାରା ଆୟୋଜିତ ମହିଳା ପ୍ରଦର୍ଶନୀ ଫୁଟବଲ ମ୍ୟାଚରେ ପୁରୀ ମହିଳା ଏକାଦଶ ୨/୦ ଗୋଲରେ ନିତା ଏକାଡେମୀ କଟକକୁ ପରାସ୍ତ କରିଛି। ରବିବାର ଅନୁଷ୍ଠିତ ଏହି ମ୍ୟାଚରେ ପୁରୀ ମହିଳା ଦଳ ତରଫରୁ ୯ନଂ.ଖେଳାଳି ରୋଶନୀ ବାସ୍କେ ୧ ମାର୍ଦ୍ଧର ୪ ମିନିଟ ଓ ୨ୟାର୍ଦ୍ଧର ୬ ମିନିଟରେ ୨ଟି ଯାକ ଗୋଲ ସ୍କୋର କରିଥିଲେ। ପରାଜିତ ନିତା ଏକାଡେମୀ ତରଫରୁ କୌଣସି ଗୋଲ ସ୍କୋର ହୋଇ ନ ଥିଲା। ମ୍ୟାଚରେ ମୁଖ୍ୟଅତିଥି ଭାବେ କୃଷିମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ସମ୍ମାନିତ ଅତିଥିଭାବେ ଓଡ଼ିଶା ଫୁଟବଲ ଆସୋସିଏସନ ବୈଷୟିକ ନିର୍ଦ୍ଦେଶକ ସୁର୍ଜୀତ ଘୋଷ, ଆସୋସିଏଶନ ଯୁଗ୍ମ ସମ୍ପାଦକ ସୟଦ ଜବାର, ତିଗିରିଆ ପଞ୍ଚାୟତ ସମିତି ଅଧ୍ୟକ୍ଷା ସନ୍ଧ୍ୟାରାଣୀ ନାୟକ, ଜିଲା ପରିଷଦ ସଭ୍ୟା ସସ୍ମିତା ରାଉତ, ସଭ୍ୟ ସଞ୍ଜୟ ମଲ୍ଲିକ, ପାଞ୍ଚଗାଁ ସରପଞ୍ଚ ନିରଞ୍ଜନ ଦଳେଇ ପ୍ରମୁଖ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଖେଳକୁ ରେଫରି ସଞ୍ଜୀବ ଦାଶ ପରିଚାଳନା କରିଥିବାବେଳେ ତାଙ୍କୁ ଲାଇନରେ ଅରୁଣ ନାୟକ ଓ ସୁରଜ ବକ୍ସ ସହାୟତା କରିଥିଲେ। ୪ର୍ଥ ରେଫରି ଭାବେ ସୁବାସ ମୁଦୁଲି ଦାୟିତ୍ୱ ସମ୍ପାଦନ କରିଥିଲେ।

### ବିଜ୍ଞାନ ପ୍ରଚାର ସମିତିର ଅଧିବେଶନ

କଟକ,୧୧।୨ (କାର୍ତ୍ତିକ ସାହୁ)

ବିଜ୍ଞାନ ପ୍ରଚାର ସମିତିର ଅଧିବେଶନ ଦୋଳମୁଣ୍ଡାଇସ୍ଥିତ କାର୍ଯ୍ୟାଳୟରେ ରବିବାର ଅନୁଷ୍ଠିତ ହୋଇଯାଇଛି। ପ୍ରବନ୍ଧ ପାଠ କାର୍ଯ୍ୟକ୍ରମରେ ସଭ୍ୟମାନେ ବିଭିନ୍ନ ଭିଟାମିନ ଓ ମିନେରାଲ ଉପରେ ପ୍ରବନ୍ଧ ଓ କବିତା ପାଠ କରିଥିଲେ। ଡ. ସୁବାସିନୀ ଲେଙ୍କାଙ୍କ ପ୍ରବନ୍ଧ ପୋଟାସିୟମ, ଡ. ହେମନ୍ତ ପରିଡ଼ାଙ୍କ ଆୟୋଡିନ, ଡ. ଭାରତୀ ବେହେରାଙ୍କ କପର, ଡା. ସଚ୍ଚିଦାନନ୍ଦ ଶତପଥୀ ରାଇବୋଫ୍ଲାବିନ, ଡା. ପଦ୍ମନାଭ ବେହେରା ଭିଟାମିନ୍ କେ ନାମକ ପ୍ରବନ୍ଧ ପାଠ କରିଥିଲେ। ଡ. ଜ୍ୟୋତିଷ ଚନ୍ଦ୍ର ମହାନ୍ତି ଗ୍ରହମାନଙ୍କର ପ୍ରଭାବ, ଅରୋବିନ୍ଦ କର ଲୌହ ନାମକ ପ୍ରବନ୍ଧ, ଇଞ୍ଜିନିୟର ଧୀରେନ୍ଦ୍ର କୁମାର ବିଶ୍ୱାଳ ବି ଗ୍ରୁପ୍ ଭିଟାମିନ୍ ଏବଂ ଡା. ବରଦା ଚରଣ ମହାନ୍ତି ଖଣିଜ ଲବଣ କ୍ରୋମିୟମ ପାଠ କରିଥିଲେ। ଡା. ନିତ୍ୟାନନ୍ଦ ସ୍ୱାଇଁ ଅଧ୍ୟକ୍ଷତା ଏବଂ ଡା. ଦୀପକ ରାଜ ବିବରଣୀ ପାଠ କରିଥିଲେ।

# ଗାଁରେ ହାତୀ ଉପଦ୍ରବ: ବହୁ ନଡ଼ିଆ ଗଛ ନଷ୍ଟ

**ବିଟ୍ ହାଉସ୍‌ରେ ନାହାନ୍ତି ବନ କର୍ମଚାରୀ**

ବଡ଼ମ୍ବା,୧୧।୨(ମାୟାଧର ମଲ୍ଲିକ)


ହାତୀ ଭାଙ୍ଗି ଦେଇଥିବା ନଡ଼ିଆ ଗଛକୁ ଜଣେ ଗ୍ରାମବାସୀ ଦେଖାଉଛନ୍ତି।

ଆଠଗଡ ବନଖଣ୍ଡ ଅଧୀନ ବଡ଼ମ୍ବା ରେଞ୍ଜର ବାଞ୍ଛବେରେଣୀ ଗାଁ ରେ ହାତୀ ଉପଦ୍ରବ ବଢ଼ିବାରେ ଲାଗିଛି। ଫଳରେ ଗ୍ରାମବାସୀ ଆତଙ୍କିତ ଅବସ୍ଥାରେ ଅଛନ୍ତି। ଗତ କିଛିଦିନ ଧରି ଜଙ୍ଗଲୀ ହାତୀମାନେ ଗାଁ ମୁହାଁ ହୋଇଛନ୍ତି। ସେମାନେ ଗାଁ ବାଡିରେ ପଶି ଲୋକଙ୍କ ଫସଲ ନଷ୍ଟ କରୁଛନ୍ତି। ମାତ୍ର ଏନେଇ ବନବିଭାଗ ପକ୍ଷରୁ ପଦକ୍ଷେପ ନିଆଯାଉ ନଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ରବିବାର ଅପରାହ୍ନରେ ଏହି ଗାଁର ବିରଞ୍ଚିନାରାୟଣ ରାଉତଙ୍କ ବଗିଚାରେ ଥିବା ପାଖାପାଖି ପଚାଶ ନଡ଼ିଆ ଗଛକୁ ହାତୀମାନେ ଦଳି ନଷ୍ଟ କରିଦେଇଛନ୍ତି। ପ୍ରତି ବର୍ଷ ହାତୀମାନେ ଗାଁ ର ଅନେକ ଫସଲ ନଷ୍ଟ କରୁଥିବା ବେଳେ ଏଠାରେ ଥିବା ବିଟ ହାଉସରେ କର୍ମଚାରୀ ରହୁନଥିବା ଅଭିଯୋଗ ହୋଇଛି। ଏଥିପାଇଁ ବଡ଼ମ୍ବା ବନବିଭାଗର କାର୍ଯ୍ୟକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏ ନେଇ ଗ୍ରାମବାସୀ ଆଗାମୀ ଦିନରେ କ୍ଷତିପୂରଣ ସହ ବିଟ ହାଉସରେ ସ୍ଥାୟୀ କର୍ମଚାରୀ ନିଯୁକ୍ତ ଦାବି ନେଇ ଆନ୍ଦୋଳନ କରିବେ ବୋଲି ଚେତାବନୀ ଦେଇଛନ୍ତି।

## ସଂକ୍ଷେପରେ

### ଦିବ୍ୟାଙ୍ଗଙ୍କୁ ସରକାରୀ ସହାୟତା ମିଳୁ ନ ଥିବା ଅଭିଯୋଗ

ଟାଙ୍ଗୀ,୧୧।୨(ରଘୁନାଥ ସାହୁ)

ସୋରଣ ଭଗବତୀ ଉଚ୍ଚ ବିଦ୍ୟାପୀଠ ପରିସରରେ ଚିଲିକା ଦିବ୍ୟାଙ୍ଗ ମଞ୍ଚର ବୈଠକ ଅନୁଷ୍ଠିତ ହୋଇଯାଇଛି। ଦିବ୍ୟାଙ୍ଗ ମଞ୍ଚର ସଭାପତି ଭାଗୀରଥି ମୁଦୁଲିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଅତିଥିଭାବେ ମଞ୍ଚ ସାଧାରଣ ସମ୍ପାଦକ ପ୍ରଶାନ୍ତ କୁମାର ଦଳବେହେରା, ଶତ୍ରୁଘ୍ନ ପ୍ରଧାନ, ନାରାୟଣ ବେହେରା, କଳ୍ପନା ବରାଳ ପ୍ରମୁଖ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଚିଲିକା, ବାଣପୁର, ଟାଙ୍ଗୀ ବ୍ଲକର ଶହେରୁ ଊର୍ଦ୍ଧ୍ୱ ଦିବ୍ୟାଙ୍ଗ ଉପସ୍ଥିତ ଥିଲେ। ଦିବ୍ୟାଙ୍ଗମାନଙ୍କୁ ଘର, ଭତ୍ତା, ଚିକିତ୍ସା ସୁବିଧା, ଜମି, ଆବାସ ଯୋଜନାରେ ଅଗ୍ରାଧିକାର, ପାଠ ପଢିବା ପାଇଁ ପୁଅ ଝିଅଙ୍କୁ ସହାୟତା ମିଳୁ ନାହିଁ ବୋଲି ଅଭିଯୋଗ କରିଥିଲେ। ଏହି ସମସ୍ୟାର ସମାଧାନ ପାଇଁ ମଞ୍ଚ ପକ୍ଷରୁ ରାଜ୍ୟ ସରକାରଙ୍କ ଦୃଷ୍ଟି ଆକର୍ଷଣ କରାଯିବ ବୋଲି ନିଷ୍ପତ୍ତି ହୋଇଛି।

### ପୁରାତନ ଛାତ୍ର ସଂସଦ ବୈଠକ

ଟାଙ୍ଗୀ,୧୧।୨(ରଘୁନାଥ ସାହୁ)

କୁହୁଡି ଜନତା ଉଚ୍ଚ ବିଦ୍ୟାଳୟର ପୁରାତନ ଛାତ୍ର ସଂସଦ ବୈଠକ ଅବସରପ୍ରାପ୍ତ ଶିକ୍ଷକ ତଥା ପୂର୍ବତନ ଛାତ୍ର ଶଙ୍କର୍ଷଣ ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ବିଦ୍ୟାଳୟର ଉନ୍ନତିମୂଳକ କାର୍ଯ୍ୟର ତଦାରଖ ପାଇଁ ନିଷ୍ପତ୍ତି ହୋଇଛି। ମନୋଜ କୁମାର ମାନସିଂହ, କମଳାକାନ୍ତ ସାମନ୍ତରାୟ, ପ୍ରଶାନ୍ତ ଭୁଜବଳ, ନିଶିକାନ୍ତ ବଳବନ୍ତରାୟ, ଜୟଦେବ ବେହେରା, ଅପର୍ତ୍ତି ବେହେରା, ବସନ୍ତ ସିଂ, ରମେଶ ନାଇଡୁ, ବିଭୁତି ଚମ୍ପତି, ବିପିନ କୁମାର ଉଦୟ ସିଂଙ୍କୁ ନେଇ ଏକ କମିଟି ଗଠନ କରାଯାଇଥିଲା। ବଲ୍ଲଭି ସେଣ, ପ୍ରଭାକର ମହାରଣା, ଆର୍ତ୍ତତ୍ରାଣ ଶାସମଲ, ପୀତବାସ ସାହୁ, ଶ୍ୱେତ ମେକାପ, ଚନ୍ଦ୍ର ଶେଖର ଆଚାରୀ ପ୍ରମୁଖ ବୈଠକରେ ଉପସ୍ଥିତ ଥିଲେ।

### ପୂର୍ବତନ ସରପଞ୍ଚଙ୍କ ବିୟୋଗରେ ସ୍ମୃତିସଭା

ଟାଙ୍ଗୀ/ନିରାକାରପୁର,୧୧।୨
(ରଘୁନାଥ ସାହୁ/ମାନସ ଚନ୍ଦ୍ର ପଟ୍ଟନାୟକ)

ଛଣଗିରି ପଞ୍ଚାୟତର ପୂର୍ବତନ ସରପଞ୍ଚ ଅଜୟ କୁମାର ମହାନ୍ତିଙ୍କ ଗତ ୯ତାରିଖରେ ପରଲୋକ ହୋଇଯାଇଛି। ତାଙ୍କୁ ୭୫ବର୍ଷ ବୟସ ହୋଇଥିଲା। ତାଙ୍କ ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ବିଜୁ ମହିଳା ଜନତା ଦଳ ବରିଷ୍ଠ ଉପସଭାପତି ବାସନ୍ତୀ ମହାପାତ୍ରଙ୍କ ସମେତ ବହୁ ନେତା, ବୁଦ୍ଧିଜୀବୀ ତାଙ୍କ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିଥିଲେ। ୧୯୭୪ରୁ ୧୯୯୫ ମସିହା ପର୍ଯ୍ୟନ୍ତ ସରପଞ୍ଚ ଏବଂ ୧୯୮୪ରୁ ୨୦୧୪ ମସିହା ପର୍ଯ୍ୟନ୍ତ ଖୋର୍ଦ୍ଧା କେନ୍ଦ୍ର ସମବାୟ ବ୍ୟାଙ୍କର ନିର୍ଦ୍ଦେଶକ ଥିଲେ। ଜଣେ ସମବାୟ ଆନ୍ଦୋଳନର ନେତା ତଥା ଟାଙ୍ଗୀ ବ୍ଲକର ଦୃଢ଼ ସଙ୍ଗଠକଙ୍କୁ ହରାଇଲା ବୋଲି ମତପ୍ରକାଶ ପାଇଛି। ଅଜୟଙ୍କ ବିୟୋଗରେ ଶନିବାର ଶିକ୍ଷକ ନେତା ରମାକାନ୍ତ ମହାପାତ୍ରଙ୍କ ସଭାପତିତ୍ୱରେ ସ୍ମୃତିସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ସହଦେବ ପ୍ରଧାନ,ସେକ ଇସ୍ରାଇଲ, ଲଳିତ ମୋହନ ପଟ୍ଟନାୟକ, ସେକ ରଫିକ, ତୋଫାନ ବରିଶଲ ପ୍ରମୁଖ ଯୋଗଦେଇ ସ୍ମୃତିଚାରଣ କରିଥିଲେ।

# ବିକଶିତ ଭାରତ ଗଠନରେ ମହିଳାଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ

ଖୋର୍ଦ୍ଧା,୧୧।୨(ପ୍ରଭାତ ପାଣିଗ୍ରାହୀ)

ରାଷ୍ଟ୍ରୀୟ ମହିଳା ଦିବସ ସପ୍ତାହ ଉପଲକ୍ଷେ ଭାରତ ବିକାଶ ପରିଷଦ ପକ୍ଷରୁ ଖୋର୍ଦ୍ଧା ବରୁଣେଇ ଶାଖା ପକ୍ଷରୁ ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ଶାଖା ସଭାପତି ଡ.ଅଜୟ ମିଶ୍ରଙ୍କ ସଭାପତିତ୍ୱରେ ବାଲ୍ ଓ ମହିଳା ବିକାଶ କାର୍ଯ୍ୟକ୍ରମ ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥିଭାବେ ଆଇନଜୀବୀ ଅଜିତ୍ ପଟ୍ଟନାୟକ ଯୋଗଦେଇ ଭାରତମାତାଙ୍କ ତୈଳଚିତ୍ରରେ ପୁଷ୍ପମାଲ୍ୟାର୍ପଣ ପୂର୍ବକ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରି କହିଥିଲେ, ବିକଶିତ ଭାରତ ଗଠନ ଦିଗରେ ମହିଳାମାନଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ମହିଳାଙ୍କ ଉନ୍ନତ ବିଚାରାଧାରା ଏକ ଆଦର୍ଶ ପରିବାରରୁ ଆଦର୍ଶ ସମାଜ ଓ ରାଷ୍ଟ୍ର ଗଠନ ହୋଇପାରିବ।

ଖୋର୍ଦ୍ଧା ଶାଖା ସଚିବ ଅଧ୍ୟାପିକା ପ୍ରବୀଣା ପଟ୍ଟନାୟକ ଅତିଥି ପରିଚୟ ଓ

## ଖୋର୍ଦ୍ଧାରୁ ଏନିମିଆ ମୁକ୍ତ ଅଭିଯାନ ଶୁଭାରମ୍ଭ



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିମାନେ।

ସ୍ୱାଗତ ଭାଷଣ ଦେଇ ଏହି କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରି କହିଥିଲେ, ଭାରତରେ ମହିଳାଙ୍କ କ୍ଷେତ୍ରରେ ରକ୍ତହୀନତା ବଢିବାରେ ଲାଗିଛି। ତେଣୁ ଭାରତ ବିକାଶ ପରିଷଦ ଏନିମିଆ ମୁକ୍ତ ଭାରତ ଗଠନ ଅଭିଯାନ ଆରମ୍ଭ କରିଛି। ରବିବାରଠାରୁ ଖୋର୍ଦ୍ଧାରେ ଏହି ଅଭିଯାନ ଶୁଭାରମ୍ଭ କରାଯାଇଛି। ଆଗକୁ ଏହି ଅଭିଯାନ ତୃଣମୂଳସ୍ତରରେ ଆୟୋଜନ କରାଯିବା ଲକ୍ଷ୍ୟ ରହିଛି। ଶରୀର ସୁସ୍ଥତା ଏବଂ ରକ୍ତହୀନତାଠାରୁ ଦୂରରେ ରହିବାକୁ ହେଲେ କର୍ମମୟ ଜୀବନମୟ ମଧ୍ୟରୁ ସୂର୍ଯ୍ୟୋଦୋୟରେ ଚାଲିବା ଅଭ୍ୟାସ, ଶାରୀରିକ ବ୍ୟାୟମ, ଯୋଗ, ପ୍ରାଣାୟମ ଏବଂ ପନିପରିବା ଖାଇବାକୁ ପରାମର୍ଶ ଦେଇଥିଲେ। ସଭାପତିତ୍ୱ ଭାଷଣରେ ଡ.ଅଜୟ ମିଶ୍ର କହିଥିଲେ, ମହିଳାଙ୍କ କ୍ଷେତ୍ରରେ ଶକ୍ତି ଓ ସାମର୍ଥ ରହିଛି। ବିଦ୍ୟା ରୂପରେ ସେ ସରସ୍ୱତୀ, ଶକ୍ତି ରୂପରେ ମା'ଦୁର୍ଗା, ଧନ ରୂପରେ ସେ ଧନଲକ୍ଷ୍ମୀ। ମହିଳାମାନେ ଅସୀମ ଧୈର୍ଯ୍ୟ, ତ୍ୟାଗ, ସ୍ୱାଭିମାନର ପ୍ରତୀକ। ଅସାଧାରଣ କାର୍ଯ୍ୟରେ ସଫଳତା ପାଇପାରିବେ। ଅନ୍ତର୍ନିହିତ ପ୍ରତିଭା ବିକାଶ ଲାଗି ପରାମର୍ଶ ଦେଇଥିଲେ। ଏହି ଅବସରରେ ୩୦ରୁ ଊର୍ଦ୍ଧ୍ୱ ମହିଳା ଓ କିଶୋରୀଙ୍କ ରକ୍ତ ଓ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ଶାଖା ଅର୍ଥ ସଚିବ ରୋଜାଲିନ ପଣ୍ଡା ଧନ୍ୟବାଦ ଦେଇଥିଲେ। ବରିଷ୍ଠ ସଦସ୍ୟ ଶୁଶାନ୍ତ ମୋହନ ପଟ୍ଟନାୟକ, ଦିଲୀପ ପୃଷ୍ଟି, ଅମରଜିତ ସିଂ, ସତ୍ୟ ନାରାୟଣ ବିଶୋଇ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଏକାଧିକ ମହିଳା, ଛାତ୍ରୀ ଓ ଶାଖା ସଦସ୍ୟା, ସଦସ୍ୟ ପ୍ରମୁଖ ଉପସ୍ଥିତ ଥିଲେ।



ପାଣିଦ୍ୱାର ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଅନୁଷ୍ଠିତ ମୁଖ୍ୟମନ୍ତ୍ରୀ ସମ୍ପୂର୍ଣ୍ଣ ପୁଷ୍ଟି ଯୋଜନା କାର୍ଯ୍ୟକ୍ରମରେ ଅଙ୍ଗନୱାଡିକର୍ମୀ ଏବଂ ଅନ୍ୟମାନେ।

## ମୁଖ୍ୟମନ୍ତ୍ରୀ ସମ୍ପୂର୍ଣ୍ଣ ପୁଷ୍ଟି ଯୋଜନା କାର୍ଯ୍ୟକ୍ରମ

ଟାଙ୍ଗୀ,୧୧।୨(ରଘୁନାଥ ସାହୁ)

ଚିଲିକା ବ୍ଲକ ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ଆନୁକୂଲ୍ୟରେ ମୁଖ୍ୟମନ୍ତ୍ରୀ ସମ୍ପୂର୍ଣ୍ଣ ପୁଷ୍ଟି ଯୋଜନା କାର୍ଯ୍ୟକ୍ରମ ଜରିପଡା ପଞ୍ଚାୟତ ଅନ୍ତର୍ଗତ ପାଣିଦ୍ୱାର ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ସୁପରଭାଇଜର ସବିତା ସୋରେନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ମୁଖ୍ୟ ଅତିଥିଭାବେ ସ୍ଥାନୀୟ ସରପଞ୍ଚ ଦିପୁନା ସାହୁ, ମୁଖ୍ୟ ବକ୍ତା ଡା.ମଧୁସ୍ମିତା ଭୂୟାଁ, ସମ୍ମାନିତ ଅତିଥି ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ପ୍ରିୟଙ୍କା ବାର୍ଲା, ସୁପରଭାଇଜର ଦଣ୍ଡପାଣି ଘଡ଼ାଇ, ପ୍ରଧାନ ଶିକ୍ଷୟିତ୍ରୀ ସନ୍ଧ୍ୟାରାଣୀ ସେଣ ପ୍ରମୁଖ ଯୋଗଦେଇ ଅଙ୍ଗନୱାଡ଼ି କର୍ମୀ, ସହାୟିକା କିଶୋରୀମାନଙ୍କୁ ସୁସ୍ଥତା ଓ ପୁଷ୍ଟିକର ଖାଦ୍ୟ ସମ୍ପର୍କରେ ସଚେତନ କରିଥିଲେ। ଏହି ଅବସରରେ ପୁଷ୍ଟିକର ଖାଦ୍ୟ ପ୍ରଦର୍ଶନୀ କରାଯାଇଥିଲା। କିଶୋରୀଙ୍କ ମଧ୍ୟରେ ନୃତ୍ୟ, ଗୀତ ପ୍ରତିଯୋଗିତା ହୋଇଥିଲା। ଶିକ୍ଷକ ଜିତେନ୍ଦ୍ର ମାନସିଂହ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। କୃତି ପ୍ରତିଯୋଗୀ ମାମୁନି ବେହେରା, ପରିସେନ୍ସ ସାହୁ, ସ୍ନିଗ୍ଧା ରାଣୀ ବେହେରା, ସୋନି ବେହେରା, ଅମ୍ବିକା ବେହେରାଙ୍କୁ ପୁରସ୍କୃତ କରାଯାଇଥିଲା। ଅଙ୍ଗନୱାଡ଼ି କର୍ମୀ କୁନୀଲତା ଘଡେଇ, ପ୍ରୀତି ମଞ୍ଜରୀ ପାତ୍ର ଓ ସୁଷମା ସୁନ୍ଦରୀ ଦେଇ ସହଯୋଗ କରିଥିଲେ।

## ଖବରଦାତାଙ୍କ ମାତୃ ବିୟୋଗ

ବୋଲଗଡ଼,୧୧।୨(ଦେବବ୍ରତ ହୋତା)

ବୋଲଗଡ଼ ଅଞ୍ଚଳର ଖବରଦାତା ଗଙ୍ଗାଧର ଦାଶଙ୍କ ମାତା ଶିଶୁଳା ଦେବୀଙ୍କ ରବିବାର ପରଲୋକ ହୋଇଯାଇଛି। ସେ ଦୁଇ ବର୍ଷ ଧରି ପକ୍ଷାଘାତ ରୋଗରେ ପୀଡ଼ିତ ଥିଲେ। ଖବରପାଇ ରାଜ୍ୟ କଂଗ୍ରେସ ସାଧାରଣ ସମ୍ପାଦକ ପୃଥ୍ୱୀବଲ୍ଲଭ ପଟ୍ଟନାୟକ, ଯୁବ ନେତା ସଦାଶିବ ମହାପାତ୍ର, ସ୍ଥାନୀୟ ସରପଞ୍ଚଙ୍କ ପ୍ରତିନିଧି ଲିଟୁ ରାଉତରାୟଙ୍କ ସମେତ ବହୁ ଜନପ୍ରତିନିଧି ଓ ଖବରଦାତା ପହଞ୍ଚି ତାଙ୍କର ଅନ୍ତିମ ଦର୍ଶନ କରିଥିଲେ। ପୁରୀ ସ୍ୱର୍ଗଦାରରେ ତାଙ୍କର ଅନ୍ତିମ ସଂସ୍କାର କରାଯାଇଥିବା ବେଳେ ମଧ୍ୟମ ପୁତ୍ର ରମେଶ ଚନ୍ଦ୍ର ହୋତା ମୁଖାଗ୍ନି ଦେଇଥିଲେ।

# ଜଟଣୀ ମହାବିଦ୍ୟାଳୟର ୪୮ତମ ସାମ୍ବତ୍ସରିକ ଉତ୍ସବ

ଜଟଣୀ,୧୧।୨(ରବୀନ୍ଦ୍ରନାଥ ମହାକୁଡ଼)

ଜଟଣୀ ମହାବିଦ୍ୟାଳୟର ୪୮ତମ ସାମ୍ବତ୍ସରିକ ଉତ୍ସବ ରବିବାର ମହାବିଦ୍ୟାଳୟ ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ଅଧକ୍ଷ ଡ.ରାଜୀବ କରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉତ୍ସବରେ କଥାକାର, ସାରସ୍ୱତ ସାଧକ ଡ.ଅଜୟ କୁମାର ସ୍ୱାଇଁ ମୁଖ୍ୟ ଅତିଥି, ମୁଖ୍ୟ ବକ୍ତା ଡ.ବିଷ୍ଣୁପ୍ରିୟା ଓତା, ସମ୍ମାନିତ ଅତିଥି ଶିଶୁ ସାହିତ୍ୟିକ ଡ.ରଜନୀରଞ୍ଜନ ଦାଶ ପ୍ରମୁଖ ଯୋଗଦେଇଥିଲେ। ମୁଖ୍ୟ ଅତିଥି ସ୍ୱାଇଁ ବର୍ତ୍ତମାନ ସମାଜରେ ଓଡ଼ିଆ ଭାଷାର ଗୁରୁତ୍ୱ ଏବଂ ଭୂମିକାକୁ ନେଇ କହିଥିଲେ, ସମସ୍ତେ ନିଜ ଭାଷା ପ୍ରତି ଯତ୍ନବାନ ହୋଇପାରିଲେ ଓଡିଆ ଭାଷା ଏବଂ ସାହିତ୍ୟ ରୁଦ୍ଧିମନ୍ତ ହୋଇପାରିବ। ସେହିପରି ମୁଖ୍ୟ ବକ୍ତା ସାମ୍ପ୍ରତିକ ସମୟରେ ବିଜ୍ଞାନ ସହିତ ଓଡ଼ିଆ ସାହିତ୍ୟର ଗୁରୁତ୍ୱ ଦିଗରେ ବକ୍ତବ୍ୟ ରଖିଥିଲେ। ପ୍ରାରମ୍ଭରେ ଉତ୍ସବର ସଂଯୋଜିକା ପ୍ରାଧାପିକା ପୁଷ୍ପାଞ୍ଜଳି ସାମଲ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି ପରିପ୍ରେକ୍ଷୀରେ ବିଭିନ୍ନ କ୍ଷେତ୍ରରେ କୃତୀତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଏଥିସହ ପୂର୍ବତନ ଅଧକ୍ଷ ବଂଶୀଧର କରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ମହାବିଦ୍ୟାଳୟର ଡ. ଅନୁପ କୁମାର ମହାନ୍ତି, ତପନ ମିଶ୍ର, ରଜନୀ କୁମାର ନାୟକ, ବେଣୁଧର ଦାସ, ବାଳକୃଷ୍ଣ ଚୌଧୁରୀ, ପରମିତା ପ୍ରହରାଜ, କାର୍ତ୍ତିକ ଦାସ, ଅନିଲ ନନ୍ଦଙ୍କ ସମେତ ସମସ୍ତ କର୍ମଚାରୀ ଉତ୍ସବ ପରିଚାଳାନରେ ସହଯୋଗ କରିଥିଲେ। ମହାବିଦ୍ୟାଳୟର ପ୍ରଶାସନିକ ଅଧିକାରୀ ଅଜିତ କୁମାର ସୁନ୍ଦରାୟ ଧନ୍ୟବାଦ ଦେଇଥିଲେ।



ଜଣେ କୃତୀ ଛାତ୍ରୀ ଅତିଥିଙ୍କଠାରୁ ପୁରସ୍କାର ଗ୍ରହଣ କରୁଛନ୍ତି।

## ଶିବୁନା ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଯାପିତ

ଜଟଣୀ,୧୧।୨(ରବୀନ୍ଦ୍ରନାଥ ମହାକୁଡ଼)

ଜଟଣୀ ପୌରାଞ୍ଚଳ ଅନ୍ତର୍ଗତ କୁଦିଆରୀ ଗ୍ରାମଠାରେ ଶିବୁନା ମେମୋରିଆଲ ଟି-୨୦ କ୍ରିକେଟ ଟୁର୍ନାମେଣ୍ଟରେ ଗଡ଼ରଥିପୁର ଚାମ୍ପିୟନ ହୋଇଛି। ରବିବାର ଫାଇନାଲ ମ୍ୟାଚ ଗଡ଼ରଥିପୁର ଓ କୁଦିଆରି କ୍ରିକେଟ କ୍ଲବ ମଧ୍ୟରେ ହୋଇଥିଲା। କୁଦିଆରୀ କ୍ଲବ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ୧୬୧ ରନ ସଂଗ୍ରହ କରିଥିଲା। ଜବାବରେ ଗଡ଼ରଥିପୁର ଟିମ୍ ୧୬୨ରନ ସଂଗ୍ରହ କରି ବିଜୟୀ ହୋଇଥିଲା। ପ୍ରମୋଦ ସାହାଣୀଙ୍କ ସଭାପତିତ୍ୱରେ ପୂର୍ବତଟ ରେଳପଥ ଶ୍ରମିକ କଂଗ୍ରେସର ସାଧାରଣ ସମ୍ପାଦକ ରମେଶ ଚନ୍ଦ୍ର ସାହୁ ଯୋଗଦେଇ ଚାମ୍ପିୟନ ଟିମଙ୍କୁ ଟ୍ରଫି ଓ ଅର୍ଥ ରାଶି ପ୍ରଦାନ କରିଥିଲେ। ଜଟଣୀ ନାଗରିକ ମନ୍ମଥ ରାଉତରାୟ, ଅମ୍ରିତା ଦାସ ସୁନ୍ଦରାୟ, ଲୁସେନ ରାୟ, ଜଗଦୀଶ ପ୍ରସାଦ ଅଗ୍ରୱାଲ, ପ୍ରଶାନ୍ତ ସାହୁ, ଅନ୍ତର୍ଯ୍ୟାମୀ ଦାସ, ଏଲ.ଡି ମହାନ୍ତି ଉପସ୍ଥିତ ଥିଲେ।

# ୨୨୫ଜଣଙ୍କୁ ମିଳିଲା ଶ୍ରମିକ ପରିଚୟପତ୍ର



ଜଣେ ହିତାଧିକାରୀ ଅତିଥିଙ୍କଠାରୁ ଚେକ୍ ଗ୍ରହଣ କରୁଛନ୍ତି।

ଜଟଣୀ,୧୧।୨(ରବୀନ୍ଦ୍ରନାଥ ମହାକୁଡ଼)

ଜଟଣୀ ଟାଉନହଲ୍ (ସ୍ରଷ୍ଟା) ପରିସରରେ ନିର୍ମାଣ ଶ୍ରମିକ କଲ୍ୟାଣ ଯୋଜନା ସହାୟତା ବଣ୍ଟନ ଶିବିର ରବିବାର ଅନୁଷ୍ଠିତ ହୋଇଯାଇଛି। ଜଟଣୀ ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ପଞ୍ଜୀକୃତ ନିର୍ମାଣ ଶ୍ରମିକଙ୍କୁ କଲ୍ୟାଣ ଯୋଜନାର ସହାୟତା ରାଶି ପ୍ରଦାନ କରାଯାଇଛି। ଜିଲା ଶ୍ରମ ଅଧିକାରୀ ପ୍ରଭାକର ବିଶ୍ୱାଳଙ୍କ ସଂଯୋଜନାରେ ଅତିଥିଭାବେ ଶ୍ରମିକ କଲ୍ୟାଣ ବୋର୍ଡ ଅଧକ୍ଷା ଶ୍ରୀମୟୀ ମିଶ୍ର ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ଖୋର୍ଦ୍ଧା ଜିଲା ବିଜେଡି ସଭାପତି ବିଭୁତି ଭୂଷଣ ବଳବନ୍ତରାୟ, ପୋରାଧକ୍ଷ ଅନନ୍ତ ବେହେରା, ପୌର ଉପାଧକ୍ଷା ଆରତୀ ରାଉତ, ଜିଲା ଉପସଭାପତି ସୁଦର୍ଶନ ସୁନ୍ଦରାୟ, ଜିଲା ସମ୍ପାଦକ ଅନନ୍ତ ଶତପଥୀ ପ୍ରମୁଖ ଅତିଥିଭାବେ ମଞ୍ଚାସୀନ ଥିଲେ। ଏହି ଶିବିରରେ ୧୫୧ଜଣ ହିତାଧିକାରୀଙ୍କୁ ୧କୋଟି ୧୦ଲକ୍ଷ ୫୩ହଜାର ୨୦୦ଟଙ୍କା ଆର୍ଥିକ ସହାୟତା ଚେକ୍ ପ୍ରଦାନ କରାଯାଇଛି। ଏଥିସହିତ ୨୨୫ ଜଣ ନୂତନଭାବେ ପଞ୍ଜୀକରଣ କରିଥିବା ଶ୍ରମିକଙ୍କୁ କାର୍ଡ ପ୍ରଦାନ କରାଯାଇଛି। ଏହି ସଭାରେ ମଣ୍ଡଳ ଶ୍ରମ କମିଶନର ଅଜୟ ପ୍ରଧାନ ଯୋଗଦେଇଥିବା ବେଳେ ସହାୟକ ଶ୍ରମ ଅଧିକାରୀ ଦେବଶ୍ରୀ ବେହେରା ଧନ୍ୟବାଦ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ୩ଶହରୁ ଊର୍ଦ୍ଧ୍ୱ ନିର୍ମାଣ ଶ୍ରମିକ ଉପସ୍ଥିତ ଥିଲେ।

## 'ମଡର୍ନ ସଫ୍ଟୱେର ଡେଭଲେପମେଣ୍ଟ ଫ୍ରେମୱାର୍କସ୍' ଆଲୋଚନାଚକ୍ର




ଆଲୋଚନାଚକ୍ରରେ ଉପସ୍ଥିତ ଅତିଥି ଏବଂ ଅନ୍ୟମାନେ।

ଖୋର୍ଦ୍ଧା,୧୧।୨(ପ୍ରଭାତ ପାଣିଗ୍ରାହୀ)

ପ୍ରାଣନାଥ ସ୍ୱୟଂଶାସିତ ମହାବିଦ୍ୟାଳୟ କମ୍ପ୍ୟୁଟର ବିଭାଗ ଆନୁକୂଲ୍ୟରେ ମଡର୍ନ ସଫ୍ଟୱେର ଡେଭଲେପମେଣ୍ଟ ଫ୍ରେମୱାର୍କସ୍ ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟ ଅଧକ୍ଷା ଡ.ବିନୋଦିନୀ ମିଶ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଇଂ.ପ୍ରବୀନ କୁମାର ରାଉତ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ମହାବିଦ୍ୟାଳୟ ଉପାଧକ୍ଷ ଡ. ପ୍ରଣବ କିଶୋର ମହାନ୍ତି ଛାତ୍ରୀଛାତ୍ରଙ୍କୁ ଆଧୁନିକ ଯୁଗରେ କମ୍ପ୍ୟୁଟର ବିଜ୍ଞାନର ଚାହିଦା ସମ୍ବନ୍ଧରେ କହିଥିଲେ। ବିଭାଗୀୟ ମୁଖ୍ୟ ଲାଲା ସୁନିଲ ରାୟ ଅତିଥି ପରିଚୟ ଓ ସ୍ୱାଗତ ଭାଷଣରେ ଆଲୋଚନାଚକ୍ରର ଆଭିମୁଖ୍ୟ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରାଧାପକ ଶୁଭେନ୍ଦୁ ମହାନ୍ତି, ଅଧାପିକା ବୈଦେହୀ ଜେନା, ମଞ୍ଜରୀ ବେହେରା, ସମାପିକା ପ୍ରଧାନ, ଅମୀୟ ରଞ୍ଜନ ପଟ୍ଟନାୟକ, ସୁଚମା ମିତ୍ର, ବିବୁଧେନ୍ଦ୍ର ମହାନ୍ତି ପ୍ରମୁଖ ଅତିଥିଭାବେ ଯୋଗ ଦେଇଥିଲେ। ଏହି ଆଲୋଚନାଚକ୍ରରେ ବିଭାଗୀୟ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।

## ବୁଥ୍ ପ୍ରଶିକ୍ଷଣ ଶିବିର

ଜଟଣୀ,୧୧।୨(ରବୀନ୍ଦ୍ରନାଥ ମହାକୁଡ଼)

ଜଟଣୀ ପୌରାଞ୍ଚଳ ଅନ୍ତର୍ଗତ ଅଗ୍ରୱାଲ ଧର୍ମଶାଳା ପରିସରରେ ଜଟଣୀ ନାଗରିକ ସୁରକ୍ଷା ମଞ୍ଚ ଆନୁକୂଲ୍ୟରେ ବୁଥ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ପାଣ୍ଡବ ଜେନା ଫାଉଣ୍ଡେଶନର ଅଧକ୍ଷ ଡ.ସନ୍ତୋଷ ଜେନା, ସମାଜସେବୀ ରବୀନ୍ଦ୍ରନାଥ ମହାକୁଡ଼, ଓଡ଼ିଶା ଉଚ୍ଚ ନ୍ୟାୟଳୟ ଅଧିବକ୍ତା ଜୟପ୍ରକାଶ ତ୍ରିବେଦୀ ପ୍ରମୁଖ ଯୋଗଦେଇଥିଲେ। ଅଧକ୍ଷ ଜେନାଙ୍କ ନୀତି ଆଦର୍ଶ ଏବଂ ସାମାଜିକ କାର୍ଯ୍ୟରେ ଅନୁପ୍ରାଣିତ ହୋଇ ଉକ୍ତ ଶିବିରରେ ପୌରାଞ୍ଚଳର ୨୩ଟି ୱାର୍ଡର ବିଭିନ୍ନ ଦଳ ଏବଂ ସଙ୍ଗଠନର ବହୁ କର୍ମୀ ଉପସ୍ଥିତ ଥିଲେ। ବୁଥସ୍ତରରୁ ଜେନାଙ୍କ ହାତମୁଠାକୁ ମଜବୁତ କରିବା ପାଇଁ ସାମୁହିକ ଶପଥ ନେଇଥିଲେ। ଲୋକଙ୍କ ସେବା ମୂଳ ଲକ୍ଷ୍ୟ ବୋଲି ଅଧକ୍ଷ ଜେନା କହିଥିଲେ। ଆୟୋଜିତ ସଭାରେ ପୂର୍ବତନ ସରପଞ୍ଚ ଦିବାକର ମଙ୍ଗରାଜ ସଭାପତିତ୍ୱ କରିଥିଲେ। ବସନ୍ତ ନାୟକ, ପ୍ରହଲ୍ଲାଦ ସାହୁ, ରାଜେଶ ସାହୁ, ମଙ୍ଗୁଳି ଦାସ, ଅଶୋକ ମହାରଣା, ସନ୍ତୋଷ ଦାସ, ଦୀପକ ନାୟକ, ଚିତ୍ତ ସେଠୀ, ଦୀପକ ନାୟକ, ବବିନା ବାଘସିଂ, ଲକ୍ଷ୍ମୀଧର ମହାକୁଡ଼ ପ୍ରମୁଖ ଉପସ୍ଥିତ ଥିଲେ।



ସନ୍ତୋଷ ଜେନ ଉଦ୍‌ବୋଧନ ଦେଉଛନ୍ତି।

# ଶଙ୍କର ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଯାପିତ

ଜଟଣୀ,୧୧।୨(ରବୀନ୍ଦ୍ରନାଥ ମହାକୁଡ଼)

ଜଟଣୀ ପୌରାଞ୍ଚଳ ଅନ୍ତର୍ଗତ ମୁଣ୍ଡିଆ ସାହିଠାରେ ଚାଲିଥିବା ୧୫ତମ ଶଙ୍କର ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଅତିଥିଭାବେ ଓଡ଼ିଶା ଉଚ୍ଚ ନ୍ୟାୟଳୟର ଅଧିବକ୍ତା ଜୟପ୍ରକାଶ ତ୍ରିବେଦୀ, ଅଧିବକ୍ତା ଅବିନାଶ ପଟ୍ଟନାୟକ, ବରିଷ୍ଠ ଖବରଦାତା ରବୀନ୍ଦ୍ରନାଥ ମହାକୁଡ଼ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଏହି ଟୁର୍ନାମେଣ୍ଟରେ ୮ଟି ଟିମ୍ ଭାଗ ନେଇଥିଲେ। ଫାଇନାଲ ମ୍ୟାଚ୍ କାର୍ଗିଲ ୱାରିୟର ଏବଂ ରେଡ ଜୋନ ମଧ୍ୟରେ ହୋଇଥିଲା। କାର୍ଗିଲ ୱାରିୟର ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୦ ଓଭରରେ ସମସ୍ତ ଉଇକେଟ ବିନିମୟରେ ୧୨୦ ରନ ସଂଗ୍ରହ କରିଥିଲା। ଜବାବରେ ରେଡ ଜୋନ ଟିମ୍ ୩ ଉଇକେଟ ବିନିମୟରେ ୧୨୨ ରନ ସଂଗ୍ରହ କରି ବିଜୟୀ ହେବା ସହ ଚାମ୍ପିୟନ ହୋଇଛି। ମୁନା ବାରିକ ଏବଂ ମାନସ ବେହେରା ମ୍ୟାଚ୍ ପରିଚାଳନା କରିଥିବା ବେଳେ ସନ୍ତୋଷ କୁମାର ସ୍କୋରର ଦାଇତ୍ୱ ତୁଲାଇଥିଲେ। ଲୋକନାଥ ମହାନ୍ତି ମ୍ୟାଚର ବିବରଣୀ ପ୍ରଦାନ କରିଥିଲେ। ଚାମ୍ପିୟନ ଓ ରନର୍ସ ଅପ୍ ଟିମକୁ ଟ୍ରଫି ପ୍ରଦାନ କରାଯାଇଥିଲା। ମଶାଲ କ୍ରିକେଟ କ୍ଲବର ସଦସ୍ୟମାନେ ମ୍ୟାଚ୍ ପରିଚାଳାନରେ ସହଯୋଗ କରିଥିଲେ।



ଅତିଥିଙ୍କଠାରୁ ଖେଳାଳି ଟ୍ରଫି ଗ୍ରହଣ କରୁଛନ୍ତି।

## ମା'ରାମଚଣ୍ଡୀ କ୍ରିକେଟ ଟୁର୍ନାମେଣ୍ଟ

# ପତିତପାବନ ଅତ୍ରି ଚାମ୍ପିୟନ

ବୋଲଗଡ଼/ଧଳାପଥର,୧୧।୨
(ଦେବବ୍ରତ ହୋତା/ଗଙ୍ଗାଧର ସାହୁ)

ବୋଲଗଡ଼ ବ୍ଲକ ଅନ୍ତର୍ଗତ ଧଳାପଥର ପଞ୍ଚାୟତ କୋଦୁଅବେରେଣୀ ଖେଳପଡିଆରେ ଚାଲିଥିବା ମା'ରାମଚଣ୍ଡୀ କ୍ରିକେଟ ଟୁର୍ନାମେଣ୍ଟରେ ପତିତପାବନ ଅତ୍ରି ଟିମ୍ ଚାମ୍ପିୟନ ହୋଇଛି। ରବିବାର ଫାଇନାଲ ମ୍ୟାଚ୍ ପତିତପାବନ ଅତ୍ରି ଓ ଭୁବନେଶ୍ୱରର ମଞ୍ଚେଶ୍ୱର କ୍ଲବ ମଧ୍ୟରେ ହୋଇଥିଲା। ଟସ୍ ଜିତି ମଞ୍ଚେଶ୍ୱର ଟିମ ପ୍ରଥମେ ବ୍ୟାଟିଂ କରି ୧୯.୫ ଓଭରରେ ସମସ୍ତ ଉଇକେଟ ବିନିମୟରେ ୨୨୩ ରନ ସଂଗ୍ରହ କରିଥିଲା। ଜବାବରେ ପତିତପାବନ ଅତ୍ରି ଟିମ୍ ୧୬.୪ ଓଭରରେ ୫ ଉଇକେଟ ବିନିମୟରେ ୨୨୭ ରନ ସଂଗ୍ରହ କରି ବିଜୟୀ ହେବା ସହ ଚାମ୍ପିୟନ ହୋଇଥିଲା। ସୁଧି ରଞ୍ଜନ ପଣ୍ଡା ଓ ବିନୟ ପାଇକରାୟ ମ୍ୟାଚ ପରିଚାଳନା କରିଥିଲେ। ପୁରସ୍କାର ବିତରଣ ଉତ୍ସବରେ ବାଙ୍କୀ ବିଧାୟକ ଦେବୀରଞ୍ଜନ ତ୍ରିପାଠୀ, ପ୍ରଫୁଲ୍ଲ ପ୍ରଧାନ, ସାରଙ୍ଗଧର କର, ସୁରଜ ପ୍ରସାଦ ସୁବୁଦ୍ଧି, ମାୟାଧର କରଣ, ରତ୍ନାକର ମହାପାତ୍ର, ସୁଶାନ୍ତ ମଲ୍ଲିକ ପ୍ରମୁଖ ଯୋଗଦେଇ ଚାମ୍ପିୟନ ଟିମକୁ ଟ୍ରଫି ସହ ୪୦ ହଜାର ଟଙ୍କାର ଚେକ ଏବଂ ରନର୍ସ ଅପ ଟିମକୁ ଟ୍ରଫି ସହ ୩୦ ହଜାର ଟଙ୍କା ପ୍ରଦାନ କରିଥିଲେ। ମ୍ୟାନ ଅଫ ଦି ଫାଇନାଲ ସୁଶାନ୍ତ ସାହାଣୀ, ଟୁର୍ନାମେଣ୍ଟର ବେଷ୍ଟ ବ୍ୟାଟ୍ସମ୍ୟାନ ସେଖ ସଲମାନ, ବେଷ୍ଟ ବୋଲର ନିରଞ୍ଜନ ବେହେରା, ବେଷ୍ଟ ଫିଲ୍ଡର ସୁଶାନ୍ତ ସାହାଣୀ ଏବଂ ମ୍ୟାନ ଅଫ ଦି ଟୁର୍ନାମେଣ୍ଟ ସଂଗ୍ରାମ ମାଝୀଙ୍କୁ ପୁରସ୍କୃତ କରାଯାଇଥିଲା। କୋଦୁଅବେରେଣୀ ମା'ରାମଚଣ୍ଡୀ କ୍ରିକେଟ ଆସୋସିଏଶନର ସଦସ୍ୟମାନେ ମ୍ୟାଚ୍ ପରିଚାଳନାରେ ସହଯୋଗ କରିଥିଲେ।



ଅତିଥିଙ୍କ ଗହଣରେ ଖେଳାଳି ଏବଂ ଅନ୍ୟମାନେ।

# ଜିତିଲା ନନ୍ଦପୁର ରୟାଲର୍ସ

ଖୋର୍ଦ୍ଧା,୧୧।୨(ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ବ୍ଲକ ବାଜପୁର ପଞ୍ଚାୟତର ରାୟରଙ୍ଗ ଖେଳପଡିଆରେ ଚାଲିଥିବା ପଞ୍ଚାୟତ ପ୍ରିମିୟର୍ ଲିଗ କ୍ରିକେଟ ଟୁର୍ନାମେଣ୍ଟରେ ନନ୍ଦପୁର ରୟାଲର୍ସ ଚାମ୍ପିୟନ ହୋଇଛି। ରବିବାର ଫାଇନାଲ ମ୍ୟାଚ୍ ନନ୍ଦପୁର ରୟାଲର୍ସ ଓ ଏକ୍ସଲେଣ୍ଟ ଇଲେଭେନ ଛତ୍ରମା ଟିମ୍ ମଧ୍ୟରେ ହୋଇଥିଲା। ନନ୍ଦପୁର ଟିମ୍ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ଓଭରରେ ୮ ଉଇକେଟ ବିନିମୟରେ ୧୧୬ ରନ ସଂଗ୍ରହ କରିଥିଲା। ଜବାବରେ ଛତ୍ରମା ଟିମ୍ ୧୭ ଓଭରରେ ସମସ୍ତ ଉଇକେଟ ବିନିମୟରେ ୫୩ ରନ ସଂଗ୍ରହ କରି ପରାଜିତ ହୋଇଥିଲା। ଟୁଲୁ ପରିଡା ଓ ସିଲୁ ମ୍ୟାଚ୍ ପରିଚାଳନା କରିଥିଲେ। ଆୟୋଜିତ ପୁରସ୍କାର ବିତରଣ ଉତ୍ସବରେ ବିଜୟ କୁମାର ଚୌଧୁରୀ, ଭାଜପା ନେତା ଶ୍ରୀରଞ୍ଜନ ମଙ୍ଗରାଜ, ଅକ୍ଷୟ କୁମାର ଦାଶ, ନନ୍ଦପୁର ସରପଞ୍ଚ ବିପ୍ଳବ ବଳିୟାରସିଂହ, ସନ୍ତୋଷ କୁମାର ସାହୁ, ଚିତ୍ରସେନ ଜଗଦ୍ଦେବ ପ୍ରମୁଖ ଯୋଗଦେଇ ଚାମ୍ପିୟନ ଓ ରନର୍ସ ଅପ୍ ଟିମକୁ ପୁରସ୍କାର ପ୍ରଦାନ କରିଥିଲେ। ପ୍ରିମିୟର ଲିଗର ଅଧକ୍ଷ ତଥା ବାଜପୁର ସରପଞ୍ଚ କେଦାରେଶ୍ୱର ପୃଷ୍ଟି ଓ ସମିତିସଭ୍ୟ ଦ୍ୱାରିକାନାଥ ମହାନ୍ତି ସଂଯୋଜନା କରିଥିଲେ। ଶୁସାନ୍ତ ଖଟେଇ, ରାହୁଲ ମହାରଥୀ, ଭୀମରାଜ, ମନସିଜ ଦାସ ପ୍ରମୁଖ ସହଯୋଗ କରିଥିଲେ।



## ସଂକ୍ଷେପରେ

### ୩୪ ହଜାରରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ରଙ୍କୁ କୃମିନାଶକ ଔଷଧ ବଣ୍ଟନ

ଗୋପ,୧୧।୨ (ଭାରତୀ ଭୂଷଣ ଉପାଧ୍ୟାୟ): ବିଶ୍ୱ କୃମି ଦିବସରେ ଶନିବାର ଗୋପ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନରେ ଥିବା ୨୪୪ ଗୋଟି ସରକାରୀ ସ୍କୁଲ ସହିତ ୨୮୭ ଅଙ୍ଗନୱାଡ଼ି କେନ୍ଦ୍ରରେ ଅଧ୍ୟୟନରତ ୬ରୁ ୧୯ ବର୍ଷ ପର୍ଯ୍ୟନ୍ତ ୩୪ ହଜାରରୁ ଅଧିକ ଛାତ୍ରୀଛାତ୍ରଙ୍କୁ କୃମିନାଶକ ଔଷଧ ବଣ୍ଟାଯାଇଛି। ଏହି ଦିବସରେ ଗୋପ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରିଣୀ ଡ. ଜସ୍ମିନ ଆପ୍ରୋଜ ଶୋଲପୁରସ୍ଥିତ ଅଙ୍ଗନୱାଡ଼ି କେନ୍ଦ୍ରରେ ପହଞ୍ଚି କୁନିକୁନି ପିଲାଙ୍କୁ ଏହି କୃମିନାଶକ ଔଷଧ ଖୁଆଇବା ସହିତ ସମସ୍ତଙ୍କ ସହଯୋଗ ରହିଲେ ଏହି କାର୍ଯ୍ୟକ୍ରମ ନିଶ୍ଚିତ ସଫଳ ହେବ ବୋଲି କହିଥିଲେ। କାର୍ଯ୍ୟକ୍ରମରେ ଗୋପ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ସୁଶାନ୍ତ ରାଉତ, ସୁରେଶ ପ୍ରଧାନ, ପ୍ରଫୁଲ୍ଲଚନ୍ଦ୍ର ପଣ୍ଡା, ରାଜେଶ ପାଇକରାୟ ପ୍ରମୁଖ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ କୃମିନାଶକ ଔଷଧ ବଣ୍ଟନ କରିଥିଲେ।

### ଅବସରପ୍ରାପ୍ତ ପ୍ରଧାନଶିକ୍ଷକଙ୍କ ପରଲୋକ

ନିମାପଡ଼ା,୧୧।୨(ରଞ୍ଜନ ପଟ୍ଟନାୟକ): ନିମାପଡ଼ା ବ୍ଲକ ଅଧୀନ ଅରିଷଣ୍ଡ ପଞ୍ଚାୟତ ଅଧୀନ ଡଗରା ସାହି ଗ୍ରାମର ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ରବୀନ୍ଦ୍ରନାଥ ଦାଶ(୭୦)ଙ୍କ ଚିକିତ୍ସାଧୀନ ଅବସ୍ଥାରେ ରବିବାର ମୃତ୍ୟୁ ଘଟିଛି। ପେଟରେ ଯନ୍ତ୍ରଣା ଅନୁଭବ କରିବାରୁ ପରିବାର ଲୋକେ ଚିକିତ୍ସା ପାଇଁ ତାଙ୍କୁ ଭୁବନେଶ୍ୱରସ୍ଥିତ ଏକ ଘରୋଇ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଚିକିତ୍ସାଧୀନ ଅବସ୍ଥାରେ ରବିବାର ତାଙ୍କର ମୃତ୍ୟୁ ଘଟିଛି। ମୃତ୍ୟୁ ଖବର ପାଇ ଜ୍ଞାତି କୁଟୁମ୍ବ, ଛାତ୍ରୀଛାତ୍ର ଓ ସହକର୍ମୀ ତାଙ୍କ ଡଗରାସାହିସ୍ଥିତ ବାସଭବନ ପହଞ୍ଚି ପାର୍ଥିବ ଶରୀର ଶେଷ ଦର୍ଶନ କରିଥିଲେ। ମୃତ୍ୟୁ ଶଯ୍ୟା ନିକଟରେ ତାଙ୍କ ପୁଅ, ବୋହୂ ଓ ଝିଅ, ଜ୍ୱାଇଁ ଉପସ୍ଥିତ ଥିଲେ। ଗ୍ରାମ ଶ୍ମଶାନରେ ଅନ୍ତିମ ସଂସ୍କାର କରାଯାଇଥିଲା।

### ଜାଗୃତି ସାଂସ୍କୃତିକ ସଙ୍ଗଠନର ବନ୍ଧୁମିଳନ

ପିପିଲି,୧୧।୨(ଦୁର୍ଗା ମାଧବ ମିଶ୍ର/ପ୍ରଭାତ ମହାପାତ୍ର): ଜାଗୃତି ସାଂସ୍କୃତିକ ଯୁବ ସଙ୍ଗଠନ ପକ୍ଷରୁ ପିପିଲି ଜଗନ୍ନାଥପୁର ମହାପାତ୍ର ବଗିଚାରେ ଜାଗୃତି ବନ୍ଧୁ ମିଳନ ରବିବାର ଅନୁଷ୍ଠିତ ହୋଇଯାଇଛି। ଆଗାମୀ ଜାଗୃତି ମହୋତ୍ସବ ୨୦୨୪ କିପରି ପାଳନ କରାଯିବ ଏନେଇ ଏହି ବନ୍ଧୁ ମିଳନ କରାଯାଇଛି। ସଭାପତି ପ୍ରଭାତ ମହାପାତ୍ର ଏଥିରେ ଅଧ୍ୟକ୍ଷତା କରିଥିଲେ। ବୈଠକରେ ପ୍ରତିବର୍ଷ ଭଳି ଚଳିତବର୍ଷ ଜାଗୃତି ମହୋତ୍ସବ ପାଳନ କରିବାକୁ ଖସଡ଼ା ପ୍ରସ୍ତୁତ କରାଯାଇଥିଲା।

# ପଞ୍ଜାବର ମନଜିତ୍ ସିଂ ପ୍ରଥମ

**୬ଷ୍ଠ ବାର୍ଷିକ ଗୋଲ୍ଡେନ ଟ୍ରାଙ୍ଗେଲ୍ ସାଇକେଲିଂ ଚାମ୍ପିୟନଶିପ**



୬ଷ୍ଠ ବାର୍ଷିକ ଗୋଲ୍ଡେନ ଟ୍ରାଙ୍ଗେଲ୍ ସାଇକେଲିଂ ଚାମ୍ପିୟାନଶିପର କୃତୀ ପ୍ରତିଯୋଗୀଙ୍କୁ ଚେକ୍ ପ୍ରଦାନ କରାଯାଉଛି ।

ପିପିଲି,୧୧।୨(ପ୍ରଭାତ ମହାପାତ୍ର): ଭୁବନେଶ୍ୱର ସାଇକେଲିଂ ଆଡ୍‌ଭେଞ୍ଚର କ୍ଲବ ପକ୍ଷରୁ ଗୋଲ୍ଡେନ ଟ୍ରାଙ୍ଗେଲ୍ ସାଇକେଲିଂ ଚାମ୍ପିୟାନଶିପର ୬ଷ୍ଠ ସଂସ୍କରଣ ରବିବାର ଅନୁଷ୍ଠିତ ହୋଇଯାଇଛି। ପିପିଲି ଉପକଣ୍ଠ ଧଉଳି ଶାନ୍ତି ସ୍ତୁପସ୍ଥିତ ଅଶୋକ ସ୍ତମ୍ଭ ପାଖରୁ ଏହି ସାଇକେଲିଂ ପ୍ରତିଯୋଗିତା ସକାଳ ୬ଟା ୩୦ମି ସମୟରୁ ଫ୍ଲାଗ୍ ଅଫ୍ କରାଯାଇ ଶୁଭାରମ୍ଭ କରାଯାଇଥିଲା। ପ୍ରତିଯୋଗିତାରେ ବିଭିନ୍ନ ରାଜ୍ୟରୁ ପ୍ରାୟ ୧୦୦ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରି ପୁରୀ ଅଭିମୁଖେ ଯାତ୍ରା କରିଥିଲେ। ସାଇକେଲିଂ ଯାତ୍ରା ସମୟରେ ପିପିଲି ବିଭିନ୍ନ ଛକରେ ସମସ୍ତ ପ୍ରତିଯୋଗୀଙ୍କୁ ପୁଷ୍ପ ବର୍ଷା କରାଯାଇ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା କରାଯାଇଥିଲା। ଏହି ସାଇକେଲିଂ ପୁରୀ ଅଭିମୁଖେ ସତ୍ୟବାଦୀ, ମାଳତୀପାଟପୁର, ବାଟଗାଁ, ମଙ୍ଗଳାଘାଟ, ପୁରୀ ନୂଆ ମାରାଇନ ଡ୍ରାଇଭ ଦେଇ ପୁର୍ନବାର ସେହି ରାସ୍ତାରେ ଫେରି ଧଉଳି ପାଦଦେଶର ଅଶୋକ ସ୍ତମ୍ଭ ନିକଟରେ ଯାତ୍ରା ଶେଷ କରିଥିଲେ। ମୋଟ ୧୧୪ କିଲୋମିଟର ସାଇକେଲିଂ ପ୍ରତିଯୋଗିତାରେ ଦେଶର ୧୨ଟି ରାଜ୍ୟର ପ୍ରଫେସନାଲ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ସାଇକେଲିଂ କରି ଶରୀରକୁ ସୁସ୍ଥ ରଖିବା ସହ ପ୍ରଦୂଷଣ ମୁକ୍ତ ଓଡ଼ିଶା କିଭଳି ହୋଇପାରିବ ସେନେଇ ଏହି କାର୍ଯ୍ୟକ୍ରମର ମୂଳ ଲକ୍ଷ୍ୟ ବୋଲି ଆୟୋଜକମାନେ କହିଥିଲେ। ସମସ୍ତ ପ୍ରତିଯୋଗୀ ପୁରୀରେ ପହଞ୍ଚିବା ପରେ ପୁରୀ ସାଇକେଲିଂ ଅନୁଷ୍ଠାନ ପକ୍ଷରୁ ସେମାନଙ୍କୁ ପାଣି, ଡାଏଟ୍ କୋକ୍, କମଳା ଇତ୍ୟାଦି ପ୍ରଦାନ କରାଯାଇଥିଲା। ତେବେ ସାଇକେଲିଂ ପ୍ରତିଯୋଗିତାରେ ସମୁଦାୟ ୨ ଲକ୍ଷ ୫ ହଜାର ଟଙ୍କା ପୁରସ୍କାର ରାଶି ରହିଥିଲା। ଆୟୋଜିତ ସମ୍ବର୍ଦ୍ଧନା ସଭାରେ ମୁଖ୍ୟ ଅତିଥି ଭାବେ ଭୁବନେଶ୍ୱର-କଟକର ପୋଲିସ କମିଶନର ସଞ୍ଜୀବ ପଣ୍ଡା ଯୋଗଦେଇ ସମସ୍ତ ପ୍ରତିଯୋଗୀଙ୍କୁ ଉତ୍ସାହିତ କରିଥିଲେ। ଅନ୍ୟତମ ଅତିଥି ଭାବେ ଏଚ୍‌ଡିଏଫ୍‌ସି ବ୍ୟାଙ୍କ ଭାଇସ୍ ପ୍ରେସିଡେଣ୍ଟ ଅନନ୍ତ ପଟ୍ଟନାୟକ, ଭୁବନେଶ୍ୱର ସାଇକେଲିଂ ଆଣ୍ଡ ଆଡଭେଞ୍ଚର୍ କ୍ଲବ ସମ୍ପାଦକ ଅଜୟ ନନ୍ଦ ଯୋଗଦେଇ ମୁଖ୍ୟ ଅତିଥିଙ୍କ ସହ ପୁରସ୍କାର ବିତରଣ କରିଥିଲେ। ପ୍ରତିଯୋଗିତାରେ ପଞ୍ଜାବର ମନଜିତ୍ ସିଂ ପ୍ରଥମ ସ୍ଥାନ ଅଧିକାର କରିଥିଲେ। ତାଙ୍କୁ ୧ ଲକ୍ଷ ଟଙ୍କା ସହ ଟ୍ରଫି ପ୍ରଦାନ କରାଯାଇଥିଲା। ଦ୍ୱିତୀୟ ସ୍ଥାନରେ ମହାରାଷ୍ଟ୍ରର ହନୁମାନ ଯଶବନ୍ତ ଚୋପ୍ରାଙ୍କୁ ୫୦ ହଜାର, ତୃତୀୟ ସ୍ଥାନରେ ପଞ୍ଜାବର କ୍ରୀଷ୍ଣା ନୟାକୋଡ଼ିଙ୍କୁ ୨୫ ହଜର ଟଙ୍କା ସହ ଟ୍ରଫି ପ୍ରଦାନ କରାଯାଇଥିଲା। ଅଷ୍ଟ୍ରେଲିଆର ଫ୍ରେଞ୍ଚ ନାମକ ବ୍ୟକ୍ତି ୬୧ ବର୍ଷ ବୟସରେ ପ୍ରତିଯୋଗିତାରେ ଅଂଶଗ୍ରହଣ କରି ଚର୍ଚ୍ଚାର ରହିଥିଲେ। ଅନୁଷ୍ଠାନ ପକ୍ଷରୁ ତାଙ୍କୁ ସାନ୍ତ୍ୱନା ମୂଳକ ପୁରସ୍କାର ଦିଆଯାଇଥିଲା। ଫିଟ ରହିବା ଓ ପ୍ରଦୁଷଣ ମୁକ୍ତ ପରିବେଶ ପାଇଁ ସାଇକେଲ ଚଳାଇବା ନିହାତି ଜରୁରୀ ବୋଲି ସେ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମରେ ଭୁବନେଶ୍ୱର ଏସିପି ଶରତ ସାହୁ ମୁଖ୍ୟ ସଂଯୋଜନାରେ କାର୍ଯ୍ୟ ସମ୍ପାଦକ ହୋଇଥିଲା।

## ଏକ୍ସଆଇଏମ୍ ବିଶ୍ୱବିଦ୍ୟାଳୟରେ କୃତୀ ଛାତ୍ରୀଛାତ୍ରଙ୍କୁ ସ୍କଲାରଶିପ ପ୍ରଦାନ

ପିପିଲି,୧୧।୨ (ଦୁର୍ଗା ମାଧବ ମିଶ୍ର/ପ୍ରଭାତ ମହାପାତ୍ର): ଭୁବନେଶ୍ୱର ଉପକଣ୍ଠ ସ୍ଥିତ ଏକ୍ସଆଇଏମ୍ ବିଶ୍ୱବିଦ୍ୟାଳୟ ପରିସରରେ ସ୍ନାତକୋତ୍ତର ଛାତ୍ରୀଛାତ୍ରଙ୍କ ସଫଳତା ପାଇଁ ୪ର୍ଥ ବର୍ଷ ସ୍କଲାରସିପ୍ ପୁରସ୍କାର ପ୍ରଦାନ କରାଯାଇଛି। ମୁଖ୍ୟ ଅତିଥି ଭାବେ ବିଧାୟକ ପ୍ରଫୁଲ୍ଲ ସାମଲ, ଅତିଥି ଭାବେ ପିପିଲି-ଡେଲାଙ୍ଗ ବିଧାୟକ ରୁଦ୍ରପ୍ରତାପ ମହାରଥୀ, ବିଶ୍ୱବିଦ୍ୟାଳୟ କୁଳପତି ଫା:ଆଣ୍ଟୋନି ଆର ଉଭାରୀ, ପ୍ରଫେସର ଭି ଆରୋକିଆଡାସ୍, ପ୍ରଫେସର ବିକ୍ରମ କେ ବାହିନୀପତି, ପ୍ରଫେସର ପି.କେ. ମହାନ୍ତି ପ୍ରମୁଖ ଯୋଗଦେଇଥିଲେ। କୃତୀ ୧୩୬ ଜଣ ସ୍କଲାରଶିପ ଛାତ୍ରୀଛାତ୍ରଙ୍କୁ ସାର୍ଟିଫିକେଟ ପ୍ରଦାନ ପୂର୍ବକ ଅତିଥିମାନେ ସମ୍ମାନିତ କରିଥିଲେ। ଏହି ବର୍ଷ ୮ଟି ବିଭିନ୍ନ ବିଦ୍ୟାଳୟର ୧୦ଟି ସ୍ନାତକୋତ୍ତର ପାଠ୍ୟକ୍ରମରେ ନାମ ଲେଖାଇଥିବା ସମସ୍ତ ଛାତ୍ରଙ୍କ ମଧ୍ୟରୁ ୧୩୬ ଜଣ ଛାତ୍ରଙ୍କୁ ଛାତ୍ରବୃତ୍ତି ପ୍ରଦାନ କରାଯାଇଛି। ପ୍ରଦାନ କରାଯାଇଥିବା ଛାତ୍ରବୃତ୍ତିର ମୂଲ୍ୟ ପାଖାପାଖି ୧ କୋଟି ୨୦ ଲକ୍ଷରୁ ଅଧିକ ହେବ ବୋଲି ବିଶ୍ୱବିଦ୍ୟାଳୟର ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି। ଉତ୍ସବରେ ବରିଷ୍ଠ ବିଧାୟକ ପ୍ରଫୁଲ୍ଲ ସାମଲ ଯୋଗଦେଇ କହିଥିଲେ, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କୃତୀ ଛାତ୍ରୀଛାତ୍ରଙ୍କ ଶିକ୍ଷା କ୍ଷେତ୍ରରେ ଉଜ୍ଜ୍ୱଳ ଭବିଷ୍ୟତ ଗଠନ ପାଇଁ ସ୍କଲାରଶିପ ପୁରସ୍କାର ଦେଇଆସୁଛନ୍ତି। ଏହି ବିଶ୍ୱବିଦ୍ୟାଳୟର ଛାତ୍ରୀଛାତ୍ରଙ୍କୁ ପ୍ରଦାନ କରାଯାଇଥିବା ଶିକ୍ଷାର ସଫଳତା ଅଭିବୃଦ୍ଧି, ଉତ୍କର୍ଷତାକୁ ଅନୁସରଣ କରିବା ଏବଂ ଅଖଣ୍ଡତା ସହିତ ଆଗେଇବା ବୋଲି ନିଜ ଅଭିଭାଷଣ ରଖିଥିଲେ। ଶିକ୍ଷା ହେଉଛି ଜୀବନ, ଯାହା ଅଞ୍ଚଳରେ ବିକାଶ କାର୍ଯ୍ୟରେ ଲାଗିଥାଏ ବୋଲି ପିପିଲି-ଡେଲାଙ୍ଗ ବିଧାୟକ ରୁଦ୍ରପ୍ରତାପ ମହାରଥୀ ଏହି ଉତ୍ସବକୁ ଅନୁଗ୍ରହ ପ୍ରଦାନ କରି କହିଥିଲେ। ଶେଷରେ ଏସ୍ ଆଣ୍ଟୋନି ରାଜ ଧନ୍ୟବାଦ ଦେଇଥିଲେ। ଛାତ୍ରୀଛାତ୍ରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।



ସ୍ନାତକୋତ୍ତର ଛାତ୍ରୀଛାତ୍ରଙ୍କ ସ୍କଲାରଶିପ୍ ପୁରସ୍କାର ଉତ୍ସବରେ ବିଧାୟକ ରୁଦ୍ରପ୍ରତାପ ମହାରଥୀ ଉଦ୍‌ବୋଧନ ଦେଉଛନ୍ତି।

# ପଞ୍ଚାୟତସ୍ତରୀୟ ସଚେତନତା ଶିବିର

ଅସ୍ତରଙ୍ଗ,୧୧।୨ (ପ୍ରଦୀପ୍ତ ଦୀକ୍ଷିତ/ମମତା ଜେନା): ସରକାରଙ୍କ ନୂଆ-ଓ ପଞ୍ଚାୟତସ୍ତରୀୟ ସଚେତନତା ଶିବିର ଅସ୍ତରଙ୍ଗ ବ୍ଲକରେ ପଞ୍ଚମ ପର୍ଯ୍ୟାୟରେ ସରିପୁର ଓ କେନ୍ଦ୍ରାପଟି ପଞ୍ଚାୟତରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଅସ୍ତରଙ୍ଗ ବ୍ଲକ ସରିପୁର ଗ୍ରାମପଞ୍ଚାୟତ ଅଧୀନ ମୁଦୁଗଲ ପଡ଼ିଆରେ ଆୟୋଜିତ କାର୍ଯ୍ୟକ୍ରମରେ ସ୍ଥାନୀୟ ସରପଞ୍ଚ ବନିତା କାଣ୍ଡି ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ଗୃହରାଷ୍ଟ୍ର ମନ୍ତ୍ରୀ ତଥା କ୍ରୀଡ଼ାମନ୍ତ୍ରୀ ତୁଷାରକାନ୍ତି ବେହେରା, ମୁଖ୍ୟବକ୍ତା ଭାବେ ବ୍ଲକ ଅଧ୍ୟକ୍ଷା ଆରତୀ ନାୟକ, ସମ୍ମାନିତ ଅତିଥି ଭାବେ ଏମ୍‌ପିଙ୍କ ପ୍ରତିନିଧି ଚମ୍ପକ ବାରିକ, ୧ ନଂ. ଜୋନ୍ ଜିଲା ପରିଷଦ ସଭ୍ୟା ସରସ୍ୱତୀ ସ୍ୱାଇଁ, ବ୍ଲକ ଉପାଧ୍ୟକ୍ଷ ଦୁର୍ଜ୍ଜୟ ମିଶ୍ର, ସରିପୁର ସମିତିସଭ୍ୟା ସୁକାନ୍ତି ଦାସ ପ୍ରମୁଖ ଉପସ୍ଥିତ ଥିଲେ। ସେହିଭଳି କେନ୍ଦ୍ରାପଟି ପଞ୍ଚାୟତରେ ସରପଞ୍ଚ ଲକ୍ଷ୍ମୀପ୍ରିୟା କାଣ୍ଡିଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଗୃହ ରାଷ୍ଟ୍ରମନ୍ତ୍ରୀ ବେହେରା ଉପସ୍ଥିତ ଥିଲେ। ମୁଖ୍ୟବକ୍ତା ଭାବେ ବ୍ଲକ ଅଧ୍ୟକ୍ଷା ନାୟକଙ୍କ ସହ ଅନ୍ୟ ଅତିଥି ଯୋଗଦେଇଥିଲେ। କାର୍ଯ୍ୟନିର୍ବାହୀ ଅଧିକାରୀ ରବୀନ୍ଦ୍ର ମହାପାତ୍ର ସଭା ପରିଚାଳନା କରିଥିଲେ। ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ପଞ୍ଚାୟତରେ ହୋଇଥିବା ବିକାଶମୂଳକ କାର୍ଯ୍ୟ ସହ ପଞ୍ଚାୟତ ଉନ୍ନତି ପାଇଁ ପଞ୍ଚାୟତକୁ ସାମିଲ କରିବାକୁ ରାଜ୍ୟ ସରକାରଙ୍କ ପକ୍ଷରୁ ନୂଆ-ଓ ମାଧ୍ୟମରେ ୫୦ ଲକ୍ଷ ଟଙ୍କା ସହାୟତା ପ୍ରଦାନ କରାଯାଇଥିବା ଅତିଥିମାନେ କହିଥିଲେ। କାର୍ଯ୍ୟକ୍ରମରେ ରାଜ୍ୟ ସରକାରଙ୍କ ଉନ୍ନତିମୂଳକ ଯୋଜନା ସମ୍ପର୍କରେ ପାଲା ମାଧ୍ୟମରେ ସଚେତନ କରିବା ସହ ବିଭିନ୍ନ ଷ୍ଟଲରେ ମଧ୍ୟ ସଚେତନ କରାଯାଇଥିଲା। କାର୍ଯ୍ୟକ୍ରମରେ ହଜାର ହଜାର ଲୋକ ସାମିଲ ହୋଇ ରାଜ୍ୟ ସରକାରଙ୍କ ଲୋକାଭିମୁଖୀ କାର୍ଯ୍ୟ ସମ୍ପର୍କରେ ଅବଗତ ହୋଇଥିଲେ।


ସଚେତନତା ଶିବିରରେ ଅତିଥିମାନେ ।

## ବାଳିକା ଆତ୍ମରକ୍ଷା କୌଶଳ ତାଲିମ ଶିବିର ଉଦ୍‌ଯାପିତ

ଡେଲାଙ୍ଗ,୧୧।୨(ରଶ୍ମିରଞ୍ଜନ ପ୍ରଧାନ): ଡେଲାଙ୍ଗ ବ୍ଲକ କଲ୍ୟାଣପୁର ବିଜ୍ଞାନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ବାଳିକା ଆତ୍ମରକ୍ଷା କୌଶଳ ତାଲିମ ଶିବିର ରବିବାର ଉଦ୍‌ଯାପିତ ହୋଇଯାଇଛି। ମହାବିଦ୍ୟାଳୟ ଅଧ୍ୟକ୍ଷା ଡ. ତୃପ୍ତିମୟୀ ପରିଡ଼ା ଏଥିରେ ଅଧ୍ୟକ୍ଷତା କରିଥିଲେ। ଶିବିରରେ କ୍ରୀଡ଼ା ପ୍ରଶିକ୍ଷକ ଆଦିତ୍ୟ ପାଣିଗ୍ରାହୀ, ଅଧ୍ୟାପକ ଦିଲ୍ଲୀପ ରଥ, କୈଳାସ ଚନ୍ଦ୍ର ଦାଶ, ଲୋକନାଥ ମିଶ୍ର, କୈଳାସ ଚନ୍ଦ୍ର ସାହୁ, ଅଧ୍ୟାପିକା ଅନିତା ମିଶ୍ର, ବିଷ୍ଣୁପ୍ରିୟା ଦେଈ ପ୍ରମୁଖ ଯୋଗଦେଇଥିଲେ। ଛାତ୍ରୀଙ୍କୁ ଏହି ଆତ୍ମରକ୍ଷା କୌଶଳ ଶିବିରର ମହତ୍ତ୍ୱ ବିଷୟରେ ଆଲୋକପାତ କରିଥିଲେ। ଗତ ୮ ଦିନ ଧରି ଚାଲୁଥିବା ଶିବିରରେ ୮୪ ଜଣ ଛାତ୍ରୀଙ୍କୁ ଆତ୍ମରକ୍ଷା କୌଶଳ ତାଲିମ ପ୍ରଦାନ କରାଯାଇଥିଲା। ତପସ୍ୱିନୀ ମହାପାତ୍ର ଛାତ୍ରୀଙ୍କୁ ପ୍ରଶିକ୍ଷଣ ପ୍ରଦାନ କରିଥିଲେ।

# କିଟ୍ ଭୁବନେଶ୍ୱର ଚାମ୍ପିୟନ

**ଦିବାରାତ୍ର ଭଲିବଲ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ**

କଣାସ,୧୧।୨(ବିଭୂତି ଭୂଷଣ ତ୍ରିପାଠୀ): କଣାସ ବ୍ଲକ କଣାସ ଗୋଲାବଜାର ଖେଳପଡ଼ିଆରେ ଶନିବାର ଆଞ୍ଚଳିକ କ୍ରୀଡ଼ା ସାଂସ୍କୃତିକ ପରିଷଦ ପକ୍ଷରୁ ସର୍ବଭାରତୀୟ ଦିବାରାତ୍ର ଭଲିବଲ୍ ପ୍ରତିଯୋଗିତା ଉଦ୍‌ଯାପିତ ହୋଇଯାଇଛି। ପ୍ରତିଯୋଗିତାରେ କିଟ୍-ଭୁବନେଶ୍ୱର, ସୂର୍ଯ୍ୟଶିଖା ଭଦ୍ରକ, ଧାନବାଦ ବିହାର, ରେନ୍‌ବୋ ଭୁବନେଶ୍ୱର, ରେଳବାଇ ଜଟଣୀ, ଏକେଏସ୍‌ଏସ୍‌ପି କଣାସ ଭଲିବଲ୍ ଦଳ ଭାଗ ନେଇଥିଲେ। ଫାଇନାଲ ମ୍ୟାଚ୍‌ରେ ସୂର୍ଯ୍ୟଶିଖା ଭଦ୍ରକକୁ ୨-୧ରେ ହରାଇ କିଟ୍ ଭୁବନେଶ୍ୱର ଚାମ୍ପିୟନ ହୋଇଛି। ଉଦ୍‌ଘାଟନୀ ମ୍ୟାଚ୍‌ରେ ସାମାଜିକ କର୍ମୀ ସୁକାନ୍ତ କିଶୋର ସାମନ୍ତରାୟ, ନେହରୁ ଯୁବକେନ୍ଦ୍ର ପୁରୀ ସଂଯୋଜକ ଜୟଶଙ୍କର ଯୋଶୀ, ବଡ଼ାସ ସରପଞ୍ଚ ବ୍ରଜବନ୍ଧୁ ପାଢ଼ୀ, ଡା. ରମେଶ ଚନ୍ଦ୍ର ବେହେରା, ଡା. ବିଶ୍ୱରଞ୍ଜନ ଜେନା, ଶିକ୍ଷାବିତ୍ ମହେନ୍ଦ୍ର ରଣସିଂ ପ୍ରମୁଖ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ପୁରସ୍କାର ବିତରଣ ଉତ୍ସବରେ ସ୍ଥାନୀୟ ବିଧାୟକ ଉମାକାନ୍ତ ସାମନ୍ତରାୟ, ଦୋକନ୍ଦା ସରପଞ୍ଚ ଈଶ୍ୱର ହରିଚନ୍ଦନ, ଏକେଏସ୍‌ଏସ୍‌ପି ସଭାପତି ସଞ୍ଜୟ ଛୁଆଳସିଂ, ସମ୍ପାଦକ ମନୋରଞ୍ଜନ ସୁନ୍ଦରାୟ ଅତିଥି ଭାବେ ଯୋଗଦେଇଥିଲେ। ଚାମ୍ପିୟନ ଦଳକୁ ଚାମ୍ପିୟନ ଟ୍ରଫି ସହ ୮ ହଜାର ଟଙ୍କା, ରନର୍ସ ଅପ୍ ଦଳକୁ ରନର୍ସ ଅପ ଟ୍ରଫି ସହ ୬ ହଜାର ଟଙ୍କା ପ୍ରଦାନ କରିଥିଲେ। ଶ୍ରୀକାନ୍ତ ନାୟକ, ବଟକୃଷ୍ଣ ଜେନା, ବୀରବର ଭଞ୍ଜ, ବିଦ୍ୟୁତ ଭୂଷଣ ରଥ, ତ୍ରିଲୋଚନ ଦାସ ପ୍ରମୁଖ ଖେଳ ପରିଚାଳନା କରିଥିଲେ।


ଚାମ୍ପିୟନ ଟିମ୍‌କୁ ଟ୍ରଫି ପ୍ରଦାନ କରାଯାଉଛି ।

# ୧୬ରେ ଅଙ୍ଗନୱାଡି କର୍ମୀଙ୍କ ଧର୍ମଘଟ

ସାକ୍ଷୀଗୋପାଳ,୧୧।୨(ପ୍ରଶାନ୍ତ ବାରିକ/କିଶୋର ମହାପାତ୍ର): କେନ୍ଦ୍ରୀୟ ଟ୍ରେଡ୍ ୟୁନିୟନ ସଂଯୁକ୍ତ କିଶାନ ମୋର୍ଚ୍ଚା ଆହ୍ୱାନରେ ଆସନ୍ତା ୧୬ ତାରିଖରେ ଦେଶବ୍ୟାପୀ ଧର୍ମଘଟ ଅନୁଷ୍ଠିତ ହେବ। ଏହାକୁ ସଫଳ କରିବାକୁ ଏଆଇଟିୟୁସି ନିଖିଳ ଓଡ଼ିଶା ଅଙ୍ଗନୱାଡ଼ି କର୍ମୀ ସଂଘ ସତ୍ୟବାଦୀ କମିଟି ପକ୍ଷରୁ ରବିବାର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଅଙ୍ଗନୱାଡ଼ି କର୍ମୀ ଓ ସହାୟିକାଙ୍କୁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଅଣଦେଖା କରୁଛନ୍ତି। ଏଣୁ ସେମାନଙ୍କ ସର୍ବନିମ୍ନ ମଜୁରି ମାସିକ ୨୬ ହଜାର ଟଙ୍କା ଦେବା ଓ ଅଙ୍ଗନୱାଡ଼ି କର୍ମୀ ଏବଂ ସହାୟିକାଙ୍କୁ କର୍ମଚାରୀର ମାନ୍ୟତା ସହ ସାମାଜିକ ସୁରକ୍ଷା ବ୍ୟବସ୍ଥା ଆଦି ବିଷୟରେ ସେମାନଙ୍କ ହକ୍ ପାଇବାକୁ ଧର୍ମଘଟରେ ସତ୍ୟବାଦୀ ଅଙ୍ଗନୱାଡ଼ି କର୍ମୀ ସଂଘ ସାମିଲ ହେବ ବୋଲି ବୈଠକରେ ଆଲୋଚନା ହୋଇଥିଲା। ବୈଠକରେ ସଭାନେତ୍ରୀ ନିରଞ୍ଜନା ଦୀକ୍ଷିତ, ସମ୍ପାଦିକା- ଲକ୍ଷ୍ମୀପ୍ରିୟା ମହାପାତ୍ର, ନେତୃତ୍ୱ ମଣ୍ଡଳୀ ପ୍ରଭାତୀ ଷଡ଼ଙ୍ଗୀ, ରଞ୍ଜିତା ରଥ, ସୁଲୋଚନା ମିଶ୍ର, ବିଜୟଲକ୍ଷ୍ମୀ ସ୍ୱାଇଁଙ୍କ ସମେତ ଅନ୍ୟମାନେ ଯୋଗଦେଇଥିଲେ।

# 'ଓଡ଼ିଶାର ଜନସାଧାରଣ ବିରୋଧୀଙ୍କୁ ଉଚିତ ଜବାବ ଦେବେ'

ନିମାପଡ଼ା,୧୧।୨(ରଞ୍ଜନ ପଟ୍ଟନାୟକ): ନିମାପଡ଼ା ବ୍ଲକ ଅଧୀନ ଶଗଡ଼ା, ଅନ୍ତୁଆର ଓ ଉଚ୍ଛୁପୁର ପଞ୍ଚାୟତରେ 'ଆମ ଓଡ଼ିଶା ନବୀନ ଓଡ଼ିଶା' କାର୍ଯ୍ୟକ୍ରମ ରବିବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ବିଧାୟକ ସମୀର ରଞ୍ଜନ ଦାଶ ଯୋଗଦେଇଥିଲେ। ନୂଆ-ଓ ମୁଖ୍ୟମନ୍ତ୍ରୀଙ୍କ ଭିଜନ ହୋଇଥିବାରୁ ଏହାକୁ ସଫଳ କରିବାକୁ ଉପସ୍ଥିତ ଜନସାଧାରଣଙ୍କୁ ସେ ଆହ୍ୱାନ ଦେଇଥିଲେ। ଆଗାମୀ ଦିନରେ ଓଡ଼ିଶାର ଜନସାଧାରଣ ବିରୋଧୀଙ୍କୁ ଉଚିତ ଜବାବ ଦେବେ ବୋଲି ବିଧାୟକ ଦାଶ କହିଥିଲେ । ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ଅଧ୍ୟକ୍ଷ ଶଙ୍କର ଭୋଇ, ବ୍ଲକ ଉପାଧ୍ୟକ୍ଷା ଅନସୂୟା ମହାନ୍ତି, ପୂର୍ବତନ ଉପାଧ୍ୟକ୍ଷ ଅଜୟ ସ୍ୱାଇଁ, ଜିଲା ପରିଷଦ ସଭ୍ୟ ପ୍ରଦୀପ୍ତ ଖଟୋଇ, ବ୍ଲକ ବିଜେଡି ସଭାପତି ଅଶୋକ ସାହୁ, ଏମ୍‌ପିଙ୍କ ପ୍ରତିନିଧି ସୁଧୀର ରଞ୍ଜନ ଦାଶ, ବ୍ଲକ ଯୁବ ବିଜେଡି ସଭାପତି ରାକେଶ ବେହେରା, ବ୍ଲକ ସହକାରୀ ଯନ୍ତ୍ରୀ ଗୌରାଙ୍ଗ ସେଠୀ ଏବଂ ପିଓ ପୁଷ୍ପକାନ୍ତ ଦାସ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ।



# ବିଜୟରୁ ଅଭିଯାନ ଆରମ୍ଭ କଲା ଗଣ୍ଡରପୁର ଏଫ୍‌ସି

ନିମାପଡ଼ା,୧୧।୨(ରଞ୍ଜନ ପଟ୍ଟନାୟକ): ୯ମ ପଦ୍ମଚରଣ ସାମନ୍ତସିଂହାର ସ୍ମାରକୀ ଅଲ୍ ଓଡ଼ିଶା ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ ରବିବାର ବାରବାଟୀ ମିନି ଷ୍ଟାଡିୟମ୍‌ରେ ଉଦ୍‌ଘାଟିତ ହୋଇଯାଇଛି। ନିମାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟ ପରିଚାଳନା କମିଟି ସଭାପତି ଜଗତ ପ୍ରସାଦ ସାବୁତ ଏହାର ଉଦ୍‌ଘାଟନ କରିଥିଲେ। ପ୍ରଥମ କ୍ୱାର୍ଟର ଫାଇନାଲ ମ୍ୟାଚ୍ ୟୁନାଇଟେଡ୍ ଏଫ୍‌ସି ଗଣ୍ଡରପୁର ଭୁବନେଶ୍ୱର ବନାମ ଉତ୍କଳ ସ୍ପୋର୍ଟିଂ ଏଫ୍‌ସି ଜଟଣୀ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ପ୍ରଥମାର୍ଦ୍ଧ ଖେଳର ୧୩ ଓ ୩୭ ମି. ସମୟରେ ଗଣ୍ଡରପୁର ଏଫ୍‌ସିର ଦେବାଶିଷ ରାଉତ ଏବଂ ସୁନୀଲ ସୋରେନ ୨ଟି ଗୋଲ ଦେଇ ଦଳକୁ ଅଗ୍ରଣୀ କରାଇଥିଲେ। ଦ୍ୱିତୀୟାର୍ଦ୍ଧ ଖେଳର ୨୫ ଓ ୩୬ ମି.ରେ ଗଣ୍ଡରପୁର ଏଫ୍‌ସିର ବବୁଲ ରାଉତ ଏବଂ ଚନ୍ଦନ ନାୟକ ୨ଟି ଗୋଲ ଦେଇ ଦଳକୁ ୪-୦ରେ ଅଗ୍ରଣୀ କରାଇଛନ୍ତି। ଉତ୍କଳ ସ୍ପୋର୍ଟିଂ ଏଫ୍‌ସି ଜଟଣୀକୁ ୦-୪ ଗୋଲରେ ହରାଇ ଗଣ୍ଡରପୁର ଏଫ୍‌ସି ଭୁବନେଶ୍ୱର ସେମିଫାଇନାଲରେ ପ୍ରବେଶ କରିଛି। ଗଣ୍ଡରପୁର ଏଫ୍‌ସିର ଚନ୍ଦନ ନାୟକ ଶ୍ରେଷ୍ଠ ଖେଳାଳି ଭାବେ ବିବେଚିତ ହୋଇ ସମ୍ମାନିତ ଅତିଥି ବ୍ଲକ ଅଧ୍ୟକ୍ଷ ଶଙ୍କର ଭୋଇଙ୍କଠାରୁ ପୁରସ୍କାର ଗ୍ରହଣ କରିଥିଲେ। ବିଜୟ ମଙ୍ଗରାଜ ମ୍ୟାଚ ପରିଚାଳନା କରିଥିଲେ। ଏଥିରେ ରାଜେନ୍ଦ୍ର ବାରିକ୍, ସୋନି ଦାଶ ଏବଂ ସୁଶାନ୍ତ ରାଉତରାୟ ପ୍ରମୁଖ ସହଯୋଗ କରିଥିଲେ। ଆଥ୍‌ଲେଟିକ୍ ଆସୋସିଏଶନ ସଭାପତି ତଥା ବିଧାୟକ ସମୀର ରଞ୍ଜନ ଦାସ, ଉପସଭାପତି ଦୋଳଗୋବିନ୍ଦ ସେଠୀ, ଉପଦେଷ୍ଟା ମହେନ୍ଦ୍ର ସିଂ ଭାଟିଆ, ସମ୍ପାଦକ ଜୀବନାନନ୍ଦ ମହାପାତ୍ର, ବିଶ୍ୱଜିତ୍ ମଲ୍ଲିକ, ପ୍ରକାଶ ବରାଳ, ଜିତେଶ କାନୁନ୍‌ଗୋ, ଜ୍ୟୋତି ରଞ୍ଜନ ସାହୁ ଏବଂ କ୍ରୀଡ଼ା ଶିକ୍ଷକ ରଞ୍ଜିତ୍ କେଶରୀ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।


ମ୍ୟାଚର ଶ୍ରେଷ୍ଠ ଖେଳାଳି ଅତିଥିଙ୍କଠାରୁ ପୁରସ୍କାର ଗ୍ରହଣ କରୁଛନ୍ତି।

# ଓଡ଼ିଶା ରାଜ୍ୟ ବିଦ୍ୟୁତ୍ କର୍ମଚାରୀ ସଂଘର ବାର୍ଷିକ ଅଧିବେଶନ

ପୁରୀ,୧୧।୨(ଅଜିତ୍ ମହାନ୍ତି): ଓଡ଼ିଶା ରାଜ୍ୟ ବିଦ୍ୟୁତ୍ କର୍ମଚାରୀ ସଂଘର ୬୧ତମ ରାଜ୍ୟସ୍ତରୀୟ ବାର୍ଷିକ ଅଧିବେଶନ ଟାଉନହଲ୍‌ଠାରେ ରବିବାର ଉଦ୍‌ଘାଟିତ ହୋଇଯାଇଛି। ଅଧିବେଶନରେ ପୁରୀ ଜିଲା ସମେତ ରାଜ୍ୟର ସମସ୍ତ ଜିଲାର ବିଦ୍ୟୁତ୍ କର୍ମଚାରୀ ଯୋଗଦେଇଥିଲେ। ବିଦ୍ୟୁତ୍ କର୍ମଚାରୀଙ୍କ ବର୍ତ୍ତମାନର ଭୂମିକା, ସେମାନଙ୍କ ସୁରକ୍ଷା ନିରାପତ୍ତା ଓ ସେମାନଙ୍କ ଭବିଷ୍ୟତକୁ ନେଇ ବିଭିନ୍ନ ପ୍ରକାରର ଆଲୋଚନା ବୈଠକରେ ହୋଇଥିଲା। ୧୯୯୫ ମସିହାରୁ ଟେକ୍ନିକାଲ ବିଦ୍ୟୁତ୍ କର୍ମଚାରୀଙ୍କ ମଧ୍ୟରେ ପ୍ରଦାନ କରାଯାଇଥିବା ବେତନ ଅର୍ଥ ରାଶିରେ ପାତରଅନ୍ତର, ଯେଉଁ କର୍ମଚାରୀ ବିଦ୍ୟୁତ୍ ଖୁଣ୍ଟ ବୋହି କାର୍ଯ୍ୟ କରୁଛନ୍ତି ସେମାନଙ୍କ ପଦୋନ୍ନତି, ଅଣଓଡ଼ିଆଙ୍କ ବଦଳରେ ଓଡ଼ିଆ କର୍ମଚାରୀଙ୍କୁ ନିଯୁକ୍ତି ଦେବା, କାର୍ଯ୍ୟରତ କର୍ମଚାରୀଙ୍କ ପିଲାଙ୍କୁ ପରୀକ୍ଷାରେ କମ୍ ଶତକଡ଼ା ପାସ୍ ହାରରେ ନିଯୁକ୍ତି ଦେବା, କର୍ମଚାରୀଙ୍କ ଅବସର ପରେ ସେମାନଙ୍କ ପାଇଁ ପେନସନ ଲାଗୁ କରିବା ଆଦି ପ୍ରସଙ୍ଗକୁ ନେଇ ସଂଘ ପକ୍ଷରୁ ଦାବି କରାଯାଇଛି। ଏଥିସହ ସଂଘ ପକ୍ଷରୁ କୁହାଯାଇଛି କି, ଦୀର୍ଘ ୧୮ ବର୍ଷ ଧରି କାର୍ଯ୍ୟ କରିଆସୁଥିବା ଠିକା କର୍ମଚାରୀଙ୍କୁ ରାଜ୍ୟ ସରକାର ସେମାନଙ୍କୁ ସ୍ଥାୟୀ ନ କରି ଟିପିସିଓଡିଏଲ୍ ହାତକୁ ଟେକି ଦେଇ ସେମାନଙ୍କ ଭାଗ୍ୟକୁ ଦୁର୍ଭାଗ୍ୟରେ ପରିଣତ କରିଦେଇଛନ୍ତି। ଠିକା କର୍ମଚାରୀଙ୍କ ଦୈନିକ ମଜୁରି ନିର୍ଦ୍ଧାରଣ ରାଜ୍ୟ ସରକାରଙ୍କ ଆର୍ଥିକ ବିଭାଗରେ ପଡ଼ିରହିଥିଲେ ମଧ୍ୟ ଅନୁମୋଦନ ନ ହେବା, ଯେଉଁ ଠିକା କର୍ମଚାରୀମାନେ ଉଡାନ ଶିକ୍ଷା ନେଇଛନ୍ତି ଓ ଆଇଟିଆଇରେ କାର୍ଯ୍ୟ କରୁଛନ୍ତି, ସେମାନଙ୍କ ଏକ ତାଲିକା ବାହାର କରିବା ସହିତ ଇପିଏଫ୍, ଇଏସ୍‌ଆଇ, ଦରମା ଠିକ୍ ସମୟରେ ପ୍ରଦାନ, ଠିକା କର୍ମଚାରୀଙ୍କ ମୃତ୍ୟୁ ହେଲେ ପରିବାରର ଜଣଙ୍କୁ ଚାକିରି ଓ ୨୫ ଲକ୍ଷ କ୍ଷତିପୂରଣ ଦେବା, ମିଟର ରିଡରଙ୍କ ଆଗାମୀ ଦିନରେ ସେମାନଙ୍କ ଚାକିରି ସର୍ତ୍ତାବଳୀ ତୁରନ୍ତ ପ୍ରକାଶ କରିବାକୁ ସଂଘ ଦୃଢ଼ ଦାବି କରୁଛି। ଏଥିସହ ସ୍ଥାୟୀ କର୍ମଚାରୀଙ୍କ କିପରି ଫୋରମ୍ୟାନ ପର୍ଯ୍ୟନ୍ତ ପଦୋନ୍ନତି ପାଇପାରିବେ, ସେଥିପାଇଁ ସଂଘ ତା'ର ଅଭିଯାନ ଜାରି ରଖିଛି। ଓଡ଼ିଶାରେ ବର୍ତ୍ତମାନ ୪ଟି ବିଦ୍ୟୁତ୍ କମ୍ପାନୀ ଓ ଟିପିସିଓଡିଏଲ୍‌ର ୩୦ ହଜାର ପଦବୀ ଖାଲି ପଡ଼ିଥିଲେ ବି ତାହା ପୂରଣ କରା ନ ଯାଇ ସ୍ୱଳ୍ପ ବେତନରେ ଠିକା କର୍ମଚାରୀଙ୍କୁ ୧୨ ଘଣ୍ଟା ଖଟାଇ ସେମାନଙ୍କୁ ଶୋଷଣ କରୁଥିବା ସଂଘ ପକ୍ଷରୁ ଅଭିଯୋଗ କରାଯାଇ ଏହାକୁ ଦୃଢ଼ ନିନ୍ଦା କରାଯାଇଛି। ଏଥିସହ ସେମାନଙ୍କୁ ଆଲାଉନ୍ସ ଆକାରରେ ଆର୍ଥିକ ବୃଦ୍ଧି କରିବାକୁ ଦାବି ରଖାଯାଇଛି ବୋଲି ସଂଘର ସ୍ଥାୟୀ ସଭାପତି ପ୍ରଶାନ୍ତ ମହାପାତ୍ର ଓ ସମ୍ପାଦକ ଅକ୍ଷୟ ତ୍ରିପାଠୀ ସୂଚନା ପ୍ରଦାନ କରି କହିଥିଲେ। କାର୍ଯ୍ୟକ୍ରମରେ ଓଡ଼ିଶା ଶାଖାର ସଭାପତି ଡ. ରାମଚନ୍ଦ୍ର ଖୁଣ୍ଟିଆ, ବିଜେଡି ନେତା ଶୁଭାଶିଷ ଖୁଣ୍ଟିଆ, କୋଷାଧ୍ୟକ୍ଷ ସଞ୍ଜୀବ ପ୍ରସାଦ ବେହେରା, ମୁଖ୍ୟ ସଂଗଠନ ସମ୍ପାଦକ ବିପିନ ବିହାରୀ ସେଠୀ, ଯୁଗ୍ମ ସମ୍ପାଦକ ଦିଲୀପ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।



ଓଡ଼ିଶା ରାଜ୍ୟ ବିଦ୍ୟୁତ୍ କର୍ମଚାରୀ ସଂଘର ୬୧ତମ ରାଜ୍ୟସ୍ତରୀୟ ବାର୍ଷିକ ଅଧିବେଶନରେ ମଞ୍ଚାସୀନ ଅତିଥିମାନେ ।

## ସଂକ୍ଷେପରେ

### ମାର୍ଚ୍ଚ ୧୦ରେ ଉସାକା ପକ୍ଷରୁ ମେଧା ପ୍ରତିଯୋଗିତା

**ଭୁବନେଶ୍ୱର,୧୧।୨(ଶର୍ମିଷ୍ଠା ପାଣିଗ୍ରାହୀ):** ଉତ୍କଳ ସାମାଜିକ ଓ ସାଂସ୍କୃତିକ ଅନୁଷ୍ଠାନ (ଉସାକା)ର ବୈଠକ ରବିବାର ଉତ୍କଳ ବିଶ୍ୱବିଦ୍ୟାଳୟସ୍ଥିତ ତାଳପଦେଶ୍ୱରୀ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅନୁଷ୍ଠାନର ଉପାଧ୍ୟକ୍ଷ ଡ. ପ୍ରକାଶ ତ୍ରିପାଠୀଙ୍କ ଅଧ୍ୟକ୍ଷତା କରିଥିଲେ। ବୈଠକରେ ଆଗାମୀ କାର୍ଯ୍ୟକ୍ରମ ଉପରେ ଆଲୋଚନା କରାଯାଇଥିଲା। ନିକଟରେ ଉସାକାରେ କେତେଜଣ ନୂଆ ସଦସ୍ୟାସଦସ୍ୟ ଯୋଗଦେଇଛନ୍ତି। ପୂର୍ବ ବୈଠକରେ ସମ୍ପ୍ରସାରିତ କମିଟି ଗଠନ କରିବା ସହ ନୂଆ ସଦସ୍ୟସଦସ୍ୟାଙ୍କୁ ଦାୟିତ୍ୱ ଦିଆଯାଇଥିଲା। ଏଥିସହ ଉସାକାକୁ ବିଧିବଦ୍ଧ ଭାବେ ପଞ୍ଜୀକରଣ କରିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା। ମାର୍ଚ୍ଚ ୧୦ରେ କଲେଜ ବିଶ୍ୱବିଦ୍ୟାଳୟର ଛାତ୍ରୀଛାତ୍ରଙ୍କୁ ନେଇ ମେଧା ପ୍ରତିଯୋଗିତା କରାଯିବାକୁ ନିଷ୍ପତ୍ତି ନିଆଗଲା। ସର୍ବସମ୍ମତି କ୍ରମେ ଅଧ୍ୟକ୍ଷ ଭାବେ ଗୌତମବୁଦ୍ଧ ଦାସ, କାର୍ଯ୍ୟକାରୀ ଅଧ୍ୟକ୍ଷ ଡ. ପ୍ରକାଶ କୁମାର ତ୍ରିପାଠୀ, ଉପାଧ୍ୟକ୍ଷ ରାମଜୀବନ ଗୋଚ୍ଛାୟତ, ସଭାପତି ସରୋଜ କୁମାର ଦାସ, କୋଷାଧ୍ୟକ୍ଷ ସୌମ୍ୟରଞ୍ଜନ ପ୍ରଧାନ ପ୍ରମୁଖ ରହିଥିଲେ।

### ଯୁବକଙ୍କୁ ଖଣ୍ଡାରେ ଆକ୍ରମଣ

**ବ୍ରହ୍ମପୁର,୧୧।୨(ସୁବାସ ଚନ୍ଦ୍ର ପାଢ଼ୀ):** ବୈଦ୍ୟନାଥପୁର ଥାନା ଅନ୍ତର୍ଗତ ଗୋଇଲୁଣ୍ଡି ଅଞ୍ଚଳରେ ଜଣେ ଯୁବକଙ୍କୁ ଖଣ୍ଡାରେ ଆକ୍ରମଣ କରାଯାଇଛି। ସେ ହେଲେ କେ. ଦୁର୍ଯ୍ୟୋଧନ ରେଡ୍ଡୀ ଓରଫ ଚିନାଲି। ରବିବାର ରାତି ପ୍ରାୟ ସାଢ଼େ ୧୦ଟାରେ ଚିନାଲି ଗୋଇଲୁଣ୍ଡି ଶ୍ରୀନଗର ଛକରେ ଛିଡ଼ା ହୋଇଥିବା ବେଳେ କେହି ଜଣେ ଯୁବକ ତାଙ୍କୁ ଖଣ୍ଡାରେ ଅତର୍କିତ ଆକ୍ରମଣ କରିଛନ୍ତି। ଖଣ୍ଡା ଚୋଟରେ ଚିନାଲିଙ୍କ ମୁଣ୍ଡ ଏବଂ କାନ୍ଧରେ ଗଭୀର ଆଘାତ ଲାଗିଛି। ଗୁରୁତର ଅବସ୍ଥାରେ ତାଙ୍କୁ ଏମ୍‌କେସିଜି ମେଡିକାଲରେ ଭର୍ତ୍ତି କରାଯାଇଛି। ପୋଲିସ ପହଞ୍ଚି ଘଟଣାର ତଦନ୍ତ କରୁଛି। ଅଭିଯୁକ୍ତଙ୍କୁ ଧରିବା ପାଇଁ ବିଭିନ୍ନ ସ୍ଥାନରେ ଚଢାଉ ଜାରି ରଖିଛି।

### ୫ ମହିଳା ଶ୍ରଦ୍ଧାଳୁଙ୍କଠାରୁ ସୁନାଚେନ୍ ଲୁଟ୍

**ଭୁବନେଶ୍ୱର,୧୧।୨(ସୂର୍ଯ୍ୟକାନ୍ତ ବେହେରା):** ବିବାହ ମଣ୍ଡପ ପରେ ଏବେ ରାଜଧାନୀରେ ସଭାସମିତି ଓ ଧାର୍ମିକ କାର୍ଯ୍ୟକ୍ରମରେ ମାତିଲେଣି ଲୁଟେରା। ମଞ୍ଚେଶ୍ୱର ଥାନା ଅନ୍ତର୍ଗତ ରେଲୱେ ପଡ଼ିଆରେ ରବିବାର ସତସଙ୍ଗ କାର୍ଯ୍ୟକ୍ରମ ଚାଲିଥିବାବେଳେ ୫ ମହିଳା ଶ୍ରଦ୍ଧାଳୁଙ୍କ ଠାରୁ ସୁନାଚେନ ଲୁଟ୍ କରି କେତେଜଣ ମହିଳା ଲୁଟେରା ଫେରାର ହୋଇଯାଇଛନ୍ତି। ତେବେ ଏହି କାର୍ଯ୍ୟକ୍ରମରେ ଯୋଗଦେଇଥିବା ମହିଳା ଶ୍ରଦ୍ଧାଳୁ ଜଣେ ଲୁଟେରାଙ୍କୁ ଫେରାରବେଳେ କାବୁ କରି ପୋଲିସ ଜିମା ଦେଇଛନ୍ତି। ଏନେଇ ଲୁଟ୍‌ର ଶିକାର ହୋଇଥିବା ୩ ଜଣ ମହିଳା ମଞ୍ଚେଶ୍ୱର ଥାନାରେ ଅଭିଯୋଗ କରିଥିବା ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି। ପୋଲିସ ତଦନ୍ତ ଜାରି ରଖିଛି। ଅପରପକ୍ଷେ ଏଥିରେ ଏକ ଗ୍ୟାଙ୍ଗ ସମ୍ପୃକ୍ତ ଥିବା ପୋଲିସ ଗିରଫ କରିଥିବା ମହିଳା ଲୁଟେରାଙ୍କୁ ପଚରାଉଚରାବେଳେ ଜାଣିବାକୁ ପାଇଛି।



ଠାକୁର ଅନୁକୂଳଚନ୍ଦ୍ରଙ୍କ ୧୩୬ତମ ଜନ୍ମ ମହୋତ୍ସବରେ ରାଜ୍ୟପାଳ ରଘୁବର ଦାସ ଏବଂ ଶ୍ରୀ ଶ୍ରୀ ଆଚାର୍ଯ୍ୟଦେବ।



ମହୋତ୍ସବରେ ସମବେତ ଶ୍ରଦ୍ଧାଳୁବୃନ୍ଦ।

# ‘ଠାକୁରଙ୍କୁ ନେଇ ଆନନ୍ଦଲାଭ କରିବା ହିଁ ଉତ୍ସବ’

## ଠାକୁର ଅନୁକୂଳଚନ୍ଦ୍ରଙ୍କ ୧୩୬ତମ ଜନ୍ମ ମହୋତ୍ସବ

ଭୁବନେଶ୍ୱର,୧୧।୨(ଶର୍ମିଷ୍ଠା ପାଣିଗ୍ରାହୀ)



ଉତ୍ସବର ସ୍ମରଣିକା ‘ତର୍ପଣ’କୁ ଅତିଥିମାନେ ଉନ୍ମୋଚନ କରୁଛନ୍ତି।

ଠାକୁର ଅନୁକୂଳଚନ୍ଦ୍ରଙ୍କ ୧୩୬ତମ ଜନ୍ମ ମହୋତ୍ସବ ଏବଂ ସ୍ଥାନୀୟ ସତ୍‌ସଙ୍ଗ ବିହାର ୨୯ତମ ଶ୍ରୀବିଗ୍ରହ ପ୍ରତିଷ୍ଠା ଦିବସ ଉତ୍ସବ ରବିବାର ମଞ୍ଚେଶ୍ୱରସ୍ଥିତ ରେଲୱେ ଖେଳପଡ଼ିଆରେ ମହାସମାରୋହରେ ପାଳିତ ହୋଇଯାଇଛି। ସତ୍‌ସଙ୍ଗର ଶ୍ରୀ ଶ୍ରୀ ଆଚାର୍ଯ୍ୟଦେବଙ୍କ ଉପସ୍ଥିତିରେ ଆୟୋଜିତ ଏହି ଭବ୍ୟ ଉତ୍ସବରେ ଭୁବନେଶ୍ୱର ସମେତ ରାଜ୍ୟର ବିଭିନ୍ନ ଅଞ୍ଚଳରୁ ଶ୍ରଦ୍ଧାଳୁ ଯୋଗଦେଇଥିଲେ। ଏହି ଅବସରରେ ଆଶୀର୍ବଚନ ପ୍ରଦାନ କରି ଆଚାର୍ଯ୍ୟଦେବ କହିଲେ ଯେ, ଠାକୁରଙ୍କୁ ନେଇ ଆନନ୍ଦ ଲାଭ କରିବା ପ୍ରତି ଉତ୍ସବର ଲକ୍ଷ୍ୟ। ଏହି ଆନନ୍ଦରେ ସାମିଲ ହେବାକୁ ମୁଁ ଏଠାକୁ ଆସିଛି। ଉତ୍ସବ ପ୍ରାତଃକାଳରୁ ଆରମ୍ଭ ହୋଇ ଉଷାବିନତି, ସଦ୍‌ଗ୍ରନ୍ଥପାଠ, ଭକ୍ତି ସଙ୍ଗୀତ, ପରିବେଷଣ ହୋଇଥିଲା। ସକାଳ ୯ଟାରୁ ଉତ୍ସବର ବିଭିନ୍ନ ମଞ୍ଚରେ କାର୍ଯ୍ୟକ୍ରମମାନ ଆୟୋଜିତ ହୋଇଥିଲା। ମାତୃମଞ୍ଚରେ ମା’ଓ ଝିଅମାନେ ଭକ୍ତି ସଙ୍ଗୀତ, ନୃତ୍ୟ ପରିବେଷଣ ସହ ସଦାଲୋଚନା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ପୂର୍ବାହ୍ନ ୧୧ଟାରେ ଉତ୍ସବର ସ୍ମରଣିକା ‘ତର୍ପଣ’କୁ ଅତିଥିମାନେ ଉନ୍ମୋଚନ କରିଥିଲେ। ସତ୍‌ସଙ୍ଗର ଶ୍ରୀ ଶ୍ରୀ ଆଚାର୍ଯ୍ୟଦେବ ଉତ୍ସବସ୍ଥଳରେ ପହଞ୍ଚିବା ପରେ ଉପସ୍ଥିତ ଶିଷ୍ୟ, ଅନୁରାଗୀ ତାଙ୍କୁ ଦର୍ଶନ ପ୍ରଣାମ କରିଥିଲେ। ରାଜ୍ୟପାଳ ରଘୁବର ଦାସ ଉତ୍ସବରେ ଯୋଗଦେଇ ଶ୍ରୀ ଶ୍ରୀ ଆଚାର୍ଯ୍ୟଦେବଙ୍କୁ ଦର୍ଶନ କରିଥିଲେ। ଏଥିସହ ବିଭିନ୍ନ ରାଜନୈତିକ ବ୍ୟକ୍ତିତ୍ୱ, ସାହିତ୍ୟିକ, କ୍ରୀଡ଼ାବିତ, ବରିଷ୍ଠ ପ୍ରଶାସନିକ ଅଧିକାରୀ ଉତ୍ସବରେ ଯୋଗ ଦେଇଥିଲେ। ଶ୍ରୀଶ୍ରୀ ଆଚାର୍ଯ୍ୟଦେବଙ୍କ ଉପସ୍ଥିତିରେ ଶିବାନନ୍ଦ ପ୍ରସାଦ, ଡା. ବିନାୟକ ମହାପାତ୍ର ଆଲୋଚନା କରିଥିବାବେଳେ ଚକ୍ରଧାରୀ ନାୟକ, ପଣ୍ଡିତ ବଳରାମ ଦାସ, ସିଦ୍ଧାର୍ଥ ଧଳ, ଅମିତାଭ ସାମନ୍ତରାୟ ପ୍ରମୁଖ ଭଜନ ଓ କୀର୍ତ୍ତନ ପରିବେଷଣ କରିଥିଲେ। ଅପରାହ୍ନ ୩ଟାରେ ଦେଓଘରରୁ ଆଗତ ହ୍ୱାଇଟ ବ୍ୟାଣ୍ଡ ପ୍ରଥମ ଥର ପାଇଁ ଭୁବନେଶ୍ୱରରେ ସ୍ପିରିଚୁଆଲ ଅର୍କେଷ୍ଟ୍ରା ପରିବେଷଣ କରିଥିଲେ। ସନ୍ଧ୍ୟାରେ ବିନତି ପ୍ରାର୍ଥନା ପରେ ଶାଶ୍ୱତ ଯୋଗୀ ଓ ତାଙ୍କ ସାଥୀ ଓଡ଼ିଶୀ ନୃତ୍ୟ ସହ ଅନ୍ୟ ପ୍ରାନ୍ତୀୟ ନୃତ୍ୟ ପରିବେଷଣ କରିଥିଲେ। ଦିବସବ୍ୟାପୀ ଦୀକ୍ଷାପତ୍ର କାର୍ଯ୍ୟ ଚାଲିଥିଲା। ସତ୍‌ସଙ୍ଗ ମେଡିକାଲ ଆସୋସିଏଶନ ପକ୍ଷରୁ ମଲ୍ଟିସ୍ପେଶାଲିଟି ହେଲ୍‌ଥ କ୍ୟାମ୍ପ କରାଯାଇଥିଲା। ଏଥିରେ ସହସ୍ରାଧିକ ବ୍ୟକ୍ତିଙ୍କର ମାଗଣା ରୋଗ ପରୀକ୍ଷା କରାଯିବା ସହ ଔଷଧ ବଣ୍ଟନ କରାଯାଇଥିଲା। ସତ୍‌ସଙ୍ଗୀ ସାମ୍ବାଦିକ ସାମ୍ମୁଖ୍ୟ ପକ୍ଷରୁ ସମସ୍ତଙ୍କୁ ଚା’ ବିସ୍କୁଟ ବିତରଣ କରାଯାଇଥିଲା। ଦିବସ ଏବଂ ରାତିରେ ଆୟୋଜିତ ଭଣ୍ଡାରାରେ ୩୦ହଜାରରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁ ଏବଂ ଅନୁରାଗୀ ଯୋଗଦେଇ ପ୍ରସାଦ ସେବନ କରିଥିଲେ।



ଅଯୋଧ୍ୟାର ଶ୍ରୀରାମଲାଲାଙ୍କ ମନ୍ଦିରରେ ଶୋଭାପାଇବାକୁ ଥିବା ସୋଲଫୁଲ ପ୍ରସ୍ତୁତିରେ ନିମଗ୍ନ ଖୋର୍ଦ୍ଧା ଗୁରୁଜଙ୍ଗ ଭୋଇସାହିର କାରିଗର।

# ଅଯୋଧ୍ୟା ଯିବ ଗୁରୁଜଙ୍ଗ ସୋଲଫୁଲ

ଖୋର୍ଦ୍ଧା,୧୧।୨(ପ୍ରଭାତ ପାଣିଗ୍ରାହୀ)

## ଶ୍ରୀରାମଲାଲାଙ୍କ ମନ୍ଦିରରେ ଶୋଭାପାଇବ

ଅଯୋଧ୍ୟାର ଶ୍ରୀରାମଲାଲାଙ୍କ ମନ୍ଦିରରେ ଶୋଭାପାଇବ ସୋଲଫୁଲ। ଏହି ଫୁଲକୁ ପ୍ରସ୍ତୁତ କରିଛନ୍ତି ଖୋର୍ଦ୍ଧା ଗୁରୁଜଙ୍ଗ ଭୋଇସାହିର ରାଜକିଶୋର ଓ ବୀରକିଶୋର ଭୋଇଙ୍କ ପରିବାର। ନିଷ୍ଠାର ସହ ଏହାକୁ ସପରିବାର ପ୍ରସ୍ତୁତ କରିଛନ୍ତି। ସୋଲରେ ପ୍ରସ୍ତୁତ ହୋଇଛି କଦମ୍ବ ସେବତୀ ଆଦି ଭଳିକି ଭଳି ଫୁଲ। ଦୀର୍ଘ ୨୩ବର୍ଷ ଧରି ଶ୍ରୀକ୍ଷେତ୍ରରେ ଗୁଣ୍ଡିଚା ଯାତ୍ରା ସମୟରେ ୩ରଥ ସୋଲଫୁଲରେ ସଜାଇଥାନ୍ତି ଏହି ପରିବାର। ଏବେ ଶ୍ରୀରାମଲାଲାଙ୍କ ମନ୍ଦିର ପାଇଁ ସୋଲ ଫୁଲ ପ୍ରସ୍ତୁତ କରି ଚର୍ଚ୍ଚାରେ ରହିଛନ୍ତି। ଦୀର୍ଘଦିନର ପରିଶ୍ରମ ସ୍ୱରୂପ ଏହି ଫୁଲ ପ୍ରସ୍ତୁତ କରିଥିବା ବେଳେ ଶ୍ରୀରାମଲାଲାଙ୍କ ନିକଟରେ ଏହାକୁ ଅର୍ପଣ ନେଇ ବେଶ ଉତ୍ସାହିତ ରହିଛନ୍ତି। ଏନେଇ ରାଜକିଶୋର କହିଛନ୍ତି, ଏହା ସୌଭାଗ୍ୟର କଥା। ଆମ ହାତ ତିଆରି ସୋଲଫୁଲରେ ଶ୍ରୀରାମଙ୍କ ମନ୍ଦିର ସଜେଇବା ପାଇଁ ମନରେ ଉତ୍କଣ୍ଠା ରହିଛି। ପୂର୍ବରୁ ଶ୍ରୀକ୍ଷେତ୍ରରେ ୩ରଥରେ ଫୁଲ ସଜାଇବା ବେଳେ ଯେପରି ଅପୂର୍ବ ଆନନ୍ଦ ରହିଥାଏ। ସେଭଳି ମନରେ ଆନନ୍ଦ ରହିଛି। ଫୁଲ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଖୁବଶୀଘ୍ର ରାଜକିଶୋର ଓ ବୀରକିଶୋର ଅଯୋଧ୍ୟା ଅଭିମୁଖେ ଯାତ୍ରା କରିବେ ବୋଲି କହିଛନ୍ତି। ଏହି ଦୁଇ ଭାଇଙ୍କ ପ୍ରୟାସକୁ ସ୍ଥାନୀୟଲୋକେ ପ୍ରଂଶସା କରିଛନ୍ତି।

### ଉଦ୍ଧାର ହରିଣ ବନ ବିଭାଗକୁ ହସ୍ତାନ୍ତର

**କଣାସ,୧୧।୨(ବିଭୂତି ଭୂଷଣ ତ୍ରିପାଠୀ):** କଣାସ ବ୍ଲକ ଅଧୀନ ପାଣ୍ଡିଆକେରା ଗ୍ରାମ ପଞ୍ଚାୟତର ଘରଛୁଆ ଗ୍ରାମରୁ ଏକ ହରିଣକୁ ଗ୍ରାମବାସୀ ଉଦ୍ଧାର କରି ରବିବାର ବନ ବିଭାଗକୁ ହସ୍ତାନ୍ତର କରିଛନ୍ତି। ଖବର ନେବାରେ ଜଣାପଡିଛି, ଗୋଟିଏ ହରିଣ ରବିବାର ମଧ୍ୟାହ୍ନ ସମୟରେ ଗ୍ରାମର ଗହିରରେ ବୁଲୁଥିବା ସମୟରେ କେତେକ କୁକୁର ତାକୁ ଗୋଡ଼ାଇବାର ଦେଖି ଗ୍ରାମର କେତେ ଜଣ ଯୁବକ ହରିଣକୁ ଉଦ୍ଧାର କରିଥିଲେ। ଉଦ୍ଧାର ପରେ ଗ୍ରାମବାସୀ ଡେଲାଙ୍ଗ ରେଞ୍ଜର ଶାନ୍ତନୁ ଦଳାଇଙ୍କୁ ଟେଲିଫୋନ ଯୋଗେ ଜଣାଇବାରୁ ସେ ବନ ବିଭାଗର କେତେକ କର୍ମଚାରୀଙ୍କୁ ଘଟଣା ସ୍ଥଳକୁ ପଠାଇଥିଲେ। ବନ ବିଭାଗ କର୍ମଚାରୀ ହରିଣକୁ ଉଦ୍ଧାର କରି ସଙ୍ଗରେ ନେଇଯାଇଥିଲେ।



## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

### ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ମୃତ୍ୟୁଞ୍ଜୟ



@ ଶିବାନୀ



@ ଜୟ



@ କୃଷ୍ଣ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟ ବିବେଚିତ ଫଟୋ ପ୍ରକାଶ ପାଇବ।

# ଯୁବକଙ୍କ ହୃତ୍‌ପିଣ୍ଡରୁ ବାହାରିଲା ୪.୫ ଇଞ୍ଚର ଛୁଞ୍ଚି

## ଏସ୍‌ସିବି ମେଡିକାଲରେ ସଫଳ ଅସ୍ତ୍ରୋପଚାର

କଟକ,୧୧।୨(ଶିଳ୍ପା ପ୍ରିୟଦର୍ଶିନୀ)



ଏସ୍‌ସିବି ମେଡିକାଲ କାର୍ଡିଓ ଥୋରାସିସ ଆଣ୍ଡ୍ ଭାସ୍କୁଲାର ସର୍ଜରି(ସିଟିଭିଏସ୍) ବିଭାଗରେ ରବିବାର ଏକ ଜଟିଳ ଅସ୍ତ୍ରୋପଚାର ସଫଳ ହୋଇଛି । ଭୁବନେଶ୍ୱର ଭିଏସ୍‌ଏସ୍ ନଗର ଅଞ୍ଚଳର ନିବାସ ଶର୍ମା(୩୧) ଶୋଇଥିବାବେଳେ ଅସାବଧାନତାବଶତଃ ତାଙ୍କ ଛାତିରେ ୪.୫ ଇଞ୍ଚର ଏକ ଛୁଞ୍ଚି ଭୁଷି ହୋଇଯାଇଥିଲା। ଯନ୍ତ୍ରଣା ଅନୁଭବ କରିବାରୁ ତାଙ୍କୁ ପ୍ରଥମେ ପରିବାର ଲୋକେ କ୍ୟାପିଟାଲ ହସ୍ପିଟାଲ ନେଇଥିଲେ। ମାତ୍ର ସେଠାରେ ଅସ୍ତ୍ରୋପଚାର ହୋଇପାରିବ ନାହିଁ ବୋଲି ନିବାସଙ୍କ ପରିବାର ଲୋକଙ୍କୁ କୁହାଯାଇଥିଲା। ପରେ ନିବାସଙ୍କୁ ଏମ୍ସ ହସ୍ପିଟାଲ ପଠାଯାଇଥିଲା। ଅସ୍ତ୍ରୋପଚାର ପାଇଁ ଲକ୍ଷାଧିକ ଟଙ୍କା ଖର୍ଚ୍ଚ ହେବ ବୋଲି ନିବାସଙ୍କ ପରିବାର ଲୋକଙ୍କୁ ଡାକ୍ତର କହିଥିଲେ। ଏହାପରେ ନିବାସ ଶନିବାର ଏସ୍‌ସିବି ମେଡିକାଲ ଆସିଥିଲେ। ତାଙ୍କୁ ସିଟିଭିଏସ୍ ବିଭାଗରେ ଭର୍ତ୍ତି କରାଯାଇଥିଲା। ରବିବାର ଏକ ସ୍ୱତନ୍ତ୍ର ଡାକ୍ତରୀ ଟିମ୍ ଅସ୍ତ୍ରୋପଚାର କରି ନିବାସଙ୍କର ହୃତ୍‌ପିଣ୍ଡର ବାମଭାଗରେ ରହିଥିବା ଛୁଞ୍ଚିକୁ କାଢିଥିଲେ। ସିଟିଭିଏସ୍ ବିଭାଗର ମୁଖ୍ୟ ପ୍ରଫେସର ଡା. ମନୋଜ ପଟ୍ଟନାୟକଙ୍କ ନେତୃତ୍ୱରେ ଏହି ଅସ୍ତ୍ରୋପଚାର କରାଯାଇଛି। ସମ୍ପୃକ୍ତ ଯୁବକଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ରହିଥିବା ମେଡିକାଲ ପକ୍ଷରୁ ସୂଚନା ମିଳିଛି। ଏନେଇ ମେଡିକାଲ କର୍ତ୍ତୃପକ୍ଷଙ୍କ ମତାମତ ମିଳିପାରିନାହିଁ।

# ଲକ୍ଷ୍ମୀ ମୁର୍ଦ୍ଦେଶ୍ୱର ପୁରୀଙ୍କୁ କେଏଲ୍‌ଏଫ୍ ପୁରସ୍କାର

ଭୁବନେଶ୍ୱର,୧୧।୨(ଶର୍ମିଷ୍ଠା ପାଣିଗ୍ରାହୀ)

- ଉଷା ଉଥୁପଙ୍କୁ ନ୍ୟାଶନାଲ ଲିଭିଂ ଲିଜେଣ୍ଡ ଆୱାର୍ଡ
- କଳିଙ୍ଗ ସାହିତ୍ୟ ମହୋତ୍ସବର ଦଶମ ସଂସ୍କରଣ ଉଦ୍‌ଯାପିତ





‘‘ସ୍ୱାଲୋୱିଙ୍ଗ ଦି ସନ୍’ ପୁସ୍ତକ ସମ୍ପର୍କରେ ଆଲୋଚନା ଅବସରରେ ଅତିଥିମାନେ।

କଳିଙ୍ଗ ସାହିତ୍ୟ ମହୋତ୍ସବ (କେଏଲ୍‌ଏଫ୍)ର ଦଶମ ସଂସ୍କରଣ ରବିବାର ସ୍ଥାନୀୟ ଏକ ହୋଟେଲରେ ଉଦ୍‌ଯାପିତ ହୋଇଯାଇଛି। ଏହି ଅବସରରେ ସାହିତ୍ୟ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ସୁପରିଚିତ ଲେଖକ ଲକ୍ଷ୍ମୀ ମୁର୍ଦ୍ଦେଶ୍ୱର ପୁରୀଙ୍କୁ କଳିଙ୍ଗ ସାହିତ୍ୟ ପୁରସ୍କାର-୨୦୨୪ ପ୍ରଦାନ କରାଯାଇଛି। ସେହିପରି ସଙ୍ଗୀତ ଜଗତରେ ଉଲ୍ଲେଖନୀୟ ପ୍ରଭାବ ପାଇଁ କିମ୍ବଦନ୍ତୀ ଗାୟିକା ଉଷା ଉଥୁପଙ୍କୁ ନ୍ୟାଶନାଲ ଲିଭିଂ ଲିଜେଣ୍ଡ ଆୱାର୍ଡ-୨୦୨୪ରେ ସମ୍ମାନିତ କରାଯାଇଛି। ଉଦୟ ପ୍ରକାଶ ଓ ସତ୍ୟ ବ୍ୟାସଙ୍କୁ କେଏଲ୍‌ଏଫ୍ ବୁକ ଆୱାର୍ଡ, ବିହାଗ ବୈଭବ, ପ୍ରଭାତ ରଞ୍ଜନଙ୍କୁ କେଏଲ୍‌ଏଫ୍ ପୁସ୍ତକ ପୁରସ୍କାର ଦିଆଯାଇଥିଲା। ଇଂଲିଶ ବର୍ଗରେ ବୌହିନୀ ଭରା, ମନୋଜ ମିଟ୍ଟା, ରବିନ ଏସ୍ ନାଗନଗୋମ, ଜିଜେଭି ପ୍ରସାଦ, ବିଜଲ ବଛାରାଜାନୀ, ରାଜୀବ ଇପେ, ଡ. ଅକ୍ଷତ ରାଥି ଏବଂ ସୋହିନୀ ଚଟ୍ଟୋପାଧ୍ୟାୟ ବିଜେତା ହୋଇଥିଲେ। ଭାରତୀୟ ଚଳଚ୍ଚିତ୍ର ନିର୍ଦ୍ଦେଶକ ରାହୁଲ ରାୱାଇଲ ଏହି ଉତ୍ସବର ଦୁଇଟି ଅଧିବେଶନରେ ଯୋଗଦେଇ ରାଜ କପୁରଙ୍କ ସହ ଆଲୋଚନା କରିଥିଲେ। ଲକ୍ଷ୍ମୀ ମୁର୍ଦ୍ଦେଶ୍ୱର ପୁରୀଙ୍କ ପ୍ରଥମ ଉପନ୍ୟାସ ‘ସ୍ୱାଲୋୱିଙ୍ଗ ଦି ସନ୍’ ପୁସ୍ତକ ନେଇ ଏକ ଅଧିବେଶନରେ କନିଷ୍କା ଗୁପ୍ତା ଉକ୍ତ ପୁସ୍ତକର ବିଷୟବସ୍ତୁ ବିଷୟରେ ଆଲୋକପାତ କରିଥିଲେ। ପ୍ରଭାତ ରଞ୍ଜନଙ୍କ ସଂଯୋଜନାରେ ଅନୁଷ୍ଠିତ ଅନ୍ୟ ଏକ ଅଧିବେଶନରେ ହିନ୍ଦୀ ସାହିତ୍ୟର ପରୀକ୍ଷଣ ଉପରେ ଆଲୋକପାତ କରାଯାଇଥିଲା। ପ୍ୟାନେଲିଷ୍ଟ ପ୍ରତାପ ସୋମବଂଶୀ, ଅବିନାଶ ଦାସ ଏବଂ ଅବିନାଶ ମିଶ୍ର ହିନ୍ଦୀ କବିତାରେ ବିକଶିତ ସ୍ୱର ଉପରେ ଆଲୋଚନା କରି ଉଦୀୟମାନ ଲେଖକଙ୍କୁ ପରିବର୍ତ୍ତନ ଓ ପରୀକ୍ଷଣକୁ ଗ୍ରହଣ କରିବାକୁ ଉତ୍ସାହିତ କରିଥିଲେ। ଓଡ଼ିଆ ଲେଖକ ଅଶ୍ୱିନୀ କୁମାର, ଅଂଶୁମାନ କର, ରବୀନ୍ଦ୍ର କେ ସ୍ୱାଇଁ, ଦୁର୍ଗା ପ୍ରସାଦ ପଣ୍ଡା ଓ କେଦାର ମିଶ୍ରଙ୍କୁ ନେଇ ଗଠିତ ପ୍ୟାନେଲିଷ୍ଟମାନେ ଅଶ୍ୱିନୀ କୁମାରଙ୍କ ଦ୍ୱାରା ସମ୍ପାଦିତ କବି ଜୟନ୍ତ ମହାପାତ୍ରଙ୍କ ସ୍ମୃତିରେ ରଚିତ କବିତା ସଂକଳନ ‘ବର୍ଷାର ସୁଗନ୍ଧ’ ଉପରେ ଆଲୋକପାତ କରିଥିଲେ। ଉଷା ଉଥୁପ କହିଥିଲେ, ମୁଁ କେବେ ବି ସମୟ ସହ ଯୁଦ୍ଧ କରେ ନାହିଁ। ମୁଁ ପ୍ରତ୍ୟେକ ମୁହୂର୍ତ୍ତକୁ ଆଲିଙ୍ଗନ କରେ। ଓଡ଼ିଆ ସଙ୍ଗୀତ ପ୍ରତି ନିଜର ଭଲପାଇବା ନେଇ ସେ ହସି କହିଥିଲେ, ସୁଯୋଗ ମିଳିଲେ ମୁଁ କିଛି ଓଡ଼ିଆ ଗୀତ ଗାଇ ଆନନ୍ଦିତ ହେବି। ଶେଷରେ ମହୋତ୍ସବର ପ୍ରତିଷ୍ଠାତା ରଶ୍ମିରଞ୍ଜନ ପରିଡ଼ା ଧନ୍ୟବାଦ ଜଣାଇଥିଲେ।

## ସଂକ୍ଷେପରେ

### ଏନ୍‌ସିପିକୁ ଛଡ଼ାଇନେଲେ ଇସି: ପାୱାର



**ମୁମ୍ବାଇ,୧୧।୨**

ଭାରତର ନିର୍ବାଚନ କମିଶନ (ଇସି) ମହାରାଷ୍ଟ୍ର ଉପମୁଖ୍ୟମନ୍ତ୍ରୀ ଅଜିତ ପାୱାରଙ୍କ ଗୋଷ୍ଠୀକୁ ଅସଲ ଜାତୀୟତାବାଦୀ କଂଗ୍ରେସ ପାର୍ଟି (ଏନ୍‌ସିପି) ମାନ୍ୟତା ଦେବାର ୫ ଦିନ ପରେ ମୁହଁ ଖୋଲିଛନ୍ତି ମହାରାଷ୍ଟ୍ର ରାଜନୀତିର ଚାଣକ୍ୟ ଶରଦ ପାୱାର। ଅସନ୍ତୁଷ୍ଟ ପାୱାର କହିଛନ୍ତି, ଏନ୍‌ସିପି ପ୍ରତିଷ୍ଠାତାଙ୍କ ହାତରୁ ଦଳକୁ ଛଡ଼ାଇ ନିଆଯାଇଛି। ଦଳ ପ୍ରତିଷ୍ଠା ଓ ସଂଗଠନକୁ ମଜଭୂତ କରିଥିବା ଲୋକଙ୍କଠାରୁ ଇସି ଏହାକୁ ନେଇ ଅନ୍ୟମାନଙ୍କ ହାତରେ ଧରାଇ ଦେଇଛନ୍ତି। ପୂର୍ବରୁ ଏଭଳି କେବେ ଦେଖାଯାଇ ନ ଥିଲା। ପୁତୁରା ଅଜିତଙ୍କ ଗୋଷ୍ଠୀକୁ ଇସି ଏନ୍‌ସିପି ମାନ୍ୟତା ଦେଇ ପାୱାରଙ୍କ ଗୋଷ୍ଠୀର ଦଳକୁ ଏନସିପି-ଶରଦଚନ୍ଦ୍ର ପାୱାର ନାଁ ଦେଇଥିଲେ। ମହାରାଷ୍ଟ୍ରରେ ରାଜ୍ୟ ସଭା ନିର୍ବାଚନ ପୂର୍ବରୁ ଆୟୋଗଙ୍କ ଏହି ପଦକ୍ଷେପକୁ ପାୱାର ଗୋଷ୍ଠୀ ଗଣତନ୍ତ୍ରର ହତ୍ୟା ଭାବେ ଅଭିହିତ କରିଛନ୍ତି।

### ଜିପିଏସ୍ ଆଧାରିତ ଟୋଲ୍ ସଂଗ୍ରହ ଖୁବ୍‌ଶୀଘ୍ର

**ନୂଆଦିଲ୍ଲୀ,୧୧।୨:** ସୁବିଧାଜନକ ଯାତାୟାତରେ ବାଧା ସୃଷ୍ଟି କରୁଥିବା ଟୋଲ୍ ପ୍ଲାଜାଗୁଡ଼ିକୁ ହଟାଇ ଦିଆଯିବ। ଏହା ବଦଳରେ ଜାତୀୟ ରାଜପଥଗୁଡ଼ିକରେ ଜିପିଏସ୍ ଆଧାରିତ ଟୋଲ ସଂଗ୍ରହ ବ୍ୟବସ୍ଥା ଆରମ୍ଭ ହେବ ବୋଲି କେନ୍ଦ୍ର ସଡ଼କ ପରିବହନ ଓ ଜାତୀୟ ରାଜପଥ ମନ୍ତ୍ରୀ ନିତୀନ ଗଡ଼କରୀ କହିଛନ୍ତି। ଆସନ୍ତା ଏପ୍ରିଲ ସୁଦ୍ଧା ଏହା କାର୍ଯ୍ୟକାରୀ ହେବାକୁ ଯାଉଛି। ଏଥିପାଇଁ ସରକାର ପରାମର୍ଶଦାତା ନିଯୁକ୍ତ କରିଛନ୍ତି। ଫାସ୍‌ଟାଗ୍ ସହ ଏହି ବ୍ୟବସ୍ଥା ପାଇଲଟ୍ ଭିତ୍ତିରେ କାର୍ଯ୍ୟକାରୀ ହେବ। ରାସ୍ତାର ଗାଡ଼ି ଭିଡ଼ କମାଇବା ଏବଂ ଜାତୀୟ ରାଜପଥରେ ଜଣେ ଗାଡ଼ିଚାଳକ ଯେତିକି ରାସ୍ତା ଅତିକ୍ରମ କରିଛି, ସେହି ଅନୁଯାୟୀ ତାଙ୍କଠାରୁ ଟୋଲ ସଂଗ୍ରହ କରିବା ଜିପିଏସ୍ ଆଧାରିତ ଟୋଲ୍ ସଂଗ୍ରହ ବ୍ୟବସ୍ଥାର ଲକ୍ଷ୍ୟ। ବର୍ତ୍ତମାନ ଭାରତର ଜାତୀୟ ରାଜପଥ କର୍ତ୍ତୃପକ୍ଷ (ଏନ୍‌ଏଚ୍‌ଏଆଇ)ର ଟୋଲ ସଂଗ୍ରହ ୪୦ ହଜାର କୋଟି ଟଙ୍କା ରହିଥିବାବେଳେ ୨-୩ ବର୍ଷରେ ଏହା ୧.୪୦ ଲକ୍ଷ କୋଟି ଟଙ୍କାକୁ ବୃଦ୍ଧି ପାଇବ ବୋଲି ଗଡ଼କରୀ ପୂର୍ବରୁ କହିଥିଲେ।

### ଆଜି ଲକ୍ଷେ ନିଯୁକ୍ତିପତ୍ର ବାଣ୍ଟିବେ ପ୍ରଧାନମନ୍ତ୍ରୀ

**ନୂଆଦିଲ୍ଲୀ, ୧୧।୨:** ସୋମବାର ଭିଡିଓ କନ୍‌ଫରେନ୍ସ ମାଧ୍ୟମରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରୋଜଗାର ମେଳାକୁ ସମ୍ବୋଧନ କରିବେ। ଏହି ଅବସରରେ ସାରା ଦେଶରୁ ସରକାରୀ ଚାକିରି ନିମନ୍ତେ ମନୋନୀତ ହୋଇଥିବା ଏକ ଲକ୍ଷ ପ୍ରାର୍ଥୀ ନିଯୁକ୍ତି ପତ୍ର ଗ୍ରହଣ କରିବେ। ଦେଶର ୪୭ଟି ସ୍ଥାନରେ ଏହି ରୋଜଗାର ମେଳା ଆୟୋଜନ କରାଯାଉଛି। ଏହି ପଦକ୍ଷେପ ଅନୁଯାୟୀ କେନ୍ଦ୍ର ସରକାରଙ୍କ ବିଭିନ୍ନ ମନ୍ତ୍ରଣାଳୟ ଓ ବିଭାଗରେ ନିଯୁକ୍ତି ପାଇବେ ନୂତନ ପ୍ରାର୍ଥୀ। ଗୃହ ମନ୍ତ୍ରଣାଳୟ, ରେଳ ମନ୍ତ୍ରଣାଳୟ, ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ମନ୍ତ୍ରଣାଳୟ, ଆଦିବାସୀ ବ୍ୟାପାର ମନ୍ତ୍ରଣାଳୟ, ପ୍ରତିରକ୍ଷା ମନ୍ତ୍ରଣାଳୟ, ରାଜସ୍ୱ ବିଭାଗ, ଉଚ୍ଚଶିକ୍ଷା ବିଭାଗ, ବିମାନ ସେବା ଆଦି ବିଭାଗର ବିଭିନ୍ନ ପଦରେ ନିଯୁକ୍ତି ପାଇବେ ମନୋନୀତ ହୋଇଥିବା ଯୁବତୀଯୁବକ।

### ରୁଷୀୟ ଜେଲରେ ୟୁକ୍ରେନୀୟ ଗୁପ୍ତଚରଙ୍କ ମୃତ୍ୟୁ

**ମସ୍କୋ,୧୧।୨:** ରୁଷିଆର ଏକ ଜେଲରେ ଥିବା ଜଣେ ବିଚାରାଧୀନ ଗୁପ୍ତଚର ଅଭିଯୁକ୍ତଙ୍କ ମୃତ୍ୟୁ ଘଟିଛି। ୭୧ ବର୍ଷୀୟ ଭିକ୍ଟର ଡେମ୍ ଚେଙ୍କୋ ଗୁପ୍ତଚରଗିରି କରୁଥିବା ନେଇ ରୁଷୀୟ କର୍ତ୍ତୃପକ୍ଷ ତାଙ୍କ ମୋବାଇଲ ନମ୍ବର ଯାଞ୍ଚ କରି ଜାଣିବାକୁ ପାଇଥିଲେ। ୟୁକ୍ରେନର ମୋସ୍କିନୋ ସହରରେ ଜନ୍ମିତ ଭିକ୍ଟରଙ୍କୁ ୨୦୨୩ ମାର୍ଚ୍ଚରୁ ଗିରଫ କରାଯାଇ ଜେଲରେ ରଖାଯାଇଥିଲା। ପରେ ତାଙ୍କୁ ରୋସ୍ତୋଭନ-ଡନ୍‌ସ୍ଥିତ ଏକ ଜେଲରେ ରଖି ମାମଲାର ବିଚାର ଚାଲିଥିଲା। ଗତ ଡିସେମ୍ବର ୩୧ରେ ତାଙ୍କ ମୃତ୍ୟୁ ଘଟିଥିବା ରବିବାର ରୁଷିଆର ଅଧିକାରୀମାନେ ସୂଚନା ଦେଇଛନ୍ତି। ମୃତ୍ୟୁ ଖବରକୁ ସରକାର ଏତେଦିନ ଚାପି ରଖିବାକୁ ନେଇ ସନ୍ଦେହ ସୃଷ୍ଟି ହୋଇଛି।

# ମୁଣ୍ଡ ଟେକୁଛି ଚାଷୀ ଆନ୍ଦୋଳନ

## ଏମ୍‌ଏସ୍‌ପି ଦାବି: ୧୩ରେ ଦିଲ୍ଲୀ ଚଲୋ, ୧୬ରେ ଭାରତ ବନ୍ଦ

**ନୂଆଦିଲ୍ଲୀ,୧୧।୨**

୨୦୨୦ ସେପ୍ଟେମ୍ବର ୨୭ରେ କେନ୍ଦ୍ର ସରକାର ୩ଟି କୃଷି ଆଇନ ପ୍ରଣୟନ କରିଥିଲେ। ସେଗୁଡ଼ିକ ହେଲା କୃଷକଙ୍କ ଉତ୍ପାଦ ବ୍ୟାପାର ଓ ବାଣିଜ୍ୟ (ପ୍ରୋତ୍ସାହନ ଓ ସରଳୀକରଣ) ଆଇନ, କୃଷକ (ସଶକ୍ତୀକରଣ ଓ ପ୍ରୋତ୍ସାହନ) ମୂଲ୍ୟ ଆଶ୍ୱାସନା ଓ କୃଷି ସେବା ଚୁକ୍ତି ସମ୍ପର୍କିତ ଆଇନ ଏବଂ ଅତ୍ୟାବଶ୍ୟକ ସାମଗ୍ରୀ (ସଂଶୋଧନ)। ଏହାକୁ ନେଇ ସାରା ଦେଶର କୃଷକମାନେ ଆନ୍ଦୋଳନ କରିଥିଲେ। କୃଷି ଆଇନରେ ଉତ୍ପାଦିତ ସାମଗ୍ରୀର ସର୍ବନିମ୍ନ ସହାୟକ ମୂଲ୍ୟ (ଏମ୍‌ଏସ୍‌ପି) ବ୍ୟବସ୍ଥା ନ ଥିବା ଏବଂ ଖାଦ୍ୟଶସ୍ୟ ଦର ନିର୍ଦ୍ଧାରଣ ଉପରେ ବୃହତ୍ ଶିଳ୍ପଗୋଷ୍ଠୀଙ୍କ ଏକଚାଟିଆ ଅଧିକାର ରହିବା ଆଶଙ୍କା କରି ଦିଲ୍ଲୀର ସିଙ୍ଘୁ, ଟିକ୍ରି ଓ ଗାଜିପୁର ସୀମାରେ ପ୍ରାୟ ବର୍ଷେ ଧରି ଏହି ଆନ୍ଦୋଳନ ଚାଲିଥିଲା। ଶେଷରେ ୨୦୨୧ ନଭେମ୍ବର ୧୯ରେ ସରକାର କୃଷକଙ୍କ ଦାବି ଆଗରେ ମୁଣ୍ଡ ନୁଆଁଇ ୩ ବିବାଦୀୟ ଆଇନ ପ୍ରତ୍ୟାହାର ଘୋଷଣା କରିଥିଲେ। ସେତେବେଳେ ସରକାର ଚାଷୀମାନଙ୍କୁ ଏମ୍‌ଏସ୍‌ପି ଆଇନ ଆଣିବା ନେଇ ମଧ୍ୟ ପ୍ରତିଶ୍ରୁତି ଦେଇଥିଲେ। କିନ୍ତୁ ଏମ୍‌ଏସ୍‌ପି ଉପରେ ଅଦ୍ୟାବଧି କୌଣସି ଆଇନ ଅଣାଯାଇ ନ ଥିବାରୁ ପୁଣି ଥରେ ଦେଶରେ କୃଷକ ଆନ୍ଦୋଳନ ମୁଣ୍ଡ ଟେକିଛି।

ଉତ୍ତର ପ୍ରଦେଶ, ହରିୟାଣା ଓ ପଞ୍ଜାବର କୃଷକମାନେ ଫେବୃଆରୀ ୧୩ରେ 'ଦିଲ୍ଲୀ ଚଲୋ' ଆହ୍ୱାନ ଦେଇଛନ୍ତି। ସଂଯୁକ୍ତ କିଷାନ ମୋର୍ଚ୍ଚା (ଏସ୍‌କେଏମ୍) ଏବଂ କିଷାନ ମଜଦୁର ମୋର୍ଚ୍ଚା (କେଏମ୍‌ଏମ୍) ସମେତ ୨୬ଟି କୃଷକ ସଂଗଠନ ପକ୍ଷରୁ ଆସନ୍ତା ୧୬ରେ 'ଭାରତ ବନ୍ଦ' ପାଇଁ ମଧ୍ୟ ଡାକରା ଦିଆଯାଇଛି। ଏହି ୩ କୃଷିବହୁଳ ରାଜ୍ୟ ସମେତ ଦେଶର ବିଭିନ୍ନ ଭାଗରୁ ପ୍ରାୟ ୨୦୦ କୃଷକ ସଂଗଠନର ୨୦ ହଜାର ଚାଷୀ ଏମ୍‌ଏସ୍‌ପି ଆଇନ ଦାବିରେ ଦିଲ୍ଲୀରେ ଏକତ୍ରିତ ହୋଇ ବିକ୍ଷୋଭ ପ୍ରଦର୍ଶନ କରିବେ ବୋଲି ଘୋଷଣା କରିଛନ୍ତି। ଏହାକୁ ଦୃଷ୍ଟିରେ ରଖି ଦିଲ୍ଲୀ ପୋଲିସ ଜାତୀୟ ରାଜଧାନୀର ଉତ୍ତରପୂର୍ବ ଜିଲାରେ ୧୪୪ ଧାରା ଜାରି କରିଛି। କାହାକୁ ଆଇନଶୃଙ୍ଖଳା ଭଙ୍ଗ ପାଇଁ ଅନୁମତି ଦିଆଯିବ ନାହିଁ ବୋଲି ନର୍ଥଇଷ୍ଟ ପୋଲିସ ଡେପୁଟି କମିଶନର ଜୟ ତିର୍କୀ ସ୍ପଷ୍ଟ କରିଛନ୍ତି। ଦିଲ୍ଲୀ ସୀମାଗୁଡ଼ିକୁ ସିଲ୍ କରିଦିଆଯାଇଛି। ହରିୟାଣା, ପଞ୍ଜାବ, ୟୁପି, ରାଜସ୍ଥାନ, ଉତ୍ତରାଖଣ୍ଡ ଏବଂ ମଧ୍ୟପ୍ରଦେଶରୁ ଆସୁଥିବା ଟ୍ରାକ୍ଟର, ଟ୍ରଲି, ବସ୍, କମର୍ସିଆଲ ଭେହିକିଲ ଓ ଘୋଡ଼ାଗୁଡ଼ିକରେ ଆସୁଥିବା ବିକ୍ଷୋଭକାରୀଙ୍କୁ ଦିଲ୍ଲୀକୁ ପ୍ରବେଶ କରିବାକୁ ଦିଆଯିବ ନାହିଁ ବୋଲି ପୋଲିସ ପକ୍ଷରୁ ଜାରି ଏକ ବିବୃତିରେ କୁହାଯାଇଛି। ହରିୟାଣା ପୋଲିସ ଯାତ୍ରୀମାନଙ୍କୁ ଭିନ୍ନ ରାସ୍ତା ଦେଇ ଯାତାୟାତ କରିବାକୁ ପରାମର୍ଶ ଦେଇଛି। ଏଥିସହ ବିକ୍ଷୋଭରେ ସାମିଲ ହେବାକୁ ଯାଉଥିବା କୃଷକମାନଙ୍କ ପାସ୍‌ପୋର୍ଟ ମଧ୍ୟ ରଦ୍ଦ କରାଯିବ ବୋଲି ଚେତାବନୀ ଦେଇଛି। ଏସ୍‌କେଏମ୍ (ଅଣରାଜନୈତିକ) ନେତା ଜଗଜିତ ସିଂ ଦଲେୱାଲ କହିଛନ୍ତି, ଦିଲ୍ଲୀକୁ ଯିବା ପାଇଁ ହରିୟାଣାର ଖଟ୍ଟାର ସରକାର ପଥ ଅବରୋଧ କରିବା ନିନ୍ଦନୀୟ ଓ ଦୁର୍ଭାଗ୍ୟଜନକ। ଆମେ ଆଲୋଚନା ପାଇଁ ପ୍ରସ୍ତୁତ। କିନ୍ତୁ ସରକାର ସମାଧାନର ପନ୍ଥା ବାହାର ନ କରି ଆତଙ୍କ ସୃଷ୍ଟି କରୁଛନ୍ତି। ୨୦୨୦-୨୧ରେ ଆନ୍ଦୋଳନ ବେଳେ କୃଷକମାନଙ୍କ ବିରୋଧରେ ରୁଜୁ ମାମଲାଗୁଡ଼ିକୁ ପ୍ରତ୍ୟାହାର କରିବାକୁ ସରକାର ପ୍ରତିଶ୍ରୁତି ଦେଇଥିଲେ, ଯାହାକି ଅଦ୍ୟାବଧି ପ୍ରତ୍ୟାହୃତ ହୋଇନାହିଁ। ଏମ୍‌ଏସ୍‌ପିର ଆଇନଗତ ଗ୍ୟାରେଣ୍ଟି ସମେତ ସ୍ୱାମୀନାଥନ୍ କମିଶନ ସୁପାରିସ କରିଥିବା କୃଷକ ଓ କୃଷି ଶ୍ରମିକମାନଙ୍କ ପାଇଁ ପେନ୍‌ସନ, କୃଷିଋଣ ଛାଡ଼, ଲଖିମପୁର ଖେରି ହିଂସା ବେଳେ ଚାଷୀଙ୍କ ବିରୋଧରେ ରୁଜୁ ମାମଲା ପ୍ରତ୍ୟାହାର ମଧ୍ୟ କୃଷକ ସଂଗଠନଗୁଡ଼ିକର ଦାବି ମଧ୍ୟରେ ରହିଛି। ଦିଲ୍ଲୀ ସୀମାକୁ ଅବରୋଧ କରାଯିବା ଗଣତନ୍ତ୍ର କି ବୋଲି ଦଲେୱାଲ ପ୍ରଶ୍ନ କରିଛନ୍ତି।

ଏନେଇ କଂଗ୍ରେସ ନେତ୍ରୀ ପ୍ରିୟଙ୍କା ଗାନ୍ଧୀ ଭଦ୍ରା କହିଛନ୍ତି, କୃଷକମାନେ ସେମାନଙ୍କ ହକ୍ ପାଇଁ 'ଦିଲ୍ଲୀ ଚଲୋ' ଡାକରା ଦେଇଥିବାବେଳେ ମୋଦି ସରକାର ଦିଲ୍ଲୀ ସୀମାଗୁଡ଼ିକୁ ସିଲ୍ କରୁଛନ୍ତି। କୃଷକଙ୍କ ଆୟ ଦୁଇଗୁଣା କରିବାକୁ ପ୍ରତିଶ୍ରୁତି ଦେଇ ସେମାନଙ୍କ ସ୍ୱରକୁ ଚପାଇବା କ'ଣ ଅମୃତ କାଳ ବୋଲି ମାଇକ୍ରୋବ୍ଲଗିଂ ସାଇଟ୍ ଏକ୍ସ'ରେ ପ୍ରିୟଙ୍କା ପ୍ରଶ୍ନ କରିଛନ୍ତି।




ଗାଜିଆବାଦ ସୀମାରେ କୃଷକଙ୍କ ପ୍ରବେଶ ରୋକିବା ପାଇଁ ଦିଲ୍ଲୀ ପୋଲିସର ବ୍ୟାରିକେଡ୍। (ଫଟୋ: ଚମନ ଗୌତମ)

### ଇସ୍ତଫା ଦେଲେ ହଙ୍ଗେରୀ ରାଷ୍ଟ୍ରପତି



କାଟାଲିନ୍ ନୋଭାକ୍

**ଶିଶୁ ଯୌନ ନିର୍ଯାତନାକାରୀଙ୍କୁ କ୍ଷମା ମାମଲା**

**ବୁଡାପେଷ୍ଟ,୧୧।୨**

ହଙ୍ଗେରୀରେ ଏକ ଶିଶୁ ଯୌନ ନିର୍ଯାତନା ମାମଲାରେ ଦୋଷୀସାବ୍ୟସ୍ତ ଜଣେ ବ୍ୟକ୍ତିଙ୍କୁ ରାଷ୍ଟ୍ରପତି କାଟାଲିନ୍ ନୋଭାକ୍ କ୍ଷମା ପ୍ରଦାନ କରିବାରୁ ଏହାକୁ ନେଇ ସପ୍ତାହେ ହେଲା ଦେଶବ୍ୟାପୀ ତୀବ୍ର ଉତ୍ତେଜନା ପ୍ରକାଶ ପାଇଥିଲା। ରାଷ୍ଟ୍ରପତିଙ୍କ ଏଭଳି ନିଷ୍ପତ୍ତି ଦୀର୍ଘଦିନ ଶାସନ କରୁଥିବା ଜାତୀୟତାବାଦୀ ସରକାର ପାଇଁ ଏକ ଅଭୂତପୂର୍ବ ରାଜନୈତିକ ଦୁର୍ନୀତି ବୋଲି ପ୍ରଚାର ହୋଇଥିଲା। ଶେଷରେ ୪୬ ବର୍ଷୀୟ ନୋଭାକ୍ ଶନିବାର ରାଷ୍ଟ୍ରପତି ପଦରୁ ଇସ୍ତଫା ଦେଇଛନ୍ତି। ୨୦୨୨ରୁ କ୍ଷମତାରେ ଥିବା ନୋଭାକ୍ ଇସ୍ତଫା ଦେବା ନେଇ ଟେଲିଭିଜନ ବାର୍ତ୍ତାରେ ଘୋଷଣା କରିଛନ୍ତି। ଅପରାଧୀ ଜଣକ ସରକାରୀ ଶିଶୁ ଗୃହର ଅନେକ ପିଲାଙ୍କୁ ଯୌନ ନିର୍ଯାତନା ଦେଇଥିବାବେଳେ ଗତବର୍ଷ ଏପ୍ରିଲରେ ରାଷ୍ଟ୍ରପତି ତାଙ୍କୁ କ୍ଷମା ଦେଇଥିଲେ। ଏହା ତାଙ୍କର ଭୁଲ୍ ନିଷ୍ପତ୍ତି ଥିଲା ବୋଲି ନୋଭାକ୍ ଶନିବାର କହିଛନ୍ତି।

## ରାଷ୍ଟ୍ରପତି ପଦ ପାଇଁ ଟ୍ରମ୍ପ୍ ଅଯୋଗ୍ୟ: ନିକ୍କି ହାଲି



ନିକ୍କି ହାଲି



ଡୋନାଲ୍ଡ ଟ୍ରମ୍ପ୍

**ୱାଶିଂଟନ,୧୧।୨**

ଆମେରିକା ରାଷ୍ଟ୍ରପତି ନିର୍ବାଚନରେ ରିପବ୍ଲିକାନ୍ ପାର୍ଟିରୁ ପ୍ରାର୍ଥୀ ହେବା ପାଇଁ ପୂର୍ବତନ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଓ ଭାରତୀୟ ବଂଶୋଦ୍ଭବ ନିକ୍କି ହାଲିଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ତିକ୍ତ ହେବାରେ ଲାଗିଛି। ବିଦେଶରେ ସେନାରେ ନିୟୋଜିତ ନିକ୍କିଙ୍କ ସ୍ୱାମୀଙ୍କ ଅନୁପସ୍ଥିତିକୁ ନେଇ ୭୭ ବର୍ଷୀୟ ଟ୍ରମ୍ପ୍ ଉପହାସ କରିଥିଲେ। ଏହାର ଜବାବ ଦେବାକୁ ଯାଇ ୫୨ ବର୍ଷୀୟା ନିକ୍କି କହିଛନ୍ତି, ଯେଉଁ ବ୍ୟକ୍ତି ସେନା ପରିବାରର ଅପମାନ କରନ୍ତି, ଆମେରିକାର କମାଣ୍ଡରଇନ୍-ଇନ୍-ଚିଫ୍ ହେବା ପାଇଁ ସେ ଅଯୋଗ୍ୟ। ଟ୍ରମ୍ପ୍ ଯଦି କିଛି କହିବାକୁ ଚାହୁଁଛନ୍ତି, ତେବେ ବିତର୍କର ମଞ୍ଚ ଉପରକୁ ଆସି ମୋ ସାମ୍ନାରେ କୁହନ୍ତୁ। ମୋ ସ୍ୱାମୀଙ୍କୁ ନେଇ ମୁଁ ଗର୍ବିତ।

ପ୍ରକାଶ ଯେ, ନିକ୍କିଙ୍କ ସ୍ୱାମୀ ମେଜର ମାଇକଲ ହାଲି ସାଉଥ୍ କାରୋଲିନା ନ୍ୟାଶନାଲ ଗାର୍ଡରେ କମିଶନ ଅଫିସର ଅଛନ୍ତି। ଗତ ଜୁନ୍‌ରୁ ସେ ଆଫ୍ରିକାର ୨୧୮ତମ ମାନ୍ୟୁଭର ଏନ୍‌ହାନ୍ସମେଣ୍ଟ ବ୍ରିଜ୍‌ରେ ବର୍ଷକ ପାଇଁ ପୋଷ୍ଟିଂ ହୋଇଛନ୍ତି। ସାଉଥ୍ କାରୋଲିନାରେ ଟ୍ରମ୍ପଙ୍କ ରାଲି ବେଳେ ରିପବ୍ଲିକାନ୍ ପାର୍ଟିର ଦୁଇ ଆଶାୟୀଙ୍କ ମଧ୍ୟରେ ଏଭଳି ଅପ୍ରୀତିକର ବାକ୍‌ଯୁଦ୍ଧ ଦେଖିବାକୁ ମିଳିଥିଲା।

### ରାଜ୍ୟ ସଭା ନିର୍ବାଚନ: ୧୪ ପ୍ରାର୍ଥୀଙ୍କ ନାମ ଘୋଷଣା କଲା ଭାଜପା

**ନୂଆଦିଲ୍ଲୀ, ୧୧।୨**

ଆସନ୍ତା ୨୭ରେ ହେବାକୁ ଥିବା ରାଜ୍ୟ ସଭା ନିର୍ବାଚନ ପାଇଁ ଭାଜପା ପକ୍ଷରୁ ୭ଟି ରାଜ୍ୟର ୧୪ ଜଣ ପ୍ରାର୍ଥୀଙ୍କ ନାମ ଘୋଷଣା କରାଯାଇଛି। ଉତ୍ତରପ୍ରଦେଶରେ ଦଳ ପକ୍ଷରୁ ୭ ଜଣ ପ୍ରାର୍ଥୀଙ୍କ ନାମ ଘୋଷଣା ହୋଇଥିବାବେଳେ ଏହି ତାଲିକାରେ ରହିଛନ୍ତି ଭାଜପାର ପୂର୍ବତନ ରାଜ୍ୟ ସଭା ସାଂସଦ ସୁଧାଂଶୁ ତ୍ରିବେଦି ଓ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଆର. ପି. ଏନ. ସିଂ। ସେହିପରି ଉତ୍ତରପ୍ରଦେଶରୁ ଅମରପାଲ ମୌର୍ଯ୍ୟ, ସାଧନା ସିଂ, ଚୌଧୁରୀ ତେଜବୀର ସିଂ, ସଙ୍ଗୀତା ବଲୱନ୍ତ ଓ ନବୀନ ଜୈନଙ୍କୁ ମଧ୍ୟ ପ୍ରାର୍ଥୀ କରିଛି ଭାଜପା। ବିହାରର ୬ ଆସନ ପାଇଁ ନିର୍ବାଚନ ହେବାକୁ ଥିବାବେଳ ଭାଜପା ପକ୍ଷରୁ ଧର୍ମଶୀଳା ଗୁପ୍ତା ଓ ଭୀମ ସିଂଙ୍କ ନାମ ଘୋଷଣା କରାଯାଇଛି। ବିହାରର ପୂର୍ବତନ ଉପ ମୁଖ୍ୟମନ୍ତ୍ରୀ ସୁଶିଳ କୁମାର ମୋଦି ଭାଜପାର ଏହି ତାଲିକାରୁ ବାଦ ପଡ଼ିଛନ୍ତି। ସେହିପରି ଉତ୍ତରାଖଣ୍ଡରୁ ମହେଶ ଭଟ୍ଟ ଓ ପଶ୍ଚିମବଙ୍ଗରୁ ସମୀକ ଭଟ୍ଟାଚାର୍ଯ୍ୟଙ୍କୁ ରାଜ୍ୟ ସଭା ପ୍ରାର୍ଥୀ କରିଛି ଦଳ। ସୂଚନାଯୋଗ୍ୟ ଚଳିତ ଫେବୃଆରୀ ୨୭ ତାରିଖରେ ୧୫ଟି ରାଜ୍ୟର ୫୬ଟି ଆସନରେ ରାଜ୍ୟ ସଭା ନିର୍ବାଚନ ଅନୁଷ୍ଠିତ ହେବ।

ସେହିପରି ତୃଣମୂଳ କଂଗ୍ରେସ (ଟିଏମ୍‌ସି) ପକ୍ଷରୁ ୪ ଜଣ ପ୍ରାର୍ଥୀଙ୍କ ନାମ ଘୋଷଣା କରାଯାଇଛି। ପୂର୍ବତନ ଏମ୍‌ପି ସୁସ୍ମିତା ଦେବ ଓ ମମତାବାଳା ଠାକୁରଙ୍କ ସହ ବରିଷ୍ଠ ସାମ୍ବାଦିକା ସାଗରିକା ଘୋଷ ଏବଂ ମହମଦ ନଦୀବୁଲ ହକ୍‌ଙ୍କ ନାମ ଘୋଷଣା କରିଛି ଟିଏମ୍‌ସି।

## ଅଙ୍ଗ ପ୍ରତିରୋପଣରେ ଲିଙ୍ଗଗତ ଅସମାନତା

**ନୂଆଦିଲ୍ଲୀ, ୧୧।୨**

୧୯୯୫ରୁ ୨୦୨୧ ମଧ୍ୟରେ ସମସ୍ତ ଜୀବିତ ଓ ମୃତ ଅଙ୍ଗଦାତା ମାନଙ୍କର ଅଙ୍ଗ ପ୍ରତିରୋପଣ ପୁରୁଷଙ୍କ ଉପରେ ଅଧିକ ହୋଇଛି। ଏହି ସମୟ ମଧ୍ୟରେ ସମୁଦାୟ ୩୬,୬୪୦ ଥର ଅଙ୍ଗ ପ୍ରତିରୋପଣ ହୋଇଥିବାବେଳେ ଏଥିମଧ୍ୟରୁ ପୁରୁଷଙ୍କ ଉପରେ ୨୯,୬୯୫ ଥର ଅଙ୍ଗ ପ୍ରତିରୋପଣ ହୋଇଥିବାବେଳେ ମହିଳାଙ୍କ ଉପରେ ୬,୯୪୫ ଥର ହୋଇଛି। ଶୁକ୍ରବାର ଲୋକ ସଭାରେ ଏକ ପ୍ରଶ୍ନର ଉତ୍ତର ଦେଉଥିବା ସମୟରେ ଏହି ତଥ୍ୟ ରଖିଛନ୍ତି ସ୍ୱାସ୍ଥ୍ୟ ରାଜ୍ୟ ମନ୍ତ୍ରୀ ଏସ୍. ପି. ସିଂ ବଘେଲ। ତେବେ ଦେଶରେ ଅଙ୍ଗ ପ୍ରତିରୋପଣ ଦ୍ୱାରା ଧୀରେଧୀରେ ଅଧିକ ମହିଳା ମଧ୍ୟ ଲାଭବାନ ହେଉଥିବା ସେ ସୂଚନା ଦେଇଥିଲେ। ଅଙ୍ଗ ପ୍ରତିରୋପଣ ଦ୍ୱାରା ଲାଭବାନ ହେଉଥିବା ମହିଳାଙ୍କ ଭାଗ ୨୦୧୯ରେ ୨୭.୬ରୁ ବଢ଼ି ୨୦୨୨ରେ ୩୦ ପ୍ରତିଶତରେ ପହଞ୍ଚିଛି। ସେହିପରି ଅଙ୍ଗ ପ୍ରତିରୋପଣ କ୍ଷେତ୍ରରେ ରହିଥିବା ଲିଙ୍ଗଗତ ଅସମାନତାକୁ ଦୂର କରିବାକୁ ସରକାରଙ୍କ ତରଫରୁ ବିଭିନ୍ନ ପଦକ୍ଷେପ ନିଆଯାଉଥିବା ସେ ସୂଚନା ଦେଇଥିଲେ।



୨ ଦିନର ବିରତି ପରେ ଛତିଶଗଡ଼ର ରାୟଗଡ଼ରେ ଭାରତ ଯୋଡ଼ୋ ନ୍ୟାୟ ଯାତ୍ରାର ପୁନଃ ଆରମ୍ଭ କରିଛନ୍ତି କଂଗ୍ରେସ ନେତା ରାହୁଲ ଗାନ୍ଧୀ।

## ରାଫାହରେ ଇସ୍ରାଏଲ୍ ପଶିଲେ ବିପର୍ଯ୍ୟୟ ହେବ

# ଶାନ୍ତି ଚୁକ୍ତି ସ୍ଥଗିତ ରଖିବାକୁ ଇଜିପ୍ଟର ଚେତାବନୀ

**ରାଫାହ,୧୧।୨**

ଗାଜାର ଦକ୍ଷିଣ ଭାଗରେ ଥିବା ଜନବହୁଳ ରାଫାହ ସହରରେ ଇସ୍ରାଏଲ୍ ସୈନ୍ୟ ପ୍ରବେଶ କରି ଯଦି ସ୍ଥଳଯୁଦ୍ଧ ଆରମ୍ଭ କରନ୍ତି, ତେବେ ବିପର୍ଯ୍ୟୟ ଓ ଭୟାବହ ପରିଣାମ ସୃଷ୍ଟି ହେବ ବୋଲି ଏହାର ପଡୋଶୀ ତଥା ମୁଖ୍ୟ ମଧ୍ୟସ୍ଥ ଇଜିପ୍ଟ ଚେତାବନୀ ଦେଇଛି। ଇସ୍ରାଏଲ୍ ସହ ଶାନ୍ତି ଚୁକ୍ତି ସ୍ଥଗିତ ରଖିବାକୁ ଇଜିପ୍ଟ କହିଛି। ରାଫାହରେ ଯୁଦ୍ଧ ହେଲେ ଗାଜାକୁ ସହାୟତା ପଠାଇବାର ମୁଖ୍ୟ ଯୋଗାଣ ରାସ୍ତା ବନ୍ଦ ହୋଇଯିବ ବୋଲି ଇଜିପ୍ଟର ଦୁଇଜଣ ଅଧିକାରୀଙ୍କ ସମେତ ପାଶ୍ଚାତ୍ୟ ଦେଶର ଜଣେ କୂଟନୀତିଜ୍ଞ ରବିବାର କହିଛନ୍ତି। ହମାସ୍ ଆତଙ୍କବାଦୀଙ୍କ ବିରୋଧରେ ୪ ମାସ ଧରି ଚାଲିଥିବା ଯୁଦ୍ଧ ସମାପ୍ତ କରିବାକୁ ହେଲେ ରାଫାହକୁ ସେନା ପଠାଇବା ଜରୁରୀ ବୋଲି ଇସ୍ରାଏଲ୍ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁ କହିବା ପରେ ଇଜିପ୍ଟ କ୍ୟାମ୍ପ ଡାଭିଡ୍ ଆକୋର୍ଡ ସ୍ଥଗିତ ରଖିବାକୁ କହିଛି। ଅର୍ଦ୍ଧଶତାବ୍ଦୀ ଧରି ଆଞ୍ଚଳିକ ସ୍ଥିରତା ବଜାୟ ରଖିବାରେ ଉକ୍ତ ଚୁକ୍ତି ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭାଇଆସୁଛି।

ଗାଜାର ବିଭିନ୍ନ ଅଞ୍ଚଳରେ ଇସ୍ରାଏଲ୍ ଆକ୍ରମଣରୁ ବର୍ତ୍ତିବା ଲାଗି ସେଠାର ୨୩ ଲକ୍ଷ ଲୋକଙ୍କ ମଧ୍ୟରୁ ଅର୍ଦ୍ଧାଧିକ ରାଫାହ ପଳାଇଆସି ଆଶ୍ରୟ ନେଇଛନ୍ତି। ଏହି ସୀମାନ୍ତ ସହରରେ ଅସ୍ଥାୟୀ ଶିବିର ଏବଂ ଜାତିସଂଘ ଆଶ୍ରୟ ସ୍ଥଳରେ ଭର୍ତ୍ତି ହୋଇଯାଇଛି। ଏହି ଲକ୍ଷ ଲକ୍ଷ ପାଲେଷ୍ଟିନୀୟ ଶରଣାର୍ଥୀଙ୍କୁ ନିଜ ଅଞ୍ଚଳକୁ ଫେରିବା ଲାଗି ହୁଏତ ଆଉ ଅନୁମତି ମିଳି ନ ପାରେ ବୋଲି ଇଜିପ୍ଟ ଆଶଙ୍କା ବ୍ୟକ୍ତ କରିଛି। ଗାଜାରେ ମାନବୀୟ ସଙ୍କଟ ସୃଷ୍ଟି ହୋଇଥିବାବେଳେ ରାଫାହରେ ସ୍ଥଳଯୁଦ୍ଧ ପରିସ୍ଥିତିକୁ ଆହୁରି ଖରାପ କରିବ ବୋଲି ସହାୟତା ପ୍ରଦାନକାରୀ ସଂଗଠନଗୁଡ଼ିକ ସତର୍କ କରାଇବା ପରେ ଆମେରିକାର ଦୁଇ ଘନିଷ୍ଠ ସହଯୋଗୀ ଇସ୍ରାଏଲ୍ ଏବଂ ଇଜିପ୍ଟ ମୁହାଁମୁହିଁ ହୋଇଛନ୍ତି। ଗାଜା ଉପରେ ଇସ୍ରାଏଲ୍ ଆକ୍ରମଣ ଜାରି ରଖିଥିବାବେଳେ ମୃତ୍ୟୁସଂଖ୍ୟା ୨୮ ହଜାର ଟପିଥିବାବେଳେ ଆହତଙ୍କ ସଂଖ୍ୟା ୬୭,୬୧୧ରେ ପହଞ୍ଚିଛି। ଶନିବାର ୨୪ ଘଣ୍ଟା ମଧ୍ୟରେ ୧୧୭ ଜଣ ଆକ୍ରମଣରେ ପ୍ରାଣ ହରାଇଥିଲେ ବୋଲି ଗାଜା ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ ଏକ ବିବୃତିରେ କୁହାଯାଇଛି।




ରାଫାହରେ ନିଜ ପିଲାକୁ ଡାକ୍ତରଙ୍କୁ ଦେଖାଇବା ପାଇଁ ସ୍ୱାସ୍ଥ୍ୟ ଶିବିର ବାହାରେ ଅପେକ୍ଷାରତ ଜଣେ ବିସ୍ଥାପିତ ମହିଳା।

### ଜାତିସଂଘ ରିଲିଫ୍ ଅଫିସ୍ ତଳେ ହମାସ୍ ସୁଡ଼ଙ୍ଗ

ଗାଜା ସିଟିରେ ଶରଣାର୍ଥୀଙ୍କ ପାଇଁ କାର୍ଯ୍ୟ କରୁଥିବା ଜାତିସଂଘର ରିଲିଫ୍ ଆଣ୍ଡ ୱାର୍କ ଏଜେନ୍ସି (ୟୁଏନ୍‌ଡବ୍ଲ୍ୟୁଆର୍‌ଏ) ମୁଖ୍ୟାଳୟ ତଳେ ହମାସ୍ ଆତଙ୍କବାଦୀଙ୍କ ଗୁପ୍ତ ସୁଡ଼ଙ୍ଗ ଠାବ ହୋଇଛି। ହମାସ୍ ଆତଙ୍କବାଦୀମାନେ ଏହାକୁ ବୈଦ୍ୟୁତିକ ସରଞ୍ଜାମର ଯୋଗାଣ ରୁମ୍ ଭାବେ ବ୍ୟବହାର କରୁଥିଲେ ବୋଲି ଇସ୍ରାଏଲ୍ ସେନା କହିଥିଲେ ମଧ୍ୟ ଏହାର ପ୍ରମାଣ ଦେଇପାରି ନାହିଁ। ତେବେ ତଦନ୍ତ ହେବା ଆବଶ୍ୟକ ବୋଲି ୟୁଏନ୍‌ଆର୍‌ଡବ୍ଲ୍ୟୁଏ କମିଶନର ଜେନେରାଲ ଫିଲିପେ ଲାଜାରିନି କହିଛନ୍ତି। ଗତ ଅକ୍ଟୋବର ୭ରେ ଇସ୍ରାଏଲ୍ ଉପରେ ହମାସ୍ ଆକ୍ରମଣରେ ଷ୍ଟାଫ୍ ସଦସ୍ୟ ସାମିଲ ହେବା ଯୋଗୁ ୟୁଏନ୍‌ଡବ୍ଲ୍ୟୁଆର୍‌ଏରେ ଆର୍ଥିକ ସଙ୍କଟ ଦେଖାଦେଇଥିଲା। ଉକ୍ତ ସଂସ୍ଥାକୁ ସହାୟତା କରୁଥିବା ରାଷ୍ଟ୍ରଗୁଡ଼ିକ ପାଣ୍ଠି ଯୋଗାଣ ବନ୍ଦ କରିଦେଇଥିଲେ ବୋଲି ନିକଟରେ ଇସ୍ରାଏଲ୍ ଅଭିଯୋଗ କରିଥିଲା।

# ଜେଡିୟୁ ବୈଠକରେ ୩ ବିଧାୟକ ଅନୁପସ୍ଥିତ

## ଆଜି ଆସ୍ଥା ଲୋଡ଼ିବେ ନୀତୀଶ

ପାଟନା,୧୧।୨(ପି.ଟି.)

ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାର ସୋମବାର ବିଧାନସଭାରେ ଆସ୍ଥା ଭୋଟ ଲୋଡ଼ିବାକୁ ଥିବାବେଳେ ରବିବାର ସନ୍ଧ୍ୟାରେ ଅନୁଷ୍ଠିତ ଜେଡିୟୁର ଗୁରୁତ୍ୱପୂର୍ଣ୍ଣ ବୈଠକରେ ୩ ଜଣ ବିଧାୟକ ଯୋଗ ନ ଦେବା ଚିନ୍ତା ବଢ଼ାଇ ଦେଇଛି। ତେବେ ଆସ୍ଥା ଭୋଟ ନିଶ୍ଚିତ ଜିତିବେ ବୋଲି ନୀତୀଶ କହିଛନ୍ତି। ଶନିବାର ମନ୍ତ୍ରୀ ଶ୍ରବଣ କୁମାରଙ୍କ ବାସଭବନରେ ଅନୁଷ୍ଠିତ ମଧ୍ୟାହ୍ନ ଭୋଜନ ବୈଠକରେ ୬ ଜଣ ଦଳୀୟ ବିଧାୟକ ଅନୁପସ୍ଥିତ ରହିଥିଲେ। ୨୪୩ ଆସନ ବିଶିଷ୍ଟ ବିଧାନସଭାରେ ଏନ୍‌ଡିଏର ୧୨୮ ବିଧାୟକ ରହିଥିବାରୁ ସେମାନେ ସୁବିଧାରେ ଆସ୍ଥାଭୋଟ ଜିତିଯିବେ ବୋଲି ଆଶା କରାଯାଉଥିଲା। ଦିନକ ପୂର୍ବରୁ ବିଧାୟକଙ୍କ ଅନୁପସ୍ଥିତିକୁ ନେଇ କଳ୍ପନାଜଳ୍ପନା ପ୍ରକାଶ ପାଇଛି। ବିରୋଧୀ ମହାମେଣ୍ଟରେ ୧୧୫ ବିଧାୟକ ରହିଛନ୍ତି।

ଆସ୍ଥା ଭୋଟ ପୂର୍ବରୁ ଘୋଡ଼ାବେପାର ଆଶଙ୍କା କରି ସପ୍ତାହେ ହେଲା ତେଲଙ୍ଗାନାରେ ରହିଥିବା କଂଗ୍ରେସ ବିଧାୟକମାନେ ରବିବାର ପାଟନା ଫେରିଛନ୍ତି। ସେମାନେ ତେଜସ୍ୱୀଙ୍କ ଘରେ ସୋମବାର ପର୍ଯ୍ୟନ୍ତ ରହବେ ବୋଲି ଜଣାପଡ଼ିଛି। ସେମାନଙ୍କ ସହ ଆର୍‌ଜେଡି ଏବଂ ବାମଦଳ ବିଧାୟକମାନେ ମଧ୍ୟ ତେଜସ୍ୱୀଙ୍କ ୫, ଦେଶରତ୍ନ ମାର୍ଗ ସରକାରୀ ବଙ୍ଗଳାରେ ରହିବେ। ଜେଡିୟୁ ଅଧ୍ୟକ୍ଷ ତଥା ମୁଖ୍ୟମନ୍ତ୍ରୀ ନୀତୀଶ ମହାମେଣ୍ଟରୁ ଓହରି ଭାଜପା ନେତୃତ୍ୱାଧୀନ ଏନ୍‌ଡିଏକୁ ଫେରି ନୂଆ ସରକାର ଗଢ଼ିବା ପରେ ଆସ୍ଥାଭୋଟ ଆବଶ୍ୟକ ହୋଇଛି।



ଆସ୍ଥାଭୋଟ ପୂର୍ବରୁ ଆର୍‌ଜେଡି ନେତା ତେଜସ୍ୱୀ ଯାଦବଙ୍କ ସରକାରୀ ବାସଭବନ ବାହାରେ ବିହାର କଂଗ୍ରେସ ସଭାପତି ଅଖିଳେଶ ସିଂ।

# କଂଗ୍ରେସରୁ ପ୍ରାର୍ଥୀ ଲାଗି ୩୧୭୦ ଆବେଦନ

ଭୁବନେଶ୍ୱର,୧୧।୨
(ସୁନିତ୍ ମିଶ୍ର)

- ବିଧାନସଭା ଆସନ ଲାଗି ୨୫୦୦, ଲୋକ ସଭା ପାଇଁ ୬୭୦ ଜଣ ଆବେଦନ କଲେ
- ଆସନ୍ତା ୧୯ରେ ବସିବ ପିଇସି ବୈଠକ

ରାଜ୍ୟରେ କଂଗ୍ରେସ ପ୍ରତି ବଢୁଛି ସମର୍ଥନ, କଂଗ୍ରେସ ଟିକେଟ ପାଇଁ ଆଶାୟୀଙ୍କ ମଧ୍ୟରେ ଅପୂର୍ବ ଉତ୍ସାହ ଦେଖାଦେଇଛି। ୨୦୧୯ରେ ୧୪୭ ବିଧାନସଭା ପାଇଁ ୪୩୫ ଜଣ ଓ ୨୧ ଲୋକ ସଭା ଆସନ ପାଇଁ ୭୦ ଜଣ ଆଶାୟୀ ଆବେଦନ କରିଥିଲେ। ତେବେ ୨୦୨୪ ସାଧାରଣ ନିର୍ବାଚନ ସକାଶେ ୧୪୭ ବିଧାନସଭା କ୍ଷେତ୍ରରୁ ୨,୫୦୦ରୁ ଅଧିକ ଓ ୨୧ ଲୋକ ସଭା ଆସନ ପାଇଁ ୬୭୦ରୁ ଅଧିକ ଆଶାୟୀ ପ୍ରାର୍ଥୀ ଆବେଦନ କରିଛନ୍ତି। କଂଗ୍ରେସ ଗଣତାନ୍ତ୍ରିକ ପଦ୍ଧତିରେ ପ୍ରାର୍ଥୀ ବାଛିବା ଓ ଟିକେଟରେ ସ୍ୱଚ୍ଛତା ଆଣିବା ପାଇଁ ଗତ ୪ ତାରିଖରେ 'ପ୍ରଗମନ' ୱେବ୍‌ସାଇଟ ଦ୍ୱାରା ଟିକେଟ ଆବେଦନ କରିବା ଲାଗି ଦଳ ପକ୍ଷରୁ ଏକ ନୂତନ ଅଭିଯାନ ଆରମ୍ଭ କରାଯାଇଥିଲା। ରାଜ୍ୟର ଅନେକ ଆଶାୟୀ ପ୍ରାର୍ଥୀ ଏହି ପଦ୍ଧତିକୁ ପସନ୍ଦ କରିଛନ୍ତି। ଏଥିପାଇଁ ରାଜ୍ୟବାସୀଙ୍କୁ ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ଶରତ ପଟ୍ଟନାୟକ କୃତଜ୍ଞତା ଜ୍ଞାପନ କରିଛନ୍ତି।

କଂଗ୍ରେସ ଭବନରେ ରବିବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଶରତ କହିଛନ୍ତି ଯେ, ରାଜ୍ୟ ଓ କେନ୍ଦ୍ରରେ ଶାସନ କରୁଥିବା ଉଭୟ ବିଜେଡି ଓ ଭାଜପାରେ ଗଣତାନ୍ତ୍ରିକ ବ୍ୟବସ୍ଥା ଏବଂ ଟିକେଟ ବଣ୍ଟନରେ ସ୍ୱଚ୍ଛତା ନାହିଁ। କିନ୍ତୁ କଂଗ୍ରେସ ଗଣତାନ୍ତ୍ରିକ ପଦ୍ଧତିରେ ଟିକେଟ ବଣ୍ଟନକୁ ଗ୍ରହଣ କରେ। ଏହି ଆଧାରରେ କାର୍ଯ୍ୟକ୍ରମ ଚାଲିଛି ଏବଂ ଆସନ୍ତା ୧୪ରେ ପ୍ରଗମନ ୨ୟ ପର୍ଯ୍ୟାୟରେ କାର୍ଯ୍ୟକ୍ରମ ଆରମ୍ଭ ହେବ। କଂଗ୍ରେସ ପୂର୍ବରୁ ବ୍ଲକ ସଭାପତି ଓ ଜିଲା ସଭାପତିଙ୍କ ଜରିଆରେ ଆଶାୟୀଙ୍କ ରିପୋର୍ଟ ସଂଗ୍ରହ କରିଥିଲା। ଏହିସବୁ ରିପୋର୍ଟକୁ ଭିତ୍ତିକରି ପ୍ରଦେଶ ଇଲେକ୍‌ଶନ କମିଟି(ପିଇସି) ବୈଠକ ବସିବ। ଏଆଇସିସି ସ୍କ୍ରିନିଙ୍ଗ୍ କମିଟି ମଧ୍ୟ ଆଶାୟୀ ପ୍ରାର୍ଥୀଙ୍କୁ ଯାଞ୍ଚ କରିବ।

ଏହାପରେ କଂଗ୍ରେସର କେନ୍ଦ୍ରୀୟ ନିର୍ବାଚନ କମିଟି ଚୂଡ଼ାନ୍ତ ପ୍ରାର୍ଥୀ ତାଲିକା ଘୋଷଣା କରିବ। 'ପ୍ରଗମନ'ର ଅଧ୍ୟକ୍ଷ ପ୍ରବୀଣ ପାଠକ ଖବରଦାତାଙ୍କ ପ୍ରଶ୍ନର ଉତ୍ତର ଦେଇ କହିଛନ୍ତି, ଏହି ପ୍ରୋଜେକ୍ଟକୁ କଂଗ୍ରେସ ପ୍ରଥମ ଥର ପାଇଁ ମଧ୍ୟପ୍ରଦେଶର ଗ୍ୱାଲିଅରରେ ପ୍ରୟୋଗ କରିଥିଲା। ମେୟର ନିର୍ବାଚନରେ ସଫଳତା ସ୍ୱରୂପ ମେୟର ପ୍ରାର୍ଥୀ ବିଜୟ ଲାଭ କରିଥିଲେ। ଏହି ସଫଳତାକୁ ଆଧାର କରି ଓଡ଼ିଶାରେ କଂଗ୍ରେସ ଆଗକୁ ବଢ଼ିବ ଏବଂ ୨୦୨୪ ସାଧାରଣ ନିର୍ବାଚନରେ କଂଗ୍ରେସ ବିଜୟ ହାସଲ କରି ସରକାର ଗଢ଼ିବ। ରାଜ୍ୟ କଂଗ୍ରେସ ସହପ୍ରଭାରୀ କ୍ରିଷ୍ଟୋଫର ତିଲକ କହିଛନ୍ତି, କଂଗ୍ରେସ ନୂଆ ପ୍ରଯୁକ୍ତି ବିଦ୍ୟା ଆପଣାଇଛି। ପୂର୍ବରୁ କମ୍ପ୍ୟୁଟର ଆଧାରର ସଫଳତା ଦୋହରାଇବା ସହ ପ୍ରଗମନ ଆଗାମୀ ସରକାର ଗଢ଼ିବାରେ ସହାୟକ ହେବ। ସମୟ ସହିତ ନୂଆ ଟେକ୍ନୋଲୋଜି ଆପଣାଇ ଦଳକୁ ବିଜୟ କରିବା କଂଗ୍ରେସର ମୂଳ ଲକ୍ଷ୍ୟ ବୋଲି ସେ କହିଛନ୍ତି। ମିଳିଥିବା ସୂଚନା ମୁତାବକ ଆସନ୍ତା ୧୯ ତାରିଖରେ ପ୍ରଦେଶ ଇଲେକଶନ୍ କମିଟି(ପିଇସି) ବୈଠକ ଅନୁଷ୍ଠିତ ହେବ।

## ୧୩ ସାଙ୍ଗଠନିକ ଜିଲାରେ କଂଗ୍ରେସର ଆଡହକ ସଭାପତି

ଭୁବନେଶ୍ୱର,୧୧।୨(ସୁନିତ୍ ମିଶ୍ର)

ଜିଲାସ୍ତରରେ କଂଗ୍ରେସ ସଙ୍ଗଠନକୁ ସୁଦୃଢ଼ କରିବା ପାଇଁ ପିସିସି ସଭାପତି ଶରତ ପଟ୍ଟନାୟକଙ୍କ ସୁପାରିସକ୍ରମେ ୧୩ଟି ଜିଲାର ସଭାପତିମାନଙ୍କୁ ପରିବର୍ତ୍ତନ କରାଯାଇଛି। ସେମାନଙ୍କ ସ୍ଥାନରେ ଆଡହକ ସଭାପତିମାନଙ୍କୁ ନିଯୁକ୍ତି ଦିଆଯାଇଛି। ସାଙ୍ଗଠନିକ କାର୍ଯ୍ୟକ୍ରମ ଦୃଷ୍ଟିରୁ ପୂର୍ବରୁ ଥିବା ଗଞ୍ଜାମ ଜିଲାକୁ ବିଭକ୍ତ କରାଯାଇଛି। ଗଞ୍ଜାମକୁ ପୂର୍ବ ଜିଲା କଂଗ୍ରେସ ଓ ପଶ୍ଚିମ ଜିଲା କଂଗ୍ରେସ ଭାବେ ବିଭକ୍ତ କରାଯାଇଛି। ସେହିପରି ମୟୂରଭଞ୍ଜ ଜିଲାକୁ ବିଭକ୍ତ କରାଯାଇ ମୟୂରଭଞ୍ଜ ପୂର୍ବ ଜିଲା କଂଗ୍ରେସ ଓ ପଶ୍ଚିମ ଜିଲା କଂଗ୍ରେସ ଭାବେ ଗଠନ କରାଯାଇଛି। ଯେଉଁମାନଙ୍କୁ ନୂତନ ଆଡହକ ସଭାପତି ଭାବେ ନିଯୁକ୍ତି ଦିଆଯାଇଛି ସେମାନେ ହେଉଛନ୍ତି, ବରଗଡ଼ ଜିଲାରେ ହରଦୀପ୍ ସିଂହ, ଢେଙ୍କାନାଳରେ ସୁନୀଲ ଦାସ, ଗଞ୍ଜାମ (ପୂର୍ବ)ରେ ଦୀପକ ପଟ୍ଟନାୟକ, ଗଞ୍ଜାମ ପଶ୍ଚିମରେ ରବୀନ୍ଦ୍ର ଶର୍ମା, କନ୍ଧମାଳରେ ଚନ୍ଦ୍ରଶେଖର ପରିଡ଼ା, କୋରାପୁଟରେ ଶଶିଭୂଷଣ ପାତ୍ର, ମୟୂରଭଞ୍ଜ (ପୂର୍ବ)ରେ ନିରଜ ଦାସ, ମୟୂରଭଞ୍ଜ (ପଶ୍ଚିମ)ରେ ଭୁବନ ବିହାରୀ ସାହୁ, ଖୋର୍ଦ୍ଧାରେ ତପନ ଚକ୍ରବର୍ତ୍ତୀ, ବଲାଙ୍ଗୀରରେ ସୁରେନ୍ଦ୍ର ସିଂ ଭୋଇ, ରାଉରକେଲାରେ ରବି ରାୟ, ଝାରସୁଗୁଡ଼ାରେ ସୁବ୍ରତ ପ୍ରଧାନ ଏବଂ ସମ୍ବଲପୁର ଜିଲାରେ ଜୟଶଙ୍କର ମିଶ୍ରଙ୍କୁ ନିଯୁକ୍ତ କରାଯାଇଛି। ଏହି ସମସ୍ତ ଜିଲା କଂଗ୍ରେସ ଆଡହକ ସଭାପତିମାନେ ରବିବାରଠାରୁ ନିଜ ଦାୟିତ୍ୱ ଗ୍ରହଣ କରି ଦଳୀୟ ସଙ୍ଗଠନକୁ ସୁଦୃଢ଼ କରିବେ ବୋଲି ପିସିସି ସଭାପତି କହିଛନ୍ତି।

# ପାରମ୍ପରିକ ସମ୍ବଲପୁରୀ ଖାଦ୍ୟ ପ୍ରସ୍ତୁତ କଲେ ଧର୍ମେନ୍ଦ୍ରଙ୍କ ପତ୍ନୀ



ସରସତିଆ ଖାଦ୍ୟ ପ୍ରସ୍ତୁତି ଅବସରରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ପତ୍ନୀ ମୃଦୁଳା ଠାକୁର।

ସମ୍ବଲପୁର,୧୧।୨
(ଭବାନୀ ଶଙ୍କର ଭୋଇ)

ସମ୍ବଲପୁରୀ ଗୀତ, ନୃତ୍ୟ, ବାଦ୍ୟକଳା, ବସ୍ତ୍ର ସମଗ୍ର ବିଶ୍ୱ ଦରବାରରେ ନିଜର ସ୍ୱତନ୍ତ୍ର ସ୍ଥାନ ହାସଲ କରିସାରିଛି। ଏଥିରୁ ବାଦ୍ ପଡିନି ପାରମ୍ପରିକ ସମ୍ବଲପୁରୀ ଖାଦ୍ୟ। ଏହା ମଧ୍ୟରେ ସରସତିଆ ଅନ୍ୟତମ। ଏହାର ପ୍ରସ୍ତୁତି ପ୍ରଣାଳୀ ଓ ସ୍ୱାଦ ନିଆରା। ସମ୍ବଲପୁର କୁଞ୍ଜେଲପଡ଼ା ଛକଠାରେ ବହୁ ପୁରାତନ ସରସତିଆ ଦୋକାନ ରହିଛି। ଦମ୍ପତି ପ୍ରଭୁଲାଲ ଗୁପ୍ତା ଓ ରେଖା ଗୁପ୍ତା ପୂର୍ବପୁରୁଷଙ୍କ ଦ୍ୱାରା ସ୍ୱୀକୃତ ଏହି ପାରମ୍ପରିକ ବ୍ୟଞ୍ଜନ ତିଆରି କରିବା ପରମ୍ପରା ବଜାୟ ରଖିଛନ୍ତି। ରବିବାର ସକାଳେ ହଠାତ୍ ତାଙ୍କ ଦୋକାନରେ ପହଞ୍ଚିଥିଲେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଧର୍ମପତ୍ନୀ ତଥା ବିକାଶ ଫାଉଣ୍ଡେଶନ ଅଧ୍ୟକ୍ଷା ମୃଦୁଳା ଠାକୁର। ସେ ଦୋକାନରେ ଉପସ୍ଥିତ ଥିବା ଗୁପ୍ତା ଦମ୍ପତିଙ୍କୁ ତାଙ୍କର ପାରିବାରିକ ଓ ବ୍ୟବସାୟିକ ସ୍ଥିତି ସମ୍ପର୍କରେ ପଚାରି ବୁଝିଥିଲେ। ଏହାସହ ସରସତିଆ ତିଆରି କରିବାର ଶୈଳୀ ଓ ପ୍ରସ୍ତୁତି ବିଷୟରେ ପଚାରି ନିଜେ ତିଆରି କରିଥିଲେ। ଏହି ଦମ୍ପତିଙ୍କ ଏକମାତ୍ର ପୁତ୍ର ରାହୁଲ ଗୁପ୍ତାଙ୍କୁ ସେ ଏହି ପାରମ୍ପରିକ ବ୍ୟବସାୟକୁ ବ୍ୟାପକ କରିବା ପାଇଁ ପରାମର୍ଶ ଦେଇଥିଲେ। ମୃଦୁଳାଙ୍କ ସହିତ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର ପୂର୍ବତନ ପ୍ରାନ୍ତ ସରସଂଘ ଚାଳକ ବିପିନ ବିହାରୀ ନନ୍ଦ ଓ ଭାଜପାର ଅନିଲ କୁମାର ବେହେରା, ସମିର ରଞ୍ଜନ ବାବୁ, ସୁଶାନ୍ତ କୁମାର ପୁରୋହିତ, ସରୋଜ ଦଳପତ, ସୁଧୀର ରଞ୍ଜନ ବହିଦାର, ଅଜିତ କୁମାର ବେହେରାଙ୍କ ସମେତ ଭାଜପା କ୍ଷେତ୍ରୀୟ ଗଣମାଧ୍ୟମ ସଂଯୋଜକ ମାନସ ରଞ୍ଜନ ବକ୍ସି ଉପସ୍ଥିତ ଥିଲେ। କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ସମ୍ବଲପୁର ଲୋକ ସଭା ଆସନରୁ ପ୍ରାର୍ଥୀ ହେବା ନେଇ ଚର୍ଚ୍ଚା ଜୋର ଧରିଥିବାବେଳେ ତାଙ୍କ ପତ୍ନୀ ମୃଦୁଳାଙ୍କୁ ସମ୍ବଲପୁରର ଜିଲାର ବିଭିନ୍ନ କାର୍ଯ୍ୟକ୍ରମରେ ଦେଖିବାକୁ ମିଳୁଛି।

## ଓଡ଼ିଶାରେ ଭାଜପା ୮୦ ବିଧାନସଭା ଆସନରେ ଜିତିବ: ବିଜୟ ପାଲ୍ ସିଂ

ଭୁବନେଶ୍ୱର,୧୧।୨(ସୁନିତ୍ ମିଶ୍ର)

ଓଡ଼ିଶାରେ ଭାଜପା ଏଥର ନିଶ୍ଚିତ ସରକାର ଗଠନ କରିବ। ଏନେଇ ଭାଜପା ନିର୍ବାଚନ ପ୍ରଭାରୀ ବିଜୟ ପାଲ ସିଂ ତୋମାର ଓ ସହ ପ୍ରଭାରୀ ଲତା ଉସେଣ୍ଡି ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି। ସୋମବାର ଦଳର ସାଙ୍ଗଠନିକ କାର୍ଯ୍ୟକ୍ରମରେ ଯୋଗଦେବା ଲାଗି ଭୁବନେଶ୍ୱର ଆସିଥିବା ବିଜୟ ପାଲ ସିଂ ତୋମାର କହିଛନ୍ତି ଯେ, ଓଡ଼ିଶାରେ ଡବଲ ଇଞ୍ଜିନ ସରକାର ହେବ। ଏଥର ୮୦ରୁ ଅଧିକ ବିଧାୟକ ଜିତିକି ଆସିବେ ଏବଂ ଲୋକ ସଭାରେ ୧୬ରୁ ଅଧିକ ଏମ୍‌ପି ଭାଜପାରୁ ଜିତିବେ। ସେହିପରି ସହ ପ୍ରଭାରୀ ଲତା ଉସେଣ୍ଡି କହିଛନ୍ତି, ଜଗନ୍ନାଥଙ୍କ ଭୂମିରେ ଏଥର ଭାଜପାର ହିଁ ସରକାର ହେବ। ସମଗ୍ର ଦେଶରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ମହିଳାଙ୍କ ବହୁତ ବିକାଶମୂଳକ କାର୍ଯ୍ୟ ହୋଇଛି। ମହିଳାମାନେ ଆମ ସହିତ ଅଛନ୍ତି। ଓଡ଼ିଶାରେ ମଧ୍ୟ ଭାଜପା ସରକାର ଆଣିବାରେ ମହିଳାମାନଙ୍କ ସବୁଠୁ ବଡ଼ ଅବଦାନ ରହିବ। ରାମ ମନ୍ଦିର ପ୍ରଭାବ ଓଡ଼ିଶାରେ ମଧ୍ୟ ପଡ଼ିବ। ଆମେ ଏଠି ଏକାକୀ ସରକାର ଗଢ଼ିବାରେ ସମର୍ଥ ହେବୁ ବୋଲି ଲତା ଉସେଣ୍ଡି କହିଛନ୍ତି। ଉଭୟ ନେତା ରବିବାର ରାଜ୍ୟ କାର୍ଯ୍ୟାଳୟରେ ଶୀର୍ଷ ନେତୃତ୍ୱଙ୍କ ସହ ୱାନ୍ ଟୁ ୱାନ୍ ଆଲୋଚନା କରିବା ସହ ସୋମବାର ପଦାଧିକାରୀ ବୈଠକରେ ଯୋଗଦେବେ।

## କେନ୍ଦୁପତ୍ର ତୋଳାଳିଙ୍କ ଲାଗି ଘୋଷଣା କେବଳ ପ୍ରତାରଣା: ଭାଜପା

ଭୁବନେଶ୍ୱର,୧୧।୨(ସୁନିତ୍ ମିଶ୍ର)

ରେଢ଼ାଖୋଲର ଚାରମାଲଠାରେ ଏକ ବିରାଟ କେନ୍ଦୁପତ୍ର ଶ୍ରମିକ ସମାବେଶରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଯୋଗଦେବେ ବୋଲି ଆଗରୁ ଘୋଷଣା ହୋଇଥିଲା। କିନ୍ତୁ ମୁଖ୍ୟମନ୍ତ୍ରୀ ସଭାକୁ ଆସିଲେ ନାହିଁ। ହେଲେ ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ୍‌ଙ୍କ ଦ୍ୱାରା କେନ୍ଦୁପତ୍ର ଶ୍ରମିକମାନଙ୍କ ପାଇଁ ମୁଖ୍ୟମନ୍ତ୍ରୀ ଯାହା ଘୋଷଣା କଲେ ତାହା କେବଳ ପ୍ରତାରଣା ଓ ଧୋକା ଛଡ଼ା ଅନ୍ୟ କିଛି ନୁହେଁ ବୋଲି ଭାଜପା ନେତା ପ୍ରଦୀପ ପୁରୋହିତ କହିଛନ୍ତି।

ଏକ ପ୍ରେସ୍ ବିଜ୍ଞପ୍ତି ଜରିଆରେ ପ୍ରଦୀପ କହିଛନ୍ତି ଯେ, ୨୦୨୪ ସାଧାରଣ ନିର୍ବାଚନକୁ ଆଖିଆଗରେ ରଖି କେନ୍ଦୁପତ୍ର ଶ୍ରମିକ, ତୋଳାଳିଙ୍କୁ ସରକାର ସୁନେଲୀ ସ୍ୱପ୍ନ ଦେଖାଇଛନ୍ତି। ସଂଘ ତରଫରୁ ବହୁଦିନ ଆଗରୁ କେନ୍ଦୁପତ୍ର ତୋଳାଳିଙ୍କୁ ୧୦୦% ବୋନସ ଦେବା ପାଇଁ ଦାବି କରାଯାଉଛି। ସରକାର ମଧ୍ୟ କେନ୍ଦୁପତ୍ର ତୋଳାଳିଙ୍କୁ ଲାଭାଂଶର ୧୦୦% ବୋନସ ଦେବାକୁ ଅନେକଥର ପ୍ରତିଶ୍ରୁତି ଦେଇଥିଲେ। କିନ୍ତୁ ଦୁର୍ଭାଗ୍ୟର ବିଷୟ ଏହା ଯେ, ଆଜି ମାତ୍ର ୫୦% ବୋନସ ଦେବା କଥା ସରକାର ଘୋଷଣା କଲେ। ଓଡ଼ିଶା କେନ୍ଦୁପତ୍ର କର୍ମଚାରୀ ସଂଘ ଓ ଓଡ଼ିଶା ସରକାରଙ୍କ ମଧ୍ୟରେ ବିଗତ ଦିନରେ ହୋଇଥିବା ଚୁକ୍ତିନାମା ଅନୁସାରେ ସର୍ବନିମ୍ନ ମଜୁରି ବୃଦ୍ଧି ହେଲେ ତଦନୁସାରେ ସିଜନାଲ କର୍ମଚାରୀଙ୍କ ଦରମା ବୃଦ୍ଧି ହେବା ନେଇ ଉଲ୍ଲେଖ ଥିଲା। ୨୦୨୧ରେ ସର୍ବନିମ୍ନ ସହାୟକ ମୂଲ୍ୟ ବୃଦ୍ଧି ହୋଇସାରିଥିବା ସତ୍ତ୍ୱେ ସିଜନାଲ କର୍ମଚାରୀଙ୍କ ଦରମା ବୃଦ୍ଧି ରାଜ୍ୟ ସରକାର କଲେ ନାହିଁ ବୋଲି ପ୍ରଦୀପ କହିଛନ୍ତି।

## ଭାଜପା ଆସିଲେ ଚୌଦ୍ୱାରରେ ଶିଳ୍ପ ଖୋଲିବ: ମନମୋହନ

ମଙ୍ଗୁଳି-ଜଗତପୁର,୧୧।୨(ମାନସ ସାମଲ)

**ଭାଜପାରେ ମିଶିଲେ ୩୦୦୦ରୁ ଊର୍ଦ୍ଧ୍ୱ**

ଚୌଦ୍ୱାର-କଟକ ନିର୍ବାଚନ ମଣ୍ଡଳୀ ଭାଜପା ପକ୍ଷରୁ ନଖରା ପଞ୍ଚାୟତସ୍ଥିତ ହାଟପଡ଼ିଆରେ ମିଶ୍ରଣ ପର୍ବ ରବିବାର ଅନୁଷ୍ଠିତ ହୋଇଯାଇଛି। ଶାଳଗାଁ ସରପଞ୍ଚ ପବିତ୍ର ଉପାଧ୍ୟାୟଙ୍କ ନେତୃତ୍ୱରେ ନୁଣ୍ଛିଗିରିଛକ ନିକଟରେ ୩୦୦୦ରୁ ଊର୍ଦ୍ଧ୍ୱ ଯୁବକ ଏକତ୍ରିତ ହୋଇ ଭାଜପା ରାଜ୍ୟ ସଭାପତି ମନମୋହନ ସାମଲଙ୍କୁ ସ୍ୱାଗତ କରିଥିଲେ। ପରେ ତାଙ୍କୁ ବାଇକ ଶୋଭାଯାତ୍ରାରେ ନେଇ ହାଟ ପଡିଆରେ ପହଞ୍ଚିଥିଲେ। ସେଠାରେ ଆୟୋଜିତ ମିଶ୍ରଣ ପର୍ବରେ ମନମୋହନ କହିଛନ୍ତି, ଯଦି ଆଗାମୀ ଦିନରେ ରାଜ୍ୟରେ ଭାଜପା ସରକାର ଆସେ ତା'ହେଲେ ଚୌଦ୍ୱାରରେ ପୁଣି ଶିଳ୍ପ ଖୋଲିବା ସହ ଲୋକଙ୍କ ପାଇଁ କର୍ମ ନିଯୁକ୍ତି ସୃଷ୍ଟି କରାଯିବ। କୃଷିଭିତ୍ତିକ ଶିଳ୍ପ କରାଯାଇ ଧାନ କୁଇଣ୍ଟାଲ ପିଛା ଅଧିକ ୧୦୦୦ ଟଙ୍କା ଦିଆଯିବ। ଏଥିସହ ଶୀତଳଭଣ୍ଡାରର ଅଭାବ ରହିବ ନାହିଁ ବୋଲି ସେ କହିଛନ୍ତି। ଏଥିରେ ସମ୍ମାନିତ ଅତିଥି ଭାବେ ରାଜ୍ୟ ଯୁବମୋର୍ଚ୍ଚା ସଭାପତି ଅବିନାଶ ଚନ୍ଦ୍ର ପଣ୍ଡା, ଜିଲା ସଭାପତି ପ୍ରକାଶ ଚନ୍ଦ୍ର ବେହେରା, ନୟନ କିଶୋର ମହାନ୍ତି, ପୂର୍ବତନ ଜିଲା ସଭାପତି ହେମନ୍ତ ଚୌଧୁରୀ, ପୂର୍ବତନ ରାଜ୍ୟ ମହିଳା ମୋର୍ଚ୍ଚା ସଭାପତି ସ୍ମୃତି ପଟ୍ଟନାୟକ, ଶୁଭ୍ରାଂଶୁ ଷଡ଼ଙ୍ଗୀ, ନଖରା ସରପଞ୍ଚ ମଧୁଛନ୍ଦା ଉପାଧ୍ୟାୟ ଯୋଗଦେଇଥିଲେ। ପବିତ୍ର ଉପାଧ୍ୟାୟଙ୍କ ନେତୃତ୍ୱରେ ଆଗ୍ରାହାଟ, ନଖରା, ବାଣୀପଦା, କୟଳପଡ଼ା, କଖଡି ପଞ୍ଚାୟତ ସମେତ ଚୌଦ୍ୱାର ପୌରପାଳିକା ଅଧୀନ ୧୯ଟି ୱାର୍ଡର ୩୦୦୦ରୁ ଊର୍ଦ୍ଧ୍ୱ ମହିଳା ଓ ପୁରୁଷ ଭାଜପା ରାଜ୍ୟ ସଭାପତିଙ୍କ ଉପସ୍ଥିତିରେ ଦଳରେ ସାମିଲ ହୋଇଥିଲେ।



କାର୍ଯ୍ୟକ୍ରମରେ ଭାଜପା ରାଜ୍ୟ ସଭାପତି ମନମୋହନ ସାମଲଙ୍କ ସମେତ ଅନ୍ୟମାନେ।

## ଅଙ୍ଗଦ କନ୍ଧମାଳ ଜିଲା ବିଜେଡି ସଭାପତି



ଭୁବନେଶ୍ୱର,୧୧।୨(ସୁନିତ୍ ମିଶ୍ର)

ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରବିବାର ଫୁଲବାଣୀ ବିଧାୟକ ଅଙ୍ଗଦ କହଁରଙ୍କୁ କନ୍ଧମାଳ ଜିଲା ସଭାପତି ଭାବେ ନିଯୁକ୍ତି ଦେଇଛନ୍ତି। ଦଳର ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସଙ୍କ ଦସ୍ତଖତ ସମ୍ବଳିତ ଏକ ଚିଠି ଜାରି କରାଯାଇ ଏ ସମ୍ପର୍କିତ ସୂଚନା ଦିଆଯାଇଛି। ସେହିପରି ଭୁବନେଶ୍ୱର ନହରକଣ୍ଟା ସ୍ଥିତ ୱାର୍ଡ ନମ୍ବର-୪ର ଦୀପକ କୁମାର ସାମନ୍ତରାୟଙ୍କୁ ବିଜୁ ଯୁବ ଜନତା ଦଳର ରାଜ୍ୟ ସାଧାରଣ ସମ୍ପାଦକ ଭାବେ ନିଯୁକ୍ତ କରାଯାଇଛି। ମୁଖ୍ୟମନ୍ତ୍ରୀ ତାଙ୍କୁ ଏହି ଦାୟିତ୍ୱ ଦେଇଥିବା ନେଇ ପ୍ରଣବ ପ୍ରକାଶ ଦାସଙ୍କ ଦସ୍ତଖତରେ ଆସିଥିବା ଦଳୀୟ ଚିଠି ଆଧାରରେ ସୂଚନା ଦିଆଯାଇଛି।

# ବଞ୍ଚିଥିବାଯାଏ ଲୋକଙ୍କ ସେବା କରିବି: ନରସିଂହ

**ବିଧାନସଭା ଶେଷ ଅଧିବେଶନ ପରେ ବଲାଙ୍ଗୀର ଫେରିଲେ**

- ଜନସାଧାରଣ, ଦଳୀୟ କର୍ମୀଙ୍କ ଭାବବିହ୍ୱଳ ସମ୍ବର୍ଦ୍ଧନା
- ୨୦ କିଲୋମିଟର ଧରି ବାଇକ୍ ରାଲି

ବଲାଙ୍ଗୀର,୧୧।୨
(ବୀରେନ୍ଦ୍ର କୁମାର ଝାଙ୍କର)




ବିଧାୟକ ନରସିଂହ ମିଶ୍ର ଖୋଲା କାରରେ ବଲାଙ୍ଗୀରବାସୀଙ୍କୁ ଶୁଭେଚ୍ଛା ଜଣାଉଛନ୍ତି।

ବରିଷ୍ଠ ରାଜନେତା ତଥା ବଲାଙ୍ଗୀର ବିଧାୟକ ନରସିଂହ ମିଶ୍ର ତାଙ୍କ ଦୀର୍ଘ ରାଜନୈତିକ ଜୀବନର ଶେଷ ବିଧାନସଭା ଅଧିବେଶନ ସାରି ରବିବାର ବଲାଙ୍ଗୀର ଫେରିଛନ୍ତି। ସେ ବଲାଙ୍ଗୀର-ସୁବର୍ଣ୍ଣପୁର ଜିଲା ସୀମାରେଖାର ବଇରାସରଠାରେ ପହଞ୍ଚିବା ପରେ କଂଗ୍ରେସ କର୍ମୀ ତାଙ୍କୁ ସ୍ୱାଗତ କରିଥିଲେ। ସେଠାରୁ ଏକ ବାଇକ୍ ରାଲିରେ ତାଙ୍କୁ ୨୦କିଲୋମିଟର ଦୂର ବଲାଙ୍ଗୀର ସହର ଅଭିମୁଖେ ଅଣାଯାଇଥିଲା। ଅପରାହ୍ଣ ପ୍ରାୟ ୫ଟାରେ ପୁଇଁତଳା ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ କଂଗ୍ରେସ କର୍ମୀ ଓ ଜନସାଧାରଣ ତାଙ୍କୁ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ। ସେଠାରୁ ବାଇକ୍ ରାଲି ବଲାଙ୍ଗୀର ସହର ଅଭିମୁଖେ ଯାଇଥିଲା। ସୁଦପଡା, ହସ୍ପିଟାଲ ଛକ, ପାଟଣେଶ୍ୱରୀ ମନ୍ଦିର ଛକ, ସମଲେଶ୍ୱରୀ ମନ୍ଦିର ଛକ, ପାଟଣା ହୋଟେଲ ଛକ, ପୁରୁଣା ସରକାରୀ ବସ୍‌ଷ୍ଟାଣ୍ଡ, କଚେରି ଛକ, ଭାଗୀରଥି ଛକ, ପିପି ଏକାଡେମୀ ଛକ, ବିକ୍ରମ ଛକ ଦେଇ ବିଧାୟକ ମିଶ୍ରଙ୍କ ସ୍ୱାଗତ ରାଲି ସହର ପରିକ୍ରମା କରିଥିଲା। ଏକ ଖୋଲା କାରରେ ଛିଡ଼ା ହୋଇ ବିଧାୟକ ମିଶ୍ର ସହରବାସୀଙ୍କ ଅଭିବାଦନ ଗ୍ରହଣ କରିଥିଲେ। ଏହାପରେ ସେ କ୍ଲବ୍‌ପଡା ବାସଭବନରେ ପହଞ୍ଚିଥିଲେ।

ଗଣମାଧ୍ୟମ ପ୍ରତିନିଧିଙ୍କ ପ୍ରଶ୍ନର ଉତ୍ତରରେ ବିଧାୟକ ମିଶ୍ର କହିଥିଲେ ଯେ, ଚଳିତ ବିଧାନସଭା ଥିଲା ତାଙ୍କ ନିର୍ବାଚନ ରାଜନୈତିକ ଜୀବନର ଶେଷ ଅଧିବେଶନ। ଶେଷଦିନ ବିଧାନସଭା ଭିତରେ ଭାବାବେଗର ପରିବେଶ ସୃଷ୍ଟି ହୋଇଥିଲା। ଦୀର୍ଘ ୩୪ବର୍ଷର ରାଜନୈତିକ ଜୀବନରେ ବିଧାନସଭା ଭିତରେ ଯଦି ତାଙ୍କର ବକ୍ତବ୍ୟ ବା କାର୍ଯ୍ୟକଳାପ କାହାକୁ ଆଘାତ ଦେଇଥାଏ, ତେବେ ତାଙ୍କୁ କ୍ଷମା କରିଦେବେ ବୋଲି କହିବା ପରେ ସମଗ୍ର ଗୃହ ଭାବବିହ୍ୱଳ ହୋଇଯାଇଥିଲା। ସଂକୀର୍ଣ୍ଣ ରାଜନୈତିକ ଚିନ୍ତାଧାରାରୁ ଊର୍ଦ୍ଧ୍ୱକୁ ଉଠି ସେଦିନ ଗୃହର ପ୍ରତ୍ୟେକ ବରିଷ୍ଠ ଓ କନିଷ୍ଠ ବିଧାୟକ ମିଶ୍ରଙ୍କୁ ବିଧାନସଭାରୁ ଭାବପୂର୍ଣ୍ଣ ବିଦାୟ ଦେଇଥିଲେ। ବିଧାୟକ ମିଶ୍ର କହିଥିଲେ ଯେ, ନିର୍ବାଚନ ସିନା ଲଢ଼ିବି ନାହିଁ ମାତ୍ର ବଞ୍ଚିଥିବା ଯାଏ ଲୋକଙ୍କ ସେବା ପାଇଁ ରାଜନୀତି କରିବି। ଆଗାମୀ ଦିନରେ ଆହୁରି ଯୋଗ୍ୟ ସଦସ୍ୟ ବିଧାନସଭାକୁ ଯିବେ ଏବଂ ଗଣତନ୍ତ୍ର ସଶକ୍ତ ହେବ ବୋଲି ତାଙ୍କର ବିଶ୍ୱାସ ରହିଛି। ବଲାଙ୍ଗୀରର ବିକାଶ ପାଇଁ ଶେଷନିଶ୍ୱାସ ଥିବା ଯାଏ କାର୍ଯ୍ୟ କରିବେ ବୋଲି ସେ କହିଥିଲେ। ରାଜନୈତିକ ଜୀବନରେ ଲୋକଙ୍କ ଏତେ ଭଲ ପାଇବା ଓ ସମ୍ମାନ ପାଇଥିବାରୁ ସେ ଲୋକଙ୍କୁ କୃତଜ୍ଞତା ଜଣାଇଥିଲେ।

## ଜନ୍ମଦିନର ଶୁଭେଚ୍ଛା

ନାମ: ..............................

ବୟସ: ..............................

ଜନ୍ମ ତାରିଖ: ..............................



ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଭାରତରେ ହେବ ସେମିକଣ୍ଡକ୍ଟର ପ୍ଲାଣ୍ଟ

### ୮ ବିଲିୟନ ଡଲାର ବିନିଯୋଗ କରିବ ଇସ୍ରାଏଲ

ଭୁବନେଶ୍ୱର,୧୧ା୨(ଅନୁରାଧା ମହାରଣା)

ସେମିକଣ୍ଡକ୍ଟର ଉତ୍ପାଦନ କ୍ଷେତ୍ରରେ ଭାରତ ବଡ଼ ସଫଳତା ପାଇବାକୁ ଯାଉଛି। ଇସ୍ରାଏଲର ପ୍ରସିଦ୍ଧ ସେମିକଣ୍ଡକ୍ଟର ଉତ୍ପାଦନକାରୀ କମ୍ପାନୀ 'ଟାୱାର' ୮ ବିଲିୟନ ଡଲାର ବିନିଯୋଗରେ ଦେଶରେ ଏକ ପ୍ଲାଣ୍ଟ ସ୍ଥାପନ କରିବାକୁ ପ୍ରସ୍ତାବ ଦେଇଛି। ଏହି ପ୍ରସ୍ତାବ ଅନୁଯାୟୀ ଟାୱାର ଭାରତରେ ୬୫ ନାନୋମିଟର ଏବଂ ୪୦ ନାନୋମିଟର ଚିପ୍ସ ତିଆରି କରିବ। ଆଇଟି ମନ୍ତ୍ରୀ ରାଜୀବ ଚନ୍ଦ୍ରଶେଖର ଗତ ବର୍ଷ ଅକ୍ଟୋବରରେ ଟାୱାର ସେମିକଣ୍ଡକ୍ଟରର ସିଇଓ ରସେଲ ସି ଏଲୱାନଗରଙ୍କୁ ଭେଟିଥିଲେ। ଏହି ସଭାରେ ଇସ୍ରାଏଲର




ରାଷ୍ଟ୍ରଦୂତ ନାଓର ଗିଲାନ ମଧ ସାମିଲ ହୋଇଥିଲେ। ବୈଠକ ପରେ ରାଜୀବ ଚନ୍ଦ୍ରଶେଖର କହିଛନ୍ତି ଯେ ଭାରତ ଏବଂ ଟାୱାର ମଧ୍ୟରେ ସେମିକଣ୍ଡକ୍ଟର ସହଭାଗିତା ସମ୍ପର୍କରେ ଆଲୋଚନା ହୋଇଛି। ଏହା ପୂର୍ବରୁ ୨୦୨୨ ମସିହାରେ ଅନ୍ତର୍ଜାତୀୟ ସେମିକଣ୍ଡକ୍ଟର କନ୍ସୋର୍ଟିୟମ ଭାରତର ସେମିକଣ୍ଡକ୍ଟର ଯୋଜନାର ଏକ ଅଂଶ ହେବାକୁ ଆବେଦନ କରିଥିଲା। ଟାୱାର ମଧ ଏହି ଆଇଏସସିର ଏକ ଅଂଶ। ସେହି ସମୟରେ ଇଣ୍ଟେଲ ଟାୱାର ସେମିକଣ୍ଡକ୍ଟର କିଣିବାକୁ ଚେଷ୍ଟା କରିଥିଲା। ଏହି କାରଣରୁ ଭାରତ ସରକାର ଏହି ଆବେଦନକୁ ଗ୍ରହଣ କରିନଥିଲେ। ତେବେ ଇଣ୍ଟେଲ ଅଧିଗ୍ରହଣ ପରେ ଟାୱାର ସେମିକଣ୍ଡକ୍ଟରକୁ ଆଇଏସସିର ଏକ ଅଂଶ ରହିବାକୁ ଅନୁମତି ଦେବ କି ନାହିଁ ସରକାର ନିଶ୍ଚିତ ନୁହନ୍ତି। ଟାୱାର ସେମିକଣ୍ଡକ୍ଟର ଉଚ୍ଚ ମୂଲ୍ୟର ଆନାଗଲ ସେମିକଣ୍ଡକ୍ଟର ସମାଧାନ ପ୍ରଦାନ କରେ। ଏହା ଅଟୋମୋବାଇଲ, ଡାକ୍ତରୀ, ଶିଳ୍ପ, ଉପଭୋକ୍ତା, ଏରୋସ୍ପେସ ଏବଂ ପ୍ରତିରକ୍ଷା ପରି କ୍ଷେତ୍ରରେ ଚିପ୍ସ ଯୋଗାଏ। କମ୍ପାନୀ ବିଶ୍ୱ ୩୦୦ରୁ ଅଧିକ ଗ୍ରାହକଙ୍କୁ ଆନାଲଗ ଇଣ୍ଟିଗ୍ରେଟେଡ ସର୍କିଟ ଉତ୍ପାଦନ ଏବଂ ଯୋଗାଇଥାଏ। କମ୍ପାନୀର ବାର୍ଷିକ ଆୟ ୧ ବିଲିୟନ ଡଲାରରୁ ଅଧିକ। ଗତ ବର୍ଷ ଜୁନରେ ଆମେରିକୀୟ ଚିପ ନିର୍ମାତା ମାଇକ୍ରୋନ ଟେକ୍ନୋଲୋଜି ଗୁଜରାଟରେ ୮୨୫ ନିୟୁତ ଡଲାର ବିନିଯୋଗରେ ଏକ ଆସେମ୍ବ୍ଲି ଏବଂ ଟେଷ୍ଟ ଫ୍ୟାସିଲିଟି ନିର୍ମାଣ କରିବାକୁ ଘୋଷଣା କରିଥିଲା। ଏହା ୨୦୨୪ ଶେଷ ସୁଦ୍ଧା ଆରମ୍ଭ ହେବ।

# ବିଏଫ୍‌ଏଏମ୍‌ର ନୂଆ ଇକ୍ୱିଟି ଫଣ୍ଡ

ଭୁବନେଶ୍ୱର,୧୧ା୨

ବଜାଜ ଫିନ୍‌ସର୍ଭ ଆସେଟ ମ୍ୟାନେଜମେଣ୍ଟ (ବିଏଫ୍‌ଏଏମ୍)ର ନୂଆ ଇକ୍ୱିଟି ଫଣ୍ଡ 'ବଜାଜ ଫିନସର୍ଭ ଲାର୍ଜ ଆଣ୍ଡ ମିଡକ୍ୟାପ ଫଣ୍ଡ 'ର ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରାଯାଇଛି। ଯାହା ପ୍ରତିସ୍ପର୍ଦ୍ଧାତ୍ମକ ନିବେଶ (ମୋଟ ଇନଭେଷ୍ଟିଂ)ଜରିଆରେ ନିବେଶଙ୍କ ସମ୍ପତ୍ତିରେ ବୃଦ୍ଧି ଘଟାଇବାକୁ ରଣକୌଶଳାତ୍ମକ ଭାବରେ ଡିଜାଇନ କରାଯାଇଛି। ଏହି ଫଣ୍ଡ ଏକ ଓପନ ଏଣ୍ଡେଡ ଇକ୍ୱିଟି ସ୍କିମ, ଯାହା ଉଭୟ ଲାର୍ଜ-କ୍ୟାପ ଏବଂ ମିଡ-କ୍ୟାପରେ ନିବେଶ କରିବାକୁ ଲକ୍ଷ୍ୟ ରଖୁଛି ଏବଂ ଦୀର୍ଘାବଧି ନିରନ୍ତରତା ଏବଂ ଲାଭଉପାର୍ଜନ ସୁନିଶ୍ଚିତ କରିବାକୁ ଅର୍ଥନୈତିକ ପ୍ରତିସ୍ପର୍ଦ୍ଧା ଚିନ୍ତାଧାରା ଉପରେ ଗୁରୁତ୍ୱ ଦେଉଛି। ଏ ସମ୍ପର୍କରେ ବିଏଫଏଏମର ସିଇଓ ଗଣେଶ ମୋହନ କହିଥିଲେ,ଏହି ନୂଆ ଅଫର ବଜାର ଗତିଶୀଳତା ସମ୍ପର୍କରେ ଆମର ରଣକୌଶଳାତ୍ମକ ଦୂରଦୃଷ୍ଟି ଏବଂ ଗଭୀର ହୃଦୟଙ୍ଗମର ଏକ ନିଦର୍ଶନ ହୋଇଛି।

# ରାଜ୍ ଇଲେକ୍‌ଟ୍ରୋନିକ୍ସରେ ଏସି ମହାସେଲ୍ ଅଫର

RAJ ELECTRONICS
ODISHA's No.1
Retail Chain Store
ଦୀର୍ଘବର୍ଷ ଧରି
ସମଗ୍ର ଓଡିଶାବାସୀଙ୍କ
ଘରେ ଘରେ ପରିଚିତ

ଭୁବନେଶ୍ୱର,୧୧ା୨ (ଅଭୟ ଦାଶ)

ରାଜ୍ୟର ଅଗ୍ରଣୀ ରିଟେଲ ଚେନ୍ ଷ୍ଟୋର 'ରାଜ୍ ଇଲେକଟ୍ରୋନିକ୍ସ' ପକ୍ଷରୁ ଏୟାର କଣ୍ଡିଶନର(ଏସି) ମହାସେଲ୍ ଅଫର ସମ୍ପର୍କରେ ଘୋଷଣା କରାଯାଇଛି। ଚଳିତ ବର୍ଷର ଗ୍ରୀଷ୍ମ ପ୍ରଭାବ (ଖରାଦିନ) ପୂର୍ବରୁ ଏହି ମହାସେଲ୍ ଗ୍ରାହକଙ୍କୁ ବେଶ୍ ସହାୟକ ହେବ। ଏପରିକି ଖରାଦିନ ଆରମ୍ଭ ହେବା ସଙ୍ଗେ ସଙ୍ଗେ ଇଲେକଟ୍ରୋନିକ୍ସ ସାମଗ୍ରୀ ମୂଲ୍ୟରେ ଅହେତୁକ ବୃଦ୍ଧିର ପ୍ରଭାବ ବଜାର ଉପରେ ପଡ଼ିବାର ସମ୍ଭାବନା ରହିଛି, ଆକଳନ ଅନୁଯାୟୀ ବିଗତ ୧୦ବର୍ଷ ଧରି ୧ଡିଗ୍ରୀରୁ ଅଧିକ ସେଲସିୟସର ଅନୁପାତରେ ତାପମାତ୍ରା ବୃଦ୍ଧି ପାଇଚାଲିଛି। ଏଥିସହିତ ଚଳିତ ବର୍ଷ ଥଣ୍ଡାର ମାତ୍ରା କମ୍ ରହିବା ସହିତ ଆଗକୁ ଉତ୍ତାପର ମାତ୍ରା ଅଧିକ ବୃଦ୍ଧି ପାଇବ। ସେଥିପାଇଁ ଏସିର ଚାହିଦା ବୃଦ୍ଧି ପାଇବା ଆରମ୍ଭ ହୋଇଯାଇଛି। ଏପରିକି ମାର୍ଚ୍ଚ ଶେଷ ବେଳକୁ ମୂଲ୍ୟ ୧୦୦୦ରୁ ୩୦୦୦ ମୂଲ୍ୟ ପର୍ଯ୍ୟନ୍ତ ବଢ଼ିଯିବ ବୋଲି ବିଶେଷଜ୍ଞମାନେ ଆକଳନ କରୁଛନ୍ତି। ବର୍ତ୍ତମାନ କମ୍ପାନିଗୁଡ଼ିକ ଦ୍ୱାରା ମୂଲ୍ୟ ବୃଦ୍ଧି ଘୋଷଣା କରାଯାଇନାହିଁ, କିନ୍ତୁ ଜଣାଯାଉଛି ଆଗାମୀ କିଛି ଦିନ ମଧ୍ୟରେ କମ୍ପାନୀଗୁଡ଼ିକ ମୂଲ୍ୟ ବୃଦ୍ଧି ଉପରେ ବିଚାର କରିପାରନ୍ତି। ମାର୍କେଟରେ କପର, ଆଲୁମିନିୟମର ମୂଲ୍ୟ ଉଲ୍ଲେଖନୀୟ ଭାବେ ବଢିବା ସହିତ କଞ୍ଚାମାଲର ମୂଲ୍ୟ ବଢ଼ିବା ଓ ପେଣ୍ଟ୍ ପ୍ଲାଷ୍ଟିକ ଭଳି ଉତ୍ପାଦ ପ୍ରତ୍ୟକ୍ଷ ଭାବେ ମୂଲ୍ୟ ବୃଦ୍ଧି ହୋଇଛି। କମ୍ପାନୀମାନଙ୍କର ଉତ୍ପାଦନ ଖର୍ଚ୍ଚ ବଢ଼ିବାର ପ୍ରଭାବ ଉପଭୋକ୍ତାଙ୍କ ଉପରେ ପଡ଼ିବାକୁ ଯାଉଛି। ଏହି ଦରବୃଦ୍ଧିର ସମ୍ଭାବନା ରହୁଥିବାରୁ ସବୁବେଳେ ଗ୍ରାହକଙ୍କ ସାଥିରେ ଥିବା ରାଜ୍ ଇଲେକ୍ଟ୍ରୋନିକ୍ସ ଗ୍ରାହକଙ୍କୁ ଆକର୍ଷଣୀୟ ମୂଲ୍ୟରେ ଏସି ଯୋଗାଇଦେବା ପାଇଁ ମହାସେଲ୍ ଘୋଷଣା କରିଛି। ଏ ସମ୍ପର୍କରେ ରାଜ୍ ଇଲେକ୍ଟ୍ରୋନିକ୍ସର ସ୍ୱତ୍ୱାଧିକାରୀ ପ୍ରକାଶ କୁମାର ବିଶ୍ୱାଳ କହିଛନ୍ତି, ଏସି ଏକ ଦୀର୍ଘସ୍ଥାୟୀ ଉପଭୋକ୍ତା ସାମଗ୍ରୀ ହୋଇଥିବା ଯୋଗୁ ଜଣେ ଗ୍ରାହକ ଏହାକୁ ବର୍ଷେ କିମ୍ବା ଦୁଇବର୍ଷ ପାଇଁ କିଣି ନ ଥାନ୍ତି, ୮ରୁ ୧୦ବର୍ଷର ଆବଶ୍ୟକତା ପୂରଣ ପାଇଁ କ୍ରୟ କରିଥାନ୍ତି। ତେଣୁ ମୂଲ୍ୟ ବୃଦ୍ଧି ପାଇବା ପୂର୍ବରୁ ଗ୍ରାହକମାନେ ବର୍ତ୍ତମାନ ମୂଲ୍ୟରେ ଏସି କିଣି ଘରେ ଲଗାଇବା ସହିତ ଖରାଦିନେ ତାତିରୁ ଆରାମ ପାଇପାରିବେ ବୋଲି ସେ ବିସ୍ତୃତ ଭାବେ ମତପ୍ରକାଶ କରିଛନ୍ତି।

# ଏସ୍‌ବିଆଇର ସିଏସ୍‌ଆର୍ କାର୍ଯ୍ୟକ୍ରମ

ଭୁବନେଶ୍ୱର,୧୧ା୨

ଭାରତୀୟ ଷ୍ଟେଟ ବ୍ୟାଙ୍କ (ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ ବା ଏସ୍‌ବିଆଇ)ର ଭୁବନେଶ୍ୱର ମଣ୍ଡଳ ପକ୍ଷରୁ ୨୦ଟି ଭ୍ରାମ୍ୟମାଣ ଶୌଚାଳୟ (ବାୟ ଟଏଲେଟ) ନ୍ୟାଶନାଲ କ୍ୟାଡେଟ କର୍ (ଏନ୍‌ସିସି)ର ଓଡ଼ିଶା ୟୁନିଟ୍‌କୁ ଯୋଗାଇ ଦିଆଯାଇଛି। ଏହି ପରିପ୍ରେକ୍ଷୀରେ ଏସ୍‌ବିଆଇର କଟକସ୍ଥିତ ଚଣ୍ଡୀ ଛକ ଶାଖା ଜରିଆରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଏହି ଅବସରରେ ଏସ୍‌ବିଆଇ ଭୁବନେଶ୍ୱର ମଣ୍ଡଳର ମହାପ୍ରବନ୍ଧକ ଦିନେଶ କୁମାର ପୃଥୀ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏନ୍‌ସିସି ଗ୍ରୁପ କମାଣ୍ଡର କର୍ନଲ ସତ୍ୟବ୍ରତ



ସ୍ୱାଇଁଙ୍କୁ ୨୦ଟି ବାୟ ଟଏଲେଟ ହସ୍ତାନ୍ତର କରିଥିଲେ। ଉଲ୍ଲେଖଯୋଗ୍ୟ, ଏସ୍‌ବିଆଇର କର୍ପୋରେଟ ସାମାଜିକ ଦାୟିତ୍ୱବୋଧ (ସିଏସ୍‌ଆର୍) କାର୍ଯ୍ୟକ୍ରମ ଅଧୀନରେ ଉକ୍ତ ଟଏଲେଟଗୁଡିକୁ ଏନ୍‌ସିସି ୟୁନିଟକୁ ପ୍ରଦାନ କରାଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ଏସବିଆଇର ବହୁ ବରିଷ୍ଠ ଅଧିକାରୀ ଓ ଅନ୍ୟମାନେ ଉପସ୍ଥିତ ଥିଲେ।

# ପ୍ରତ୍ୟକ୍ଷ ଟିକସ ସଂଗ୍ରହ ୧୫.୬୦ ଟ୍ରିଲିୟନ

ଭୁବନେଶ୍ୱର,୧୧ା୨

କ୍ରମାଗତ ଭାବେ ପ୍ରତ୍ୟକ୍ଷ ଟିକସ ସଂଗ୍ରହ (ନେଟ ଡାଇରେକ୍ଟ ଟ୍ୟାକ୍ସ କଲେକ୍ସନ)ରେ ବୃଦ୍ଧି ଘଟିଛି। ଏପରିକି ଚଳିତ ଆର୍ଥିକ ବର୍ଷରେ ପ୍ରତ୍ୟକ୍ଷ ଟିକସ ସଂଗ୍ରହ ବାର୍ଷିକ ଭିତ୍ତିରେ (ବର୍ଷକୁ ବର୍ଷ) ୨୦% ବୃଦ୍ଧି ଘଟି ୧୫.୬୦ ଟ୍ରିଲିୟନ ଟଙ୍କା ହୋଇଛି ବୋଲି ରବିବାର ସେଣ୍ଟ୍ରାଲ ବୋର୍ଡ ଅଫ୍ ଡାଇରେକ୍ଟ ଟ୍ୟାକ୍ସ (ସିବିଡିଟି) ପକ୍ଷରୁ ବିସ୍ତୃତ ଭାବେ ସୂଚନା ଦିଆଯାଇଛି। ଏପରିକି ଉକ୍ତ ପରିମାଣ ପୂର୍ଣ୍ଣ ଆର୍ଥିକ ବର୍ଷ ପାଇଁ ସଂଶୋଧିତ ବଜେଟ ଆକଳନର ୮୦% ବୋଲି ସିବିଡିଟି ପକ୍ଷରୁ ଆକଳନ କରାଯାଇଛି। ସେହିଭଳି ପ୍ରତ୍ୟକ୍ଷ ଟିକସ ସଂଗ୍ରହର ଅସ୍ଥାୟୀ ଆକଳନ ସ୍ଥିର ଅଭିବୃଦ୍ଧି ପଞ୍ଜୀକରଣ ଜାରି ରହିଥିଲାବେଳେ ୨୦୨୪ ଫେବୃଆରୀ ୧୦ ମଧ୍ୟରେ ପ୍ରତ୍ୟକ୍ଷ ଟିକସ ସଂଗ୍ରହ ମୋଟ ୧୮.୩୮ ଟ୍ରିଲିୟନ ଟଙ୍କା ହୋଇଛି। ୨୦୨୨-୨୩ ଆର୍ଥିକ ବର୍ଷର ସମାନ ସମୟ ମଧ୍ୟରେ ଆଦାୟ ହୋଇଥିବା ମୋଟ ସଂଗ୍ରହଠାରୁ ଚଳିତ ଆର୍ଥିକ ବର୍ଷର ଆଦାୟ ପରମାଣ ୧୭.୩୦% ଅଧିକ ରହିଛି। ସେହିପରି ୨୦୨୪ ଫେବୃଆରୀ ୧୦ ମଧ୍ୟରେ ପ୍ରତ୍ୟକ୍ଷ ଟିକସ ସଂଗ୍ରହ ମୋଟ ୧୫.୬୦ ଟ୍ରିଲିୟନ ଟଙ୍କା ରହିଥିଲାବେଳେ ୨୦୨୨-୨୩ ଆର୍ଥିକ ବର୍ଷର ସମାନ ସମୟ ମଧ୍ୟରେ ମୋଟ ୨୦.୨୫% ଅଧିକ ସିବିଡିଟି ପକ୍ଷରୁ କୁହାଯାଇଛି। ଅପରପକ୍ଷରେ ୨୦୨୩-୨୪ ଆର୍ଥକ ବର୍ଷ ପାଇଁ ପ୍ରତ୍ୟକ୍ଷ ଟିକସର ସମୁଦାୟ ସଂଶୋଧିତ ଆକଳନଗୁଡିକର ୮୦.୨୩% ହୋଇଥିଲାବେଳେ ୨୦୨୩ ଏପ୍ରିଲ ୧ରୁ ୨୦୨୪ ଫେବୃଆରୀ ୧୦ ମଧ୍ୟରେ ୨.୭୭ ଟ୍ରିଲିୟନ ଟଙ୍କା ଫେରସ୍ତ ପ୍ରଦାନ କରାଯାଇଛି।


## CLASSIFIED DISPLAY

MORE SPACE • SAME PRICE

TARIFF — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

OAS HUB
Make your dreams into reality
OAS / IAS
JOIN NEW PRELIMS TO PERSONALITY TEST (P2P) BATCH.
For Odisha Administrative Services.
ADMISSION OPEN NOW
Somi Palace, Plot No. M5/17, Ground Floor, Acharya Vihar, Bhubaneswar
Contact Us:
8926232634
9827166018

ADMISSION OPEN
B.Ed, M.Ed, B.P.Ed.
Equivalent of Utkal University
Lowest Fees
Odisha School of Professional Studies
Address:
Plot No.N2/57, 2nd Floor, Near N2 Park, IRC Village, Nayapalli, Bhubaneswar- 751015
CONTACT NO.
7008096933
9692828174

**ପାଠକଙ୍କ ପାଇଁ ସୂଚନା:** କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


# ବିଓବିର ତ୍ରୈମାସିକ ଫଳାଫଳ

ଭୁବନେଶ୍ୱର,୧୧ା୨

ବ୍ୟାଙ୍କ ଅଫ୍ ବରୋଦା(ବିଓବି)ର ନିର୍ଦ୍ଦେଶକ ମଣ୍ଡଳୀ ବୈଠକ ନିକଟରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ ବ୍ୟାଙ୍କର ଆଗାମୀ କାର୍ଯ୍ୟକଳାପ ଓ କାରବାର ସହିତ ନୂତନ ଯୋଜନା ଆଦି ସମ୍ପର୍କରେ ବିସ୍ତୃତ ଆଲୋଚନା ସହ ୨୦୨୩ ଡିସେମ୍ବର ୩୧ ସୁଦ୍ଧା ହୋଇଥିବା ତ୍ରୈମାସିକ ଆର୍ଥିକ ଫଳାଫଳ ଘୋଷଣା କରାଯାଇଛି। ଏପରିକି ବିଓବିର ତୃତୀୟ ତ୍ରୈମାସିକ ଏବଂ ଆର୍ଥିକ ବର୍ଷର ୯ମ ମାସରେ ୩୮.୨% ର ଉଲ୍ଲେଖନୀୟ ବୃଦ୍ଧି ସହ ନେଟ୍ ଲାଭ ମୋଟ ୧୨,୯୦୨ କୋଟି ହୋଇଛି ବୋଲି ବ୍ୟାଙ୍କ ପକ୍ଷରୁ ବିସ୍ତୃତ ରିପୋର୍ଟ ପ୍ରକାଶ କରାଯାଇଛି। ଏପରିକି ୨୦୨୩ ଡିସେମ୍ବର ୩୧ ସୁଦ୍ଧା ବିଓବିର ଗ୍ଲୋବାଲ୍ ବ୍ୟବସାୟ ୧୦.୭% ବୃଦ୍ଧି ହୋଇ ମୋଟ ୨୨,୯୪,୬୨୭ କୋଟି ହୋଇଛି। ସେହିଭଳି ବ୍ୟାଙ୍କର ନେଟ୍ ଲାଭ ତୃତୀୟ ତ୍ରୈମାସିକ (କ୍ୟୁ୩ଏଫୱାଇ-୨୪)ରେ ମୋଟ ୪,୫୭୯ କୋଟି ରହିଛି, ଯାହାକି ପୂର୍ବ ବର୍ଷ ତୁଳନାରେ ୧୮.୮%ର ଅଭିବୃଦ୍ଧି ହୋଇଛି। ବିଶେଷକରି ତୃତୀୟ ତ୍ରୈମାସିକ ପାଇଁ ରିଟର୍ନ ଅନ୍ ଆସେଟ୍ (ଆରଓଏ) ୧.୨୦% ଓ ୯ଏମ୍ ଏଫୱାଇ୨୪ ପାଇଁ ୧.୧୫% ରହିଛି। ରିଟର୍ନ ଅନ୍ ଇକ୍ୟୁଟି (ଆରଓଇ) ପୂର୍ବ ବର୍ଷ ତୁଳନାରେ ୧୬୮ ବିପିଏସ୍ ଅଧିକ ରହିଛି, ଯାହା ୯ଏମଏଫୱାଇ୨୪ରେ ୧୮.୭୦% ଥିଲା। ସେହିପରି ବ୍ୟାଙ୍କ ଲାଭରେ ଏହି ଉଲ୍ଲେଖନୀୟ ବିକାଶ ୯ଏମଏଫୱାଇ୨୪ ରେ ପୂର୍ବ ବର୍ଷ ତୁଳନାରେ ସୁସ୍ଥ ଅପରେଟିଂ ଆୟରେ ୧୮.୮% ବୃଦ୍ଧି କାରଣରୁ ହୋଇପାରିଛି। ଅପରପକ୍ଷରେ ବ୍ୟାଙ୍କର ଅପରେଟିଂ ଆୟ ବୃଦ୍ଧି କ୍ଷେତ୍ରରେ ୯ଏମଏଫୱାଇ୨୪ରେ ଅଣ ସୁଧ ଆୟରେ ପୂର୍ବ ବର୍ଷ ତୁଳନାରେ ପ୍ରାୟ ୧.୫ଗୁଣା ବୃଦ୍ଧି ପାଇଛି, ଯାହାକି ୧୦,୩୦୪ କୋଟିରେ ପହଞ୍ଚିଛି। ଆୟରେ ଦୃଢ଼ ବୃଦ୍ଧି ସହିତ ଓପେକ୍ସରେ ନିୟମିତ ବୃଦ୍ଧି ହେତୁ ପୂର୍ବ ବର୍ଷ ତୁଳନାରେ ୯ଏମଏଫୱାଇ୨୪ ରେ ଉଲ୍ଲେଖନୀୟ ଭାବରେ ଅପରେଟିଂ ଲାଭରେ ୨୧.୭% ବୃଦ୍ଧି ହୋଇଛି।

# ୧୦୦ କ୍ୟୁବ୍ ଷ୍ଟାର୍ଟଅପ୍ କନ୍‌କ୍ଲେଭ ଉଦ୍‌ଘାଟିତ

ଭୁବନେଶ୍ୱର,୧୧ା୨

ରାଜ୍ୟର ଅଗ୍ରଣୀ ଜାତୀୟ ଶିକ୍ଷାନୁଷ୍ଠାନ ଇଣ୍ଡିଆନ ଇନ୍‌ଷ୍ଟିଚ୍ୟୁଟ ଅଫ୍ ଟେକ୍ନୋଲୋଜି (ଆଇଆଇଟି) ଭୁବନେଶ୍ୱରର ଗବେଷଣା ଏବଂ ଉଦ୍ୟମିତା ପାର୍କ ପକ୍ଷରୁ ଏକ ଦିନିକିଆ ସ୍ୱତନ୍ତ୍ର ସମ୍ମିଳନୀ '୧୦୦ କ୍ୟୁବ୍ ଷ୍ଟାର୍ଟଅପ୍ କନ୍‌କ୍ଲେଭ'ର ଆୟୋଜନ କରାଯାଇଛି। ଏହି ଅବସରରେ କେନ୍ଦ୍ର ଶିକ୍ଷା,ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ରବିବାର ଉକ୍ତ ସମ୍ମିଳନୀକୁ ଉଦ୍‌ଘାଟନ କରି କହିଛନ୍ତି, ଆଜି ଏକ ଐତିହାସିକ ଦିନ, ଆମେ ନୂଆ କୋଣାର୍କ ମନ୍ଦିର ଭଳି ଆଇଆଇଟି ଭୁବନେଶ୍ୱରର ଗବେଷଣା ଏବଂ ଉଦ୍ୟମିତା ପାର୍କର ଶୁଭାରମ୍ଭ ସହ ୨୦୩୬ ସୁଦ୍ଧା ଓଡ଼ିଶା ଭାଷାଭିତ୍ତିରେ ସ୍ୱତନ୍ତ୍ର ପ୍ରଦେଶ ଗଠନର ଶତବାର୍ଷିକୀ ପୂରଣ କରିବ। ଏହି ସମୟ ସୁଦ୍ଧା ଉକ୍ତ




ପାର୍କରେ ହାରାହାରି ୧୦୦ କୋଟି ଟଙ୍କା ଲେଖାଏ ମୂଲ୍ୟର ୧୦୦ଟି ଷ୍ଟାର୍ଟଅପ୍ ସୃଷ୍ଟି କରିବାର ଲକ୍ଷ୍ୟ ରହିଛି। ଏହି ଲକ୍ଷ୍ୟକୁ ପୂରଣ କରିବା ପାଇଁ ଷ୍ଟାର୍ଟଅପଗୁଡ଼ିକୁ ନିବେଶକଙ୍କ ସହ ସମନ୍ୱୟ ସ୍ଥାପନ କରିବା ପାଇଁ ଆବଶ୍ୟକ ସମ୍ବଳ, ସହଯୋଗ ଏବଂ ଆର୍ଥିକ ସହାୟତା ପ୍ରଦାନ କରାଯିବ। ଏହି ଉଦ୍ଦେଶ୍ୟରେ ଭାରତ ସରକାରଙ୍କ ଶିକ୍ଷା ମନ୍ତ୍ରଣାଳୟ ୧୩୦ କୋଟି ଟଙ୍କା ସହାୟତାରେ ପାର୍କର ବିକାଶ ସାଙ୍ଗକୁ ଆସନ୍ତା ୨ ବର୍ଷ ମଧ୍ୟରେ ୨୦,୦୦୦ ବର୍ଗଫୁଟରୁ ୮୦,୦୦୦ ବର୍ଗଫୁଟ ପର୍ଯ୍ୟନ୍ତ ସମ୍ପ୍ରସାରଣ କରାଯିବ। ଏହି ଅବସରରେ କେନ୍ଦ୍ରମନ୍ତ୍ରୀ ଆଇଆଇଟି ଭୁବନେଶ୍ୱରର ୧୫୦୦ସିଟ୍ ବିଶିଷ୍ଟ ଅଡିଟୋରିୟମକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିବା ସହ ୪୫୦ କୋଟି ଟଙ୍କାର ଭିତ୍ତିଭୂମି ପ୍ରକଳ୍ପର ଶିଳାନ୍ୟାସ ସ୍ଥାପନ କରିଛନ୍ତି।


# Classified Everyday

0674-2580101, 2549949



REAL ESTATE

**SALE**

3BHK Semifurnished flats at Jharpada 80' road side. Contact- 9437307086, 7978209277, 7008789347. D-2493

Ready to possess 2/3 BHK flats near Badagada Canal Road Mouza:- Meherpalli for sale. Bank finance available. Contact No.- 9861467987 & 9861336178. D-2487

Readymade 2/3BHK premium flat at prime location of Jayadev Vihar Chhak. Contact- 9437307086, 7978209277, 7008789347. D-2494

ମୋର ଘରବାଡ଼ି ଜମି ହଂସପାଳ ବାଲିଅନ୍ତାରେ ବିକ୍ରି କରିବାକୁ ଚାହୁଁଛି। (Bank Loan available) Excuse broker. 9437765989. D-75902

Duplex project at Retang Medical, Station, Market, CV Raman, Tamando, Bhubaneswar. 9777553622. D-75296

BDA Yellowzone gharabari plot for sale Khandagiri Amri Hospital back side ready for construction. 7978850450, 9439918431. D-75907

ଭୁବନେଶ୍ୱର ପଟିଆ ରେଲୱେ ଷ୍ଟେଶନ ପାଖରେ 100ft. roadside yellowzone 30ft. ରାସ୍ତା ଥାଇ ସଙ୍ଗେସଙ୍ଗେ ଘର କଲାଭଳି ପୋଜେସନ୍ ପ୍ଲଟ୍ ମିଳୁଛି। 7978701424, 9937025614. D-75299

ଭୁବନେଶ୍ୱର ଜଟଣୀଗେଟ୍ କିଛି ଦୂରତାରେ 1200sqft., 3,60,000/- ଛଡାବର Bypass sqft.-500/-. 9776974912. D-75904

କଟକ-ଭୁବନେଶ୍ୱର ମଧ୍ୟରେ ନିର୍ମିତ Grandbazar (NH-16) ଏବଂ SUM-2 (Hospital) ଠାରୁ ଅଳ୍ପ ଦୂରତାରେ ଘରବାରି ପ୍ଲଟ୍ କିଣନ୍ତୁ - 9658562429. D-75906

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।




Refreshments body massage Therapy with experience therapists, Ashirvad Panchakarma Spa, Keshari Mall, Bhubaneswar. 8926173473. D-46569

Herbal full body massage by smart/expert therapist. Contact- 9124139069. D-75706

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

Newly open SPA positively health benefits with expert therapist. 9090400507. D-75198

"Only Ayurvedic body massage & Steam-Bath. 9861550765". D-2495

ଧରିତ୍ରୀ DHARITRI
Scan & Pay
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ।
BHIM | UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।

## ମନେ ପଡ଼ନ୍ତି

### ଷଷ୍ଠ ଶ୍ରାଦ୍ଧବାର୍ଷିକୀ



**ସ୍ୱର୍ଗତ ନରେନ୍ଦ୍ର କୁମାର ଦାଶ**

ଶିମୁଳିପାଟଣା, ଚନ୍ଦକା
ଆବିର୍ଭାବ- ୨୯।୦୩।୧୯୫୨
ତିରୋଧାନ- ୧୯।୦୧।୨୦୧୮
''ନୈନଂ ଛିନ୍ଦନ୍ତି ଶସ୍ତ୍ରାଣି ନୈନଂ ଦହତି ପାବକଃ
ନ ଚୈନଂ କ୍ଳେଦୟନ୍ତ୍ୟାପୋ ନ ଶୋଷୟତି ମାରୁତଃ''
ସ୍ତ୍ରୀ- ଗୌରୀପ୍ରଭା, ଭାଉଜ- ସାବିତ୍ରୀ, ଭାଇ- ସୁଧାକର, ଭାଇବୋହୂ- ନର୍ମଦା, ପୁତ୍ର- ଅରବିନ୍ଦ, ପୁତ୍ରବଧୂ- ଶ୍ରାବନ୍ତୀ, ପୁତୁରା, ପୁତୁରାବୋହୂ, ଝିଅଜ୍ୱାଇଁ, ଭଣଜା, ଭାଣିଜୀ, ନାତିନାତୁଣୀମାନେ ଏବଂ ବନ୍ଧୁ ଓ ପରିବାରବର୍ଗ।
ଧ-୨୫୦୪

### ତ୍ରୟୋଦଶତମ ଶ୍ରାଦ୍ଧବାର୍ଷିକୀ



**ସ୍ୱର୍ଗତ କୃଷ୍ଣଚନ୍ଦ୍ର ପୁଷ୍ପାଳକ**

ଅବସରପ୍ରାପ୍ତ ଅନୁଶାସନ ସଚିବ, ସ୍ୱରାଷ୍ଟ୍ର ବିଭାଗ
ଦାଣ୍ଡମୁକୁନ୍ଦପୁର, ପିପିଲି
ଆବିର୍ଭାବ: ୦୫।୧୦।୧୯୪୪
ତିରୋଧାନ: ୦୫।୦୨।୨୦୧୧
ଆପଣଙ୍କ ନିଷ୍ଠାପରତା, କର୍ତ୍ତବ୍ୟପରାୟଣତା, ପରୋପକାରିତା, ଆମ ଜୀବନର ପାଥେୟ। ଶ୍ରୀଜଗନ୍ନାଥଙ୍କ ପାଦପଦ୍ମରେ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି।
ଶୋକସନ୍ତପ୍ତ: ଧର୍ମପତ୍ନୀ, ଭଉଣୀ, ପୁତ୍ର ଓ ପୁତ୍ରବଧୂ, ଝିଅ, ଜ୍ୱାଇଁ ଓ ନାତି,ନାତୁଣୀ।
ଧ-୨୪୬୧

# ଫେରିଲେ ସାମନ୍ଥା


ସାମନ୍ଥା ରୁଥ ପ୍ରଭୁ

**ମୁମ୍ବାଇ:** ସାଉଥ ଅଭିନେତ୍ରୀ ସାମନ୍ଥା ରୁଥ ପ୍ରଭୁ ପୁଣିଥରେ ଅଭିନୟ ଆରମ୍ଭ କରିବାକୁ ଯାଉଛନ୍ତି। ସେ ଦୀର୍ଘଦିନ ଧରି ଅଟୋ-ଇମ୍ୟୁନ୍ ଅବସ୍ଥା (ମାୟୋସାଇଟିସ୍)ରେ ପୀଡ଼ିତ ଥିଲେ। ବର୍ଷେ ହେଲା ସେ ଅଭିନୟରୁ ବିରତି ନେଇ ନିଜ ସ୍ୱାସ୍ଥ୍ୟର ଯତ୍ନ ନେଉଥିଲେ। ସେ ପୁନର୍ବାର କାମକୁ ଫେରୁଥିବା ନେଇ ନିଜେ ସୋସିଆଲ ମିଡ଼ିଆ ଆକାଉଣ୍ଟରେ ଏକ ଭିଡ଼ିଓ ଶେୟାର କରି ସୂଚନା ଦେଇଛନ୍ତି। ସାମନ୍ଥା ତାଙ୍କ ଇନ୍‌ଷ୍ଟାଗ୍ରାମ ଆକାଉଣ୍ଟରେ ଏକ ଭଡ଼ିଓ ଶେୟାର କରି ପ୍ରଶଂସକମାନଙ୍କୁ କାମକୁ ଫେରିବାର ଖୁସି ଖବର ଦେଇଥିଲେ। ସେ ତାଙ୍କ ସ୍ୱାସ୍ଥ୍ୟ ପୋଡକାଷ୍ଟ ମଧ୍ୟ ଘୋଷଣା କରିଛନ୍ତି। ଭିଡିଓରେ ସେ କହିଛନ୍ତି, ମଝିରେ ମୁଁ ସମ୍ପୂର୍ଣ୍ଣ ବେକାର ଥିଲି। ଏବେ କାମକୁ ଫେରିଯାଉଛି। ସାମନ୍ଥା ଆହୁରି କହିଛନ୍ତି, ସେ ଜଣେ ବନ୍ଧୁଙ୍କ ସହ କିଛି ମଜା କରୁଛନ୍ତି। ଏହା ଏକ ସ୍ୱାସ୍ଥ୍ୟ ପୋଡକାଷ୍ଟ, କିନ୍ତୁ ଏହା ମୁଁ ପ୍ରକୃତରେ ଭଲପାଏ । ମୁଁ ଏହା ଉପରେ ଅତ୍ୟଧିକ ଆଗ୍ରହୀ ଏବଂ ମୁଁ ବହୁତ ଉତ୍ସାହିତ ଯେ ଏହା ଆସନ୍ତା ସପ୍ତାହରେ ମୁକ୍ତିଲାଭ କରିବ। ମୁଁ ଆଶା କରେ ଆପଣମାନଙ୍କ ମଧ୍ୟରୁ କେତେକ ଏହାକୁ ପ୍ରକୃତରେ ଉପଯୋଗୀ ମନେ କରିବେ। ମୁଁ ଭାବୁଛି ମୁଁ ଏହାକୁ ତିଆରି କରିବାକୁ ଉପଭୋଗ କରିଛି। ଆକ୍ସନ-ଥ୍ରୀଲର 'ସିଟାଡେଲ'ର ଭାରତୀୟ ଅଧ୍ୟାୟର ଶୁଟିଂ ଶେଷ କରିବା ପରେ ସାମନ୍ଥା ତାଙ୍କ ସ୍ୱାସ୍ଥ୍ୟ ଉପରେ ଧ୍ୟାନ ଦେବା ପାଇଁ ଅଭିନୟରୁ ବିରତି ନେଇଥିଲେ। ଏହି ସମୟ ମଧ୍ୟରେ ସେ ଆମେରିକାରେ ଅଟୋଇମ୍ୟୁନ ସ୍ଥିତି, ମାୟୋସାଇଟିସ୍ ପାଇଁ ଚିକିତ୍ସା ଗ୍ରହଣ କରିଥିଲେ ଏବଂ ସାରା ବିଶ୍ୱ ଭ୍ରମଣ କରିଥିଲେ। ତାଙ୍କୁ ଶେଷ ଥର ପାଇଁ ୨୦୨୩ ରିଲିଜ 'ଖୁସୀ'ରେ ଦେଖିବାକୁ ମିଳିଥିଲା, ଯେଉଁଥିରେ ଦକ୍ଷିଣ ସୁପରଷ୍ଟାର ବିଜୟ ଦେବରାକୋଣ୍ଡା ମଧ୍ୟ ଅଭିନୟ କରିଥିଲେ।

# ଜୈବ ବିବର୍ତ୍ତନବାଦ

## ଡାରୱିନ ଦିବସ

**ବୈ**ଜ୍ଞାନିକ ଚାଲର୍ସ ରବୋର୍ଟ ଡାରୱିନ ପୃଥିବୀକୁ ପ୍ରଦାନ କରିଥିବା ଅବଦାନ ସବୁବେଳେ ସ୍ମରଣୀୟ ହୋଇ ରହିବ। ତାଙ୍କର ଜୀବତତ୍ତ୍ୱର ଉତ୍ପତ୍ତି ମତବାଦ ବହୁ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ପ୍ରଦାନ କରିଥାଏ। ଜୈବ ବିବର୍ତ୍ତନ ତତ୍ତ୍ୱ ମାନବ ପ୍ରଜାତିର ଉତ୍ପତ୍ତି ଉପରେ ବହୁ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ପ୍ରକାଶ କରିଥାଏ। ଏହି ଦୃଷ୍ଟିକୋଣ ଅନୁଯାୟୀ, ଆଜିର ମଣିଷମାନେ ଜେନେଟିକ ଗାଇଡ୍ ବୈଶିଷ୍ଟ୍ୟଗୁଡ଼ିକ ପିଢ଼ି ପରେ ପିଢ଼ି ପର୍ଯ୍ୟନ୍ତ ବହନ କରିଥାନ୍ତି ଯାହା ବଞ୍ଚିବା ଏବଂ ପ୍ରଜନନ ସଫଳତା ପାଇଁ ସହାୟକ ହୋଇଥାଏ।

ମୂଳତଃ ବିବର୍ତ୍ତନର ତିନୋଟି ଭିନ୍ନ ତତ୍ତ୍ୱ ଅଛି ଯାହା ବିଶେଷଜ୍ଞଙ୍କ ଦୃଷ୍ଟି ଆକର୍ଷଣ କରିଛି। ଗୋଟିଏ ହେଉଛି ନାଚୁରାଲ ସିଲେକଶନ ଡାରୱିନ ଥିଓରୀ। ଅନ୍ୟଟି ହେଉଛି ମ୍ୟୁଟେସନ ଥିଓରୀ ଅଫ ଇଭୋଲ୍ୟୁଶନ ଏବଂ ଶେଷଟି ହେଉଛି ମର୍ଡନ ସିନ୍ଥେଟିକ ଥିଓରୀ ଅଫ ଇଭୋଲ୍ୟୁଶନ।



ଏନେଇ ସଚେତନତା ସୃଷ୍ଟି ଲାଗି ପ୍ରତିବର୍ଷ ଫେବୃୟାରୀ ୧୨ରେ ତାଙ୍କ ଜନ୍ମ ବାର୍ଷିକୀରେ ଡାର୍‌ୱିନ ଦିବସ ପାଳନ କରାଯାଇଥାଏ। ୧୨ ଫେବୃୟାରୀ ୧୯୦୯ରେ ଡାରୱିନଙ୍କ ୧୦୦ତମ ଜନ୍ମବାର୍ଷିକୀ ନ୍ୟୁୟର୍କ ଏକାଡେମୀ ଅଫ୍ ସାଇନ୍ସ ଦ୍ୱାରା ପାଳନ କରାଯାଇଥିଲା। ଡାରୱିନଙ୍କ ଏକ ପିତ୍ତଳ ପ୍ରତିମୂର୍ତ୍ତି ଉନ୍ମୋଚିତ ହୋଇଥିଲା। ୨୦୦୯ ମସିହା ଡାରୱିନଙ୍କ ଜନ୍ମର ୨୦୦ତମ ବାର୍ଷିକୀ ଥିଲା। ୯ ଫେବୃୟାରୀ ୨୦୧୧ରେ, କାଲିଫର୍ନିଆର ପ୍ରତିନିଧି ପିଟ ଷ୍ଟାକ ୧୨ ଫେବୃୟାରୀକୁ ଡାରୱିନ ଡେ ଭାବରେ ପାଳନ ଲାଗି ପ୍ରସ୍ତାବ ଆଗତ କରିଥିଲେ। ୨୨ ଜାନୁୟାରୀ ୨୦୧୩ରେ, ନ୍ୟୁ ଜର୍ସିର ପ୍ରତିନିଧି ରଶ ଡି ହୋଲ୍ଟ, ମଣିଷର ଉନ୍ନତିରେ ବିଜ୍ଞାନର ଗୁରୁତ୍ୱ ପାଇଁ ୧୨ ଫେବୃୟାରୀକୁ 'ଚାଲର୍ସ ଡାରୱିନ୍ ଡେ' ଭାବେ ଘୋଷଣା କରିଥିଲେ ଏବଂ ଡେଲାୱେରକୁ ଆମେରିକାର ପ୍ରଥମ ରାଜ୍ୟ ଭାବରେ ଏହି ଉତ୍ସବ ପାଳନ କରିଥିଲେ। ଆମେରିକାର ପ୍ରତିନିଧିସଭାର ପ୍ରତିନିଧି ଜିମ ହିମସଙ୍କ ଦ୍ୱାରା ୨ ଫେବୃୟାରୀ ୨୦୧୫ରେ ଉପସ୍ଥାପିତ ହୋଇଥିବା ୬୭ ପ୍ରସ୍ତାବରେ ଫେବୃୟାରୀ ୧୨କୁ ଆମେରିକାରେ ଡାରୱିନ ଡେ ଭାବରେ ପାଳନ କରିବାକୁ ଘୋଷଣା କରାଯାଇଥିଲା।

ସେ ୧୨ ଫେବୃୟାରୀ ୧୮୦୯ରେ ବ୍ରିଟେନର ଦ ମାଉଣ୍ଟ ହାଉସରେ ଜନ୍ମ ଗ୍ରହଣ କରିଥିଲେ। ୧୯ ଏପ୍ରିଲ ୧୮୮୨ରେ ୭୩ ବର୍ଷ ବୟସରେ ତାଙ୍କର ମୃତ୍ୟୁ ଲଣ୍ଡନର ଦକ୍ଷିଣ ଉପକଣ୍ଠରେ ଥିବା ଡାଉନ ହାଉସରେ ଘଟିଥିଲା।

# ହାରିବାନି ହରାଇବା

## ଅନ୍ତର୍ଜାତୀୟ ଅପସ୍ମାର ଦିବସ



ଅପସ୍ମାର ଭଳି ସମସ୍ୟା କ୍ଷେତ୍ରରେ ସଚେତନତାକୁ ଗୁରୁତ୍ୱପୂର୍ଣ୍ଣ ବୋଲି ଚିକିତ୍ସକମାନେ ମତପୋଷଣ କରିଥାନ୍ତି। ଏହାକୁ ଦୃଷ୍ଟିରେ ରଖି ଫେବୃୟାରୀ ମାସର ଦ୍ୱିତୀୟ ସୋମବାରକୁ ଅନ୍ତର୍ଜାତୀୟ ଅପସ୍ମାର ଦିବସ ଭାବେ ପାଳନ କରାଯାଇଥାଏ। ଚଳିତ ବର୍ଷ ଏହା ଫେବୃଆରୀ ୧୨ ତାରିଖରେ ପଡୁଛି।

ଅପସ୍ମାର ହେଉଛି ମସ୍ତିଷ୍କର ଏକ କ୍ରୋନିକ ଅଣ-ସଂକ୍ରାମକ ସମସ୍ୟା, ଯାହା ସାରା ବିଶ୍ୱରେ ପ୍ରାୟ ୫୦ ନିୟୁତ ଲୋକଙ୍କୁ ପ୍ରଭାବିତ କରିଥାଏ। ଏହି ସମସ୍ୟା ଯୋଗୁ ବେଳେବେଳେ ଚେତନାଶକ୍ତି ହରାଇବା ସ୍ଥିତି ସୃଷ୍ଟି ହୋଇଥାଏ। ସମସ୍ୟା ଭୋଗୁଥିବା ବ୍ୟକ୍ତି ଯେକୌଣସି ସ୍ଥାନରେ ଚେତନା ହରାଉଥିବାରୁ ସଙ୍କଟଜନକ ଅବସ୍ଥା ଦେଖାଦେଇଥାଏ। ବିଭିନ୍ନ ଶାରୀରିକ ସମସ୍ୟାର ସମାଧାନ କ୍ଷେତ୍ରରେ ସଚେତନତାକୁହିଁନିଦାନର ଏକ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ ଭାବେ ଗ୍ରହଣ କରାଯାଇଥାଏ। ଏହି ସମସ୍ୟା ବିରୋଧ ଲଢ଼େଇରେ ନ ହାରି ଏହାକୁ ହରାଇବା ଜରୁରୀ।

ଏହି ଦିବସ ପାଳନ ଅବସରରେ ବିଭିନ୍ନ ସରକାରୀ ତଥା ବେସରକାରୀ ସଂସ୍ଥା ପକ୍ଷରୁ ସ୍କୁଲ, କଲେଜ ତଥା ବିଭିନ୍ନ ଅନୁଷ୍ଠାନରେ ଅପସ୍ମାର ମାନସିକ ସମସ୍ୟାର ନିଦାନ ସମ୍ପର୍କରେ ସଚେତନତା ସୃଷ୍ଟି କରାଯାଇଥାଏ। ଏହି ଦିନ ସିଗ୍ନେଚର୍ ଅଭିଯାନ ସହ ଉକ୍ତ ସମସ୍ୟା ସମ୍ପର୍କରେ ସଚେତନତା ସୃଷ୍ଟି ପାଇଁ ବେଲୁନ ଉଡ଼ାଯିବା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥାଏ। କିଭଳି ଏହି ସମସ୍ୟାରୁ ମୁକ୍ତି ମିଳିପାରିବ ସେନେଇ ପରାମର୍ଶ ମଧ୍ୟ ପ୍ରଦାନ କରାଯାଇଥାଏ। ଏହି ସମସ୍ୟାର ଲକ୍ଷଣ ଏବଂ ସେସବୁର ନିରାକରଣ କ୍ଷେତ୍ରରେ ଉପଯୋଗୀ ଚିକିତ୍ସା ଜ୍ଞାନକୌଶଳ ମାଧ୍ୟମ ବିଷୟରେ ମଧ୍ୟ ଅବଗତ କରାଯାଇଥାଏ।

# ମେଡିକାଲରେ ରିଲ୍ସ କରିବା ମହଙ୍ଗା ପଡ଼ିଲା

## ୩୮ ଛାତ୍ରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେଲେ କର୍ତ୍ତୃପକ୍ଷ

ବେଙ୍ଗାଲୁରୁ, ୧୧।୨

କର୍ନାଟକର ଗଡ଼ଗା ଇନ୍‌ଷ୍ଟିଚ୍ୟୁଟ ଅଫ୍ ମେଡିକାଲ ସାଇନ୍ସ ପରିସରରେ ୩୮ ଜଣ ମେଡିକାଲ ଛାତ୍ରଙ୍କୁ ରିଲ୍ସ କରିବା ମହଙ୍ଗା ପଡ଼ିଛି। ହସ୍ପିଟାଲର ନିୟମ ଉଲ୍ଲଘଂନ କରିଥିବାରୁ ସମସ୍ତ ଛାତ୍ରଙ୍କ ହାଉସମ୍ୟାନଶିପ୍ ଅବଧିକୁ ୧୦ ଦିନ ପର୍ଯ୍ୟନ୍ତ ବଢ଼ାଇଛନ୍ତି ମେଡିକାଲ ଇନ୍‌ଷ୍ଟିଚ୍ୟୁଟ କର୍ତ୍ତୃପକ୍ଷ। ଏହି ସମ୍ପୂର୍ଣ୍ଣ ଘଟଣାକୁ ନାପସନ୍ଦ କରିଛନ୍ତି ଗଡ଼ଗା ଇନ୍‌ଷ୍ଟିଚ୍ୟୁଟ ଅଫ୍ ମେଡିକାଲ ସାଇନ୍ସର ନିର୍ଦ୍ଦେଶକ ବସଭରାଜ୍ ବୋମନ୍‌ହଲ୍ଲୀ। ଏହା ଏକ ଗମ୍ଭୀର ପ୍ରସଙ୍ଗ ହୋଇଥିବାବେଳେ ଏହା ଦ୍ୱାରା ମେଡିକାଲରେ ଥିବା ରୋଗୀମାନେ ସମସ୍ୟାରେ ପଡିଥିବା ସେ କହିଛନ୍ତି। ଆଗାମୀ ୧୦ରୁ ୨୦ ଦିନ ମଧ୍ୟରେ ରିଲ୍ସ କରୁଥିବା ସମସ୍ତ ଛାତ୍ରଙ୍କର ହାଉସମ୍ୟାନଶିପ୍ ଅବଧି ସରୁଥିବା ବେଳେ ଏହାକୁ ଆହୁରି ୧୦ ଦିନ ଯାଏ ବଢ଼ାଯାଇଥିବା ସେ ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ, ଉକ୍ତ ହସ୍ପିଟାଲର ଗ୍ୟାଲେରିରେ କେତେଜଣେ ମେଡିକାଲ ଛାତ୍ର ରିଲ୍ସ ମାଧ୍ୟମରେ ବିଭିନ୍ନ ହିନ୍ଦୀ ଓ କନ୍ନଡ ଗୀତରେ ନାଚିବାର ଏକ ଭିଡିଓ ସାମାଜିକ ଗଣମାଧ୍ୟମରେ ଭାଇରାଲ ହୋଇଥିଲା।



# ନିଆରା ଫୁଟବଲ ଖେଳ

ନୂଆଦିଲ୍ଲୀ

ସାମାଜିକ ଗଣମାଧ୍ୟମରେ ହର୍ଷ ଗୋଏଙ୍କା ନାମକ ଜଣେ ୟୁଜର୍ସଙ୍କ ଏକ ଭିଡିଓ ଖୁବ୍ ଭାଇରାଲ ହେବାରେ ଲାଗିଛି। ଏହି ଭିଡିଓରେ କିଛି ପୁରୁଷ ଖେଳାଳି ନିଆରା ଢଙ୍ଗରେ ଫୁଟବଲ ଖେଳୁଛନ୍ତି । ଏହି ଖେଳାଳି ମାନେ ଏକ କଲୋନୀ ମଧ୍ୟରେ ବିଭିନ୍ନ ଛାତ ଉପରେ ଠିଆ ହୋଇ ଫୁଟବଲ ଖେଳ ଖେଳୁଥିବା ଦେଖାଯାଉଛି। ଭାଇରାଲ ଭିଡିଓରେ ଥିବା ଫୁଟବଲ ଖେଳାଳିମାନଙ୍କର ଏପରି ଅନନ୍ୟ ପ୍ରତିଭା ଦେଖି ଅନେକ ଆଶ୍ଚର୍ଯ୍ୟ ହୋଇଯାଇଛନ୍ତି।



ବହୁଳ ଭାବେ ଶେୟାର ହୋଇଥିବା ଏହି ଭିଡିଓରେ ଜଣେ ଖେଳାଳି ଏକ ଛାତ ଉପରେ କୌଶଳତାର ସହ ଫୁଟବଲଟିକୁ କିକ୍ ମାରୁଥିବା ନଜର ଆସୁଛନ୍ତି, ଯାହାଦ୍ୱାରା ବଲଟି ସମ୍ପୃକ୍ତ କଲୋନୀର ଆଉ ଜଣେ ଖେଳାଳି ଠିଆ ହୋଇଥିବା ଅନ୍ୟ ଏକ ଛାତରେ ପଡୁଛି। ଏହି ନିଆରା ଫୁଟବଲ ଖେଳର ଦ୍ୱିତୀୟ ଅଂଶଗ୍ରହଣକାରୀ ଜଣକ ମଧ୍ୟ ଫୁଟବଲଟିକୁ ଚମତ୍କାର ଭାବେ ନିୟନ୍ତ୍ରଣ କରି ବିନା କୌଣସି ତ୍ରୁଟିରେ ଖେଳକୁ ଜାରି ରଖୁଛନ୍ତି। ଛାତ ଉପରେ ଚାଲିଥିବା ଏହି ଅସାଧାରଣ ଫୁଟବଲ୍ ଖେଳକୁ ଦେଖି ସୋସିଆଲ ମିଡିଆ ବ୍ୟବହାରକାରୀମାନେ ଆଶ୍ଚର୍ଯ୍ୟ ପ୍ରକାଶ କରିବା ସହ କମେଣ୍ଟ ମାଧ୍ୟମରେ ଖେଳାଳିଙ୍କୁ ଉତ୍ସାହିତ କରିଛନ୍ତି।

## ଅନ୍ୟାନ୍ୟ ଖବର

### ପାରଳାଖେମୁଣ୍ଡି ମ୍ୟୁନିସିପାଲିଟି କାର୍ଯ୍ୟାଳୟରେ ଅଗ୍ନିକାଣ୍ଡ

ପାରଳାଖେମୁଣ୍ଡି, ୧୧।୨ (ଗିରିଧାରୀ ପରିଛା)

ଗଜପତି ଜିଲା ପାରଳାଖେମୁଣ୍ଡି ମ୍ୟୁନିସିପାଲିଟି କାର୍ଯ୍ୟାଳୟରେ ରବିବାର ରାତିରେ ନିଆଁ ଲାଗିଛି। ଅଗ୍ନିଶମ ବାହିନୀ ପହଞ୍ଚି ନିଆଁ ଲିଭାଉଛନ୍ତି। ଅଗ୍ନିକାଣ୍ଡରେ ଅନେକ ଗୁରୁତ୍ୱପୂର୍ଣ୍ଣ ଦସ୍ତାବିଜ, ପଲିଥିନ ଓ ଅନେକ ଆସବାବପତ୍ର ପୋଡି ପାଉଁଶ ହୋଇଛି। ନିଆଁ କିଭଳି ଲାଗିଲା ତାହା ଜଣାପଡି ନ ଥିଲେ ମଧ୍ୟ ବିଦ୍ୟୁତ୍ ଶଟସର୍କିଟ ହୋଇଥିବା ସନ୍ଦେହ କରାଯାଉଛି। ତେବେ ତଦନ୍ତ ପରେ ପ୍ରକୃତ କାରଣ ସ୍ପଷ୍ଟ ହେବ ବୋଲି ପୌର ଅଧକ୍ଷା ନିର୍ମଳା ସେଠି ସୂଚନା ଦେଇଛନ୍ତି।

### ୩ ମାଓବାଦୀଙ୍କ ଆତ୍ମସମର୍ପଣ



ମାଲକାନଗିରି, ୧୧।୨ (ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡ ବିଜାପୁର ଜିଲା ପୋଲିସ ନିକଟରେ ୩ ମାଓବାଦୀ ରବିବାର ଆତ୍ମସମର୍ପଣ କରିଛନ୍ତି। ସେମାନେ ହେଲେ ସେମାରୁ କଡତି ଓରଫ ସୀନୁ, ଜଗରଗୁଣ୍ଡା ଏରିୟା କମିଟି ଅନ୍ତର୍ଗତ ସିଲଗେର ଆରପିସି ସିଏନ୍.ଏମ୍ ସଦସ୍ୟ ସୁକ୍କା ଓୟାମ ଓରଫ କାର୍ତ୍ତିକ ଓ ସରିତା ଓୟାମ। ବର୍ତ୍ତମାନ ଛତିଶଗଡ ଡିଆରଜି, ବସ୍ତର ଫାଇଟର ଓ କୋବ୍ରା ବାଟାଲିୟନ ଦ୍ୱାରା ପୁନର୍ବାସ ଯୋଜନାରେ ଅନୁପ୍ରାଣିତ ହୋଇ ଏମାନେ ଆତ୍ମସମର୍ପଣ କରୁଛନ୍ତି। ମାଓବାଦୀ ସଂଗଠନରେ ପୂର୍ବ ଆଦର୍ଶ ନ ଥିବାରୁ ସେଥିରେ ଅତିଷ୍ଠ ହୋଇ ଏହି ୩ଜଣ ଆତ୍ମସମର୍ପଣ କରିଥିବା ପୋଲିସକୁ କହିଛନ୍ତି। ଏମାନଙ୍କୁ ସରକାରଙ୍କ ନିୟମ ଅନୁଯାୟୀ ଥଇଥାନ କରିବା ସହ ସମସ୍ତ ପ୍ରକାର ସୁବିଧା ସୁଯୋଗ ଯୋଗାଇ ଦିଆଯିବ ବୋଲି ପୋଲିସ ସୂତ୍ରରୁ ପ୍ରକାଶ ।

# ଗ୍ରୀଷ୍ମ ଆରମ୍ଭ ନ ହେଉଣୁ ଜଳ ସଙ୍କଟ

## ସମସ୍ୟା ଦୂର ନ ହେଲେ ଭୋଟ ବର୍ଜନ ଚେତାବନୀ

ପାଟଣା, ୧୧।୨ (ବୀର କିଶୋର ଦାଶ)


ମହିଳାମାନେ ନାଳରୁ ପାଣି ସଂଗ୍ରହ କରି ଫେରୁଛନ୍ତି।

କେନ୍ଦୁଝର ଜିଲା ପାଟଣା ବ୍ଲକ୍ ଖିରେଇଟାଙ୍ଗିରୀ ପଞ୍ଚାୟତର ନୂଆଗାଁ ଗ୍ରାମରେ ଶୀତ ଦିନ ନ ସରୁଣୁ ତଥା ଗ୍ରୀଷ୍ମ ଆରମ୍ଭ ନ ହେଉଣୁ ଗାଁରେ ଜଳ ସଙ୍କଟ ଦେଖାଦେଲାଣି। ଗ୍ରାମରେ ଥିବା ଏକ ମାତ୍ର ନଳକୂପରୁ ଯଥେଷ୍ଟ ପାଣି ବାହାରୁ ନ ଥିବାରୁ ଲୋକେ ନାଳ, ଚୁଆରୁ ପାଣି ସଂଗ୍ରହ କରୁଛନ୍ତି। ପାନୀୟ ଜଳ ସମସ୍ୟା ଦୂର ନ ହେଲେ ଗ୍ରାମବାସୀ ଆଗାମୀ ୨୦୨୪ ସାଧାରଣ ନିର୍ବାଚନରେ ଭୋଟ ବର୍ଜନ କରିବେ ବୋଲି ଚେତାବନୀ ଦେଇଛନ୍ତି।

ସୂଚନା ଅନୁଯାୟୀ, ଗ୍ରାମରେ ୩ ଶହ ପରିବାରର ୮ ଶହରୁ ଊର୍ଦ୍ଧ୍ୱ ଲୋକ ବସବାସ କରନ୍ତି। ଗ୍ରାମରେ ଦୀର୍ଘ ବର୍ଷ ଧରି ଜଳ ସମସ୍ୟା ଲାଗି ରହିଛି। ପ୍ରତ୍ୟେକ ଦିନ ଭୋରରୁ ଗାଁ ମଝିରେ ଥିବା ନଳକୂପରେ ପାଣି ପାଇଁ ମହିଳାଙ୍କ କସରତ ଲାଗିଥାଏ। ଉକ୍ତ ଏକ ମାତ୍ର ନଳକୂପରୁ ମଧ୍ୟ ଯଥେଷ୍ଟ ପାଣି ବାହାରୁ ନ ଥିବାରୁ ମହିଳାମାନେ ବାଧ ହୋଇ ଏକ କିଲୋମିଟର ଦୂରରେ ଥିବା ନାଳ ଓ ଚୁଆରୁ ପାଣି ସଂଗ୍ରହ କରି ବ୍ୟବହାର କରୁଛନ୍ତି। ଲୋକଙ୍କୁ ବିଶୁଦ୍ଧ ପାନୀୟ ଜଳ ଯୋଗାଇବା ପାଇଁ ବସୁଧା ଯୋଜନାରେ ୫ ବର୍ଷ ପୂର୍ବେ ଗ୍ରାମ ନିକଟ ୪୯ ନମ୍ବର ଜାତୀୟ ରାଜପଥ କଡ଼ରେ ଓଭରହେଡ୍ ପାଣି ଟାଙ୍କି ନିର୍ମାଣ ହୋଇଛି। ମାତ୍ର ଏଥିରୁ ଗ୍ରାମବାସୀଙ୍କୁ ଜଳ ଯୋଗାଣ ହେଉନି। ସମସ୍ୟା ସମ୍ପର୍କରେ ବାରମ୍ବାର ପଞ୍ଚାୟତ, ବ୍ଲକ୍ ପ୍ରଶାସନ ଓ ଜିଲାପାଳଙ୍କୁ ଗୁହାରି କଲେ ମଧ୍ୟ କେହି କର୍ଣ୍ଣପାତ କରୁନାହାନ୍ତି। ଏଣୁ ସମସ୍ୟା ସମାଧାନ ନ ହେଲେ ଆଗାମୀ ନିର୍ବାଚନରେ ଭୋଟ ବର୍ଜନ କରିବେ ବୋଲି ଧରଣୀଧର ନାଏକ, ରମ୍ଭାଦେଇ ନାଏକ, ନିରୁପମା ମହାକୁଡ଼, ରଶ୍ମିରେଖା ସିଂ ପ୍ରମୁଖ ଗ୍ରାମବାସୀ କହିଛନ୍ତି। ପାଟଣା ଏବିଡ଼ିଓ ଚିତରଞ୍ଜନ ନାୟକ କହିଛନ୍ତି, ସୋମବାର ଜଳ ଓ ପରିମଳ ବିଭାଗ ଯନ୍ତ୍ରୀଙ୍କ ସହ ଉକ୍ତ ଗାଁକୁ ଗସ୍ତ କରି ସମସ୍ୟାର ସମାଧାନ ପାଇଁ ଚେଷ୍ଟା କରିବେ।

# ଥାନାରେ ଅଟକ ଯୁବକ ଗଳା କାଟିଦେଲେ

## ଡାକ୍ତରଖାନା ପରିସରରେ ଉତ୍ତେଜନା

ବାରିପଦା, ୧୧।୨ (ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲା ବାରିପଦା ଟାଉନ ଥାନାରେ ଅଟକ ଥିବା ଜଣେ ଯୁବକ ରବିବାର ପୂର୍ବାହ୍ନରେ ଗଳା କାଟି ଆତ୍ମହତ୍ୟା ଉଦ୍ୟମ କରିଛନ୍ତି। ଏଥିପାଇଁ ଯୁବକଙ୍କ ପରିବାର ଲୋକେ ପୋଲିସକୁ ଦାୟୀ କରୁଥିବା ବେଳେ ଡାକ୍ତରଖାନାରେ ଉତ୍ତେଜନା ପ୍ରକାଶ ପାଇଥିଲା। ଶନିବାର ରାତିରେ ଏକ ରଙ୍ଗ ଦୋକାନରୁ ଚୋରି ଅଭିଯୋଗରେ ବାରିପଦା ବଡେଇସାହିର ରିଙ୍କୁ ଜେନା(୨୩)ଙ୍କୁ ପୋଲିସ ଥାନାରେ ଅଟକ ରଖିଥିଲା। ମା' ଲକ୍ଷ୍ମୀ ଥାନାକୁ ଯାଇ ପୁଅଠାରୁ ଘଟଣା ସମ୍ପର୍କରେ ବୁଝିଥିଲେ। ନିଶାଗ୍ରସ୍ତ ଅବସ୍ଥାରେ ରଙ୍ଗ ଦୋକାନ ବାରଣ୍ଡାରେ ଶୋଇ ପଡ଼ିଥିବାରୁ ଚୋର ଭାବି ତାଙ୍କ ପୁଅକୁ ଉଠାଇ ନିଆଯାଇଥିବା ସେ ପୋଲିସକୁ କହିଥିଲେ। ପୁଅ ନିର୍ଦ୍ଦୋଷ ଓ ତାଙ୍କୁ ଛାଡ଼ିଦେବାକୁ ଲକ୍ଷ୍ମୀ ପୋଲିସକୁ ନେହୁରା ହୋଇଥିଲେ। ପୋଲିସକୁ ମା' କାହିଁକି ଗୁହାରି କରୁଛନ୍ତି ବୋଲି ଭାବି ଥାନା ମଧ୍ୟରେ ପଡ଼ି ରହିଥିବା ଏକ ଧାରୁଆ ଅସ୍ତ୍ରରେ ରିଙ୍କୁ ନିଜ ବେକକୁ କାଟି ଦେଇଥିଲେ। ପ୍ରବଳ ରକ୍ତସ୍ରାବ ହେବା ଦେଖି ପୋଲିସ ତୁରନ୍ତ ତାଙ୍କୁ ନିକଟସ୍ଥ ପିଆର୍‌ଏମ୍ ମେଡିକାଲରେ ଭର୍ତ୍ତି କରିଥିଲା। ରିଙ୍କୁଙ୍କ ସ୍ୱାସ୍ଥ୍ୟାବସ୍ଥା ଠିକ୍ ଥିବାବେଳେ ସେ ଭଲ ଭାବେ କଥାବାର୍ତ୍ତା କରିପାରୁଥିବା ଡାକ୍ତରଖାନା ସୂତ୍ରରୁ ଜଣାପଡ଼ିଛି।


ରିଙ୍କୁ ଜେନା

# ଶିବସେନା ବିଧାୟକଙ୍କ ବିବାଦୀୟ ଅପିଲ

## ବାପାମାଆ ତୋତେ ଭୋଟ ନ ଦେଲେ ୨ ଦିନ ଯାଏ ଖାଅନାହିଁ

ମୁମ୍ବାଇ, ୧୧।୨

ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଏକନାଥ ଶିନ୍ଦେଙ୍କ ନେତୃତ୍ୱାଧୀନ ଶିବସେନାର ବିଧାୟକ ସନ୍ତୋଷ ବାଙ୍ଗର ବିବାଦୀୟ ବୟାନ ଦେଇଛନ୍ତି। ହିଙ୍ଗୋଲୀ ଜିଲାର ଏକ ଜିଲାପରିଷଦ ସ୍କୁଲରେ ଛାତ୍ରୀଛାତ୍ରମାନଙ୍କୁ ସମ୍ବୋଧନ କରି ସେ ଏହି ବୟାନ ଦେଇଛନ୍ତି। ଆଗାମୀ ନିର୍ବାଚନରେ ଯଦି ସମ୍ପୃକ୍ତ ଛାତ୍ରୀଛାତ୍ରଙ୍କ ଅଭିଭାବକ ତାଙ୍କୁ ଭୋଟ ନଦିଅନ୍ତି, ତେବେ ଦୁଇ ଦିନ ପର୍ଯ୍ୟନ୍ତ ନ ଖାଇବାକୁ ଛାତ୍ରୀଛାତ୍ରଙ୍କୁ ସନ୍ତୋଷ ଅପିଲ କରିଛନ୍ତି । କିଛି ଦିନ ପୂର୍ବେ ଭାରତୀୟ ନିର୍ବାଚନ କମିଶନ(ଇସିଆଇ)ଙ୍କ ଦ୍ୱାରା ନିର୍ବାଚନ ସମ୍ବନ୍ଧିତ କୌଣସି କାର୍ଯ୍ୟରେ ପିଲାମାନଙ୍କୁ ବ୍ୟବହାର ନ କରିବାକୁ ସମସ୍ତ ରାଜନୈତିକ ଦଳକୁ ନିର୍ଦ୍ଦେଶ ଦିଆଯାଇଥିଲା। ତେବେ ଏହି ନିର୍ଦ୍ଦେଶକୁ ସପ୍ତାହେରୁ କମ୍ ସମୟ ହୋଇଥିବାବେଳେ କଲମନୁରୀର ବିଧାୟକ ସନ୍ତୋଷ ବାଙ୍ଗରଙ୍କର ଏହି ବିବାଦୀୟ ବୟାନ ସାମ୍ନାକୁ ଆସିଛି। ସନ୍ତୋଷଙ୍କର ଏହି ବିବାଦୀୟ ବୟାନକୁ ରାଜ୍ୟରେ ବିରୋଧୀ କଂଗ୍ରେସ ଓ ଏନ୍‌ସିପି(ଶରଦ ଚନ୍ଦ୍ର ପାୱାର) ପକ୍ଷରୁ ନିନ୍ଦା କରାଯିବା ସହ ଇସିଆଇଙ୍କ ନିକଟରେ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରାଯାଇଛି।

# ଏମ୍‌ପି ରମେଶ ମାଝିଙ୍କ ଗାଡ଼ି ଦୁର୍ଘଟଣାଗ୍ରସ୍ତ

ଉମରକୋଟ ୧୧।୨ (ସନ୍ତୋଷ ଶତପଥୀ)

ନବରଙ୍ଗପୁର ଏମ୍‌ପି ରମେଶ ଚନ୍ଦ୍ର ମାଝିଙ୍କ ଗାଡ଼ି ଦୁର୍ଘଟଣାଗ୍ରସ୍ତ ହୋଇଛି। ଉମରକୋଟ ନିକଟସ୍ଥ ଦର୍ଗାଗୁଡ଼ା ଓ ଚିକଲପଦର ମଝିରେ ଗାଡ଼ିଟି ରାସ୍ତାକଡରେ ଥିବା ଏକ ଖାଲ ଭିତରକୁ ପଶିଯିବାରୁ ଏହି ଦୁର୍ଘଟଣା ଘଟିଥିଲା। ଏଥିରେ ଏମ୍‌ପି ମାଝି ଓ ତାଙ୍କ ଡ୍ରାଇଭରଙ୍କ ସମେତ ୩ ଜଣ ଆହତ ହୋଇଛନ୍ତି। ଉମରକୋଟ ଡାକ୍ତରଖାନାରେ ଚିକିତ୍ସା ପରେ ସମସ୍ତେ ଘରକୁ ଫେରିଯାଇଥିବା ଜଣାପଡ଼ିଛି।

ସୂଚନା ଅନୁଯାୟୀ, ପାର୍ଲାମେଣ୍ଟ ଶେଷ ଅଧିବେଶନ ସାରି ଏମ୍‌ପି ମାଝି ଶନିବାର ରାତିରେ ଦିଲ୍ଲୀରୁ ବିମାନ ଯୋଗେ ଛତିଶଗଡ଼ ରାଜ୍ୟର ରାୟପୁର ଆସିଥିଲେ । ସେଠାରୁ ସେ ନିଜ ବ୍ୟକ୍ତିଗତ ଗାଡ଼ିରେ ଉମରକୋଟ ଫେରୁଥିବା ସମୟରେ ଡ୍ରାଇଭରଙ୍କ ଅସାବଧାନତା ଯୋଗୁ ଶନିବାର ରାତି ପ୍ରାୟ ୧ଟା ୩୦ ମିନିଟରେ ଗାଡ଼ିଟି ରାସ୍ତାକଡରେ ଥିବା ଏକ ଖାଲ ଭିତରକୁ ପଶିଯାଇଥିଲା ।




ଫଳରେ ଗାଡ଼ିର ଆଗ ଚକ ଫାଟିବା ସହ ସମ୍ମୁଖ ଭାଗ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି। ଏହି ସମୟରେ ଗାଡ଼ିରେ ଏମ୍‌ପି ମାଝିଙ୍କ ସହ ତାଙ୍କ ସୁରକ୍ଷାକର୍ମୀ ବସିଥିଲେ। ସମସ୍ତେ ସିଟ୍ ବେଲ୍ଟ ବାନ୍ଧିଥିବାରୁ ଅଳ୍ପକେ ବଞ୍ଚିଯାଇଥିବା ମାଝି କହିଛନ୍ତି। ଦୁର୍ଘଟଣାରେ ତାଙ୍କ ଗୋଡ଼ରେ ସାମାନ୍ୟ ଆଘାତ ଲାଗିଥିବାବେଳେ ଡ୍ରାଇଭର ଓ ସୁରକ୍ଷାକର୍ମୀ ମଧ୍ୟ ସାମାନ୍ୟ ଆହତ ହୋଇଥିବା ଏମ୍‌ପି ମାଝି ସୂଚନା ଦେଇଛନ୍ତି।

No.C-

No.7056 Dt.09.02.24

**BHUBANESWAR MUNICIPAL CORPORATION**

COMPETITIVE BIDDING THROUGH e-Procurement

NOTICE INVITING TENDER

**Bid Reference No. BMC-EE-DD-34/2023-24 dtd.09.02.24**

On behalf of the Commissioner, Bhubaneswar Municipal Corporation, **Superintending Engineer,** Bhubaneswar Municipal Corporation invites **Percentage Rate Bids for the work mentioned in the DTCN** through **e-Procurement** in conformity with the terms and conditions of this Advertisement and the Detailed Tender Call Notice (DTCN) in Two Bid system (Part-I: General & Technical Bid and Part-II: Financial Bid / Price Bid / BOQ) from intending bidders fulfilling the eligibility criteria mentioned in this Notice and other qualifying requirements mentioned in this DTCN.

1. Total No. of works for which tenders invited: **4 Nos.**
2. Place of Execution: Different locations in Bhubaneswar Municipal Corporation area.
3. Estimated cost of individual work: **Rs.59,80,844/- to Rs.82,40,426/-.**
4. Class of contractor: **'B' Class**
5. Intending bidders have to participate through **"On-Line"** bidding only. The website for online bidding is https://www.tendersodisha.gov.in **12.02.2024 to 5.00 P.M. on Dt.26.02.2024** for online bidding.
6. Last date & time of bidding online: **Dt.26.02.2024 at 5 P.M.**
7. The technical bid received online will be opened at **11.00 A.M. on Dt.27.02.2024.**
8. Any corrigendum will be displayed in the website htts://www.tendersodisha.gov.in.

**By order of Commissioner, BMC**
**Sd./- Superintending Engineer**
**Bhubaneswar Municipal Corporation**

OIPR-13002/11/0274/2324

# ହେମୋଫିଲିଆ: କାରଣ, ନିରାକରଣ



ଡା. ନିତ୍ୟାନନ୍ଦ ସ୍ୱାଇଁ

''ହେମୋଫିଲିଆ ରୋଗୀଙ୍କର ସମସ୍ତ ପୁତ୍ର ସନ୍ତାନ ରୋଗମୁକ୍ତ ତଥା ସୁସ୍ଥ ହୋଇ ଜନ୍ମ ନେଇଥାଆନ୍ତି । କିନ୍ତୁ ସମସ୍ତ କନ୍ୟା ସନ୍ତାନ ଭୂମିଷ୍ଠ ହୋଇଥାଆନ୍ତି ବାହକ ରୂପେ। ମାଆ ବାହକ ହୋଇଥିଲେ ଝିଅ ବାହକ ହୋଇ ଜନ୍ମ ନେଇପାରେ, ପୁଅ ହୋଇପାରେ ରୋଗୀ। କିନ୍ତୁ ସବୁ ପୁତ୍ର ସନ୍ତାନ ଯେ ରୋଗଗ୍ରସ୍ତ ହେବେ ବୋଲି କୌଣସି ନିଶ୍ଚିତତା ନାହିଁ। ରୋଗୀର ରକ୍ତରେ ଫ୍ୟାକ୍ଟର VIII କିମ୍ବା ଫ୍ୟାକ୍ଟର IXର ମାତ୍ରା ସାମାନ୍ୟ ଊଣା ଥିଲେ ରୋଗ କମ୍ ଗୁରୁତର ଏବଂ ବେଶି ଊଣା ଥିଲେ ରୋଗ ଅଧିକ ଗୁରୁତର ହୋଇଥାଏ।''



ହେମୋଫିଲିଆ ଶବ୍ଦଟିରେ ରହିଛି ଦୁଇଟି ଅଂଶ, ଯଥା 'ହେମୋ' ଏବଂ 'ଫିଲିଆ'। 'ହେମୋ' ଅର୍ଥ ରକ୍ତ ସମ୍ବନ୍ଧୀୟ ଏବଂ 'ଫିଲିଆ' ଅର୍ଥ ପ୍ରବଣତା। ଏହି ରୋଗ ହେଲେ ରକ୍ତ ଜମାଟ ବାନ୍ଧି ପାରେ ନାହିଁ। ହେମୋଫିଲିଆ ହେଉଛି ଏକ ଜିନ୍ ରୋଗ ଓ ବଂଶାନୁକ୍ରମିକ। ଏହା ଏକ ରକ୍ତଜନିତ ରୋଗ। ପରିବାର ଏକାଧିକ ବ୍ୟକ୍ତି ଏହି ରୋଗ ଦ୍ୱାରା ଆକ୍ରାନ୍ତ ହୋଇପାରନ୍ତି। ମହିଳା ବା କନ୍ୟା ସନ୍ତାନମାନେ ହେଉଛନ୍ତି ତ୍ରୁଟିଯୁକ୍ତ ଜିନ୍‌ର ବାହକ। ଏମାନଙ୍କଠାରେ ରୋଗଣା ଜିନ୍ ଥିଲେ ମଧ୍ୟ ଏମାନେ ଏହି ରୋଗ ଭୋଗି ନ ଥାନ୍ତି। ରୋଗ ଭୋଗିଥାଆନ୍ତି କେବଳ ପୁରୁଷ ବା ପୁତ୍ର ସନ୍ତାନମାନେ।

କେଉଁ ଉପାଦାନ ବା ଫ୍ୟାକ୍ଟରର ଅଭାବ ଯୋଗୁ ହେମୋଫିଲିଆ ଜାତ ହୁଏ ? ଜିନ୍ ଦୋଷ ଯୋଗୁ ରୋଗୀଠାରେ ବା ପୁତ୍ର ସନ୍ତାନଠାରେ ଫ୍ୟାକ୍ଟର VIII (ଏହାର ଅନ୍ୟ ନାଁ ଆଣ୍ଟି ହେମୋଫିଲିକ୍ ଫ୍ୟାକ୍ଟର) କିମ୍ବା ଫ୍ୟାକ୍ଟର IX ଆଶାନୁରୂପ ଭାବରେ ତିଆରି ହୋଇପାରେ ନାହିଁ। ସୁତରାଂ ଫ୍ୟାକ୍ଟର VIII ଅଭାବଜନିତ ହେମୋଫିଲିଆକୁ 'ହେମୋଫିଲିଆ A' ଏବଂ ଫ୍ୟାକ୍ଟର IX ଅଭାବଜନିତ ହେମୋଫିଲିଆକୁ 'ହେମୋଫିଲିଆ B' ବୋଲି କହନ୍ତି। ଫ୍ୟାକ୍ଟର VIII ଓ ଫ୍ୟାକ୍ଟର IXକୁ ଯଥାକ୍ରମେ 'ଫ୍ୟାକ୍ଟର ଏଇଟ୍' ଏବଂ 'ଫ୍ୟାକ୍ଟର ନାଇନ୍' ଭାବରେ ପଢ଼ାଯାଏ। ହେମୋଫିଲିଆ A ଅଧିକ ଗୁରୁତର। ଏଠାରେ ଜାଣିରଖିବା ଦରକାର ଯେ ହେମୋଫିଲିଆ ରୋଗୀଙ୍କର ସମସ୍ତ ପୁତ୍ର ସନ୍ତାନ ରୋଗମୁକ୍ତ ତଥା ସୁସ୍ଥ ହୋଇ ଜନ୍ମ ନେଇଥାଆନ୍ତି। କିନ୍ତୁ ସମସ୍ତ କନ୍ୟା ସନ୍ତାନ ଭୂମିଷ୍ଠ ହୋଇଥାଆନ୍ତି ବାହକ ରୂପେ। ମାଆ ବାହକ ହୋଇଥିଲେ ଝିଅ ବାହକ ହୋଇ ଜନ୍ମ ନେଇପାରେ, ପୁଅ ହୋଇପାରେ ରୋଗୀ। କିନ୍ତୁ ସବୁ ପୁତ୍ର ସନ୍ତାନ ଯେ ରୋଗଗ୍ରସ୍ତ ହେବେ ବୋଲି କୌଣସି ନିଶ୍ଚିତତା ନାହିଁ। ରୋଗୀର ରକ୍ତରେ ଫ୍ୟାକ୍ଟର VIII କିମ୍ବା ଫ୍ୟାକ୍ଟର IXର ମାତ୍ରା ସାମାନ୍ୟ ଊଣା ଥିଲେ ରୋଗ କମ୍ ଗୁରୁତର ଏବଂ ବେଶି ଊଣା ଥିଲେ ରୋଗ ଅଧିକ ଗୁରୁତର ହୋଇଥାଏ।



**ଚିହ୍ନିବ କିପରି**

ପୁଅଟିଏ ଖେଳିବା ବେଳେ ସାମାନ୍ୟ ଖଣ୍ଡିଆ ଖାବରା ହୋଇପଡ଼ିଲେ କି ଦୁର୍ଘଟଣାଗ୍ରସ୍ତ ହେଲେ କ୍ଷତ ସ୍ଥାନରୁ ବହୁ ସମୟ ଧରି ରକ୍ତସ୍ରାବ ଚାଲିଥାଏ। ଦାନ୍ତ ଉପାଡ଼ିଲେ ମାଢ଼ିର ଉପୁଡ଼ା ଯାଇଥିବା ସ୍ଥାନରୁ ରକ୍ତ ଝରିବା ସହଜରେ ବନ୍ଦ ହୁଏ ନାହିଁ। ଛୋଟକାଟିଆ ଅପରେଶନ କଲାବେଳେ ମଧ୍ୟ ବହୁ ସମୟ ଧରି ରକ୍ତ ବୋହୁଥାଏ।

ମାଂସପେଶୀ ଭିତରକୁ ରକ୍ତସ୍ରାବ ହେଲେ ଜାତ ହୁଏ ପେଶୀ ଯନ୍ତ୍ରଣା ଏବଂ ଉଦର ଭିତରକୁ ରକ୍ତସ୍ରାବ ହେଲେ ହୁଏ ଉଦର ଯନ୍ତ୍ରଣା। ମସ୍ତିଷ୍କ ଭିତରକୁ ରକ୍ତସ୍ରାବ ହୋଇ ଷ୍ଟ୍ରୋକ୍ ବା ପାରାଲିସିସ୍ ହୋଇପାରେ। ନାକ, ପାଟି ଓ ଦାନ୍ତ ମାଢ଼ିରୁ ବି ରକ୍ତ ଝରିପାରେ। ରକ୍ତବାନ୍ତି ଓ କଳାଝାଡ଼ା ହେବା ସଙ୍ଗେ ସଙ୍ଗେ ଝାଡ଼ା ଓ ପରିସ୍ରାରେ ମଧ୍ୟ ରକ୍ତ ପଡ଼ିପାରେ।

**ରୋଗ ନିର୍ଣ୍ଣୟ ପାଇଁ ପରୀକ୍ଷା**

ପିଲାର ରକ୍ତରେ ଫ୍ୟାକ୍ଟର VIII ଓ ଫ୍ୟାକ୍ଟର IXର ମାତ୍ରା ନିର୍ଦ୍ଧାରଣ କରି ରୋଗ ନିର୍ଣ୍ଣୟ କରାଯାଏ। ରୋଗୀଠାରେ ଫ୍ୟାକ୍ଟର VIIIର ଅଭାବ ଥିଲେ 'ହେମୋଫିଲିଆ A' ଏବଂ ଏବଂ ଫ୍ୟାକ୍ଟର IXର ଅଭାବ ଥିଲେ 'ହେମୋଫିଲିଆ B' ବୋଲି ନିର୍ଣ୍ଣୟ କରିବାରେ କୌଣସି ସନ୍ଦେହ ରହେ ନାହିଁ। ଏବେ ଗର୍ଭବତୀଙ୍କ ଗର୍ଭାଶୟରୁ ଜଳ ସଂଗ୍ରହ ଓ ସେହି ଜଳରେ ଥିବା ଜୀବକୋଷର ଜିନ୍ ପରୀକ୍ଷା କରି ଗର୍ଭସ୍ଥ ଶିଶୁ ରୋଗୀ କି ବାହକ ତାହା ଜାଣିହେଉଛି। ଏପରି କି ଗର୍ଭସ୍ଥ ଶିଶୁ ପାଞ୍ଚ ମାସର ହୋଇଯାଇଥିଲେ ତା'ଠାରୁ ରକ୍ତ ସଂଗ୍ରହ କରି ସେହି ରକ୍ତରେ ଫ୍ୟାକ୍ଟର VIII ଓ ଫ୍ୟାକ୍ଟର IXର ମାତ୍ରା ନିର୍ଦ୍ଧାରଣ କରି ରୋଗ ଚିହ୍ନଟ କରିବା ସମ୍ଭବ।

**ଚିକିତ୍ସା**

ହେମୋଫିଲିଆର ପ୍ରକାରକୁ ଚାହିଁ ରୋଗୀର ଶିରାବାଟେ ଫ୍ୟାକ୍ଟର VIII କିମ୍ବା ଫ୍ୟାକ୍ଟର IXର ଇଞ୍ଜେକଶନ ଦେଇ ଚିକିତ୍ସା କରାଯାଉଛି। ଆମ ଦେଶର କେତେକ ରାଜ୍ୟ ସରକାର ହେମୋଫିଲିଆ ରୋଗୀଙ୍କର ଫ୍ୟାକ୍ଟର VIII ଏବଂ ଫ୍ୟାକ୍ଟର IX ମାଗଣାରେ ଯୋଗାଇ ଦେଉଛନ୍ତି। ଏବେ ମଧ୍ୟ ହେମୋଫିଲିଆ ରୋଗୀଙ୍କ ଚିକିତ୍ସା ପାଇଁ ଅନ୍ୟାନ୍ୟ ଔଷଧମାନ ମିଳିଲାଣି। ଜିନ୍ ଚିକିତ୍ସାର ମଧ୍ୟ ସୁଫଳ ମିଳୁଥିବା ପ୍ରକାଶ। ରୋଗୀଠାରେ ଗଣ୍ଠି ବିକୃତି ପ୍ରକାଶ ପାଇଥିଲେ ଫିଜିଓଥେରାପିଷ୍ଟଙ୍କ ପରାମର୍ଶ ମଧ୍ୟ ଲୋଡ଼ା।

**ନିବାରଣମୂଳକ ବ୍ୟବସ୍ଥା**

ରୋଗୀ ଯେପରି ଆଘାତ ପାଇ କ୍ଷତବିକ୍ଷତ ନ ହୁଅନ୍ତି ସେଥିପ୍ରତି ସତର୍କ ରୁହନ୍ତୁ। ରୋଗୀ ଖେଳାଖେଳି, ଓଜନିଆ ଜିନିଷ ଉଠାଇବା ସମୟରେ, ଧାରୁଆ ଅସ୍ତ୍ରଶସ୍ତ୍ର ବ୍ୟବହାର କରିବା ସମୟରେ ସତର୍କ ରହିବା ଉଚିତ। ଏମାନେ ଦାନ୍ତଘଷିବା ସମୟରେ ନରମ ବ୍ରଶ ବ୍ୟବହାର କରନ୍ତୁ। ରୋଗୀକୁ ବାରମ୍ବାର ରକ୍ତ ନେବାକୁ ପଡ଼ିଥାଏ। ତେଣୁ ସେ ଯେପରି ହେପାଟାଇଟିସ୍-ବି ଏବଂ ହେପାଟାଇଟିସ-ସି ତଥା ଏଚ୍ଆଇଭି ଦ୍ୱାରା ସଂକ୍ରମିତ ନ ହୁଏ ସେଥିପ୍ରତି ନଜର ଦିଅନ୍ତୁ।

ଜାଣି ରଖିବା ଉଚିତ ଯେ, ହେମୋଫିଲିଆ ରୋଗ ସଂକ୍ରାମକ ନୁହେଁ। ତେଣୁ ତାହା ଅନ୍ୟମାନଙ୍କୁ ଡେଇଁବାର ଆଦୌ ଆଶଙ୍କା ନାହିଁ। ସୁତରାଂ ରୋଗୀକୁ ବାସନ୍ଦ ନ କରି ତା' ସହିତ ଅବାଧରେ ମିଳାମିଶା କରିହେବ ଓ ଏପରି କରିବା ଆବଶ୍ୟକ ମଧ୍ୟ।

-ଅଭୀପ୍ସା, ସେକ୍ଟର-୬,
ପ୍ଲଟ ନଂ-୧୧୩୧,
ଅଭିନବ ବିଡ଼ାନାସୀ, କଟକ-୧୪
ମୋ : ୮୩୨୮୯୭୫୧୧୮

## ଅତ୍ୟଧିକ ଟେନ୍‌ସନ ଓ କ୍ୟାନ୍‌ସର



ବର୍ତ୍ତମାନ ଆମେ ସମ୍ମୁଖୀନ ହେଉଥିବା କେତେକ ପ୍ରମୁଖ ସ୍ୱାସ୍ଥ୍ୟ ସମସ୍ୟା ମଧ୍ୟରେ କ୍ୟାନ୍‌ସର ଅନ୍ୟତମ। ଏଥିପାଇଁ ଅନେକ କାରଣ ଦାୟୀ। ଏହି ତାଲିକାରେ ଆମେରିକୀୟ କ୍ୟାନ୍‌ସର ବିଶେଷଜ୍ଞମାନେ ଆଉ ଏକ କାରଣକୁ ସାମିଲ କରିଛନ୍ତି। ତାହା ହେଲା ଟେନ୍‌ସନ୍। ଅଧିକାଂଶ ସମୟ ଟେନ୍‌ସନ୍ ରହିଲେ ତାହା କ୍ୟାନ୍‌ସରର ଅନ୍ୟତମ କାରଣ ସାଜିପାରେ ବୋଲି ସେମାନେ ସତର୍କ କରାଇ ଦେଇଛନ୍ତି। ୟୁନିଭର୍ସିଟି ଅଫ କାଲିଫର୍ନିଆର କ୍ୟାନ୍‌ସର ବିଶେଷଜ୍ଞମାନଙ୍କ ଦ୍ୱାରା ପ୍ରକାଶିତ ଏକ ରିପୋର୍ଟରେ ଉଲ୍ଲେଖ କରାଯାଇଛି। ଅଧିକାଂଶ ସମୟ ଟେନ୍‌ସନ୍‌ରେ ରହିବା ଦ୍ୱାରା ଏହାର ପ୍ରଭାବ ସେଲ୍ ବା କୋଷର କାର୍ଯ୍ୟଧାରା ଉପରେ ପଡ଼ିଥାଏ। ଏହାଫଳରେ ସୁସ୍ଥ କୋଷଗୁଡ଼ିକ କ୍ୟାନ୍‌ସର ଜୀବାଣୁ ଦ୍ୱାରା ଆକ୍ରାନ୍ତ ହେବାର ଆଶଙ୍କା ରହିଛି ବୋଲି ଏହି ରିପୋର୍ଟରୁ ଜଣାପଡ଼ିଛି। ତେଣୁ ଯେତେ ସମ୍ଭବ ନିଜକୁ ଟେନ୍‌ସନ୍‌ମୁକ୍ତ ରଖିବାକୁ ସେମାନେ ପରାମର୍ଶ ଦେଇଛନ୍ତି।

## ଦାନ୍ତ ବିନ୍ଧାର ଘରୋଇ ଉପଚାର



ଦାନ୍ତ ବିନ୍ଧୁଥିଲେ ଏହାକୁ ଆଦୌ ଅବହେଳା କରନ୍ତୁ ନାହିଁ। ଏ ନେଇ ଡାକ୍ତରଙ୍କ ସହ ପରାମର୍ଶ କରନ୍ତୁ। ହେଲେ ଏପରି କେତେକ ଘରୋଇ ଉପଚାର ରହିଛି, ଯାହାକୁ ଆପଣେଇ ପାରିଲେ ଦାନ୍ତବିନ୍ଧାରୁ କେତେକାଂଶରେ ଉପଶମ ମିଳିଥାଏ। ଅଳ୍ପ ଗୋଲମରିଚ ଗୁଣ୍ଡ ଲୁଣରେ ଟିକେ ପାଣି ମିଶାଇ ପେଷ୍ଟ ପ୍ରସ୍ତୁତ କରନ୍ତୁ। ଏହାକୁ ବିନ୍ଧୁଥିବା ଦାନ୍ତ ପାଖରେ ଲଗାଇଲେ ସେଥିରୁ ଉପଶମ ମିଳିଥାଏ। ଏଥିରୁ ଉପଶମ ପାଇବା ଲାଗି ରସୁଣ ପେଷ୍ଟ ବ୍ୟବହାର କରିପାରନ୍ତି। ଏହି ପେଷ୍ଟରେ ସାମାନ୍ୟ ଲୁଣ ମିଶାଇପାରନ୍ତି। ଲବଙ୍ଗରେ ଆଣ୍ଟି ଅକ୍ସିଡାଣ୍ଟ ଗୁଣ ଭରି ରହିଛି। ଏହାକୁ ପାଟିରେ ଜାକିଲେ ଦାନ୍ତ ବିନ୍ଧାରୁ କେତେକାଂଶରେ ଆରାମ ମିଳିଥାଏ। ଲବଙ୍ଗକୁ ଗ୍ରାଇଣ୍ଡିଂ କରି ସେଥିରେ ଅଳ୍ପ ଅଲିଭ ତେଲ ମିଶାନ୍ତୁ। ଏହି ପେଷ୍ଟକୁ ବିନ୍ଧୁଥିବା ଦାନ୍ତମୂଳରେ ଲଗାଇ ପାରନ୍ତି। ବିନ୍ଧୁଥିବା ଦାନ୍ତମୂଳରେ ଛୋଟ ଗୋଟା ପିଆଜ ରଖିଲେ ଏଭଳି ସମସ୍ୟାରୁ ଉପଶମ ମିଳିଥାଏ। ଏହାବ୍ୟତୀତ ଆଉ ଏକ ଘରୋଇ ଉପଚାର ରହିଛି। ଅଳ୍ପ ଲୁଣ ମିଶାଇ ଉଷୁମ ପାଣି ପ୍ରସ୍ତୁତ କରନ୍ତୁ। ଏହି ପାଣିକୁ କିଛି ଥର କୁଳୁକୁଳୁ କଲେ ଦାନ୍ତ ବିନ୍ଧା କେତେକାଂଶରେ କମି ଯାଇଥାଏ।

## ସକ୍ରିୟ ହେବ ପାଚନ କ୍ରିୟା



ଆମ ଶରୀରରେ ପାଚନ କ୍ରିୟା ବା ଡାଇଜେଷ୍ଟିଭ ସିଷ୍ଟମ ସକ୍ରିୟ ରହିବା ନିହାତି ଜରୁରୀ। ନ ହେଲେ ଆମେ କେତେକ ସ୍ୱାସ୍ଥ୍ୟ ସମସ୍ୟାର ସମ୍ମୁଖୀନ ହେବାର ଯଥେଷ୍ଟ ଆଶଙ୍କା ରହିଛି। ପୁଣି ଏହା ଯଦି ଗୁରୁତର ଆକାର ଧାରଣ କରେ ତେବେ ଅଯଥା ଖର୍ଚ୍ଚାନ୍ତ ହେବାକୁ ପଡ଼ିଥାଏ। ତେବେ ପାଚନ କ୍ରିୟାକୁ ଆହୁରି ସକ୍ରିୟ କରାଇବାକୁ ଚାହୁଁଛନ୍ତି କି ? ଯଦି ହଁ, ତେବେ ଆଖୁରସ ଏ କ୍ଷେତ୍ରରେ ସହାୟକ ହୋଇଥାଏ। ଗୋଟିଏ ଗ୍ଲାସ୍ ଆଖୁରସରେ ୧୮୦ କ୍ୟାଲୋରୀ ଓ ୩୦ ଗ୍ରାମ୍‌ର ଶର୍କରା ଥାଏ, ଯାହା ସ୍ୱାସ୍ଥ୍ୟ ପାଇଁ ବେଶ୍ ଲାଭଦାୟକ। ଏଥିରେ ପୋଟାସିୟମ୍ ଓ କ୍ୟାଲ୍‌ସିୟମ୍ ଥିବାରୁ ଏହା ଦାନ୍ତ ଓ ଦାନ୍ତର ମାଢ଼ିକୁ ନଷ୍ଟ ହେବାରୁ ରକ୍ଷା କରିଥାଏ। ଆୟୁର୍ବେଦିକ ଚିକିତ୍ସା ଅନୁସାରେ, ଯକୃତ୍‌କୁ ବାହ୍ୟ ଜୀବାଣୁ ଆକ୍ରାନ୍ତରୁ ଏହା ମଧ୍ୟ ରକ୍ଷା କରିଥାଏ। ଶରୀରର ବାହ୍ୟ ସ୍ଥାନରେ ଯଦି କିଛି ବି କ୍ଷତ ହୋଇଛି, ତେବେ ଏହାର ଆଣ୍ଟି-ଅକ୍ସିଡାଣ୍ଟ ଗୁଣ ଏହି କ୍ଷତ ସ୍ଥାନକୁ ପୂରଣ କରେ। ଏଥିରେ ଥିବା ପୋଟାସିୟମ ପାକସ୍ଥଳୀ ସଂକ୍ରମଣ ଆଶଙ୍କାକୁ କେତେକାଂଶରେ ଦୂରେଇ ଦେଇଥାଏ। କେବଳ ସେତିକି ନୁହେଁ, ଅସ୍ଥି ଏବଂ ମାଂସପେଶୀକୁ ମଜଭୁତ ରଖେ। ଆଖୁରସରେ ଭିଟାମିନ୍-ସି ଅଛି। ତେଣୁ ଏହା ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ବଢ଼ାଏ ଏବଂ ବାହ୍ୟ ଜୀବାଣୁ ଆକ୍ରମଣରୁ ମଧ୍ୟ ରକ୍ଷା କରିଥାଏ। ଡାଇବେଟିସ୍ ରୋଗୀଙ୍କ ପାଇଁ ଏହା ବେଶ୍ ଉପକାରୀ। ଏହା ତାଙ୍କ ଶରୀରରେ ଶର୍କରାର ପରିମାଣକୁ ସନ୍ତୁଳିତ ରଖିଥାଏ।

## ସୁସ୍ଥ ଶରୀର ଅନ୍ତରାଳେ..



ସୁସ୍ଥ ରହିବା ଅନ୍ତରାଳେ ଖାଦ୍ୟର ଭୂମିକା କେତେ ରହିଛି ତାହା କହିବା ଅନାବଶ୍ୟକ। କାରଣ ଶରୀର ପୋଷଣ ପାଇଁ ଖାଦ୍ୟର ଆବଶ୍ୟକତା ରହିଛି । ଖାଦ୍ୟ ମଧ୍ୟ ସାତ୍ତ୍ୱିକ ହେବା ସହ ଏହାର ମାନ, ମାତ୍ରା ଓ ସମୟ ମଧ୍ୟ ଠିକ୍ ନିର୍ଦ୍ଧାରଣ ହେବା ଉଚିତ । ଖାଦ୍ୟ ଖାଇବା ପୂର୍ବରୁ ଭଗବାନଙ୍କୁ ଅର୍ପଣ କଲେ ଭଲ। ଭୋଜନ ଗ୍ରହଣ ସମୟରେ ବାର୍ତ୍ତାଳାପ କରନ୍ତୁ ନାହିଁ। ଖାଇବାର ଏକ ଘଣ୍ଟା ପରେ ପାଣି ପିଅନ୍ତୁ। ଥଣ୍ଡା ଜିନିଷ, ଆଇସ୍‌କ୍ରିମ୍ ଆଦି ଯେତେ କମ୍ ଖାଇବେ ତାହା ସେତେ ଭଲ। କାରଣ ଏଭଳି ଖାଦ୍ୟ ଆବଶ୍ୟକତାଠାରୁ ଅଧିକ ଖାଇଲେ ତାହାର ପ୍ରଭାବ ପାଚନକ୍ରିୟା ଉପରେ ପଡ଼ିଥାଏ। ସବୁବେଳେ ନିର୍ଦ୍ଦିଷ୍ଟ ସମୟ ଅନ୍ତରାଳରେ ଖାଦ୍ୟ ଖାଆନ୍ତୁ। ଖାଦ୍ୟ ଖାଇବା ପରେ ତା'ର ପରିପାକ କ୍ରିୟା ସୁଚାରୁ ରୂପେ ହେବା ଆବଶ୍ୟକ। ସବୁବେଳେ ସୁଷମ ଖାଦ୍ୟ ଖାଆନ୍ତୁ। ତା' ସହ ଯଦି ଆପଣଙ୍କର ରକ୍ତଚାପ ବା ବ୍ଲଡପ୍ରେସର, ଡାଇବେଟିସ୍ ଆଦି ସମସ୍ୟା ରହିଛି ତେବେ ସେଥିପ୍ରତି ସତର୍କ ରୁହନ୍ତୁ। ଏହାବ୍ୟତୀତ ପ୍ରତିଦିନ କିଛି ସମୟ ବ୍ୟାୟାମ କରନ୍ତୁ।

## କାର୍ଯ୍ୟଦକ୍ଷତା ବଢ଼ାଇବାର ସହଜ ଉପାୟ



ନିଜେ ସମ୍ପାଦନ କରୁଥିବା କାର୍ଯ୍ୟକୁ ଠିକ୍ ଭାବରେ ତୁଲାଇବା ସହଜ କଥା ନୁହେଁ। ଏଥିପାଇଁ ଏକାଗ୍ରତା ଏବଂ କାର୍ଯ୍ୟ ପ୍ରତି ନିଜର ଅନୁରାଗର ଆବଶ୍ୟକତା ରହିଛି। ତେବେ ଏହାକୁ ଆହୁରି ସକ୍ରିୟ କରିବା ପଛରେ ଆଉ ଏକ କଥା ରହିଛି। ଏ ବିଷୟରେ ନିକଟରେ ସୂଚନା ଦେଇଛନ୍ତି ୟୁନିଭର୍ସିଟି ଅଫ୍ ୱାଶିଂଟନର ମନୋବିଜ୍ଞାନୀମାନେ। ଯଦି ଜଣେ ବ୍ୟକ୍ତି ଅଧିକାଂଶ ସମୟ ନିଜ ମନପସନ୍ଦର ବହି ପଢ଼ନ୍ତି ତେବେ ଏହାର ସୁପ୍ରଭାବ କାର୍ଯ୍ୟଦକ୍ଷତା ଉପରେ ପଡ଼ିଥାଏ। ଏଭଳି ସିଦ୍ଧାନ୍ତରେ ପହଞ୍ଚିବା ପୂର୍ବରୁ ସେମାନେ କେତେକ ବ୍ୟକ୍ତିଙ୍କ କାର୍ଯ୍ୟଦକ୍ଷତାକୁ ତନ୍ନ ତନ୍ନ କରି ସର୍ଭେ କରିଥିଲେ। ଏଥିରେ ସମସ୍ୟାର ସମ୍ମୁଖୀନ ହେଉଥିବା କିଛି ବ୍ୟକ୍ତିଙ୍କୁ ନିଜ ମନପସନ୍ଦର ବହି ପଢ଼ିବାକୁ ପରାମର୍ଶ ଦିଆଯାଇଥିଲା। ଅନ୍ୟପକ୍ଷରେ ନିୟମିତ ସମୟ ଅନ୍ତରାଳରେ ଏହାର ପ୍ରଭାବ ସେମାନଙ୍କର କାର୍ଯ୍ୟଦକ୍ଷତା ଉପରେ କିପରି ପଡୁଛି ତାହାକୁ ଲକ୍ଷ୍ୟ କରାଯାଇଥିଲା। ଆଶ୍ଚର୍ଯ୍ୟଜନକ ଭାବରେ ସେମାନଙ୍କ ମଧ୍ୟରୁ ପାଖାପାଖି ୪୦ ପ୍ରତିଶତ ବ୍ୟକ୍ତିଙ୍କର କାର୍ଯ୍ୟଦକ୍ଷତାରେ ବୃଦ୍ଧି ପରିଲକ୍ଷିତ ହୋଇଥିଲା ବୋଲି ସର୍ଭେ ରିପୋର୍ଟରେ ଉଲ୍ଲେଖ କରାଯାଇଛି। ଏହାସହ ଯୋଜନାବଦ୍ଧ ଭାବରେ କାମ କରିବାକୁ ଉକ୍ତ ୟୁନିଭର୍ସିଟିର ବିଶେଷଜ୍ଞମାନେ ପରାମର୍ଶ ଦେଇଛନ୍ତି।

## ସ୍ୱାସ୍ଥ୍ୟ ସୂଚନା

- ମାଛରେ ପ୍ରୋଟିନ୍ ଭରି ରହିଛି। ତେଣୁ ଏହାକୁ ନିୟମିତ ଖାଦ୍ୟ ତାଲିକାରେ ସାମିଲ କରନ୍ତୁ।
- ଭିଟାମିନ୍ 'ସି'ର ଅନ୍ୟତମ ଉତ୍ସ ହେଉଛି ଟମାଟୋ। ତେଣୁ ଏଥିରୁ ପ୍ରସ୍ତୁତ ଖାଦ୍ୟ ଏବଂ ସାଲାଡ୍ ନିୟମିତ ଖାଇଲେ ତାହା ସ୍ୱାସ୍ଥ୍ୟ ପାଇଁ ଉପକାରୀ ସାବ୍ୟସ୍ତ ହୋଇଥାଏ।
- କେବଳ ଖାଦ୍ୟ ନୁହେଁ, ସୁସ୍ଥ ରହିବା ଲାଗି ନିଦ୍ରାର ଆବଶ୍ୟକତା ରହିଛି। ବେଡ୍‌ରୁମର ପରିବେଶ ଯେପରି ଶାନ୍ତ ରହେ ସେଥିପ୍ରତି ଧ୍ୟାନ ଦିଅନ୍ତୁ।
- ମଧ୍ୟାହ୍ନଭୋଜନ ହେଉ ଅବା ରାତ୍ରଭୋଜନ ପରେ ଫଳମୂଳ ଖାଆନ୍ତୁ ନାହିଁ। ଅନ୍ୟ ସମୟରେ ଏଗୁଡ଼ିକୁ ଖାଇପାରନ୍ତି।
- କେତେକ ରୋଗ ଲାଗି ଚିକିତ୍ସା ହେବା ସମୟରେ ଖାଦ୍ୟପେୟ ପ୍ରତି ସତର୍କ ରହିବାକୁ ପଡ଼ିଥାଏ। ଏ ନେଇ ପରାମର୍ଶ କରୁଥିବା ଡାକ୍ତରଙ୍କ ଟିପ୍ସକୁ ଅନୁସରଣ କରନ୍ତୁ।
- ନିର୍ଦ୍ଦିଷ୍ଟ ସମୟ ଅନ୍ତରାଳରେ ଘରେ ଥିବା ଫାଷ୍ଟଏଡ୍ ବକ୍ସକୁ ଚେକ୍ କରି ନିଅନ୍ତୁ।
- ଯଦି ଅସୁସ୍ଥ ଲାଗୁଛି ତେବେ ସୁସ୍ଥ ଲାଗିବା ପର୍ଯ୍ୟନ୍ତ ବ୍ୟାୟାମରୁ ବିରତ ରୁହନ୍ତୁ।
- କୌଣସି ରୋଗ ବିଷୟରେ ସବିଶେଷ ଜାଣିବାକୁ ଥିଲେ ଅଭିଜ୍ଞ ଡାକ୍ତରଙ୍କ ସହ ପରାମର୍ଶ କରନ୍ତୁ।



## ଅବସାଦ ଦୂର କରେ ମନପସନ୍ଦର ଗୀତ

ଆଜିକାଲି ଅନେକ କାରଣରୁ ଆମେ ଅବସାଦ ବା ଡିପ୍ରେସନର ସମ୍ମୁଖୀନ ହେଉଛେ। ତେବେ ଏଭଳି ସମସ୍ୟାରୁ ନିଜକୁ ଯେତେ ସମ୍ଭବ ଦୂରେଇ ରଖିବା ଦରକାର। ତେବେ ଏହାର ଏକ ସରଳ ତଥା ସହଜ ଉପାୟ ହାତ ପାଆନ୍ତାରେ ରହିଛି। ତାହା କ'ଣ ଜାଣନ୍ତି ? ଯଦି ଆପଣ ଅଧିକାଂଶ ସମୟ ଅବସାଦଗ୍ରସ୍ତ ରହୁଛନ୍ତି ତେବେ ଯଦି ନିୟମିତ ଆପଣ ମନପସନ୍ଦର ଗୀତ ଶୁଣନ୍ତି ତେବେ ତାହା ଆପଣଙ୍କ ପାଇଁ ଲାଭପ୍ରଦ ସାବ୍ୟସ୍ତ ହୋଇଥାଏ। ପ୍ରାୟ ଅଧିକାଂଶ ସମୟ ଅବସାଦଗ୍ରସ୍ତ ରହୁଥିବା କେତେକ ବ୍ୟକ୍ତିଙ୍କୁ ନିୟମିତ ନିଜ ମନ ପସନ୍ଦର ଗୀତ ଶୁଣିବାକୁ ୟୁନିଭର୍ସିଟି ଓଫ ଟୋକିଓର ବିଶେଷଜ୍ଞମାନେ ପରାମର୍ଶ ଦେଇଥିଲେ। ଏହାଦ୍ୱାରା ସେମାନଙ୍କ ମଧ୍ୟରୁ ଅଧିକାଂଶ ବ୍ୟକ୍ତି ଅବସାଦଠାରୁ କେତେକାଂଶରେ ଉପଶମ ଲାଭ କରୁଥିବାର ଦେଖିବାକୁ ମିଳିଥିଲା। କେବଳ ସେତିକି ନୁହେଁ, ଏଭଳି ସମସ୍ୟାଠାରୁ ନିଜକୁ ଦୂରେଇ ରଖିବାକୁ ନିଜର ମାନସିକତାକୁ ସକାରାତ୍ମକ ରଖିବାକୁ ଚେଷ୍ଟା କରିବାକୁ ସେମାନେ ପରାମର୍ଶ ଦେଇଛନ୍ତି।






କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ଏଫ୍‌ଆଇଏଚ୍ ପୁରୁଷ ହକି ପ୍ରୋ ଲିଗ୍‌ରେ ରବିବାର ଭାରତ ଓ ନେଦରଲାଣ୍ଡ୍ସ ମଧ୍ୟରେ ଅନୁଷ୍ଠିତ ମ୍ୟାଚର ଉତ୍କଣ୍ଠାପୂର୍ଣ୍ଣ ମୁହୂର୍ତ୍ତ।



ଦର୍ଶକମାନେ ମ୍ୟାଚ ଉପଭୋଗ କରୁଛନ୍ତି। (ଫଟୋ: ବିକାଶ ନାୟକ)।

# ଶୁଟ୍‌ଆଉଟରେ ଜିତିଲା ଭାରତ

**ଭୁବନେଶ୍ୱର, ୧୧।୨**
**(ତପନ ସ୍ୱାଇଁ)**

କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ଏଫ୍‌ଆଇଏଚ୍ ପୁରୁଷ ହକି ପ୍ରୋ ଲିଗ୍‌ର ରବିବାର ଅନୁଷ୍ଠିତ ଏକ ସଂଘର୍ଷପୂର୍ଣ୍ଣ ମ୍ୟାଚରେ ଭାରତ ଶୁଟ୍‌ଆଉଟ ୪-୨ ଗୋଲରେ ନେଦରଲାଣ୍ଡ୍ସକୁ ପରାସ୍ତ କରିଛି। ନିର୍ଦ୍ଧାରିତ ସମୟରେ ମ୍ୟାଚ ୨-୨ ସ୍ଥିତିରେ ରହିଥିଲା। ଶୁଟ୍ ଆଉଟ ପର୍ଯ୍ୟାୟରେ ଭାରତ ପକ୍ଷରୁ ଶମଶେର ସିଂ, ଲଳିତ କୁମାର ଉପାଧ୍ୟାୟ, ସୁଖଜିତ ସିଂ ଓ ହରମନପ୍ରୀତ ସିଂ ଆଦି ୪ ଜଣ ଯାକ ଖେଳାଳି ଗୋଲ ଦେଇଥିଲେ। ନେଦରଲାଣ୍ଡର ବିଜେନ କୋଏନ ଓ ଥିଏରୀ ବ୍ରିଙ୍କ୍‌ମାନ ଗୋଲ ଦେଇଥିବାବେଳେ ଡି ଜିଉସ ଜୋନାସ ଓ କ୍ରୁନ ଜୋରିଟ ମିସ୍ କରିଥିଲେ। ୨ ମ୍ୟାଚରୁ ଗୋଟିଏ ବିଜୟ ଓ ଗୋଟିଏ ଶୁଟ୍ ଆଉଟ ବିଜୟ ସହ ଭାରତର ପଏଣ୍ଟ ସଂଖ୍ୟା ୫ରେ ପହଞ୍ଚିଛି। ଅନ୍ୟପକ୍ଷରେ ୬ ମ୍ୟାଚରୁ ପ୍ରଥମ ପରାଜୟ ସ୍ୱାଦ ଚାଖିଥିବା ନେଦରଲାଣ୍ଡ୍ସ ୧୨ ପଏଣ୍ଟ ସହ



ଭାରତ ବିଜୟରେ ଉଲ୍ଲସିତ ଗୋଲକିପର ପି.ଆର. ଶ୍ରୀଜେଶ।

ଶୀର୍ଷ ସ୍ଥାନରେ ଅପରିବର୍ତ୍ତିତ ରହିଛି।

ଭାରତ ଆରମ୍ଭରୁ ଆକ୍ରମଣାତ୍ମକ ଆଭିମୁଖ୍ୟରେ ଖେଳିଥିଲା। ୧୨ତମ ମିନିଟରେ ଲଗାତର ୨ଟି ପେନାଲ୍ଟି କର୍ନର ପାଇଥିଲେ ହେଁ ଗୋଲ କରିପାରି ନ ଥିଲା। ତେବେ ୧୩ତମ ମିନିଟରେ ଏକ ଫିଲ୍ଡ ଗୋଲ ଦେଇ ହାର୍ଦ୍ଦିକ ସିଂ ଭାରତକୁ ଅଗ୍ରଣୀ କରିଥିଲେ। ଦ୍ୱିତୀୟ କ୍ୱାର୍ଟରରେ ମଧ୍ୟ ଭାରତ ୨୩ ଓ ୨୪ତମ ମିନିଟରେ କ୍ରମାଗତ ୨ଟି ପେନାଲ୍ଟି କର୍ନର ପାଇଥିଲେ ହେଁ ବେକାର ଯାଇଥିଲା। ୨୪ତମ ମିନିଟରେ ଆକାଶଦୀପ ସିଂ ଗ୍ରୀନ୍‌କାର୍ଡ ପାଇଥିଲେ। ଅନ୍ୟପକ୍ଷରେ ନେଦରଲାଣ୍ଡ୍ସ ୨୫ତମ ମିନିଟରେ ପେନାଲ୍ଟି କର୍ନର ହାତଛଡ଼ା କରିଥିଲେ ହେଁ ୩୦ତମ

**ହରମନପ୍ରୀତ ଖେଳିଲେ ୨୦୦ତମ ମ୍ୟାଚ**

ମିନିଟରେ ସୁଯୋଗର ସଦୁପଯୋଗ କରି ଜିପ୍ ଜାନସେନଙ୍କ ମାଧ୍ୟମରେ ଗୋଲ ପରିଶୋଧ କରି ଦେଇଥିଲା। ତୃତୀୟ କ୍ୱାର୍ଟରରେ ନେଦରଲାଣ୍ଡ୍ସ ଆଧିପତ୍ୟ ବିସ୍ତାର କରି ଖେଳିଥିଲା। ଦଳ ୩୯ତମ ମିନିଟରେ ପେନାଲ୍ଟି କର୍ନରରୁ ଦ୍ୱିତୀୟ ଗୋଲଟି ସ୍କୋର କରି ଅଗ୍ରଣୀ ହାସଲ କରିଥିଲା। ବିଜେନ କୋଏନ ଏହି ଗୋଲଟି ଦେଇଥିଲେ। ୪୫ତମ ମିନିଟରେ ଦଳ ଆଉଏକ ପେନାଲ୍ଟି କର୍ନର ସୁଯୋଗ ସୃଷ୍ଟି କରିଥିଲା। ୪ର୍ଥ ତଥା ଅନ୍ତିମ କ୍ୱାର୍ଟର ସ୍ୱାଭାବିକଭାବେ ସଂଘର୍ଷପୂର୍ଣ୍ଣ ହୋଇଥିଲା। ଭାରତର ସୁଖଜିତ ସିଂ ୫୨ତମ ମିନିଟରେ ଏବଂ ନେଦରଲାଣ୍ଡ୍ସର ବ୍ଲକ୍ ଜଷ୍ଟେନ ୫୩ତମ ମିନିଟରେ ଗ୍ରୀନ୍ କାର୍ଡ ପାଇଥିଲେ। ଏହି କ୍ୱାର୍ଟରରେ ଭାରତ ଓ ନେଦରଲାଣ୍ଡ୍ସ ୩ଟି ଲେଖାଏ ପେନାଲ୍ଟି କର୍ନର ପାଇଥିଲେ। ତେବେ ଭାରତ ୫୮ତମ ମିନିଟରେ ପାଇଥିବା ପେନାଲ୍ଟି କର୍ନରକୁ ଅଧିନାୟକ ହରମନପ୍ରୀତ ସିଂ ଗୋଲରେ ପରିଣତ କରିବାରୁ ନିର୍ଦ୍ଧାରିତ ସମୟରେ ମ୍ୟାଚ ୨-୨ ସ୍ଥିତିକୁ ଚାଲି ଆସିଥିଲ। ଫଳାଫଳ ନିର୍ଣ୍ଣୟ ପାଇଁ ଶୁଟ୍‌ଆଉଟ ପଦ୍ଧତି ଅବଲମ୍ବନ କରାଯାଇଥିଲା।

ଏହି ମ୍ୟାଚରେ ଭାରତୀୟ ଦଳର ଅଧିନାୟକ ହରମନପ୍ରୀତ ସିଂ ୨୦୦ତମ ଅନ୍ତର୍ଜାତୀୟ ମ୍ୟାଚ ଖେଳିଛନ୍ତି। ୨୦୧୫ରୁ ଅନ୍ତର୍ଜାତୀୟ ହକି ଖେଳି ଆସୁଥିବା ହରମନପ୍ରୀତ ଏବେ ଭାରତୀୟ ଦଳର ଜଣେ ନିର୍ଭରଯୋଗ୍ୟ ଖେଳାଳି। ମାଇଲଖୁଣ୍ଟ ମ୍ୟାଚ ଖେଳିଥିବାରୁ ହରମନପ୍ରୀତଙ୍କୁ ହକି ଇଣ୍ଡିଆ ସଭାପତି ଦିଲୀପ ତିର୍କୀ ଅଭିନନ୍ଦନ ଜଣାଇଛନ୍ତି।

# ଅଷ୍ଟ୍ରେଲିଆର ସଂଘର୍ଷପୂର୍ଣ୍ଣ ବିଜୟ



ସ୍ପେନ୍ ଓ ଅଷ୍ଟ୍ରେଲିଆ ମଧ୍ୟରେ ଅନୁଷ୍ଠିତ ମ୍ୟାଚ।

**ଭୁବନେଶ୍ୱର, ୧୧।୨**
**(ତପନ ସ୍ୱାଇଁ**

ଏଫ୍‌ଆଇଏଚ୍ ପୁରୁଷ ହକି ପ୍ରୋ ଲିଗ୍‌ରେ ରବିବାର ଅଷ୍ଟ୍ରେଲିଆ ସଂଘର୍ଷପୂର୍ଣ୍ଣ ବିଜୟ ହାସଲ କରିଛି। କଳିଙ୍ଗ ଷ୍ଟାଡିୟମରେ ଅନୁଷ୍ଠିତ ମ୍ୟାଚରେ ଏହି ଦଳ ୪-୩ ଗୋଲରେ ସ୍ପେନ୍‌କୁ ହରାଇ ଦେଇଛି। ଅଷ୍ଟ୍ରେଲିଆ ପକ୍ଷରୁ ଶାର୍ପ ଲଚଲାନ ୯ ଓ ୫୨ତମ ମିନିଟରେ ୨ଟି ଏବଂ ଜ୍ୟାକ ହ୍ୱିଟନ ୧୯ ଓ ବ୍ଲେକ୍ ଗୋଭର୍ସ ୨୫ତମ ମିନିଟରେ ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ସ୍ପେନ୍‌ର ମାର୍କ ମିରାଲେସ ୨୯, ନିକୋଲାସ ଆଲଭାରେଜ ୩୬ ଓ ପଲ ଭାର୍ଡେଲ କାବ୍ରି ୩୭ତମ ମିନିଟରେ ଗୋଟିଏ ଲେଖାଏ ଗୋଲ ପରିଶୋଧ କରିଥିଲେ। ଏଠାରେ ବିଜୟ ସହ ଅଷ୍ଟ୍ରେଲିଆ ଏହାର ବିଜୟ ଅଭିଯାନ ଆରମ୍ଭ କରିଛି। ଅନ୍ୟପକ୍ଷରେ ସ୍ପେନ୍ କ୍ରମାଗତ ଦ୍ୱିତୀୟ ପରାଜୟ ବରଣ କରିଛି। ଏହି ଦଳ ଶନିବାର ଭାରତ ନିକଟରୁ ୧-୪ ଗୋଲରେ ପରାସ୍ତ ହୋଇଥିଲା। ମ୍ୟାଚରେ ସ୍ପେନ୍ ମାତ୍ର ୨ଟି ପେନାଲ୍ଟି କର୍ନର ପାଇଥିବାବେଳେ ଏଥିରୁ ଗୋଟିଏକୁ ଗୋଲରେ ପରିଣତ କରିବାରେ ସକ୍ଷମ ହୋଇଥିଲା। ଅନ୍ୟପକ୍ଷରେ ଅଷ୍ଟ୍ରେଲିଆ ୬ଟି ପେନାଲ୍ଟି କର୍ନର ସୁଯୋଗ ସୃଷ୍ଟି କରିଥିଲା। ଏଥିରୁ ଖେଳାଳିମାନେ ୨ଟି ଗୋଲ ଦେବାରେ ସକ୍ଷମ ହୋଇଥିଲେ। ସ୍ପେନ୍‌ର ଡି ଇଗ୍ନାସିଓ-ସିମୋ ଏଡୁଆର୍ଡ ୨୩ ଓ ରୋଡ୍ରିଗ୍ୱେଜ ଇଗ୍ନାସିଓ ୨୪ତମ ମିନିଟରେ ଗ୍ରୀନ୍ କାର୍ଡ ପାଇଥିଲେ। ଅଷ୍ଟ୍ରେଲିଆର ଟମ୍ କ୍ରେଗ୍ ୨୦ ଓ କି ୱିଲଟ ୬୦ତମ ମିନିଟରେ ୟେଲୋ କାର୍ଡ ପାଇଥିଲେ।

# ପରାଜୟ ଆଶଙ୍କାରେ ଓଡ଼ିଶା

**ଭୁବନେଶ୍ୱର, ୧୧।୨**
**(ତପନ ସ୍ୱାଇଁ)**

**ରଣ୍‌ଜୀ ଟ୍ରଫି**

ଚଳିତ ରଣ୍‌ଜୀ ଟ୍ରଫି ସିଜନରେ ଅସ୍ଥିର ପ୍ରଦର୍ଶନ ଏବଂ ଖରାପ ବ୍ୟାଟିଂ ଓଡ଼ିଶାକୁ ପୁଣି ଅଡୁଆରେ ପକାଇଛି। କଟକର ଡ୍ରିମ୍ସ ଗ୍ରାଉଣ୍ଡରେ ଚାଲିଥିବା ଉତ୍ତରାଖଣ୍ଡ ବିପକ୍ଷ ରଣ୍‌ଜୀ ଟ୍ରଫି କ୍ରିକେଟ ମ୍ୟାଚରେ ଓଡ଼ିଶା ପରାଜୟ ଆଶଙ୍କାରେ ରହିଛି। ଓଡ଼ିଶା ପ୍ରଥମ ଇନିଂସରେ ମାତ୍ର ୧୬୯ ରନରେ ଅଲ୍‌ଆଉଟ ହୋଇଛି। ଉତ୍ତରାଖଣ୍ଡ ଏହାର ଦ୍ୱିତୀୟ ଇନିଂସକୁ ୨୦୩/୮ରେ ଘୋଷଣା କରିବାରୁ ଓଡ଼ିଶା ସମ୍ମୁଖରେ ୩୭୭ ରନର ବିଜୟ ଲକ୍ଷ୍ୟ ଧାର୍ଯ୍ୟ ହୋଇଛି। ରବିବାର ତୃତୀୟ ଦିବସ ଖେଳ ଶେଷ ବେଳକୁ ଓଡ଼ିଶା ଦ୍ୱିତୀୟ ଇନିଂସରେ ୧୭ ରନ ମଧ୍ୟରେ ୨ଟି ଉଇକେଟ ହରାଇଛି। ଫଳରେ ୮ ଉଇକେଟ ସୁରକ୍ଷିତ ଥାଇ ଓଡ଼ିଶା ଆହୁରି ୩୬୦ ରନ ପଛରେ ରହିଛି। ସୋମବାର ମ୍ୟାଚର ଅନ୍ତିମ ଦିବସ। ତେବେ ଓଡ଼ିଶା ପାଇଁ ମ୍ୟାଚ ବଞ୍ଚାଇବା କଷ୍ଟକର ହୋଇପଡ଼ିବ।

ଓଡ଼ିଶା ପୂର୍ବଦିନର ପ୍ରଥମ ଇନିଂସ ସ୍କୋରରେ ଆଉ ୪୬ ରନ ଯୋଗକରି ଅବଶିଷ୍ଟ ୪ ଉଇକେଟ ହରାଇଥିଲା। ଉତ୍ତରାଖଣ୍ଡ ପକ୍ଷରୁ ଦୀପକ ଧପୋଲା ଓ ମୟଙ୍କ ମିଶ୍ର ୩ଟି ଲେଖାଏ ଏବଂ ଅଭୟ ନେଗୀ ଓ ସ୍ୱପ୍ନିଲ ସିଂ ୨ଟି ଲେଖାଏ ଉଇକେଟ ନେଇଥିଲେ। ଉତ୍ତରାଖଣ୍ଡ ଦ୍ୱିତୀୟ ଇନିଂସ ଆରମ୍ଭରେ ବିନା ସ୍କୋରରେ ଯଦିଓ ବୈଭବ ଭଟ୍ଟଙ୍କ ଉଇକେଟ ହରାଇଥିଲା ତେବେ ଅଧିନାୟକ ଜିୱନଜୋତ ସିଂ (୭୪ ରନ)ଙ୍କ ଅର୍ଦ୍ଧଶତକ ଏବଂ କୁନାଲ ଚାଣ୍ଡେଲା (୩୮), ଆଦିତ୍ୟ ତାରେ (୨୫) ଓ ମୟଙ୍କ ମିଶ୍ର (୨୫*)ଙ୍କ ଉପଯୋଗୀ ଅବଦାନ ବଳରେ ୨୦୩/୮ରେ ଇନିଂସ ଘୋଷଣା କରିଥିଲା। ଓଡ଼ିଶା ବୋଲରଙ୍କ ମଧ୍ୟରେ ରାଜେଶ ମହାନ୍ତି ଓ ବିପ୍ଳବ ସାମନ୍ତରାୟ ୩ଟି ଲେଖାଏ ଏବଂ ହର୍ଷିତ ରାଠୋଡ ୨ଟି ଉଇକେଟ ନେଇଥିଲେ। ୩୭୭ ରନ ବିଜୟ ଲକ୍ଷ୍ୟରେ ପଡ଼ିଆକୁ ଓହ୍ଲାଇଥିବା ଓଡ଼ିଶା ମାତ୍ର ୭ ରନରେ ଅଧିନାୟକ ଶାନ୍ତନୁ ମିଶ୍ର (୪) ଓ ସ୍କୋର ୧୦ ଥିବାବେଳେ ଆଶୀର୍ବାଦ ସ୍ୱାଇଁ (୩)ଙ୍କ ଉଇକେଟ ହରାଇ ବ୍ୟାକ୍‌ଫୁଟରେ ରହିଛି। ସନ୍ଦୀପ ପଟ୍ଟନାୟକ ୮ ଓ ଦେବବ୍ରତ ପ୍ରଧାନ ୧ ରନରେ ଅପରାଜିତ ରହିଛନ୍ତି। ବିପକ୍ଷ ଦଳର ଦୀପକ ଧପୋଲା ୨ଟିଯାକ ଉଇକେଟ ନେଇଛନ୍ତି।

**ସଂକ୍ଷିପ୍ତ ସ୍କୋର**

ଉତ୍ତରାଖଣ୍ଡ ପ୍ରଥମ ଇନିଂସ: ୩୪୨। ଓଡ଼ିଶା ପ୍ରଥମ ଇନିଂସ: ୧୬୯। ଉତ୍ତରାଖଣ୍ଡ ଦ୍ୱିତୀୟ ଇନିଂସ: ୨୦୩/୮/ଘୋଷଣା (ଜିୱନଜୋତ ସିଂ-୭୪, କୁନାଲ ଚାଣ୍ଡେଲା-୩୮, ରାଜେଶ ମହାନ୍ତି-୩/୧୭, ବିପ୍ଳବ ସାମନ୍ତରାୟ-୩/୩୧, ହର୍ଷିତ ରାଠୋଡ-୨/୫୦)। ଓଡ଼ିଶା ଦ୍ୱିତୀୟ ଇନିଂସ: ୧୭/୨।

# ୱେଷ୍ଟଇଣ୍ଡିଜକୁ ୩୪ ରନ୍‌ରେ ହରାଇଲା ଅଷ୍ଟ୍ରେଲିଆ

**ଆଡିଲେଡ୍, ୧୧।୨ (ଏପି)**

ଗ୍ଲେନ ମ୍ୟାକ୍ସୱେଲଙ୍କ ରେକର୍ଡ ସମକକ୍ଷ ଶତକ ସହାୟତାରେ ଅଷ୍ଟ୍ରେଲିଆ ଏଠାରେ ଅନୁଷ୍ଠିତ ୱେଷ୍ଟଇଣ୍ଡିଜ ବିପକ୍ଷ ଦ୍ୱିତୀୟ ଅନ୍ତର୍ଜାତୀୟ ଟି୨୦ କ୍ରିକେଟ ମ୍ୟାଚ୍ ୩୪ ରନରେ ଜିତି ନେଇଛି। ଏଥିସହିତ ଦଳ ୩ ମ୍ୟାଚ ବିଶିଷ୍ଟ ସିରିଜରେ ୨-୦ରେ ଅଗ୍ରଣୀ ଲାଭ କରିଛି। ସ୍ଥାନୀୟ ଆଡିଲେଡ୍ ଓଭାଲଠାରେ ଖେଳାଯାଇଥିବା ଏହି ମ୍ୟାଚରେ ଟସ୍ ହାରି ପ୍ରଥମେ ବ୍ୟାଟିଂ କରିଥିବା ଅଷ୍ଟ୍ରେଲିଆ ଏକଦା ୬.୪ ଓଭରରେ ୩ ଉଇକେଟ ବିନିମୟରେ ୬୪ ରନ କରିଥିଲା। ବଡ଼ ଶଟ୍ ଖେଳିବାକୁ ଯାଇ ଜୋଶ ଇଂଲିଶ (ଚାରି), ମିଚେଲ ମାର୍ଶ (୧୨ ବଲ୍‌ରୁ ୨୯) ଏବଂ ଡେଭିଡ୍ ୱାର୍ନର (୧୯ ବଲ୍‌ରୁ ୨୨ ରନ)। ୪ନମ୍ବର ସ୍ଥାନରେ ବ୍ୟାଟିଂ କରିବାକୁ ଆସିଥିବା ମ୍ୟାକ୍ସୱେଲ ଲଡୁଆ ବ୍ୟାଟିଂ କରି ୫୫ ବଲ୍‌ରୁ ୧୨୦ ରନ କରି ଅପରାଜିତ ରହିଥିଲେ। ସେ ୮ ଛକା ଏବଂ ୧୨ ଚୌକା ମାରିଥିଲେ। ଟିମ୍ ଡେଭିଡ (୧୪ ବଲ୍‌ରୁ ୩୧ରନ)ଙ୍କ ସହ ୯୨ ରନ ଯୋଗ କରିଥିଲେ। ଦଳ ନିର୍ଦ୍ଧାରିତ ଓଭରରେ ୪ ଉଇକେଟ ବିନିମୟରେ ୨୪୧ ରନ କରିଥିଲା। ଜବାବରେ ୱେଷ୍ଟଇଣ୍ଡିଜ ପ୍ରଥମ ୭ ଓଭରରେ ୫ ଉଇକେଟ ହରାଇ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। କିନ୍ତୁ ଅଧିନାୟକ ରୋଭମ୍ୟାନ ପାୱେଲ (୩୬ ବଲ୍‌ରୁ ୬୩ ରନ) ଏବଂ ଆନ୍ଦ୍ରେ ରସେଲ (୧୬ ବଲ୍‌ରୁ ୩୭) ଭ୍ରମଣକାରୀ ଦଳ ପାଇଁ କିଛି ସମୟ ଲାଗି ଆଶା ସଞ୍ଚାର କରିଥିଲେ। ମାତ୍ର ମାର୍କସ ଷ୍ଟୋଇନିସ (୩/୩୬) ଓ ନବାଗତ ସ୍ପେନସର ଜନସନ (୨/୩୯)ଙ୍କ ନେତୃତ୍ୱରେ ଅଷ୍ଟ୍ରେଲୀୟ ବୋଲିଂ ଆକ୍ରମଣ ମହଙ୍ଗା ସାବ୍ୟସ୍ତ ହୋଇଥିଲା। ୱେଷ୍ଟଇଣ୍ଡିଜ ୨୦ ଓଭରରେ ୨୦୭/୯ରେ ସୀମିତ ହୋଇଯାଇଥିଲା।

# ତେଜସ୍ୱିନୀ ଜିତିଲେ ସିଜନ ଓପନିଂ ମିଟ୍

**ନୂଆଦିଲ୍ଲୀ, ୧୧।୨ (ପି.ଟି.):** ହାଇ ଜମ୍ପରେ ଜାତୀୟ ରେକର୍ଡ ପ୍ରତିଷ୍ଠା କରିଥିବା ତେଜସ୍ୱିନୀ ଶଙ୍କର ୨.୨୩ ମିଟର ବେଲଜିୟମସ୍ଥିତ ହିଷ୍ଟ-ଅପ୍-ଡେନ୍ ବର୍ଗଠାରେ ଅନୁଷ୍ଠିତ ଇଣ୍ଟରନ୍ୟାଶନାଲ ହାଇଜମ୍ପ ଗାଲା ଏଲ୍‌ମସ ୨୦୨୪ ଆଥ୍‌ଲେଟିକ୍ସ ମିଟ୍‌ରେ ଶ୍ରେଷ୍ଠ ପୁରସ୍କାର ଲାଭ କରିଛନ୍ତି। ଗତବର୍ଷ ଅକ୍ଟୋବର ପରେ ଏହାଥିଲା ତାଙ୍କର ପ୍ରଥମ ପ୍ରତିଯୋଗିତା। ଶନିବାର ୱାର୍ଲ୍ଡ ଆଥଲେଟିକ୍ସ ଇନ୍‌ଡୋର ଟୁର୍ ଚ୍ୟାଲେଞ୍ଜର ଇଭେଣ୍ଟରେ ଗ୍ରୀସର ଆଣ୍ଟୋନିଅସ୍ ମର୍ଲସ (୨.୨୦ ମିଟର) ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲେ। ୨୫ବର୍ଷୀୟ ତେଜସ୍ୱୀନଙ୍କ ନାମରେ ଉଭୟ ପୁରୁଷ ହାଇଜମ୍ପ ଓ ଡେକାଥ୍ଲନ ରେକର୍ଡ ରହିଛି।




ଗାଲେରେ ଅନୁଷ୍ଠିତ ଲି ନିଙ୍ଗ୍ ଶ୍ରୀଲଙ୍କା ଅନ୍ତର୍ଜାତୀୟ ଚ୍ୟାଲେଞ୍ଜ ବ୍ୟାଡ୍‌ମିଣ୍ଟନ ଟୁର୍ଣ୍ଣାମେଣ୍ଟରେ ରୌପ୍ୟ ପଦକ ବିଜୟୀ ଓଡ଼ିଶାର ଶ୍ୱେତପର୍ଣ୍ଣା ଓ ରୁତପର୍ଣ୍ଣା ପଣ୍ଡା।




କିଟ୍ ପରିସରରେ ଅନୁଷ୍ଠିତ ଜାତୀୟ ଜୁନିୟର ବାସ୍କେଟବଲ ଚାମ୍ପିୟନଶିପ୍‌ର ମହିଳା ବିଭାଗରେ ଟାଇଟଲ ବିଜୟୀ ତାମିଲନାଡୁ ଦଳର ଖେଳାଳିମାନେ ଅତିଥିଙ୍କଠାରୁ ପୁରସ୍କାର ଗ୍ରହଣ କରୁଛନ୍ତି।

# ଅମିତ, ସଚିନଙ୍କୁ ସ୍ୱର୍ଣ୍ଣ, ରୌପ୍ୟ ଜିତିଲେ ନିଖତ

**ସୋଫିଆ, ୧୧।୨ (ପି.ଟି.)**

**ଷ୍ଟ୍ରାଣ୍ଡ୍‌ଜା ମେମୋରିଆଲ ବକ୍ସିଂ**

ବିଶ୍ୱ ଚାମ୍ପିୟନଶିପ୍ ପଦକ ବିଜେତା ଅମିତ ପଙ୍ଘାଲ ଓ ସଚିନ ସିୱାଚ ଏଠାରେ ଚାଲିଥିବା ୭୫ତମ ଷ୍ଟ୍ରାଣ୍ଡ୍‌ଜା ମେମୋରିଆଲ ବକ୍ସିଂ ଟୁର୍ଣ୍ଣାମେଣ୍ଟରେ ଗୋଟିଏ ଲେଖାଏ ସ୍ୱର୍ଣ୍ଣ ଜିତିଛନ୍ତି। ଅନ୍ୟପକ୍ଷରେ ନିଖତ ଜରିନ ଏବଂ ଅନ୍ୟ ୩ ଭାରତୀୟ ଗୋଟିଏ ଲେଖାଏ ରୌପ୍ୟ ପଦକ ହାସଲ କରିଛନ୍ତି। ୨୦୧୯ ବିଶ୍ୱ ରୌପ୍ୟ ବିଜେତା ପଙ୍ଘାଲ (୫୧କେଜି) ପୁରୁଷ ଫ୍ଲାଇୱେଟ୍ ଫାଇନାଲରେ ପ୍ରାଧାନ୍ୟ ବିସ୍ତାର କରି କାଜାଖସ୍ତାନର ସାନ୍‌ଝାର ତାସ୍କେନବେଙ୍କ ବିପକ୍ଷ ମୁକାବିଲାକୁ ୫-୦ରେ ଜିତି ନେଇଥିଲେ। ଗତଥର ଏକ ବ୍ରୋଞ୍ଜ ପଦକ ପାଇଥିବା ୱାର୍ଲ୍ଡ ୟୁଥ୍ ଚାମ୍ପିୟନ ସଚିନ (୫୭ କେଜି) ଏଥର ଉଜ୍‌ବେକିସ୍ତାନର ଶାଖଜୋଦ୍ ମୁଜାଫାରୋଭଙ୍କୁ ୫-୦ରେ ପରାସ୍ତ କରି ସ୍ୱର୍ଣ୍ଣ ପଦକ ପାଇଛନ୍ତି। ଅନ୍ୟପକ୍ଷରେ ଦୁଇଥର ବିଶ୍ୱ ଚାମ୍ପିୟନ ନିଖତ (୫୦କେଜି), ଅରୁନ୍ଧତୀ ଚୌଧାରୀ (୬୬କେଜି), ବରୁଣ ସିଂ ଶାଗୋଲ୍‌ଶେମ୍ (୪୮କେଜି) ଏବଂ ରଜତ (୬୭କେଜି) ସେମାନଙ୍କ ବାଉଟ ହାରି ଗୋଟିଏ ଲେଖାଏ ରୌପ୍ୟ ହାସଲ କରିଥିଲେ। ସୂଚନାଯୋଗ୍ୟ, ଏହା ପୂର୍ବରୁ ପଙ୍ଘାଲ ଏହି ଚାମ୍ପିୟନଶିପ୍‌ରେ ୨୦୧୭ରେ ବ୍ରୋଞ୍ଜ ପଦକ ଏବଂ ପରେ ୨୦୧୮ ଓ ୨୦୧୯ରେ ପଛକୁ ଟାଇଟଲ ବିଜୟୀ ହୋଇଥିଲେ। ସୂଚନାଯୋଗ୍ୟ, ଷ୍ଟ୍ରାଣ୍ଡ୍‌ଜା ମେମୋରିଆଲ ହେଉଛି ୟୁରୋପର ଅନ୍ୟତମ ପୁରାତନ ବକ୍ସିଂ ପ୍ରତିଯୋଗିତା। ଏଥିରେ ସମଗ୍ର ବିଶ୍ୱର କ୍ୱାଲିଟି ବକ୍ସରମାନେ ଅଂଶଗ୍ରହଣ କରିଥାନ୍ତି।

www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ସୋମବାର, ଫେବୃଆରୀ ୧୨/୨୦୨୪ Bhubaneswar, Monday, February 12/ 2024

# ଅଷ୍ଟ୍ରେଲିଆ ଚାମ୍ପିୟନ

**ବେନୋନି, ୧୧।୨**

ଅଷ୍ଟ୍ରେଲିଆ ୧୯ ବର୍ଷରୁ କମ୍ କ୍ରିକେଟ ବିଶ୍ୱକପ ଟାଇଟଲ ବିଜୟୀ ହୋଇଛି। ରବିବାର ଅନୁଷ୍ଠିତ ଫାଇନାଲରେ ଏହି ଦଳ ଗତଥରର ଚାମ୍ପିୟନ ଭାରତକୁ ୭୯ ରନରେ ପରାସ୍ତ କରିଛି। ଅଷ୍ଟ୍ରେଲିଆ ୫୦ ଓଭରରେ ୭ ଉଇକେଟ ହରାଇ ୨୫୩ ରନ କରିଥିବାବେଳେ ଭାରତ ୪୩.୫ ଓଭରରେ ୧୭୪ ରନକରି ଅଲ୍‌ଆଉଟ ହୋଇ ଯାଇଥିଲା। ଅଷ୍ଟ୍ରେଲିଆର ମାହଲି ବିୟର୍ଡମ୍ୟାନ ଭାରତର ଟପ୍ ଅର୍ଡର ଓ ରାଫ୍ ମ୍ୟାକମିଲାନ ଲୋୟର ଅର୍ଡର ବ୍ୟାଟିଂ ବିପର୍ଯ୍ୟୟ ଘଟାଇଥିଲେ। ଭାରତ ପକ୍ଷରୁ ଆଦର୍ଶ ସିଂ ସର୍ବାଧିକ

**୧୯ ବର୍ଷରୁ କମ୍ କ୍ରିକେଟ ବିଶ୍ୱକପ**

୪୭, ମୁରୁଗାନ ଅଭିଷେକ ୪୨ ଓ ମିଶିର ଖାଁ ୨୨ ରନ କରିବାକୁ ସକ୍ଷମ ହୋଇଥିଲେ। ଅଷ୍ଟ୍ରେଲିଆ ବୋଲରଙ୍କ ମଧ୍ୟରେ ବିୟର୍ଡମ୍ୟାନ ଓ ମ୍ୟାକମିଲାନ ୩ଟି ଲେଖାଏ, କାଲୁମ ଭିଡଲେର ୨ଟି ଏବଂ ଚାର୍ଲି ଆଣ୍ଡରସନ ଓ ଟମ୍ ଷ୍ଟ୍ରାକର ଗୋଟିଏ ଲେଖାଏ ଉଇକେଟ ନେଇଥିଲେ। ଭାରତ ୨୦୦୦, ୨୦୦୮, ୨୦୧୨, ୨୦୧୮ ଓ ୨୦୨୨ରେ ଚାମ୍ପିୟନ ହୋଇଥିବାବେଳେ ଏଥର ରନରଅପ୍‌ରେ ସନ୍ତୁଷ୍ଟ



ଉଇକେଟ ନେବାପରେ ମାହଲି ବିୟର୍ଡମ୍ୟାନ (ଡାହାଣ)ଙ୍କୁ ସାଥୀ ଖେଳାଳିଙ୍କ ବଧେଇ।

ହୋଇଛି। ଅନ୍ୟପକ୍ଷରେ ୧୯୮୮, ୨୦୦୨ ଓ ୨୦୧୦ରେ ଟାଇଟଲ ହାସଲ କରିବା ଅଷ୍ଟ୍ରେଲିଆ ୪ର୍ଥ ଥରପାଇଁ ଚାମ୍ପିୟନ ହୋଇଛି।

ଟସ୍ ଜିତି ବ୍ୟାଟିଂ ନିଷ୍ପତ୍ତି ନେଇଥିବା ଅଷ୍ଟ୍ରେଲିଆ ମାତ୍ର ୧୬ ରନରେ ପ୍ରଥମ ଉଇକେଟ ହରାଇ ପ୍ରାରମ୍ଭିକ ଝଟ୍‌କା ଖାଇଥିଲା। ତେବେ ହାରି ଡିକ୍ସନ ଓ ଅଧିନାୟକ ହ୍ୟୁଗ୍ ୱିବଗେନ ସତର୍କତାର ସହ ବ୍ୟାଟିଂ କରି ଇନିଂସ ସମ୍ଭାଳି ନେଇଥିଲେ। ମିଡିଲ ଅର୍ଡରରେ ହର୍ଜାସ ସିଂଙ୍କ ଅର୍ଦ୍ଧଶତକ ଏବଂ ଓଲିଭର ପିକେଙ୍କ ଦୃଢ଼ ବ୍ୟାଟିଂ ବଳରେ ଅଷ୍ଟ୍ରେଲିଆ (୨୫୩/୭) ଏକ ଚ୍ୟାଲେଞ୍ଜିଂ ସ୍କୋର କରିବାରେ ସକ୍ଷମ ହୋଇଥିଲା। ହର୍ଜାସ ସର୍ବାଧିକ ୫୫, ୱିବଗେନ ୪୮ ଓ ଡିକ୍ସନ ୪୨ ରନକରି ଆଉଟ ହୋଇଥିବାବେଳେ ଓଲିଭର ୪୬ ରନରେ ଅପରାଜିତ ରହିଥିଲେ। ଭାରତୀୟ ଯୁବ ବୋଲରଙ୍କ ମଧ୍ୟରେ ରାଜ ଲିମ୍ବାନି ସର୍ବାଧିକ ୩ଟି, ନମନ ତିୱାରୀ ୨ଟି ଏବଂ ସୌମି ପାଣ୍ଡେ ଓ ମୁଶିର ଖାଁ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ। ୧୯ ବର୍ଷରୁ କମ୍ କ୍ରିକେଟ ବିଶ୍ୱକପ ଫାଇନାଲରେ ଏହା ସର୍ବାଧିକ ସ୍କୋର ଥିଲା। ୧୯୯୮ରେ ନ୍ୟୁଜିଲାଣ୍ଡ ବିପକ୍ଷ ଫାଇନାଲରେ ଇଂଲଣ୍ଡ ୨୪୨/୩ କରି ରେକର୍ଡର ଅଧିକାରୀ ଥିଲା।

**ସଂକ୍ଷିପ୍ତ ସ୍କୋର**

ଅଷ୍ଟ୍ରେଲିଆ ୫୦ ଓଭରରେ ୨୫୩/୭ (ହର୍ଜାସ ସିଂ-୫୫, ହ୍ୟୁଗ୍ ୱିବଗେନ-୪୮, ହାରି ଡିକ୍ସନ-୪୨, ଓଲିଭର ପିକେ-୪୬*, ରାଜ ଲିମ୍ବାନି- ୩/୩୮, ନମନ ତିୱାରୀ-୨/୬୩, ସୌମି ପାଣ୍ଡେ-୧/୪୧, ମୁଶିର ଖାଁ-୧/୪୬)। ଭାରତ ୪୩.୫ ଓଭରରେ ୧୭୪/ଅଲ୍‌ଆଉଟ (ଆଦର୍ଶ ସିଂ-୪୭, ମୁରୁଗାନ ଅଭିଷେକ-୪୨, ମାହଲି ବିୟର୍ଡମ୍ୟାନ-୩/୧୫, ରାଫ୍ ମ୍ୟାକମିଲାନ-୩/୪୩, କାଲୁମ ଭିଡଲେର-୨/୩୫, ଟମ୍ ଷ୍ଟ୍ରାକର-୧/୩୨,ଚାର୍ଲିଆଣ୍ଡରସନ-୧/୪୨)।

## ଅବଶିଷ୍ଟ ୩ ଟେଷ୍ଟରୁ ଓହରିଲେ ଲିଚ୍

**ଲଣ୍ଡନ, ୧୧।୨ (ପି.ଟି.):** ବାମ ଆଣ୍ଠୁରେ ଆଘାତପ୍ରାପ୍ତ ଯୋଗୁ ଭାରତ ବିପକ୍ଷ ଅବଶିଷ୍ଟ ୩ ଟେଷ୍ଟ ମ୍ୟାଚରୁ ବାଦ୍ ପଡ଼ିଛନ୍ତି ଇଂଲଣ୍ଡର ବାମହାତୀ ସ୍ପିନର ଜ୍ୟାକ୍ ଲିଚ୍। ଇଂଲଣ୍ଡ ଓ ୱେଲ୍ସ କ୍ରିକେଟ ବୋର୍ଡ (ଇସିବି) ପକ୍ଷରୁ ଏ ବିଷୟରେ ସୂଚନା ଦିଆଯାଇଛି। ତେବେ ତାଙ୍କ ବଦଳରେ ଅନ୍ୟ କୌଣସି ଖେଳାଳିଙ୍କୁ ଡକାଯିବ ନାହିଁ। ଇଂଲଣ୍ଡ ଟୁର୍‌ର ଅବଶିଷ୍ଟ ୩ ସ୍ପିନର ଟମ୍ ହାର୍ଟଲି, ରେହାନ ଅହମଦ ଓ ଶୋଏବ ବଶିରଙ୍କୁ ନେଇ ଖେଳିବ। ଏହି ୩ ନିୟମିତ ସ୍ପିନରଙ୍କ ବ୍ୟତୀତ ଚତୁର୍ଥ ବିକଳ୍ପ ସ୍ପିନର ଭାବେ ଭ୍ରମଣକାରୀ ଦଳ ଜୋ ରୁଟ୍‌ଙ୍କୁ ବ୍ୟବହାର କରିପାରିବ। ହାଇଦ୍ରାବାଦରେ ଇଂଲଣ୍ଡର ପ୍ରଥମ ଟେଷ୍ଟ ବିଜୟରେ ଲିଚ୍ ଆଘାତପ୍ରାପ୍ତ ହୋଇଥିଲେ। ଫଳତଃ ବିଶାଖାପାଟଣାରେ ଅନୁଷ୍ଠିତ ଦ୍ୱିତୀୟ ଟେଷ୍ଟରେ ସେ ଖେଳିପାରି ନ ଥିଲେ। ରାଜକୋଟଠାରେ ତୃତୀୟ ଟେଷ୍ଟ ଫେବୃଆରୀ ୧୫ (ଗୁରୁବାର)ରୁ ଆରମ୍ଭ ହେବାକୁଥିବା ବେଳେ ଭ୍ରମଣକାରୀ ଇଂଲଣ୍ଡ ଦଳ ବର୍ତ୍ତମାନ ଆବୁଧାବିରେ ଅଭ୍ୟାସ ଚଳାଇଛି। ଲିଚ୍ ସେଠାରୁ ସିଧାସଳଖ ସ୍ୱଦେଶ ଫେରିଯିବେ। ସେ ଇଂଲଣ୍ଡ ଓ ସମରସେଟ୍ ମେଡିକାଲ ଟିମ୍ ଅଧୀନରେ ଚିକିତ୍ସିତ ହେବେ ବୋଲି ଇସିବି କହିଛି।



କେଶୁରାସ୍ଥିତ ରୟାଲ ପବ୍ଲିକ୍ ସ୍କୁଲରେ ଅନୁଷ୍ଠିତ ୫ମ ମୃତ୍ୟୁଞ୍ଜୟ ପାତ୍ର ସ୍ମାରକୀ ରାଜ୍ୟ ଓପନ ର୍ୟାପିଡ ଚେସ୍ ଚାମ୍ପିୟନଶିପ୍‌ର କୃତୀ ପ୍ରତିଯୋଗୀମାନେ ଅତିଥିଙ୍କ ଗହଣରେ।

## ରାଜ୍ୟ ଓପନ ଚେସ୍: ସୌମ୍ୟ ଚାମ୍ପିୟନ

**ଭୁବନେଶ୍ୱର, ୧୧।୨**
**(ତପନ ସ୍ୱାଇଁ)**

ଓଡ଼ିଶା ରାଜ୍ୟ ଚେସ୍ ଆସୋସିଏଶନ ଆନୁକୂଲ୍ୟରେ କେଶୁରାସ୍ଥିତ ରୟାଲ ପବ୍ଲିକ୍ ସ୍କୁଲରେ ୫ମ ମୃତ୍ୟୁଞ୍ଜୟ ପାତ୍ର ସ୍ମାରକୀ ରାଜ୍ୟ ଓପନ ର୍ୟାପିଡ ଚେସ୍ ରବିବାର ଅନୁଷ୍ଠିତ ହୋଇଯାଇଛି। ୫ ରାଉଣ୍ଡ ବିଶିଷ୍ଟ ପ୍ରତିଯୋଗିତାରେ ଟପ୍ ସିଡ୍ ଫିଡେ ମାଷ୍ଟର ସୌମ୍ୟ ରଞ୍ଜନ ମିଶ୍ର ଚାମ୍ପିୟନ ହୋଇଛନ୍ତି। ସେ ୪.୫ ପଏଣ୍ଟ ପାଇଛନ୍ତି। ଓପନ ବର୍ଗରେ ସୌମ୍ୟଙ୍କର ଏହା ୮୧ତମ ଟାଇଟଲ। ଫକୀର ମାଝି, ସାଇ ଶକ୍ତି ପଣ୍ଡା, ମନୀନ୍ଦ୍ର କାର୍ଜି, ରବୀନ୍ଦ୍ର କୁମାର ଓଝା, ସ୍ୱସ୍ତିକ ରଞ୍ଜନ ସ୍ୱାଇଁ, ଅବିନାଶ ବଳିୟାରସିଂ, ଲଳିତ ରଞ୍ଜନ ସାହୁ, ଅମରେଶ ସାହୁ, କମଲ କୁମାର ନାୟକ, ଆଦିତ୍ୟ ପଟ୍ଟନାୟକ, ଓମ୍ ସ୍ୱରୂପ ପାଢ଼ୀ, ସତ୍ୟମ ସ୍ୱରୂପ ସାହୁ ଓ ରାଜବୀର ନାୟକ ଶୀର୍ଷ ୧୪ ଜଣଙ୍କ ମଧ୍ୟରେ ରହିଛନ୍ତି। ବିଭିନ୍ନ ବୟସ ବର୍ଗର ଶ୍ରେଷ୍ଠ ଖେଳାଳି ଏବଂ ୭ ପ୍ରତିଭାଙ୍କୁ ସ୍ୱତନ୍ତ୍ରଭାବେ ପୁରସ୍କୃତ କରାଯାଇଥିଲା। ରୟାଲ ପବ୍ଲିକ ସ୍କୁଲ ପ୍ରିନ୍ସିପାଲ ସର୍ବେଶ୍ୱର ସାମଲ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ସେଣ୍ଟ୍ରାଲ କୋ-ଅପରେଟିଭ୍ ବ୍ୟାଙ୍କ୍‌ର ଅବସରପ୍ରାପ୍ତ ବ୍ରାଞ୍ଚ୍ ମ୍ୟାନେଜର ବିଷ୍ଣୁ ଚରଣ ବେହେରା, ଶିଳ୍ପପତି ଦିଲୀପ ବାରିକ ଓ ରାଜ୍ୟ ଆସୋସିଏଶନ ନିର୍ଦ୍ଦେଶକ ଦେବାଶିଷ ପାଣିଗ୍ରାହୀ ପ୍ରମୁଖ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ।



ଟ୍ରଫି ସହ ସୌମ୍ୟ ରଞ୍ଜନ ମିଶ୍ର।

## ଶ୍ରଦ୍ଧାଞ୍ଜଳିଙ୍କ ହାତରେ ସାଫ୍ ଟ୍ରଫି



ଢାକାରେ ଅନୁଷ୍ଠିତ ୧୯ବର୍ଷରୁ କମ୍ ମହିଳା ସାଫ୍ ଫୁଟ୍‌ବଲରେ ଭାରତ-ବାଂଲାଦେଶ ଯୁଗ୍ମ ଚାମ୍ପିୟନ ହୋଇଛି। ସହକାରୀ କୋଚ୍ ଦାୟିତ୍ୱ ତୁଲାଇ ଭାରତକୁ ସଫଳତା ଦେବାରେ ଅନ୍ୟତମ ମୁଖ୍ୟ ଭୂମିକା ଗ୍ରହଣ କରିଥିବା ଓଡ଼ିଶାର ଶ୍ରଦ୍ଧାଞ୍ଜଳି ସାମନ୍ତରାୟ ରବିବାର ଭୁବନେଶ୍ୱର ପ୍ରତ୍ୟାବର୍ତ୍ତନ କରିଛନ୍ତି। ନିଜ ଦାୟିତ୍ୱକୁ ସୁଚାରୁରୂପେ ତୁଲାଇବା ପାଇଁ ସମର୍ଥନ କରିଥିବା ଅଲଇଣ୍ଡିଆ ଫୁଟବଲ ଫେଡେରେଶନ, ଫୁଟବଲ ଆସୋସିଏଶନ ଅଫ୍ ଓଡ଼ିଶା, ରାଜ୍ୟ କ୍ରୀଡ଼ା ବିଭାଗ ଏବଂ ତାଙ୍କ ନିଯୁକ୍ତି ସଂସ୍ଥା ନାଲ୍‌କୋକୁ ଶ୍ରଦ୍ଧାଞ୍ଜଳି କୃତଜ୍ଞତା ଜଣାଇଛନ୍ତି।

## ନାଗାଲ ଜିତିଲେ ଚେନ୍ନାଇ ଓପନ

**ଚେନ୍ନାଇ, ୧୧।୨ (ପି.ଟି.)**

ଭାରତର ଟପ୍ ସିଙ୍ଗଲ୍ସ ଖେଳାଳି ସୁମିତ ନାଗାଲ ରବିବାର ତାଙ୍କର ପଞ୍ଚମ ଚ୍ୟାଲେଞ୍ଜର ଲେଭଲ ସିଙ୍ଗଲ୍ସ ଟାଇଟଲ ହାସଲ କରିଛନ୍ତି। ଏଠାରେ ଚାଲିଥିବା ଚେନ୍ନାଇ ଓପନ ଟେନିସ ପ୍ରତିଯୋଗିତା ଫାଇନାଲରେ ସେ ଇଟାଲୀର ଲୁକା ନାର୍ଡିଙ୍କୁ ୬-୧, ୬-୪ରେ ହରାଇ ଦେଇଛନ୍ତି। ଫଳତଃ ସୋମବାର ପ୍ରକାଶିତ ହେବାକୁଥିବା ର୍‌ୟାଙ୍କିଙ୍ଗ ତାଲିକାରେ ସେ ୯୮ତମ ସ୍ଥାନକୁ ଉନ୍ନୀତ ହେବେ। ଏହା ଦ୍ୱାରା ୨୦୧୯ରେ ବାମହାତୀ ପ୍ରଜନେଶ ଗୁଣେଶ୍ୱରନଙ୍କ ପରେ ସିଙ୍ଗଲ୍ସ ଟପ୍ ୧୦୦ରେ ପ୍ରବେଶ କରିବାରେ ନାଗାଲ ପ୍ରଥମ ଭାରତୀୟ ହେବେ। ଭାରତର ଏହି ୨୬ ବର୍ଷୀୟ ଖେଳାଳିଙ୍କର ୨୦୨୪ ସିଜନରେ ଭଲ ଆରମ୍ଭ ହୋଇଛି। ଅଷ୍ଟ୍ରେଲିଆନ ଓପନ ପାଇଁ କ୍ୱାଲିଫାଏ କରିବା ପରେ ପ୍ରଥମ ରାଉଣ୍ଡରେ ସେ ଟପ୍ ୩୦ ଖେଳାଳି ଆଲେକ୍‌ଜାଣ୍ଡର ବବ୍‌ଲିକ୍‌ଙ୍କୁ ହରାଇ ଦେଇଥିଲେ। ଜବରଦସ୍ତ ଫର୍ମରେ ରହିଥିବା ନାଗାଲ ଗୋଟିଏ ହେଲେ ସେଟ୍ ଡ୍ରପ୍ ନ କରି ଚେନ୍ନାଇ ଓପନ ଜିତିପାରିଛନ୍ତି।



ସୁମିତ ନାଗାଲ

# ସାକ୍ରୋ ବେସ୍ରା, ପଙ୍କଜ ସୋରେନ ବିଜେତା

**ଭୁବନେଶ୍ୱର, ୧୧।୨**
**(ତପନ ସ୍ୱାଇଁ)**

କଳିଙ୍ଗ ରନର୍ସ ପକ୍ଷରୁ ରବିବାର ସେଣ୍ଟ୍ରୋକ୍ସି ସିଟି ମାରାଥନ ଅନୁଷ୍ଠିତ ହୋଇଯାଇଛି। ମାରାଥନର ୬ଷ୍ଠ ସଂସ୍କରଣ ଶିଖରଚଣ୍ଡୀ ମନ୍ଦିରଠାରୁ ଆରମ୍ଭ ହୋଇ ପଥରଗଡ଼ିଆରେ ଶେଷ ହୋଇଥିଲା । ଅର୍ଥୋପେଡିକ୍ ସର୍ଜନ ସାର୍ଥକ ପଟ୍ଟନାୟକ ଓ କଳିଙ୍ଗ ରନର୍ସର ଅଧ୍ୟକ୍ଷ ଦୁଃଖୀଶ୍ୟାମ ପାଢ଼ୀ ପତାକା ଦେଖାଇ ଏହାର ଶୁଭାରମ୍ଭ କରିଥିଲେ। ଏହି ଅବସରରେ କଳିଙ୍ଗ ରନର୍ସର ଉପସଭାପତି ସ୍ୱାତୀ ମହାନ୍ତି, ସମ୍ପାଦକ ସଂଗ୍ରାମ କେଶରୀ ଜେନା, ସେଣ୍ଟ୍ରୋକ୍ସିର ପ୍ରତିଷ୍ଠାତା ତଥା ସିଇଓ ଯଯାତି ବଡୁ, କଳିଙ୍ଗ ରନର୍ସ ରେସ ନିର୍ଦ୍ଦେଶକ ଦୀପକ କୁମାର ମିଶ୍ର, କନ୍‌ଭେନର ଅନିଲ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ଭାରତର ବିଭିନ୍ନ ସ୍ଥାନରୁ ୬୦୦ରୁ ଊର୍ଦ୍ଧ୍ୱ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ୩ଟି ବର୍ଗ ୨୧

**ଭୁବନେଶ୍ୱର ସିଟି ମାରାଥନ୍**

କିଲୋମିଟର, ୧୦ କିଲୋମିଟର ଏବଂ ୫ କିଲୋମିଟରରେ ମାରାଥନ ହୋଇଥିଲା। ୨୧ କିମି ଦୌଡ଼ର ପୁରୁଷ ବର୍ଗରେ ପଙ୍କଜ ସୋରେନ ଏବଂ ମହିଳା ବର୍ଗରେ ସାକ୍ରୋ ବେସ୍ରା ପ୍ରଥମ ସ୍ଥାନ ଅଧିକାର କରିଥିଲେ। ୧୦ କିମି ପୁରୁଷ ବର୍ଗରେ ସୂର୍ଯ୍ୟକାନ୍ତ ରାୟ ଏବଂ ମହିଳା ବର୍ଗରେ ଶୁଭଶ୍ରୀ ସାହୁ ପ୍ରଥମ ହୋଇଥିଲେ। ସେହିପରି ମାରାଥନ ଶିଖରଚଣ୍ଡୀଠାରୁ ଆରମ୍ଭ କରି ପଥରଗଡ଼ିଆ ପର୍ଯ୍ୟନ୍ତ କରାଯାଇଥିଲା। ୫୦ ବର୍ଷରୁ ଊର୍ଦ୍ଧ୍ୱରେ ୪୩ ଜଣ ଅଂଶଗ୍ରହଣ କରିଥିଲେ।




ସାକ୍ରୋ ବେସ୍ରାଙ୍କୁ ଅତିଥିମାନେ ପୁରସ୍କୃତ କରୁଛନ୍ତି।

## ମୃତ୍ତିକା ସଂରକ୍ଷଣ ସଚେତନତା ପାଇଁ ମାରାଥନରେ ସୁବ୍ରମଣ୍ୟ

ମୃତ୍ତିକା ସଂରକ୍ଷଣ ପାଇଁ ଜନ ସଚେତନତା ସୃଷ୍ଟି କରିବା ଲାଗି ବିଭିନ୍ନ ସ୍ଥାନରେ ଅନୁଷ୍ଠିତ ହେଉଥିବା ମାରାଥନରେ ଭାଗ ନେଉଛନ୍ତି ବିଶାଖାପାଟଣାର ସୁବ୍ରମଣ୍ୟ ଶର୍ମା ଛଲ୍ଲା ନାମକ ଜଣେ ଚାର୍ଟଡ ସିଭିଲ ଇଞ୍ଜିନିୟର। ରବିବାର ଭୁବନେଶ୍ୱର ମାରାଥନରେ ତାଙ୍କୁ ଦେଖିବାକୁ ମିଳିଥିଲା। ସେ କହିଛନ୍ତି ଯେପରି ଭାବେ ମୃତ୍ତିକା କ୍ଷୟ ହେବାରେ ଲାଗିଛି, ତାହାକୁ ଯଦି ରୋକା ନ ଯାଏ ତେବେ ଦିନ ଆସିବ ମାଟି ବାଲିରେ ପରିଣତ ହୋଇଯିବ। ଇଶା ଫାଉଣ୍ଡେଶନର ପ୍ରତିଷ୍ଠାତା ସଦ୍‌ଗୁରୁଙ୍କ ଦ୍ୱାରା ୨୦୨୨ ମାର୍ଚ୍ଚ ୨୧ରୁ ମୃତ୍ତିକା ସଞ୍ଚୟ ଆନ୍ଦୋଳନ ଆରମ୍ଭ ହୋଇଥିଲା। ସୁବ୍ରମଣ୍ୟଙ୍କର ବିଶାଖାପାଟଣାରେ ଏକ କନ୍‌ସଲ୍‌ଟେନ୍‌ସି ଅଫିସ ରହିଛି। ସେ ମୃତ୍ତିକା ସଂରକ୍ଷଣ ଆନ୍ଦୋଳନରେ ସାମିଲ ହେବା ପରଠାରୁ ଇତିମଧ୍ୟରେ ୩,୭୦୩ କିଲୋମିଟର ଦୌଡ଼ି ସାରିଲେଣି ବୋଲି କହିଛନ୍ତି।




ସୁବ୍ରମଣ୍ୟ ଶର୍ମା ଛଲ୍ଲା




4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ